ଡକ୍ଟର ପ୍ରସନ୍ନ କୁମାର ମିଶ୍ର



ମୋ' କଥା :
ଶାନ୍ତିନିକେତନ୍ କଥା

Digitized by srujanika@gmail.com

ମୋ' କଥା : ଶାନ୍ତିନିକେତନ କଥା

ଡକ୍ଟର ପ୍ରସନ୍ନ କୁମାର ମିଶ୍ର

Utkalika
ପ୍ରକାଶକ
ଶ୍ରୀକାନ୍ତ କୁମାର ରାଉତରାୟ

Digitized by srujanika@gmail.com

ମୋ' କଥା : ଶାନ୍ତିନିକେତନ କଥା
(ଆତ୍ମଜୀବନୀ)

ଲେଖକ :
ଡକ୍ଟର ପ୍ରସନ୍ନ କୁମାର ମିଶ୍ର

ପ୍ରକାଶକ :
ଉତ୍କଳିକା
ବାଙ୍କାବଜାର, କଟକ-୨

ପ୍ରଥମ ସଂସ୍କରଣ : ୨୦୦୭

କମ୍ପ୍ୟୁଟର ସହାୟତା :
ମା' ଶାରଳା ଡି.ଟି.ପି., କଟକ-୧୪

ମୁଦ୍ରଣ :
ପଞ୍ଚସଖା ଅଫସେଟ୍, କଟକ

ମୂଲ୍ୟ : ୧୨୦.୦୦ ଟଙ୍କା ମାତ୍ର

MO KATHA : SHANTINIKETANA KATHA

Written by :
Dr. Prasanna Kumar Mishra

Published by :
UTKALIKA
Banka Bazar, Cuttack-2

1st Edition – 2007

Laser Typeset :
Maa Sarala D.T.P.,
Cuttack - 14

Printed by :
Panchasakha Offset
Cuttack

Price : Rs.120/- Only

Digitized by srujanika@gmail.com

କେଉଁଠି ନା କେଉଁଠି ଭଲକଥାଟିଏ ବଞ୍ଚିଥାଉ, ଭଲ ମଣିଷଟିଏ ନିଃଶ୍ୱାସ ନେଉଥାଉ, ସନ୍ଦେହ ଓ ଘୃଣା ବିକଳାଙ୍ଗ ନ କରୁ ଶ୍ରଦ୍ଧା ଓ ଶ୍ରୀକୁ । ସମୟ ଅନେକ କିଛିକୁ ଭାଙ୍ଗି ଦେଇଚି, ବଦଳେଇ ଦେଇଚି, ଓଲଟପାଲଟ କରି ଦେଇଚି । କରୁ । କିନ୍ତୁ ତୁଟାଇ ପାରିନି ଶ୍ରଦ୍ଧା ଓ 'ଶ୍ରୀ' ଉପରୁ ମଣିଷର ଆସ୍ଥା ଓ ବିଶ୍ୱାସ ।

Digitized by srujanika@gmail.com

ପରମ ମାନନୀୟ ସ୍ୱର୍ଗତଃ କବି ଡକ୍ଟର କୁଞ୍ଜବିହାରୀ ଦାଶ
ସ୍ୱର୍ଗୀୟା ଅଧ୍ୟାପିକା କମଳା ସାହୁ

ଓ

ସ୍ୱର୍ଗବାସୀ କବି କମଳାକାନ୍ତ ଲେଙ୍କାଙ୍କ
ପବିତ୍ର ସ୍ମୃତିରେ ନିବେଦିତ ......

Digitized by srujanika@gmail.com

କୃତଜ୍ଞତା

କଥାଟି ଜୀବନଖାତାରେ ଥିଲା । କିନ୍ତୁ ଲେଖା ଆକାରରେ ପରିସ୍ଫୁଟ ହେବା ପଛରେ ଡକ୍ଟର ମିହିର କୁମାର ସାହୁ (କେନ୍ଦ୍ର ସାହିତ୍ୟ ଏକାଡେମୀ – କଲିକତା କାର୍ଯ୍ୟାଳୟ)ଙ୍କ ବାରମ୍ବାର ତାଡ଼ନା ଓ ଉତ୍ସାହ ସ୍ୱୀକାର କରିବି । ପୁନଶ୍ଚ, ପ୍ରିୟବଂଧୁ ସୁସାହିତ୍ୟିକ ତଥା ରାଜ୍‌ନେତା ଶ୍ରୀ ମଦ୍‌ଲୁବ୍ ଅଲି ଲେଖାଟିକୁ ଆଗେଇ ନେବାରେ ନିରବଧି ପ୍ରେରଣା ସୃଷ୍ଟି କରିଛନ୍ତି, 'ଆଗାମୀ ଶତାବ୍ଦୀ' ପୃଷ୍ଠାରେ କ୍ରମାଗତ ଭାବେ ପ୍ରକାଶ କରି । ଏସବୁ ସୁକୃତି ମୋର ମନେ ରହିବ ।

ପରିଶେଷରେ 'ଉତ୍କଳିକା'ର ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ରାଉତରାୟ ଏହାର ପ୍ରକାଶ ଭାର ବହନ କରିଥିବାରୁ ମୁଁ ତାଙ୍କ ନିକଟରେ ବିଶେଷ ଭାବେ କୃତଜ୍ଞ ।

ପ୍ରକାଶ ଅବସରରେ ମା' ସାରଳା ଡି.ଟି.ପି.ର ଶ୍ରୀମାନ୍ ସୁଶାନ୍ତ ଓ ପ୍ରଚ୍ଛଦ ଶିଳ୍ପୀ ଶ୍ରୀମାନ୍ ମାନସଙ୍କ ନିକଟରେ ସେମାନଙ୍କ ଯତ୍ନ ନିମନ୍ତେ ମୁଁ କୃତଜ୍ଞତା ପ୍ରକାଶ କରୁଛି ।

ପ୍ରସନ୍ନ

Digitized by srujanika@gmail.com

ବହିଟି ସମ୍ପର୍କରେ ପଦେ ...

ଶାନ୍ତିନିକେତନର ପ୍ରାକ୍ତନ ଛାତ୍ର କବି ଡକ୍ଟର ପ୍ରସନ୍ନ କୁମାର ମିଶ୍ର (ଜନ୍ମ : ୧୯୪୧) କବିତା, ନାଟକ, ଗଳ୍ପ, ଉପନ୍ୟାସ, ଶିଶୁ-ସାହିତ୍ୟ, ସାହିତ୍ୟାଲୋଚନା ଏବଂ ଓଡ଼ିଆ ଲୋକ-ସଂସ୍କୃତିର ଗବେଷଣା କ୍ଷେତ୍ରରେ ଆପଣାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସୃଜନାତ୍ମକ ସାହିତ୍ୟର ନାନା କ୍ଷେତ୍ରରେ ଡକ୍ଟର ମିଶ୍ରଙ୍କ ସଫଳତା ତାଙ୍କୁ ଜଣେ ପୂର୍ଣ୍ଣାଙ୍ଗ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଅଛି । କବିତା, ନାଟକ ଓ ଶିଶୁସାହିତ୍ୟ ନିମନ୍ତେ ବହୁବିଧ ପୁରସ୍କାର ଓ ସମ୍ମାନ ଲାଭ କରିଥିବା ଏହି ବରିଷ୍ଠ କବିଙ୍କ – ''ମୋ' କଥା : ଶାନ୍ତିନିକେତନ କଥା'' କେବଳ ଆତ୍ମଜୀବନୀ ମାତ୍ର ନୁହେଁ, ଏଥିରେ ସାହିତ୍ୟ ଓ ସଂସ୍କୃତିର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚିତ ହୋଇଛି । କହିବା ବାହୁଲ୍ୟ – ଡକ୍ଟର ମିଶ୍ରଙ୍କ ଗଦ୍ୟ ଶୈଳୀ ଯେତିକି ତତ୍ତ୍ୱଧର୍ମୀ ଓ ମନନଶୀଳ, ସେତିକି ମନୋଜ୍ଞ ଓ ରସାଳ ।

ପ୍ରକାଶକ

Digitized by srujanika@gmail.com

ପ୍ରସ୍ତାବନା

'ମୋ କଥା : ଶାନ୍ତିନିକେତନ କଥା' ପାଇଁ ଭୂମିକାର ପ୍ରୟୋଜନ ନାହିଁ । ଏହାର ଶିରୋନାମାରେ ପରିଚୟ ଗୁନ୍ଥା ହୋଇ ରହିଛି । ପ୍ରୟୋଜନ ଅଛି କେବଳ ପ୍ରସ୍ତାବନାର ।

ପାଠକଙ୍କୁ ମୁଁ ୧୯୫୯ ମସିହାକୁ ଫେରିଚାହିଁବାକୁ ଅନୁରୋଧ କରୁଛି, ଯେହେତୁ ଏଥିରେ ବର୍ଣ୍ଣିତ ଘଟଣାବଳୀ ଓ ପ୍ରସଙ୍ଗ ସେଇ ବର୍ଷରୁ ଆରମ୍ଭ ।

ସେତେବେଳେ ଓଡ଼ିଆ ମଧ୍ୟବିତ୍ତ ଘରର ଯୁବାମାନେ ଇଂଜିନିଅର୍ ହେବାର ସ୍ୱପ୍ନ ଦେଖୁଥିଲେ ଏବଂ ସେପରି ସ୍ୱପ୍ନକୁ କୁହାଯାଉଥିଲା ଉଚ୍ଚାଭିଳାଷ । କିନ୍ତୁ ଓଡ଼ିଶାରେ ସେପରି ସ୍ୱପ୍ନକୁ ସାକାର କରିବାର ଭିତ୍ତିଭୂମି ଥିଲା କଞ୍ଚା । ବିଜ୍ଞାନ ଶିକ୍ଷା ପ୍ରସାରିତ ହୋଇ ନ ଥିଲା ; ମାତ୍ର ୧୯୫୭-୫୮ରେ ବୁର୍ଲାରେ ଆରମ୍ଭ ହୋଇଥିଲା ଏକମାତ୍ର ଇଂଜିନିଅରିଂ କଲେଜ । ତେବେ ଭିନ୍ନ ରାଜ୍ୟର ଇଂଜିନିଅରିଂ ଶିକ୍ଷାନୁଷ୍ଠାନରେ ଯୋଗ୍ୟ ଓଡ଼ିଆ ଛାତ୍ରଙ୍କ ନିମନ୍ତେ ଗୋଟିଏ କରି ସ୍ଥାନ ସଂରକ୍ଷିତ ରହୁଥିଲା । ତେଣୁ ଆଇ.ଏସ୍‌ସି. ପାସ୍ କରିବା ପରେ, ପରୀକ୍ଷା ଫଳ ସନ୍ତୋଷଜନକ ନ ଥିବାରୁ, ବୁର୍ଲାରେ ସ୍ଥାନ ମିଳିବନି ଜାଣି, ମୁଁ ମଧ୍ୟ ରାଜ୍ୟ ବାହାରର ଅନୁଷ୍ଠାନକୁ ଦରଖାସ୍ତ କରିଥିଲି । ତହିଁରୁ ଗୋଟିଏ ଥିଲା ସୁଦୂର କେରଳ ରାଜ୍ୟର ତ୍ରିଭାନ୍ଦ୍ରମ୍ ଇଂଜିନିଅରିଂ କଲେଜ । କିନ୍ତୁ ପ୍ରଥମେ ଡାକରା ଆସିଥିଲା ଆନ୍ଧ୍ରପ୍ରଦେଶର ମସୁଲିପଟମ୍‌ର ଘରୋଇ ଅନୁଷ୍ଠାନ Civil Engineering College ରୁ ଏବଂ ଆଗପଛ ନ ଭାବି ସେଇଠାରେ ହିଁ ନାଁ ଲେଖେଇଥିଲି ଜୁନ୍ ମାସରେ । ପ୍ରାୟ ଦୁଇ ମାସ ମାସୁଲିପଟମ୍‌ରେ ପଢ଼ିବା ପରେ ସମ୍ଭବତଃ ଦ୍ୱିତୀୟ ବଛାବଛିରେ ତ୍ରିଭାନ୍ଦ୍ରମ୍ ଇଂଜିନିଅରିଂ କଲେଜରୁ ଆନନ୍ଦସୂଚକ ଚିଠିଟି ଆସିଥିଲା । କିନ୍ତୁ ସେତେବେଳକୁ ଇଂଜିନିଅରିଂ ପାଠ ପ୍ରତି ମୋର ସ୍ପୃହା କମି ସାରିଥିଲା । ମାସୁଲିପଟମ୍‌ରୁ ବିଦାୟ ନେଇ ତ୍ରିଭାନ୍ଦ୍ରମ ସିନା ଗଲି,

Digitized by srujanika@gmail.com

କିନ୍ତୁ ସେଠି ଆଡ୍‌ମିସନ୍ ନେଲି ନାହିଁ । ଜୀବନର ଗତିପଥ ବଦଳିଗଲା ସେଇଠି । ନିଜ ସହିତ ତର୍କ କରି କରି ସ୍ଥିର କଲି ଯେ– ସହଜାତ ପ୍ରତିଭାର ଅପଚୟ ନ କରି ସାରାଜୀବନ କାବ୍ୟ-ଦେବୀଙ୍କ ଚରଣ ବନ୍ଦନା କରିବି । ଏଥିପାଇଁ ସମଗ୍ର ଜୀବନ ଦାରିଦ୍ର୍ୟରେ ପୀଡ଼ିତ ହେବାକୁ ପଡ଼ିପାରେ, ପରନ୍ତୁ, ମନସ୍ତାପ କରିବି ନାହିଁ କେବେ ।

'ଅନ୍ଧ ହେବା ପରେ' ମିଲ୍‌ଟନ୍ ଲେଖିଥିବା କବିତା ମୋ ଭିତରେ ଉଦ୍‌ବେଳିତ ହେଉଥିଲା, ଏକ ଅଜବ ପ୍ରତିଜ୍ଞା ପାଇଁ ।

ପରିଶେଷରେ କାବେରୀ, କୃଷ୍ଣା ଓ ଗୋଦାବରୀ ନଦୀଙ୍କ ଜଳରେ ମଧ୍ୟବିତ୍ତ ଅଭିଳାଷଟିକୁ ବିସର୍ଜନ ଦେଇଦେଲି ଜୀବନ-ଦେବତାଙ୍କ ଉପାସନା କରିବାକୁ ।

କିପରି କେଉଁ ପଥ ଦେଇ ଏବଂ କେଉଁମାନଙ୍କ ସାହଚର୍ଯ୍ୟ ତଥା ପରାମର୍ଶରେ ମୁଁ ଶାନ୍ତିନିକେତନରେ ପହଞ୍ଚିଲି ତାହା ଏକ ଭିନ୍ନ କାହାଣୀ ହେବ । ଆଜି ମଧ୍ୟ ମୋତେ ସେସବୁ ଆକସ୍ମିକ ପରି ବୋଧ ହୁଏ ।

ବି.ଏ. (ଅନର୍ସ) ଓ ଏମ୍.ଏ. ଶ୍ରେଣୀର ଛାତ୍ର ଭାବେ ପ୍ରଥମେ ମୁଁ ବିଶ୍ୱଭାରତୀରେ ଦୀର୍ଘ ଚାରିଟି ବର୍ଷ ବିତେଇଥିଲି । ପରେ– ୟୁ.ଜି.ସି.ର ଜୁନିୟର୍ ରିସର୍ଚ୍ଚ ଫେଲୋ ଭାବେ ଦୁଇ ବର୍ଷ ଏବଂ ବିଦ୍ୟାଭବନର ଅଧ୍ୟାପକ ରୂପେ ଏକ ବର୍ଷ ରହିଥଲି ଶାନ୍ତିନିକେତନରେ ।

ତେବେ ଏଇ ପୁସ୍ତକରେ ମୁଁ ଗବେଷଣାକାଳୀନ ଅନୁଭୂତି ଓ ଅଭିଜ୍ଞତାର ବର୍ଣ୍ଣନା କରିବାକୁ ଉଚିତ ମନେକରିନାହିଁ । ଏଠି କେବଳ ମୋ' ଛାତ୍ରଜୀବନର କଥା ବର୍ଣ୍ଣିତ ହୋଇଛି, ଯାହା ପଢ଼ି ପାଠକେ ସେସମୟର ଶାନ୍ତିନିକେତନକୁ ମନଶ୍ଚକ୍ଷୁରେ ଦେଖି ପାରିବେ ।

ସେତେବେଳେ ଶାନ୍ତିନିକେତନ (ବିଶ୍ୱଭାରତୀ) ଥିଲା ଗୋଟେ ନିଆରା ଶିକ୍ଷାନୁଷ୍ଠାନ, ଯାହାକୁ ବିଦ୍ୱଜ୍ଜନଙ୍କ ସ୍ୱର୍ଗ ବୋଲି କୁହାଯାଇପାରେ । ପୁଣି ତା' ଥିଲା ଜଣେ ମହାକବିଙ୍କ ଲୀଳାକ୍ଷେତ୍ର, ଯେଉଁଠି ବିଦ୍ୟା ଓ ସୌନ୍ଦର୍ଯ୍ୟଦେବୀଙ୍କ ଏକତ୍ର ଅଧିଷ୍ଠାନ ଘଟିଥିଲା । ସେପରି ଅନୁଷ୍ଠାନ ଆଉ କେଉଁଠି ଥିଲା ବୋଲି ମୋର ବିଶ୍ୱାସ ହୁଏନା ।

Digitized by srujanika@gmail.com

ପରିଶେଷରେ ମୋର ଛାତ୍ର-ଜୀବନ ଯେଉଁସବୁ ଅଧ୍ୟାପକଙ୍କ ସ୍ନେହ-ସାହଚର୍ଯ୍ୟ ଓ ସତ୍‌ପରାମର୍ଶରେ ସଫଳ ହୋଇଥିଲା ମୁଁ ଏଇ ଅବସରରେ ସେମାନଙ୍କୁ ସମ୍ମାନର ସହିତ ସ୍ମରଣ କରୁଛି । ମୁଖ୍ୟତଃ ଓଡ଼ିଆ ବିଭାଗର ୰ କୁଂଜବିହାରୀ ଦାଶ, ନରେନ୍ଦ୍ର ନାଥ ମିଶ୍ର, ଶ୍ରୀନିବାସ ମିଶ୍ର, ୰ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ରାଘବାନନ୍ଦ ନାୟକ ଓ ଖଗେଶ୍ୱର ମହାପାତ୍ରଙ୍କ ନିକଟରେ ମୁଁ ଋଣୀ । ଜୀବନର ନାନା ଘାତ-ପ୍ରତିଘାତ ମଧ୍ୟରେ ସେମାନଙ୍କର ନିଷ୍କପଟ ଶୁଭକାମନା ମୋର ଚେତନା କ୍ଷେତ୍ରରେ ଗଣ୍ଠିଧନ ହୋଇ ରହିଛି ।

‘ମୋ’ କଥା’ ଭିତରେ ନିଶ୍ଚୟ ଶାନ୍ତିନିକେତନ ରହିଯାଇଛି, କିନ୍ତୁ ଶାନ୍ତିନିକେତନ ଭିତରେ ରହିବା ଭଳି ଯୋଗ୍ୟତା ସମ୍ଭବତଃ ମୋର ହେଇନି ।

ଶେଷରେ ଏତିକି କହିବି –

‘‘ଯେଉଁ ପଥ ମୁଁ ଦିନେ
ଆଦରି ନେଇଥିଲି ସ୍ୱେଚ୍ଛାରେ
ଆମରଣ
ମୁଁ ତା’ର ଜୟଗାନ
କରୁଥିବି ।’’



ଜୁନ୍, ୨୦୦୭
କଟକ

Digitized by srujanika@gmail.com

ମୋ' କଥା : ଶାନ୍ତିନିକେତନ କଥା

•

Digitized by srujanika@gmail.com

ମୋ' କଥା : ଶାନ୍ତିନିକେତନ କଥା

ଶାନ୍ତିନିକେତନ, ଆମର ଅତିପ୍ରିୟ ଶାନ୍ତିନିକେତନ । ମନେପଡ଼ିଲେ କାହିଁକି କେଜାଣି ନିଦ୍ରିତ ସ୍ନାୟୁଙ୍କର ନିଦ୍ରାଭଙ୍ଗ ହୁଏ, ମନକୁ ଆବୋରି ବସେ ଭୋଳା ଭୋଳା ଭାବ । ହର୍ଷ ଆଉ ବିଷାଦ ସଂଚରିଯାଏ ଆପେ ଆପେ । ଏଇ ପୃଥିବୀ ପୃଷ୍ଠରେ ଥାଇ ବି ସତେ ଯେମିତି ଶାନ୍ତିନିକେତନଟା ଅପାର୍ଥିବ ।

ଆଜି ତା' ସମ୍ପର୍କରେ ଲେଖିବାକୁ ଗଲାବେଳେ ଦିହ-ମୁଣ୍ଡ କ'ଣ ହୋଇଯାଉଛି; ମୁଁ ଜାଣିପାରୁଛି ମୁଁ କେଡ଼େ ଅକ୍ଷମ, କେତେ ଦୁର୍ବଳ, କେତେ ଅଜ୍ଞାନ । ମୁଁ କ'ଣ ବା ବର୍ଣ୍ଣନା କରିପାରିବି । ସେ ତ ସୀମା ଭିତରେ ଅସୀମ । ମାତ୍ର ୩ ବର୍ଗ ମାଇଲର ଆୟତନ ଭିତରେ ସେ ତ ଏକ ଅପରିସୀମ ଭାବ । ତାର ସେଇ ସ୍ମୃତି ଉଦ୍ଦେଶ୍ୟରେ ଆଗ ପ୍ରଣାମ କରିଥାଏ ।

Digitized by srujanika@gmail.com

ହଁ, ସେଦିନ ଥିଲା ଖ୍ରୀ.ଅ. ୧୯୫୯ ମସିହା ଅଗଷ୍ଟ ମାସର ଶେଷ ସପ୍ତାହ, ଯେଉଁଦିନ ଅତି ଆକସ୍ମିକ ଭାବରେ, ପୂର୍ବରୁ କୌଣସି ଖବର ନ ରଖି, ମୁଁ ପହଞ୍ଚି ଯାଇଥିଲି ଶାନ୍ତିନିକେତନରେ, ବିଶ୍ୱଭାରତୀର ଛାତ୍ର ହେବାକୁ ।

ପୂର୍ବରୁ ଖାଲି ନାଁ ଶୁଣିଥିଲି, ଦେଖି ନ ଥିଲି । ସେତେବେଳେ ଓଡ଼ିଶାର କଲେଜ ହଷ୍ଟେଲ୍‌ମାନଙ୍କରେ ଶାନ୍ତିନିକେତନ ବିଷୟରେ କିଛି ସତ କିଛି ମିଛ ଗାଳ୍ପଗଳ୍ପ ପ୍ରଚାରିତ ହେଉଥିଲା । ଅଧିକାଂଶ କାହାଣୀ ଥିଲା ଅସମ୍ମାନଜନକ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୋଲାଖୋଲି ମିଳାମିଶାକୁ ଅତିରଂଜିତ କରି ଯାହା ସବୁ କୁହାଯାଉଥିଲା ସେ ସବୁର ସତ୍ୟାସତ୍ୟ ପରୀକ୍ଷା ନ କରି ଓଡ଼ିଶାର ଉଭୟ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଅଭିଭାବକ ସମାଜ ଶାନ୍ତିନିକେତନ ବିଷୟରେ ଏକାନ୍ତ ଅନୁଚିତ ମତପୋଷଣ କରିଥିଲେ ଏବଂ ପୁଅ-ଝିଅଙ୍କୁ ସେଠି ପଢ଼େଇବାର ସପକ୍ଷରେ ନ ଥିଲେ । ଦୀର୍ଘଦିନର ରକ୍ଷଣଶୀଳତା ସେମାନଙ୍କୁ ଅତିମାତ୍ରାରେ ଅଜ୍ଞ ଓ ଅସହିଷ୍ଣୁ କରି ରଖିଥିଲା ।

ମୁଁ ସେପରି କୌଣସି ବିରୋଧର ସମ୍ମୁଖୀନ ହୋଇ ନ ଥିଲି । ତା'ର କାରଣ ବାପାଙ୍କ ବିନାନୁମତିରେ ଇଂଜିନିୟରିଂ କଲେଜ ଛାଡ଼ିଥିଲି ଏବଂ ବିନାନୁମତିରେ ଶାନ୍ତିନିକେତନରେ ପ୍ରବେଶ କରିଥିଲି । ଏହି ପ୍ରକାରର ଅବାଧ୍ୟତା ଓ ଅମାନିଆପଣ ଯୋଗୁ ମୋତେ ପରେ ପରେ କିଛିଟା ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କେତେଜଣ ଶୁଭାକାଂକ୍ଷୀ ଗୁରୁଜନ ମୋତେ ପରାମର୍ଶ ଦେଇଥିଲେ ଶାନ୍ତିନିକେତନ ଛାଡ଼ି କଟକରେ ନାଁ ଲେଖେଇବାକୁ । ମୁଁ କାହାରି ପରାମର୍ଶ ଗ୍ରହଣ କରି ନ ଥିଲି । ଏକ ବର୍ଷକାଳ ଘରକୁ ଆସି ନ ଥିଲି ଅଭିମାନରେ । ପରେ ଅବଶ୍ୟ ସବୁ ଠିକ୍ ହୋଇଯାଇଥିଲା । କିନ୍ତୁ ଜଣେ ସୁଶିକ୍ଷିତ ଓ ଉଚ୍ଚମ ପଦାଧିକାରୀ ଗୁରୁଜନ ମୋତେ ଶେଷ ପର୍ଯ୍ୟନ୍ତ ଭଲ ଭାବରେ ଗ୍ରହଣ କରିପାରି ନ ଥିଲେ ।

Digitized by srujanika@gmail.com

।। ଏକ ।।

୧୯୫୯ ଅଗଷ୍ଟ ମାସ ୩ୟ ସପ୍ତାହର ଶେଷ ଆଡ଼କୁ । କାଲିପରି ଲାଗୁଛି । ଶ୍ରାବଣର ଅକୁଣ୍ଠିତ ଧାରା ଅଜାଡ଼ି ହୋଇ ପଡୁଥାଏ ସେଦିନ । କଲିକତାର ସିଆଲ୍‌ଦା ରେଳଷ୍ଟେସନରେ ଉତ୍ତର ବଙ୍ଗ ଏକ୍ସପ୍ରେସ ଧରିଲି ରାତି ନ'ଟାରେ, ବୋଲପୁର ଷ୍ଟେସନ୍‌ରେ ଗାଡ଼ି ଠିଆ ହେଲାବେଳକୁ ଭୋର୍ ହୋଇଗଲାଣି । ଛିଦ୍‌ଖୋର୍ ମେଘ ତଥାପି ଗର୍ଜି ଗର୍ଜି ବର୍ଷୁଥାଏ ।

ବୋଲପୁର ରେଳଷ୍ଟସନ ମୋ'ପାଇଁ ଥିଲା ଅଜଣା । ଆକାରରେ ଛୋଟ, ପ୍ରକାରରେ ସରଳ । ଏ ମୁଣ୍ଡରୁ ସେ ମୁଣ୍ଡ ଦିଶୁଥାଏ । କ୍ଷୁଦ୍ର ବିଶ୍ରାମ କକ୍ଷଟିଏ, ତା' ପାଖକୁ ଲାଗି ରେଳବାଇ ରେସ୍ତୋରାଁଟିଏ, ଆଉ କିଛି ଆଡମ୍ବର ନଥାଏ । ଏବେ ଅବଶ୍ୟ ବୋଲ୍‌ପୁର ରେଳଷ୍ଟସନ ସାଜସଜ୍ଜା ଓ ଆଡ଼ାଚୌଡ଼ାରେ ବଦଳିଯାଇଚି, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ କିଛିଟା ମେକ୍-ଅପ୍ ନେଇଛି । ସେତେବେଳେ କିନ୍ତୁ ପ୍ଲାଟ୍‌ଫର୍ମଟି ଥିଲା ସରଳ ବଙ୍ଗୀୟ ବଧୂପରି ଅତିଥିବତ୍ସଳା, ଯାହାକୁ ଯାହା ପଚାରିଲେ ଉତ୍ତର ମିଳୁଥିଲା ସହାସ୍ୟରେ, ଯେମିତିକି ହଇରାଣ ହେବନି କେଉଁ ପରଦେଶୀ ।

ବିଶ୍ରାମାଗାରରେ ନିଜକୁ ଦିନକ ପାଇଁ ପ୍ରସ୍ତୁତ କରି ନେଇ ବାହାରିପଡ଼ିଲି ଝୋ-ଝୋ ବର୍ଷାରେ । ବଙ୍ଗଳା କହିପାରୁ ନ ଥିଲେ ବି ରିକ୍ସା ଖଣ୍ଡେ ମିଳିବାରେ ବିଶେଷ ଅସୁବିଧା ହେଲାନି ।

ମୋତେ ସେତେବେଳେ ଅଠର ବର୍ଷ । ମନରେ ମଣିଷ ଜାତି ପ୍ରତି ବିଶ୍ବାସ ଖୁନ୍ଦି ହୋଇ ରହିଥାଏ । କିଏ ମୋତେ ଭଣ୍ଡିଦେବ କି ଭୁଲେଇନେବ ଏପରି ଆଶଙ୍କା ସ୍ପର୍ଶ କରିନଥାଏ । ରିକ୍ସା ଚାଳକ ମୋର ଗାଇଡ୍ କାମ କଲା । ନେଇ ଠିକ୍ ଜାଗାରେ ପହଞ୍ଚାଇ ଦେଲା, ଯେଉଁଠି ମୋର ଭବିଷ୍ୟତ ତିଆରି ହେବାର ଥିଲା ।

ସ୍ୱାଧୀନତା ପ୍ରାପ୍ତିର ମାତ୍ର ଯୁଗଟିଏ ପୂରିଥାଏ, ଛାଡ଼ି ମଧ୍ୟ ଛାଡ଼ି ନଥାଏ ବିଦେଶୀ ଆଦବ-କାଇଦା । ତା'ର ଦୃଷ୍ଟାନ୍ତ ସ୍ୱରୂପ ମୋ ବେକରେ ଝୁଲୁଥାଏ ନୀଳରଙ୍ଗର ଟାଇଟିଏ, ଇଞ୍ଜିନିୟରିଂ କଲେଜ କ୍ୟାମ୍ପସ୍‌ର ଗନ୍ଧ ତଥାପି ଥାଏ ମୋ ପୋଷାକରେ । ଓଠରେ ଥାଏ ଦକ୍ଷିଣ ଭାରତର ଲୋକପ୍ରିୟ ସିଗାରେଟ୍ ବର୍କ୍‌ଲେ, ଯଦିଓ ମୁଁ ଧୂମଃ ପାନରେ ଅଭ୍ୟସ୍ତ ହୋଇ ନ ଥିଲି ସେତେବେଳେ ।

Digitized by srujanika@gmail.com

ମୁହଁରେ ମୋର ନୂଆ ଭ୍ରମରଙ୍କ ଭଳି କଅଁଳ ଦାଢ଼ି, ଓଦା ଓଦା ଚେହେରା । ଭିଜନ୍ତା ରିକ୍ସା ଅଟିକିଲା ସିଧା ଯାଇ ଆଶ୍ରମ ଭିତରେ ଥିବା ବିଦ୍ୟାଭବନ ହଷ୍ଟେଲରେ । ତା' ଆମ୍ରକୁଞ୍ଜ ଓ ପାଠ ଭବନକୁ ଲାଗିଥିଲା । ପରେ ତା'ର ନାମାନ୍ତର ଘଟି ଶିକ୍ଷାଭବନ ହଷ୍ଟେଲ ହୋଇଗଲା । ଏବେ ତା' ପାଠ ଭବନର ଛାତ୍ରାବାସ ହୋଇଚି । ସେତେବେଳେ କିନ୍ତୁ ସେଇ ସ୍ଥାନରେ ବି.ଏ. (ଅନର୍ସ) ଓ ଏମ୍.ଏ. (ପ୍ରଥମବର୍ଷ)ର ଛାତ୍ରମାନେ ରହୁଥିଲେ ।

ରିକ୍ସାରୁ ଓହ୍ଲେଇ ଓଡ଼ିଆ ଛାତ୍ରଙ୍କୁ ଖୋଜିଲି । ଯାହାଙ୍କୁ ପ୍ରଥମେ ପଚାରିଲି ସେ ଥିଲେ ବଙ୍ଗଳା ବିଭାଗର ଛାତ୍ର, ରଜତ ମିଶ୍ର, ଘର ତାଙ୍କର ମେଦିନୀପୁରରେ । ସେ ଓଡ଼ିଆ ବୁଝୁ ନ ଥିଲେ ବି ବୁଝୁଥିଲେ । ତାଙ୍କରି ସହାୟତାରେ ନିଜ ନିଜର ପ୍ରକୋଷ୍ଠରୁ ବାହାରି ଆସିଲେ ତତ୍କାଳର ଏମ୍.ଏ. ଓଡ଼ିଆ ପ୍ରଥମ ବର୍ଷର ଛାତ୍ର ତିନିଜଣ, ଯେଉଁମାନେ ପରେ ପରେ ମୋର ବନ୍ଧୁ, ବଡ଼ଭାଇ ଓ ପଥପ୍ରଦର୍ଶକ ହେଲେ । ସେମାନେ ଥିଲେ କମଳାକାନ୍ତ ଲେଙ୍କା (କୀର୍ତ୍ତିମାନ୍ କବି, ସ୍ୱର୍ଗୀୟ), ଅଭିନ୍ନ ଚନ୍ଦ୍ର ସାହୁ ଓ ଗଗନେନ୍ଦ୍ର ନାଥ ଦାଶ (ଦୁହେଁ ଖ୍ୟାତିମାନ୍ ଅଧ୍ୟାପକ ଭାବେ ଏବେ ଅବସର ଗ୍ରହଣ କରିଛନ୍ତି) ।

ମୋ ରୂପ-ଭେକ ସେମାନଙ୍କୁ କିଛିକ୍ଷଣ ସନ୍ଦେହରେ ପକାଇଥିଲା ନିଶ୍ଚୟ । ଶାସ୍ତ୍ର ବାକ୍ୟ ତ ଅଛି, ଅଜ୍ଞାତ କୁଳଶୀଳ ଆଗନ୍ତୁକକୁ କୌଣସି କ୍ଷେତ୍ରରେ ଅବାଧ ସହାୟତା ଦେବା ଅନୁଚିତ । ଶାନ୍ତିନିକେତନ ଭଳି ଅମାୟିକ ଓ ନିରାଡମ୍ବର ସ୍ଥାନରେ ମୁଁ ସେତେବେଳେ ହୁଏତ ଲଫଙ୍ଗାଟିଏ ପରି ଦିଶୁଥିଲି । ସେମାନେ ସମ୍ଭବତଃ ପ୍ରଥମେ ଭାବିଥିବେ ଯେ ମୁଁ କଟକ ଜୋବ୍ରା ଅଞ୍ଚଳରେ ସାନ୍ଧ୍ୟ-ସମୀରଣ ସେବନ ବାହାନାରେ ଲଞ୍ଚ ଘାଟରେ ଏପଟ-ସେପଟ ହେଉଥିବା ଟହରାଙ୍କ ଭିତରୁ ଜଣେ । ଆକାଶରୁ ଖସି ଆସିଲା ଭଳି କଥା କହୁଚି; କାରଣ ପଚାଶ ଦଶକରେ ଇଞ୍ଜିନିୟରିଂ ପାଠର ମର୍ଯ୍ୟାଦା ଛାଡ଼ି କିଏ କ'ଣ ସତେ ସାଧାରଣ 'କଳା' ପାଠ ପାଇଁ ଏମିତି ଆସେ ! ତେଣୁ ମୋତେ କୋଳେଇ ନେବା ସେତେ ସହଜ ନ ଥିଲା ।

କିନ୍ତୁ ପଚରା ଉଚୁରାକୁ ବେଶି ନ ଲମ୍ବେଇ ମୋତେ ପ୍ରଥମେ ପାଛୋଟି ନେଇଥିଲେ କବି କମଳାକାନ୍ତ ଲେଙ୍କା, ତାଙ୍କ ନିଜସ୍ୱ କୋଠରୀ ଭିତରକୁ । ମାତ୍ର କେଇମିନିଟ୍ ବସିବାପରେ ମୁଁ ଜାଣିନେଲି ମୋର ଆଶ୍ରୟଦାତା ସ୍ୱୟଂ ଜଣେ କବି । କବି ନହୋଇଥିଲେ ଜଣେ ଏତେ ସହୃଦୟ ହୁଅନ୍ତେ କିପରି ?

ବେକରୁ ଟାଇ ଖୋଲି, ଦେହରୁ ମୁଣ୍ଡରୁ ବର୍ଷାପାଣି ପୋଛି ମୁଁ ନିଜକୁ ଖେଳେଇ ଦେଲି ତାଙ୍କ ଆଗରେ । ବର୍ଣ୍ଣନା କଲି ମୋର ଇତିହାସ । ତାଙ୍କର ହୃଦ୍‌ବୋଧ ହେଲା (ମୋ ପ୍ରମାଣପତ୍ର ଦେଖିବା ଆଗରୁ) ଯେ ମୁଁ ସତକୁ ସତ କବିତା ନିଶାରେ ଇଞ୍ଜିନିୟରିଂ କଲେଜର 'ଭବିଷ୍ୟୋଜ୍ଜ୍ୱଳ' ପାଠ ଛାଡ଼ି ଧାଇଁ ଆସିଛି ଶାନ୍ତିନିକେତନକୁ, ସେହି ପୁଣ୍ୟ

Digitized by srujanika@gmail.com

କବି-ତୀର୍ଥକୁ । ପରେ ମୁଁ ତାଙ୍କୁ ମସୁଲିପଟମ୍ (ଆନ୍ଧ୍ରପ୍ରଦେଶ)ର ବେଳାଭୂମିର ଅନୁଭବ ଘେନି ଲେଖିଥିବା କବିତାଟି ପଢ଼େଇଥିଲି, ଯାହା ମୋ ପ୍ରଥମ କବିତା ସଂକଳନ 'ରତ୍ନଦ୍ୱୀପର ମାଝି'ରେ ସ୍ଥାନିତ ହୋଇଛି । କହିଲି-କବିତା କରୁଚି ବୋଲି ଏତେ ବିଭ୍ରାଟ । ହୃଦୟର ପଥ ଏବେ ମୋର ପଥ । ଏଠିକି ଆସିବା ଠିକ୍ କି ଭୁଲ୍ ବିଚାର ନକରି ଆସିଚି । ସମ୍ଭବତଃ କମଳାକାନ୍ତ ବାବୁ ମୋ ଆଖିରୁ ପଢ଼ିନେଲେ ମୋତେ, ଭ୍ରୁ-ଲତାରୁ ଜାଣିନେଲେ ମୁଁ କେତେ ସତ କେତେ ମିଛ । ସେ ଦୁଇ ବାହୁ ଟେକି ଅଭୟ ଦେଲେ । ସେକଥା ମୁଁ ଭୁଲିନି । ମୁଁ ତାଙ୍କ ସାଥୀ ଏବଂ ଅନୁଜ ହୋଇ ରହିଲି । ମୋର ଆଉକିଛି ଅସୁବିଧା ହେଲାନି । ପରେ ପରେ ଅଭିନ୍ନ ବାବୁ ଓ ଗଗନ ବାବୁ ଦୁହେଁ କମଳାକାନ୍ତଙ୍କ ସହିତ ଯୁକ୍ତ ହେଲେ । ସନ୍ଦେହ ଓ ଦ୍ୱନ୍ଦ୍ୱ ପଛକୁ ରହିଗଲା । ମୁଁ ତାଙ୍କ ଭିତରୁ ଜଣେ ହୋଇଗଲି । ସେହି ସ୍ନେହବନ୍ଧନ ଆଜିଯାଏଁ ଅତୁଟ ରହିଛି ।

ଅବଶ୍ୟ ବନ୍ଧନ କାଟି ଯେଉଁ ପକ୍ଷୀଟି ଉଡିଗଲାଣି ଦୂର ଆକାଶର ଦିଗନ୍ତ ସେପାରିକି ସେହି ପକ୍ଷୀଟି, ଭାବରେ ବାୟା, ପ୍ରେମରେ ବାୟା, ନିଜ ପ୍ରତି ଏକାନ୍ତ ଉଦାସ କବି କମଳାକାନ୍ତ । ଶାନ୍ତିନିକେତନର ସ୍ମୃତି ମନ୍ଥନ କଲାବେଳେ ତାଙ୍କରି ଉଜ୍ଜ୍ୱଳ ମୁହଁ ମୋର ମନେ ପଡ଼ିଯାଉଛି । ସେହି ମୁହଁଟି ଲୁଚିଗଲାଣି ସବୁଦିନ ପାଇଁ ।

ହାୟ କବି ! ତୁମେ ନିଜ ଉପରେ ଏତେ ଅତ୍ୟାଚାର କରିଚ ଯେ କେଉଁ ଶତ୍ରୁ ବି ଏପରି କଷ୍ଟ ଦିଆଇବ ନାହିଁ କାହାକୁ । ତୁମର ଜୀବନ ଅନୁଧ୍ୟାନ କଲାପରେ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି : ''ଯିଏ ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରେ ସେ ହୁଏ ରଜା, କିନ୍ତୁ ଯିଏ ନିଜ ଉପରେ ଅତ୍ୟାଚାର କରେ ସେ ହୁଏ କବି ।'' ଏବଂ ଏଇ ସଂସାରର ଯାବତୀୟ ଦୃଷ୍ଟିକୋଣରୁ ତୁମେ କ'ଣ ହେଲ ମୁଁ ଭାବିନି, ତୁମେ ମୋ' ବିଚାରରେ କବି ହୋଇ ରହିଗଲ, କେବଳ କବି । କ୍ୱଚିତ୍ କବି ତୁମର ତୃଷା ନେଇ ଜନ୍ମିଥାନ୍ତି । କ୍ୱଚିତ କବିଙ୍କ ଜୀବନ ଏତେ କାବ୍ୟମୟ ହୋଇଥାଏ । କ୍ୱଚିତ କବି ଜୀବନ ପୃଷ୍ଠାଗୁଡ଼ିକୁ ଏତେ ତନ୍ନତନ୍ନ କରି ପଢ଼ିଥାନ୍ତି । ଖୁବ୍ କମ୍ କବି ପୁରୁଣା ମୂଲ୍ୟବୋଧଗୁଡ଼ାକୁ ଏତେ ଛିନ୍ନକାନିଆ ମାଡ଼ଦେଇ ଅପବାଦ ସହିଥାନ୍ତି । ତୁମେ ଏମିତି ଏକ ସମୟରେ ଏମିତି ଏକ ରାଜ୍ୟରେ ଏମିତି ଏକ ଭାଷାରେ କାବ୍ୟ କଲ ଯେ ତୁମକୁ ସମାଦର କରିବାକୁ କେହି ସାହସ କଲେନି । ତୁମର ପ୍ରତିଭା ଅନାଲୋଚିତ ଓ ଅନାବିଷ୍କୃତ ହୋଇ ରହିଗଲା । ରସିକ ସମାଜର ଘୋର ଦାରିଦ୍ର୍ୟ ଯେଉଁ ରାଜ୍ୟରେ - ସେଠି ତୁମେ କବିତା କରିବା ଉଚିତ୍ ନ ଥିଲା ବୋଧହୁଏ ।

ଅବଶ୍ୟ ଆମେ ଦୁହେଁ ଯେବେ ଏକା ହଷ୍ଟେଲରେ ରହୁଥିଲେ ସେତେବେଳେ ଆମ ଉଭୟଙ୍କର ଥିଲା ଉଦୟ ପର୍ବ । ମାତ୍ର ଦୁଇବର୍ଷର ଅନୁରାଗ । କେତେ ବା ମୁଁ ଜାଣନ୍ତି ।

Digitized by srujanika@gmail.com

ପୁଣି ବୟସଗତ ତାରତମ୍ୟ ଥିବାରୁ ସବୁକଥା ସବୁ ତତ୍ତ୍ୱ ତୁମେ ମୋ ଆଗରେ ବ୍ୟକ୍ତ କରୁ ନ ଥିଲ । ଯଦିଓ ମୁଁ ତୁମକୁ ଭାବ-ରାଜ୍ୟର ପଥପ୍ରଦର୍ଶକ ବୋଲି ମାନି ନେଇଥିଲି ।

ବର୍ଷା ଚାଲିଥାଏ । କମଳାକାନ୍ତ ବାବୁ ପ୍ରସ୍ତୁତ ହେଉଥାନ୍ତି ଓଡ଼ିଆ ବିଭାଗକୁ ଯିବା ଲାଗି । ମୁଁ ତାଙ୍କ ସହିତ ଯିବା କଥା । ସେତିକିବେଳେ ସେଠି ଆସି ପହଞ୍ଚିଲେ ବାଲେଶ୍ୱର ଫକୀର ମୋହନ କଲେଜର ତତ୍କାଳୀନ ଅଧ୍ୟାପକ ତଥା ବିଶ୍ୱଭାରତୀର ଗବେଷକ ଶ୍ରୀ ନରେନ୍ଦ୍ର ନାଥ ମିଶ୍ର । ପତଳା ଚେହେରା, ସାଧାସିଧା ପୋଷାକ, ଚଷମା ଭିତରେ ଦୁଇଟି ହସ ହସ ଆଖି । କମଳାକାନ୍ତ ବାବୁ ପରିଚୟ କରାଇଦେଲେ । ଜାଣିଲି, ନରେନ୍ଦ୍ର ନାଥ ମିଶ୍ର ଏହି ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଓ ଗବେଷକ । ଓଡ଼ିଆରେ ଏମ୍.ଏ. ପଢ଼ିବା ଅବସରରେ ସେ 'ବଳରାମ ଦାସ ଓ ଦାଣ୍ଡି ରାମାୟଣ' ଗ୍ରନ୍ଥ ରଚନା କରିଥିଲେ, ଯାହା ବିଶ୍ୱବିଦ୍ୟାଳୟ କର୍ତ୍ତୃକ ପ୍ରକାଶିତ । ଗବେଷଣା ସରିଯାଇଚି, ହେଲେ ଥିସିସ୍ ଦାଖଲ ହୋଇନି, ସରକାରୀ କଲେଜ ଚାକିରି ଖଣ୍ଡିଏ ମିଳିବାରୁ ଫକୀର ମୋହନ କଲେଜରେ ଅଧ୍ୟାପନା କରୁଛନ୍ତି । ପିଏଚ୍.ଡ଼ି. ସମାପିତ ହେଲେ ତାଙ୍କୁ ଅନ୍ୟ କିଛି ସୁବିଧା ମିଳିପାରେ । ପରିଚୟ ପାଇବା ପରେ ମୋର ସାହସ ହେଲା । ମୁଁ ମୋ କାହାଣୀ ଶୁଣାଇ ସମସ୍ୟାଟି ଜଣେଇଲି । ସେ ଆଶ୍ୱାସନା ଦେଇ କହିଲେ – "ତୁମେ ଠିକ ଜାଗାକୁ ଆସିଚ । ଆମର ଏଠି ଓଡ଼ିଆରେ ଅନର୍ସ ଖୋଲିଛି । ତୁମେ ନାଁ ଲେଖେଇଲେ ଅନର୍ସ ପାଠ୍ୟ ଆରମ୍ଭ ହେବ । କିନ୍ତୁ ଗୋଟିଏ ସମସ୍ୟା । ବି.ଏ. ଶ୍ରେଣୀରେ ନାଁ ଲେଖେଇବାର ଧାର୍ଯ୍ୟ ତାରିଖ ଅତୀତ ହୋଇଗଲାଣି । କେବଳ ଉପାଚାର୍ଯ୍ୟ (ଭି.ସି.) ଅନୁମତି ଦେଲେ ହେବ ।"

ମୁଁ ତାଙ୍କ ମୁହଁକୁ ନିରାଶରେ ଚାହିଁ ରହିଲି । ଆଡ୍‌ମିଶନ ନ ପାଇଲେ ମୋର ଗୋଟେ ବର୍ଷ ସଂପୂର୍ଣ୍ଣ ନଷ୍ଟ ହେବ । ପୁଣି ସେଇ ଇଞ୍ଜିନିଅରିଂ କଲେଜକୁ ପ୍ରତ୍ୟାବର୍ତ୍ତନ ମଧ୍ୟ ସମ୍ଭବ ନୁହେଁ । କୋଉ ଅଧକ୍ଷ ବା ମୋତେ କ୍ଷମା କରିବେ, କାହିଁକି ବା କରିବେ ? ଅଗତ୍ୟା ମୋତେ ପୁଣି କଲିକତା ବିଶ୍ୱବିଦ୍ୟାଳୟକୁ ଫେରି ଯିବାକୁ ହେବ, ସ୍କଟିସ୍ ଚର୍ଚ୍ଚ କିମ୍ବା ସିଟି କଲେଜରେ ନାଁ ଲେଖେଇବାକୁ ହେବ । ହଷ୍ଟେଲରେ ସିଟ୍ ଖଣ୍ଡିଏ ନ ମିଳିବାରୁ ମୁଁ ସେଠି ସ୍ଥାନ ଥିବା ସତ୍ତ୍ୱେ ନାଁ ଲେଖେଇ ନ ଥିଲି କଲିକତା ଭଳି ମହାନଗରୀରେ ବାହାରେ ରହି ପଢ଼ିଲେ ଯେଉଁ ଖର୍ଚ୍ଚ ହେବ ତା' ସମ୍ଭାଳି ହେବନି ବୋଲି । ଏତେ ଅର୍ଥ ବା ବାପା କୁଆଡୁ ଆଣି ଦେଇଥାନ୍ତେ । ଆର୍ଟସ୍ ପାଠଟା ବି ତ ଅର୍ଥକାରୀ ନୁହେଁ । କେଉଁ ଭରସାରେ କୋଉ ବାପ ଲୋନ୍ କରିବାକୁ ରାଜି ହୋଇଥାନ୍ତେ ଯେ ।

Digitized by srujanika@gmail.com

ମୋ ମୁହଁରୁ ମୋ' ଅନ୍ତରର ଭାବ ପଢ଼ିନେଲେ ନରେନ୍ଦ୍ର ସାର୍ । କହିଲେ – ଦେଖ, ତୁମେ ଯଦି ଓଡ଼ିଆ ଅନର୍ସ୍ ପଢ଼ିବ, ତେବେ ସାବ୍ (ବିଭାଗୀୟ ମୁଖ୍ୟ) ତୁମ ପାଇଁ ଚେଷ୍ଟା କରିବେ । ଯେହେତୁ ମୁଁ ଆଇ.ଏସ୍‌ସି.ପାସ୍ କରିଥିଲି ଆଉ ବିଜ୍ଞାନ ପଢ଼ିବାକୁ ଚାହୁଁ ନ ଥିଲି ମୋର ବିଷୟ ନିର୍ବାଚନ ଥିଲା ସୀମାବଦ୍ଧ – ''ଇଂରେଜୀ' ନ ହେଲେ ଓଡ଼ିଆ 'ସାହିତ୍ୟ' ଦୁଇଟି ଯାକ ବିଷୟରେ ମୋର ମାର୍କ ଭଲ ଥିଲା । ଦୁଇଟି ଯାକ ବିଷୟ ପ୍ରତି ମୋର ସମ୍ମାନ ଥିଲା, ଯଦିଓ କଲିକତାର ସିଟି କଲେଜରେ ମୁଁ ଇଂରାଜୀରେ ଅନର୍ସ ପାଇଁ ଦରଖାସ୍ତ କରିଥିଲି ଓ ସିଟ୍ ପାଇଥିଲି । ଓଡ଼ିଆ ପାଠ ପ୍ରତି ଯେ ଅନ୍ୟମାନଙ୍କର ଶ୍ରଦ୍ଧା ଓ ସମ୍ମାନ ନାହିଁ ଏ ଧାରଣା ମୋର ନ ଥିଲା । କାରଣ ଆମେ ବିଜ୍ଞାନ ଛାତ୍ରମାନେ ଓଡ଼ିଆ ଅନର୍ସ ପଢ଼ିବାରେ କିଛି ଅସୁବିଧା ନ ଥିଲା । ମୁଁ 'ହଁ' ଭରିଲି । ଯଦିଓ ସାହିତ୍ୟ-ତତ୍ତ୍ୱ ବିଷୟରେ ମୋର ଯେପରି କିଛି ଧାରଣା ନ ଥିଲା । ତେବେ କବିତା କରୁଥିବା ଯୁବକ ପାଇଁ ଓଡ଼ିଆ ସାହିତ୍ୟରେ ଜ୍ଞାନ ଅର୍ଜନ ନିହାତି ଆବଶ୍ୟକ ବୋଲି ମନେ କଲି । ନରେନ୍ଦ୍ର ସାର୍ ମୋର ମତାମତ ଶୁଣି ଖୁସି ହେଲେ ।

ସେଇମିତି ବର୍ଷା ଚାଲିଥାଏ । ତାଙ୍କରି ଛତା ତଳେ ବର୍ଷାକୁ ବାଁ କାନ୍ଧ ଦେଇ ବିଦ୍ୟାଭବନ ଚାଲିଲି । ସେତେବେଳେ ସିଂହସଦନ ପାର୍ଶ୍ୱରେ ବିଦ୍ୟାଭବନର କେନ୍ଦ୍ର ସୌଧ ଥାଏ । ଅଧିକାଂଶ ବିଭାଗ ଥାଏ ତାରି ଭିତରେ । ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ କାର୍ଯ୍ୟାଳୟ ସମେତ ଇଂରାଜୀ, ସଂସ୍କୃତ, ଓଡ଼ିଆ, ବଙ୍ଗଳା, ଇତିହାସ ଓ ଅର୍ଥନୀତି ଆଦି ପ୍ରତ୍ୟେକ ବିଭାଗ ପାଇଁ ମାତ୍ର ଦୁଇଟି କରି କୋଠରୀ । ପାଠପଢ଼ା କେତେବେଳେ ସେଇ କୋଠରୀରେ ତ ପୁଣି କେତେବେଳେ ଗଛମୂଳେ, ବାରଣ୍ଡାରେ ବା ଯେ କୌଣସି ଖୋଲା ଜାଗାରେ । ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏକାଠି ହେବା ପରେ ଯେ କୌଣସି ସ୍ଥାନ ବାଛି ବସିପଡ଼ନ୍ତି । କେତେଥର ଯେ ଲାଇବ୍ରେରିର ବାରଣ୍ଡାରେ ଇଂରେଜୀ କ୍ଲାସ ପାଇଁ ବସିପଡ଼ିଛୁ ଆମେ - ତାହାର ହିସାବ ନାହିଁ । ସେ କଥା ପରେ କହିବି ।

ବିଦ୍ୟାଭବନର ତଳ ମହଲାରେ ସଂସ୍କୃତ ବିଭାଗକୁ ଲାଗି ଓଡ଼ିଆ ବିଭାଗ ପାଇଁ ଉଦ୍ଦିଷ୍ଟ ଥିଲା ଦୁଇଟି କୋଠରୀ । ତହିଁରୁ ଗୋଟିଏ ପ୍ରକୋଷ୍ଠରେ ବସିଥାନ୍ତି ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର କୁଞ୍ଜ ବିହାରୀ ଦାଶ । ସେ ହିଁ ସବୁକିଛି, ଉପରକୁ ନାହିଁ କି ତଳକୁ ନାହିଁ, ଏକଚ୍ଛତ୍ର, ଏକମାତ୍ର ଆଶା ଭରସା । ତତ୍କାଳର ଜଣେ ଜଣାଶୁଣା କବି ଓ ବିଦ୍ୱାନ । ସରଳ ପୋଷାକ ଭିତରେ ଚହଟୁଥାଏ ଦିବ୍ୟଜ୍ୟୋତି । ତାଙ୍କ ପରି ମଣିଷ ମୁଁ ଆଗରୁ ଦେଖି ନ ଥିଲି କେଉଁ କଲେଜରେ ।

ଓଡ଼ିଶାର କଲେଜମାନଙ୍କରେ ଅଧ୍ୟାପକୀୟ ସଂସ୍କୃତି ଥିଲା ଭିନ୍ନ ଧରଣର, ଯାହାର ଭାବଗତ ଆବେଦନ ଥିଲା କ୍ଷୀଣ । ଛାତ୍ରଙ୍କ ଠାରୁ ଦୂରତ୍ୱ ବଜାୟ ରଖିବା ଥିଲା ଅଧିକାଂଶ

Digitized by srujanika@gmail.com

ଅଧ୍ୟାପକଙ୍କର ବଡ଼ପଣ । ଆମ ସମୟରେ (୫୦ ଦଶକରେ) ଅଧିକାଂଶ ଅଧ୍ୟାପକ କି ଖରା କି ଶୀତ ସବୁ ଋତୁରେ କୋଟ୍ ଓ ଟାଇ ପିନ୍ଧି କଲେଜ ଆସୁଥିଲେ । ଖୁବ୍ କମ୍ ଆସୁଥିଲେ ଧୋତି-ପଞ୍ଜାବୀ ପରିଧାନ କରି । ଏବେ ସେ ଦୃଶ୍ୟ ବଦଳି ଯାଇଚି ଅବଶ୍ୟ, ସେଦିନର ପୋଷାକ ସଚେତନତା ଆଉ ନାହିଁ । ଶାନ୍ତି ନିକେତନରେ କିନ୍ତୁ ସେତେବେଳେ ପୋଷାକ ପରିଚ୍ଛଦ ପ୍ରତି କାହାର ଦୃଷ୍ଟି ନ ଥିଲା । କିଏ କ'ଣ ପିନ୍ଧି କ୍ଲାସ୍ ନେବାକୁ ଆସୁଛନ୍ତି ତାହା ଆଲୋଚନାର ବିଷୟବସ୍ତୁ ନ ଥିଲା ଛାତ୍ର ମହଲରେ । ଅଧିକାଂଶ ଧୋତି-ପଞ୍ଜାବୀ ପିନ୍ଧୁଥିଲେ, କେତେକ ପିନ୍ଧୁଥିଲେ ସାଦା ପାଇଜାମା ଉପରେ ଯେ କୌଣସି କାମିଜ୍, ବା ଚୂଡ଼ିଦାର ପଞ୍ଜାବୀ ବା ଫୁଲପ୍ୟାଣ୍ଟ ଓ କାମିଜ୍ । ତେବେ ଆଖିଦୃଶିଆ ବା ଆକର୍ଷଣକାରୀ ଚକ୍‌ମକିଆ ପୋଷାକ ଶିକ୍ଷକ କିମ୍ବା ଛାତ୍ର କେହି ପିନ୍ଧୁ ନ ଥିଲେ ସେତେବେଳେ । ସେଇଥିପାଇଁ ମୋତେ ଭାରି ନୂଆ ଲାଗିଥିଲା ବିଭାଗୀୟ ମୁଖ୍ୟ ଡକ୍ଟର ଦାଶଙ୍କୁ ଦେଖି ।

ସେ ଥିଲେ ପ୍ରସନ୍ନ ବଦନ, ସେଠି ଅଭୟ ଥିଲା । ପ୍ରଣିପାତ କରିବା ପରେ ଜାଣିଲି ସମ୍ଭବତଃ ମୋତେ ମୋର ହୃଦୟ ଠିକ୍ ଜାଗାରେ ଆଣି ପହଞ୍ଚାଇ ଦେଇଚି । ସତ କଥା, ଅନ୍ତରର ନିର୍ଦ୍ଦେଶ ମାନି ନ ଥିଲେ ଆଦୌ ଜାଣିପାରି ନଥାନ୍ତି ଯେ ଏଇ ଆମ ଭାରତ ଭିତରେ ଶାନ୍ତିନିକେତନ ପରି ସ୍ଥାନଟିଏ ଅଛି, ଯେଉଁଠି ଦିନରାତି ବିଦ୍ୟା ଚର୍ଚ୍ଚା ହିଁ ଚାଲିଛି ଓ ଯେଉଁଠି ଜ୍ଞାନ ତପସ୍ୱୀମାନେ ସାଧନାରତ ଅଛନ୍ତି ।

ଡକ୍ଟର ଦାଶଙ୍କ ଆଗରେ ମୋ ବିଷୟରେ ନରେନ୍ଦ୍ର ସାର ସବୁକଥା କହିଦେଲେ । ମୁଁ ଖାଲି 'ହଁ' ମାରି ବସି ରହିଲି । କିଛିକ୍ଷଣ ପରେ ଡକ୍ଟର ଦାଶ କହିଲେ – 'ତୁମେ ପାରିବ ତ ! ସାହିତ୍ୟ କିଛି ପଢ଼ିଚ ?'

'ହଁ' କହିଲି । କିନ୍ତୁ କଥାଟା ସେତିକିରେ ସମାପ୍ତ ହେଲାନି । ସେ ଆଗ ଗୋଟେ ମୌଖିକ ପରୀକ୍ଷା ନେଲେ, ଜାଣିବା ପାଇଁ ମୁଁ କେତେ କ'ଣ ଜାଣିଚି ବା ପଢ଼ିଚି । ତେଣୁ ଅନେକ ପ୍ରକାରର ପ୍ରଶ୍ନ ସେ ଗୁଡ଼େଇ ତୁଡ଼େଇ ପଚାରିଥିଲେ ସେଦିନ ।

ତାଙ୍କର ପ୍ରଶ୍ନଗୁଡ଼ିକ ଯଦିଓ ଅତି ସାଧାରଣ ଥିଲା କିନ୍ତୁ ଓଡ଼ିଆ ସାହିତ୍ୟ-ତତ୍ତ୍ୱରେ ମୋର ଆଦୌ ପ୍ରବେଶ ନ ଥିବାରୁ ମୋର ହାର୍ ହାର୍ ଅବସ୍ଥା ହୋଇଗଲା । ସାହିତ୍ୟର କ ଖ ଗ ମୁଁ ଜାଣି ନ ଥିଲି । କାରଣ ଇଣ୍ଟରମିଡ଼ିଏଟ୍ ବିଜ୍ଞାନ ଶ୍ରେଣୀରେ ଆଧୁନିକ ଭାରତୀୟ ଭାଷା ପତ୍ରରେ ଯାହା ସବୁ ପାଠ୍ୟ ଥିଲା ସେ ସବୁ ସମୁଦ୍ରରୁ ଶଙ୍ଖେ ଭଳି । ପୁଣି ସମାଲୋଚନା ସାହିତ୍ୟରେ ମୋର ଆଦୌ ପ୍ରବେଶ ନ ଥିଲା । କେଉଁଟା ସାହିତ୍ୟ ଓ କେଉଁଟା ସାହିତ୍ୟ ନୁହେଁ - ମୁଁ ଜାଣିପାରୁ ନ ଥିଲି । ଆମେ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଥିବା 'ମାଟିର ମଣିଷ' ଯେ ଏକ ପ୍ରକାରର ସାହିତ୍ୟ ଭିତରେ ଯାଏ ସେ ବିଷୟରେ

Digitized by srujanika@gmail.com

ମୋର ଧାରଣା ନ ଥିଲା । କାରଣ ଉପନ୍ୟାସ ଖଣ୍ଡେ ହାତରେ ଦେଖିଲେ ଶିକ୍ଷକ-ଅଭିଭାବକ-ଗୁରୁଜନ ସମସ୍ତେ ଚିଡ଼ି ଯାଉଥିଲେ ଏବଂ ସଙ୍ଗେ ସଙ୍ଗେ ଘୋଷଣା କରି ଦେଉଥିଲେ ଯେ ଏ ପିଲାଟା ଆଉ ପାଠ-ଶାଠ ପଢ଼ିବନି । ମାୟାଧର ମାନସିଂହଙ୍କ ପ୍ରଖ୍ୟାତ ପ୍ରେମ-କବିତା 'ଧୂପ' ଯାହାକୁ ଆମେ ଦଶମ ଶ୍ରେଣୀ ବେଳେ ସାଙ୍ଗ ମେଳରେ ଲୁଚେଇ ପଢୁଥିଲୁ ଏବଂ ଗୁରୁ-ଚଣ୍ଡାଳ ଅର୍ଥ କରୁଥିଲୁ ତା' ଯେ ସାହିତ୍ୟ ପଦବାଚ୍ୟ ହେବ ସେ ଜ୍ଞାନ ମୋର ନ ଥିଲା । ତେଣୁ ଡକ୍ଟର ଦାଶ ଯେତେବେଳେ ପଚାରିଲେ – ''କ'ଣ କ'ଣ ସବୁ ପଢ଼ିଚ'' - ମୁଁ ଥତମତ ହେଲି ଏବଂ କ'ଣ କହିବି ସ୍ଥିର କରିପାରିଲି ନାହିଁ । 'ଧୂପ' ପଢ଼ିଚି ବୋଲି ନିଜକୁ ଅପରାଧୀ ଅପରାଧୀ ଲାଗୁଥିଲା; କୋଉ ସାନ୍ଧ କିମ୍ବା ଗୁରୁଜନଙ୍କ ଆଗରେ 'ଧୂପ' ବିଷୟରେ ଉଲ୍ଲେଖ କରିବାଟା ମୁଁ ଭାବୁଥିଲି ଅଶାଳୀନ । ଭାବିଚିନ୍ତି କହିଲି – ''ଭାଗବତ' ପଢ଼ିଚି । କାରଣ ଯାଜପୁରରେ ଆଈଙ୍କ ପାଖରେ ଯେତେବେଳେ ରହି ପଢୁଥିଲି ଅଧିକାଂଶ ଛୁଟି ଦିନରେ ଏବଂ ରବିବାରର ଖରାବେଳେ ଆଈ ମୋତେ 'ଭାଗବତ' ପଢ଼ି ଶୁଣାଇବାକୁ କହୁଥିଲେ । ଆଈଙ୍କ ଆଲମାରିରେ ଭାଗବତର ପୂରା ସେଟ୍‌ଟି ସୁନ୍ଦର ଭାବରେ ବନ୍ଧେଇ ହୋଇ ସୁରକ୍ଷିତ ଅବସ୍ଥାରେ ଥିଲା । ଜାଣିଥିଲି– 'ଭାଗବତ' ଆମର ପ୍ରସିଦ୍ଧ ପୁରାଣ । ଦଶମ ସ୍କନ୍ଧର 'କାଳୀୟ ଦଳନ' ବିଷୟଟି ବୋଧେ ଆମର ସପ୍ତମ ଶ୍ରେଣୀ ସାହିତ୍ୟ ପାଠରେ ଅନ୍ତର୍ଗତ ଥିଲା । ତେଣୁ ସାହସ କଲି 'ଭାଗବତ'ର ନାମ ଉଲ୍ଲେଖ କରିବାକୁ, ଯଦିଓ ତାହା ଯେ ଆମ ଭାଷାର, ଆମ ଜାତିର ଏକ ସମ୍ମାନିତ ସାହିତ୍ୟଗ୍ରନ୍ଥ ସେ ବିଷୟରେ ଆମକୁ କେହି ଶିକ୍ଷକ ସମ୍ଭବତଃ ବତେଇ ନ ଥିଲେ ସେତେବେଳେ ।

ବାଲ୍ୟକାଳରେ ମୋର ପିତା ଗଣେଶ୍ୱର ମିଶ୍ର (ଅଗ୍ନିହୋତ୍ରୀ) ପିତେଇପୁର ଗ୍ରାମରେ ଗୋଟିଏ ନାଟ୍ୟାନୁଷ୍ଠାନ ଗଢ଼ିଥିଲେ ୧୯୫୦ ପରେ ପରେ । ତାଙ୍କ ପିତା ମଣି ଅଗ୍ନିହୋତ୍ରୀ ପୂର୍ବରୁ ଗଢ଼ିଥିବା ଲୀଳା ଦଳଟି ଅକାମି ହୋଇଯାଇଥିଲା ତାଙ୍କର ଅକାଳ ବିୟୋଗ ଫଳରେ । ସେଇ ଯେଉଁ ଭିତ୍ତି ଥିଲା ତା'ରି ଉପରେ ଠିଆ ହୋଇଥିଲା ଥିଏଟର ପାର୍ଟିଟି । ଗ୍ରାମ୍ୟ ବିଦ୍ୟାଳୟର ପରିସରରେ ଗୋଟିଏ ମାଟି ନିର୍ମିତ ମଣ୍ଡପ ଉପରେ ମହାଲକ୍ଷ୍ମୀ ଥିଏଟର ପାର୍ଟି ତା'ର ପ୍ରଥମ ଅର୍ଘ୍ୟ ସ୍ୱରୂପ ପରିବେଷଣ କରିଥିଲା ସ୍ୱର୍ଗତଃ କାମପାଳ ମିଶ୍ରଙ୍କ 'ସୀତା ବିବାହ', ଲକ୍ଷ୍ମୀ ପୂଜା ଅବସରରେ । ବହୁ ଅଙ୍କ ବିଶିଷ୍ଟ ସେଇ ନାଟକଟି ରାତି ପହରକରେ ଆରମ୍ଭ ହୋଇ ସାରା ରାତି ଚାଲିଥିଲା । ସେହି ମଞ୍ଚରେ ଓ ବର୍ଷାଦିନେ ଗଣେଶ ପୂଜା ଅବସରରେ ଆମ ଚଉପାଢ଼ୀରେ, ଯେଉଁଠି ପୂର୍ବରୁ ରାମଲୀଳା ଓ କୃଷ୍ଣଲୀଳା ଅଭିନୀତ ହେଉଥିଲା, ମଞ୍ଚସ୍ଥ ହେଉଥିଲା ମୋ ବାପାଙ୍କ ସ୍ୱରଚିତ ନାଟକ ଯଥା– ''ପ୍ରଣୟୀ ବିଜୟୀ, ରାମ ବନବାସ, ରକ୍ତଦାନ'' ପ୍ରଭୃତି ଏବଂ ଅନ୍ୟ କେତେକ ନାଟକ । ମୁଁ ଆମ ଚଉପାଢ଼ୀରେ ହିଁ ମହାଲକ୍ଷ୍ମୀ ଥିଏଟର ପାର୍ଟିର କଳାକାରଙ୍କ ଦ୍ୱାରା

Digitized by srujanika@gmail.com

ଅଭିନୀତ– ମନୋରଞ୍ଜନ ଦାସଙ୍କ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', ରାମଚନ୍ଦ୍ର ମିଶ୍ରଙ୍କ 'କବି ସୂର୍ଯ୍ୟ', କାଳୀଚରଣଙ୍କ 'ଚକ୍ରୀ' ଓ ରଘୁନାଥ ପଣ୍ଡାଙ୍କ ଯାତ୍ରା ନାଟକ 'ହଳଦୀଘାଟ' ଦେଖିଥିଲି । ସେ ବହିଗୁଡ଼ିକ ମୁଁ ତନ୍ନ ତନ୍ନ କରି ପଢ଼ିଥିଲି । ପୁଣି କଲେଜର ନାଟ୍ୟ ମଞ୍ଚରେ ଭଞ୍ଜକିଶୋରଙ୍କ 'ଅତିଥି', 'ଝଞ୍ଜା' ଓ 'ଜୟମାଲ୍ୟ'ରେ, ଗୋପାଳ ଛୋଟରାୟଙ୍କ 'ଭରସା'ରେ ଓ ଫକୀରମୋହନଙ୍କ 'ଡାକମୁନ୍‌ସି'ର ନାଟ୍ୟ ରୂପରେ ଅଂଶଗ୍ରହଣ କରିଥିଲି; କିନ୍ତୁ ସେ ସବୁର ନାମ ଉଲ୍ଲେଖ କରିବାକୁ ସାହସ ହେଲାନାହିଁ, କାଳେ ସେଗୁଡ଼ିକ ଉଚ୍ଚଧରଣର ସାହିତ୍ୟ ହୋଇ ନ ଥିବ । ହଠାତ୍ ଗୋଟିଏ ନାଁ କହିବାକୁ ଇଚ୍ଛା ହେଲା ଏବଂ ବିନା ଦ୍ୱନ୍ଦ୍ୱରେ କହିଲି– 'ପ୍ରଣୟ ବଲ୍ଲରୀ' । କାରଣ ଗଙ୍ଗାଧର ମେହେରଙ୍କ ସାହିତ୍ୟର ଉଚ୍ଚାଙ୍ଗତା ବିଷୟରେ ଥରେ ସୋନପୁରର ତରୁଣ ସାହିତ୍ୟିକ ଶ୍ରୀ କେଶବ ମେହେର ଗୋଟିଏ ଭାଷଣ ଦେଇଥିଲେ– ଯାଜପୁରର 'ବିରଜା ହାଇସ୍କୁଲ'ରେ । ଯଦିଓ ମୁଁ ସେଇ ସ୍କୁଲର ଛାତ୍ର ନ ଥିଲି; କିନ୍ତୁ ସେ ସଭାରେ ଉପସ୍ଥିତ ଥିଲି । କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଥିଲେ ସେହି ସ୍କୁଲର ବିଜ୍ଞାନ ଶିକ୍ଷକ, କେଶବ ମେହେର ତାଙ୍କର ଅତିଥି ହୋଇ ରହିଥିଲେ କୁଆଁସରପୁରରେ । ପୂର୍ବରୁ ଆମ ଘରେ ଥିବା ଗଙ୍ଗାଧର ଗ୍ରନ୍ଥାବଳୀରୁ ମୁଁ 'ପ୍ରଣୟ ବଲ୍ଲରୀ' କାବ୍ୟଟି ପଢ଼ିଥିଲି । ମୋର ବିଶ୍ୱାସ ହୋଇଥିଲା ଯେ 'ପ୍ରଣୟ ବଲ୍ଲରୀ' ଗୋଟିଏ ଉଚ୍ଚମାନର ସାହିତ୍ୟ । ଅଭିମନ୍ୟୁଙ୍କ ରଚନାରୁ କେତେକ ଛାନ୍ଦ ମୋର ମୁଖସ୍ଥ ଥିଲା, କାରଣ ସରସ୍ୱତୀ ପୂଜାରେ ଗାଁରେ ଆମେ ସେଗୁଡ଼ିକ ଗାଉଥିଲୁ । ସରସ୍ୱତୀ ପୂଜାର ଦିନକ ପରେ ଗୋଟିଏ ପିତ୍ତଳ ଥାଳିରେ ସରସ୍ୱତୀଙ୍କ ବିଗ୍ରହଟି ରଖି ଘର ଘର ବୁଲୁଥିଲୁ । ଗୀତଟିଏ ଗାଇବା ପରେ ସରସ୍ୱତୀଙ୍କ ପାଇଁ ଚାଉଳ ନଡ଼ିଆ ପଇସା ଆଦି ମିଳୁଥିଲା, ଯାହା ଶିକ୍ଷକ ନିଜ ପାଇଁ ଗ୍ରହଣ କରୁଥିଲେ ।

ଡକ୍ଟର ଦାଶ ପୁଣି ଆଧୁନିକ ପତ୍ରପତ୍ରିକା ଓ ସାହିତ୍ୟକଙ୍କ ନାମ ପଚାରିଲେ । ସେ ସବୁ ସହିତ ସାମାନ୍ୟ ପରିଚୟ ବାଲେଶ୍ୱରରେ ତଥା ବାରିପଦାରେ ମୋର ହୋଇସାରିଥିଲା । କବି ରମାକାନ୍ତ ରଥ କେଇମାସ ପାଇଁ ଆମକୁ ଫକୀର ମୋହନ କଲେଜରେ ଇଂରାଜୀ ପଢ଼ଉଥିଲେ । ବାଲେଶ୍ୱର କଲେଜ ଛାଡ଼ି ଦ୍ୱିତୀୟ ବର୍ଷ ବିଜ୍ଞାନରେ ପଢ଼ିବାକୁ ଗଲି ବାରିପଦା । ସେଠି ଏମ.ପି.ସି. କଲେଜରେ ସେତେବେଳେ ତିନି ଚାରିଜଣ ପ୍ରତିଷ୍ଠିତ ସାହିତ୍ୟିକ ଆମର ଅଧ୍ୟାପକ ଥିଲେ । ଥିଲେ କବି ବେଣୁଧର ରାଉତ, ଗାଳ୍ପିକ ରବିନାରାୟଣ ବରାଳ, ଅନୁବାଦକ ପ୍ରଭାସ ଚନ୍ଦ୍ର ଶତପଥୀ, ନାଟ୍ୟକାର ତରୁଣ ଚଉଧୁରୀ ଜାନକୀ ନାଥ ନନ୍ଦ (ଖୁବ୍ ଅଳ୍ପ ବୟସରେ ପରଲୋକପ୍ରାପ୍ତ) ଓ ସମାଲୋଚକ ରାଧାମୋହନ ମହାପାତ୍ର । ମୁଁ ଓ ମୋର ବନ୍ଧୁ ରମାନାଥ ଜେନା (ପଟ୍ଟାମୁଣ୍ଡାଇ) ଝଙ୍କାର ଭଳି ପତ୍ରିକା କିଣି ଏକାଠି ବସି ପଢୁଥିଲୁ । ମନେଥିଲା ବିଷୁବ ଝଙ୍କାର (୧୯୫୯) ରେ ପ୍ରକାଶ ପାଇଥିବା କବି ବେଣୁଧରଙ୍କ ଗୋଟିଏ କବିତା 'ନିଶୀଥର ଗୀତ' ଯାହା ଆମକୁ

Digitized by srujanika@gmail.com

ବେଶ୍ ପ୍ରଭାବିତ କରିଥିଲା, ମନେଥିଲା ତା'ର ପ୍ରଥମ କେଇଟି ଧାଡ଼ି ଯଥା– ''ଆପଣ ତ ପଢ଼ିଥିବେ ଗୋପୀନାଥ/ହରିଜନ ପୃଷ୍ଠା ଗହଳିରେ.....'' ଇତ୍ୟାଦି । କବିତାଟିକୁ ଭିତ୍ତି କରି ରମାନାଥ ଗୋଟିଏ ସୁନ୍ଦର କବିତା ଲେଖିଥିଲେ ଯାହା କଲେଜ ପତ୍ରିକାରେ ସ୍ଥାନ ପାଇଥିଲା । ମୁଁ ସେହି ଲେଖକମାନଙ୍କ ନାମ ଉଲ୍ଲେଖ କଲି । ସେହି ବର୍ଷ ଝଙ୍କାରରେ ପ୍ରକାଶିତ କୁଞ୍ଜ ବିହାରୀଙ୍କ 'ଧୂଆଁଧାର' କବିତାଟି ମୋର ମନେ ଥିଲା । ଯେତିକି ମନେପଡ଼ିଲା ଆବୃତ୍ତି କଲି । ତା'ପରେ ବୋଧେ ବିଭାଗୀୟ ମୁଖ୍ୟ ଡକ୍ଟର ଦାଶଙ୍କ ବିଶ୍ୱାସ ହେଲା ଯେ ମୁଁ ସାହିତ୍ୟ କ୍ଲାସ୍‌ରେ ବସିବାକୁ ଯୋଗ୍ୟ । ସେ ମୁହଁ ଖୋଲି କହିଲେ– ''ତୁମର ସାହିତ୍ୟିକ ସଂସ୍କାର ଅଛି, ମନ ବି ଅଛି, କିନ୍ତୁ ପରିଶ୍ରମ କରିବାକୁ ହେବ ।''

ମୁଁ ସ୍ୱୀକାର କଲି । ନରେନ୍ଦ୍ର ସାର୍ ମଧ ମୋତେ ସମର୍ଥନ କରି ଦି'ପଦ କହିଲେ । ଉପାଚାର୍ଯ୍ୟଙ୍କ ଠାରୁ ଅନୁମତି ଆଣିବା ଦାୟିତ୍ୱ ନେଲେ ଡକ୍ଟର ଦାଶ ନିଜେ । କାରଣ ଅନୁମୋଦିତ ଅନର୍ସ ପାଠ୍ୟକ୍ରମର ଶୁଭ ପକେଇବାକୁ ସେ ଆଗ୍ରହୀ ଥିଲେ ।

ମୁଁ କାଳବିଳମ୍ବ ନ କରି ଦରଖାସ୍ତ ଫର୍ମ ଆଣି ପୂରଣ କଲି । ଅଧକ୍ଷ ଥାନ୍ତି ଡକ୍ଟର ଭଟ୍ଟାଚାର୍ଯ୍ୟ, ପ୍ରଜା ସମାଜବାଦୀ (ଲୋହିଆ) ନୀତିର ଜଣେ ସମର୍ଥକ, ପୂର୍ବରୁ ଇଂରାଜୀ ବିଭାଗର ପ୍ରଫେସର ଥିଲେ କଲିକତା ବିଶ୍ୱବିଦ୍ୟାଳୟରେ । ଚସର୍‌ଙ୍କ ସାହିତ୍ୟର ଜଣେ ବିଜ୍ଞ ସମାଲୋଚକ ଭାବେ ଭାରତବର୍ଷରେ ତାଙ୍କର ଖ୍ୟାତି ଥିଲା । ସେ ମୋତେ ଡକେଇ ପଠେଇଲେ । ମୋ' ସହିତ ଦୁଇପଦ ଆଲୋଚନା କରିବା ପରେ ସୁପାରିଶ କଲେ ଅନୁମତି ନିମନ୍ତେ । ଡକ୍ଟର ଦାଶ ନିଜେ ଗଲେ ଉପାଚାର୍ଯ୍ୟଙ୍କ ନିକଟକୁ । ଉପାଚାର୍ଯ୍ୟ (ଭି.ସି.) ଥାଆନ୍ତି କ୍ଷୀତିମୋହନ ସେନ୍, ଜଣେ ଉଚ୍ଚମାନର ସ୍କଲାର ଓ ଲେଖକ । ଭାରି ଉଦାର, ପ୍ରଶାସନର ଜଟିଳତା ତାଙ୍କ ଉଦାରତାକୁ ନଷ୍ଟ କରିପାରି ନ ଥିଲା ।

ମୁଁ ନାଁ ଲେଖେଇବା ବେଳକୁ ବିଶ୍ୱଭାରତୀରେ ଇଣ୍ଟରମିଡ଼ିଏଟ୍ ପରେ ୩ ବର୍ଷିଆ ଅନର୍ସ ପାଠ୍ୟକ୍ରମ ପ୍ରଚଳିତ ଥିଲା; ପାସ୍ କଲେ ଏକ ବର୍ଷିଆ ଏମ୍.ଏ । ଅର୍ଥାତ୍ ଅନର୍ସରେ ୮ଟି ୪ ଘଣ୍ଟିଆ ପତ୍ର ଓ ଏମ୍.ଏରେ ୫ଟି ୪ ଘଣ୍ଟିଆ ପତ୍ର । ବର୍ଷ ଏକା, ୩ + ୧ = ୪ । ସେତେବେଳେ ଏପରି ପାଠ୍ୟକ୍ରମ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ନ ଥିଲା । ତେଣୁ ଯେଉଁମାନେ ଉତ୍କଳ ବା କଲିକତା ବା ଯାଦବପୁର ଭଳି ବିଶ୍ୱବିଦ୍ୟାଳୟରୁ ବି.ଏ. ସାରି ଆସୁଥିଲେ ସେମାନେ ୨ ବର୍ଷିଆ ଏମ୍.ଏ.ରେ ଯୋଗ ଦେଉଥିଲେ । ପରେ ପରେ ବିଭିନ୍ନ ରାଜ୍ୟରେ ଆଇ.ଏ./ଆଇ.ଏସ୍.ସି.କୁ ଭାଙ୍ଗି ପ୍ରାକ୍ ବିଶ୍ୱବିଦ୍ୟାଳୟ (ପି.ୟୁ.) ଓ ୩ ବର୍ଷିଆ ଡିଗ୍ରୀ କରାଗଲା । ତେଣୁ ସମତା ରକ୍ଷା କରିବା ପାଇଁ ମୁଁ ପଢ଼ିଥିବା ପାଠ୍ୟକ୍ରମଟିକୁ ୟୁ.ଜି.ସି ଉଠାଇ ନେଲେ । ମୋ ସମୟର ବ୍ୟାବ୍ଟି ଥିଲା

Digitized by srujanika@gmail.com

ସେଇ ଶୃଙ୍ଖଳାର ଅନ୍ତିମ । ଆମ ପରେ ଯେଉଁମାନେ ଆସିଲେ ସେମାନଙ୍କୁ ବି.ଏ (ଅନର୍ସ) ପରେ ଦୁଇବର୍ଷିଆ ଏମ୍.ଏ ରେ ନାଁ ଲେଖେଇବାକୁ ହେଉଥିଲା । ସେତେବେଳେ ବିଶ୍ୱଭାରତୀରେ ବିନା ଅନର୍ସରେ ବି.ଏ. ଶ୍ରେଣୀରେ ନାଁ ଲେଖେଇବା ସୁବିଧା ନ ଥିଲା । ହଷ୍ଟେଲ ଅନୁସାରେ କଲେଜରେ ସିଟ୍ ଥିଲା ସୀମିତ । ହଷ୍ଟେଲ୍ ବ୍ୟତୀତ କେହିହେଲେ ବାହାରେ ରହିବା ପାଇଁ ଅନୁମତି ନ ଥିଲା । କେବଳ ବିଶ୍ୱଭାରତୀ କର୍ମଚାରୀଙ୍କ ପୁଅ-ଝିଅ ସେ ସୁବିଧା ପାଉଥିଲେ, ଭାଇ କିମ୍ବା ଶଳା-ଶାଳୀ ନୁହନ୍ତି । ତେଣୁ ସାଧାରଣ କଲେଜରେ ଯେଉଁ ଛାତ୍ରଙ୍କୁ ଡେ-ସ୍କଲାର୍ କୁହାଯାଏ ବିଶ୍ୱଭାରତୀରେ ସେମାନଙ୍କର ଅସ୍ତିତ୍ୱ ନ ଥିଲା ସେତେବେଳେ ।

ମୋର ମନେପଡୁଚି ଥରେ ଘରେ ରହି ପଢ଼ିବାର ସୁବିଧା ଦାବି କରି ବୋଲପୁରର ଛାତ୍ର ସମାଜ ଆନ୍ଦୋଳନ କରିଥିଲେ । କିନ୍ତୁ ଆଚାର୍ଯ୍ୟ ପଣ୍ଡିତ ନେହେରୁ ସ୍ପଷ୍ଟ କହିଥିଲେ– "ଆପଣଙ୍କ ବୋଲପୁରରେ ତ କଲେଜ ଅଛି, ପାଖ ବର୍ଦ୍ଧମାନ ସହରରେ ବିଶ୍ୱବିଦ୍ୟାଳୟ ଅଛି, ତେଣୁ ଆପଣମାନେ ବଞ୍ଚିତ ନୁହନ୍ତି । ଭାରତବର୍ଷରେ ବିଶ୍ୱଭାରତୀ ଭଳି ବିଶ୍ୱବିଦ୍ୟାଳୟଟିଏ ଯେତେ ଖର୍ଚ୍ଚ ହେଉ ବରଂ ରଖିବାକୁ ଆମେ ସ୍ଥିର କରିଛୁ ଏବଂ କେନ୍ଦ୍ର ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରୁଛି । ବିଶ୍ୱଭାରତୀ ସବୁଦିନେ ଆବାସିକ ରହିବ, ଏହାହିଁ ଏହାର ସ୍ୱାତନ୍ତ୍ର୍ୟ ।"

ଉପାଚାର୍ଯ୍ୟଙ୍କ ଅନୁମତି କ୍ରମେ ମୁଁ ଅଗଷ୍ଟ ମାସ (୧୯୫୯) ଶେଷ ସପ୍ତାହରେ ବିଦ୍ୟାଭବନର ଛାତ୍ର ରୂପେ ସ୍ୱୀକୃତ ହେଲି । ଓଡ଼ିଆ (ଅନର୍ସ) ଶ୍ରେଣୀ ମୋ ମାଧମରେ ବାସ୍ତବ ରୂପ ପାଇଲା । ଏହି ସଂପ୍ରସାରଣ ସମସ୍ତଙ୍କୁ ଖୁସି କଲା । କୌଣସି ଏକ କେନ୍ଦ୍ର ସରକାର ପରିଚାଳିତ ବିଶ୍ୱବିଦ୍ୟାଳୟରେ ଅନ୍ୟାନ୍ୟ ଭାଷାଙ୍କ ଗହଣରେ ଓଡ଼ିଆ ସାହିତ୍ୟର ତାହା ଥିଲା ଏକ ସମ୍ମାନଜନକ ପ୍ରତିଷ୍ଠା । ପୂର୍ବେ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ସ୍ଥାପିତ ଓଡ଼ିଆ ବିଭାଗରେ କେବଳ ଗବେଷଣାର ସୁବିଧା ଥିଲା, ପାଠପଢ଼ା ନ ଥିଲା । କ୍ରମେ ଓଡ଼ିଆରେ ଏମ୍.ଏ. ଖୋଲିଲାରୁ ସେଠି ନରେନ୍ଦ୍ର ନାଥ ମିଶ୍ର, ଦୁର୍ଗାଚରଣ ପରିଡ଼ା (କବି), କୃଷ୍ଣ ଚରଣ ବେହେରା ଆଦି ନାଁ ଲେଖେଇ କୃତିତ୍ୱର ସହିତ ଓଡ଼ିଶା ଫେରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ତ ସ୍ୱତନ୍ତ୍ର ଭାବେ ଓଡ଼ିଆ ବିଭାଗଟିଏ ନ ଥିଲା । ଓଡ଼ିଆ ଓ ସଂସ୍କୃତ ଯୁକ୍ତ ହୋଇ ରହିଥିଲା ସର୍ବତ୍ର, ସବୁ କଲେଜରେ । ସଂସ୍କୃତ ଭାଷାର ଅଧ୍ୟାପକମାନେ ଓଡ଼ିଆ ସାହିତ୍ୟ ପଢ଼ଉଥିଲେ । ଯେଉଁମାନେ ଓଡ଼ିଆ ସାହିତ୍ୟରେ ଅନର୍ସ ବା ଏମ୍.ଏ. ପଢୁଥିଲେ ସେମାନଙ୍କୁ ବାଧ୍ୟତାମୂଳକ ଭାବେ ସଂସ୍କୃତ ସାହିତ୍ୟ, ପାଲି, ପ୍ରାକୃତ ପଢ଼ିବାକୁ ହେଉଥିଲା । ମୁଁ ସବୁବେଳେ ମନେ ମନେ ବିଦ୍ରୋହ କରି ଉଠୁଥିଲି– 'କି ହୋ କାହିଁକି ?' ଯିଏ ଓଡ଼ିଆ ସାହିତ୍ୟ ପଢ଼ିବ ତାକୁ ପୁଣି ସଂସ୍କୃତ ଚଷିବାକୁ ବାଧ

Digitized by srujanika@gmail.com

କରାଯିବ କାହିଁକି ? ଓଡ଼ିଆ ସାହିତ୍ୟ କ'ଣ ଏତେ ଦୁର୍ବଳ ! ଏହାର ସୃଷ୍ଟି କ'ଣ ଏତେ କମ୍ !'' କିନ୍ତୁ ମୋ ମନରେ ଯେଉଁ ପ୍ରଶ୍ନ ଉଠୁଥିଲା ତା'ଉଠୁ ନ ଥିଲା ଯେଉଁମାନେ ଖୋଦ୍ ଓଡ଼ିଶାରେ ରେଭେନ୍ସା କଲେଜରେ ବା ଅନ୍ୟ କେଉଁଠି ପଢୁଥିଲେ । ସଂସ୍କୃତ ପାଲି ପ୍ରାକୃତ ଆଦି ପଢ଼ିବାରେ ସେମାନଙ୍କର ଏତେ ସମୟ ଯାଉଥିଲା ଯେ ଆଧୁନିକ ନାଟକ, ଉପନ୍ୟାସ ଓ କବିତାର ସମକାଳୀନ ଧାରା ସହିତ ସେମାନଙ୍କର ପରିଚୟ ହୋଇପାରୁ ନ ଥିଲା । ବିଶ୍ୱଭାରତୀ ଓଡ଼ିଆ ପାଠ୍ୟକ୍ରମ ଯଦି ସେଇପରି ହୋଇଥାନ୍ତା ମୁଁ ନିଶ୍ଚୟ ଛାଡ଼ି ଅନ୍ୟ ବିଭାଗକୁ ପଳେଇଥାନ୍ତି । ଓଡ଼ିଆ ସାହିତ୍ୟ ଏକ ବିଶାଳ ପରମ୍ପରାରେ ସମୃଦ୍ଧ । ଶତାଧିକ କବି ଏହାର ପ୍ରାଚୀନ ପୃଷ୍ଠା ମଣ୍ଡନ କରନ୍ତି । ତାଙ୍କ ଭିତରୁ କେତେଜଣଙ୍କୁ ବା ପାଠ୍ୟ ଭିତରକୁ ଅଣାଯାଏ । ଏମିତି କି କବି ସମ୍ରାଟ ମଧ ଗୋଟିଏ କାବ୍ୟର ଛ'ଟି ଛାନ୍ଦ ଭିତରେ ବନ୍ଦୀ ରହିବାକୁ ବାଧ ହୁଅନ୍ତି । ଯାହାହେଉ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟର ସମ୍ମାନ ରଖିଥିଲା । ସଂସ୍କୃତ କି ବଙ୍ଗଳା ପଢ଼ିବାକୁ ବାଧ କରାଯାଇ ନ ଥିଲା ମୋତେ । ଆରମ୍ଭରୁ ଶେଷ, ଭାଷାତତ୍ତ୍ୱ ବ୍ୟତୀତ, ମୁଁ ଓଡ଼ିଆ ସାହିତ୍ୟର ହିଁ ଛାତ୍ରତ୍ୱ ବରଣ କରିଥିଲି ଏବଂ ସେଥିପାଇଁ ମୁଁ ଗର୍ବିତ ।

ସେତେବେଳେ ଓଡ଼ିଶାର ବହୁତ କମ୍ କଲେଜରେ ଓଡ଼ିଆ ଅନର୍ସ ଖୋଲିଥିଲା । ଯେଉଁମାନେ ଆଇ.ଏ.ଶ୍ରେଣୀରେ ବିଧିବଦ୍ଧ ଭାବେ ଓଡ଼ିଆ ସାହିତ୍ୟ ପଢୁଥିଲେ, ସେମାନେ ଅଳଙ୍କାର, ବ୍ୟାକରଣ ଓ ସାହିତ୍ୟର ଇତିହାସ ଜାଣୁଥିଲେ । ଅଳଙ୍କାର ବିଷୟରେ ସେଇ କାରଣରୁ ମୋର କିଛି ହିଁ ଧାରଣା ନ ଥିଲା । ଆମ ଗାଁର ମାଗୁଣି ମିଶ୍ର (ହିସାବରେ ଗୋଷବାପ ହେବେ) ମୋତେ ଦେଖିଲେ ଠିଆ କରି ପଚାରୁଥିଲେ ପିଲାଦିନେ କହନି ଦେଖି– ''ଦେଖରେ ନଳିନୀ ନଳିନୀ ନଳିନୀରେ ପୂରିତ, ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ''– ରେ କି ଅଳଙ୍କାର ଅଛି ? ମୁଁ କହିପାରୁ ନ ଥିଲି । ସେ ଭଲ ଛାନ୍ଦ ବୋଲୁଥିଲେ, ପୁଣି ଭଲ ବେହେଲା ବଜାଉଥିଲେ, ତାଙ୍କ ପୁଅ ବି ଥିଲେ କଳାକାର ଓ ସଂଗୀତଜ୍ଞ । ପ୍ରାଚୀନ ସାହିତ୍ୟରେ ଆମ ଗାଁର କେତେକଙ୍କର ଭଲ ପ୍ରବେଶ ଥିଲା । ପାଲାଗାୟକମାନେ ସେଥିପାଇଁ ଗାଁ-ମଝିରେ ପାଲା କଲାବେଳେ ଶଙ୍କି ଯାଉଥିଲେ । ଅଳଙ୍କାର ତତ୍ତ୍ୱ ବିଷୟରେ ମୋର ଅଜ୍ଞତାକୁ ଥଟ୍ଟା କରୁଥିଲେ ମୋର ଆଉ ଜଣେ ସାଥୀ ସୀତାନାଥ ପାଣିଗ୍ରାହୀ । ଆମେ ଦୁହେଁ ଫକୀରମୋହନ କଲେଜର South Hostel ର ଏକା ରୁମ୍‌ରେ ରହୁଥିଲୁ । ସେ ଆଇ.ଏ. ପଢୁଥିଲେ ଏବଂ ଓଡ଼ିଆ ବିଷୟ ରଖିଥିଲେ । ସେ ଅଧିକାଂଶ ସମୟରେ ଉପମା ରୂପକ ଶ୍ଳେଷ ଯମକାଦିର ଦୃଷ୍ଟାନ୍ତମାନ ଅଭ୍ୟାସ କରିବା ମୁଁ ଦେଖିଚି । ସେ ଥରେ ମୋତେ କହିଥିଲେ– ''ହଇରେ କବିତା ତ ଲେଖି ପକଉଚୁ, ଦତ୍ତଚ୍ୟୁତାକ୍ଷର କ'ଣ କହିଲୁ ଦେଖି ?'' ମୁଁ ହାର୍ ମାନୁଥିଲି । ଅନୁଭବ

Digitized by srujanika@gmail.com

କରୁଥିଲି ଆମ ସାହିତ୍ୟର ଉଭା ଯେତେ ପୋତା ସେତେ । ପଢ଼ି ହଜମ କରି ବିଶେଷଜ୍ଞ ବନିବା ଆଦୌ ସହଜ ନୁହେଁ, ଦି-ବର୍ଷ କ'ଣ, ଚାରିବର୍ଷ କ'ଣ, ସାରା ଜୀବନ ଅଣ୍ଟିବ ନାହିଁ । ଯିଏ ସାହିତ୍ୟର ଛାତ୍ର ହେବ ସେ ସାଦା-ସିଧା ପାଠକ ପରି ଭାସିଗଲେ ଚଳିବନି, ଉଭା ସହିତ ପୋତାଟିକୁ ମଧ୍ୟ ଦେଖିବ । ତା'ହେଲେ ସେ ସ୍ରଷ୍ଟା ଓ ସୃଷ୍ଟିର ମହତ୍ତ୍ୱ ବୁଝିବ ।

ସେଦିନ କବି କୁଞ୍ଜ ବିହାରୀଙ୍କ ସମ୍ମୁଖରେ ମାତ୍ର କେଇଟି ଘଣ୍ଟା ବିତେଇ ମୁଁ ମୋ ଅଜ୍ଞତା ଜାଣିଗଲି । ସେଇଠୁ ଆରମ୍ଭ କଲି ମୋର ଯାତ୍ରା । ସେଇଦିନଠୁ ଓଡ଼ିଆ ସାହିତ୍ୟ ସହିତ ଜୀବନକୁ ଛନ୍ଦି ମୁଁ ଚାଲିଚି । ପଛକୁ ଚାହିଁ ମନସ୍ତାପ କରିନି । ଆଗକୁ ଅନେଇଚି ଓ ଚାଲିବାର ଗୀତ ଗାଉଚି ।

୧୯୬୨ ରେ ଲେଖକ

Digitized by srujanika@gmail.com

।। ଦୁଇ ।।

ତେୟାଳିଶିଟି ବର୍ଷା ଋତୁ ବିତିଯିବା ସତ୍ତ୍ୱେ ମୋତେ କାଲି ଭଳି ଲାଗୁଚି, ଯେଉଁଦିନ ମୁଁ ବିଦ୍ୟାଭବନର ସ୍ୱୀକୃତ ଛାତ୍ର ହେଲି ସେହି ଦିନ ସନ୍ଧ୍ୟାର ଘଟଣା । ଆକାଶ ସେଦିନ ମେଘମୁକ୍ତ ଥାଏ । ଠିକ୍ ଛ'ଟା ବେଳକୁ ଘଣ୍ଟା ବାଜି ଉଠିଲା, ୧ ୨ ୩ ୪ ତାଳରେ । ଘଣ୍ଟା-ଧ୍ୱନି ଖେଳି ଯାଉଥିଲା ଚାରି ଦିଗକୁ । ହଷ୍ଟେଲରେ ଜଣେ ସହପାଠୀଙ୍କୁ ପଚାରିଲି– 'ଘଣ୍ଟା ବାଜୁଚି କାହିଁକି ?' ସେ ହାନ୍ଦି ଅନର୍ସ୍ ନେଇ ପଢୁଥିଲେ ଏବଂ ସଂଲଗ୍ନ ଅନ୍ୟ ହଷ୍ଟେଲରେ ରହୁଥିଲେ; ସେଠିକାର ପୁରୁଣା ଛାତ୍ର, ଶିକ୍ଷା ଭବନରୁ ଆଇ.ଏ. ପାସ୍ କରିଥିଲେ, ତାଙ୍କୁ ବିଶ୍ୱଭାରତୀର ସମସ୍ତ ପରମ୍ପରା ମାଲୁମ ଥିଲା । ତାଙ୍କ ସହିତ ଆଳାପ କରି ଜାଣିବାକୁ ପାଇଲି ଯେ ଘଣ୍ଟା ଶବ୍ଦ 'ସିଂହ ସଦନ'ରୁ ଆସୁଚି ।୧, ୨, ୩, ୪, . ତାଳରେ ବାଜିବାର ଅର୍ଥ– ଆମନ୍ତ୍ରଣ, ମାନେ ''ଆସନ୍ତୁ, ସଭା ସମୟ ହେଲାଣି ।'' ଘଣ୍ଟା ପ୍ରାୟ ଦୀର୍ଘ ୧୫ ମିନିଟ୍ ଧରି ବାଜିଲା । ବନ୍ଧୁ ବତାଇଦେଲେ– ଆଜି ସନ୍ଧ୍ୟାରେ ଉପର କ୍ଲାସର ଛାତ୍ରଛାତ୍ରୀମାନେ ନବାଗତ ଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବେ । ତୁମେ ବି ନିମନ୍ତ୍ରିତ । ଚାଲ ଯିବା ସିଂହ ସଦନକୁ ।

ପରେ ପରେ ଦେଖିଲି ଛାତ୍ରାବାସର ସମସ୍ତ ଅନ୍ତେବାସୀ ଜାମା-ଯୋଡ଼ ହୋଇ ନିଜ ନିଜର ପ୍ରକୋଷ୍ଠରୁ ବାହାରି ଆଶ୍ରମ ଅଭିମୁଖେ ଚାଲିଲେଣି । ମୁଁ ସେମାନଙ୍କ ସହିତ ଯୋଗଦେଲି ।

ଘଣ୍ଟା ଶବ୍ଦ ଭାସି ଆସୁଥିଲା ଯେଉଁଠୁ ତାହା ହିଁ 'ସିଂହ ସଦନ', ବିଦ୍ୟାଭବନର ସମ୍ମୁଖ ଭାଗରେ, ନିରାଡ଼ମ୍ବର ସୌଧଟିଏ । କୌଣସି ଜଣେ ରବୀନ୍ଦ୍ର ଅନୁରାଗୀ ଜମିଦାରଙ୍କ ପ୍ରଦତ୍ତ ଅର୍ଥରେ ନିର୍ମିତ ସେହି ସୌଧଟି ଥିଲା ସେତେବେଳେ (୧୯୫୯-୬୦) ବିଶ୍ୱଭାରତୀର ସର୍ବପ୍ରଧାନ ପ୍ରେକ୍ଷାଗୃହ । ସଭା, ଉତ୍ସବ, କବିତାପାଠ, ନାଟିକା, ନାଟକଠୁ ଆରମ୍ଭ କରି ବାର୍ଷିକ ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସେହି 'ସିଂହ ସଦନ'ରେ ହିଁ ଅନୁଷ୍ଠିତ ହେଉଥିଲା । କେବଳ ମଧ୍ୟମ ଓ କ୍ଷୁଦ୍ର ଧରଣର ସଭା ଓ ସେମିନାର୍‌ମାନ ଅନୁଷ୍ଠିତ ହେଉଥିଲା ଚୀନାଭବନର ସଭା ପ୍ରକୋଷ୍ଠରେ । କିନ୍ତୁ ଯେଉଁ ସବୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିପୁଳ ଶ୍ରୋତୃସମାବେଶର ସମ୍ଭାବନା ଥିଲା ସେ ସବୁ ସିଂହ ସଦନକୁ ଲାଗିଥିବା ଖୋଲା ପ୍ରାନ୍ତରରେ ଅନୁଷ୍ଠିତ ହେଉଥିଲା । ସେଥିପାଇଁ

Digitized by srujanika@gmail.com

ବିଶ୍ୱଭାରତୀ ତରଫରୁ ଏକ ଅସ୍ଥାୟୀ ମଞ୍ଚ ପ୍ରସ୍ତୁତ କରାଯାଉଥିଲା । ଅବଶ୍ୟ ସୁପ୍ରିମ୍‌କୋର୍ଟର ପୂର୍ବତନ ନ୍ୟାୟାଧୀଶ ଶ୍ରୀ ସୁଧୀ ରଞ୍ଜନ ଦାସ ମହାଶୟ ଉପାଚାର୍ଯ୍ୟ ଦାୟିତ୍ୱରେ ଅଧିଷ୍ଠିତ ହେବା ପରେ ସେଇ ସ୍ଥାନରେ ଏକ କଂକ୍ରିଟ ମଣ୍ଡପ ନିର୍ମାଣ କରାଗଲା । ମଣ୍ଡପଟି ଚାରି ଦିଗରେ ଖୋଲା ଥିଲା । ସେଇ ମଣ୍ଡପ ଅବଶ୍ୟ ଗୌରବାନ୍ୱିତ ହୋଇଥିଲା ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ବକ୍ଷରେ ଧାରଣ କରି । ମୋର ମନେଅଛି, ସେହି ନବ-ନିର୍ମିତ ମଣ୍ଡପ ଉପରେ ମୁଁ ପ୍ରଥମ ଥର ପଣ୍ଡିତ ପଣ୍ଡିତ ରବିଶଙ୍କରଙ୍କୁ ଦେଖିବାର ଓ ଶୁଣିବାର ସୁଯୋଗ ପାଇଥିଲି । ରାତି ନ'ରୁ ଆରମ୍ଭ ହୋଇଥିଲା ତାଙ୍କର ସିତାର ବାଦନ, ଯାହା ଚାଲିଥିଲା ପାହାନ୍ତା ପ୍ରହର ଯାଏଁ । ତାଙ୍କ ରାଗସଙ୍ଗୀତର ମୃଦୁ-ମୂର୍ଚ୍ଛନାରେ ହିଲ୍ଲୋଳିତ ହୋଇ ମୁଁ ପ୍ରଥମ କରି ଶାସ୍ତ୍ରୀୟ ରାଗର ମହତ୍ତ୍ୱ ଉପଲବ୍ଧି କରିପାରିଥିଲି । ଗୋଟିଏ ରାତିର ସାଙ୍ଗୀତିକ ଅନୁଭବ ଏମିତି ଭେଦି ଯାଇଥିଲା ସ୍ନାୟୁରେ ସ୍ନାୟୁରେ ଯେ ସପ୍ତାହେରୁ ଅଧିକ କାଳ ଧରି ମୋ'ଶିରା-ପ୍ରଶିରାରେ, ମୋ'ର ଛାତି ତଳେ ବାଜି ଚାଲିଥିଲା ସିତାର । ବାସ୍ତବିକ ରବିଶଙ୍କର ଓ ଅଲି ଆକ୍‌ବର ଖାଁଙ୍କୁ ସେଠାରେ ଶୁଣିବା ପରେ ମୁଁ ବୁଝିପାରିଥିଲି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଐଶ୍ୱର୍ଯ୍ୟ କ'ଣ ?'' ସଙ୍ଗୀତ ସଂପର୍କରେ ମୋ'ର ବହୁଦିନର କୂପ-ମଣ୍ଡୁକତା ଦୂର ହୋଇଥିଲା । ମୁଁ ଧନ୍ୟ ହୋଇଥିଲି ।

ବର୍ତ୍ତମାନ ଉତ୍ତରାୟଣ ପରିସରରେ ଯେଉଁ ସୁବିଶାଳ ପ୍ରେକ୍ଷାଗୃହ ଅଛି ୧୯୫୯-୬୦ ଶିକ୍ଷା-ବର୍ଷରେ ତା' ପରିକଳ୍ପିତ ହୋଇ ନ ଥିଲା । ସିଂହ ସଦନ ହିଁ ଥିଲା ଶାନ୍ତିନିକେତନୀଙ୍କ ପାଇଁ ସାଂସ୍କୃତିକ ଆସରର କ୍ଷେତ୍ର । ଶିକ୍ଷା ଓ ସଂସ୍କୃତିଗତ ସମସ୍ତ ପିପାସା ଚରିତାର୍ଥ ହେଉଥିଲା ତାରି ମାଧ୍ୟମରେ । ଯିଏ 'ସିଂହ ସଦନ' ଯାଉ ନ ଥିଲେ ସେ ଶାନ୍ତିନିକେତନର ମହାଭାବ ଓ ଆନ୍ତରିଣ ଦର୍ଶନ (Spirit) କ'ଣ ଜାଣୁ ନ ଥିଲେ । ଅବଶ୍ୟ ସେ ସମୟରେ ଦର୍ଶକ ଓ ଶ୍ରୋତାଙ୍କର ଅଭାବ ନ ଥିଲା ଶାନ୍ତିନିକେତନରେ ।

ବନ୍ଧୁଙ୍କ ସହିତ ଯଥାସମୟରେ ହାଜର ହେଲି ସିଂହ ସଦନରେ । ସେତେବେଳେକୁ ସିଂହ ସଦନ ଭରପୂର । ଚଉକି ବେଞ୍ଚ୍ କିଛି ନଥାଏ । ସାଧାରଣ ଦରି ଉପରେ ବସି ପଡ଼ିଥାନ୍ତି ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା । ସମସ୍ତଙ୍କ ମୁହଁରେ ଅକୃତ୍ରିମ ପ୍ରସନ୍ନତା ବିରାଜୁଥାଏ । କକ୍ଷର ଗୋଟିଏ ପାର୍ଶ୍ୱରେ ଅଲଗା ହୋଇ ଠିଆ ହୋଇଥାନ୍ତି ଧାଡ଼ିଏ ଝିଅପିଲା । ସମସ୍ତେ ଲାଲ୍ ଧଡ଼ି ଥିବା ଧଳା-ଶାଢ଼ୀ ପିନ୍ଧିଥାନ୍ତି । ସରଳ ପରିଚ୍ଛଦ । ତଥାପି ଦିଶୁଥାନ୍ତି ମା' ସରସ୍ୱତୀଙ୍କ ଦୁହିତା ପରି । ଓଠରେ ହାସ୍ୟ ଥାଏ, ଆଖିରେ ଲାସ୍ୟ ଥାଏ । ସେମାନଙ୍କୁ ଦେଖି ମୋ' ଭିତରେ ଏକ ଉଲ୍ଲାସ ସଞ୍ଚରିଗଲା ।

ବେଶି ସମୟ ଅପେକ୍ଷା କରିବାକୁ ହେଲାନାହିଁ । ସେଥର ''ସ୍ୱାଗତ-ସମ୍ବର୍ଦ୍ଧନା ଉତ୍ସବ''ର ମୁଖ୍ୟଅତିଥି ଓଡ଼ିଆ-ବଙ୍ଗଳାର ସର୍ବମାନ୍ୟ ସାହିତ୍ୟିକ ଶ୍ରୀଯୁକ୍ତ ଅନ୍ନଦା ଶଙ୍କର

Digitized by srujanika@gmail.com

ରାୟ ବିଦ୍ୟାଭବନ ଛାତ୍ର ପରିଷଦର ଉପଦେଷ୍ଟା-ଅଧ୍ୟାପକଙ୍କ ନିମନ୍ତ୍ରଣ କ୍ରମେ ମଞ୍ଚ ଉପରକୁ ଉଠିଲେ । ସାଧୁ, ସାଧୁ ଧ୍ୱନିରେ ସଭାକକ୍ଷ ଉଚ୍ଛୁଳି ପଡ଼ିଲା । କରତାଳି ପରିବର୍ତ୍ତେ 'ସାଧୁ ସାଧୁ' ଶବ୍ଦ ମୋତେ ଯେତିକି ଆଚମ୍ବିତ କଲା, ସେତିକି ବିଭୋର କଲା ମଧ୍ୟ । ଭାରି ଭଲ ଲାଗିଲା, ଭଲ ଲାଗିଲା ବୋଲି ମୋ' ଭିତରେ ସଂସ୍କାର ହେଲା । ଭଲ ନ ଲାଗିଲା ଯାଏଁ ଜଣେ ବିଭୋର ହୁଏନି; ଯିଏ ବିଭୋର ହୁଏନି, ତା' ଭିତରେ ସଂସ୍କାର ହୁଏନି, କଦାପି ହୋଇପାରେନି ।

ସବୁଜ କବି ଅନ୍ନଦା ଶଙ୍କରଙ୍କ ବିଷୟରେ ଆଗରୁ ଯାହା କ୍ଳାସ ରୁମ୍‌ରେ ଶୁଣିଥିଲି । ସ୍କୁଲ୍‌ରେ ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତା– ''ବନ୍ୟା ବନ୍ୟା ଚତୁର୍ଦ୍ଦିଗେ ପ୍ରଳୟ ପ୍ଳାବନ/ ଲକ୍ଷେ ଆର୍ତ୍ତ କଣ୍ଠ ଡାକେ ରଖ ନାରାୟଣ'' ପଢ଼ାଇଲା ବେଳେ ସାହିତ୍ୟ ସାର୍ ଆମକୁ ସବୁଜ ଯୁଗ ଓ ଅନ୍ନଦା ଶଙ୍କର ରାୟଙ୍କ ବିଷୟରେ ସୂଚନା ମାତ୍ର ଦେଇଥିଲେ । ଓଡ଼ିଆ ଭାଷାରେ ସେ ଲେଖିଥିବା କବିତାଗୁଡ଼ିକର କୌଣସି ସଂକଳନ ସେ ପର୍ଯ୍ୟନ୍ତ ପ୍ରକାଶ ପାଇ ନ ଥିଲା । ଇଣ୍ଟରମିଡ଼ିଏଟ୍ ସ୍ତରରେ ତାଙ୍କର କୌଣସି ସୃଷ୍ଟି ଆମ ପାଠ୍ୟକ୍ରମର ଅନ୍ତର୍ଗତ ମଧ୍ୟ ନ ଥିଲା ସେତେବେଳେ । ତେଣୁ ତାଙ୍କର କାବ୍ୟାତ୍ମା ସହିତ ମୁଁ ପରିଚିତ ନ ଥିଲି । ପରେ ଜାଣିଲି ସେ କେତେ ମହାନ୍, କେତେ ଗଭୀର ଓ କିପରି ଦିଗ୍‌ଦର୍ଶୀ । ମୁଁ ତ ଚିହ୍ନି ନ ଥିଲି, ଯେହେତୁ ଆଗରୁ ଦେଖିବାର ସୁଯୋଗ ପାଇ ନ ଥିଲି କେବେ । ମୋ ନିକଟରେ ବସିଥିଲେ ଏମ୍.ଏ. ଶେଷ ବର୍ଷର ବରିଷ୍ଠ ଓଡ଼ିଆ ଛାତ୍ର ଭାବଗ୍ରାହୀ ମିଶ୍ର ଓ ଅନ୍ୟମାନେ । ସେମାନେ ସୂଚେଇଦେଲେ । ମୁଁ ଚାହିଁ ରହିଲି । କି ଅପୂର୍ବ ବ୍ୟକ୍ତି ! ଆଇ.ସି.ଏସ୍. ସଦୃଶ ସମ୍ଭ୍ରାନ୍ତ ଚାକିରି ଛାଡ଼ି ପାରିଛନ୍ତି ସାହିତ୍ୟ ପାଇଁ । ଓଡ଼ିଆ ଛାଡ଼ି ଆଦରି ନେଇଛନ୍ତି ବଙ୍ଗଳାକୁ । ବାଃ ..... । ସାହିତ୍ୟଟା ତେବେ ଏଇମିତି, ମଣିଷକୁ କୁଆଡ଼େ କୁଆଡ଼େ ନେଇଯାଏ; କେଉଁ କିଆରି ପାଇଁ ଉଦ୍ଦିଷ୍ଟ ପାଣି ସୁଅକୁ ଅନ୍ୟ କେଉଁ କିଆରିରେ ନେଇ ମଡ଼େଇଦିଏ । କେତେ ଆତ୍ମ-ବିଶ୍ୱାସ ସତେ ! ତାଙ୍କୁ ଦେଖି ମୋର ନେତ୍ରୋତ୍ସବ ହୋଇଗଲା । ନିଜକୁ ଧନ୍ୟ ମନେକଲି ।

ପରେ ପରେ ଆରମ୍ଭ ହୋଇଥିଲା ସ୍ୱାଗତ ସମ୍ବର୍ଦ୍ଧନା । ମୋ' ପକ୍ଷରେ ତାହା ଥିଲା ଏକ ଅଭିନବ ଅନୁଭୂତି । କାରଣ ପୂର୍ବରୁ ମୁଁ ଯେଉଁସବୁ କଲେଜରେ ପଢ଼ିଥିଲି କେଉଁଠି ହେଲେ ନବାଗତଙ୍କୁ 'ସ୍ୱାଗତ' କରିବାର ବିଧି ପ୍ରଚଳିତ ନ ଥିଲା । ଯେଉଁମାନେ ନୂଆକରି ବି.ଏ. ଅଥବା ଏମ୍.ଏ. କ୍ଲାସରେ ନାଁ ଲେଖେଇଥିଲେ ସମସ୍ତଙ୍କୁ ଜଣ ଜଣ କରି ପାଛୋଟି ନେଉଥିଲେ । ଧାଡ଼ି ବାନ୍ଧି ଠିଆ ହୋଇଥିବା ଛାତ୍ରୀଙ୍କ ମଧ୍ୟରୁ ଜଣେ ପ୍ରଥମେ କପାଳରେ ଚନ୍ଦନ ଲଗାଇ ଦେଉଥିଲେ, ଅନ୍ୟ ଜଣେ ବଢ଼ାଇ ଦେଉଥିଲେ ଗୋଟିଏ ପୁଷ୍ପଗୁଚ୍ଛ । ଆଉ ଜଣେ କାର୍ଡ଼ ଖଣ୍ଡିଏ 'ଉପହାର' ଦେଉଥିଲେ ପ୍ରତ୍ୟେକ ନବାଗତଙ୍କୁ । କାର୍ଡ଼ ଖଣ୍ଡକ ଥିଲା ଛଅ ଇଞ୍ଚ ଲମ୍ବ, ତିନି ଇଞ୍ଚ ଚଉଡ଼ା, ପୋଷ୍ଟକାର୍ଡ଼ର

Digitized by srujanika@gmail.com

ଆକାରଠାରୁ ଟିକିଏ ବଡ଼ । କିନ୍ତୁ ତା'ର ମହତ୍ତ୍ୱ ଥିଲା ବହୁତ ବେଶୀ । ପ୍ରତ୍ୟେକ କାର୍ଡ଼ରେ ଛବିଟିଏ ଅଙ୍କା ଯାଇଥିଲା ଓ ଦି'ପଦ ଲେଖା ଯାଇଥିଲା । ଲେଖାଟି ଥିଲା ଶୁଭେଚ୍ଛାମୂଳକ । କୌଣସି କୌଣସି କାର୍ଡ଼ରେ ରବୀନ୍ଦ୍ର କବିତାରୁ ପଦେ ମଧ୍ୟ ଲିଖିତ ଥିଲା ଅତ୍ୟନ୍ତ ଯତ୍ନରେ । କାର୍ଡ଼ଗୁଡ଼ିକୁ ବରିଷ୍ଠ ଛାତ୍ରମାନେ ବହୁ ପରିଶ୍ରମ କରି ସ୍ୱହସ୍ତରେ ପ୍ରସ୍ତୁତ କରିଥିଲେ ନିଜର କଳା-ଜ୍ଞାନ ଲଗାଇ । ଏଇଭଳି ପ୍ରୀତିପୂର୍ଣ୍ଣ ଥିଲା ସେଦିନର ସ୍ୱାଗତ ସମ୍ବର୍ଦ୍ଧନା । ବାତାବରଣ ଥିଲା ଅତ୍ୟନ୍ତ ମନୋଜ୍ଞ, ସହଜ ଓ ଅର୍ଥପୂର୍ଣ୍ଣ । ବକ୍ତୃତା ଛଳରେ ବରିଷ୍ଠ ଛାତ୍ରମାନେ କହିଲେ ଯେ ସେମାନେ ଆମକୁ ସାନ ଭାଇ-ଭଉଣୀ ରୂପରେ ଦେଖିବେ ଓ ଆମେ ତାଙ୍କୁ ଯଥାଯୁକ୍ତ ସମ୍ମାନ ଦେବୁ । ସମସ୍ତେ ଏକ ମନ ଓ ଏକ ପ୍ରାଣ ହୋଇ ଚଳିବୁ । ସେମାନେ ଆମକୁ ସ୍ନେହ ଦେବେ, ପରାମର୍ଶ ଦେବେ, ମାର୍ଗ ଦର୍ଶନ କରାଇବେ—ଏହାହିଁ ଥିଲା ସ୍ୱାଗତୋକ୍ତିର ବକ୍ତବ୍ୟ ।

ତା'ପୂର୍ବରୁ ମୁଁ ଶାନ୍ତିନିକେତନର କୁଟୀର, ଆଶ୍ରମ, ବଗିଚା ଓ ସୌଧମାନ ଦେଖିସାରିଥିଲି । କିନ୍ତୁ ସେଦିନ ସନ୍ଧ୍ୟାରେ ଶାନ୍ତିନିକେତନର ଆତ୍ମା ସହିତ ମୋର ପରିଚୟ ହେଲା । ସ୍ୱାଗତ-ସମ୍ବର୍ଦ୍ଧନା ସଭାରେ ଯେଉଁ ଛଳନାହୀନ ବାତାବରଣ ଥିଲା ତା' ମୋର ରୁଦ୍ଧ ଅନ୍ତରର ସବୁ ଝରକା ଖୋଲିଦେଲା । ମୁଁ ବିସ୍ତାରିତ ହୋଇଗଲି ।

ଭାଷଣ ଶେଷ ହୋଇଗଲା ଚାହୁଁ ଚାହୁଁ । ସଭାପତି ଓ ମୁଖ୍ୟଅତିଥି ମଧ୍ୟ ସଂକ୍ଷେପରେ ଆମ ପ୍ରତି ଶୁଭେଚ୍ଛା ଜ୍ଞାପନ କଲେ । ବଙ୍ଗଳା ବୁଝିବାରେ ମୋ'ର ବିଶେଷ ଅସୁବିଧା ହେଉନଥାଏ, ଯଦିଓ କହିବାକୁ ଡର ଲାଗୁଥାଏ । ତଥାପି ଇଂରେଜୀରେ ଦୁଇ-ତିନୋଟି ବାକ୍ୟକହି ମୁଁ (ନବାଗତଙ୍କ ତରଫରୁ) ମୋ' ଦାୟିତ୍ୱ ତୁଲାଇଥିଲି ।

ତା'ପରେ ଆରମ୍ଭ ହେଲା— ମନୋରଞ୍ଜନ କାର୍ଯ୍ୟକ୍ରମ । ପ୍ରଥମେ ସିନିୟର ବିଦ୍ୟାର୍ଥୀଙ୍କ ମଧ୍ୟରୁ ଜଣେ ତାନ୍‌ପୁରା ଧରି ରବୀନ୍ଦ୍ର ସଙ୍ଗୀତ ଗାଇଲେ । ପରେ ଜଣେ ଆବୃତ୍ତି କଲେ ରବୀନ୍ଦ୍ର-କବିତା । ଗୋଟିଏ ଗୀତ ପରେ ଗୋଟିଏ ଲେଖାଁ କବିତାବୃତ୍ତି କିଛି ସମୟ ଧରି ଚାଲିଲା । ତା'ପରେ ଆମନ୍ତ୍ରଣ କରାଗଲା ନବାଗତଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ । ଏମ୍.ଏ. ଶ୍ରେଣୀର ଛାତ୍ରୀଙ୍କ ମଧ୍ୟରୁ ଜଣେ ମଞ୍ଚକୁ ଉଠିଲେ ଓ ଗୀତଟିଏ ପରିବେଷଣ କରି ଆମମାନଙ୍କ ଇଜ୍ଜତ ରଖିଲେ । ବି.ଏ. ଶ୍ରେଣୀରୁ ମୋର ଜଣେ ସହପାଠିନୀ ଗୋଟିଏ କବିତା ଆବୃତ୍ତି କରି ସମସ୍ତଙ୍କୁ ଆପ୍ୟାୟିତ କରିବା ପରେ ସହସା ସଭା ପରିଚାଳକଙ୍କ ନଜର ପଡ଼ିଲା ଓଡ଼ିଆ ଛାତ୍ର-ଛାତ୍ରୀଙ୍କ ଉପରେ । ଏମ୍.ଏ. ଶ୍ରେଣୀର ଓଡ଼ିଆ ଛାତ୍ରଛାତ୍ରୀ ପ୍ରାୟ ଏକାଠି ହିଁ ବସିଥିଲେ । କିନ୍ତୁ କେହି ଭାଗ ନେବାକୁ ସମ୍ମତ ହେଲେନାହିଁ । ଅବଶେଷରେ ଆମ ବିଭାଗର ବରିଷ୍ଠ ଛାତ୍ରଛାତ୍ରୀଙ୍କ ପ୍ରେରଣାରେ ମୁଁ ମଞ୍ଚକୁ ଯାଇ ମୋର ପରିଚୟ ଦେଲି ଏବଂ ଘୋଷଣା କଲି ଯେ ମୁଁ ଗୀତ ଗାଇ

Digitized by srujanika@gmail.com

ନାଟକର 'ଗୋଟିଏ ଅଙ୍କ'ର ମଞ୍ଚାୟନରେ ଭାଗ ନେବା'ର ସୁଯୋଗ ମିଳିଥିଲା । ଆମର ମାନନୀୟ ଅଧ୍ୟାପକ ରାଧାମୋହନ ମହାପାତ୍ର (ସଂସ୍କୃତ) ଓ ଚଉଧୁରୀ ଜାନକୀନାଥ ନନ୍ଦ (ଇଂରାଜୀ) ଏକାଙ୍କିକା ଲେଖି ଆମକୁ ଅଭିନୟ ପାଇଁ ପରାମର୍ଶ ଦେଉଥିଲେ । ଥରେ ଏକାଙ୍କିକା ଅଭାବ ହେବାରୁ ରାଧାମୋହନ ସାର୍‌ଙ୍କ ପରାମର୍ଶରେ ସେତେବେଳର ଅତ୍ୟନ୍ତ ଲୋକପ୍ରିୟ ନାଟକ 'ଚକ୍ରୀ'ର ଗୋଟିଏ ଅଙ୍କ ଆମେ ମଞ୍ଚସ୍ଥ କରିବାକୁ ଠିକ୍ କରିଥିଲୁ କଲେଜ ମଞ୍ଚରେ । ସେଇ ଅଂଶଟିରେ ମୋତେ ଶ୍ରୀକୃଷ୍ଣ ଭୂମିକାଟି ଦିଆଯାଇଥିଲା । ମୁଁ ପ୍ରାଣପଣେ ସଂଳାପଗୁଡ଼ିକୁ ମୁଖସ୍ଥ କରିଥିଲି । ସେ ସବୁ ଅମିତ୍ରାକ୍ଷର ଛନ୍ଦରେ ଲିଖିତ ହୋଇଥିଲା । ଭଲ ମଧ ଲାଗୁଥିଲା; କିନ୍ତୁ କିଛିଦିନ ରିହର୍ସାଲ୍ ଚାଲିବା ପରେ 'ଚକ୍ରୀ' କାନ୍‌ସେଲ ହୋଇଗଲା, କାରଣ ଦ୍ରୌପଦୀ ଭୂମିକା ପାଇଁ କୌଣସି ଝିଅ ରାଜି ହେଲେନି । ଅବଶ୍ୟ, ରାଧାମୋହନ ସାର୍ ପୁଣି ନିଜେ ଗୋଟିଏ ଏକାଙ୍କିକା ଲେଖିଲେ, ଯେଉଁଥିରେ ମୋ ପାଇଁ ମୂଳତଃ କୌଣସି ଭୂମିକା ନ ଥିଲା । ବାଧ ହେଲେ ସେ ଗୋଟେ ନୂଆ ଚରିତ୍ର (ମୂକ) ଖଞ୍ଜିବାକୁ, ଯାହାପାଇଁ କୌଣସି 'ସଂଳାପ' ରଚନାର ଆବଶ୍ୟକତା ନ ଥିଲା । ତେବେ ସେଇ 'ଘୁଙ୍ଗା' ଚରିତ୍ରରେ ଅଭିନୟଟି ମୋତେ ପରବର୍ତ୍ତୀ କାଳରେ ଭାରି ସାହାଯ୍ୟ କରିଥିଲା । ମୁଁ କେତୋଟି ନିର୍ଭାଷ ଅଭିନୟ ଅଭ୍ୟାସ କରି ଦର୍ଶକଙ୍କ ମନୋରଞ୍ଜନ କରିପାରିଥିଲି । 'ଚକ୍ରୀ' ର ମଞ୍ଚାୟନ ସିନା ବାତିଲ ହୋଇଥିଲା, କିନ୍ତୁ କୃଷ୍ଣ ଭୂମିକାଟି ମୋ ଭିତରେ ଏକ ମହା-ଅବଶୋଷ ପରି ଛାଟିପିଟି ହେଉଥିଲା । ଠିକ୍ କଲି କବିତା ଆବୃତ୍ତି ନକରି ଗୋଟାଏ ଡାଇଲଗ୍ (ସଂଳାପ) ଶ୍ରୋତୃବର୍ଗଙ୍କ ଆଗରେ ପେଶ୍ କରିବି । ମୋ ଇଚ୍ଛା ଜଣାଇବା ମାତ୍ରେ ଦର୍ଶକ ମହଲରୁ ସମ୍ମତି ମିଳିଗଲା । ସଂଳାପଟି ଥିଲା– ଶ୍ରୀକୃଷ୍ଣ ଓ ପାର୍ଥ (ଅର୍ଜୁନ)ଙ୍କ ମଧ୍ୟରେ କଥୋପକଥନ, ଯେଉଁ ସମୟରେ ସେ ପାର୍ଥଙ୍କୁ ଯୁଦ୍ଧର ସପକ୍ଷରେ ବୁଝାଉଛନ୍ତି, ଯଥା– "କା ତବ କାନ୍ତା କସ୍ତେ ପୁତ୍ର/ ସଂସାରୋୟମତୀବ ବିଚିତ୍ର/ ଶୁଣ ପାର୍ଥ .....!" କିନ୍ତୁ କାଳୀଚରଣଙ୍କ 'ଚକ୍ରୀ'ରୁ ସଂଳାପ ଆବୃତ୍ତି କରି (ମଧୁରାଓଙ୍କ ପରିବର୍ତ୍ତେ) ମୁଁ ଯେ ମହରଗରୁ ଆସି କାନ୍ତାରରେ ପଡ଼ିବାକୁ ଯାଉଛି– ଏକଥା ସେତେବେଳେ ମୁଁ ଜାଣିପାରି ନ ଥିଲି ।

ଯା' ହେଉ, ସଂଳାପଟି ବିନା ଥତମତରେ ସମାପିତ ହୋଇଗଲା । 'ସାଧୁ' ଧ୍ୱନି ନ ସରୁଣୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଇ ତଳକୁ ଓହ୍ଲେଇ ଆସିଲି । ତା'ର ଅଳ୍ପ ସମୟ ପରେ ସମ୍ବର୍ଦ୍ଧନା ସଭା ଶେଷ ହେଲା । ଆମେ ସମସ୍ତେ ସିଂହ ସଦନର ବାହାରକୁ ଆସିଲୁ । ସେତେବେଳକୁ ରାତି ଆଠଟା ହେଲାଣି ।

ଅଳ୍ପ ସମୟ ଭିତରେ ବିଦ୍ୟାଭବନର ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ଗହଣରେ ମୋର ପରିଚୟ ବିଛାଡ଼ି ହୋଇଗଲା । ତାଙ୍କ ଭାଷାରେ ସେମାନେ 'ବଧେଇ'

Digitized by srujanika@gmail.com

ଜଣେଇଲେ– ଆମେ ଆଉଥରେ 'କୋଣାର୍କ' ଶୁଣିବାକୁ ଚାହୁଁ (ଆମ୍ରା ଆରୋ ଏକ୍‌ବାର ଶୁନ୍‌ତେ ଇଚ୍ଛା କରି)। ଗୋଟାଏ କବିତା ଆବୃତ୍ତି ଯେ ଏତେ 'ଗୁରୁତ୍ୱପୂର୍ଣ୍ଣ' ତା' ମୁଁ ପ୍ରଥମେ ଅନୁଭବ କଲି ସେଇଦିନ। ତା'ପରଠାରୁ କବିତାବୃତ୍ତିରେ ମୁଁ ମୋର ଦକ୍ଷତା ବଢ଼ାଇବାକୁ ଚେଷ୍ଟା ଜାରି ରଖିଲି।

ଭଲ କବିତାଟିଏ ଭଲ ଭାବରେ ଆବୃତ୍ତି କଲେ ଆଜି ବି ମୋତେ ଖୁସି ଲାଗେ। କବିତାଟି ଯେଉଁ ରୀତିରେ ଲେଖା ତାକୁ ସେଇ ରୀତିରେ ପାଠ କରିବା ଦରକାର ଏବଂ ଆବୃତ୍ତିଟି କବିତାର ମର୍ମାନୁସାରେ ହେବା ଉଚିତ୍ ବୋଲି ମୋର ହୃଦ୍‌ବୋଧ ହୋଇଛି। କେଉଁ କବିତାର ବହି ରଙ୍ଗରେ ବିଦ୍ରୁପ ଥାଇ ଭିତରେ କାରୁଣ୍ୟ ଅଛି, ତା' ଆବୃତ୍ତିକାର ଠଉର କରିବା ଆବଶ୍ୟକ। ନହେଲେ 'କାରୁଣ୍ୟ' ପ୍ରତି ଅବମାନନା ହେବ। ପ୍ରେମର କୋମଳ ଶବ୍ଦରାଶିକୁ ଯୋଦ୍ଧାର ଉଦ୍ଦାମ ପଦପାତ ପରି ଉଚ୍ଚାରଣ କଲେ ଉଦ୍ଦିଷ୍ଟ ଭାବଟି ପ୍ରତ୍ୟାଖ୍ୟାତ ହେଲା ବୋଲି ମନେ କରିବାକୁ ହେବନି କି ? କବିତାବୃତ୍ତି ଏକ ମନସ୍କ ପାଠକର କାମ, ସିଏ କବିର ଅନ୍ତଃକରଣର ଭାବ ଲହରୀଗୁଡ଼ିକୁ କିଛି ପରିମାଣରେ ଅନୁଭବ କରୁଥିବ, ଶବ୍ଦର କାରୁକମ ବୁଝୁଥିବ ଏବଂ ଗଭୀର ଆତ୍ମବିଶ୍ୱାସର ସହିତ ଉଚ୍ଚାରଣ କରୁଥିବ। ଅବଶ୍ୟ ଆବୃତ୍ତିରେ ସଫଳତା ପାଇଁ ଆବୃତ୍ତିକାର ଯେତିକି ଦାୟୀ ମନସ୍କ ଓ ଆଗ୍ରହୀ ଶ୍ରୋତା ସମପରିମାଣରେ ଦାୟୀ।. ଶ୍ରୋତାଏ ଆଗ୍ରହୀ ନ ଥିଲେ କିଏ କାହିଁକି କେଉଁ ଗରଜରେ ସୁର୍ ବାନ୍ଧିବ ଯେ !

ଶାନ୍ତି ନିକେତନରେ ଆବୃତ୍ତିକୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା। ପ୍ରତ୍ୟେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ, ନାଟିକା ସହିତ କବିତାବୃତ୍ତି ସ୍ଥାନ ପାଉଥିଲା। କିଏ ଗାଇବେ ଯେମିତି ପୂର୍ବରୁ ସ୍ଥିର ହେଉଥିଲା, ସେଇମିତି ଧାର୍ଯ୍ୟ ହେଉଥିଲା କିଏ କେଉଁ କବିତାଟି ଆବୃତ୍ତି କରିବେ। ଯିଏ ପଢ଼ିବେ ସିଏ ଘରେ ପ୍ରସ୍ତୁତ ହେଉଥିଲେ। ତା' ଫଳରେ ପାଠଟି ଉପଭୋଗ୍ୟ ହେଉଥିଲା। ଶାନ୍ତିନିକେତନର ପ୍ରସିଦ୍ଧ ବସନ୍ତ ଉତ୍ସବ ଅବସରରେ ସୁସଜ୍ଜିତ ଆମ୍ରକୁଞ୍ଜରେ ଅବିର ଖେଳର ପୂର୍ବରାଗ ଭଳି ଯେଉଁ ନୃତ୍ୟ-ଗୀତର ଆସର ହୁଏ, ଯାହା ଦେଖିବା ପାଇଁ ସହସ୍ରାଧିକ ଜନସମାଗମ ହୁଏ ଓ ଦଳ ଦଳ ପର୍ଯ୍ୟଟକରେ ଶାନ୍ତିନିକେତନ ଭରିଯାଏ, ସେହି ଆସରରେ ପ୍ରତିଟି ଗୀତ ପରେ ଗୋଟିଏ କରି ରବୀନ୍ଦ୍ର କବିତାର ଆବୃତ୍ତି ହୁଏ, କେବଳ ମୂଳ ବଙ୍ଗଳା ଭାଷାରେ ନୁହଁ - ଇଂରେଜୀ ଅନୁବାଦ ଜରିଆରେ ମଧ। ଆମ ଓଡ଼ିଶାରେ ସେ ସଚେତନତା ନାହିଁ। କେଉଁ ବିଶ୍ୱବିଦ୍ୟାଳୟ ଏ ଦିଗରେ କୌଣସି ଗୁରୁତ୍ୱ ଦେଇନାହାନ୍ତି। ତେଣୁ ଆମ କଲେଜମାନଙ୍କରେ ଯେଉଁ ସବୁ କାର୍ଯ୍ୟକ୍ରମ ହୁଏ ତହିଁରୁ ଅଧିକାଂଶ ଝାବଡ଼ ଶ୍ରେଣୀର। କେବଳ ପୁରସ୍କାର ପାଇବା ଆଶାରେ କିଛି ବିଦ୍ୟାର୍ଥୀ କବିତାବୃତ୍ତି ପ୍ରତିଯୋଗୀତାରେ

Digitized by srujanika@gmail.com

ଯୋଗଦେବାକୁ ଆସନ୍ତି । କିନ୍ତୁ ଶ୍ରୋତା ସଂଖ୍ୟା ଆଶାତୀତ ଭାବେ କମ୍ । ଏଇ ଅବସ୍ଥା କିପରି ସୁଧୁରିବ ସେ ଘେନି କେଉଁଠି କାହାର ମୁଣ୍ଡବ୍ୟଥା ମଧ୍ୟ ନାହିଁ । କବିତାବୃତ୍ତିର ମୂଳଦୁଆ ପଡ଼ିବା କଥା ବିଦ୍ୟାଳୟରେ । କିନ୍ତୁ ସେଠି ଶିକ୍ଷା କର୍ତ୍ତୃପକ୍ଷ ପିଲାଙ୍କ ଉପରେ ପାଠ୍ୟକ୍ରମର ଭାର ବୋଝ ଉପରେ ନଳିତା ବିଡ଼ା ନ୍ୟାୟରେ ଲଦି ଚାଲିଛନ୍ତି, ତା'ର ବ୍ୟକ୍ତିତ୍ୱ ବିକାଶ ପାଇଁ ଯେଉଁ କଳାନୁରାଗ ଓ କାବ୍ୟାନୁରାଗ ଏକାନ୍ତ ଆବଶ୍ୟକ ସେ ବିଷୟ ଆଦୌ ବିଚାର କରୁନାହାନ୍ତି । ପାଠ୍ୟକ୍ରମରେ ଯେଉଁ ପଦ୍ୟମାନ ପଢ଼ିବାକୁ ଦିଆଯାଉଚି ତହିଁରୁ ପଚାଶ ଭାଗ ଅ-କବିତା ଶ୍ରେଣୀର । ନିମ୍ନ-ପ୍ରାଥମିକ ଓ ଉଚ୍ଚ-ପ୍ରାଥମିକ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପାଠ୍ୟ ପୁସ୍ତକରେ ଯେଉଁ ସବୁ ପଦ୍ୟ ରହିଛି, ତହିଁରୁ ଅଧିକାଂଶ ତ ପୁରୁଣା କବିଙ୍କର, ଯେତିକି ନୂଆ ସେଥିରୁ ୫୦ ଭାଗ ସେହି (ସରକାରଙ୍କ ତରଫରୁ ନିୟୋଜିତ) ପୁସ୍ତକ ରଚୟିତାଙ୍କର, ଯିଏକି ଓଡ଼ିଆ ଭାଷାର ଜଣେ ମାନ୍ୟଗଣ୍ୟ କବିତା ରଚୟିତା ନୁହନ୍ତି । ଜଣେ ଆବୃତ୍ତିକାର ଭାବେ ମୁଁ ଜାଣେ ଯେ ଅ-କବିତାଗୁଡ଼ିକରୁ ଆଦୌ ଆବୃତ୍ତି-ସୁଖ ମିଳେ ନାହିଁ । ଏ କ୍ଷେତ୍ରରେ ଶିକ୍ଷକମାନେ ମଧ ଅନଭିଜ୍ଞ । ତାଙ୍କୁ କବିତାବୃତ୍ତି ସଂପର୍କରେ କେହି କୌଣସି ସ୍ତରରେ ଯଥାଯୁକ୍ତ ତାଲିମ ଦେବା କଥା ଓଡ଼ିଶାରେ ଚିନ୍ତା କରିନାହାନ୍ତି । ତେଣୁ କବିତା-ପାଠଟି କ୍ଲାସରୁମ୍‌ରେ ପୂର୍ବପରି ଉପରଠାଉରିଆ ଢଙ୍ଗରେ ଚାଲିଚି ।

ଓଡ଼ିଶାରେ ସାନ ସାନ ସ୍କୁଲ ପିଲାଙ୍କ ଆବୃତ୍ତି କାର୍ଯ୍ୟକ୍ରମରେ ଯେଉଁଠି ଯେବେ ମୋତେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି, ମୁଁ ଯାଇଛି, କିନ୍ତୁ ମନ ଦୁଃଖରେ ଫେରିଚି । ସେଠି ଆବୃତ୍ତି କ୍ଷେତ୍ରରେ ପିଲାଙ୍କ ପାଠ୍ୟର ସତେବା 'ମୁଖସ୍ଥ' ନିଆଯାଏ । ମୁଖସ୍ଥଟା ଆଗ, ତେଣୁ କୋମଳମତି ବାଳକ ବାଳିକାମାନେ ଭାବ ଓ ଶବ୍ଦର କାରୁକାର୍ଯ୍ୟ ବିଷୟରେ ଅମନୋଯୋଗୀ ହୋଇପଡ଼ନ୍ତି । ବାସ୍ତବିକ କବିତାବୃତ୍ତି କ୍ଷେତ୍ରରେ ସୌକୁମାର୍ଯ୍ୟର ପରୀକ୍ଷା ନେବାକୁ ହେଲେ ପିଲାଙ୍କୁ ସ୍ୱାଧୀନତା ଦେବାକୁ ହେବ । ସେମାନେ ସାଙ୍ଗରେ ଲେଖା କାଗଜ ନେଇପାରିବେ ଏବଂ ରୁଚି ଅନୁସାରେ ଆବୃତ୍ତି କରିପାରିବେ । ଅର୍ଥାତ୍ କବିତା ବାଛିବାରେ ମଧ୍ୟ ତାଙ୍କର ସ୍ୱାଧୀନତା ରହିବ । ତା' ଦ୍ୱାରା ତାଙ୍କର ନିଜର ରୁଚି ସୃଷ୍ଟି ହେବ ଏବଂ କ୍ରମଶଃ ସେମାନେ ଭଲ କବିତା ଆଡ଼କୁ ମୁହାଁଇବେ । ଶିକ୍ଷା-କର୍ତ୍ତୃପକ୍ଷଙ୍କ ନିର୍ବାଚିତ କବିତା ବାହାରେ ଯେ ଅସଂଖ୍ୟ ମନୋଜ୍ଞ କବିତା ରହିଛି ପିଲାଟି ବେଳୁ ତାଙ୍କର ସେ ଜ୍ଞାନ ହେବା ଉଚିତ । ଶିକ୍ଷା କର୍ତ୍ତୃପକ୍ଷ ଏ ଦାୟିତ୍ୱ ଆମର ନୁହଁ କହି ଏଡାଇ ଦେଇପାରିବେ ନାହିଁ । କାରଣ ଯେଉଁ ରାଜ୍ୟର ଅଭିଭାବକମାନେ ସ୍ୱଭାବତଃ ଗତାନୁଗତିକ ଚିନ୍ତାଧାରା ଦ୍ୱାରା ରୁଗ୍ଣ, ଯେଉଁମାନଙ୍କର ନିଜ ଉପରେ ବିଶ୍ୱାସ ଆସିନାହିଁ, ଯେଉଁମାନେ ଜୀବନର ପ୍ରତ୍ୟେକ ଘଟଣାରେ ଅନାଦର୍ଶ, ଅନ୍ୟନ୍ତରିକତା ଓ ଭୀରୁତାର ପ୍ରମାଣ ଦେଇଆସିଛନ୍ତି- ସେମାନଙ୍କ ପୁଅ-ଝିଅଙ୍କ ରୁଚିକୁ ତାଙ୍କ ମର୍ଜି ଉପରେ ଛାଡ଼ି ଦେଇ

Digitized by srujanika@gmail.com

ଅଶ୍ୱସ୍ତ ରହିବା କଦାପି ବୌଦ୍ଧିକ କାର୍ଯ୍ୟ ହୋଇ ନପାରେ । ଯଥାର୍ଥ ଲୋକ-ସେବକ ଏହା ହୃଦୟଙ୍ଗମ କରିବା ଆବଶ୍ୟକ ।

ଶାନ୍ତିନିକେତନରେ ସାନପିଲାଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ କ୍ଷେତ୍ରରେ (ଶିଶୁଭବନ) କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ଏକାନ୍ତ ସଚେତନ । ପ୍ରତ୍ୟେକ ଶିଶୁ ପାଠ୍ୟ ବହି ବାହାରେ ଥିବା ଗୋଟେ ଦିଟା କ୍ଷୁଦ୍ର ଏକପଦୀ ନିଶ୍ଚୟ ଆପଣଙ୍କୁ ଶୁଣାଇ ପାରିବାକୁ ସକ୍ଷମ । ସେମାନଙ୍କ ପାଠ୍ୟକ୍ରମରେ କେବଳ କଳାଦୃଷ୍ଟିରୁ ସଫଳ ଓ ଭାବଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ କବିତା ସବୁସ୍ଥାନ ପାଏ । ଫଳରେ ବାଳକ-ବାଳିକାମାନେ ପ୍ରାଥମିକ ସ୍ତରରୁ ବଙ୍ଗଳାର ସର୍ବମାନ୍ୟ କବି ଓ କାବ୍ୟଧାରା ସଂପର୍କରେ ପରିଚିତ ହୋଇଯାଆନ୍ତି ।

ହୁଏତ ଏକଦା ଓଡ଼ିଆମାନେ କାବ୍ୟପ୍ରିୟ ଥିଲେ । କିନ୍ତୁ ଆଧୁନିକ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ପରିଷଦ ଉଚ୍ଚଶିକ୍ଷା ଓ ପ୍ରାଥମିକ ଶିକ୍ଷା ହାତକୁ ନେବା ପରେ 'କାବ୍ୟାମୋଦ'ର ସୁରକ୍ଷା ପାଇଁ ଯତ୍ନ କରାଯାଇନି । ଏକଦା କଲେଜର ପ୍ରଥମ ବାର୍ଷିକ ଶ୍ରେଣୀର ଛାତ୍ରଙ୍କୁ ଭାଗବତର ''କୃପାଳୁ ଶିଅଳର କଥା'' ପଢ଼ିବାକୁ ଦିଆଯାଇଥିଲା । ପରୀକ୍ଷାରେ ପ୍ରଶ୍ନ ପଡ଼ିଲେ ସେ ବିଷୟଟି କେହି ଆନ୍ତରିକତା ସହ ପଢୁ ନ ଥିଲେ ବୋଲି ଜଣାପଡୁଥିଲା । ମୁଁ ତ ଭାବୁଥିଲି ସେଦିନର ସେହି ସେହି ବ୍ୟକ୍ତି ବା ତାଙ୍କର ପ୍ରମୁଖ ଶିଷ୍ୟବର୍ଗ ଯଦି ଓଡ଼ିଆ ସାହିତ୍ୟ ପାଠ୍ୟକ୍ରମର ଆଜିଯାଏଁ ପ୍ରସ୍ତୁତକାରୀ ହୋଇ ରହିଥାନ୍ତେ ତେବେ ଦିନେ କବିତା ବଦଳରେ ଯୋଗ, ହଠଯୋଗ, ମାଳିକା ବା ଦର୍ଶନଶାସ୍ତ୍ର ସମ୍ବଳିତ ପଦ୍ୟମାନ ହିଁ ପାଠ୍ୟକ୍ରମରେ ସ୍ଥାନ ପାଇଥାନ୍ତା । ଯେଉଁ ବୟସର ଓ ଯେଉଁ ସ୍ତରରେ ବିଦ୍ୟାର୍ଥୀଙ୍କୁ 'ରସାତ୍ମକ ବାକ୍ୟ' ଦିଆଯିବା କଥା ସେଇ ବୟସରେ 'ତତ୍ତ୍ୱାତ୍ମକ ବାକ୍ୟ' ପଢ଼ିବାକୁ ବାଧ୍ୟ କଲେ ସାହିତ୍ୟ ପ୍ରତି ବିତୃଷ୍ଣା ହିଁ ଜନ୍ମିବ, ଯାହା ଆମର ହୋଇଛି । ସାମଗ୍ରିକ ଭାବେ କବିତା ପ୍ରତି ଅନାଦର ବଢ଼ିବାର ଏହା କ'ଣ କାରଣ ନୁହେଁ କି ? ମୁଁ ଭାବୁଚି ଶିକ୍ଷାବିତ୍ ଓ ସିଲାବସ୍ କର୍ତ୍ତାମାନେ ଏ ବିଷୟରେ ଗଭୀର ଭାବେ ଆଲୋଚନା କରିବେ, ନ ହେଲେ ଓଡ଼ିଆ ଜାତି ତା'ର 'ରସିକତା' ହରାଇ ବସିବ ।

Digitized by srujanika@gmail.com

।। ତିନି ।।

ସିଂହସଦନ ପରେ ଥିଲା ବିସ୍ତୃତ ଖୋଲା ଜାଗା, ପରେ ପରେ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ଗ୍ରନ୍ଥାଗାର, ଯାହା ଏବେ ସେଠାରୁ ନବନିର୍ମିତ ଅଟ୍ଟାଳିକାକୁ ସ୍ଥାନାନ୍ତରିତ ହୋଇଛି । ସେତେବେଳେ କିନ୍ତୁ ଗ୍ରନ୍ଥାଗାରଟି ଯଥାର୍ଥରେ ବିଶ୍ୱବିଦ୍ୟାଳୟର କେନ୍ଦ୍ରସ୍ଥଳରେ ଥିଲା । କଳାଭବନ, ସଙ୍ଗୀତ ଭବନ, ବିଦ୍ୟା ଭବନ, ଶିକ୍ଷା ଭବନର ହଷ୍ଟେଲ୍‌ଗୁଡ଼ିକ ଠାରୁ ପ୍ରାୟ ସମାନ ଦୂର ଥିଲା । ପାଠ ଭବନର ବାଳକ-ବାଳିକାଙ୍କଠାରୁ ଆରମ୍ଭ କରି ବିଦ୍ୟା ଭବନର ବରିଷ୍ଠ ପ୍ରଫେସରମାନେ ଅତି ସହଜରେ କେନ୍ଦ୍ରୀୟ ଗ୍ରନ୍ଥାଗାରକୁ ଯା'ଆସ କରିପାରୁଥିଲେ । ଗ୍ରନ୍ଥାଗାରର ନୋଟିସ୍ ବୋର୍ଡ଼ରେ ନୂଆ କରି ପଞ୍ଜିକୃତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପୁସ୍ତକଗୁଡ଼ିକର ମଳାଟ ସବୁକୁ ଚିଟେଇ ବିଜ୍ଞାପିତ କରାଯାଉଥିଲା, ବିଦ୍ୟାର୍ଥୀ ଓ ଅଧ୍ୟାପକଙ୍କ ଦୃଷ୍ଟିଗୋଚର ହେବା ନିମନ୍ତେ ।

ଆମେ ରହୁଥିବା (ତତ୍କାଳର) ହଷ୍ଟେଲ କଡ଼ରୁ ଆରମ୍ଭ ହୋଇଥିଲା ଶାଳ-ବୀଥି ଓ ଆମ୍ର-କୁଞ୍ଜ । ଶାଳ-ବିଥିର ସୀମାନ୍ତରୁ ଆରମ୍ଭ ହୋଇଥିଲା ଗ୍ରନ୍ଥାଗାର-ସୌଧ । ତଳେ ବନ୍ଧେଇ ପ୍ରକୋଷ୍ଠ ଓ ଗ୍ରନ୍ଥାଗାରିକଙ୍କ ଅଫିସ୍ କାର୍ଯ୍ୟ କରୁଥିଲା ପୁସ୍ତକଥାକ ସହିତ ବୁଝାମଣା କରି ଉପର ମହଲାରେ ଥିଲା ପତ୍ର-ପତ୍ରିକା ପାଠାଗାର ଓ ପୋଥି-ବିଭାଗ । ପତ୍ର-ପତ୍ରିକା ପ୍ରକୋଷ୍ଠଟି ଖରାବେଳେ ଅର୍ଥାତ୍ ମୁଖ୍ୟ ଗ୍ରନ୍ଥାଗାର ବନ୍ଦ ଥିବା ବେଳେ ଖୋଲା ରହୁଥିଲା । ଅଭ୍ୟସ୍ତ ହୋଇଯିବା ପରେ ମୁଁ ଅଧିକାଂଶ ଦ୍ୱି-ପ୍ରହର ସେଇଠି କଟାଉଥିଲି । ପୂର୍ବରୁ ନାଁ ଶୁଣି ନ ଥିବା ଖବରକାଗଜ ପତ୍ର-ପତ୍ରିକା ପାଠ କରିବାର ଅବକାଶ ସେଠାରେ ମୁଁ ପାଇଥିଲି । ଅବଶ୍ୟ ଅଧିକାଂଶ ବିଦେଶୀ ପତ୍ରିକା ଥିଲା ଇଂରାଜୀ ଭାଷାର, ଫରାସୀ କିମ୍ବା ଜର୍ମାନ କିମ୍ବା ରୁଷ୍ ଭାଷାର ପତ୍ରିକା ଥିଲା କ୍ୱଚିତ୍ ; ତେବେ ସେହି ପ୍ରକୋଷ୍ଠଟି ଥିଲା ଗୁରୁତ୍ୱପୂର୍ଣ୍ଣ । କାରଣ ତାହା ଆମ ପାଇଁ ଶିକ୍ଷା, ସାହିତ୍ୟ, ଦର୍ଶନାଦି ସମ୍ବନ୍ଧରେ ଏକ ଚଳନ୍ତି ଘଟଣାର ବିବରଣୀ କେନ୍ଦ୍ର (Information Centre) ପରି କାମ କରୁଥିଲା ।

ଆଜିକାଲି ପତ୍ର-ପତ୍ରିକା ସଂଖ୍ୟା ସବୁ ଭାଷାରେ ବହୁଗୁଣିତ ହୋଇଯାଇଛି ସେଦିନର ତୁଳନାରେ । ୧୯୫୦-୬୦ ଦଶକରେ ଯେତିକି ପତ୍ର-ପତ୍ରିକା ପ୍ରସାରିତ ହେଉଥିଲା ଗୁଣାତ୍ମକ ଦୃଷ୍ଟିରୁ ଅଧିକାଂଶ ଥିଲା ଉଚ୍ଚମାନର । ଅବଶ୍ୟ ଆଜିକାଲି ପତ୍ରିକାର ଗୁଣ-ହ୍ରାସ ଘଟିଚି ବୋଲି କହିବାଭଳି ଧୃଷ୍ଟତା ମୋର ନାହିଁ, କିନ୍ତୁ ଆଭିମୁଖ୍ୟର ପରିବର୍ତ୍ତନ ଯେ ଘଟିଛି ଏହା ସ୍ୱୀକାର କରିବାକୁ ହେବ । ମୁଁ ସେଠି ଓଡ଼ିଆ ପତ୍ରିକା ଖୋଜୁଥିଲି ।

Digitized by srujanika@gmail.com

ମୋର ସୌଭାଗ୍ୟକୁ 'ଝଙ୍କାର' ଓ 'ନବଜୀବନ' ସେଠାକୁ ନିୟମିତ ଆସୁଥିଲା । ଅବଶ୍ୟ ପରେ ତାହା ବନ୍ଦ ହୋଇଗଲା । କାରଣ ସ୍ୱରୂପ କୁହାଗଲା-ଏଜେଣ୍ଟମାନେ ଠିକ୍ ଭାବେ ଯୋଗାଉ ନାହାନ୍ତି । ମୁଁ ଯେଉଁ ସମୟର କଥା ଲେଖୁଚି ସେତେବେଳେ ଓଡ଼ିଆ ପତ୍ରିକା ଜଗତରେ ନାମଜାଦା ପତ୍ରିକା କହିଲେ – 'ଝଙ୍କାର' ଓ କଲିକତାରୁ ପ୍ରକାଶିତ 'ଆସନ୍ତାକାଲି'କୁ ବୁଝାଉଥିଲା । 'ଡଗର'ର ମଧ ସୁନାମ ଥିଲା, କିନ୍ତୁ ତାହା ସେତେବେଳକୁ କ୍ରମଶଃ ଅନିୟମିତ ହୋଇ ଆସିଲାଣି । ଏକାନ୍ତ ନିୟମିତ ହୋଇଥିଲେ ହେଁ 'ନବଜୀବନ' ରୁଚି ଦୃଷ୍ଟିରୁ ରକ୍ଷଣଶୀଳ ଓ ଅନାଧୁନିକ ଲାଗୁଥିବାରୁ ବୌଦ୍ଧିକ କ୍ଷେତ୍ରରେ ତା'ର ଆଦର ନ ଥିଲା । କିନ୍ତୁ 'ଆସନ୍ତାକାଲି' ଭଳି ତାର ପୃଷ୍ଠପୋଷକ ଥିଲେ ଅଗଣିତ ପାଠକ । ଏହା ସ୍ୱୀକାର କରିବାକୁ ହେବ ଯେ ଚିନ୍ତାମଣି ମିଶ୍ର (ସ୍ୱର୍ଗତଃ) ଥିଲେ ଜଣେ ଉତ୍ତମ ସମ୍ପାଦକ । ଲେଖା ସବୁକୁ ନିଜେ ଯାଞ୍ଚ କରୁଥିଲେ । ଲେଖାଟି ତାଙ୍କ ମନକୁ ନ ପାଇଲେ ଲେଖକଙ୍କୁ ଚିଠି ଲେଖି ଜଣାଇ ଦେଉଥିଲେ । ତରୁଣ ଲେଖକଙ୍କ ପ୍ରତି ମଧ ତାଙ୍କର ସଦିଚ୍ଛା ଥିଲା । ତାଙ୍କ ଦୃଷ୍ଟିରୁ ଯାହା ପ୍ରକାଶଯୋଗ୍ୟ ତରୁଣ-ପ୍ରବୀଣ ବିଚାର ନକରି ତା' ସେ ପତ୍ରିକାରେ ସ୍ଥାନ ଦେଉଥିଲେ । ନିଜେ ଜଣେ ପଣ୍ଡିତ ବ୍ୟକ୍ତି ଥିଲେ, ସଂସ୍କୃତ ସାହିତ୍ୟରେ ତାଙ୍କର ଗଭୀର ଅନୁପ୍ରବେଶ ଥିଲା । ଓଡ଼ିଆ ଭାଷା ପ୍ରତି ଅକୃତ୍ରିମ ଶ୍ରଦ୍ଧା ବଶତଃ ଏହି ଭାଷାର ପାଠକଙ୍କ ମଧରେ 'ରୁଚି' ସୃଷ୍ଟି କରିବା ପାଇଁ ଧର୍ମ ଓ ଅଧ୍ୟାତ୍ମ ସାଧନା ସଂପର୍କରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ସେ ଶ୍ରମ ବୁଦ୍ଧି ଓ ଅର୍ଥ ଖଟାଇ ବହୁ ବର୍ଷ ଧରି 'ନବଜୀବନ' ପ୍ରକାଶ କରି ଯାଇଛନ୍ତି । ସେଥିପାଇଁ ସେ ନମସ୍ୟ ଓ ସ୍ମରଣୀୟ । ଏବେ କଟକର ଚାନ୍ଦିନୀଚୌକରେ 'ନବଜୀବନ' ଛାପାଖାନାଟି ଅଛି, କିନ୍ତୁ ଦୀପ ଲିଭି ଯାଇଥିବାରୁ 'ନବଜୀବନ' ବାହାରୁନି ।

ଗ୍ରନ୍ଥାଗାରର ଚଳନ୍ତି ପତ୍ରିକାର ପାଠାଗାର ମୋର ମହୋପକାର କରିଛି । କାରଣ ପତ୍ରିକାଗୁଡ଼ିକ ହିଁ ବିଦ୍ୟାର୍ଥୀଙ୍କୁ ସମକାଳୀନ ବିଶ୍ୱକୁ ଦେଖିବାକୁ ଓ ବୁଝିବାକୁ ବାତାୟନ ଭଳି କାମ କରନ୍ତି । ପତ୍ର-ପତ୍ରିକା ସହିତ ସଂପର୍କ ଯାହାର ନାହିଁ ଚିନ୍ତାଧାରା ଓ ରୁଚି ଦୃଷ୍ଟିରୁ ସେ ବହୁତ ପଛରେ ରହିଯାଏ । କାରଣ, କ୍ଲାସରୁମ୍‌ରେ ଯେଉଁ ବହି ପଢ଼ାଯାଏ ତା' ଆଦୌ ସମକାଳକୁ ପ୍ରତିନିଧିତ୍ୱ କରେ ନାହିଁ । ଏଇଥିପାଇଁ ଅନେକ କ୍ଷେତ୍ରରେ ବୁଦ୍ଧିମାନ୍ ଛାତ୍ର ପାଇଁ ଶ୍ରେଣୀକକ୍ଷ ଉତ୍ସାହହୀନ ହୋଇଉଠେ । ପତ୍ର-ପତ୍ରିକାଙ୍କ ସହିତ ନିୟମିତ ସଂପର୍କ ଯୋଗୁଁ ମୁଁ ସମକାଳୀନ ପୃଥିବୀର ସ୍ୱର ଶୁଣିବାକୁ ସକ୍ଷମ ହେଲି, ଯାହା ମୋତେ ଚିରତୃଷିତ ଓ ପ୍ରୟୋଗବାଦୀ ହେବାରେ ସହାୟକ ହେଲା ।

ଏଠାରେ କହି ରଖିବା ଉଚିତ ଯେ ଶୃଙ୍ଖଳା, ଶୁଦ୍ଧତା, ଜ୍ଞାନାଦର୍ଶ, ସୌନ୍ଦର୍ଯ୍ୟ ଓ ଶ୍ରଦ୍ଧା ସତ୍ତ୍ୱେ ଶାନ୍ତିନିକେତନର ସୁବାସିତ ବାତାବରଣରେ କିଛିଟା ରକ୍ଷଣଶୀଳତା ଥିଲା, ଯାହାକୁ ଅନ୍ତଃକରଣରେ ମୁଁ ଗ୍ରହଣ କରିପାରି ନ ଥିଲି । ବରଂ, ନିରନ୍ତର ଅନୁଭବ

Digitized by srujanika@gmail.com

କରୁଥିଲି ଏକ ଗଭୀର ମନୋମାଳିନ୍ୟର ପୀଡ଼ା । ଆଜି ଭାବୁଚି, ସେମିତିକା ଅପଢ଼ ହୋଇ ନ ଥିଲେ ସମ୍ଭବତଃ କବିତା ଲେଖିବା ଛାଡ଼ି ମୁଁ ଅନ୍ୟ କ'ଣ କରିଥାନ୍ତି ।

ଗ୍ରନ୍ଥାଗାର ଥିଲା ପ୍ରକୃତରେ ବିଶାଳ ଏବଂ ଅପୂର୍ବ । ଭିତରକୁ ଯିବାରେ କଟକଣା ନାହିଁ, ଯେକେହି, ଏପରିକି ଶିଶୁଭବନର କୋମଳମତି ଶିଶୁମାନେ ମଧ୍ୟ ଯାଇପାରିବେ, ଥାକରୁ ବହି ଆଣି ପାରିବେ, ଯେଉଁଠି ନାହିଁ ସେଠି ବସି ପୃଷ୍ଠା ଓଲଟେଇ ଛବି ଦେଖିପାରିବେ ଏବଂ ସେଇ ଅବସ୍ଥାରେ ତଳେ ବା ଟେବୁଲ ଉପରେ ଥୋଇ ପଳେଇ ଯାଇପାରିବେ । ଲାଇବ୍ରେରୀ ଛାଡ଼ିଯିବା ବେଳେ କେହି ପଚାରିବେ ନାହିଁ-ବହି ଲୁଚେଇ ନେଇଚ କି ନାହିଁ ଜାଣିବାକୁ । ଅର୍ଥାତ୍ ଛାତ୍ର-ଛାତ୍ରୀଙ୍କୁ ସନ୍ଦେହ ନ କରିବାଟା ଥିଲା ବିଶ୍ୱଭାରତୀ ଗ୍ରନ୍ଥାଗାରର ଚରିତ୍ର । 'ଇସୁ' ସ୍ଥାନରେ ନ ଲେଖେଇ ଦସ୍ତଖତ ନକରି କେହି ଲାଇବ୍ରେରୀରୁ ବହି ଘରକୁ ନେଇଯିବେ ଏମିତି ଛାତ୍ର କି ଅଧ୍ୟାପକ ବିଶ୍ୱଭାରତୀରେ ନ ଥାନ୍ତି ବୋଲି ଗ୍ରନ୍ଥାଗାରର ଦୃଢ଼ ବିଶ୍ୱାସଥିଲା । ତେଣୁ ଲାଇବ୍ରେରୀର କର୍ମଚାରୀ-ମାନେ କେବେ କାହାକୁ ସନ୍ଦିହାନ୍ ଚକ୍ଷୁରେ ଦେଖୁ ନ ଥିଲେ । ବରଂ, ଲାଇବ୍ରେରୀକୁ ନୂଆ କରି ଆସିଥିବା ବହିଟି ବିଷୟରେ ହସି ହସି ସୂଚନା ଦେଉଥିଲେ– ''ଜାଣିଚ, ସେଦିନ ତୁମେ ଯେଉଁ ଫ୍ରେଜରଙ୍କ 'ଗୋଲଡେନ୍ ବାଓ' ଖୋଜୁଥିଲ ତାର ନୂତନ ସଂସ୍କରଣଟି ଆସିଚି ।'' ମୁଁ ଖୁସି ହୋଇ ପଚାରିଥିଲି– ''ମୁଁ ନେଇ ପାରିବି ।''

''ନା, ନମ୍ବର ହୋଇନି ବୋଧେ । ତୁମେ ସହକାରୀ ଲାଇବ୍ରେରୀଆନ୍‌ଙ୍କୁ ଦେଖାକର । ସମ୍ଭବତଃ ତାଙ୍କ ଟେବୁଲ ଉପରେ ଅଛି ।'' ''ଦାଦା, ଅନେକ ଧନ୍ୟବାଦ ।'' ଯାଉଚି ଅତିକମ୍‌ରେ ଥରେ ଆଖି ପୂରେଇ ଦେଖିପାରିବି ତ । ସମଗ୍ର ବିଶ୍ୱରେ ତାହାତ ଆଉ ଗୋଟିଏ କୋହିନୂର ହୀରା ।''

ସେତେବେଳେ ସହକାରୀ ଗ୍ରନ୍ଥାଗାରିକ ଥିଲେ ଶ୍ରୀଯୁକ୍ତ ବନ୍ଦ୍ୟୋପାଧ୍ୟାୟ, ଭାରି ଭଲ, ଯେମିତି ଜ୍ଞାନୀ, ସେମିତି କର୍ମ-ନିଷ୍ଠ ଓ ଉଦାର । ତାଙ୍କର ଅନ୍ୟ ପରିଚୟଟି ଆଉରି ସମ୍ମାନଜନକ । ସେ ନିଜେ ଜଣେ ଉଚ୍ଚମାନର ସଂଗୀତଜ୍ଞ ଥିଲେ । ପୁଣି ସେହି ଭାଗ୍ୟବାନ୍ ପୁରୁଷ ଜଣକ ଥିଲେ ରବୀନ୍ଦ୍ର ସଙ୍ଗୀତର ଅନ୍ୟତମ ଶ୍ରେଷ୍ଠ ଗାୟିକା, ଶ୍ରୀମତୀ କନିକା ବନ୍ଦୋପାଧ୍ୟାୟଙ୍କ ସ୍ୱାମୀ କନିକାଦି ଏବେ ସ୍ୱର୍ଗୀୟା, କିନ୍ତୁ ଦିନେ ସମଗ୍ର ବଙ୍ଗବାସୀ ତାଙ୍କର ଚରଣ ବନ୍ଦନା କରୁଥିଲେ । କିମାଶ୍ଚର୍ଯ୍ୟମ୍ ! କନିକା ବନ୍ଦୋପାଧ୍ୟାୟଙ୍କ ସଦୃଶ ଆଉ କେତେଜଣ ପ୍ରତିଭାଧର ସଙ୍ଗୀତ ଶିଳ୍ପୀ ବିଶ୍ୱଭାରତୀରେ କର୍ମରତ ଥିବାରୁ କଲିକତା ଆକାଶବାଣୀ ତରଫରୁ ଏକ ସ୍ୱତନ୍ତ୍ର ରେକର୍ଡ଼ିଂ ପ୍ରକୋଷ୍ଠ ଶାନ୍ତିନିକେତନରେ ସ୍ଥାପିତ ହୋଇଥିଲା । ଆଜି ଭଳି ସେତେବେଳେ ଅଡ଼ିଓ କ୍ୟାସେଟ୍‌ର ଯୁଗ ନ ଥିଲା; ଘରେ ଘରେ ଟେପ୍ ନ ଥିଲା । ସଙ୍ଗୀତ ପିପାସୁମାନେ ଭଲ ଗୀତଟିଏ ଶୁଣିବାକୁ ରେଡ଼ିଓକୁ କାନ ଡେରି ରହୁଥିଲେ । ଅଛ କେତେକ ଧନୀ ବ୍ୟକ୍ତିଙ୍କ ଘରେ କଳ-ଗାଉଣା

Digitized by srujanika@gmail.com

(ଗ୍ରାମୋଫୋନ୍) ଅଥବା ରେକର୍ଡ଼ ପ୍ଲେୟାର ଥିଲା । ତା' ପାଇଁ ଡିସ୍ ପ୍ରସ୍ତୁତ କରୁଥିଲେ ଏଚ.ଏମ୍.ଭି ଭଳି କେଇଟି ନାମୀ କମ୍ପାନୀ । କନିକାଦିଙ୍କ ବହୁ କଣ୍ଠ ସଂଗୀତ ଏଚ.ଏମ୍.ଭି କମ୍ପାନୀ ରେକର୍ଡ଼କରି ସଙ୍ଗୀତ ପ୍ରସାରରେ ସହଯୋଗ କରିଥିଲେ ।

ରେଡ଼ିଓରେ କିମ୍ବା କଳ ଗାଉଣାରେ ଶୁଣିବାଠାରୁ ସିଧାସଳଖ ଶିଳ୍ପୀଙ୍କୁ ଶୁଣିବାପାଇଁ ଗୋଟେ କ୍ରେଜ୍ ସେତେବେଳେ ଥିଲା । ବିଶ୍ୱଭାରତୀର ସଙ୍ଗୀତକଳା ପ୍ରତି ଶ୍ରଦ୍ଧା ଓ ସମ୍ମାନ ଥିବାରୁ ଶାନ୍ତିନିକେତନରେ ବିଭିନ୍ନ ସାଂସ୍କୃତିକ ତିଥିରେ ସଙ୍ଗୀତ ଆସର ଆୟୋଜିତ ହେଉଥିଲା । ପଶ୍ଚିମବଙ୍ଗର ତଥା ଭାରତବର୍ଷର ବହୁ ପ୍ରଥିତଯଶା ଶିଳ୍ପୀ ନିମନ୍ତ୍ରିତ ହୋଇ ଆସୁଥିଲେ ଏବଂ ମୁକ୍ତମଞ୍ଚରେ, ବିଶେଷତଃ ଚନ୍ଦ୍ର-ନିଶାରେ, ସଙ୍ଗୀତ ଆସର ବସୁଥିଲା । ସେଇଭଳି ଆସରମାନଙ୍କରେ ଭାରତବର୍ଷର ବହୁ ବିଶିଷ୍ଟ ଶିଳ୍ପୀଙ୍କୁ ଦେଖିବା ଓ ଶୁଣିବାର ସୁଯୋଗ ଲାଭ କରି ମୋର ଉଭୟ ଚକ୍ଷୁ ଓ କର୍ଣ୍ଣ ପବିତ୍ର ହୋଇଛି ।

ଆଜି ବି ମୋ କାନରେ ଅନୁରଣିତ ହେଉଛି ବଡ଼େ ଗୋଲାମ ଅଲିଙ୍କ ସୋହାଗଭରା କଣ୍ଠରୁ ଝରିପଡ଼ିଥିବା ବ୍ୟଥାର ରାଗ । ପୁଣି କେବେ ପଣ୍ଡିତ ରବି ଶଙ୍କରଙ୍କ ସିତାର ସହିତ ମହାପୁରୁଷ ମିଶ୍ରଙ୍କ ତବଲା, ଅଥବା ଆଲି ଆକବର ଖାଁଙ୍କ ସରୋଦବାଦନ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଐଶ୍ୱର୍ଯ୍ୟ ସହିତ ସେଇ ଯେ ମୋର ପରିଚୟ ହୋଇଥିଲା ସେଦିନ ଏବେ ବି ମନରୁ ଯାଇନି କି ପ୍ରାଣରୁ ଯାଇନି ସେ ରାଗ-ଲହର । ମଣିଷ ସମାଜର ତଥା ସସାଗରା ପୃଥିବୀକୁ ନିତ୍ୟଜୀବନ୍ତ କରୁଥିବା ମହାପ୍ରକୃତିର ସୌନ୍ଦର୍ଯ୍ୟ ଉପଲବ୍ଧି କରିବା ଦିଗରେ ସଙ୍ଗୀତ ହିଁ ସବୁଠୁ ବେଶୀ ପ୍ରେରଣା ଦିଏ ବୋଲି ମୋର ବିଶ୍ୱାସ ।

ରାଗ-ସଙ୍ଗୀତର ଏକ ପ୍ରଧାନ ପ୍ରଭାବ ହେଲା ଏହା ଚିତ୍ତର ଏକ ନିଭୃତ କୋଣରେ ଏକ ସ୍ଥାୟୀ ଭାବ ସୃଷ୍ଟି କରେ, ଯାହାର ବିଲୋପ ଘଟେ ନାହିଁ । ମୁଁ ଟିକିଏ କେବେ ଏକୁଟିଆ ହୋଇପଡ଼ିଲେ ସେଇ ତରଙ୍ଗ ରାଶି ଭିତରେ ବୁଡ଼ି ରହିବାକୁ ଭଲପାଏ । ବାସ୍ତବିକ ବେଳେ ବେଳେ ମୁଁ ଭାବେ ଯେଉଁମାନଙ୍କର ରାଗ ସଙ୍ଗୀତର ସେହି ପ୍ରଭାବଶାଳୀ ଐଶ୍ୱର୍ଯ୍ୟ ସଙ୍ଗେ କେବେ ବି ପରିଚୟ ହୋଇନାହିଁ ସେମାନେ କେଡ଼େ ଦରିଦ୍ର ! ଉଚ୍ଚ ଡିଗ୍ରୀର ସ୍ତୂପୀକୃତ ସାର୍ଟିଫିକେଟ ସହିତ ପଦବୀ ଦରମା-ଭତ୍ତାର ଯେତେ ସଂପଦ ଥିଲେ ବି ତାଙ୍କର ବଞ୍ଚିବା ଓ ଉପାର୍ଜନ ନିଶ୍ଚୟ ବ୍ୟର୍ଥ ହୋଇଛି ବୋଲି ବିଚାରିବାକୁ ହେବ ।

ବଙ୍ଗବାସୀଙ୍କ ସାଂସ୍କୃତିକ ଚରିତ୍ର ସମ୍ବନ୍ଧରେ ଯେତେ ଲେଖିଲେ ବି କମ୍ ହେବ । ଭଲକୁ ନିଶ୍ଚୟ କରି ସେମାନେ ଭଲ ବୋଲି କହନ୍ତି, ଆଦର ଓ ସମ୍ମାନ କରନ୍ତି । ସଙ୍ଗୀତ-ଶିଳ୍ପୀଙ୍କ ସାଧନା ସଂପର୍କରେ ବିଭିନ୍ନ କାଗଜରେ ଚର୍ଚ୍ଚା ଓ ବିବରଣୀ ନିୟମିତ ପ୍ରକାଶ ପାଏ । ଯେଉଁମାନେ ଲେଖନ୍ତି ସେମାନେ ସଙ୍ଗୀତ ବୁଝନ୍ତି । ସଙ୍ଗୀତ ବୁଝିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନ ଥିଲା ପଶ୍ଚିମବଙ୍ଗରେ । ଫଳରେ ଅବାଞ୍ଛିତ

Digitized by srujanika@gmail.com

ଅଣସାଧକମାନେ କଳା ରାଜ୍ୟରେ ପଶି ଜବର ଦଖଲ ନେବାର ଆଶଙ୍କା ନ ଥିଲା ସେତେବେଳେ ।

ଚିତ୍ରକଳା-ସାହିତ୍ୟ-ଅଭିନୟ ସଙ୍ଗୀତାଦି କ୍ଷେତ୍ରରେ ପ୍ରେରଣା ଭରି ରହିଥିଲା ପଶ୍ଚିମବଙ୍ଗରେ । ଅନେକ ସାଧକ ଥିଲେ ଯେଉଁମାନେ କଳାପାଇଁ ନିଜକୁ ସତକୁ ସତ ଉତ୍ସର୍ଗ କରିଥିଲେ । ମୋର ମନେ ଅଛି-ବିଶିଷ୍ଟ ରବୀନ୍ଦ୍ର ସଙ୍ଗୀତ ଶିଳ୍ପୀ ସୁଚିତ୍ରା ମିତ୍ରଙ୍କୁ କେଇଜଣ ବିଦ୍ୟାର୍ଥୀ ଘେରି ଯାଇଥିଲେ ଅଟୋଗ୍ରାଫ୍ ନେବାକୁ ୧୯୬୧ରେ, ଶାନ୍ତିନିକେତନରେ । ସେତେବେଳେ ସର୍ବଭାରତୀୟ ସଙ୍ଗୀତ ସମ୍ମେଳନରେ ଭାଗ ନେବାକୁ ସେ ଆସିଥାନ୍ତି । ରବିନ୍ଦ୍ର ଶତବାର୍ଷିକୀ ଅବସରରେ ଆୟୋଜିତ ହୋଇଥିଲା ସେପରି ଏକ ମହାନ୍ ସମ୍ମିଳନୀ । ଅଟୋଗ୍ରାଫ୍ ନେବା ଅବସରରେ ଭିଡ଼ ଭିତରେ କେହି ଜଣେ ଛାତ୍ର ପ୍ରଶ୍ନ କରିଥିଲେ ଶିଳ୍ପୀଙ୍କୁ- ''ଆପଣ ବିବାହ କରିନାହାନ୍ତି କାହିଁକି ?'' ସୁଶ୍ରୀ ମିତ୍ର ଉତ୍ତର ଦେଇଥିଲେ – ''କିଏ କହିଲା ମୁଁ ବାହା ହୋଇନି ? ମୁଁ ପରା ରବୀନ୍ଦ୍ର ସଙ୍ଗୀତକୁ ବାହା ହୋଇଚି ।'' ସେ ହସି ହସି କହିଥିଲେ । କିନ୍ତୁ ତାଙ୍କ କଥାର ଗଭୀରାର୍ଥ ସମସ୍ତଙ୍କୁ ନିମିଷକରେ ଚୁପ୍‌କରି ଦେଇଥିଲା ।

ବଙ୍ଗୀୟ ସାଂସ୍କୃତିକ ଐଶ୍ୱର୍ଯ୍ୟର ଅନେକ ଦୃଷ୍ଟାନ୍ତ ଶାନ୍ତିନିକେତନରେ ଥିଲା । ବିଶ୍ୱଭାରତୀ ଥିଲା ପ୍ରୋତ୍ସାହନର କ୍ଷେତ୍ର । କାହାର ପ୍ରତିଭାକୁ ବିଶ୍ୱଭାରତୀ ଅବଜ୍ଞା କରୁ ନ ଥିଲା, କରୁ ନ ଥିଲା କେଉଁ ସତ୍ କୀର୍ତ୍ତିର ଅବମାନନା । କଳାକ୍ଷେତ୍ର ପ୍ରତିଭାଧର ମାନଙ୍କର କ୍ଷେତ୍ର ହୋଇ ରହିଥିଲା, ଅମରୀ ଭଳି ଝାବଡ଼ ଲଟାମାନେ ମାଡ଼ିଯାଇ ସୁନ୍ଦରବାଡ଼ି ବଗିଚାକୁ ଶ୍ରୀହୀନ କଲାଭଳି ଅଯୋଗ୍ୟମାନେ କଳା-କ୍ଷେତ୍ରରେ ଆସନ ଜମାଇ ପାରୁ ନ ଥିଲେ ।

ବାସ୍ତବିକ ଶାନ୍ତିନିକେତନରେ ଯେଉଁ ଅଧ୍ୟାପକ ଗବେଷକ ଓ କର୍ମଚାରୀଙ୍କୁ ମୁଁ ଭେଟିଥିଲି ଶିକ୍ଷା ଅଥବା କଳା କ୍ଷେତ୍ରରେ ସମସ୍ତଙ୍କର କିଛି ନା କିଛି ଯୋଗଦାନ ଥିଲା, ଅନ୍ତର୍ଭୁକ୍ତି ଥିଲା ଏବଂ ସେଇ ଯୋଗଦାନ ପାଇଁ ପ୍ରତ୍ୟେକେ ଗର୍ବ ଅନୁଭବ କରୁଥିଲେ ।

ଆମ ଓଡ଼ିଶାର କୌଣସି ଏକ ଗଡ଼ଜାତର ସାଂସ୍କୃତିକ ଅନୁର୍ବରତାକୁ ପରିହାସ କରି ଏକଦା ଯଦୁମଣି କହିଥିଲେ –

''ଏମନ୍ତ ଭୂଇଁ
ଚାକୁଣ୍ଡା ବୁଣିଲେ ଉଠଇ ନାହିଁ ।''

ପ୍ରକୃତରେ ପ୍ରତିଭାର 'ଶ୍ମଶାନ କ୍ଷେତ୍ର ଭଳି ନୁହେଁ କି ଆମର ପ୍ରିୟ ଓଡ଼ିଶା ଭୂମି ? ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ହୋଇ ନ ଥିଲେ ଆମ ରାଜ୍ୟରେ ପ୍ରତିଭା ସ୍ୱୀକୃତି ପାଏ ନାହିଁ । କାରଣ ଅମଲାତନ୍ତ୍ର ସଂସ୍କୃତି କ'ଣ, କଳା କ'ଣ ବୁଝେନି । ଆଉ ରାଜନେତାମାନେ ସବୁକିଛି ଆବୋରି ବସନ୍ତି, କଳା ସାହିତ୍ୟ-ସଂସ୍କୃତିକୁ ପାଦ-ପୀଠ

Digitized by srujanika@gmail.com

କରି ରାଜନୀତି କରନ୍ତି । ଫଳରେ ବହୁ ଅବାଞ୍ଛିତ ବ୍ୟକ୍ତି ଠେଲି ହୋଇ ଆସନ୍ତି, ସ୍ୱାଭିମାନବଶତଃ ପ୍ରତିଭାଟି ଅନ୍ତରାଳକୁ ଚାଲିଯାଏ ।

ଏସବୁ କେବଳ ବର୍ତ୍ତମାନ କାଳରେ ଘଟୁନି, ଏହା ପୂର୍ବେ ମଧ୍ୟ ଘଟୁଥିଲା । କୁହାଯାଇପାରେ ଏହା ଆମ ଭୂଇଁର ଦୋଷ ବା ରକ୍ତର ଦୋଷ, ସର୍ବକାଳର । ମନେ ପକାନ୍ତୁ, ଅତୀତରେ ଓଡ଼ିଶାର ତଥା ପୂର୍ବ-ଭାରତର ଋଷିପ୍ରତିମ କବି ଜଗନ୍ନାଥ ଦାସଙ୍କ କଥା । ତାଙ୍କ ଦାନର କ'ଣ ତୁଳନା ଅଛି କି ? ଅଥଚ ତତ୍‌କାଳର ଓଡ଼ିଆ ସମ୍ରାଟ ପ୍ରତାପରୁଦ୍ର ଦେବ ତାଙ୍କୁ ସାକ୍ଷାତ୍‌କାରଟିଏ ବି ଦେଇ ନ ଥିଲେ ପ୍ରଥମେ, ରାଜକୀୟ ସାହାଯ୍ୟ-ସହଯୋଗ କଥା ଦୂରେ ଥାଉ । ବଙ୍ଗଦେଶାଗତ ଶ୍ରୀ ଚୈତନ୍ୟ ତାଙ୍କୁ ସ୍ୱୀକୃତି ଦେବା ପରେ ଯାଇଁ ରାଜାଙ୍କ ସହିତ ଋଷି-କବିଙ୍କ ଭେଟ ହୋଇଥିଲା । ତୁଳନାରେ ଦାନ ମଧ୍ୟ ସେପରି କିଛି ଉଲ୍ଲେଖଯୋଗ୍ୟ ନ ଥିଲା ଦାସେଙ୍କ ପ୍ରତି । କାରଣ ଏମାରମଠ, ଗୋବର୍ଦ୍ଧନ ମଠ ଆଦି ପୁରୀର ବଡ଼ ବଡ଼ ମଠ ତୁଳନାରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ମଠର ଭୂ-ସଂପଦ ବହୁତ କମ୍ । ଅଥଚ ପ୍ରତାପେ କୁଆଡ଼େ ହଜିଗଲେଣି, ଦାସେ ଅଛନ୍ତି, ଭାଗବତ ଅଛି । ଓଡ଼ିଆ ଭାଷାର ସୌଷ୍ଠବ ରକ୍ଷା ପାଇଁ ତାଙ୍କର ଅଧ୍ୟବସାୟ ଓ ପୁରୋଦୃଷ୍ଟି ଆମ ସାହିତ୍ୟକୁ ଏକ ବଳିଷ୍ଠ ଭିତ୍ତି ଯୋଗାଇ ଦେଇନିକି ? ସାରଳା-ବଳରାମ, ଏପରିକି ଉପେନ୍ଦ୍ରଙ୍କ ଭାଷା ଜନମୁଖରୁ ଚାଲିଯାଇଛି, ଜଗନ୍ନାଥଙ୍କ ଭାଷା ଅଛି ଜୀବନ୍ତ । ହଁ, ବିଚାର କରି ଦେଖିଲେ ଜଗନ୍ନାଥଙ୍କ ଭାଷାଠାରୁ ଆଧୁନିକ ଭାଷା ବହୁତ ବେଶୀ ଦୂରକୁ ଆସିନାହିଁ, ଆସିପାରି ନାହିଁ । ତେବେ ଓଡ଼ିଆ ଜାତି ତାଙ୍କୁ ପ୍ରାଣରେ ରଖିଛି, ପଲ୍ଲୀରେ ଓ ପରମ୍ପରାରେ, ରାଜକୀୟ ବା ସରକାରୀ ଅନୁଯୋଗ କି ଅନୁଦାନରେ ନୁହେଁ ।

ଆଉ ଅନ୍ୟ ଜଣେ ଅଭିଶପ୍ତ ପୁରୁଷ କାଳଜୟୀ କବି ଦିନକୃଷ୍ଣଙ୍କ କଥା ତ ଆପଣ ଜାଣନ୍ତି । ସ୍ୱାଭିମାନ ବଜାୟ ରଖି ଯିଏ ରାଜ୍ୟରୁ ନିର୍ବାସିତ ହୋଇଥିଲେ । ସବୁକାଳର କବିଙ୍କ ପାଇଁ ଆତ୍ମ-ପର୍ଯ୍ୟାଦାର ଏକ ପ୍ରତୀକ ଚରିତ୍ର ହୋଇ ରହିଲେ ସେ । ଆଜି ବି ମନେପଡ଼େ ତାଙ୍କର ସେଇ ପଦ -

''କବି ଯା' କରେ ମୂର୍ଖକୁ ସ୍ତୁତି
ଏଥିରୁ ବଡ଼ ନାହିଁ ବିପତ୍ତି
ଏଥିକି ପ୍ରତି ଛାତିରେ କାତି ମାରିବା ଭଲ ଯେ ।''

ଅନ୍ୟ ଜଣେ କ୍ଷୁବ୍ଧ କବି ଓଡ଼ିଶାର ବାତାବରଣକୁ ଲକ୍ଷ୍ୟ କରି ସେଦିନ ଲେଖିଥିଲେ –

''କାହାକୁ କହିବା,
କପାଳରେ ସିନା କର ମାରିବା ।''

Digitized by srujanika@gmail.com

ଆଧୁନିକ କାଳରେ ମଧ୍ୟ ବେଶୀ କିଛି ସୁଧୁରିନି । ସେଦିନ ପ୍ରଫେସର୍ ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧି ଯଦି 'ସିଦ୍ଧାନ୍ତ ଦର୍ପଣ' ପଢ଼ି, ବୁଝି ତାର ମହତ୍ତ୍ୱ ବୁଝାଇ ନଥାନ୍ତେ ତେବେ କିଏ ସ୍ୱୀକୃତି ଦେଇଥାନ୍ତା ଅନମନୀୟ ପ୍ରତିଭା ପଠାଣି ସାମନ୍ତଙ୍କୁ ? କେଉଁଜଣ ଓଡ଼ିଆ ବିଜ୍ଞାନୀ ବା ଆଧୁନିକ କାଳରେ ସମୁଚିତ ତର୍ଜମା କରିଛନ୍ତି ସେଇ ମହାତ୍ମାଙ୍କ ପ୍ରତିଭାର ? ସଂସ୍କୃତଜ୍ଞମାନେ ମନେ କରନ୍ତି ପଠାଣି ସାମନ୍ତେ ତାଙ୍କ ଭଳି ଜଣେ ସଂସ୍କୃତ ପଣ୍ଡିତ ହୋଇଥିବେ, ପଞ୍ଜିକା ରଚୟିତାମାନେ ଭାବନ୍ତି ସେ ତାଙ୍କରି ଭଳି ଜଣେ ଗଣକ ହୋଇଥିବେ । ଯେଉଁ ସୂକ୍ଷ୍ମ ଅବବୋଧ ଯୋଗୁ ପ୍ରତିଭା ପ୍ରତି ଜାତି-ପ୍ରାଣରେ ଦରଦ ସୃଷ୍ଟି ହୁଏ ତା'ର ଘୋର ଅଭାବ ପରିଲକ୍ଷିତ ହୁଏ ଆମ ଭୂଇଁରେ । ମୁଁ ଭାବେ :

''ଭୂଇଁର କାମ ନୁହେଁ
ଥୁଣ୍ଟା ଗଛକୁ ଦେଖି ପରିହାସ କରିବା,
ଭୂଇଁର ଲକ୍ଷ୍ୟ
ଗଛମାନଙ୍କୁ ପଲ୍ଲବିତ କରିବା ।''

ବିଶ୍ୱଭାରତୀର ଲକ୍ଷ୍ୟ ଥିଲା ପ୍ରତିଭାର ସୁରକ୍ଷା ଓ ବିକାଶ । ସେଇଥିପାଇଁ ରବୀନ୍ଦ୍ରନାଥଙ୍କ ସୃଷ୍ଟି ସମୂହ କିପରି ସୁରକ୍ଷିତ ରହିବ, ଆଦୃତ ହେବ, ସେସବୁର ଉଚିତ ମୂଲ୍ୟାୟନ ହେବ ଓ ପ୍ରସାର ହେବ- ତା' ଥିଲା ବିଶ୍ୱଭାରତୀର ଦାୟିତ୍ୱ । ଦାୟିତ୍ୱ ତୁଲାଇବାରେ ବିଶ୍ୱଭାରତୀ ଆଦୌ ହେଳା କରିନାହିଁ ବୋଲି ମୋର ବିଶ୍ୱାସ ।

ଏ ଦିଗରେ ଗ୍ରନ୍ଥାଗାରର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ବହି ପଢ଼ିବା, ଆଣିବା, ଫେରେଇବାରେ କିଛି ହେଲେ ଅନ୍ତରାୟ ନ ଥିଲା । ବିଦ୍ୟାର୍ଥୀ କିମ୍ବା ଅଧ୍ୟାପକ କିମ୍ବା କର୍ମଚାରୀ ଯେ କୌଣସି ସମୟରେ ବହି ଫେରାଇ ବହି ଆଣି ପାରୁଥିଲେ । ଅବଶ୍ୟ ସାହାଯ୍ୟ କରିବାକୁ କର୍ମଚାରୀ ଥିଲେ । କିନ୍ତୁ ସବୁ କଥାରେ ଆମେ ତାଙ୍କୁ ବିରକ୍ତ କରୁ ନ ଥିଲୁ । ସେ ପ୍ରକାର ଅବାଧ ପ୍ରବେଶ ଆମର ମହୋପକାର କରିଛି କହିଲେ ଅତ୍ୟୁକ୍ତି ହେବନି ।

ଥରେ ଚାକିରି କରିବା ପରେ ଓଡ଼ିଶାରେ କୌଣସି ଏକ କଲେଜରେ ଲାଇବ୍ରେରୀ ଭିତରକୁ ଛାତ୍ରମାନଙ୍କୁ ପ୍ରବେଶାଧିକାର ଦେବାକୁ ପ୍ରସ୍ତାବ ଆଣିଥିଲି । ମୋ ପ୍ରସ୍ତାବ ଶୁଣି ସମସ୍ତେ ହସିଥିଲେ । ତାଙ୍କ ମତରେ – ଦିନକ ଭିତରେ ପୂରା ଗ୍ରନ୍ଥାଗାର ଶୂନ୍ ହୋଇଯିବ । କିଏ ଜଗିବ ? କିଏ ଦାୟିତ୍ୱ ନେବ ? ମୁଁ ମନେ ମନେ ଭାବିଲି – ''ସେଠି ଯଦି ଛାତ୍ରଛାତ୍ରୀ ଚୋରି କରୁନାହାନ୍ତି, ଏଠି କାହିଁକି କରିବେ ? ସେଇ ମଣିଷ ପିଲା ତ ସମସ୍ତେ ।'' ହଁ, କିନ୍ତୁ ପରିବେଶରେ ନୈତିକତା ଥିଲେ ସିନା ପିଲେ ନୀତିବାନ୍ ହେବେ !

Digitized by srujanika@gmail.com

।। ଚାରି ।।

ସ୍ୱାଗତ ସଭାର ପରଦିନ 'ବିଦ୍ୟାଭବନ ଛାତ୍ର ପରିଷଦ'ର ନିର୍ବାଚନ ହେବ ବୋଲି ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ଜାରି କରାଯାଇଥିଲା । ସେଇ କଥା ଆଉଥରେ ଘୋଷିତ ହେଲା ସିଂହ-ସଦନର ସାନ୍ଧ୍ୟ ସମାବେଶରେ ।

ନିର୍ବାଚନ ନୋଟିସ ମାତ୍ର କେଇଟି ଘଣ୍ଟା ଆଗରୁ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ରାତି ପାହିଲେ ପୂର୍ବାହ୍ନ ୧୦ ଘଟିକା ମଧ୍ୟରେ ପରିଷଦର ବିଭିନ୍ନ ପଦ ପାଇଁ ମନୋନୟନ ପତ୍ର ଦାଖଲ, ବାରଟା ସୁଦ୍ଧା ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ, ଅପରାହ୍ନ ୩ଟାରେ ଭୋଟ୍ ଗ୍ରହଣ ଓ ସନ୍ଧ୍ୟା ସୁଦ୍ଧା ଫଳାଫଳ ଘୋଷଣା - ଏହାହିଁ ଥିଲା ବିଜ୍ଞାପିତ କାର୍ଯ୍ୟକ୍ରମ । ପ୍ରଚାର ପାଇଁ ସମୟ ନାହିଁ । କିନ୍ତୁ ଛାତ୍ରମାନଙ୍କ ତରଫରୁ କିଛି ହେଲେ ପ୍ରତିବାଦ ନ ଥିଲା । ଅବଶ୍ୟ ମୋର ସେଥିରେ କିଛି ମୁଣ୍ଡ ଖେଳେଇବାର ନ ଥିଲା । ମୋ'ପରି ଏକାନ୍ତ ଭାବେ ନୂଆ ଛାତ୍ର ୟୁନିଅନ୍ ନିର୍ବାଚନ କଥା ଭାବିବାଟା ଥିଲା ହାସ୍ୟକର; ଚିହ୍ନା-ଜଣା ହୋଇ ନ ଥିଲା କାହା ସହିତ ।

ତେବେ ପୂର୍ବରୁ ସ୍ୱାଗତ-ସଭାରେ ମୋର ଅଂଶଗ୍ରହଣ ଫଳରେ ମୋ' ପାଇଁ ଚିହ୍ନା ପରିଚୟର ପ୍ରଥମ ପର୍ବ ଉନ୍ମୋଚିତ ହୋଇଥିଲା । ବରିଷ୍ଠ ଓ ପୁରାତନ ଛାତ୍ରଛାତ୍ରୀ ମୋତେ ଜାଣି ଯାଇଥିଲେ ।

ପରଦିନ ବଡ଼ି ଭୋରରୁ ଉଠି 'ବୈତାଳିକ'କୁ ଗଲି । 'ବୈତାଳିକ' ବା 'ସମ୍ମିଳିତ ପ୍ରାର୍ଥନା' ସେତେବେଳେ କେନ୍ଦ୍ରୀୟ ଗ୍ରନ୍ଥାଗାର ସମ୍ମୁଖରେ ଅନୁଷ୍ଠିତ ହେଉଥିଲା । ଯେଉଁମାନେ ପ୍ରାର୍ଥନା ବୋଲୁଥିଲେ ସେମାନେ ବାରଣ୍ଡା ଉପରେ ଠିଆ ହେଉଥିଲେ । ପାଠ ଭବନ ଓ ଶିଶୁ ଭବନର ବିଦ୍ୟାର୍ଥୀମାନେ ଧାଡ଼ି ବାନ୍ଧି ଓ ଅନ୍ୟମାନେ ଭିନ୍ନ ଭିନ୍ନ ଧାଡ଼ିରେ ଅଥବା ଏକୁଟିଆ, ଯେଉଁଠି ନାହିଁ ସେଠି ନିଶ୍ଚଳରେ ଠିଆ ହେଉଥିଲେ । ପ୍ରାର୍ଥନା ଆରମ୍ଭ ହେଲେ ଚଳ-ପ୍ରଚଳ ହେବା ନିଷିଦ୍ଧ ଥିଲା । ଛାତ୍ର-କର୍ମଚାରୀ- ପ୍ରଶାସକ-ଅଧ୍ୟାପକ ନିର୍ବିଶେଷରେ ସମସ୍ତେ ଶୃଙ୍ଖଳାଟିର ସମ୍ମାନ କରୁଥିଲେ, ଏପରିକି ଅତିଥି ଓ ପର୍ଯ୍ୟଟକମାନେ ମଧ୍ୟ । ଯେଉଁ ଛାତ୍ର 'ବୈତାଳିକ'ର ଶୃଙ୍ଖଳା ଭଙ୍ଗ କରୁଥିଲା ସ୍ୱତନ୍ତ୍ର ଭାବେ ତାକୁ ସାକ୍ଷାତ କରୁଥିଲେ ପ୍ରୋକ୍ଟର ଓ ତାର ଭୁଲ୍‌ଟି ସୂଚାଇ ଦେଉଥିଲେ । ତାହା ଅନ୍ୟ କେହି ଜାଣୁ ନ ଥିଲେ । ଛାତ୍ରଙ୍କୁ କୌଣସି ପ୍ରସଙ୍ଗରେ ସାଧାରଣରେ ଅପମାନ ବା ଗାଳି ଦେବାର ରୀତି ବିଶ୍ୱଭାରତୀରେ ନ ଥିଲା । କିଏ କେଉଁ ଆଚରଣ ପାଇଁ ଗାଳି

Digitized by srujanika@gmail.com

ଖାଇଚି ତା' କେବଳ ସେଇ ଛାତ୍ର ହିଁ ଜାଣୁଥିଲା । ଏଣୁ ଦଣ୍ଡିତ ବା ଭର୍ତ୍ସିତ ଛାତ୍ରକୁ କେବେ ଅନ୍ୟମାନଙ୍କ ଆଗରେ ମୁଣ୍ଡ ତଳକୁ କରି ଚାଲିବା ଦରକାର ପଡୁ ନ ଥିଲା । ସେ ଭିତରେ ଭିତରେ ସୁଧୁରି ଯାଉଥିଲା, ସମ୍ମାନର ସହିତ ।

ବୈତାଳିକ ବା ସମ୍ମିଳିତ ପ୍ରାର୍ଥନା ସହିତ ମୋର କିଛି ଧାର୍ମିକ ସମ୍ବନ୍ଧ କିମ୍ବା ବିରୋଧ ନ ଥିଲା । ମୂଳତଃ ମୁଁ ଏକ ଅଗ୍ନିପୂଜକ (ଅଗ୍ନିହୋତ୍ରୀ) ବଂଶରେ ଜନ୍ମ ହୋଇଥିଲି, ପୁଣି ପ୍ରତିମା ପୂଜାର ବାତାବରଣରେ ବଢ଼ିଥିଲି । ଘରେ ଅଖଣ୍ଡ ଅଗ୍ନି ଅଧିଷ୍ଠାନ ବ୍ୟତୀତ 'ଗୋପୀନାଥ-ରାଧା ସକୁଟୁମ୍ବେ' ଏବଂ ଶାଳଗ୍ରାମ ରୂପରେ 'ନାରାୟଣ' ସିଂହାସନାସୀନ ହୋଇ ପୂଜା ପାଇ ଆସୁଥିଲେ ! ବାଲ୍ୟକାଳରେ ମୁଁ ମଧ୍ୟ ଫୁଲ-ଚନ୍ଦନରେ ସୁବେଶ କରି ପୂଜା କରୁଥିଲି ସେଇ ମୂର୍ତ୍ତିମାନଙ୍କୁ । ପୂଜା-କର୍ମରେ ମୋର ଐକାନ୍ତିକତା ଦେଖି ମୋର ଧର୍ମପରାୟଣା ଜେଜୀମା ଭାରି ଖୁସି ହେଉଥିଲେ । ନିମ୍ନ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଥିବା ବେଳେ ଗଣେଶ ଓ ସରସ୍ୱତୀ ପୂଜା ଆମର ଅତି ପ୍ରିୟ ଉତ୍ସବ ଥିଲା । କିନ୍ତୁ ବାଲ୍ୟକାଳ ପରେ ପରେ ସେ ସଂସ୍କାର ମୁଁ ହଜେଇ ସାରିଥିଲି ।

ଅବଶ୍ୟ ଏପରି ହଜେଇବା ପଛରେ ବିଦ୍ୟାଳୟ ବା ଆଧୁନିକ ଶିକ୍ଷାର ଭୂମିକାକୁ ଅସ୍ୱୀକାର କରିହେବନି । ଘରେ ସିନା ଇନ୍ଦ୍ରାୟ ସ୍ୱାହା, ବରୁଣାୟ ସ୍ୱାହା ଚାଲିଥିଲା, ସନ୍ଧ୍ୟା ଆଳତି ବେଳେ – ''ଶାନ୍ତାକାରଂ ଭୁଜଗ ଶୟନମ୍ ପଦ୍ମନାଭଂ ସୁରେଶଂ'' ବୋଲା ଯାଉଥିଲା । କିନ୍ତୁ ବିଦ୍ୟାଳୟରେ ଯେଉଁ ପ୍ରାର୍ଥନା ଆମକୁ ବୋଲିବାକୁ ବାଧ କରାଯାଇଥିଲା ସେଥିରେ ଇନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବିଷ୍ଣୁ, ନାରାୟଣ କି ଦୁର୍ଗାଙ୍କର ନାମୋଚ୍ଚାରଣ କରିବାର ଅବକାଶ ନ ଥିଲା । ପିତେଇପୁର ଗାଁର ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଆମର ପ୍ରାର୍ଥନା ଥିଲା – ''ଅଖିଳ ବ୍ରହ୍ମାଣ୍ଡ ପତି ମୋ' ଜୀବନ ସ୍ୱାମୀ.....'' (ମଧୁରାଓ) । ଓଡ଼ିଶାର ଅଧିକାଂଶ ବିଦ୍ୟାଳୟରେ ତାହା ହିଁ ସେତେବେଳେ 'ପ୍ରାର୍ଥନା' ରୂପେ ଗୃହୀତ ହୋଇଥିଲା । ଅବଶ୍ୟ ପରେ ଦେଖିଲି, ଯାଜପୁର ସହରର କେତେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଏ ଗୋଟିଏ ଲମ୍ବାଧାଡ଼ିରେ ଠିଆ ହୋଇ 'ଗୁରୁଦେବ ଦୟାକର ଦୀନ ଜନେ'ଟିକୁ ପ୍ରାର୍ଥନା ରୂପେ ବୋଲୁଛନ୍ତି । ଆମ ଯାଜପୁର ହାଇସ୍କୁଲରେ ମୂଳରୁ ଏକାଠି ଠିଆ ହୋଇ ସମ୍ମିଳିତ ସ୍ୱରରେ ପ୍ରାର୍ଥନା କରିବାର ପରମ୍ପରା ନ ଥିଲା । ଆମେ ସବୁ ନିଜ ନିଜ କ୍ଲାସରେ ଠିଆ ହୋଇ ସେଇ – ''ଅଖିଳ ବ୍ରହ୍ମାଣ୍ଡ ପତି .....'' ପ୍ରାର୍ଥନା ଗାଉଥିଲୁ । ଷଷ୍ଠ, ସପ୍ତମ ଏପରିକି ଅଷ୍ଟମ ଶ୍ରେଣୀ ବେଳକୁ ଆମ ମନରେ 'ଅଖିଳ ବ୍ରହ୍ମାଣ୍ଡ ପତି' କି 'ଜୀବନସ୍ୱାମୀ' କଥା ଗୁଡ଼ାକର ଅର୍ଥ ଭେଦି ନ ଥିଲା । ଆମର ଜଣେ ଅତି ପ୍ରିୟ ଓ ଛାତ୍ରବତ୍ସଳ ଅଙ୍କ ଶିକ୍ଷକ ଥିଲେ ଶ୍ରୀ କାଳିନ୍ଦୀ ଚରଣ ପତି । ଅନେକ ତାଙ୍କୁ ଭୟ କରୁଥିଲେ । କାରଣ ଅଙ୍କ ଖାତାରେ ଭୁଲ୍ ଦେଖିଲେ ସେ ଗାଳି ଦେଉଥିଲେ । ତେଣୁ ଅଙ୍କରେ ଦୁର୍ବଳ ଥିବା ପିଲା ସେଇ ମାନନୀୟ ଶିକ୍ଷକଙ୍କ ନାଁ ବଦଳେଇ କହୁଥିଲେ – ''ଚୁପ୍, ଅଖିଳ ବ୍ରହ୍ମାଣ୍ଡ ପତି ଆସିଲେଣି ।''

Digitized by srujanika@gmail.com

ମୋର ଠିକ୍ ମନେ ନାହିଁ ଯାଜପୁର ହାଇସ୍କୁଲରେ କେବେ ଓ କାହାଦ୍ୱାରା 'ଅଖିଳ ବ୍ରହ୍ମାଣ୍ଡ ପତି' ପରିବର୍ତ୍ତିତ ହେଲା ଏବଂ ଆମେ ଏକ ନୂଆ ପ୍ରାର୍ଥନା ଗୀତ ଅଭ୍ୟାସ କଲୁ । ତାହାର ଗୋଟିଏ ପଦ ଥିଲା – 'ମମ ମାନସ ସରସୀ ସାରସ ହେ/ଭକ୍ତ ହୃଦୟ କନ୍ଦର ପ୍ରକାଶ ହେ ।' ମୁଁ ସ୍କୁଲ କଲେଜ ପାଠ ସାରିବାର ବହୁ ବର୍ଷ ପରେ ବିଦ୍ୟାଳୟମାନେ ରାମକୃଷ୍ଣ ନନ୍ଦ ବିରଚିତ – ''ଆହେ ଦୟାମୟ ବିଶ୍ୱ ବିହାରୀ/ ଘେନ ଦୟାବହି ମୋର ଗୁହାରି'' ଗୀତଟିକୁ ପ୍ରାର୍ଥନା ରୂପେ ଗ୍ରହଣ କରିଛନ୍ତି ।

ଅବଶ୍ୟ 'ପ୍ରାର୍ଥନା' ଗୁଡ଼ିକର ଶିଶୁ ଉପଯୋଗିତା ସଂପର୍କରେ ଆଲୋଚନା କରିବାର ଅବସର ଏଠି ନାହିଁ । କିନ୍ତୁ ଗୋଟିଏ ଅବୋଧ ଶିଶୁ ନିଜ କଣ୍ଠରେ ନିଜକୁ 'ଅଧମ', 'ଅକ୍ଷମ', 'ଦୀନଜନ' ଆଦି କହିବା ନିଶ୍ଚୟ ଏକ ଉତ୍ତମ ଶିକ୍ଷା ବ୍ୟବସ୍ଥାର ଶୋଭନୀୟ ଲକ୍ଷଣ ନୁହେଁ । କାହିଁକି ସେ ମୋତେ 'ଦୟାକର' ବୋଲି କହିବ, ପିଲାଟି ବେଳୁ ଗୁହାରି କରିବ ? ପିଲାଙ୍କୁ ଗୁହାରିଆ କରିବା ଫଳରେ ସମାଜର କେଉଁ ଅଙ୍ଗଟି ସୁସ୍ଥ ହେଇଚି ? ପ୍ରାର୍ଥନା ବୋଲିବାକୁ ବାଧ କରିବା ଆଗରୁ ଗୁରୁଜନ ବା ଅଭିଭାବକମାନଙ୍କୁ ଅନେକ ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ଆଗରୁ କହିଚି ସ୍କୁଲୀୟ ପ୍ରାର୍ଥନା ଓ ଘରର ପୂଜା ଓ ପୂଜ୍ୟଙ୍କ ସହିତ କିଛି ମେଳ ନ ଥିଲା । ସାହିତ୍ୟ ବହିର ପାଠ୍ୟ ଭିତରେ ମଧ ମୁଁ ଇନ୍ଦ୍ର କି ଅଗ୍ନି କି ନାରାୟଣଙ୍କ ନାଁ ଖୋଜି ପାଇ ନ ଥିଲି । ଶିକ୍ଷା ଓ ସାହିତ୍ୟ ସେମାନଙ୍କୁ ତ୍ୟାଗ କରି ସାରିଥିଲା ଏବଂ ସେଇ ଇଂରେଜୀ ଅମଳରୁ ଓଡ଼ିଆ ସାହିତ୍ୟରେ ମଧ ଏକ 'ବିଶ୍ୱ-ଈଶ୍ୱର' (Global God)ଙ୍କ ଅର୍ଚ୍ଚନା ଆରମ୍ଭ ହୋଇ ଯାଇଥିଲା । ଏହା ହିଁ ଥିଲା ଘର ଓ ସ୍କୁଲ, ପରମ୍ପରା ଓ ସାହିତ୍ୟ ମଧ୍ୟରେ ଦ୍ୱନ୍ଦ୍ୱ ଓ ମନୋମାଳିନ୍ୟର ପ୍ରଧାନ କାରଣ । ନିଜ ନିଜର ସଂସ୍କାର ପ୍ରତି ସନ୍ଦେହ ଘୋଟି ଆସିଲାଣି ସେତେବେଳକୁ, ମୋହ କମି ଆସିଲାଣି । ମୁଁ ତ ଉପବୀତ ନିସର୍ଜନ କରି ସାରିଥିଲି; ମୋ' ଭିତରେ ପ୍ରଚଣ୍ଡ ତର୍କଣା ଆରମ୍ଭ ହୋଇ ଯାଇଥିଲା । ମୁଁ ଖୋଜୁଥିଲି ବ୍ରାହ୍ମଣତ୍ୱର ଏକ ସର୍ବକାଳୀନ, ସାର୍ବଜନୀନ ଓ ବିଶ୍ୱତୋମୁଖୀ ସଂଜ୍ଞା । ପ୍ରାର୍ଥନା ନାମକ ସଂସ୍କାରଟି ମୋ ଭିତରୁ ଅତୀତ ହୋଇ ସାରିଥିଲା ।

ଈଶ୍ୱର କିମ୍ବା ପ୍ରାର୍ଥନା ସହିତ ମୋର କିଛି ନେଣ-ଦେଣ ନ ଥିଲେ ବି ଶାନ୍ତିନିକେତନର ସେ 'ବୈତାଳିକ' ମୋତେ ଭଲ ଲାଗୁଥିଲା । ବହୁତ ଭଲ ଲାଗୁଥିଲା ମୋତେ ସେ ନୀରବତା, ସହଜ ସରଳ ଧାଡ଼ି ଓ ସର୍ବୋପରି ରବୀନ୍ଦ୍ର ଗୀତି । ମନେ ହେଉଥିଲା ବୈତାଳିକ ଯେମିତିକି ମହାକବିଙ୍କ ସୃଷ୍ଟ ଏକ ଧାର୍ମିକ ଆଚାର । ବୈତାଳିକ କିନ୍ତୁ ବାଧତାମୂଳକ ନ ଥିଲା, ତା ଥିଲା ଏକ ଆଶ୍ରମିକ ପରମ୍ପରାର ଅବଶିଷ୍ଟାଂଶ, ଏକ ଐତିହ୍ୟର ଜୀବନାନୁଷ୍ଠାନ । ବୈତାଳିକରେ ଯୋଗ ନଦେଲେ କୌଣସି ଅଧ୍ୟାପକ କେବେ ପଚାରୁ ନ ଥିଲେ – ''କାହିଁ ତୁମକୁ ତ ବୈତାଳିକରେ ଦେଖୁନି ।'' ଅବଶ୍ୟ ବରିଷ୍ଠ ଓ

Digitized by srujanika@gmail.com

ପ୍ରାକ୍ତନ ଆଶ୍ରମିକମାନେ ନଜର ରଖୁଥିଲେ – ''କିଏ ଆସୁଚି'। କିଏ ଆସୁନି ଜାଣିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ଅନେକ ଛାତ୍ର ତ ଯାଉ ନ ଥିଲେ। ବୈତାଳିକ ସହିତ ପାଠ୍ୟକ୍ରମର ସଂପର୍କ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପକ୍ଷରେ ତା' ଥିଲା ଏକ ଇଚ୍ଛାଧୀନ ଅତିରିକ୍ତ ବିଷୟ ଭଳି।

ବୈତାଳିକ କିନ୍ତୁ ଅନେକ ଦୃଷ୍ଟିରୁ ଏକ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ଥିଲା। ବଡ଼ି ଭୋରରୁ ଉଠିବା ମୋର ଅଭ୍ୟାସଗତ ହୋଇଥିବାରୁ ଛାତ୍ରାବସ୍ଥାରେ ମୁଁ ପ୍ରାୟ ପ୍ରତ୍ୟହ ବୈତାଳିକରେ ଯୋଗ ଦେଉଥିଲି। ସେଇଠି ସମଗ୍ର ବିଶ୍ୱଭାରତୀ ସହିତ ସତେ ବା ସାକ୍ଷାତ ହୋଇଯାଉଥିଲା। ଶିଶୁ ଭବନର ଟିକି ଟିକି ପିଲାଙ୍କଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ (V.C.) ଙ୍କ ପର୍ଯ୍ୟନ୍ତ ଅଧ୍ୟାପକ, ପ୍ରଶାସକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହିତ ମୁହଁ ଚିହ୍ନା ହେଇ ଯାଉଥିଲା। ଯାହା ଫଳରେ ମୁଁ ଯେ ଶାନ୍ତିନିକେତନର ଜଣେ-ଏଇ ଭାବ ଆସୁଥିଲା ମନରେ, ଆତ୍ମୀୟତା ବଢୁଥିଲା। ଆପଣାର ଶିକ୍ଷାୟତନ ପ୍ରତି ମମତା ଓ ସମ୍ମାନ ବଢ଼ିବା ସହିତ ସହ-ବନ୍ଧନ ଦୃଢ଼ ହେଉଥିଲା। ସମ୍ଭବତଃ ସେଇ ପ୍ରକାରର ଏକ ମମତ୍ୱରେ ମୁଁ ବାନ୍ଧି ହୋଇ ପଡ଼ିଥିଲି ବୋଲି ଦୀର୍ଘ ୪୦ ବର୍ଷ ଧରି ମୋ' ଭିତରେ ଶାନ୍ତିନିକେତନ ସଜୀବ ରହିଯାଇଚି।

ଏଇ ତ ଗତକାଲିର ଘଟଣା ଭଳି ଲାଗୁଚି। ୧୯୬୦ ଏପ୍ରିଲ ମାସ। ଗ୍ରୀଷ୍ମ ଛୁଟି ହୋଇ ନ ଥାଏ। ବୈତାଳିକ ପରେ ଦେଖିଲି ମୋରି ଧାଡ଼ିରେ ବିଳମ୍ବରେ ଆସି ଠିଆ ହୋଇଛନ୍ତି ଦୁଇଜଣ ଓଡ଼ିଆ ଲୋକ (କଥାବାର୍ତ୍ତାରୁ ଜାଣିଲି)। ଦୁହେଁ ବୟସ୍କ, ସରଳ ପୋଷାକ। ଜଣେ ପୁରୁଷ ଜଣେ ନାରୀ। ସ୍ତ୍ରୀଲୋକ ଜଣକୁ ଦେଖି ମୋର ଭ୍ରମ ହେଲା। ପିତେଇପୁର ଗାଁର ଜଣେ ଚାଷୁଣୀ କଥା ମନେ ପଡ଼ିଲା। ପରେ ମୁଁ ଭାବିନେଲି – ''ଆରେ ନା ସେ ଗରିବ ସ୍ତ୍ରୀଲୋକଟି ଏଠିକି କିପରି ଆସିବ ?'' ମିନିଟିକ ପରେ ସ୍ୱୟଂ ଉପାଚାର୍ଯ୍ୟ ସୁପ୍ରିମକୋର୍ଟର ପୂର୍ବତନ ଚିଫ୍ ଜଷ୍ଟିସ ଶ୍ରୀ ସୁଧୀର ରଞ୍ଜନ ଦାସ ବୁଲିପଡ଼ି ଦୁହିଁଙ୍କୁ ଅଭିବାଦନ ଜଣାଇଲେ ଏବଂ ସହାସ୍ୟ ବଦନରେ ସ୍ତ୍ରୀଲୋକ ଜଣଙ୍କୁ ଲକ୍ଷ୍ୟ କରି ପଚାରିଲେ – ''କେମନ୍ ଆଛୋ ମାଲତି ?'' ତତ୍କ୍ଷଣାତ୍ ମୋର ଭ୍ରମ ତୁଟିଲା, ମୁଣ୍ଡରେ ବୁଦ୍ଧି ପଶିଲା। ଖବର କାଗଜର ଲେସାମେସା ଛବିକୁ ମନରେ ଯୋଡ଼ି ଜଡ଼େଇ ଜାଣିଲି – ଏଇ ଦୁଇ ମୂର୍ତ୍ତି ଆମର ଗୋପୀନାଥ-ରାଧାଙ୍କ ଭଳି ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ। ମୁଁ ପ୍ରଣାମ କଲି। ନିଜକୁ ଦୋଷୀ ଦୋଷୀ ଲାଗିଲା। ସରଳ ପୋଷାକ ଭିତରେ ଏମିତି ଅନନ୍ୟ ପ୍ରତିଭା। ସେଇଠି ପହଞ୍ଚିଗଲେ ଅନ୍ନଦା ଶଙ୍କର ରାୟ। ସେ ମୋତେ ପାଖକୁ ଡାକି କହିଲେ – ''ଆଜି ସନ୍ଧ୍ୟାରେ ଆମଘରେ ବସିବା। ସମସ୍ତଙ୍କୁ ଖବର ଦେବ।'' ସେ ବର୍ଷ ମୁଁ ସାହିତ୍ୟ ପରିଷଦର ସହକାରୀ ସଂପାଦକ ଥିଲି, ସେଇ କାରଣରୁ ଦାୟିତ୍ୱଟି ସେ ମୋତେ ଅର୍ପଣ କରିଥିଲେ। ଅନ୍ନଦା ଶଙ୍କରଙ୍କ ବାକ୍ୟ ଶେଷ ହେବା ଆଗରୁ ଶ୍ରୀମତୀ ଚୌଧୁରୀ କହିଲେ – ''ଆଜି ଦାଦାଙ୍କ ଶ୍ରାଦ୍ଧ ଦିନ.ତ !''

Digitized by srujanika@gmail.com

ଶ୍ରୀଯୁକ୍ତ ଚୌଧୁରୀ ମଧ୍ୟ ମୁଣ୍ଡ ଟୁଙ୍ଗାରିଲେ । ଯଦିଓ ସେମାନଙ୍କ 'ଦାଦା' ଶବ୍ଦର ପରିଭାଷା ସହିତ ମୁଁ ପରିଚିତ ହୋଇ ନ ଥିଲି, ତଥାପି ଜାଣିଗଲି ଯେ ସେଦିନ ଗୋପବନ୍ଧୁ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହେବ ଅନ୍ନଦା ଶଙ୍କର ରାୟଙ୍କ ବସାରେ ଓ ଆମେ ସବୁ ଓଡ଼ିଆ ଛାତ୍ରଛାତ୍ରୀ ସେଥିରେ ଯୋଗଦେବାକୁ ନିମନ୍ତ୍ରିତ । ମୁଁ ହଷ୍ଟେଲକୁ ଫେରି ତତ୍କାଳର ଏମ୍.ଏ ଛାତ୍ର ଅଭିନ୍ନ ଚନ୍ଦ୍ର ସାହୁ, ଗଗନେନ୍ଦ୍ର ନାଥ ଦାଶ, କମଳାକାନ୍ତ ଲେଙ୍କାଙ୍କୁ ଖବର ଦେଲି । ଭାବଗ୍ରାହୀ ମିଶ୍ର ଥିଲେ ସଂପାଦକ, ରହୁଥିଲେ ବିଦ୍ୟାଭବନର ଏକ ନମ୍ବର ହଷ୍ଟେଲରେ । ସେ ଗୋଟିଏ ନୋଟିସ୍ ଲେଖିଦେଲେ । ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ଆମେ ଅଳ୍ପ କେଇଜଣ ଯୋଗ ଦେଇପାରିଥିଲୁ । ଛୁଟି ହୋଇ ନ ଥିଲେ ମଧ୍ୟ ଭିନ୍ନ କାମରେ ଡକ୍ଟର କୁଞ୍ଜବିହାରୀ ଦାଶ ଶାନ୍ତିନିକେତନର ବାହାରକୁ ଯାଇଥିଲେ । ଆମ ଗହଣରେ ଥିଲେ ଅବଶ୍ୟ ନବନିଯୁକ୍ତ ଅଧ୍ୟାପକ ଡକ୍ଟର ନରେନ୍ଦ୍ର ନାଥ ମିଶ୍ର । ସେଇ ଅଣଆନୁଷ୍ଠାନିକ ସଭାଟିରେ ରାଜନୀତି ବ୍ୟତୀତ ଅନ୍ୟାନ୍ୟ ଅନେକ ପ୍ରସଙ୍ଗ ଆଲୋଚିତ ହୋଇଥିଲା । ଶ୍ରୀମତୀ ଚୌଧୁରୀ ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ କଥାଗୁଡ଼ିଏ କହିଥିଲେ । କିନ୍ତୁ ତାଙ୍କର ଓଡ଼ିଆ ଉଚ୍ଚାରଣ ଶୁଣି ମୋତେ ଭାରି ଚିଡ଼ା ଲାଗୁଥିଲା । କାରଣ, ମୁଁ ସେତେବେଳେ ଭାବୁଥିଲି ସେ ଆମ ଭାଷାକୁ ଅବଜ୍ଞା କରୁଛନ୍ତି, ଅବମାନନା କରୁଛନ୍ତି । ମୋ' ଦିହ ଜଳି ଯାଉଥିଲା ଭିତରେ ଭିତରେ । କ'ଣ ନାହିଁ କ'ଣ କହି ପକେଇଥାନ୍ତି, ଯଦି ଭାବଗ୍ରାହୀ ମିଶ୍ର ମୋତେ ଟିମୁଟି ଶାନ୍ତ ରହିବାକୁ ବାଧ୍ୟ କରିନଥାନ୍ତେ, ସେଇ ଅବସ୍ଥାରେ । ସେମାନଙ୍କ ମହାନତା ବୁଝି ନ ଥିଲି ସେତେବେଳେ । କିନ୍ତୁ ମୋ ଭାଷା ଓ ସାହିତ୍ୟ ପ୍ରତି ସାମାନ୍ୟତମ ଅବମାନନା କରୁଥିବାର ସୂଚନା ପାଇଲେ ଏବେ ମଧ୍ୟ ମୁଁ ଚୁପ୍ ରହିପାରେନା, ସେ ଯିଏ ହୋଇଥାନ୍ତୁ ଦି-ପଦ ଶୁଣେଇ ଦିଏ । ଛାଡ଼ନ୍ତୁ, ଏଠି ସେ ପ୍ରସଙ୍ଗ ଆଲୋଚନା କରିବା ଅନୁଚିତ ।

ମୁଁ ପୂର୍ବରୁ ସୂଚନା ଦେଇଚି ଯେ ସେଇଦିନ 'ବିଦ୍ୟାଭବନ ଛାତ୍ର ପରିଷଦ'ର ନିର୍ବାଚନ ହେବା ସ୍ଥିର ହୋଇଥିଲା । ପାଠପଢ଼ା ବନ୍ଦ୍ । ତେଣୁ ବୈତାଳିକ ପରେ ପରେ ଛାତ୍ରଛାତ୍ରୀମାନେ ପୁଞ୍ଜା ପୁଞ୍ଜା ହୋଇଗଲେ ଏଠି ସେଠି । ଗଛମୂଳେ, ସିମେଣ୍ଟ ବେଞ୍ଚ୍, ବାରଣ୍ଡା, ଆମ୍ରକୁଞ୍ଜର ମଣ୍ଡପ ଭରିଗଲା । ମୁଁ ଅବଶ୍ୟ ଖଣ୍ଡିକିଆ ବାଦଲ ଭଳି ଥିଲି ଏକାନ୍ତ ନିଃସଙ୍ଗ, ନା କୋଉଁଠି ବର୍ଷି ପାରୁଥିଲି, ନା ଦୂରକୁ ଭାସି·ଯାଇପାରୁଥିଲି । ଶାନ୍ତି ନିକେତନର ସବୁଜ ସବୁଜ ଗଛତଳେ ରଙ୍ଗ ବେରଙ୍ଗର ମତାଣିଆ ମେଳନ ଦେଖି ମୁଁ ବିଭୋର ହୋଇଯାଇଥିଲି । ହଠାତ୍ ଜଣେ କେହି ମୋର ନାଁ ଧରି ଡାକିଲେ । ପଛକୁ ଚାହିଁଲି । ବିଶ୍ବାସ ନ ହେଲେ ବି ପାଖକୁ ଗଲି । ସେ ଥିଲେ ରୁମା ଦିଦି, ଜଣେ ସିନିୟର ଛାତ୍ରୀ ତାଙ୍କ ନିକଟରେ ତାଙ୍କ ବଡ଼ ଭଉଣୀ ଅରୁନ୍ଧତୀ ଘୋଷ ପରେ ଯିଏ ଆଇ.ଏଫ୍.ଏସ୍ ପାଇଲେ । (C.T.B.T. ମାମଲାରେ ଭାରତ ଦସ୍ତଖତ କରିବାକୁ ରାଜି ନୁହେଁ କହି ଯିଏ ଅଶେଷ ଖ୍ୟାତି ଅର୍ଜନ କରିଛନ୍ତି, ମୁଁ ସେହି ଅରୁନ୍ଧତୀ ଘୋଷଙ୍କ କଥା କହୁଚି । ତାଙ୍କ ବଡ଼ଭାଇ ଭାସ୍କର ଘୋଷ ଆମର ଇଂରାଜୀ ଅଧ୍ୟାପକ ରୂପେ ସେଇବର୍ଷ ଯୋଗ

Digitized by srujanika@gmail.com

ଦେଲେ । ମାତ୍ର କିଛିମାସ ପରେ ଆଇ.ଏ.ଏସ୍. ପାଇ ସେ ବିଦାୟ ନେଲେ । ଚାକିରୀରେ ପଦୋନ୍ନତି ପାଇ ଭାସ୍କର ଘୋଷ ଏକଦା ଦୂରଦର୍ଶନର ମହାନିର୍ଦ୍ଦେଶକ (DG) ପଦବୀ ମଣ୍ଡନ କରିଥିଲେ) ।

ପରିଚୟ ପରେ ପ୍ରଥମେ କହିଲେ ରୁମା ଦିଦି (ଘୋଷ) ''ଆମର ଇଚ୍ଛା ତୁମେ ନିର୍ବାଚନରେ ଅଂଶଗ୍ରହଣ କର । ବିଶ୍ୱଭାରତୀ ଛାତ୍ର ପରିଷଦକୁ ବିଦ୍ୟାଭବନର ପ୍ରତିନିଧି ରୂପେ ଆମେ ତୁମର ନାମ ପ୍ରସ୍ତାବ କରିବାକୁ ସ୍ଥିର କରିସାରିଛୁ ।''

ମୁଁ ପ୍ରଥମେ ମନା କରୁଥିଲି । କିନ୍ତୁ ସେମାନେ ମୋତେ 'ରାଜି' ହେବାକୁ ବାଧ କଲେ । ସେଠି ଆଉ କେଇଜଣ ମଧ ଜମିଗଲେ । ବରିଷ୍ଠ ଓଡ଼ିଆ ଛାତ୍ରଙ୍କ ସହିତ ପରାମର୍ଶ କରିବା ଆଗରୁ ମୋ' ନାଁ ପ୍ରସ୍ତାବିତ ହୋଇଗଲା । ରୁମା ଦିଦି ଓ ଅରୁଦିଦି ନିଷ୍ଠାର ସହିତ ମୋ ପାଇଁ କେଇଘଣ୍ଟା ପ୍ରଚାର କଲେ । ଓଡ଼ିଆ ଛାତ୍ରଙ୍କ ସଂଖ୍ୟା ବିଦ୍ୟାଭବନରେ ଥିଲା ହାତଗଣତି । ଏମ୍.ଏ. ଶେଷ ବର୍ଷରେ ପଢୁଥିଲେ ଭାବଗ୍ରାହୀ ମିଶ୍ର, ପ୍ରଭାକର ପ୍ରଧାନ (ବିଚ୍ଛିନ୍ନାଞ୍ଚଳର), ରାଘବାନନ୍ଦ ନାୟକ ଓ ଏକମାତ୍ର ଛାତ୍ରୀ ଭଦ୍ରକର ବେଲାରାଣୀ ଚାନ୍ଦ । ଏମ.ଏ. ପ୍ରଥମ ବର୍ଷର ଛାତ୍ର ଥିଲେ ଅଭିନ୍ନ ଚନ୍ଦ୍ର ସାହୁ, ଗଗନେନ୍ଦ୍ର ନାଥ ଦାଶ ଓ କମଳାକାନ୍ତ ଲେଙ୍କା । ତେଣୁ ଜୟଯୁକ୍ତ ହେବାର ସ୍ୱପ୍ନ ମୁଁ ଦେଖି ନ ଥିଲି । ତଥାପି ମାତ୍ର କେଇଟି ଘଣ୍ଟାରେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିବାରୁ ବହୁତ କମ୍ ବ୍ୟବଧାନରେ ମୁଁ ପରାଜିତ ହୋଇଥିଲି । ମୋର ପରାଜୟରେ ମୋ' ଠାରୁ ବେଶି ମନଦୁଃଖ କରିଥିଲେ ରୁମା ଦିଦି ।

ଏଇ ବିଫଳତା ମୋତେ ଏତିକି ଶିକ୍ଷା ଦେଲା ଯେ ମୁଁ ପ୍ରକୃତରେ କପଟ ରାଜନୀତି ପାଇଁ ଉପଯୁକ୍ତ ନୁହେଁ । ସାଥୀଙ୍କ ସହିତ ସଦ୍‌ଭାବ ହିଁ ମୋର ପଥ । ସେଇ ପଥରେ ଯଦି ସଫଳତା ମିଳେ ତେବେ ଛାତ୍ର ଜୀବନ ସାର୍ଥକ ହେବ ।

ଅବଶ୍ୟ ଏମ.ଏ ଶେଷ ବର୍ଷରେ ପୁଣି ଥରେ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲି ଏବଂ ବିଭିନ୍ନ ପଦ-ପଦବୀରେ ଓଡ଼ିଆ ଛାତ୍ରଙ୍କୁ ପ୍ରାର୍ଥୀ ହେବାକୁ ମଡେଇଥିଲା । ଆନନ୍ଦର କଥା ୧୯୬୨-୬୩ ଶିକ୍ଷାବର୍ଷରେ ବିଦ୍ୟାଭବନ ଛାତ୍ର ପରିଷଦର ସାଧାରଣ ସଂପାଦକ ରୂପେ ଶଶାଙ୍କ ଶେଖର ହୋତା (ଅର୍ଥନୀତି ବିଭାଗ) ଓ ବିଶ୍ୱଭାରତୀ ଛାତ୍ର ପରିଷଦର ସଭାପତି ରୂପେ ଶଶାଙ୍କ ଶେଖର ହୋତା (ଓଡ଼ିଆ ବିଭାଗ) ନିର୍ବାଚିତ ହୋଇଥିଲେ । ମୁଁ ମୋର ଇପ୍‌ସିତ ପଦରେ ନିର୍ବାଚିତ ହୋଇଥିବାରୁ ମନରୁ ପୂର୍ବର ଲଜ୍ଜା ଦୂରୀଭୂତ ହୋଇଥିଲା । ଛାତ୍ର ପରିଷଦର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଓଡ଼ିଆ ଛାତ୍ରମାନେ ନିର୍ବାଚିତ ହୋଇଥିବାରୁ ଓଡ଼ିଆ ଓ ଓଡ଼ିଆ ବିଭାଗର ସମ୍ମାନ ନିଶ୍ଚୟ ବଢ଼ିଥିଲା, ଏଥିରେ ସନ୍ଦେହ ନାହିଁ । ସେପରି ବିଜୟରେ ଆମର ମୁଖ୍ୟ ସହାୟ ଥିଲା ସବୁ ଭାଷାଭାଷୀଙ୍କ ସହିତ ଅନ୍ତରଙ୍ଗତା ଓ ସଦ୍‌ଭାବ ।

Digitized by srujanika@gmail.com

।। ପାଞ୍ଚ ।।

୧୯୫୯-୬୦ ଶିକ୍ଷାବର୍ଷ ବେଳକୁ 'ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ' ପୁରୁଣା ହୋଇସାରିଥିଲା । ଶାନ୍ତିନିକେତନ ଯିବା ଆଗରୁ ମୁଁ ପରିଷଦ ସଂପର୍କରେ ଅଳ୍ପକିଛି ଜାଣିଥିଲି, କାରଣ ତା' କାର୍ଯ୍ୟକ୍ରମର ବିବରଣୀ ଓଡ଼ିଶାର ଖବର କାଗଜରେ ସେତେବେଳେ ନିୟମିତ ଛପା ଯାଉଥିଲା । କଲିକତା, ଗୁଆହାଟି, ବର୍ଣ୍ଣପୁର କିମ୍ବା ଆସାନ୍‌ସୋଲର ପ୍ରବାସୀ ଉତ୍କଳ ସମାଜ ସଦୃଶ 'ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ' ଶାନ୍ତିନିକେତନବାସୀ ଓଡ଼ିଆମାନଙ୍କର ଏକ ଅର୍ଦ୍ଧ-ରାଜନୈତିକ ଅନୁଷ୍ଠାନ ବା 'ସାମ୍ମୁଖ୍ୟ' ନ ଥିଲା, ଏହା ଥିଲା ସଂପୂର୍ଣ୍ଣ ସାହିତ୍ୟିକ ଅନୁଷ୍ଠାନ । ଅବଶ୍ୟ ଏହା ଥିଲା ଏକମାତ୍ର ମିଳନାନୁଷ୍ଠାନ, ଯାହା ଜରିଆରେ ଏଠାର ସବୁ ଓଡ଼ିଆମାନେ ଏକାଠି ହୋଇପାରୁଥିଲେ । ସାହିତ୍ୟ ଓ କଳା-ଚର୍ଚ୍ଚା ବ୍ୟତୀତ ଏହି ଅନୁଷ୍ଠାନ ପ୍ରବାସୀଙ୍କ ମଧ୍ୟରେ ସୌହାର୍ଦ୍ଧ୍ୟ ଓ ଆତ୍ମୀୟତା ବଢ଼ାଇବାରେ ସହାୟକ ହୋଇଥିଲା ।

କବି ଡକ୍ଟର କୁଞ୍ଜ ବିହାରୀ ଦାସ, ତତ୍‌କାଳର ବିଭାଗୀୟ ମୁଖ୍ୟ, ଥିଲେ ଏହାର ପ୍ରତିଷ୍ଠାତା- ସଭାପତି । ଶାନ୍ତିନିକେତନର ସବୁ ଓଡ଼ିଆ ଥିଲେ ଏହାର ସଦସ୍ୟ । ନିୟମିତ ଚାନ୍ଦା କିମ୍ବା ସ୍ଥାୟୀ ପାଣ୍ଠିର ବ୍ୟବସ୍ଥା ନ ଥିଲା । ପ୍ରତ୍ୟେକ ଅଧିବେଶନ ନିମନ୍ତେ ସଦସ୍ୟଙ୍କ ଠାରୁ କିଛି ଚାନ୍ଦା ସଂଗ୍ରହ କରି ସେଇଦିନ ଖର୍ଚ୍ଚ ହେଉଥିଲା । ତେଣୁ ଆୟ-ବ୍ୟୟ ହିସାବର ଭାର ସଂପାଦକମାନଙ୍କୁ ବ୍ୟଥିତ ଓ ବିରକ୍ତ କରିବାର ଅବକାଶ ନ ଥିଲା । ଅନେକ ସମୟରେ ଚାନ୍ଦା ଆଦାୟ ହୋଇ ନପାରିବା କାରଣରୁ ସଭାପତି ଚା'-ଜଳଖିଆର ଖର୍ଚ୍ଚ ବ୍ୟକ୍ତିଗତ ଭାବେ ବହନ କରୁଥିଲେ । ଅଭାବରେ କେତେକ ସଦସ୍ୟ ସ୍ୱତଃପ୍ରବୃତ୍ତ ହୋଇ ଚା' ଜଳଖିଆ ଖର୍ଚ୍ଚ ତୁଲେଇ ଦେଉଥିଲେ । ସାହିତ୍ୟ- ପରିଷଦର ଅଧିବେଶନ ଗୁଡ଼ିକ ଏକାନ୍ତ ନିରାଡ଼ମ୍ବର ଥିବାରୁ ବ୍ୟୟ-ବହୁଳ ହେବାର ସମ୍ଭାବନା ଆଦୌ ନ ଥିଲା । ତେଣୁ ଅଧିବେଶନ ନିମନ୍ତେ 'ଚାନ୍ଦା'ଟା ଚଡ଼କ-ପ୍ରାୟ ନ ଥିଲା କିମ୍ବା 'ଚାନ୍ଦା' ଦେବାକୁ ପଡ଼ିବ ବୋଲି କେହି 'ବୈଠକ'କୁ ଏଡ଼େଇ ଯାଉ ନ ଥିଲେ । ପରିଷଦର ଲକ୍ଷ୍ୟ ଥିଲା ଏକାଠି ଚର୍ଚ୍ଚା ଓ ଭାବର ଆଦାନ-ପ୍ରଦାନ, ଚାନ୍ଦା ମିଳୁ ବା ନ ମିଳୁ । ୧୯୫୯-୬୦ ବର୍ଷରେ ମୁଁ ଯେତେବେଳେ ସାହିତ୍ୟ ପରିଷଦର 'ସହକାରୀ ସଂପାଦକ' ଥିଲି (ଭାବଗ୍ରାହୀ ମିଶ୍ରେ ଥିଲେ ସଂପାଦକ) ସଦସ୍ୟଙ୍କ ଠାରୁ ଚାନ୍ଦା ଆଦାୟ କରିବା ଭାର ମୋ ଉପରେ ନ୍ୟସ୍ତ

Digitized by srujanika@gmail.com

ଥିଲା । ମୁଁ ଛାତ୍ରଙ୍କ ଠାରୁ ୫୦ ପଇସା ଓ କର୍ମଚାରୀଙ୍କଠାରୁ ଏକ ଟଙ୍କା କରି ଆଦାୟ କରୁଥିଲି । କୌଣସିମତେ ଟଙ୍କା ପାଞ୍ଚୋଟି ଆଦାୟ ହୋଇଗଲେ ମନଖୁସି ହୋଇଯାଉଥିଲା । ସେତିକିରେ ଜଣକା ଦୁଇଟି କରି ସିଙ୍ଗଡ଼ା, ଗୋଟିଏ ପାନ ଆକୃତିର ମିଠା ଏବଂ ଏକ କପ୍ ଚା' 'କାଲୁ ଦୋକାନ'ରୁ ମଗାଯାଇ ଆପ୍ୟାୟନ କରାଯାଇ ପାରୁଥିଲା । ସେତେବେଳେ ଭଲ ଚା' କପ୍‌ଟା ଦଶ ପଇସା, ଭଲ ସିଙ୍ଗଡ଼ାର ଦାମ ଦଶ ପଇସା ନ ହେଲେବି ଅତି ବେଶୀରେ ୧୫ ପଇସା ଥିଲା ।

ପରିଷଦର ଛତା ତଳେ ଏକାଠି ହେବାରେ ଗୋଟାଏ ଆନନ୍ଦ ଥିଲା ପ୍ରବାସୀ ଜୀବନରେ । ଅଧିବେଶନରେ ଲେଖକମାନେ ସ୍ୱରଚିତ କବିତା, ଗପ ଓ ସାହିତ୍ୟ ସମାଲୋଚନା ପାଠ କରୁଥିଲେ । ପାଠ ଶେଷରେ ଖୋଲା ଆଲୋଚନା ହେଉଥିଲା । ଉପସ୍ଥିତ ବିଶେଷଜ୍ଞ ଅଧ୍ୟାପକ ଓ ବରିଷ୍ଠ ଛାତ୍ରମାନେ ନବୀନ ଲେଖକଙ୍କ ତ୍ରୁଟି ଦେଖାଉଥିଲେ, ଯାହା ଫଳରେ ନବାଗତମାନେ ନିଜକୁ ସମୃଦ୍ଧ କରିବାର ସୁଯୋଗ ପାଉଥିଲେ । ବାତାବରଣରେ ଈର୍ଷା ନ ଥିଲା, ଦୋଷାନ୍ୱେଷଣ ନ ଥିଲା । ବରଂ, କବି କୁଞ୍ଜବିହାରୀଙ୍କ ଭଳି ଉଦାରଚେତା ଅଧ୍ୟାପକମାନେ ବିନା କୁଣ୍ଠାରେ ଭଲ ରଚନାଗୁଡ଼ିକର ପ୍ରଶଂସା କରି ଉତ୍ସାହ ଦେଉଥିଲେ । ଅଧିକାଂଶ ସଦସ୍ୟଙ୍କୁ ପଠିତ ସାହିତ୍ୟ ସଂପର୍କରେ କିଛି ନା କିଛି କହିବାକୁ ଅନୁରୋଧ କରାଯାଉଥିଲା । ତା'ଫଳରେ କୁଣ୍ଠିତମାନେ ଅଭିମତ ଦେବାର ସାହସ ପୋଷଣ କରିପାରୁଥିଲେ । ତା' ଯୋଗେ ଅନେକଙ୍କର ସାହିତ୍ୟାଲୋଚନାର ଅନୁକୂଳ ସେଇଠାରେ ହିଁ ହୋଇଯାଉଥିଲା ।

ତରୁଣମାନଙ୍କ ପକ୍ଷରେ ଆଉ ଏକ 'ପ୍ରାପ୍ତି' ଘଟୁଥିଲା ପରିଷଦର ଅଧିବେଶନ ମାନଙ୍କରେ, ତା' ହେଉଛି ସଭାପତିଙ୍କ ଅଭିଭାଷଣ । ଓଡ଼ିଆ ସାହିତ୍ୟର ଚଳନ୍ତି ରୂପ ଓ ମୂଲ୍ୟବୋଧ ସହିତ ସମକାଳୀନ ବିଶ୍ୱ ସାହିତ୍ୟର ରୂପରେଖ ସଂପର୍କରେ ସୂଚନା ସେମାନଙ୍କ ଅଭିଭାଷଣରେ ନିହିତ ରହୁଥିବାରୁ ମୋ' ପରି ନବୀନଙ୍କ ପକ୍ଷରେ ସେସବୁ ଥିଲା 'ବୋନସ୍' ସଦୃଶ ।

ଏଠାରେ ଉଲ୍ଲେଖ କରିବା ଉଚିତ ଯେ ପରିଷଦର ପ୍ରତିଷ୍ଠାତା ସଭାପତି ଡକ୍ଟର କୁଞ୍ଜବିହାରୀ ଦାଶ ଜଣେ ଅସାଧାରଣ ବ୍ୟୁତ୍ପତ୍ତିସଂପନ୍ନ ଅଧ୍ୟାପକ ଥିଲେ; ବହୁ ଛନ୍ଦୋବଦ୍ଧ ଓ ଗଦ୍ୟ କବିତା ଲେଖି ସେ ସୁନାମ ଅର୍ଜନ କରିସାରିଥିଲେ । ଲୋକ-ସଂସ୍କୃତି ଓ ସାହିତ୍ୟରେ ତାଙ୍କର ଗବେଷଣା ତାଙ୍କ ଅନ୍ୱେଷା ଓ ଭାଷାପ୍ରୀତିର ଏକ ଦୃଷ୍ଟାନ୍ତ । ତାଙ୍କ ଦ୍ୱାରା ପ୍ରସ୍ତୁତ ନିବନ୍ଧ 'ଓଡ଼ିଆ ଲୋକଗୀତ ଓ କାହାଣୀ' ଓଡ଼ିଆ ଭାଷାରେ ରଚିତ ସର୍ବପ୍ରଥମ ପିଏଚ୍.ଡ଼ି. ଥିସିସ୍‌ର ମାନ୍ୟତା ପାଇଛି । ଆଲୋଚନା, ଭ୍ରମଣକାହାଣୀ ଓ ଲୋକ ସାହିତ୍ୟ ସଂଗ୍ରହ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଏକଦା ଆଲୋଚନା

Digitized by srujanika@gmail.com

କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ନିତାନ୍ତ ଦରିଦ୍ର ଥିଲା । ସେ ଚାହୁଁଥିଲେ ଏ ଦାରିଦ୍ର୍ୟ ଯେମିତି ହେଲେ ଘୁଞ୍ଚିଯାଉ । ସେଥିପାଇଁ ଛାତ୍ର ଓ ଅଧ୍ୟାପକମାନଙ୍କୁ ସାହିତ୍ୟ ସମାଲୋଚନା ଲେଖିବାକୁ ସେ ନିରନ୍ତର ପ୍ରେରଣା ଦେଉଥିଲେ । ତାଙ୍କରି ନିର୍ଦ୍ଦେଶରେ 'ସାହିତ୍ୟ ପରିଷଦ' ତରଫରୁ 'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା' ପୁସ୍ତକ ପରିକଳ୍ପିତ ହୋଇଥିଲା । 'ଓଡ଼ିଆ ବିଭାଗ'ର ଛାତ୍ର-ଅଧ୍ୟାପକ, ପ୍ରାକ୍ତନ ଛାତ୍ର ତଥା ପରିଷଦର ପ୍ରାକ୍ତନ ସଦସ୍ୟ (ଯେପରି ଶିଳ୍ପୀ ବିନୋଦ ରାଉତରାୟ)- ଯିଏ ଲେଖିପାରିବେ – ସମସ୍ତଙ୍କୁ ବିଷୟ ବାଣ୍ଟି ଦିଆଯାଇଥିଲା । ମୋ' ଭାଗରେ ପଡ଼ିଥିଲା – ''ଓଡ଼ିଆ ଏକାଙ୍କିକା ସାହିତ୍ୟ ।'' ସେଇଟି ରଚନା କରିବା ଥିଲା ମୋ ପାଇଁ ଏକାନ୍ତ କଷ୍ଟସାଧ୍ୟ । କାରଣ ପୂର୍ବରୁ ସେ ବିଷୟରେ କେହି ହେଲେ କିଛି ଅଭିମତ ଦେଇ ନ ଥିଲେ କି ଗାର ପକେଇ ନ ଥିଲେ । ବି.ଏ. ପ୍ରଥମ ବର୍ଷର ଛାତ୍ର ପକ୍ଷରେ ଏଭଳି ଏକ ଗବେଷଣାମୂଳକ ରଚନା ଥିଲା ଏକ ପରୀକ୍ଷା ପରି । ବାରମ୍ବାର ଲେଖି, ବାରମ୍ବାର କାଟିଲି, ତଥାପି କିଛି ଉତୁରିଲା ନାହିଁ । ଡଃ ଦାଶ ଓ ଅଧ୍ୟାପକ ନରେନ୍ଦ୍ର ନାଥ ମିଶ୍ର କିନ୍ତୁ ଉତ୍ସାହ ଦେବାରେ କୁଣ୍ଠିତ ନ ଥିଲେ । ଶେଷରେ ସେହି ଗୁରୁଦ୍ୱୟଙ୍କ କୃପା ବଳରେ ଲେଖାଟି ସଂପୂର୍ଣ୍ଣ ହୋଇପାରିଥିଲା । ଆଲୋଚନା ପୁସ୍ତକଟି 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ଛାପିବାକୁ ସମ୍ମତ ହେଲେ । ଛପାବହି ଆମ ହାତକୁ ଆସିଲା ୧୯୬୨ ମସିହାରେ । ସେତେବେଳକୁ ମୁଁ ଏମ୍.ଏ ଶ୍ରେଣୀର ଛାତ୍ର । ଛପା ବହିରୁ ମୋ' ଲିଖିତ ଆଲୋଚନାଟି ପଢ଼ି ମୁଁ ଯେତିକି ଗର୍ବିତ ହେଲି, ଭିତରେ ଭିତରେ ସେତିକି ଲଜ୍ଜିତ ହେଲି । ଆଲୋଚନାଟି ମୋତେ କୌଣସି ଏକ ବାଳକର ମୁଗ୍ଧ ଦୃଷ୍ଟି ପରି ଲାଗିଲା, କାରଣ ଲେଖା ପ୍ରସ୍ତୁତ ବେଳେ ଯଥାର୍ଥରେ 'ନାଟକ' କ'ଣ ମୁଁ ବୁଝି ନ ଥିଲି, ଯଦିଓ ନାଟକ - ଏକାଙ୍କିକାଦିରେ ଅଭିନୟ କରିଥିଲି । ଯା' ଭିତରେ ଚାଳିଶି ବର୍ଷ ବିତିଗଲାଣି । କବି କୁଞ୍ଜବିହାରୀ ଯାହା ଆରମ୍ଭ କରିଥିଲେ ତା' ବହୁଳାଂଶରେ ଫଳବତୀ ହୋଇଛି, ରାଶି ରାଶି ସମାଲୋଚନା ଗ୍ରନ୍ଥ ପ୍ରକାଶ ପାଉଛି, ଭଲ-ମନ୍ଦ ନିର୍ବିଶେଷରେ ଗବେଷଣା-ନିବନ୍ଧ ମଧ୍ୟ ସଂଖ୍ୟାରେ ଢେର । କିନ୍ତୁ ଓଡ଼ିଆ ଛୋଟ ନାଟକ ବା ଏକାଙ୍କିକା ସାହିତ୍ୟର ଉଦ୍ଭବ ଓ ବିକାଶ ସଂପର୍କରେ ବିଧିବଦ୍ଧ ଆଲୋଚନାଗ୍ରନ୍ଥର ଅଭାବ ତଥାପି ମେଣ୍ଟିନାହିଁ । ଯାହାବି ହେଉ ଓଡ଼ିଆ ସାହିତ୍ୟକୁ 'ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ'ର ଦାନ କଥା ଚିନ୍ତା କଲେ ସ୍ୱର୍ଗତଃ ଲୋକରତ୍ନ କୁଞ୍ଜବିହାରୀଙ୍କୁ ଶ୍ରଦ୍ଧାରେ ସ୍ମରଣ କରିବାକୁ ହୁଏ । ପରିଷଦକୁ କର୍ମମୁଖର କରିବା, ଅଲେଖାକୁ ଲେଖେଇବା ଏବଂ ଅଣଓଡ଼ିଆଙ୍କ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ସମ୍ମାନବୋଧ ଜାଗ୍ରତ କରିବା ତାଙ୍କର ଜୀବନର ଅଭିପ୍ରାୟ ଥିଲା । 'ସାହିତ୍ୟ ପରିଷଦ' ଥିଲା ସେଇ ଲକ୍ଷ୍ୟରେ ଏକ ସଶକ୍ତ ଜୟଯାତ୍ରା ।

Digitized by srujanika@gmail.com

୧୯୬୦ -୧୯୬୧ ଶିକ୍ଷା ବର୍ଷରେ କୁଞ୍ଜବିହାରୀ ଦାଶ ଶାନ୍ତିନିକେତନରୁ ବିଦାୟ ନେଲେ । ତାଙ୍କର ସ୍ଥାନ ବା କିଏ ପୂରଣ କରିଥାନ୍ତା କି ? ତେବେ ପରମ୍ପରା ଦୃଷ୍ଟିରୁ ବିଭାଗର ଦାୟିତ୍ୱ ମୁଣ୍ଡେଇଲେ ନରେନ୍ଦ୍ର ସାର୍ । ସେ ହେଲେ ସାହିତ୍ୟ ପରିଷଦର ନୂତନ ସଭାପତି । କିନ୍ତୁ ବୟସରେ ତରୁଣ ଥିଲେ ହେଁ ଡକ୍ଟର ନରେନ୍ଦ୍ର ନାଥ ମିଶ୍ର ଅଧ୍ୟୟନ, ଦୃଷ୍ଟିଭଙ୍ଗୀ ଓ ଆକଳନ ଦୃଷ୍ଟିରୁ ଯେକୌଣସି ବରିଷ୍ଠ ଅଧ୍ୟାପକଙ୍କ ସମତୁଲ ଥିଲେ । ତାଙ୍କ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ଗ୍ରନ୍ଥ ବିଶ୍ୱଭାରତୀ କର୍ତ୍ତୃକ ପ୍ରକାଶିତ ହୋଇ ଆଦରଲାଭ କରିସାରିଥାଏ ଏବଂ ପିଏଚ୍.ଡି. ନିବନ୍ଧ 'ଆଧୁନିକ ଓଡ଼ିଆ କାବ୍ୟଧାରା' ଥାଏ ପ୍ରକାଶ ଅପେକ୍ଷାରେ । ବେଳେ ବେଳେ ପରିଷଦର ଅଧିବେଶନରେ ସେ ଶୁଣାଉଥିଲେ - ତାଙ୍କ ରଚିତ କ୍ଷୁଦ୍ର କ୍ଷୁଦ୍ର 'ଏକପଦୀ' କବିତା । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ତାଙ୍କର ସଭାପତି-ଭାଷଣ । ସ୍ୱଦେଶ ଓ ବିଦେଶର କବିତା ସଂପର୍କରେ ସେ ଆମକୁ ରୀତିମତ ସନ୍ଧାନ କରି ରଖିଥିଲେ । ସେ ନିଜେ ଥିଲେ ଜଣେ ବହୁ ଶାସ୍ତ୍ରଦର୍ଶୀ ବ୍ୟକ୍ତି । ତର୍ଜମା କାଳରେ ସେ ଜ୍ଞାନର କୋଠରୀ-ଭୁକ୍ତତାକୁ ନାପସନ୍ଦ କରୁଥିଲେ । ଇତିହାସ, ଫରାସୀ ସାହିତ୍ୟ, ନନ୍ଦନତତ୍ତ୍ୱ ଓ ଭାରତୀୟ କାବ୍ୟ ପରମ୍ପରାର ଉଲ୍ଲେଖ କରି ସେ ଓଡ଼ିଆ ଆଧୁନିକ ସାହିତ୍ୟର ଆଲୋଚନା କରିପାରୁଥିଲେ । ତାଙ୍କର ଦୃଷ୍ଟି ଓ ଅନୁଧ୍ୟାନ ଥିଲା ସୁଦୂରପ୍ରସାରୀ । ତେଣୁ ସଭାପତି ଭାଷଣ ଆଳରେ ସେ ଆମ ଭିତରୁ ରକ୍ଷଣଶୀଳତା ଦୂର କରି ଆମକୁ ଉଚ୍ଚାଶା ପୋଷଣ ପାଇଁ ପ୍ରେରଣା ଦେଇପାରୁଥିଲେ । ଇଂରେଜୀ, ଫରାସୀ ଓ ଜର୍ମାନ ଭାଷାର ମୌଳିକ କୀର୍ତ୍ତିମାନ୍ ଆଲୋଚକଙ୍କ ଗ୍ରନ୍ଥରାଶି ସହିତ ତାଙ୍କର ପରିଚୟ ଥିଲା । 'ଆଧୁନିକ କାବ୍ୟଧାରା'ର ଗବେଷଣା ଓ ଆଲୋଚନାରେ ତଦ୍ଦ୍ଲଭ ଦୃଷ୍ଟି ବିନିଯୁକ୍ତ ହୋଇଥିବା ପରିଦୃଷ୍ଟ ହୁଏ ।

'ପରିଷଦ'ର ଅଧିବେଶନମାନଙ୍କରେ ଯୋଗଦେଇ ସଭାପତି ଭାଷଣଗୁଡ଼ିକୁ ଆମେ ଟିପି ରଖୁଥିଲୁ । ତା'ର କିୟଦଂଶ ମାତ୍ର କାଗଜରେ ଛପା ଯାଉଥିଲା । ୧୯୫୯-୬୦ ଶିକ୍ଷାବର୍ଷରେ ମୁଁ ସହକାରୀ ସଂପାଦକ ଥିବାବେଳେ ଏମ୍.ଏ. ପ୍ରଥମ ବର୍ଷର ଛାତ୍ର ଅଭିନ୍ନ ସାହୁଙ୍କୁ ସମ୍ବାଦ ସରବରାହ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଅଭିନ୍ନ ବାବୁ ଜଣେ ଏକାନ୍ତ ମନସ୍କ ଛାତ୍ର ଥିଲେ, ଛୋଟ ଛୋଟ ଗଳ୍ପ ଲେଖି ପଢୁଥିଲେ, ଆଲୋଚନାରେ ଅଂଶଗ୍ରହଣ କରୁଥିଲେ । ସଭାପତି ଭାଷଣଗୁଡ଼ିକୁ ସେ ଅବିକଳ (ତ୍ରୁଟିହୀନ ଭାବେ) ଲିପିବଦ୍ଧ କରିପାରୁଥିଲେ, ଯାହାକୁ ଭିତ୍ତି କରି ବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯାଇପାରୁଥିଲା । ୧୯୬୦-୬୧ ଶିକ୍ଷାବର୍ଷରେ ଭାବଗ୍ରାହୀ ମିଶ୍ର ବିଦାୟ ନେଇଥିବାରୁ ସର୍ବସମ୍ମତିରେ ମୋତେ ସଂପାଦକ କାର୍ଯ୍ୟ ତୁଲାଇବାକୁ ପଡ଼ିଲା । ପାଠରେ ଓ ବୟସରେ ମୁଁ ଜୁନିୟର ହୋଇଥିଲେ ହେଁ ଅଭିନ୍ନ ବାବୁ ମୋ' ପ୍ରତି ଏକାନ୍ତ ଶ୍ରଦ୍ଧାରୁ ସମ୍ବାଦ-ସରବରାହ କାର୍ଯ୍ୟଟି ସଂପାଦନ କରୁଥିଲେ । ସଭାପତି-ଭାଷଣଗୁଡ଼ିକୁ ଠିକ୍ ସମୟରେ

Digitized by srujanika@gmail.com

ଉଦ୍ଧାର କରି ଯଦି ପୁସ୍ତକିତ କରାଯାଇଥାନ୍ତା ତେବେ ସେଇ ଅମୂଲ୍ୟ ସଂପଦ ଆମେ ହରାଇ ବସି ନ ଥାନ୍ତୁ । ମୁଁ ଜାଣେନା ଅଭିନ୍ନ ବାବୁ ସେ କାଳର ରଫ୍‌ଖାତା ସାଇତି ରଖିଛନ୍ତି କି ନାହିଁ ?

ବାସ୍ତବିକ 'ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ'ରେ ସକ୍ରିୟ ଅଂଶଗ୍ରହଣ କରିବା ଫଳରେ ସାହିତ୍ୟାଲୋଚନା' ସଂପର୍କରେ ମୋର କିଛିଟା ଧାରଣା ହୋଇଚି । କେଉଁ ଆଲୋଚନାଗୁଡ଼ାକ ନିହାତି ଚାଲୁ ଓ ଅଗଭୀର ତା' ମୁଁ ଜାଣିପାରୁଚି ।

ପରିତାପର ବିଷୟ ଏହି ଯେ ନରେନ୍ଦ୍ର ନାଥ ମିଶ୍ରଙ୍କ ଭଳି ନିଷ୍ପାପର ସମୀକ୍ଷକମାନେ ଓଡ଼ିଶାରେ ସମାଦୃତ ନୁହନ୍ତି । କେତେକ ଚାଲୁ-ଆଲୋଚକ ବେଶ୍ ଉଚ୍ଚାସନ ପାଇଛନ୍ତି । ଏହା ହିଁ ବିଡ଼ମ୍ବନା ।

ନରେନ୍ଦ୍ର ସାର୍ ବେଶି ଦିନ ସଭାପତି ନ ଥିଲେ । ପରବର୍ଷ (୧୯୬୧) ଜୁଲାଇରେ ଆମେରିକାରୁ ଫେରି ଆସିଲେ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ । ସେ ହେଲେ ବିଭାଗର ମୁଖ୍ୟ ଓ ତଦନୁସାରେ 'ସାହିତ୍ୟ ପରିଷଦ'ର ସଭାପତି । ଦେବୀ ପ୍ରସନ୍ନ ସାର୍‌ଙ୍କ କଥା କିଏ ବା ନ ଜାଣେ । ଜ୍ଞାନୀ, ବିଚକ୍ଷଣ ଓ ପାରଦର୍ଶୀ ଏବଂ ସର୍ବୋପରି କର୍ମଠ । ଆସୁ ଆସୁ ସେ ବିଭାଗର ରୂପରେଖ, କାଟ୍‌ଟି ଓ ଭାବମୂର୍ତ୍ତି ବଦଳେଇ ଦେଲେ । ତାଙ୍କର ଅକୁଣ୍ଠ ଯୋଗଦାନ ଫଳରେ 'ସାହିତ୍ୟ ପରିଷଦ'ର କାର୍ଯ୍ୟକ୍ରମ ପୂର୍ବପରି ସତେଜ ହୋଇ ରହିଲା ।

ଆମେରିକାର କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରୁ ଭାଷା ବିଜ୍ଞାନରେ ଗବେଷଣା ଡିଗ୍ରୀ ଥିଲା ସେ ସମୟରେ ତାତ୍ପର୍ଯ୍ୟପୂର୍ଣ୍ଣ । ଭାଷାତତ୍ତ୍ୱ ଓ ଭାଷା ବିଜ୍ଞାନ ମଧ୍ୟରେ ଯେଉଁ ସୂକ୍ଷ୍ମ ତଫାତ୍‌ଟି ଥିଲା ତା' ଆମେ ଜାଣିଲୁ । ଅବଶ୍ୟ ସେ ଆମର ଭାଷାତତ୍ତ୍ୱ କ୍ଲାସ୍ ନେଉ ନ ଥିଲେ । ଅନ୍ୟ ଜଣେ ବଙ୍ଗାଳି ଅଧ୍ୟାପକ ଆମକୁ ଭାଷାତତ୍ତ୍ୱ ପଢ଼ାଇ ଆସୁଥିଲେ ପୂର୍ବରୁ ଓ ସେଥିରେ ପରିବର୍ତ୍ତନ ଘଟି ନ ଥିଲା । ଭାଷା ବିଜ୍ଞାନରେ ଭାଷା ଅଧ୍ୟୟନ କ୍ଷେତ୍ରରେ ଯେଉଁ ନୂଆ ଆପ୍ରୋଚ୍ ରହିଥିଲା ଡକ୍ଟର ପଟ୍ଟନାୟକ 'ସାହିତ୍ୟ ପରିଷଦ'ର ଅଧିବେଶନରେ ହିଁ ତା'ର ସୂଚନା ପ୍ରଦାନ କରିଥିଲେ ।

'ଓଡ଼ିଆ ବିଭାଗୀୟ ପାଠଚକ୍ର' (ବା ସେମିନାର୍) ଓ 'ସାହିତ୍ୟ ପରିଷଦ' ଉଭୟର ସଭାପତି ଥିଲେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ । ଦୀର୍ଘ ତିନିବର୍ଷ ଧରି ଉଭୟର ସଂପାଦକ ମଧ୍ୟ ମୁଁ ଥିଲି । କିନ୍ତୁ ଦୁଇଟିଯାକର କାର୍ଯ୍ୟକ୍ରମ ଓ ପରିସର ଭିନ୍ନ ଥିଲା । 'ବିଭାଗୀୟ ପାଠଚକ୍ର'ରେ ପାଠ୍ୟକ୍ରମ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ନିବନ୍ଧ ପାଠ ଓ ଆଲୋଚନା ହେଉଥିଲା । ବେଳେ ବେଳେ ଓଡ଼ିଶାରୁ ବିଶିଷ୍ଟ ଅଧ୍ୟାପକମାନଙ୍କୁ ଅତିଥି ରୂପେ ବରଣ କରି ଆଲୋଚନା କରାଯାଉଥିଲା । ଅନ୍ୟ ସମୟରେ ଛାତ୍ର ଓ ଅଧ୍ୟାପକଙ୍କ

Digitized by srujanika@gmail.com

ଦ୍ୱାରା ପ୍ରସ୍ତୁତ ଆଲୋଚନା ନିବନ୍ଧ ପାଠ କରାଯାଉଥିଲା । ତା' ଥିଲା ସଂପୂର୍ଣ୍ଣ ବିଭାଗୀୟ ବ୍ୟାପାର । ଅନ୍ୟ ବିଭାଗର କି ଅନ୍ୟ ଭବନର ଛାତ୍ରମାନେ ସେଥିରେ ଯୋଗ ଦେଉ ନ ଥିଲେ । 'ସାହିତ୍ୟ ପରିଷଦ'ର ବୈଠକକୁ କିନ୍ତୁ ସମସ୍ତେ ଆସୁଥିଲେ, କାରଣ ତା' ସହିତ ଓଡ଼ିଆ ପାଠ୍ୟକ୍ରମ ସମ୍ବନ୍ଧିତ ନ ଥିଲା ।

ଦେବୀ ପ୍ରସନ୍ନ ସାର୍ 'ବିଭାଗୀୟ ପାଠଚକ୍ର' ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ତାଙ୍କରି ଅମଳରେ 'ପାଠଚକ୍ର' ବାରମ୍ବାର ଆୟୋଜିତ ହୋଇଥିଲା ଓ 'ସ୍ୱାତନ୍ତ୍ର୍ୟ' ହାସଲ କରିପାରିଥିଲା ।

'ପାଠଚକ୍ର' ତରଫରୁ ପୂର୍ବରୁ ଆମେ 'ଦାରୁ ଦେବତା'ର ଲେଖକ ଗବେଷକ ଡକ୍ଟର ବେଣୀ ମାଧବ ପାଢ଼ୀଙ୍କୁ ନିମନ୍ତ୍ରଣ କରିଥିଲୁ । ଡକ୍ଟର ପାଢ଼ୀ ଜଗନ୍ନାଥ-ଧର୍ମ-ସଂସ୍କୃତି ଆଲୋଚନା- ଗବେଷଣା କ୍ଷେତ୍ରରେ ଜଣେ ଅଗ୍ରଗାମୀ ଗବେଷକ । ତାଙ୍କ ଥିସିସ୍‌ଟି ଥିଲା ଓଡ଼ିଆ ଭାଷାରେ ରଚିତ ଓ ପ୍ରକାଶିତ ଦ୍ୱିତୀୟ ନିବନ୍ଧ । ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଆମ ଭିତରେ ପୂରି ରହିଥିଲା । ସଂସ୍କୃତବିତ୍ ହୋଇଥିଲେ ହେଁ ଚର୍ଚ୍ଚାରେ ଓ ଅନୁଧାନରେ ଡକ୍ଟର ପାଢ଼ୀ କେତେ ଆଧୁନିକ ଥିଲେ ସେ ସମୟରେ (୧୯୬୦) 'ଦାରୁ ଦେବତା' ପାଠ କଲେ ତା' ଜଣାପଡ଼େ । ତାଙ୍କ ପାଇଁ ଆମେ 'ସିଂହସଦନ'ରେ ସଭାର ଆୟୋଜନ କରିଥିଲୁ । ବଙ୍ଗଳା, ହିନ୍ଦୀ, ପ୍ରାଚୀନ ଭାରତୀୟ ଇତିହାସ ଓ ସଂସ୍କୃତି ଏବଂ ଦର୍ଶନ ବିଭାଗର ବିଶିଷ୍ଟ ଅଧ୍ୟାପକମାନେ ସେଇ ସଭାରେ ଶ୍ରୋତା ରୂପେ ଉପସ୍ଥିତ ଥିଲେ । କାରଣ ନିର୍ଦ୍ଦିଷ୍ଟ Cult ବା ସାଂସ୍କୃତିକ ଚେତନା ସମ୍ବନ୍ଧୀୟ ଗବେଷଣା ସେତେବେଳେ ଖୁବ୍ ବେଶୀ ହୋଇ ନ ଥିଲା ଭାରତବର୍ଷରେ । ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ୍ୟ ସେଇ ଧରଣର ନିବନ୍ଧ ଏକାନ୍ତ ଦୁର୍ଲ୍ଲଭ ଥିଲା ।

ଏପର୍ଯ୍ୟନ୍ତ ଓଡ଼ିଶାର ଗବେଷକମାନେ ଭାଷାତତ୍ତ୍ୱ, ଲୋକତତ୍ତ୍ୱ ଓ ଜାତିତତ୍ତ୍ୱ ଭିତ୍ତିକ ଗବେଷଣା-ଗ୍ରନ୍ଥଗୁଡ଼ିକ ଇଂରାଜୀ ଭାଷାରେ ଲେଖି ଆସୁଛନ୍ତି । ଏହାଦ୍ୱାରା ବ୍ୟକ୍ତି ନା ବିଶ୍ୱବିଦ୍ୟାଳୟ ନା ଜାତି କିଏ ଉପକୃତ ହେଉଛି । ଭାରତୀୟ ଗବେଷକମାନେ ଲାଗିପଡ଼ି ଓ ସମସ୍ତ ବୁଦ୍ଧିବିଦ୍ୟା ଖଟାଇ ଇଂରାଜୀ ଭାଷାର ଉପାଦେୟତା ବଢ଼ାଇବାରେ ଲାଗିଛନ୍ତି । ଓଡ଼ିଆ ଭାଷା ଯେମିତି ମୂଢ଼ ଜନଙ୍କ ଭାଷା ଥିଲା ପୂର୍ବେ ସେଇପରି ରହିଛି । ଜାତୀୟ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଉଥିଲେ ମଧ୍ୟ ଲାଭ ହେଉନି । ଭାରତବର୍ଷ ବ୍ୟତୀତ ଅନ୍ୟ କେଉଁ ସମ୍ମାନିତ ଦେଶରେ ମାତୃଭାଷା ପ୍ରତି ବିଶ୍ୱବିଦ୍ୟାଳୟୀମାନେ ଏପରି ଅବଜ୍ଞା ପ୍ରକାଶ କରନ୍ତି ନାହିଁ । ଓଡ଼ିଆ ଜ୍ଞାନ-ଚର୍ଚ୍ଚାର ଉପଯୋଗୀ କେବଳ ସେତିକିବେଳେ ହେବ ଯେତେବେଳେ ଚିନ୍ତାବିତ୍‌ମାନେ, ପଣ୍ଡିତମାନେ, ଦାର୍ଶନିକ ଓ ବୈଜ୍ଞାନିକମାନେ ସେମାନଙ୍କ ଚିନ୍ତାଧାରାର ଅଭିବ୍ୟକ୍ତି ନିମନ୍ତେ ମାତୃଭାଷା ବ୍ୟବହାର କରିବେ । ତା'ନ ହେଲେ

Digitized by srujanika@gmail.com

ମାତୃଭାଷାର ଭଣ୍ଡାର କେବଳ ମାଇପି ବୋଲି ଓ ଭଜନ-କୀର୍ତ୍ତନରେ ପୂର୍ଣ୍ଣ ହୋଇ ରହିଥିବ । କେବଳ ସରସ ସାହିତ୍ୟ କୌଣସି ଭାଷାକୁ ସମୃଦ୍ଧି ପଥରେ ଆଗେଇ ନେଇପାରିବ ନାହିଁ ଏହା କର୍ମରତ ଗବେଷକ ଓ ବୁଦ୍ଧିଜୀବୀମାନେ ହୃଦୟଙ୍ଗମ କରିବା ଉଚିତ । ମାତୃଭାଷାର ଉପାଦେୟତା ବଢ଼ିଲେ ଏହା ବିଶ୍ୱ-ଜନସମୁଦାୟର ଦୃଷ୍ଟି ଆକର୍ଷଣ କରିବ ହିଁ କରିବ ।

ସେକାଳର ଆଉ ଜଣେ ବିଶିଷ୍ଟ ଭାଷାବିତ୍ ହେଉଛନ୍ତି ଅଧ୍ୟାପକ ଗୋଲୋକ ବିହାରୀ ଧଳ । ତାଙ୍କୁ ଥରେ 'ପାଠଚକ୍ର'ର ଅତିଥି ରୂପେ ପାଇ ଆମେ ଧନ୍ୟ ହୋଇଥିଲୁ । ଧ୍ୱନିବିଜ୍ଞାନ କ୍ଷେତ୍ରରେ ସେଥିଲେ ଜଣେ ବିଶିଷ୍ଟ ଗବେଷକ । ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଭାଷାରେ ସେ ଅନର୍ଗଳ କହିପାରୁଥିଲେ । ଧ୍ୱନିତତ୍ତ୍ୱ ସଂପର୍କରେ 'ଓଡ଼ିଆ ପାଠଚକ୍ର'ରେ ସେ ଯେଉଁ ବକ୍ତୃତାଟି ଦେଇଥିଲେ – ମୋର ମନେଅଛି- ତା' ତଥ୍ୟପୂର୍ଣ୍ଣ ହେବା ସହିତ ରସାଳ ହୋଇଥିଲା । ଅନ୍ୟାନ୍ୟ ବିଭାଗର ଅଧ୍ୟାପକମାନେ ମଧ୍ୟ ଶୁଣିବାକୁ ଆସିଥିଲେ ଓ ପ୍ରଫୁଲ୍ଲ ଚିତ୍ତରେ ସନ୍ତୋଷର ସହିତ ଫେରିଥିଲେ । ସ୍ୱର୍ଗତଃ ଧଳ ଥିଲେ ଜଣେ ସ୍ୱାଧୀନଚେତା ଓ ସ୍ୱାଭିମାନୀ ଅଧ୍ୟାପକ । ଜାତୀୟ ଭାଷା ଓ ସାହିତ୍ୟ ପ୍ରତି ତାଙ୍କ ପ୍ରାଣରେ ଅଖଣ୍ଡ ମମତା ଥିଲା । ଯେତେଦିନ ସେ ଶାନ୍ତିନିକେତନର ଟାଟା ଅତିଥିଭବନରେ ରହିଥିଲେ ମୁଁ ତାଙ୍କ ପାଖେ ପାଖେ ଥିଲି । ତାଙ୍କ ସହିତ ଆଲୋଚନା କରୁଥିଲି ବିଭିନ୍ନ ପ୍ରସଙ୍ଗରେ । ମୋର ମନେଅଛି, ଥରେ କୌଣସି ଏକ ଭାଷାତାତ୍ତ୍ୱିକ ପ୍ରସଙ୍ଗରେ ସେ କ୍ଷୋଭର ସହିତ କହିଥିଲେ- 'ଆରେ ବାବୁ ଦୁଇ କୋଟି ଦରିଦ୍ର ଲୋକଙ୍କ ଭାଷା ବୋଲି ତୁମେ ଓଡ଼ିଆ ଭାଷାକୁ ଅବଜ୍ଞା କରିପାରିବନି । ଭାଷାରେ କିଛି ଖରାପ ନାହିଁ । ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଏହା ଏକ ଉନ୍ନତ ସଂପ୍ରଦାୟର ସୃଷ୍ଟି । ଓଡ଼ିଆଙ୍କ ବେଳ ଖରାପ ପଡ଼ିଛି ବୋଲି ତାଙ୍କ ମାତୃଭାଷାକୁ ବି ନିମ୍ନ ଚକ୍ଷୁରେ ଦେଖାଯାଉଛି । ଓଡ଼ିଆ ପୁଅ ମୁଣ୍ଡ ଉଠେଇଲେ ତା' ଭାଷା ବି ସମ୍ମାନ ପାଇବ ।''

ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ 'ଓଡ଼ିଆ ପାଠଚକ୍ର'ର ତଥା 'ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ'ର ସଭାପତି ହେବାପରେ ଭାଷା ବିଷୟରେ ଆମର ସଚେତନତା ବଢ଼ିଲା । ଭାଷା ଚର୍ଚ୍ଚା କ୍ଷେତ୍ରରେ ସେତେବେଳେ ଡକ୍ଟର ସୁନୀତି କୁମାର ଚାଟାର୍ଜୀଙ୍କ ଯୁଗ ଚାଲିଥାଏ । ତାଙ୍କର ରାୟକୁ ସମସ୍ତ ପଣ୍ଡିତ ଗ୍ରହଣ କରି ନେଉଥାନ୍ତି । ଖାଲି ଭାଷା ନୁହେଁ ସମଗ୍ର ବଙ୍ଗ ସାହିତ୍ୟର ମୁରବୀ ରୂପେ ସେ ସମ୍ମାନ ପାଉଥାନ୍ତି । ଓଡ଼ିଆ ଭାଷାର ପ୍ରାଚୀନତା ସଂପର୍କରେ ତାଙ୍କର ଅଭିମତ ଆମର ଐତିହ୍ୟକୁ ଅସ୍ୱୀକାର କଲାଭଳି ଥିଲା । ଡକ୍ଟର ପଟ୍ଟନାୟକ (ସେତେବେଳେ ତରୁଣ) ସୁନୀତି ବାବୁଙ୍କ ମତକୁ ଖଣ୍ଡନ କରିବାର ସତ୍‌ସାହସ ପୋଷଣ କରିଥିଲେ । ଦେବୀ ପ୍ରସନ୍ନ ସାର୍‌ଙ୍କ ଯୁକ୍ତି ଥିଲା ଖାରବେଳଙ୍କ ଶିଳାଲେଖକୁ ଭିତ୍ତିକରି । ଶିଳାଲେଖରେ 'ବାଟ' ଓ 'ପଦର' ଭଳି ଦୁଇଟି

Digitized by srujanika@gmail.com

ଖାଣ୍ଟି ଓଡ଼ିଆ ଶବ୍ଦ ବ୍ୟବହୃତ ହୋଇଥିବା ଦର୍ଶାଇ ଡକ୍ଟର ପଟ୍ଟନାୟକ ପ୍ରମାଣ କରିଥିଲେ ଯେ ପୂର୍ବ ମାଗଧୀ ଭାଷା ଗୋଷ୍ଠୀରୁ ପ୍ରଥମେ ଓଡ଼ିଆ ଭାଷା ହିଁ ସ୍ୱତନ୍ତ୍ର ହୋଇଛି ।

ଏହି ତଥ୍ୟ ଜାଣିବା ପରେ ମୁଁ ମନେ ମନେ ଗର୍ବ ଅନୁଭବ କରିଥିଲି । ମୋର ସ୍ୱାଭିମାନ ବଢ଼ିଥିଲା । ଜଣେ ଲେଖକ ପାଇଁ ଜାତିର ଐତିହ୍ୟ ଗର୍ବବୋଧ କରିବାର ଅକ୍ଷୟ ସାମଗ୍ରୀ, ଯାହା ତାକୁ ସ୍ୱାଭିମାନୀ କରି ଗଢ଼େ ।

ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ବିଶ୍ୱଭାରତୀ ଛାଡ଼ିବା ପରେ ବିଭିନ୍ନ ସମୟରେ ଡକ୍ଟର କୃଷ୍ଣ ଚରଣ ସାହୁ (ସ୍ୱର୍ଗତଃ), ଡକ୍ଟର ଶ୍ରୀନିବାସ ମିଶ୍ର, ଡକ୍ଟର ନରେନ୍ଦ୍ର ନାଥ ମିଶ୍ର ଓ ଡକ୍ଟର ଖଗେଶ୍ୱର ମହାପାତ୍ର ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସଭାପତି ପଦ ମଣ୍ଡନ କରିଛନ୍ତି । ଏମାନେ ସମସ୍ତେ କୃତବିଦ୍ୟ ଓ ଯଶସ୍ୱୀ ଅଧ୍ୟାପକ । ସେମାନଙ୍କ ନେତୃତ୍ୱରେ ଓଡ଼ିଆ ବିଭାଗ ଓ ସାହିତ୍ୟ ପରିଷଦ ତରଫରୁ ବହୁବିଧ ସେମିନାର୍ ଓ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି ।

ପୂର୍ବରୁ କହିଚି – 'ସାହିତ୍ୟ ପରିଷଦ'ର କୌଣସି ପାଣ୍ଠି ନ ଥିଲା, ସଦସ୍ୟଙ୍କ ଶ୍ରଦ୍ଧା ହିଁ ଥିଲା ପରିଷଦର ସମ୍ୱଳ । 'ସାହିତ୍ୟ ପରିଷଦ'ର ଅଧିବେଶନ ନିମନ୍ତେ ବିଜ୍ଞପ୍ତିଟିଏ ମୁଁ ସାଧାରଣ ଭୋଜନାଗାର (କିଚେନ୍)ର ନୋଟିସ ବୋର୍ଡ଼ ନିକଟରେ ଚିଟେଇ ଦେଉଥିଲି, ଆଖି ପଡ଼ିବା ଜାଗାରେ । କଳାଭବନ, ସଙ୍ଗୀତ ଭବନର ଓଡ଼ିଆ ଛାତ୍ରମାନେ ତା'ଦ୍ୱାରା ଜାଣିପାରୁଥିଲେ । ୧୯୫୯-୬୦ ଶିକ୍ଷା ବର୍ଷରେ କଳାଭବନର ଛାତ୍ର ଥିଲେ ଉଦୟ ନାରାୟଣ ଜେନା । ଚିତ୍ରକଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ସେ ବେଶ୍ ସୁନାମ ଅର୍ଜନ କରିସାରିଥିଲେ । ନିୟମିତ ଭାବରେ ସେ ଅଂଶଗ୍ରହଣ କରୁଥିଲେ ପରିଷଦର ବୈଠକମାନଙ୍କରେ । ସରଳ ଓ ମିଷ୍ଟଭାଷୀ ଉଦୟବାବୁ ଥିଲେ ନିରଳସ । ଉତ୍କଳର ପୁତ୍ର ରୂପେ ତାଙ୍କ ମନରେ ଅଭିମାନ ଥିଲା । ଆଧୁନିକ ଚିତ୍ରକଳା କ୍ଷେତ୍ରରେ ଓଡ଼ିଆ ପଛରେ ପଡ଼ିଛି ଜାଣି ଛାତ୍ରାବସ୍ଥାରେ ମଧ୍ୟ ସେ ଦୁଃଖ କରୁଥିଲେ । ଆଧୁନିକ ଚିତ୍ରକଳାର ବିକାଶ ନିର୍ଭର କରେ ପୃଷ୍ଠପୋଷକତା ଉପରେ । ଯାହାର ଘୋର ଅଭାବ ପରିଲକ୍ଷିତ ହୁଏ ଓଡ଼ିଶାରେ । ଏଠି ଶିଳ୍ପୀଟିଏ ବଞ୍ଚିବ କେମିତି ? ଓଡ଼ିଶାର ପ୍ରଶାସନ ଏ ବିଷୟରେ ଉଦାସୀନ ।

ଏକ ହଜାର ବର୍ଷର ପୁରାତନ ସହର କଟକ, ଅଥଚ ଏଠି ଗୋଟିଏ ବି ଆର୍ଟ୍-ଗ୍ୟାଲେରୀ କିମ୍ୱା ଚିତ୍ରକଳା ସଂଗ୍ରହାଳୟ ନାହିଁ । ବ୍ରିଟିଶ ଶାସକମାନେ କରି ନ ଥିଲେ, ସ୍ୱାଧୀନତା ପ୍ରାପ୍ତିର ପଚାଶ ବର୍ଷ ଭିତରେ ଓଡ଼ିଆ ଶାସକମାନେ ବା କ'ଣ କରି ପକେଇଲେ ! ଶାସକ, ପ୍ରଶାସକ ଓ ଧନବନ୍ତମାନେ କ'ଣ ଜାଣିପାରୁ ନାହାନ୍ତି ଯେ ତାଙ୍କ ପୁଅ-ଝିଅ ଖଣ୍ଡିଏ ବି ଚିତ୍ରକଳା ନ ଦେଖି ଶିକ୍ଷା ଶେଷ କରି ଚାକିରିରେ ଯୋଗ

Digitized by srujanika@gmail.com

ଦେଉଛନ୍ତି । ଯେତେ ଭଲ ନମ୍ବର ରଖିଲେ କ'ଣ ହେବ ତାଙ୍କର 'ମୂର୍ଖ ଦୋଷ' ଦୂର ହୋଇପାରୁନି ।

ଆର୍ଟ-ଗ୍ୟାଲେରୀ ତ ନାହିଁ, ବିଚରା ଚିତ୍ର ଶିଳ୍ପୀଟି ତା' ଚିତ୍ରର ପ୍ରଦର୍ଶନୀ କରିବ କେଉଁଠି ? ସେହି ଶ୍ରୀ ରାମଚନ୍ଦ୍ର ଭବନରେ ନ ହେଲେ ରବୀନ୍ଦ୍ର ମଣ୍ଡପରେ, ଯାହା ଚିତ୍ର ପ୍ରଦର୍ଶନୀ ନିମନ୍ତେ ଆଦୌ ଅନୁକୂଳ ସ୍ଥାନ ନୁହେଁ । ପୂର୍ବଦିନ କଥା କହିପାରିବି ନାହିଁ, ତେବେ ଗତ ୨୦ ବର୍ଷ ଭିତରେ କେଉଁ ଶିଳ୍ପୀଙ୍କ 'ଏକକ ଚିତ୍ରକଳା ପ୍ରଦର୍ଶନୀ' କଟକରେ ହୋଇଥିବା ଭଳି ମୋର ମନେପଡୁନି । ଯଦିଓ ଖୋଦ୍ କଟକରେ ପୂର୍ବରୁ ବିଭୂତି କାନୁନ୍‌ଗୋ, ଗୋପାଳ କାନୁନ୍‌ଗୋ ରହୁଥିଲେ, ଏବେ ଅସୀତ ମୁଖାର୍ଜୀ, ଅଜିତ୍ କେଶରୀ ରାୟଙ୍କ ଭଳି ପ୍ରବୀଣ ଓ ଯଶସ୍ୱୀ ଶିଳ୍ପୀମାନେ ରହୁଛନ୍ତି । ଉଦୟ ଜେନାଙ୍କ ଜୀବନର ଶ୍ରେଷ୍ଠ କାଳଟା ମଧ୍ୟ କଟକର ମହମଦିଆ ବଜାରର ଭଡ଼ାଘରେ କଟିଚି । ସେମାନଙ୍କ ଭଳି ପ୍ରତିଭାବନ୍ତ ଶିଳ୍ପୀମାନେ ଛୋଟ-ବଡ଼ ଚାକିରି କରି କୁଟୁମ୍ବ ପୋଷୁଥିଲେ । ଅସୀତ ମୁଖାର୍ଜୀଙ୍କ ପରି କେଇଜଣ ବହି ଓ ପତ୍ରିକାର କଭର୍ ଡିଜାଇନ୍ କରି ଆପଣା ପ୍ରତିଭାର ଅପଚୟ ହିଁ କରିଛନ୍ତି । ଯେଉଁ ଚିତ୍ରଶିଳ୍ପୀମାନେ ଓଡ଼ିଶା ଛାଡ଼ିଛନ୍ତି ଯେପରି ଉପେନ୍ଦ୍ର ମହାରଥୀ (ସେକାଳର) ଏବଂ ମୋର ଅନ୍ୟତମ ବନ୍ଧୁ ଯତୀନ୍ ଦାସ । ଆର୍ଟ୍ କହିଲେ ଲୋକେ ଶିବ-କାଶୀ ପ୍ରସ୍ତୁତ କ୍ୟାଲେଣ୍ଡର ଛବିକୁ ବୁଝନ୍ତି, କେହି କେହି ବର୍ଷକ ପରେ କାଟି ବନ୍ଧେଇ କରି ରଖନ୍ତି ମଧ୍ୟ । ଗରିବ ଘର କଥା କହୁନି, ଯେଉଁମାନେ ମୋଟା ଅଙ୍କର ପୁଞ୍ଜି ବିନିଯୋଗ କରି ସୁଦୃଶ୍ୟ ଅଟ୍ଟାଳିକା ନିର୍ମାଣିଛନ୍ତି, ତାଙ୍କ ଘରେ ବି କେଉଁଠି ଓଡ଼ିଆ ଶିଳ୍ପୀର ସୃଷ୍ଟିଟିଏ ନାହିଁ । ହାୟ, ଶିଳ୍ପୀର କି ଦୁରବସ୍ଥା ଆମ ରାଜ୍ୟରେ !

ସ୍ୱର୍ଗତଃ ଉଦୟ ଜେନାଙ୍କ କଥା ମନେ ପଡ଼ିଲେ ଆଉରି ଅନେକ ପ୍ରସଙ୍ଗ ମନରେ ଭାସିଉଠେ । ସେ ସମୟରେ ଝଙ୍କାର ପୃଷ୍ଠାରେ ଓଡ଼ିଆ ଚିତ୍ରଶିଳ୍ପୀଙ୍କ 'ଚିତ୍ର' ଛପା ଯାଉଥିଲା । ଉଦୟବାବୁ ସେସବୁ ନିଜ ଉଦ୍ୟମରେ ସଂଗ୍ରହ କରି ରଖୁଥିଲେ । ସେଇ ଚିତ୍ରଗୁଡ଼ିକୁ ଏକାଠି କରି ୧୯୫୯ରେ ପୂଜା ଅବକାଶର ଅବ୍ୟବହିତ ପୂର୍ବରୁ 'ପରିଷଦ'ର ଆନୁକୂଲ୍ୟରେ ଉଦୟବାବୁ ଓ ତାଙ୍କ ସହପାଠୀଙ୍କ ଉଦ୍ୟମରେ ଗୋଟିଏ ଓଡ଼ିଆ ଚିତ୍ରକଳା ପ୍ରଦର୍ଶନୀ 'ସିଂହସଦନ'ରେ ଅନୁଷ୍ଠିତ ହୋଇଥିଲା । କଳାଭବନର ତତ୍କାଳୀନ ଅଧ୍ୟକ୍ଷ ତାହା ଉଦ୍‌ଘାଟନ କରି ଶିଳ୍ପୀ ବିମ୍ବାଧର ବର୍ମା ଓ ଗୋପାଳ କାନୁନ୍‌ଗୋଙ୍କ ଛବିର ପ୍ରଶଂସା କରିଥିଲେ । ନନ୍ଦଲାଲ ବୋଷ ବଞ୍ଚିଥିଲେ, କିନ୍ତୁ ଆସିପାରି ନ ଥିଲେ । କିନ୍ତୁ ଆସିଥିଲେ ଶାନ୍ତିନିକେତନର ଅନ୍ୟତମ ପ୍ରତିଭାଧର ବ୍ୟକ୍ତି ରାମକିଙ୍କର ବେଜ୍ । ସ୍ୱୟଂ ଜଣେ ସର୍ବାଧୁନିକ ଶିଳ୍ପୀ ହୋଇଥିଲେ ହେଁ ବି ବର୍ମାଙ୍କ ଛବିର ସୌକୁମାର୍ଯ୍ୟ ତାଙ୍କୁ ଅଭିଭୂତ କରିଥିଲା । ସେତେବେଳେ ପରିଷଦର ସଭାପତି କୁଞ୍ଜବିହାରୀ ଦାଶ ଓ ସଂପାଦକ

Digitized by srujanika@gmail.com

ଭାବଗ୍ରାହୀ ମିଶ୍ର ଉଭୟେ 'ଭାରତୀୟ ଲୋକ ସଂସ୍କୃତି ସମ୍ମେଳନ'ରେ ଯୋଗଦେବାକୁ ବମ୍ବେ (ମୁମ୍ବାଇ) ଯାଇଥିଲେ । ତାଙ୍କ ସହିତ ଯାଇଥିଲେ ବରିଷ୍ଠ ଛାତ୍ରୀ ବେଲାରାଣୀ ଚାନ୍ଦ, ସମ୍ମେଳନରେ ଓଡ଼ିଆ ହଳିଆ ଗୀତ ଓ କାନ୍ଦଣାର ଦୃଷ୍ଟାନ୍ତ ପରିବେଷଣ କରିବାକୁ । (ମନେଅଛି, ବେଲାଦି' ମୋ ପାଇଁ ବମ୍ବେରୁ ଗୋଟିଏ ନେକ୍‌ଟାଇ ଆଣିଥିଲେ ସେଥର) ତା' ସତ୍ତ୍ୱେ 'ପରିଷଦ'ର ସମସ୍ତ ସଦସ୍ୟଙ୍କ ସହାୟତା ଯୋଗେ ଏବଂ ଉଦୟ ଜେନାଙ୍କ ନେତୃତ୍ୱରେ ଓଡ଼ିଆ ଚିତ୍ର ପ୍ରଦର୍ଶନୀଟି ସଫଳ ହୋଇଥିଲା ।

ଚୈତ୍ୟ

Digitized by srujanika@gmail.com

।। ଛଅ ।।

'ପରିଷଦ'ର ବୈଠକକୁ ସମସ୍ତେ ଆସୁଥିଲେ, ସବୁ ଓଡ଼ିଆ । କିନ୍ତୁ ଯେଉଁମାନେ ନିଜକୁ ଓଡ଼ିଆ ରୂପେ ପରିଚୟ ଦେବାକୁ କୁଣ୍ଠିତ ଥିଲେ ସେମାନ ଆସୁ ନ ଥିଲେ, କିମ୍ବା ମୁଁ ସେମାନଙ୍କୁ ଡାକିବାକୁ ଯାଉ ନ ଥିଲି । ଷଢ଼େଇକଳା-ଖରସୁଆଁ ଭଳି ବିଚ୍ଛିନ୍ନାଞ୍ଚଳରୁ ଆସି ପଢୁଥିବା କିମ୍ବା ଚାକିରି କରୁଥିବା ଓଡ଼ିଆ ଭାଇଙ୍କୁ ନେଇ କିଛି ସମସ୍ୟା ନ ଥିଲା । ସେମାନେ ନିଜକୁ ଓଡ଼ିଆ ରୂପେ ସାବ୍ୟସ୍ତ କରିବାରେ ଗର୍ବ ଅନୁଭବ କରୁଥିଲେ । ସମସ୍ୟା ଥିଲା ମେଦିନୀପୁରର ମିଶ୍ର, ସାମନ୍ତ, ଚୌଧୁରୀ, ମାଇତି, ଜେନା ଓ ପାଣିଗ୍ରାହୀଙ୍କୁ ନେଇ । ମହାନ୍ତିମାନେ 'ମାଇତି' ଓ 'ଜେନା' କୁଳ 'ଜାନା'ରେ ରୂପାନ୍ତରିତ ହୋଇସାରିଥିଲେ । ଅଧିକାଂଶ ଥିଲେ ବଙ୍ଗଳା ବିଭାଗର ଛାତ୍ର । ଚିହ୍ନା ପରିଚୟ ହେବା ସତ୍ତ୍ୱେ ସେମାନେ ଆପଣାର 'ମୂଳ' ଖୋଲୁ ନ ଥିଲେ । ଏଇ ପ୍ରସଙ୍ଗରେ ମୋର ଅନୁଜ ପ୍ରତିମ ବଙ୍ଗଳା ବିଭାଗର ଛାତ୍ର ମୋହିତ ପାଣିଗ୍ରାହୀ କଥା ମନେପଡୁଚି । ମୋହିତ ଆଡମିଶନ ନେବା ଦିନଠୁ ମୋ' ସହିତ ହିଁ ଦିନରାତି ଥାଏ ଓ ସେ ଲେଖୁଥିବା ବଙ୍ଗଳା କବିତା ଶୁଣାଏ । ସେ ହିଁ କେବଳ ମାନୁଥିଲା ଯେ ତାଙ୍କ ଘରେ ସବୁ ବୟସ୍କମାନେ ଓଡ଼ିଆ କହନ୍ତି ଓ ଲେଖିପାରନ୍ତି । ଏବେ ଶୁଣିଲି, ମୋହିତର ସ୍ୱର୍ଗବାସ ହୋଇଯାଇଛି । ମୋ'ପରି ଓଡ଼ିଆପ୍ରେମୀ ପାଇଁ ମୋହିତ ଥିଲା ମେଦିନୀପୁରର ଆତ୍ମା, କହୁଥିଲି ତୁମେ ମୋ' ପାଇଁ The soul of Medinipur ମୁଁ ତାକୁ କେବେ ୨ କେବେ ଶୁଣାଉଥିଲି ଯଥା :

''ଦେଖ ମୋହିତ !
ତୁମେ ଯେତେଦିନ ଅଛ
ମେଦିନୀପୁର ଅଛି
ଓଡ଼ିଆ ଭାଷାର ସମ୍ଭାବନା ଅଛି ।''

ଥରେ ଥରେ ସେ ମୋ' ସହିତ ପରିଷଦର ବୈଠକକୁ ଶ୍ରଦ୍ଧାରେ ଯାଉଥିଲା । ଓଡ଼ିଆ କହିପାରୁ ନ ଥିବାରୁ ଆଲୋଚନାରେ ଭାଗ ନେଇପାରୁ ନ ଥିଲା ଅବଶ୍ୟ । ଲାଇବ୍ରେରୀରୁ ନବ ପ୍ରକାଶିତ ବଙ୍ଗଳା କବିତା ପୁସ୍ତକ ଆଣି ସେ ମୋତେ ଶୁଣାଉଥିଲା, ପରିପାଟୀ ଦେଖାଉଥିଲା, ଲଜ୍ଜା ଦେବା ସହିତ ଆହ୍ୱାନ ଦେଉଥିଲା ।

Digitized by srujanika@gmail.com

ଜାମ୍‌ସେଦପୁର ନିକଟ ଚକ୍ରଧରପୁରର ନନ୍ଦକିଶୋର ସିଂହ ହିନ୍ଦୀ ବିଭାଗର ଗବେଷକ ଥିଲେ ଏବଂ ଇତିହାସ ବିଭାଗର ଅଧ୍ୟାପକ ଥିଲେ ଷଢ଼େଇକଳା-ଖରସୁଆଁ ନିବାସୀ ଶ୍ରୀ ବାଗ୍‌ଚି (ଓଡ଼ିଶାର ଏକଦା ମୁଖ୍ୟ-ସଚିବ ଦେବୀ ପ୍ରସାଦଙ୍କ ବଡ଼ଭାଇ)। ଓଡ଼ିଆ ବିଦ୍ୟାଳୟରେ ବିଦ୍ୟାରମ୍ଭ କରିଥିବାରୁ ଅଧ୍ୟାପକ ବାଗ୍‌ଚି ସେତେବେଳେ ସ୍ପଷ୍ଟ ଓଡ଼ିଆ କହିପାରୁଥିଲେ । ସେ ମୋତେ ତାଙ୍କ ସାନଭାଇ ପରି ଦେଖୁଥିଲେ । ଭଲ ଚେହେରା, ନାକ ତଳକୁ ମୋଟା ନିଶ ରଖିଥିଲେ । ଦିନେ ଦିନେ ମୁଁ ତାଙ୍କୁ ବୈଠକକୁ ଡାକି ନେଉଥିଲି । ଦେଖାହେବା ମାତ୍ରେ ସେ ମନେପକେଇ ଦେଉଥିଲେ ସାନଭାଇ ଦେବୀପ୍ରସାଦ ରେଭେନ୍ସା କଲେଜରେ ପଢ଼ିବାକଥା । ସାନଭାଇ ଭଲ ପଢୁଥିବାରୁ ସେ ତା'ପାଇଁ ସେତେବେଳେ ମଧ୍ୟ ଗର୍ବ ଅନୁଭବ କରୁଥିଲେ । ମୁଁ ଜାଣେନା ଏବେ ସେ କେଉଁଠି ଓ କିପରି ଅଛନ୍ତି ।

'ସାହିତ୍ୟ ପରିଷଦ'ର କର୍ମ-ପରିସର ସୀମାବଦ୍ଧ ଥିଲେ ହେଁ ଭାବ-ପରିସର ଥିଲା ବ୍ୟାପକ । ମୁଁ ସଂପାଦକ ଦାୟିତ୍ୱ ନେବା ପରେ ପରିଷଦର ଚନ୍ଦନ ପୁଷ୍ପ ଧରି ଦୌଡ଼ିଲି ଶ୍ରୀନିକେତନ, ସେଠାର 'Rural Institute' ରେ ଭର୍ତ୍ତି ହୋଇଥିବା ଓଡ଼ିଆ ଛାତ୍ରଙ୍କୁ ସ୍ୱାଗତ କରି ଆଣିଲି 'ପରିଷଦ' ଭିତରକୁ, ସେମାନଙ୍କ ମଧ୍ୟରୁ ରମ୍ଭାର ଶ୍ୟାମାଚରଣ ପାଠୀ (ସୂଚନା ଓ ଲୋକ ସଂପର୍କ ବିଭାଗରେ କାର୍ଯ୍ୟରୁ ଅବସରିତ), ସମ୍ବଲପୁରର ଶତପଥୀ ଓ ବ୍ରହ୍ମପୁରର ଫୁଟବଲ୍ ଖେଳାଳି ରାମ ପାତ୍ରଙ୍କ କଥା ମନେଅଛି । ଥରେ ଅଧେ ଶ୍ରୀନିକେତନରେ ହିଁ ଆମର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଦୂରତା ସତ୍ତ୍ୱେ ଶ୍ରୀନିକେତନର ଛାତ୍ରଛାତ୍ରୀଙ୍କୁ ଯଥାସମ୍ଭବ ମିଶେଇ ମିଳେଇ କାମ କରିବାର ପ୍ରୟାସ ମୁଁ ଜାରି ରଖିଲି । ଏହି ପ୍ରୟାସଟିର ବିଶେଷ ସମର୍ଥକ ଥିଲେ କବି କମଳାକାନ୍ତ । କାରଣ ଶ୍ରୀନିକେତନରେ କିଛିଟା ନୂତନତ୍ୱ ଥିଲା, କିଛି ବାସ୍ତବ ଆକର୍ଷଣ ଥିଲା ଓ କେତେକ ନୂଆ ମୁହଁଙ୍କ ସହିତ ଆଳାପ କରିବାର ସୁଯୋଗ ସେଠିଥିଲା । ସେ ତାଙ୍କ ଢଙ୍ଗରେ ମୋତେ ଛିଗୁଲେଇ କହୁଥିଲେ- "ଶାନ୍ତିନିକେତନରେ ଖାଲି ଏ ଗଛପତ୍ର ଆଉ ସେଇ ପୁରୁଣା ମୁହଁଙ୍କୁ ଦେଖି କ'ଣଟା ଛେନା-ଗୁଡ଼ ଲେଖିବ, ଚାଲୁନ ଶ୍ରୀନିକେତନ, ଚାଲ । ତୁମେ ନ ଯିବ ତ ମୁଁ ଚାଲିଲି ।" ଇଚ୍ଛା ଥିଲେ ବି ଥରେ ଥରେ କେତେକ ଅନିବାର୍ଯ୍ୟ କାରଣ ବଶତଃ ବୈଠକ ଶ୍ରୀନିକେତନରେ ହୋଇପାରୁ ନ ଥିଲା । କମଳାକାନ୍ତ ବାବୁ ବିରକ୍ତ ହୋଇ କହୁଥିଲେ- "ନ ଯିବ ତ ପ୍ରଥମେ ନେଉଥିଲ କାହିଁକି ? ମହୁ ଚଟେଇଚ, ଏଣୁ .... ।" ମୁଁ ହସୁଥିଲି । ବିନା ନୋଟିସ୍‌ରେ (ବୈଠକ ନଥାଇ) ସେ ମୋତେ ଜବର୍ଦସ୍ତି ଟାଣି ନେଉଥିଲେ ଶ୍ରୀନିକେତନ, କେହି ଜାଣୁ ନ ଥିଲେ । ବହୁଦିନ ପର୍ଯ୍ୟନ୍ତ ମୁଁ ଜାଣି ନ ଥିଲି ଆକର୍ଷଣର କାରଣ । ତାଙ୍କର କାବ୍ୟକୃତି 'ସ୍ମରଣ ବିସ୍ମରଣ' ପ୍ରକାଶିତ ହେବାପରେ ମୋତେ ଖଣ୍ଡିଏ ଉପହାର ଦେଇଥିଲେ, 'ଝଙ୍କାର' ପୃଷ୍ଠାରେ

Digitized by srujanika@gmail.com

ତା'ର ବିଚାର ଆଲୋଚନା ପାଇଁ । ପଢ଼ି ବୁଝିଲି, କବିଙ୍କ ହୃଦୟର କେଉଁ ଏକ ନିଭୃତ କୋଣରେ ସେ ଯାଏଁ ଚହଟୁଥିଲା ବୋଲି ଶ୍ରୀନିକେତନ । ସତରେ, ମୁଁ କିଏ ପଚାରିବାକୁ,- ''ହଇହେ ବଡ଼ଭାଇ ! ଯେ' ସବୁ କ'ଣ ?'' କବି ତା'ର ନିଜ ଦୁର୍ବଳତାକୁ ଭଲପାଏ, କେଉଁ ଲଗ୍ନରେ କେଉଁ ଜ୍ୟୋତି ସହିତ ଚାରିଚକ୍ଷୁ ହୋଇଗଲେ ସେ ଜୀବନ ତମାମ ଝୁରି ହେଉଥାଏ, କାହାକୁ କହେନି, କବିତା ରଚୁଥାଏ । କହିଦେଲେ ଫସର ଫାଟିଯାଏ କବିତା ।

ହଁ, ଏବେ ମୁଁ ବୁଝୁଚି କବି ! କାହିଁକି ତୁମେ ମୋତେ ଏତେ ସ୍ନେହ କରୁଥିଲ, କଥା ନ ରଖିଲେ ବିକଳ ହେଉଥିଲ, କଥା ଭିତରେ ଲଥା ଭର୍ତ୍ତିକଲେ ଚିମୁଟି ଦେଉଥିଲ ବାରମ୍ବାର ?

ପରିଷଦର ବୈଠକକୁ ନିୟମିତ ଆସୁଥିଲେ ଆଗ୍ରୋ ଇକନମିକ୍ ରିସର୍ଚ୍ଚସେଣ୍ଟରର ଓଡ଼ିଆ ଅଫିସର୍ ଗୋପୀନାଥ ପଟ୍ଟନାୟକ । ଭଲ ତବଲା ବଜାଉଥିଲେ । ଟେନିସ୍ ଖେଳାଳି ଭାବେ ବିଶ୍ୱଭାରତୀରେ ତାଙ୍କର ସୁନାମ ଥିଲା । ଉତ୍ତରାୟଣ ଭିତରେ ଯେଉଁ ହାଡ଼୍‌କୋର୍ଟ୍ ଥିଲା ସେଇଠି ଅନ୍ନଦାଶଙ୍କର ରାୟଙ୍କ ସହିତ ସେ ନିୟମିତ ଅଭ୍ୟାସ କରୁଥିଲେ । ଘରଭଡ଼ା ନେଇ ସପରିବାରେ ରହୁଥିଲେ ଶାନ୍ତିନିକେତନରେ । ଅବୟସରେ ହୃଦଘାତରେ ତାଙ୍କର ଶରୀରାବସାନ ଘଟିଯାଇଛି, ତାଙ୍କ ପିଲେ ସେଇଠି ଅଛନ୍ତି, ଫେରିନାହାନ୍ତି ଓଡ଼ିଶା । ତାଙ୍କ ପରିବାର ସହିତ ମୋର ଆତ୍ମୀୟତା ଏତେ ବଢ଼ିଯାଇଥିଲା ଯେ ଦିନେ ନଗଲେ ଶ୍ରୀମତୀ ପଟ୍ଟନାୟକ ପଚାରୁଥିଲେ- ''କ'ଣ ହୋଇଚି, ତୋର ତ ଜମା ଦେଖାନାହିଁ ।'' ମୁଁ ତାଙ୍କୁ ନାନୀ ଡାକୁଥିଲି, ସେଇ ଡାକ ଏବେ ବି ଅପରିବର୍ତ୍ତିତ ରହିଚି । ୧୯୫୯-୬୦ ବେଳକୁ ତାଙ୍କର ପିଲାଗୁଡ଼ିକ ଭାରି ସାନସାନ ଥିଲେ । ତେଣୁ ପ୍ରତ୍ୟେକ କଥାରେ (ସାମାନ୍ୟ ଅସୁବିଧା ହେଲେ) ସାହାଯ୍ୟ କରିବା ପାଇଁ ଆମେ ସବୁ ପ୍ରସ୍ତୁତ ଥିଲୁ । ନାନୀ (ଶ୍ରୀମତୀ ପଟ୍ଟନାୟକ) ମଧ ଭଲରେ ମନ୍ଦରେ ଆମକୁ ଖୋଜୁଥିଲେ, ଆଶ୍ୱାସନା ଦେଉଥିଲେ, ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ନିଜ ଭାଇ-ଭଉଣୀ ମଣୁଥିଲେ । ଏବେ ମଧ ତାଙ୍କର ସ୍ନେହ ଅତୁଟ ଅଛି ବୋଲି ମୋର ବିଶ୍ୱାସ । ମଝିରେ ମଝିରେ ପଚାରି ବୁଝନ୍ତି- ''ସେଇ ପ୍ରସନ୍ନଟା କେମିତି ଅଛି ?''

ସେତେବେଳେ ସଙ୍ଗୀତ ଭବନରେ ମାତ୍ର ଦୁଇଜଣ ଓଡ଼ିଆ ଛାତ୍ରୀଥିଲେ, ବ୍ରତତୀ ମହାପାତ୍ର ଓ ଅଳକା ନନ୍ଦୀ, ଉଭୟେ ବାରିପଦାର । ବ୍ରତତୀ ମହାପାତ୍ର ବରିଷ୍ଠ ଛାତ୍ରୀ ଓ ଅଳକା ନବାଗତା । 'ଚନ୍ଦ୍ରିକା'ର ପୂର୍ବତନ ସଂପାଦକ ମହେଶ ମହାପାତ୍ରଙ୍କ କନ୍ୟା ବ୍ରତତୀ ଶାସ୍ତ୍ରୀୟ ସଙ୍ଗୀତ ଶିଖୁଥିଲେ ଯାହାର କୌଣସି ଆଦର ସେତେବେଳର ଓଡ଼ିଶାରେ ନ ଥିଲା । ଓଡ଼ିଶାରେ କଟକ କଳାବିକାଶ କେନ୍ଦ୍ର ବ୍ୟତୀତ ସଙ୍ଗୀତାନୁଷ୍ଠାନ ମଧ ନ

Digitized by srujanika@gmail.com

ଥିଲା । ସଙ୍ଗୀତ ମହାବିଦ୍ୟାଳୟ ଖୋଲି ନ ଥିଲା । ସଙ୍ଗୀତ ଭବନରୁ ପାଶ୍ କରିବା ପରେ ସେ ବାଧ ହୋଇଥିଲେ ଓଡ଼ିଶା ବାହାରେ ରହିବାକୁ, ସୁନନ୍ଦା ପଟ୍ଟନାୟକଙ୍କ ଭଳି ।

ପରିଷଦର ଅଧିକାଂଶ ବୈଠକରେ ବ୍ରତତୀ ଓ ଅଳକା ସଂଗୀତ ପରିବେଷଣ କରି ଆମକୁ ଆପ୍ୟାୟିତ କରୁଥିଲେ ।

୧୯୬୧-୬୨ ଶିକ୍ଷାବର୍ଷତମାମ ବିଶ୍ୱଭାରତୀ 'ରବୀନ୍ଦ୍ର ଶତବାର୍ଷିକୀ' ଉପଲକ୍ଷେ ଉତ୍ସବ-ମୁଖର ହୋଇ ରହିଥିଲା । ଅନୁଷ୍ଠିତ ହୋଇଥିଲା ନାନାବିଧ ଜାତୀୟସ୍ତରର ସମ୍ମିଳନୀ । ଶିକ୍ଷା, ସାହିତ୍ୟ, ନୃତ୍ୟ-ସଂଗୀତ ସମ୍ମେଳନ୍ ସହିତ ଦର୍ଶନ କଂଗ୍ରେସର ବିଶେଷ ଅଧିବେଶନଟିଏ ମଧ୍ୟ ଆୟୋଜିତ ହୋଇଥିଲା ସେଇବର୍ଷ । ସବୁ ସମ୍ମେଳନର କେନ୍ଦ୍ରମଣି ଥିଲା ରବୀନ୍ଦ୍ର-ପ୍ରତିଭା । ବର୍ଷଟାଯାକ ଥିଲା ମୋ' ପରି ଛାତ୍ର ପକ୍ଷରେ ଶିକ୍ଷଣୀୟ । ସ୍ୱେଚ୍ଛାସେବକ ଭାବରେ ଆମକୁ ସମାଗତ ଅତିଥିଙ୍କ ଭଲମନ୍ଦ ବୁଝିବାକୁ ହେଉଥାଏ । ରବୀନ୍ଦ୍ରନାଥ ଓ ଓଡ଼ିଆ ସାହିତ୍ୟ ଶୀର୍ଷକ ଆଲୋଚନାରେ ଭାଗ ନେବାକୁ ଓଡ଼ିଶାରୁ ନିମନ୍ତ୍ରିତ ହୋଇଯାଇଥିଲେ ଔପନ୍ୟାସିକ ଗୋପୀନାଥ ମହାନ୍ତି, କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଡକ୍ଟର କୁଞ୍ଜବିହାରୀ ଦାଶ । ପରେ 'ପରିଷଦ' ତରଫରୁ ମଧ୍ୟ ଶ୍ରୀ ମହାନ୍ତି ଓ ଶ୍ରୀ ପାଣିଗ୍ରାହୀଙ୍କ ନିମନ୍ତେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା ।

୧୯୫୯-୬୦ରୁ ୧୯୬୨ ମଧ୍ୟରେ ଅନ୍ୟ ଯେଉଁ ଶିଷ୍ଟ-ବିଶିଷ୍ଟ ଓଡ଼ିଆ ସାହିତ୍ୟିକମାନେ 'ପରିଷଦ'ର ସ୍ୱତନ୍ତ୍ର ବୈଠକରେ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ ସେମାନଙ୍କ ମଧ୍ୟରେ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କବି ରାଧାମୋହନ ଗଡ଼ନାୟକ, ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଓ ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀଙ୍କ କଥା ମୋର ମନେଅଛି । ଡକ୍ଟର ପାଣିଗ୍ରାହୀ ଥିଲେ ବାସ୍ତବିକ ଜଣେ ନିଷ୍ଠାପର ଗବେଷକ; ତାଙ୍କୁ ଦର୍ଶନ କରିବା ହିଁ ମୋ ପକ୍ଷରେ ପୁଣ୍ୟାର୍ଜନ ପରି ଥିଲା । ଯେତିକି ଉଦାର ସେତିକି ଗଭୀର, କିନ୍ତୁ ସାଧାରଣ ବ୍ୟବହାରରେ ଲାଗନ୍ତି ଏକାନ୍ତ ଅବୋଧ ପରି । ସେତେବେଳେ ତାଙ୍କର Archeological Remains of Bhubaneswar ବହି ଖଣ୍ଡିକ ପ୍ରକାଶ ପାଇଥାଏ । ବିଶ୍ୱଭାରତୀର ଇତିହାସବିତ୍‌ମାନେ ମୁକ୍ତ କଣ୍ଠରେ ତାଙ୍କ ଆଲୋଚନା-ଗବେଷଣାର ପ୍ରଶଂସା କରୁଥାନ୍ତି, ଭିତରେ ଭିତରେ ତାଙ୍କର ମହାନ୍ କୀର୍ତ୍ତି ପାଇଁ ମୁଁ ଗର୍ବ ଅନୁଭବ କରୁଥାଏ । ଜଣେ ଉତ୍ସର୍ଗୀକୃତ ଗବେଷକ ଥିଲେ ସେ, କିନ୍ତୁ ପାଇଲେ କ'ଣ ? ଅର୍ଥପୀଡ଼ା ମଧ୍ୟରେ ଉପଯୁକ୍ତ ବ୍ୟୟ-ସାଧ୍ୟ ଚିକିତ୍ସା ଅଭାବରୁ ହିଁ ସେ ଅକାଳରେ ଚାଲିଗଲେ ।

ଓଡ଼ିଶା ଗୋଟିଏ ରାଜ୍ୟ ଯେଉଁଠି ଶତାୟୁମାନଙ୍କୁ ଲୋଡ଼ାଯାଏ, କିନ୍ତୁ ସତ୍-ପୁତ୍ରମାନେ ଅଲୋଡ଼ା ରହିଯାନ୍ତି । ଶୁଣିଛି 'ଭୌମକର ରାଜବଂଶ'ର ଆବିଷ୍କାରକ ପଣ୍ଡିତ ବିନାୟକ ମିଶ୍ରେ ସେଇପରି ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ମୁଖରେ ପଡ଼ିଥିଲେ ।

Digitized by srujanika@gmail.com

ତାଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନ ପହଞ୍ଚିବା ଆଗରୁ ତାଙ୍କର ଶବ ସଂସ୍କାର ହୋଇସାରିଥିଲା ।

ସଂସ୍କୃତ ବ୍ୟତୀତ ଚୀନା ଓ ତିବ୍ବତୀୟ ଭାଷାର ପଣ୍ଡିତ ଥିଲେ ପ୍ରହ୍ଲାଦ ପ୍ରଧାନ । ବିଶ୍ୱଭାରତୀରେ ଚୀନା-ଭାଷାର ଅଧ୍ୟାପକମାନେ ମୋତେ ଅଧିକାଂଶ ସମୟରେ ପ୍ରହ୍ଲାଦ ପ୍ରଧାନଙ୍କ ବିଷୟ ପଚାରୁଥିଲେ । ସେ ଫକୀରମୋହନ କଲେଜରେ ଆମର (ପ୍ରଥମ ବର୍ଷ ବିଜ୍ଞାନ) ଓଡ଼ିଆ କ୍ଲାସ ନେଉଥିଲେ ଯଦିଓ ଅଧ୍ୟକ୍ଷ ଥିଲେ । ମୁଁ ତିବ୍ବତ ଭାଷାରୁ 'କେଶର ସାଗା' ଅନୁବାଦ କରି 'ଝଙ୍କାର'କୁ ପଠାଇଥିଲି । ସେ ଥିଲେ ଅନ୍ୟତମ ସଂପାଦକ । 'କେଶର' କଥାର ମହତ୍ତ୍ୱ ଅନୁଭବ କରି ସେ ପ୍ରକାଶ କରିଥିଲେ, ଧାରାବାହିକ ଭାବେ । କେବଳ ମୋର ଆଳସ୍ୟ କାରଣରୁ ତା ଅସଂପୂର୍ଣ୍ଣ ରହିଲା । ପ୍ରଫେସର ପ୍ରଧାନ ଥିଲେ ପ୍ରଚଣ୍ଡ ଧୀ-ଶକ୍ତି ସଂପନ୍ନ, ବିଭିନ୍ନ କ୍ଷେତ୍ରରେ ତାଙ୍କର ଗଭୀର ଅନୁପ୍ରବେଶ ଥିଲା । ପ୍ରାଚୀନ ରଚନାଗୁଡ଼ିକର ସେ ନିର୍ଭୁଲ ପାଠୋଦ୍ଧାର କରିପାରୁଥିଲେ । ପାଲି, ସଂସ୍କୃତ, ଓଡ଼ିଆ ଓ ଚୀନା-ଭାଷାରେ ତାଙ୍କର ବ୍ୟୁତ୍ପତ୍ତି ଯୋଗୁ ସେ ଜଣେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଫେସର ରୂପେ ପରିଗଣିତ ହେଉଥିଲେ । ସାହିତ୍ୟ ପରିଷଦରେ 'ଫକୀରମୋହନ' ସାହିତ୍ୟ ସଂପର୍କରେ ଆଲୋଚନା କରି ସେ ଏକଦା କହିଥିଲେ : ''ଛ'ମାଣ ଆଠଗୁଣ୍ଠରେ ଯେଉଁ ସମାଜର ଚିତ୍ର ପ୍ରଦତ୍ତ ହୋଇଛି ତାକୁ ଓଡ଼ିଶାର ସମାଜ ବୋଲି କାହିଁକି କୁହାଯିବ ? ସେଇ ସମାଜ କ'ଣ ଏହି ବୀରଭୂମି ଜିଲ୍ଲାରେ (ପଶ୍ଚିମବଙ୍ଗ) ନ ଥିଲା ? ତେଣୁ ସର୍ବାନ୍ତଃକରଣରେ ଫକୀରମୋହନ ଭାରତୀୟ ସମାଜର କଥା ହିଁ ତାଙ୍କ ଉପନ୍ୟାସରେ କହିଛନ୍ତି ।'' ପ୍ରଫେସର ପ୍ରଧାନଙ୍କ ଭଳି ଜଣେ ଅସାମାନ୍ୟ ଶକ୍ତିଶାଳୀ ଗୁରୁଙ୍କ ଠାରୁ କଲ୍ୟାଣ କାମନା କରିଛି, ଶ୍ରଦ୍ଧା ପାଇଛି, କିନ୍ତୁ ମୁଁ ଅପଦାର୍ଥ ତାଙ୍କୁ 'ପାଶୁପତ' ମାଗିପାରିଲି ନାହିଁ । ପ୍ରଫେସର ପ୍ରଧାନ ସତେ କ'ଣ କାହାକୁ ଦୀକ୍ଷିତ କରି 'ପାଶୁପତ' ଦେଇଛନ୍ତି । ମୋର ବିଶ୍ୱାସ ହେଉନି । ମନେହେଉଛି ଉପଯୁକ୍ତ ବ୍ୟବହାର ଅଭାବରୁ ଅଦୀକ୍ଷିତର ହାତରେ ଥାଇ ଦିବ୍ୟାସ୍ତ୍ରଟିରେ କଳଙ୍କି ଲାଗି ଲାଗି ଶେଷରେ ଦିନେ ପବନରେ ମିଳେଇଯିବ ।

ବିଭିନ୍ନ ପାଠ୍ୟକ୍ରମ ସଂପର୍କିତ କାମରେ ପ୍ରଫେସର କୁଞ୍ଜ ବିହାରୀ ତ୍ରିପାଠୀ ଶାନ୍ତିନିକେତନ ଯାଉଥିଲେ । ସେଇ ସୁଯୋଗରେ ତାଙ୍କୁ ଥରେ ପରିଷଦକୁ ନିମନ୍ତ୍ରଣ କରି ତାଙ୍କର ଲଣ୍ଡନ ଅନୁଭୂତି ଶୁଣିଥିଲୁଁ । ଡକ୍ଟର ତ୍ରିପାଠୀ ବଡ଼ ଅମାୟିକ, ବିଚାର ନକରି ପଦେ ବି ଉଚ୍ଚାରଣ କରନ୍ତି ନାହିଁ । ଓଡ଼ିଆ ଶିଳାଲେଖ ଓ ଲିପି ସଂପର୍କରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଗବେଷଣା ଆମ ଭାଷାର ମହତ୍ତ୍ୱ ଉପଲବ୍ଧିରେ ଏକାନ୍ତ ସହାୟକ ହୋଇଛି ।

Digitized by srujanika@gmail.com

କବି ଗଡ଼ନାୟକଙ୍କ କଥା କ'ଣ ଲେଖିବି, ସେ ତ ମୋର କାବ୍ୟାତ୍ମାରେ ବିରାଜିତ, ସେଦିନରୁ ୧୯୯୧ ଯାଏଁ ମୁଁ ତାଙ୍କ ସହିତ ସମ୍ବନ୍ଧିତ ହୋଇ ରହିଥିଲି । କଥାରେ ସାମାନ୍ୟ ଅଲମ-ବିଲମ ହେଲେ ସେ ରାଗି ଯାଉଥିଲେ, ମୋ ଉପରେ ବି ରାଗିଛନ୍ତି ଥରେ । ସେଥିପାଇଁ ତାଙ୍କୁ କେହି କେହି ଦୁର୍ବାସା କହୁଥିଲେ । କିନ୍ତୁ ତାଙ୍କର ଦୁର୍ବାସାପଣ ଭିତରେ ଗୋଟେ ପ୍ରକାରର ଦୂରଦୃଷ୍ଟି, ସ୍ନେହ ଓ ଜାତୀୟଭାବ ଥିଲା । କବିଙ୍କ ପ୍ରତି ବ୍ୟବହାରରେ ସେ ଯେଉଁ ଶୃଙ୍ଖଳା ଆଶା କରୁଥିଲେ- ତାହା ଅଯଥାର୍ଥ ନ ଥିଲା । ସେ ଜାଣିଥିଲେ ସମ୍ମାନ ଦାବି ନକଲେ ଓଡ଼ିଶାରେ ମିଳିବନି, ମୂର୍ଖମାନେ କବିକୁ ସବାରୀ କାନ୍ଧେଇବା କାମରେ ମଧ୍ୟ ଲଗେଇଦେବା ଅସମ୍ଭବ ନୁହେଁ । ଆପଣାର 'କବିତ୍ୱ' ପ୍ରତି ସେ ଏକାନ୍ତ ସଚେତନ ଥିଲେ ଆମରଣ । ତାଙ୍କ ରଚିତ 'କବିବଧୂର ଗୌରବ' ମୋ ପାଇଁ ଥିଲା ଏକ ପ୍ରୋତ୍ସାହନ ଭଳି, ଭାଙ୍ଗି ପଡ଼ିଲେ ଠିଆ ହେବାକୁ ସାହସ ସେଇ କବିତାରୁ ମୁଁ ପାଉଥିଲି । ଏମାନେ ସମସ୍ତେ ଏବେ ସ୍ୱର୍ଗତଃ କିନ୍ତୁ ମୋ' ମନଭୂମିରେ ଜୀବନ୍ତ ଓ ଜାଗ୍ରତ ରହିଛନ୍ତି ଆଜିଯାଏଁ ।

Digitized by srujanika@gmail.com

॥ ସାତ ॥

ଶାନ୍ତିନିକେତନରେ ଗବେଷଣାର ବାତାବରଣ ଏକାନ୍ତ ଉତ୍ସାହଜନକ ଥିବାରୁ ତାହା ଅତୀତରେ ବହୁ କୃତବିଦ୍ୟ ବ୍ୟକ୍ତିଙ୍କୁ ଆକୃଷ୍ଟ କରିଥିଲା । ପୂର୍ବରୁ ଆମର ଏକାନ୍ତ ପରିଚିତ ଏବଂ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ଚିତ୍ତରଂଜନ ଦାସ ମଧ ଶାନ୍ତିନିକେତନରେ ଗବେଷଣାରତ ଥିଲେ ।

ଅବଶ୍ୟ, ମୁଁ ଛାତ୍ର ହେବା ବେଳକୁ (୧୯୫୯) ଓଡ଼ିଆରେ କେହି ହେଲେ ଗବେଷକ ନ ଥିଲେ । ବୃତ୍ତି ପାଇ ଗବେଷଣା କରୁଥିବା ଅସିତ କବି କେଇ ମାସ ଆଗରୁ ବିଦାୟ ନେଇ ସାରିଥିଲେ, ଯାହାଙ୍କ ବିଷୟରେ ନାନାବିଧ କିମ୍ବଦନ୍ତୀ ପବନରେ ଭାସୁଥିଲା ।

ଅସିତ କବି (ସ୍ୱର୍ଗତଃ ଅଧ୍ୟାପକ)ଙ୍କ ସାଙ୍ଗରେ ମୋର ସେତେବେଳେ ପରିଚୟ ନ ଥିଲା । ଫକୀର ମୋହନ କଲେଜରେ ଚାନ୍‌ସେଲର୍ ବକ୍ତୃତା ପ୍ରତିଯୋଗିତା (୧୯୫୭) ଅବସରରେ ରେଭେନ୍ସା କଲେଜ ଦଳର ଅନ୍ୟତମ ଗାଇଡ୍ ହୋଇ ସେ ଆସିଥିଲେ ବାଲେଶ୍ୱର । ସେ ବର୍ଷ ଏମ୍.ଏ. ଶେଷ ବର୍ଷର ବରିଷ୍ଠ ଛାତ୍ର ବିଭୁଦତ୍ତ ମିଶ୍ର (କବି) ପ୍ରଥମ ସ୍ଥାନ ପାଇଥିବା ମୋର ମନେଅଛି । ଅଧକ୍ଷ ଡକ୍ଟର ଗଣେଶ୍ୱର ମିଶ୍ର (ଦର୍ଶନଶାସ୍ତ୍ର)ଙ୍କ ଅନୁରୋଧରେ ପ୍ରତିଯୋଗିତା ଶେଷରେ ଅସିତ କବି ବିଷୟବସ୍ତୁ ସଂପର୍କରେ ଭାଷଣଟିଏ ଦେଇଥିଲେ । ଏକ ବିଶାଳ ସମାବେଶରେ ସେପରି ଏକ ସୁଯୋଗ ଥିଲା ସମ୍ମାନଜନକ । କାରଣ ସେତେବେଳେ ତର୍କ-ପ୍ରତିଯୋଗିତାଗୁଡ଼ିକ କଲେଜ ପରିସରରେ ବହୁତ ଆକର୍ଷଣୀୟ ଥିଲା ।

ସୁନ୍ଦର କଣ୍ଠ, ଅନର୍ଗଳ ବାଣୀ, ମଝିରେ ମଝିରେ ଆବେଗ, କେତେବେଳେ ଦୃପ୍ତ ତ କେତେବେଳେ ଦ୍ରୁତ ଥିଲା ଅସିତ କବିଙ୍କର ସେକାଳର ବକ୍ତୃତା । ବେଶ୍ ଭଲ ଲାଗୁଥିଲା ମଧ । କବି ବିଭୁଦତ୍ତ ମିଶ୍ରଙ୍କ ସଦୃଶ ସେ ମଧ ଅନାୟାସରେ ଶ୍ରୋତା ଓ ବିଚାରପତିଙ୍କ ମନ କିଣି ନେଇପାରୁଥିଲେ । ପରେ ବୃତ୍ତିରେ ଦୁହେଁ ହେଲେ ସାହିତ୍ୟ ଅଧ୍ୟାପକ । ଶୁଣିଚି, ବିଭୁଦତ୍ତଙ୍କ କ୍ଲାସ୍ ଛାଡ଼ି ପିଲାଏ କୁଆଡ଼େ ଯା'ନ୍ତି ନାହିଁ । ବାସ୍ତବିକ ୧୨୮ ଜଣ ଯୁବକଙ୍କ ଉପସ୍ଥିତି ଯୋଗୁ ଭିଡ଼ ହେଉଥିବା ଶ୍ରେଣୀକକ୍ଷକୁ ସମ୍ଭାଳିବା ବିଦ୍ୱାନ ହୋଇଥିଲେ ମଧ ସମସ୍ତଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ, ବିଶେଷକରି ଇଣ୍ଟର୍ କ୍ଲାସରେ,

Digitized by srujanika@gmail.com

ଯେଉଁଠି ନବ ଯୁବକଙ୍କ ଆଚରଣ ଶୃଙ୍ଖଳିତ ନଥାଏ । ତାଙ୍କ ବ୍ୟବହାର ଓ ପାଠ-ଗ୍ରହଣ ବିଷୟରେ କିଛି ଭବିଷ୍ୟ-ବାଣୀ କରି ହୁଏନି ।

ସେତେବେଳେ ଅବଶ୍ୟ କଲେଜମାନଙ୍କରେ ସୁସମୟ ଥିଲା । ପଢ଼ାରେ ଆଗ୍ରହ ଥାଉ ନଥାଉ, କ୍ଲାସ୍ ଚାଲିଥିଲା ବେଳେ ଏଣୁ ତେଣୁ ବିଷୟରେ ମନ ଦେଇ ପିଲାଏ ଗଣ୍ଡଗୋଳ ସୃଷ୍ଟି କରିବା ଅଭ୍ୟାସରେ ପରିଣତ ହୋଇ ନ ଥିଲା । ସାହିତ୍ୟକ୍ଲାସ୍‌ଗୁଡ଼ିକ ଥିଲା ଆହୁରି ଆକର୍ଷଣୀୟ । ବିଷୟ ଯାହା ହୋଇଥାଉ ନା କାହିଁକି କ୍ଲାସ୍ ସରିବାବେଳକୁ ଆମେ ସବୁ ଭାବାଚ୍ଛନ୍ନ ଓ ଆବେଗରେ ବିଦ୍ୟୁନ୍ମୟ (Charged) ହୋଇଯାଉଥିଲୁ । ସେ ସୁଦିନ ଆଉ କାହିଁ ? ଏବେ ତ ପିଲାଏ ବସୁନାହାନ୍ତି, ଶୁଣୁ ନାହାନ୍ତି, କିଏ ତାଙ୍କୁ କିଭଳି ଭାବାଚ୍ଛନ୍ନ କରିବ ଯେ ! ଖୋଦ୍ ବ୍ରହ୍ମା ବି ହାରିଯିବେ । ପରିସ୍ଥିତି ବିକଳାଙ୍ଗ ହୋଇଯାଇଚି ବୋଲି ରାଜକିଶୋର ରାୟ, ଜୟକୃଷ୍ଣ ମିଶ୍ର, ଚିନ୍ତାମଣି ବେହେରା, ବିଭୁଦତ୍ତ ମିଶ୍ର ଓ ଅସୀତ କବିଙ୍କ ପରି କିମ୍ବଦନ୍ତୀ-ପୁରୁଷ ସୃଷ୍ଟି ହେବା ଅସମ୍ଭବ ହୋଇପଡ଼ିଛି । ଆଜିକାଲି ଅଧିକାଂଶ ବଳ କ୍ଲାସରେ ପିଲାଙ୍କୁ ୪୫ ମିନିଟ୍ ଧରି ସ୍ଥିର ରଖିବା ଲାଗି ଅଧ୍ୟାପକଙ୍କୁ କେତେ ନା କେତେ ପାଠ୍ୟ ବହିର୍ଭୂତ କୂଟ-ବୁଦ୍ଧି ପ୍ରୟୋଗ କରିବାକୁ ପଡୁଛି ।

ମୁଁ ଯେଉଁ ସମୟର କଥା କହୁଚି ସେତେବେଳେ ତର୍କ ପ୍ରତିଯୋଗିତା କିଭଳି ଛାତ୍ରଙ୍କ ପକ୍ଷରେ ଅର୍ଥାବହ ଥିଲା ତା' ଆପଣମାନେ ଅନୁମାନ କରିପାରୁଥିବେ । ଏବେ ସମଧର୍ମୀମାନେ ସ୍ୱୀକାର କରିବେ, କଲେଜରେ କେଉଁଦିନ କେଉଁଠି କେଉଁ ବିଷୟରେ 'ତର୍କ ପ୍ରତିଯୋଗିତା' ହେଲା ବା ହେବ ତା'ର ଖବର କେବଳ ସେଇମାନେ ରଖନ୍ତି, ଯେଉଁମାନେ ଭାଗ ନିଅନ୍ତି ଓ ଯେଉଁମାନେ ଉଦ୍ୟୋକ୍ତା । ତର୍କ ପ୍ରତିଯୋଗିତା କେଉଁଠି ଅନୁଷ୍ଠିତ ହେଉଛି ତା' ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ମାଲୁମ ପଡୁନି । ଅଧ୍ୟକ୍ଷମାନେ ମଧ୍ୟ ଆଉ କେଉଁ କଲେଜୀୟ ତର୍କ ପ୍ରତିଯୋଗିତାରେ ଉପସ୍ଥିତ ରହିବା ଦେଖାଯାଉନି । ଉଦ୍ୟୋକ୍ତାମାନେ ସେଥିରେ ଚିନ୍ତିତ ନୁହନ୍ତି । ନିର୍ଦ୍ଧାରିତ କାମଟି ଓଁ ସ୍ୱାହାକରି ସାରିଦେଲେ ତ୍ରାହି । ନହେଲେ ବିରୋଧୀଗଣ ମାଡ଼ି ବସିବେ । ଅଯଥା ଜୁଲୁମ କରିବେ ଓ ବଟି ଦାବି କରିବେ ।

ବକ୍ତୃତା ବା ତର୍କ ପ୍ରତି ଏ ଅନାଗ୍ରହ ଓ ଅନାନ୍ତରିକତାର କାରଣ କ'ଣ ହୋଇପାରେ ? ଖାଲି ମୂଲ୍ୟବୋଧର ଅବକ୍ଷୟ କହିଦେଲେ ହେବନି । ରାଜନୈତିକ ଓ ସମାଜସେବା କ୍ଷେତ୍ରରେ ବେଶି ଭାଷଣ-ବାଜି ଚାଲିଲା ବୋଲି କ'ଣ ଏପରି ଘଟିଲା ? ନା, ତା' ମଧ୍ୟ ନୁହଁ । ମୁଁ ଭାବୁଚି ନିଯୁକ୍ତି କ୍ଷେତ୍ରରେ ପ୍ରାର୍ଥୀର ପାଠ୍ୟାତିରିକ୍ତ-ପ୍ରତିଭାକୁ କୌଣସି ଗୁରୁତ୍ୱ ଦିଆ ନ ଯିବାରୁ, ଏପରି ଅବକ୍ଷୟ ଘଟିଲା । ଲୋକସେବା ଆୟୋଗ (P.S.C) ବଛାବଛି ବେଳେ ମୁହଁକୁ ଚାହିଁଲେନି, କଲେଜ ଜୀବନରେ କିଏ କେଉଁଥିରେ

Digitized by srujanika@gmail.com

କୃତିତ୍ୱ ଅର୍ଜନ କରିଛି ଓ ସେ ସବୁର ମହତ୍ତ୍ୱ କ'ଣ-ବୁଝିବାକୁ ଇଚ୍ଛା କଲେନି । ସବୁଟା କିରାଣିଆ ଓ ଲାଲଫିତା କାରବାରରେ ପରିଣତ ହୋଇଗଲା । ପ୍ରତିଭାମାନେ ପ୍ରତାରିତ ହେଲେ । ପ୍ରଭାବ, ପଇସା ଓ ଧରାଧରି ବଳରେ ନିକୃଷ୍ଟମାନେ ଉତ୍କୃଷ୍ଟଙ୍କ ସମାସୀନ ହେଲେ । କ୍ରମେ କ୍ରମେ ପାଠ୍ୟାତିରିକ୍ତ ଗୁଣାବଳୀ ପ୍ରତି ଆଉ ଯୁବାଛାତ୍ରଙ୍କ ଆସ୍ଥା ରହିଲା ନାହିଁ । ତେଣୁ କହିବାକୁ ଗଲେ ଶିକ୍ଷିତ ଶ୍ରେଣୀ ଆପଣାର ଦାୟିତ୍ୱ ସମ୍ପାଦନରେ ଅବହେଳା କରିଛନ୍ତି । ଗୋଟିଏ ଜାତିର ଭବିଷ୍ୟତ ଗଠନ ଘେନି ଯେଉଁ ଶୃଙ୍ଖଳା ଓ ନିୟମାବଳୀର ସଯତ୍ନ ପ୍ରୟୋଗ ଆବଶ୍ୟକ ତା ସେମାନେ ସାଧନ କରିନାହାନ୍ତି । ବର୍ତ୍ତମାନ କାନ୍ଦିଲେ କ'ଣ ହେବ ?

ସ୍ୱଳ୍ପକାଳ ରହିଥିଲେ ବି ଅସିତ କବି ହୃଦୟରେ ପ୍ରଚୁର ଆବେଗ ଓ ଗବେଷଣା ପ୍ରତି ଅନୁରାଗ ଧରି ବିଶ୍ୱଭାରତୀରୁ ଓଡ଼ିଶା ଫେରିଥିଲେ । ସେତେବେଳେ ସେ ବୁଡ଼ି ରହିଥିଲେ ଗଙ୍ଗାଧର ମେହେରଙ୍କ ସୃଷ୍ଟିର ମାୟା ସରୋବର ମଧ୍ୟରେ । ଗୋଟିଏ ଆଲୋଚନା ପୁସ୍ତକ ମଧ୍ୟ ଲେଖିଥିଲେ, ଯାହା ମେହେର-ସାହିତ୍ୟର ଛାତ୍ରଙ୍କ ଉପକାରରେ ଆସୁଥିଲା । ଅବଶ୍ୟ ବିଧିବଦ୍ଧ ଭାବରେ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ଡକ୍ଟରେଟ ଉପାଧି ଲାଭ କଲେ ସେ ଢେର ବର୍ଷପରେ ।

ଶିଳ୍ପୀ ଦାଶରଥି ଦାସ (ବେତାର କେନ୍ଦ୍ର), କଳା-ଭବନର ପାଠ୍ୟକ୍ରମ ଶେଷକରି ଫେରି ଯାଇଥିଲେ ହେଁ ଛାତ୍ରାବସ୍ଥାରେ ପ୍ରସ୍ତୁତ ଅନେକ ଛବି ସେ ଛାଡ଼ି ଆସିଥିଲେ ଶାନ୍ତିନିକେତନରେ । ସମୟକ୍ରମେ ସେଗୁଡ଼ିକ ମୋ ପାଖରେ ପହଞ୍ଚିଥିଲା । ହଷ୍ଟେଲ୍‌ରେ ମୋ ରୁମ୍‌ର ଶୋଭାବର୍ଦ୍ଧନ କରିଥିଲା ଚାରିବର୍ଷ ଧରି । ଦାଶରଥି ବାବୁଙ୍କ ସହିତ ମୋର ପରିଚୟ ନ ଥିଲା, କିନ୍ତୁ ତାଙ୍କର କାରୁକାର୍ଯ୍ୟପୂର୍ଣ୍ଣ ମନମତାଣିଆ ଛବିଗୁଡ଼ିକ କହୁଥିଲା ତାଙ୍କ ପ୍ରତିଭା କଥା ।

ବିଶ୍ୱଭାରତୀରେ ଗଣେଶ ପୂଜା-ସରସ୍ୱତୀ ପୂଜା ନିଷିଦ୍ଧ ଥିଲା । ପ୍ରତିବାଦ ସ୍ୱରୂପ ମୋର ନିଜସ୍ୱ ପ୍ରକୋଷ୍ଠରେ ମୁଁ ସରସ୍ୱତୀ ପୂଜା କରିଥିଲି ଦୁଇବର୍ଷ । ସେଇ ଅବସରରେ ଦାଶରଥିବାବୁଙ୍କ ଛବିଗୁଡ଼ିକ ସଜେଇ ରଖୁଥିଲି । ପରେ ମୁଁ ସେଗୁଡ଼ିକ ହସ୍ତାନ୍ତର କରି ଆସିଥିଲି । ପଳାଶ ସ୍ତବକର ଛବିଟି ବୋଧହୁଏ ମୋର ମାନନୀୟ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଶ୍ରଦ୍ଧାବଶତଃ ରଖିଥିଲେ ତାଙ୍କର ବସାରେ । ଆଧୁନିକ କଳା ଦୃଷ୍ଟିରୁ ଛବିଗୁଡ଼ିକର ମହତ୍ତ୍ୱ ମୁଁ ବୁଝି ନ ଥିଲି । ମୋତେ ଭଲ ଲାଗୁଥିଲା ବୋଲି ସେ ସବୁକଥା ଆଜିଯାଏଁ ମନେଅଛି ।

Digitized by srujanika@gmail.com

।। ଆଠ ।।

ମାୟା ଲଗେଇଦେବାର ଅସୁମାରୀ ଐଶ୍ୱର୍ଯ୍ୟ ଥିଲା ବିଶ୍ୱଭାରତୀର । ପାଠପଢ଼ା, ପିକ୍‌ନିକ୍, ମେଳା ଓ ଶିକ୍ଷଣୀୟ ଯାତ୍ରା (Excursion) ସବୁକଥାରେ ମୁଁ ବିଶ୍ୱଭାରତୀରେ ନୂତନତ୍ୱ ଖୋଜି ପାଇଥିଲି, ଯାହା ମୋତେ ଥରକୁ ଥର ରୋମାଞ୍ଚିତ କରୁଥିଲା ।

ଗ୍ରାଜୁଏଟ୍ କ୍ଲାସଗୁଡ଼ିକ କେଉଁଠି ହେବ କିଛି ଠିକଣା ନ ଥିଲା । ଛାତ୍ର ଓ ଅଧ୍ୟାପକଙ୍କ ସହମତି କ୍ରମେ ଯେଉଠି ଫାଙ୍କା ମିଳୁଥିଲା ସେଠି ଆମେ ବସିପଡୁଥିଲୁ । କେତେବେଳେ ଗଛମୂଳେ, କେତେବେଳେ ବାରଣ୍ଡାରେ ତ ପୁଣି କେତେବେଳେ ପ୍ରଫେସରଙ୍କ ପ୍ରକୋଷ୍ଠରେ । ବର୍ତ୍ତମାନ ସେ ଚିତ୍ର ବଦଳିଗଲାଣି । କଂକ୍ରିଟ୍ ଛତା ତିଆରି ହେଲାଣି । ମୁଁ ପଢ଼ିଲାବେଳେ ସେସବୁ କିଛି ଆରମ୍ଭ ହୋଇ ନ ଥିଲା ।

ବର୍ଷା ପଡ଼ିଲେ ଗଛମୂଳର କ୍ଲାସ ସବୁ ଭାଙ୍ଗି ଯାଉଥିଲା । ସେଥିରେ କାହାରି ଦୁଃଖ ନ ଥିଲା । ପୁଣି କେବେ ବିନା ନିର୍ଘଣ୍ଟରେ ସହମତିରେ ତା' ସଂପନ୍ନ ହୋଇଯାଉଥିଲା ।

ବର୍ଷା ଝୁରୁ ଝୁରୁ ହେଲେ ଗ୍ରାଜୁଏଟ୍ ପୋଷ୍ଟଗ୍ରାଜୁଏଟ୍ ସ୍ତରର ଛାତ୍ରଙ୍କ ମଧ୍ୟରେ ଏକ ଆନନ୍ଦର ଲହରୀ ସଞ୍ଚରି ଯାଉଥିଲା । ବର୍ଷାରେ ଭିଜି ଭିଜି ଛାତ୍ରଛାତ୍ରୀ ଦଳବଦ୍ଧ ହୋଇ ବାହାରି ପଡୁଥିଲେ ଆନନ୍ଦ ଯାତ୍ରାରେ । ଆଶ୍ରମ ପାରି ହୋଇ, ପିଚୁ ରାସ୍ତା ପାର ହୋଇ, କେନାଲର ଧାରେ ଧାରେ ଆମେ ଛୁଟି ଯାଉଥିଲୁ ନିକଟବର୍ତ୍ତୀ ଗାଁକୁ ।

ଗାଁ କେବଳ ଗାଁ, ଦି ଚାରିଟା ଆମ୍ବଗଛ, କିଛି ଅଚିହ୍ନା ମଣିଷ, ଧାନବିଲ ଓ ଛୋଟ ଗୋଟାଏ ନଈ, ବର୍ଷାଦିନିଆ ପାଣି ସୁଅରେ ଉଛୁଳୁ ମୁଛୁଳୁ । ତାର କୂଳରେ, ବରଗଛ ତଳେ, ଭିଜା ମାଟିର ବାସ୍ନାରେ ନାଚି ଉଠୁଥିଲା ଆମର ଉଦ୍ଦାମ ମନ । କେହି ଠିଆ ହେଉ ନ ଥିଲେ, ଯିଏ ଯେମିତି ପାରୁଥିଲେ ନାଚୁଥିଲେ, କାରଣ ନାଚ ପାଇଁ ପ୍ରେରଣା ଆସୁଥିଲା ହୃଦୟରୁ, ଛନ୍ଦ ଆସୁଥିଲା ମନରୁ ଓ ତାଳ ଦେଉଥିଲା ଝୁରୁ ଝୁରୁ ବର୍ଷା । ମନୋନ୍ମାଦକର ସେଇ ବର୍ଷାଭିଯାନର ସ୍ମୃତି ଆଜିଯାଏଁ ମୋତେ ନିଶାସକ୍ତ କରି ରଖିଛି । ଏବେବି ବର୍ଷା ଝରିବା ଦେଖିଲେ ମୋର ଗୋଟାପଣେ ଓଦା ହୋଇଯିବାକୁ ଇଚ୍ଛାହୁଏ, ଘରେ ରହିପାରେନା, କ'ଣ ନା କ'ଣ ଗୋଟେ ବାହାନା କରି ଭିଜିଆସେ ଥରେ । ତା'ର କାରଣଟା ବୋଧେ ରହିଯାଇଚି ଶାନ୍ତି-ନିକେତନରେ । ଝୁରୁ ଝୁରୁ ବର୍ଷା

Digitized by srujanika@gmail.com

ତା' ସରୁ ସରୁ ଆଙ୍ଗୁଳିରେ ଯେଉଁ କୋମଳ ଅନୁରାଗର ଛବିଟିଏ ଆଙ୍କି ଦେଇଥିଲା ହୃଦୟରେ ତା' ସେଇଠି ଝୁଲୁଛି; ବର୍ଷା ଝରୁ ନ ଥିଲେ ବି ମୋତେ ଓଦା କରିଦେଉଚି ବାରମ୍ବାର । ଆହା, କେଡ଼େ କମନୀୟ ସେ ବର୍ଷା । ମନେପଡ଼ୁଚି, ଛନ୍ଦରେ ଲେଖିଥିଲି କେଇଧାଡ଼ି କବିତା, କାହାର ଅନୁରୋଧରେ, ଆନନ୍ଦ-ବଜାର* ଅବକାଶରେ, ସେଇ ବର୍ଷାକୁ ମନେପକାଇ । ଯଥା –

''ଝୁରୁ ଝୁରୁ ବର୍ଷାର ଝରଣା ଗୋ ଝରଣା
ଅପରୂପ ବରଣା
ମାଟିକୁ ଭିଜାଇ ତୁମେ କାହିଁଗଲ ବହି ଯେ
ଭଲପାଏ ବୋଲି ଥରେ ନ ପାରିଲି କହି ଯେ ।''

ଏହା କବିତା କି ଫବିତା ମୁଁ କହିପାରିବି ନାହିଁ । ପିଲାଳିଆମି ସତ୍ତ୍ୱେ ଯା ଭିତରେ ଏକ ମନୋରମ ସ୍ମୃତି ସାଇତା ହୋଇ ରହିଚି ।

୧୯୫୯-୬୦ ସମୟରେ ବିଶ୍ୱଭାରତୀରେ ଭିନ୍ନ ଭିନ୍ନ ସ୍ତରର ବଣଭୋଜି ବା ପିକ୍‌ନିକ୍ ଅନୁଷ୍ଠିତ ହେଉଥିଲା, ଯାହା ଥିଲା ଏକାନ୍ତ ଆମୋଦଜନକ । ବିଦ୍ୟାଭବନ୍‌ର ପିକ୍‌ନିକ୍‌ରେ ସେ ବର୍ଷ ସବୁ ପ୍ରଫେସର ଯାଇଥିଲେ, କୁଞ୍ଜବାବୁ ମଧ୍ୟ । ରେଳ ଲାଇନ୍ ପାର୍ ହୋଇ ପାଦରେ ଚାଲି ଚାଲି ଗୋଟିଏ ଆମ୍ବତୋଟାକୁ । ରନ୍ଧାବଢ଼ା ଖିଆପିଆ ସହିତ ଗୀତ, ଅଭିନୟ ଓ କବିତାବୃତ୍ତି ମଧ୍ୟ ଚାଲୁଥିଲା । ସେ ବର୍ଷ ମୁଁ ନୂଆ, ବଙ୍ଗଳା କହିପାରୁ ନ ଥିଲି, ତେଣୁ ଅଭିନୟ କରନ୍ତି କେମିତି ? ବିନା ଭାଷାରେ କ'ଣ କଲେ ସମସ୍ତଙ୍କର ମନୋରଞ୍ଜନ ହେବ ଚିନ୍ତାକଲି । ଅବଶେଷରେ ବାଟଟିଏ ମିଳିଲା, ପରିବେଷଣ କଲି 'ହସ-କାନ୍ଦର ଅଭିନୟ' । ବିଭିନ୍ନ ପ୍ରକାର ହସର ଓ କାନ୍ଦର ନମୁନା ପ୍ରଦର୍ଶନ ଥିଲା ତା'ର ବିଷୟବସ୍ତୁ । ଜଣେ ଚାହିଁଲେ ବିନା ଦୁଃଖରେ କାନ୍ଦିପାରିବ ଓ ମିଛରେ ହସିପାରିବ, – ଏହା ଥିଲା ତା'ର ଆନ୍ତରିଣ ଦର୍ଶନ । ବ୍ୟକ୍ତି ହସୁଚି ବୋଲି ଭାବନ୍ତୁ ନାହିଁ ସେ କଷ୍ଟ ପାଉଚି । ସେ ଛଳନା କରିପାରିଥାଏ । ଏଇ ଅଭିନୟଟି ମୁଁ ବହୁଦିନ ଯାଏଁ ଚାଲୁ ରଖିଥିଲି । କିନ୍ତୁ ସମୟକ୍ରମେ ଭିନ୍ନ ଓଜନିଆ ବ୍ୟଥାରେ ହୃଦୟ ଭାରି ହୋଇଯିବାରୁ ଆଉ କାନ୍ଦିବାର ଛଳନା କରିହେଲା ନାହିଁ । 'କାନ୍ଦ' ଲୁଚେଇବାର ସାଧନ ଖୋଜିବାକୁ ପଡ଼ିଲା । ସାମାଜିକ ଜୀବନର ଅଶ୍ଳୀଳତା ଓ ବର୍ବରତା, ସରକାରୀ କଳର ନିର୍ଯ୍ୟାତନା, ପ୍ରତାରଣା ଓ ଅନ୍ୟାୟ ମୋ' ଠଉରୁ ସତ ହସଟି ଲୁଟି ନେଇଗଲା । ହସଗୁଡ଼ାକ ମଧ୍ୟ ବି-ଅର୍ଥ, କଦର୍ଥ ହୋଇଗଲେ । ହସକୁ ଉଚିତ୍ ମୂଲ୍ୟ ଦେବା ପାଇଁ ପରିଶେଷର ଯେଉଁ ସାମାଜିକ-ବିଜ୍ଞତା ଲୋଡ଼ା ତାର ଏକାନ୍ତ ଅଭାବ ଘଟିଲା । ତେଣୁ ହସିବାକୁ ଡର ଲାଗିଲା ।

Digitized by srujanika@gmail.com

ସେତେବେଳେ ବିଶ୍ୱଭାରତୀର 'ଜହ୍ନ ରାତିରେ ବଣଭୋଜି' (Moonlight Picnic) ଥିଲା ସବୁଠୁ ଆଦରଣୀୟ । ସାଙ୍ଗରେ ଅଧ୍ୟାପକ ଅଧ୍ୟାପିକାଙ୍କୁ ଧରି ଆମେ ସବୁ ଛାତ୍ରଛାତ୍ରୀ ନିକଟବର୍ତ୍ତୀ କୌଣସି ଗାଁ'ର ଖୋଲା ପଡ଼ିଆରେ ଏକାଠି ହେଉଥିଲୁଁ ସନ୍ଧ୍ୟା ଆଗରୁ । ସେଇଠି ହିଁ ଦେଖୁଥିଲୁ ପୂର୍ବାକାଶରେ ଚନ୍ଦ୍ରୋଦୟ । ସଂଜ ପହରୁ ରାତି ଗୋଟାଏ ଦୁଇଟା ଯାଏଁ ଚାଲୁଥିଲା ଆମୋଦ ପ୍ରମୋଦ ।

ଚିକ୍‌ଚିକ୍ ଜହ୍ନ ଆଲୁଅରେ ମାଟିର ସବୁ ରୁକ୍ଷତା ଲୁଚି ଯାଉଥିଲା । ପରିପାର୍ଶ୍ୱର ବନସ୍ପତି ଚନ୍ଦ୍ରାଲୋକରେ ଆକାଶରୁ ଓହ୍ଲେଇଥିବା କିନ୍ନର-କିନ୍ନରୀଙ୍କ ମାୟା ସୃଷ୍ଟି କରୁଥିଲେ । ମୋ' ମନ ଭିତରେ ଅବୁଝା ଆନନ୍ଦର କଲ୍ଲୋଳ ଉଠୁଥିଲା । ସେତେବେଳେ ମୋ' ମନ ଆଜିଭଳି ବିକୃତ ହୋଇ ନ ଥିଲା । ତେଣୁ ଜହ୍ନ-ଧୁଆ ଝିଅଙ୍କ ସହିତ ଖୁସି-ଗପ ବେଳେ କିଛି ଖରାପ ଲାଗୁ ନ ଥିଲା, ଗ୍ଲାନି ଆସୁ ନ ଥିଲା । ସମସ୍ତଙ୍କ କଣ୍ଠରେ ଥିଲା ପୂର୍ଣ୍ଣିମା ଓ ଜ୍ୟୋସ୍ନା ସଂପର୍କିତ ରବୀନ୍ଦ୍ର ସଂଗୀତ ଅଥବା କବିତା । ଗୋଟିଏ ସଙ୍ଗୀତରେ ରବୀନ୍ଦ୍ର ନାଥ ଲେଖିଥିଲେ, ଯାହାର ଅର୍ଥ ଥିଲା ଏଇପରି, ଯଥା – ''ଆଜି ଏଇ ପୂର୍ଣ୍ଣିମାରେ ଘରେ ରହିବାକୁ ମନ ନାହିଁ । ଜ୍ୟୋସ୍ନାରେ ତନୁ ଓ ମନ ଉଭୟକୁ ଥରେ ଭିଜାଇ ନ ଆସିଲେ ଜୀବନ ସାର୍ଥକ ହେବ କିପରି ?'' ରବୀନ୍ଦ୍ରନାଥଙ୍କ ଏଇ ଚନ୍ଦ୍ରାଲୋକ ପ୍ରୀତି ହିଁ ଥିଲା ''ଜହ୍ନ ରାତିରେ ବଣଭୋଜି''ର ମୁଖ୍ୟ ପ୍ରେରଣା । ବନ୍ଧୁଙ୍କ ଗହଣରେ ଜହ୍ନ ଆଲୁଅରେ ବୁଲିଲା ବେଳେ ମୋତେ ତ ପାଗଳ ଲାଗୁଥିଲା, ଯଦିଓ ସେତେବେଳେ ମୋ'ମନ କିଣି ନେଇଥିବା କିମ୍ୱା ମୋତେ ହୃଦୟ ବିକିଥିବା କେହି ବାନ୍ଧବୀ ନ ଥିଲେ ସେଠି ।

ପରେ ପରେ 'ଜହ୍ନରାତିର ବଣଭୋଜି' ନିଷିଦ୍ଧ ହୋଇଗଲା ବିଶ୍ୱଭାରତୀରେ । ନୂତନ ପ୍ରଶାସନ ଚାହିଁଲେନି । କ୍ରମଶଃ ରକ୍ଷଣଶୀଳତାର ପାରମ୍ପରିକ ଛାଇ ଗ୍ରାସ କଲା ଶାନ୍ତିନିକେତନର ଖୋଲାଖୋଲି ପଣକୁ, ସ୍ୱାଭାବିକତାକୁ । ମୋତେ ଭଲ ଲାଗିଲାନି । ମନ ବିଦ୍ରୋହ କରି ଉଠିଲା । କିନ୍ତୁ ପ୍ରଶାସନ କ୍ରମଶଃ ଶକ୍ତିଶାଳୀ ହୋଇ ଉଠିବାରୁ ଆଶ୍ରମିକମାନେ ମଧ୍ୟ ପାଟି ଫିଟାଇଲେ ନାହିଁ । ଆମେ ତ ପିଲା, କରିଥା'ନ୍ତୁ କ'ଣ ?

---

*ଶାରଦୀୟ ଅବକାଶର ପୂର୍ବଦିନ ଛାତ୍ରଙ୍କ ଉଦ୍ୟମରେ 'ଆନନ୍ଦ ବଜାର' ଅନୁଷ୍ଠାନ ଏକ ସଂସ୍କୃତିରେ ପରିଣତ ହୋଇ ଯାଇଥିଲା । ତହିଁରେ ବିଭିନ୍ନ ଧରଣର ଦୋକାନ ସହିତ ଗୋଟିଏ ବରାଦି କବିତାର ଦୋକାନ ବସୁଥିଲା । ସେଇ ସୂତ୍ରରେ ମୋତେ ଗ୍ରାହକଙ୍କ ଅନୁରୋଧରେ ମୋତେ କିଛି କବିତା ଲେଖିବାକୁ ପଡ଼ିଥିଲା ।

Digitized by srujanika@gmail.com

।। ନଅ ।।

ବିଶ୍ୱଭାରତୀରେ ଛାତ୍ରଙ୍କୁ ଦଣ୍ଡ ଦେବାର ପରମ୍ପରା ଅଲଗା ଧରଣର ଥିଲା । ଦଣ୍ଡିତ ଛାତ୍ରକୁ ପ୍ରଥମେ ହଷ୍ଟେଲରୁ ନିଆଯାଇ ହସ୍‌ପିଟାଲରେ ରଖାଯାଏ, ପରେ ପରେ ଟିକେଟ୍ କାଟି ରେଳରେ ବସେଇ ବିଦା କରି ଦିଆଯାଏ, ସବୁଦିନ ପାଇଁ । ଏକଥା ଏପରି ଗୋପନ ରଖାଯାଏ ଯେ ହଷ୍ଟେଲ-ସାଥୀ, ଏପରିକି ରୁମ୍-ସାଥୀଟିଏ ମଧ୍ୟ ଅନୁମାନ କରିପାରେନି । ଝିଅପିଲା ହୋଇଥିଲେ ତା'ର ଅଭିଭାବକଙ୍କୁ ଡକାଇ ରେଳଷ୍ଟେସନ୍‌ରେ ସମର୍ପି ଦିଆଯାଏ । ଅନ୍ୟ କେହି ଜାଣିଲାବେଳକୁ ମାସେ ଦିମାସ ଗଡ଼ି ଯାଇଥାଏ, ପ୍ରତିବାଦର ପ୍ରଶ୍ନଗୁଡ଼ାକ ମିଳେଇ ସାରିଥାଏ । ଏଇ 'ଦଣ୍ଡ'ର ଭୟ ଯୋଗୁ ଛାତ୍ରଛାତ୍ରୀଗଣ ଆଚରଣରେ ଶୋଭନୀୟତା ରକ୍ଷା କରିବାକୁ ଯତ୍ନଶୀଳ ହୁଅନ୍ତି । ମୋର ଯାହା ବିଶ୍ୱାସ ଶୋଭନୀୟତା ହିଁ ଥିଲା ବିଶ୍ୱଭାରତୀ ଛାତ୍ର-ସମାଜର ସୌନ୍ଦର୍ଯ୍ୟ । ମୋର ସୁଦୀର୍ଘ ଛାତ୍ର-ଜୀବନ ଭିତରେ ଶାନ୍ତିନିକେତନରେ କେଉଁ ପୁଅ କେଉଁ ଝିଅ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା, ପ୍ରତ୍ୟକ୍ଷ କି ପରୋକ୍ଷରେ ଅଶାଳୀନ ଇଙ୍ଗିତ ଅଥବା ମନ୍ତବ୍ୟ ଫୋପାଡ଼ିବା, ଛକିବା, ଛେକିବା ଅଥବା ଝିଅପିଲାଙ୍କୁ ବାଧିବା ଭଳି (ଅବମାନନା ସୂଚକ) ପ୍ରସଙ୍ଗ ଅବତାରଣା କରିବା - ମୁଁ ଜାଣି ନ ଥିଲି କି ଶୁଣି ନ ଥିଲି । ରାତିର ଅନ୍ଧାରରେ ବି ଝିଅପିଲାମାନେ ନିର୍ଭୟରେ ଏକା ଏକା ଲାଇବ୍ରେରୀର ସାନ୍ଧ୍ୟ ପାଠ-କେନ୍ଦ୍ରରୁ ହଷ୍ଟେଲକୁ ଫେରି ପାରୁଥିଲେ । ବିଶ୍ୱାସ କରିବାକୁ ହେବ ଯେ ଦଣ୍ଡିତ ଛାତ୍ରଛାତ୍ରୀଙ୍କ ଅପରାଧ ନିଶ୍ଚୟ ଗର୍ହିତ ଥିଲା । ନହେଲେ ଛାତ୍ର-ବତ୍ସଳ ବିଶ୍ୱଭାରତୀର କର୍ତ୍ତୃପକ୍ଷ ସେ ପ୍ରକାର ଚରମ ଶାସ୍ତିର ବିଧାନ କରୁନଥାନ୍ତେ ।

ଅନର୍ସ ଓ ଏମ୍.ଏ. ଶ୍ରେଣୀର ଛାତ୍ରଙ୍କ ନିମନ୍ତେ ପୂର୍ବରୁ ବିଦ୍ୟାଭବନରେ ଉପସ୍ଥାନ ଖାତା ନ ଥିଲା । କିଛି ଅସୁବିଧା ହେଉ ନ ଥିଲା । ଅଧ୍ୟାପକ ଓ ଛାତ୍ରଙ୍କ ସହମତିରେ ପାଠପଢ଼ା ହେଉଥିଲା, ଛାତ୍ରଙ୍କ ତରଫରୁ ଅଧ୍ୟାପକଙ୍କ ବିରୋଧରେ କିମ୍ବା ଅଧ୍ୟାପକଙ୍କ ତରଫରୁ ଛାତ୍ରଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିଲା ମଧ୍ୟ ।

କିନ୍ତୁ ଦିନେ ସକାଳେ ଗୋଟାଏ ନୋଟିସ୍ ବୁଲିଲା ବିଭାଗରୁ ବିଭାଗ, ଭବନରୁ ଭବନ ଯେ ଏଣିକି 'ଉପସ୍ଥାନ' ନିଆଯିବ । ଆମେ ଛାତ୍ରମାନେ ଏ ସିଦ୍ଧାନ୍ତର ପ୍ରତିବାଦ କଲୁ । ଆମର ଛାତ୍ରତ୍ୱ ପ୍ରତି ଏପରି ସନ୍ଦେହର କାରଣ କ'ଣ ? - ପଚାରିଲୁ । ଉତ୍ତର

Digitized by srujanika@gmail.com

ସନ୍ତୋଷଜନକ ନ ଥିଲା । 'ଉପସ୍ଥାନ' ଖାତା ପ୍ରସ୍ତୁତ ହେଲା, କିନ୍ତୁ ଆମେ ନୀରବ ରହିଲୁ । ଫଳରେ କ୍ରମେ କ୍ରମେ ତା' ଅଚଳ ହୋଇଗଲା । ପରେ ଜାଣିଲୁ ତା' ଥିଲା ଆମର ଅଧ୍ୟାପକଙ୍କୁ ନିୟନ୍ତ୍ରଣ ଭିତରେ ରଖିବା ନିମନ୍ତେ ପ୍ରଶାସନର ଏକ ଫନ୍ଦି । ସେମାନେ ଆମର ସାର୍‌ମାନଙ୍କୁ ସନ୍ଦେହ କରୁଥିଲେ । ତା' ଫସର ଫାଟି ଯାଇଥିଲା ।

କିନ୍ତୁ ପାଠପଢ଼ାରେ ବୈଚିତ୍ର୍ୟ ଥିଲା ବିଶ୍ୱଭାରତୀରେ । ମୁଁ ଯେତେବେଳେ ସମୟ ପାଉଥିଲି ଭିନ୍ନ ଭିନ୍ନ ବିଭାଗର ସହପାଠୀଙ୍କ ସହିତ ସେମାନଙ୍କ କ୍ଲାସ୍‌ରେ ବସି ଯାଉଥିଲି । ମୋର କନ୍ନଡ଼ ବନ୍ଧୁ ଏସ୍.କୃଷ୍ଣନ୍ ଥିଲେ ଇଂରାଜୀ ବିଭାଗର । କେଉଁଦିନ କେଉଁ ସାର୍ କ'ଣ ପଢ଼ାଇବେ ତାଙ୍କଠୁ ଖବର ମିଳୁଥିଲା । ସେଇ ଅନୁସାରେ ପ୍ରଫେସର ଶିଶିର କୁମାର ଘୋଷ ଯେଉଁଦିନ T.S. Eliot ପଢ଼େଇବାର ଥିଲା ମୁଁ ସେଇ କ୍ଲାସରେ ଯୋଗ ଦେଇଥିଲି । ସେଇପରି ଜୀବନ ଚୌଧୁରୀଙ୍କ କ୍ଲାସରେ ବସି ମୁଁ ତତ୍କାଳର କ୍ଲାସିକ୍ ଉପନ୍ୟାସ ଜୟସ୍‌ଙ୍କ ୟୁଲିସେସ୍ ବିଷୟରେ କିଛିଟା ଜାଣିବାକୁ ପାଇଥିଲି । ଏହା ବ୍ୟତୀତ ଦର୍ଶନ କ୍ଲାସ୍‌ରେ ବସି ତାଙ୍କ ବିଭାଗୀୟ ସେମିନାର୍‌ରେ ଯୋଗଦେଇ ମୁଁ 'କାଣ୍ଟ' ତଥା 'ଉଇଟ୍‌ଗେନ୍-ଷ୍ଟାଇନ୍'ଙ୍କ ଦାର୍ଶନିକ ତତ୍ତ୍ୱ ସଂପର୍କରେ ସମ୍ୟକ୍ ଧାରଣା ଲାଭ କରିପାରିଥିଲି । ମୋର ବିଶେଷ ଆଗ୍ରହ ଥିଲା 'ଇଣ୍ଡୋଲଜି' (Indian History and Culture) ବିଷୟରେ । 'ଇଣ୍ଡୋଲଜି' ବିଭାଗ ତରଫରୁ ଆୟୋଜିତ ପ୍ରାୟ ଅଧିକାଂଶ ସେମିନାର୍‌ରେ ମୁଁ ଉପସ୍ଥିତ ରହୁଥିଲି । 'ଇଣ୍ଡୋଲଜି'ର ବରିଷ୍ଠ ପ୍ରଫେସର ଡକ୍ଟର ଚାଟାର୍ଜୀ ଅଧିକାଂଶ ସମୟରେ ପ୍ରାଚୀନ ଉତ୍କଳ ସଂପର୍କରେ ଟିପ୍ପଣୀ ଦେଇ କହୁଥିଲେ – "ବୁଝିଲୁ, ତୁମ ଓଡ଼ିଶାର ଇତିହାସଟା ଠିକ୍ ଭାବେ ଲେଖା ହୋଇନି । ତୁମେ ସବୁ ଉଦ୍ୟମ କର ।" ବେଳେବେଳେ ଖାରବେଳଙ୍କ ସଂପର୍କରେ ତାଙ୍କର ମନ୍ତବ୍ୟ ମୋତେ ବାଧୁଥିଲା - ସେ କହୁଥିଲେ – "ଆରେ ବାବୁ, ତୁମର ସେଇ ଯେଉଁ ଖାରବେଳ ନା, ସେ ଖୁବ୍ ବେଶୀ ବଡ଼ ନ ଥିଲା । ଭୁବନେଶ୍ୱର ବ୍ୟତୀତ ତାଙ୍କ ନାଁରେ ଅନ୍ୟ କେଉଁଠି କିଛି ଶିଳାଲେଖ କିମ୍ବା ବୀରତ୍ୱର ଅନ୍ୟକିଛି ନମୁନା ତ ମିଳୁନି । ଇତିହାସ କେମିତି ସ୍ୱୀକାର କରିବ ତାଙ୍କର ବଡ଼ପଣକୁ ?' ମୋର କିଛି କହିବାର ନ ଥିଲା ।

ହୀନ୍ଦି, ବଙ୍ଗଳା, ଓଡ଼ିଆ ଓ ଇଂରାଜୀ ବ୍ୟତୀତ ବିଶ୍ୱଭାରତୀରେ ଆଉ କେତୋଟି ବିଦେଶୀ ଭାଷା ପଢ଼ିବାର ସୁଯୋଗ ଥିଲା, ସେଗୁଡ଼ିକ ହେଲା – ଜର୍ମାନ, ଫ୍ରେଞ୍ଚ୍, ଚୀନା ଭାଷା, ଜାପାନୀ ଭାଷା ଓ ତିବ୍ବତୀୟ ଭାଷା । 'ଭାଷା'ର କ୍ଲାସ୍‌ଗୁଡ଼ିକ ପ୍ରାୟତଃ ସନ୍ଧ୍ୟାରେ ହେଉଥିଲା । ତା'ର ସୁଯୋଗ ମୁଁ ନେବାକୁ ପଛେଇଲି ନାହିଁ । ଫ୍ରେଞ୍ଚ୍ ଓ ତିବ୍ବତୀୟ ଭାଷା ଶିଖିବାକୁ ନାଁ ଲେଖେଇଲି । ଦି-ବର୍ଷିଆ ପାଠ୍ୟକ୍ରମ । ଫ୍ରେଞ୍ଚ୍ ଭାଷାଠାରୁ ତିବ୍ବତୀୟ ଭାଷା ଶିଖିବା ଥିଲା ଅଧିକ କଷ୍ଟକର ବ୍ୟାପାର । କାରଣ, ତିବ୍ବତୀୟ ଭାଷା ପଢ଼ାଇବାକୁ ଯେଉଁ ଲାମାଙ୍କୁ ନିଯୁକ୍ତି ଦିଆଯାଇଥିଲା ସେମାନଙ୍କର କିଛି ତାଲିମ ନ

Digitized by srujanika@gmail.com

ଥିଲା, ଇଂରାଜୀ କିମ୍ୱା ହିନ୍ଦୀ ସେମାନେ ଭଲକରି ଜାଣି ନ ଥିବାରୁ ପଢ଼େଇବାରେ ଅସୁବିଧା ଥିଲା । ଜଣେ ଥିଲେ ବଙ୍ଗାଳି ସାର୍, ସୁନୀତି ପାଠକ । ମୁଁ ତାଙ୍କରି ପାଖରେ ବସି ତିବ୍ବତ ଭାଷା ଯାହା ଶିଖିଲି । ଖାଲି ଶିଖିଲି ନାହିଁ ତିବ୍ବତର ଏକ ପୁରୁଣା କ୍ଲାସିକ୍ ରଚନା 'କେଶର ସାଗା' ବା 'କଥା'ର ଓଡ଼ିଆ ଅନୁବାଦ ମଧ୍ୟ କରିଥିଲି, ଯାହା ଧାରାବାହିକ ଭାବେ 'ଝଙ୍କାର' ପତ୍ରିକାରେ ପ୍ରକାଶ ପାଇଥିଲା । ଇଚ୍ଛାଥିଲା ତିବ୍ବତୀୟ ଭାଷା ଭଲକରି ଶିଖିବା ପରେ ତିବ୍ବତର 'ଲାସା'କୁ ଯିବି । ସେଠିକାର ମଠମାନଙ୍କରେ ଓଡ଼ିଶାର ପ୍ରାଚୀନ କୀର୍ତ୍ତି ବିଷୟରେ ଲିଖିତ 'ପୋଥି' ଘାଣ୍ଟିବି । ପ୍ରାଚୀନ ଓଡ଼ିଶାର ବୌଦ୍ଧ ପଣ୍ଡିତମାନେ ତିବ୍ବତ ଯାଇଥିଲେ ଏବଂ 'ଲାମା' ଧର୍ମ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କ ଅବଦାନ ଇତିହାସ ସ୍ୱୀକାର କରେ । ତିବ୍ବତ ଭାଷାରେ ଉଚ୍ଚାରିତ ହୁଏ ଲିଙ୍ଗ୍ କିନ୍ତୁ ଲେଖାଯାଏ 'କ୍ଲିଙ୍ଗ୍' । ସମ୍ଭବତଃ କଳିଙ୍ଗରୁ କ୍ଲିଙ୍ଗ୍ ହୋଇଛି । କେଶର ଜଣେ କ୍ଲିଙ୍ଗ୍ ବଂଶୋଦ୍ଭ ବ ନାୟକ ଭାବରେ ବର୍ଣ୍ଣିତ, ଯାହାଙ୍କ ଜୀବନକଥା ତିବ୍ବତରେ ପୁରାଣର ମାନ୍ୟତା ପାଇଆସିଚି । କିନ୍ତୁ ମୋର ସ୍ୱପ୍ନର ମହଲ ଭୂମିସାତ୍ ହୋଇଗଲା । କାରଣ ଚୀନ ଦଖଲ କଲା ତିବ୍ବତ । ତିବ୍ବତରୁ ଲୋକେ (ବିଶେଷତଃ ଧର୍ମୀୟ ଗୋଷ୍ଠୀର) ଛୁଟି ଆସିଲେ ଭାରତ ଓ ଭାରତବର୍ଷ ସେମାନଙ୍କୁ ଶରଣ ଦେଲା । ପରେ ପରେ ଚୀନ ଓ ଭାରତ ମଧ୍ୟରେ ଯୁଦ୍ଧ, ଭାରତର ପରାଜୟ ଇତ୍ୟାଦି ବିଷୟରେ ଆପଣମାନେ ସମସ୍ତେ ଅବଗତ ଅଛନ୍ତି । ଶେଷରେ ପ୍ରତିରକ୍ଷା ବିଭାଗ ତରଫରୁ ଡାକରା ପାଇ ମୋର ପ୍ରିୟ ତିବ୍ବତୀ ଭାଷାର ଅଧ୍ୟାପକ ଶ୍ରୀଯୁକ୍ତ ପାଠକ ବିଶ୍ୱଭାରତୀରୁ ବିଦାୟ ନେଇଗଲେ । ପଢ଼ାପଢ଼ିର ଦାୟିତ୍ୱ ନେଲେ ଜଣେ ପାରମ୍ପରିକ ଲାମା ଗୁରୁ, ଯିଏ ଗୋଟିଏ ହେଲେ ଭାରତୀୟ ଭାଷାରେ ପଢ଼ାଇବାକୁ ସକ୍ଷମ ନ ଥିଲେ । ଇଂରାଜୀ ଓ ହିନ୍ଦୀର ଅଳ୍ପ କେତୋଟି ଶବ୍ଦଜ୍ଞାନ ଦେଇ ସେ କାମ ଚଳଉଥିଲେ, ଯାହା ମୋ'ପରି ଅନଭିଜ୍ଞ ଛାତ୍ର ପକ୍ଷରେ ଆଦୌ ସନ୍ତୋଷଜନକ ନ ଥିଲା । ଲାମା ଗୁରୁ ଅବଶ୍ୟ ଅତ୍ୟନ୍ତ ସ୍ନେହୀ ଥିଲେ । ମୋର ତିବ୍ବତୀ ଉଚ୍ଚାରଣ ତାଙ୍କୁ ଭଲ ଲାଗୁ ନ ଥିଲା । ମୁଁ କିନ୍ତୁ ତାଙ୍କୁ ତାଙ୍କ ଉଚ୍ଚାରଣକୁ ଠିକ୍ ଭାବେ ଅନୁସରଣ କରିପାରୁ ନ ଥିଲି, ବୁଝାମଣାର ଅଭାବରୁ । କୌଣସିମତେ ତିନୋଟି ବର୍ଷ ପଢ଼ି ଡିପ୍ଲୋମାଟିଏ ହାସଲ କଲି ସିନା ମନ ବୁଝିଲା ନାହିଁ । ବ୍ୟବହାରର ଅଭାବରୁ ବିଶ୍ୱଭାରତୀ ଛାଡ଼ିବା ପରେ ଏତେ ପରିଶ୍ରମ ଓ ସମୟ ବ୍ୟୟ କରି ଶିଖିଥିବା ଭାଷାଟିକୁ କ୍ରମଶଃ ଭୁଲିବାକୁ ଆରମ୍ଭ କଲି ।

ଫରାସୀ ଭାଷାର ପାଠପଢ଼ା କିନ୍ତୁ ସନ୍ତୋଷଜନକ ଥିଲା । ୩ ବର୍ଷ ପଢ଼ିଲି, ଯଦିଓ ଡିପ୍ଲୋମାର ଶେଷ ପରୀକ୍ଷାଟି (ଏମ୍.ଏ. ପରୀକ୍ଷା ସହିତ ଧକା ଖାଇବାରୁ) ଦେଇପାରି ନ ଥିଲି । କିନ୍ତୁ ସରଳ ଫରାସୀରେ ଲେଖା ପତ୍ରିକା ଓ ପୁସ୍ତକ ପଢ଼ିବାର ସାମର୍ଥ୍ୟ ଆସି ଯାଇଥିଲା । କବି ଅନ୍ନଦା ଶଙ୍କର ରାୟଙ୍କ ସୁଯୋଗ୍ୟ ପତ୍ନୀ ଶ୍ରୀମତୀ

Digitized by srujanika@gmail.com

ଲୀଳା ରାୟ ଭଲ ଭାବରେ ଫରାସୀ ଭାଷା ଜାଣିଥିଲେ । ତାଙ୍କ ଘରକୁ ଆଧୁନିକ ଫରାସୀ ଭାଷାର କିଛି କିଛି ପତ୍ରିକା ଆସୁଥିଲା । କାରଣ ସେଥିଲେ 'ଆନ୍ତର୍ଜାତିକ' ଅନୁବାଦ ସଂସ୍ଥାନ'ର ଜଣେ ମନୋନୀତ ସଦସ୍ୟ । ସେ ମୋତେ ଲା' ପୋଏଜି ବା 'କବିତା' ନାମକ ପାକ୍ଷିକଟିର ଅନେକଗୁଡ଼ିଏ ସଂଖ୍ୟା ଯୋଗାଇ ଦେଇଥିଲେ ସ୍ନେହବଶତଃ । କିନ୍ତୁ ମୋର ଫରାସୀ ଜ୍ଞାନ ମଧ୍ୟ ପୋଥି ବାଇଗଣ ହୋଇ ରହିଗଲା । କାଁ ଭାଁ ଗୋଟିଏ ଦୁଇଟି କବିତା ଅନୁବାଦ ବ୍ୟତୀତ ମୁଁ ଆଉ କିଛି କରିପାରିନି । ପେଟ-ପାଟଣା ପାଇଁ ଓଡ଼ିଶାର କଲେଜମାନଙ୍କରେ ଚାକିରି କରିବାକୁ ପଡ଼ିଲା । କାରଣ ଗଦ୍ୟ-ପଦ୍ୟାଦି ରଚନା କରି ଜୀବିକାର୍ଜନ କରିବା ଅସମ୍ଭବ ଓଡ଼ିଶାର ଲେଖକ ପକ୍ଷରେ । କୌଣସି ପତ୍ରପତ୍ରିକା (ଏପରିକି 'ସମାଜ' ମଧ୍ୟ) ଲେଖା ନିମନ୍ତେ କିଛି ହେଲେ ପାରିତୋଷିକ ଦିଅନ୍ତି ନାହିଁ । ପୂର୍ବେ କେବଳ 'ଆସନ୍ତାକାଲି' (କଲିକତା) ପାଞ୍ଚଟଙ୍କା/ ଦଶଟଙ୍କା କରି ଦେଉଥିଲେ । ଏବେ ଅବଶ୍ୟ 'ସମ୍ବାଦ' ତରଫରୁ ପ୍ରକାଶିତ 'କଥା'ର ପ୍ରକାଶକ କିଛି ପାରିତୋଷିକର ବ୍ୟବସ୍ଥା କରିଛନ୍ତି । କିନ୍ତୁ ସେସବୁ ଲେଖକର ସମୁଦ୍ରେ ଆବଶ୍ୟକତାକୁ ଶଙ୍ଖେ ପରି । ତେଣୁ ଜୀବନବଞ୍ଚିବାଟା ଚାକିରିମୁଖୀ ହୋଇପଡ଼ିଚି । ସଦୁପଯୋଗର ଅଭାବରୁ ମୋ' ଭାଷାଜ୍ଞାନର ଯୁକ୍ତିଯୁକ୍ତତା ରହିଲା ନାହିଁ । ପରିବେଶ ପାଇଥିଲେ, ମୋର ଇଚ୍ଛା ଥିଲା, ଫରାସୀ ଭାଷାରୁ ସିଧା ଓଡ଼ିଆକୁ ଏବଂ ଓଡ଼ିଆରୁ ଫରାସୀ ଭାଷାକୁ ଅନୁବାଦ କରିଥା'ନ୍ତି କିଛି । କିନ୍ତୁ ସେଥିପାଇଁ ଜ୍ଞାନର ଯେଉଁ ସିଦ୍ଧି ଆବଶ୍ୟକ ତା' ଆଉ ମୁଁ ହାସଲ କରିପାରିଲି ନାହିଁ । ଅବଶୋଷ ରହିଗଲା ।

Digitized by srujanika@gmail.com

।। ଦଶ ।।

ସବୁ ଭବନର ଛାତ୍ରଛାତ୍ରୀଙ୍କୁ ଏକାଠି କରି 'ବିଶ୍ୱଭାରତୀ' ତରଫରୁ ପ୍ରତିବର୍ଷ ଗୋଟିଏ ଶିକ୍ଷଣୀୟ ଭ୍ରମଣ ବା ଷ୍ଟଡ଼ିଟୁର୍ ଆୟୋଜିତ ହେଉଥିଲା । ସେଥିରେ ଅଧ୍ୟାପକ ଓ ତାଙ୍କର ପତ୍ନୀମାନେ ମଧ୍ୟ ଯାଇପାରୁଥିଲେ । ଏହି 'ଭ୍ରମଣ' ବେଶ୍ ଆକର୍ଷଣୀୟ ଓ ଉପଭୋଗ୍ୟ ହେଉଥିଲା । ମୁଁ ଦୁଇଥର ଏପରି 'ଭ୍ରମଣ'ର ସୁଯୋଗ ନେଇଛି, ଥରେ ଦକ୍ଷିଣ ଭାରତ ଓ ଅନ୍ୟଥର ମଧ୍ୟଭାରତ । ସେଇପରି ଇତିହାସ ବିଭାଗ ତରଫରୁ 'ବଣ୍ଡେଲ' ଓ 'ତ୍ରିବେଣୀ' ଭ୍ରମଣରେ ମୁଁ ଯାଇଥିଲି । ତ୍ରିବେଣୀ ଘାଟଟି ଏବେବି ସେଠି ମୁକୁନ୍ଦଦେବ ଘାଟ ନାମରେ ପରିଚିତ । ଗଙ୍ଗାନଈ ଘାଟରେ ଛୋଟ ଆକୃତିର ଜଗନ୍ନାଥ ମନ୍ଦିରଟିଏ ଅଛି । କଥିତ ଅଛି, ମା'ଙ୍କ ଅନୁରୋଧରେ ସମ୍ରାଟ ମୁକୁନ୍ଦ ଦେବ ସେଇଠି ବସି ଗଙ୍ଗାଙ୍କୁ ଓଡ଼ିଶାକୁ ନେବା ପାଇଁ ତପସ୍ୟା କରୁଥିଲେ, ଏବଂ କଟକରେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ 'କଳାପାହାଡ଼' ଉତ୍କଳଖଣ୍ଡ ଉପରେ ଚଢ଼ଉ କରିଥିଲା । କିମ୍ବଦନ୍ତୀ ଯାହାହେଉ – ଓଡ଼ିଶା ଯେ ଏକଦା ଗଙ୍ଗାରୁ ଗୋଦାବରୀ ଯାଏଁ ବିସ୍ତୃତ ଥିଲା ତାର ସନ୍ତକ ସ୍ୱରୂପ ସେଠି 'ମୁକୁନ୍ଦ ଘାଟ' ବିଦ୍ୟମାନ ଅଛି । ମୋ ମନରେ ଗର୍ବ ଆସିଥିଲା ।

ଠିକ୍ ମନେ ନାହିଁ, 'ଦକ୍ଷିଣ ଭାରତ' ଭ୍ରମଣ ବେଳେ ବୋଧହୁଏ ସେ ସମୟର ବରିଷ୍ଠ ଛାତ୍ର ରାଘବାନନ୍ଦ ନାୟକ ଆମର ସଙ୍ଗୀ ହୋଇଥିଲେ । ଦକ୍ଷିଣ-ଭାରତର ଅନେକ ଅଞ୍ଚଳ ତା' ପୂର୍ବରୁ ମୁଁ ବୁଲିଥିଲି । ମହୀଶୂର, ତ୍ରିଭାନ୍ଦ୍ରମ୍, ହାଇଦ୍ରାବାଦ ଆଦି ପ୍ରସିଦ୍ଧ ସ୍ଥାନଗୁଡ଼ିକର ସ୍ମୃତି ତଥାପି ମନ ଭିତରେ ଥିଲା । କିନ୍ତୁ ସେଥରକ ମାନ୍ଦ୍ରାଜ (ଚେନ୍ନାଇ)ରେ ପୂରା ଦୁଇଦିନ କଟେଇଲୁ । ଐତିହାସିକ ସ୍ଥାନଗୁଡ଼ିକ ଦର୍ଶନ କଲୁ । ସବୁଠୁ ଭଲ ଲାଗିଲା ଡିସେମ୍ବରରେ ମାନ୍ଦ୍ରାଜର ପାଗ । ଶାନ୍ତିନିକେତନରେ ପ୍ରଚଣ୍ଡ ଶୀତ ଲାଗୁଥିଲା, ଅଥଚ ଡିସେମ୍ବର ଶେଷ ସପ୍ତାହରେ ଆମେ ସବୁ ରାତି ବାରଟା ଯାଏଁ ସମୁଦ୍ର କୂଳରେ ଚନ୍ଦ୍ରାଲୋକ ଉପଭୋଗ କରୁଥିଲୁ । କନ୍ୟା-କୁମାରୀରେ ମଧ୍ୟ ସେଇଆ ଘଟିଲା । ସମୁଦ୍ର ଧାରରେ ସାରା ରାତି କ୍ୟାମ୍ପ ଫାୟାର୍ । ନିଆଁର ଚାରିପଟେ ଗୋଲେଇକରି ବସି ଖୁସିଗପ, ଗୀତ, ଜୋକ୍ସ୍ ଓ ବ୍ୟଙ୍ଗାତ୍ମକ ନାଟିକା ଭିତରେ ରାତି ପାହିଲା । ସେଇଠି ନବ-ବର୍ଷକୁ ସ୍ୱାଗତ କରି ବାହୁଡ଼ିଲୁ । ଚିଦାମ୍ବରମ୍, ମଦୁରାଇ ଓ କାଞ୍ଚିପୁରମ୍ ଦେଖିଲା ପରେ ପୁଣି ମାନ୍ଦ୍ରାଜ ଆସି ହାବଡ଼ାକୁ ରେଳ ଧରିଲୁ । ସ୍ମୃତିରେ ରହିଗଲା 'ନଟରାଜ'ଙ୍କ ତାଣ୍ଡବ

Digitized by srujanika@gmail.com

ମୁଦ୍ରା ଓ 'ମୀନାକ୍ଷୀ'ଙ୍କ ସୁଦୀପ୍ତ ମୁଖ । କନ୍ୟାକୁମାରୀର ବେଳାଭୂମିରେ ଉତ୍ତାଳ ଲହରୀ ପିଟି ହେବାର ଦୃଶ୍ୟ ମନରେ ରହିଯାଇଥିଲା, କାରଣ କୂଳରୁ ମାତ୍ର ୨୦ ମିଟର ଦୂରରେ ସମୁଦ୍ର ଭିତରେ ଥିବା ଅନୁଚ୍ଚ ଟାପୁକୁ ସାର୍‌ମାନଙ୍କ ଅନୁମତି ନ ନେଇ ମୁଁ ଓ ମୋର ଜଣେ ସହପାଠୀ ଲହଡ଼ି କାଟି ପହଁରିଗଲୁ । ଆମର ସଙ୍ଗୀ ହେଲେ ଜଣେ ବୟସ୍କ କର୍ମଚାରୀ । ଚାଲିଗଲୁ ତ ଜୋସ୍‌ରେ । ସେଠି ପହଞ୍ଚିବା ପରେ ଏପଟରେ ଛାତ୍ର-ଅଧ୍ୟାପକଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା । କ'ଣ ହେବ ? କେମିତି ଫେରିବେ ସେମାନେ ? ସେମାନଙ୍କ ଭାଳେଣି ଦେଖି ଆମର ବୟସ୍କ ସାଥୀ ଜଣକଙ୍କ ହୃଦ୍‌କମ୍ପ ଆରମ୍ଭ ହୋଇଗଲା । ସେ ସମସ୍ତ ସାହସ ହରାଇ ବସିଲେ । ତାଙ୍କର ମାନସିକ ଦୁର୍ବଳତା ଆମ ଦୁହିଁଙ୍କୁ ମଧ୍ୟ ପ୍ରଭାବିତ କଲା । ମନରେ ଛାନିଆ ପଶିଗଲା । ଟିକକ ଆଗରୁ ଯେଉଁ ଲହରୀ ସବୁ ସୁନ୍ଦର ଦିଶୁଥିଲେ, ସେସବୁ ଦିଶିଲେ ଭୟାନକ । ପୂର୍ବରୁ ସମୁଦ୍ର ପହଁରିବାର ସେମିତି କିଛି ଅଭିଜ୍ଞତା ମୋର ନ ଥିଲା । ତେବେ ଡରଗୁଡ଼ାକୁ ମନରେ ଲୁଚେଇ ରଖି ମୁଁ ଅନ୍ୟ ଦୁହିଁଙ୍କୁ ସାହସ ଦେଲି । ଲହରୀ କାଟି ଆମେ କୂଳରେ ପହଞ୍ଚିଗଲୁ । ସାର୍ ଓ ଅନ୍ୟମାନେ ଆଶ୍ୱସ୍ତ ହେଲେ । ଅପରିଚିତ ସମୁଦ୍ରରେ ଆଉ ସେପରି ସାହସ ଦେଖେଇବିନି ବୋଲି ମନେ ମନେ ଶପଥ ନେଲି । ସତକୁ ସତ ଦୁଃସାହସିକ ସନ୍ତରଣ ଏକରକମ ତ୍ୟାଗ କରିଛି ସେଇଦିନଠୁ ।

ମଧ୍ୟ-ଭାରତ ଭ୍ରମଣ ବେଳେ ଆମ ସହିତ ଡକ୍ଟର କୁଞ୍ଜବିହାରୀ ଦାଶ ଓ ନରେନ୍ଦ୍ର ସାର୍ ଯାଇଥିଲେ । ଉଭୟେ ଭ୍ରମଣପ୍ରିୟ । କୁଞ୍ଜବିହାରୀ ତ ରାଶି ରାଶି ଭ୍ରମଣ କାହାଣୀ ଲେଖିଛନ୍ତି ସେଇସବୁ ଅନୁଭବକୁ ନେଇ । ଶ୍ରୀନିକେତନର ଦୁଇଜଣ ଓଡ଼ିଆ ଛାତ୍ର ଆମ ସହିତ ସାମିଲ ହୋଇଥିଲେ । ମଧ୍ୟ-ଭାରତ ଭ୍ରମଣ ଅବସରରେ ସେଥରକ ଆମେ ଭୋପାଳ, ଜବଲପୁର ଓ ଉଜ୍ଜୟିନୀ ଯାଇଥିଲୁ । ଉଜ୍ଜୟିନୀ ଠାରେ ନବ-ପ୍ରତିଷ୍ଠିତ 'ବିକ୍ରମ ବିଶ୍ୱ -ବିଦ୍ୟାଳୟ' ପରିସରରେ ଆମମାନଙ୍କ ରହିବା ବ୍ୟବସ୍ଥା ହୋଇଥିଲା । ମୋର ମନେଅଛି-ଶାନ୍ତି-ନିକେତନର ଛାତ୍ରଛାତ୍ରୀ ଓ ବିକ୍ରମ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ଗୋଟିଏ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟତଃ ହିନ୍ଦୀ ଓ ବଙ୍ଗଳା ଗୀତ ଓ କବିତାବୃତ୍ତି ହୋଇଥିଲା । ଅନୁଷ୍ଠାନର ଶେଷରେ ସେଠାର କେତେକ ଅଧ୍ୟାପକ ଓ ଛାତ୍ର ଗୋଟିଏ ଓଡ଼ିଆ କବିତା ଶୁଣିବାକୁ ଚାହିଁଲେ । କୁଞ୍ଜବାବୁଙ୍କ ଅନୁରୋଧରେ ମୁଁ ତାଙ୍କ 'ଧୂଆଁଧାର' କବିତାରୁ କେଇପଦ ସ୍ମୃତିରୁ ଆବୃତ୍ତି କରିଥିଲି । ପାଖରେ ତ କିଛି ବହି ନ ଥିଲା । ତେବେ ସଦ୍ୟ ପ୍ରକାଶିତ କବି ରବି ସିଂହଙ୍କ କବିତା ସଂକଳନ 'ପଥ ପ୍ରାନ୍ତର କବିତା'ର ଗୋଟିଏ ଦୁଇଟି ମନରେ ଥିଲା । ସେତିକି ଶୁଣାଇଲି । ହାସ୍ୟ-ବିଦ୍ରୂପ ମିଶ୍ରିତ ସେହି କବିତାର ପଂକ୍ତିଗୁଡ଼ିକ ସେମାନଙ୍କୁ ଭଲ ଲାଗିଥିଲା, ଯଥା: ''ତୁମେ ହେଲେ ଘଣ୍ଟା/ମୁଁ ହୋଇବି କଣ୍ଟା.... '' ଅଥବା ''ତୁମେ ହେଲେ ଭଡ଼ାଘର/

Digitized by srujanika@gmail.com

ମୁଇଁ ସାଜି ଯାଯାବର/ କିଛିଦିନ ବାନ୍ଧିବି ବସା ମୋ’’ ଇତ୍ୟାଦି । ତା’ ଭିତରେ ଯେଉଁ କଳାତ୍ମକ ମାଧୁରୀ ଥିଲା ତା’ ମୋତେ ବହୁଦିନ ଧରି ଆଚ୍ଛନ୍ନ କରି ରଖିଥିଲା । ଏକଥା ସ୍ୱୀକାର କରିବାକୁ ହେବ ଯେ ଦୀର୍ଘ ଦୁଇ ଦଶନ୍ଧି ଧରି କବି ରବି ସିଂ ଥିଲେ ଓଡ଼ିଆ ଯୁବାଜନଙ୍କ ପ୍ରିୟ କବି । ତାଙ୍କ ଛନ୍ଦରେ ଓ ଭାଷାରେ ପୌରୁଷର ଦୀପ୍ତି ଓ ନିନାଦ ଥିଲା ଯାହା ଯୁବାଜନଙ୍କୁ ଉଲ୍ଲସିତ ଓ ତେଜୀୟାନ୍ କରୁଥିଲା । ତାଙ୍କ ରଚିତ - ଯଥା :

‘‘ଚରମ ପତ୍ର ଦେଲି ଭଗବାନ/ଚରମ ପତ୍ର ଘେନ,
ଆଗାମୀ କାଲିର ଏଇ ପ୍ରଭାତରେ/
ଆଗାମୀ ଚବିଶ ଘଣ୍ଟା ଭିତରେ

ଖାଲି କର ତୁମେ ଗୋଲୋକ ସିଂହାସନ’’ (ଚରମ ପତ୍ର) ଇତ୍ୟାଦିରେ ପ୍ରକାଶିତ ଭାବ ଥିଲା ତତ୍କାଳର ଯୁବସମଷ୍ଟିର ଭାବ । ତେଣୁ ସହସ୍ର ଯୁବ -ପାଠକ (ମୋ’ଭଳି) ତାଙ୍କୁ ଆପଣାର ପ୍ରିୟକବି ରୂପେ ଗ୍ରହଣ କରି ନେଇଥିଲେ । କବିତାର ବାତାବରଣ ଯେତେବେଳେ ନିହାତି ମାନ୍ଦା ଥିଲା କବି ରବି ସିଂଙ୍କ କବିତା ସେତେବେଳେ ଯୌବନର ଯାତ୍ରାକୁ କିଛିଟା ତେଜରେ ଦୀପ୍ତ କରି ରଖିଥିଲା । ବ୍ୟଙ୍ଗ-ବିଦ୍ରୂପ ସହିତ ତାଙ୍କର ସାମାଜିକ-ଭାବନାରେ ବିଦ୍ରୋହ ବିପ୍ଳବର ସ୍ଫୁଲିଙ୍ଗ ଥିଲା । ସେଇ ସ୍ଫୁଲିଙ୍ଗର ଅର୍ଚ୍ଚନା କରୁଥିଲେ ଯୁବସଂପ୍ରଦାୟ ।

ଉଜ୍ଜୟିନୀର ଐତିହ୍ୟ ହେଉଛନ୍ତି ଭୁବନବିଦିତ କବି କାଳିଦାସ ଏବଂ ରାଜା ବିକ୍ରମାର୍କ । ରାଜା ବିକ୍ରାଦିତ୍ୟଙ୍କୁ କେନ୍ଦ୍ର କରି ସମଗ୍ର ଭାରତରେ କମ୍ ସାହିତ୍ୟ ଗଢ଼ି ଉଠିନି ଲୋକାୟତରେ । ଲିଖିତ ଗଣସାହିତ୍ୟର ସେ ତ ଆରାଧ ଲୋକନାୟକ । ତ୍ୟାଗ, ବୀରତ୍ୱ ଓ ନ୍ୟାୟର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ଓଡ଼ିଶାର କେତେ ନା କେତେ ଲିଖିତ ସାହିତ୍ୟରେ ମଧ୍ୟ ତାଙ୍କର ଭୁରି ଭୁରି ପ୍ରଶଂସା କରାଯାଇଛି । ସିପ୍ରା ନଈର ସୁଅରେ ପାଦ ଯୋଡ଼ିକ ବୁଡ଼େଇ ମୁଣ୍ଡରେ ପାଣି ମାରିଥିଲି । ଜୀବନ ଧନ୍ୟ ହେବା ପରି ଲାଗିଥିଲା । କବିଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଥିଲି । ହେ କବି ! ତୁମେ ରହିଯାଇଚ ।

ଜବଲପୁରରୁ ବସ୍‌ରେ ଗଲୁ ଧୂଆଁଧାର ଜଳପ୍ରପାତ ଦେଖିବାକୁ । ମନେ ମନେ ସ୍ମରଣ କରୁଥିଲି କବି ରାଧାନାଥଙ୍କୁ । ନର୍ମଦା ନଦୀ ମର୍ମର ପାହାଡ଼ର ପେଟ କାଟି କିଛିଦୂର ଆସିବା ପରେ ଖସିପଡ଼ିଚି ଆଉରି ନିମ୍ନକୁ, ସୃଷ୍ଟି ହେଇଚି ପ୍ରପାତ । କି ସୁନ୍ଦର ସେ ଦୃଶ୍ୟ ।

ନର୍ମଦା ନଈରେ ନୌକାବିହାରର ସୁଯୋଗ ମିଳିଲା । ଦୁଇପଟେ ଡିଖ ପରି ମାର୍ବଲ ପାହାଡ଼, ଭିତର ଦେଇ ବହିଆସିଚି ନର୍ମଦା । ସନ୍ଧ୍ୟା ହେବାର ଅନେକ ପୂର୍ବରୁ ପାହାଡ଼ର ଛାଇ ପଡ଼ି ନଈର ଛାତିଟା ଅନ୍ଧାର ହୋଇଯାଏ । ପାଣି କଳା ଭଅଁର, ପୁଣି

Digitized by srujanika@gmail.com

ଗହୀର, ଅକାତକାତ । ଆମ ଭିତରୁ କେତେକ ପ୍ରକୃତରେ ଡରି ଯାଇଥିଲେ । ସେତେବେଳେ ପାୱାର ବୋଟ୍ ନ ଥିଲା । ଡଙ୍ଗା ଚାଲୁଥିଲା ଆହୁଲାରେ ଆହୁଲାରେ ।

୧୯୬୦ ମସିହା ଡିସେମ୍ବରରେ ନର୍ମଦା ଥିଲା ଶୋଭାମୟୀ, ସ୍ୱଭାବ ସୁନ୍ଦର; ଆଜି ଭଳି ଏତେ ବିବାଦୀୟ ହୋଇପଡ଼ି ନ ଥିଲା । ମଣିଷର କ୍ରୂର ଦୃଷ୍ଟି ପଡ଼ି ନ ଥିଲା ତା' ଉପରେ ।

ଏବେ କୃଷି, ରାଜନୀତିର ଦୌରାତ୍ମ୍ୟରେ ସବୁ ନଦୀଙ୍କର ନଦୀତ୍ୱ ହ୍ରାସ ପାଇଛି । ସେମାନେ ବନ୍ଧିନୀ ହୋଇ ପଡ଼ିଛନ୍ତି । ଆମେ ସେଦିନ ଯେଉଁ ନର୍ମଦାକୁ ଦେଖିଥିଲୁ ସେ ଆଉ ସେମିତି ଥିବ ବୋଲି ବିଶ୍ୱାସ ହେଉନି ଏକ ବିଂଶ ଶତାବ୍ଦୀରେ ।

ମଧ୍ୟଭାରତ ଭ୍ରମଣ ବେଳେ କେତେକ ବୌଦ୍ଧକ୍ଷେତ୍ର ତଥା ଶୈବପୀଠ ଦେଖିବାର ସୁଯୋଗ ଆମକୁ ମିଳିଥିଲା । ବୈଶାଳୀ, ଶ୍ରାବସ୍ତୀ, ବିଦିଶା, ସାଞ୍ଚି ଆଦି ନାଁଗୁଡ଼ିକ ସହିତ ଆମେ ପରିଚିତ ଥିଲୁ ପୂର୍ବରୁ । ଉଦୟଗିରିରେ ଚୌଷଠି ଯୋଗିନୀ ମନ୍ଦିର ଓ ଜବଲପୁର ନିକଟସ୍ଥ ଅରଣ୍ୟ ଭିତରେ ରାଣୀ ଦୁର୍ଗାବତୀଙ୍କ ପାହାଡ଼ି ଦୁର୍ଗ ଦେଖି ନୟନ ସାର୍ଥକ ହୋଇଥିଲା । ବହୁ ବୀର, ରାଜା ମହାରାଜାଙ୍କ ଲୀଳାଭୂମି ମଧ୍ୟଭାରତ ଏକଦା ଐଶ୍ୱର୍ଯ୍ୟଶାଳୀ ଥିଲା । ଭାରତର ରାଜନୈତିକ ଇତିହାସରେ ମଧ୍ୟ ତାର ସ୍ୱତନ୍ତ୍ର ମର୍ଯ୍ୟାଦା ଥିଲା । କିନ୍ତୁ ସମୟଚକ୍ରରେ ଏକଦା ଯେ ଥିଲା ବୀରପ୍ରସୂ ସେ ହୋଇପଡ଼ିଥିଲା ଡାକୁଙ୍କର ଚରାଭୂଇଁ । ଚମ୍ବଲ୍‌ର ଡାକୁମାନେ ଏବେ ଅବଶ୍ୟ ଆତ୍ମସମର୍ପଣ କରିସାରିଛନ୍ତି । ଆଉ ସେଦିନର ବିତ୍ପାତ ନାହିଁ ।

ଭ୍ରମଣ କାଳରେ ନିର୍ଦ୍ଧାରିତ ରେଳ ଷ୍ଟେସନରେ ଅବତଣ କରିବା ମାତ୍ରେ ଆଗ ଶାନ୍ତିନିକେତନ ଗୀତଟି ସମସ୍ତେ ମିଶି ବୋଲିଥାନ୍ତି । ତା' ଆମ ଭିତରେ ଐକ୍ୟ, ଭାଇପଣ ଓ ବନ୍ଧୁତାକୁ ଉଜ୍ଜୀବିତ କରେ । ଗୀତରେ କୁହାଯାଇଚି -

''ଆମର ଶାନ୍ତିନିକେତନ
ଆମର ସବୁଠୁ ଆପଣାର ।
× × × × × ×
ଆମେ ଜୁଆଡ଼େ ଗଲେ ବି
ସେ ଆମଠୁ ଦୂରେଇ ଯାଏନି ।''

ବାସ୍ତବରେ ଶାନ୍ତିନିକେତନ ଗୋଟିଏ ଅଲିଭା ସ୍ମୃତି ହୋଇ ଚିରଦିନ ରହିଯାଇଚି ଆମ ମନରେ ।

Digitized by srujanika@gmail.com

।। ଏଗାର ।।

ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ଯେଉଁ ଦୁର୍ଲ୍ଲଭ କଥାଟି ଛାତ୍ର-ଛାତ୍ରୀଙ୍କୁ ସେତେବେଳେ ଏକାଠି ଧରି ରଖିଥିଲା ତା' ହେଉଛି ଅଧ୍ୟାପକମାନଙ୍କ ଅନାବିଳ ସ୍ନେହ-ଦୃଷ୍ଟି । ସେମାନଙ୍କ ସ୍ୱଚ୍ଛ ଆଚରଣ ମୋ' ଭିତରେ ନୈତିକ ମୂଲ୍ୟବୋଧ ସୃଷ୍ଟି କରିଥିଲା । ସାର୍‌ମାନେ ଆମକୁ କିମ୍ବା ଆମେ ସାର୍‌ମାନଙ୍କୁ କୌଣସି ପରିସ୍ଥିତିରେ ସଂକୀର୍ଣ୍ଣ ଦୃଷ୍ଟିରେ ଦେଖୁ ନ ଥିଲୁ ।

ଛାତ୍ରଙ୍କ ମଧ୍ୟରେ ପରସ୍ପର ପ୍ରତି ଈର୍ଷା ବୋଧ ନ ଥିଲା ବୋଲି କହି ହେବନି; କିନ୍ତୁ ବିଭାଗୀୟ ଆଚରଣର ଶୁଦ୍ଧତା କାରଣରୁ ସବୁ ସଂକୀର୍ଣ୍ଣତା ଆପେ ଆପେ ମଉଳି ଯାଉଥିଲା । ଅନ୍ୟ ସହପାଠୀ ନାଁ ରେ ଚୁଗୁଲି କରିବାର ବଦଭ୍ୟାସ ଧରି ଯେଉଁମାନେ ଶାନ୍ତିନିକେତନ ଯାଇଥିଲେ ସେମାନେ ଲଜ୍ଜିତ ହୋଇଥିଲେ । କାରଣ ବିଭାଗୀୟ ଅଧ୍ୟାପକମାନେ ସେ ପ୍ରକାର ମନୋବୃତ୍ତିକୁ ପ୍ରଶ୍ରୟ ଦେଇ ନ ଥିଲେ ।

ଛାତ୍ର-ଛାତ୍ର ମଧ୍ୟରେ ବନ୍ଧୁତା ଓ ଭାଇପଣ ବଜାୟ ରଖିବାକୁ ମୁଁ ବ୍ୟକ୍ତିଗତ ଭାବେ ଉଦ୍ୟମ ଜାରି ରଖିଥିଲି ଓ ସେଥିରେ ସଫଳ ହୋଇଥିଲି ମଧ୍ୟ ।

ସମଗ୍ର ବିଶ୍ୱଭାରତୀର ସବୁ ଶିକ୍ଷାନୁଷ୍ଠାନର ପିଲାଙ୍କୁ ଆକୃଷ୍ଟ କରି 'ସାହିତ୍ୟ ପରିଷଦ' ଜରିଆରେ ଗୋଟିଏ ବୃହତ୍ତର ଓଡ଼ିଆ ସମାଜ ପ୍ରତିଷ୍ଠା କରିବା ମୋର ଲକ୍ଷ୍ୟ ଥିଲା । କିଛିଟା ସାଫଲ୍ୟ ମିଳିଥିଲା ମଧ୍ୟ । ସାର୍‌ମାନେ ସହଯୋଗ କରିଥିଲେ । ଶ୍ରୀନିକେତନର ଗ୍ରାମୀଣ ବିଦ୍ୟାନୁଷ୍ଠାନ (Rural Institute) ଠାରେ ମୁଁ ପରିଷଦର ଗୋଟିଏ ଦୁଇଟି ଅଧିବେଶନର ଆୟୋଜନ କରାଇଥିଲି । ଅଧିବେଶନରେ ଯୋଗ ଦେବାକୁ ସାର୍‌ମାନେ ପଦବ୍ରଜରେ ଶାନ୍ତିନିକେତନରୁ ଶ୍ରୀ ନିକେତନ ୩ କି.ମି. ରାସ୍ତା ଅତିକ୍ରମ କରିବାକୁ କୁଣ୍ଠିତ ହେଉ ନ ଥିଲେ । ସେତେବେଳେ କାହାରି ହେଲେ ଦି-ଚକିଆ ଯାନ ନ ଥିଲା । ପୁଣି ରିକ୍ସା ଖର୍ଚ୍ଚ ବହନ କରିବା ଭଳି ପାଣ୍ଠି ମଧ୍ୟ ପରିଷଦର ନ ଥିଲା । ସାର୍‌ମାନଙ୍କ ମାସିକ ବେତନର ପରିମାଣ ଥିଲା ଶୋଚନୀୟ । ଏସବୁକୁ ବିଚାର କରି ଦେଖିଲେ – ତତ୍‌କାଳର ଦେବୀପ୍ରସନ୍ନ ସାର୍ ଓ ନରେନ୍ଦ୍ର ସାର୍‌ଆଦିଙ୍କର ଯେତେ ପ୍ରଶଂସା କଲେ କମ୍ ହେବ । ଉଭୟଙ୍କ ପ୍ରାଣରେ ଏକ ବୃହତ୍ତର ସାହିତ୍ୟାନୁଷ୍ଠାନ ନିମନ୍ତେ ଶୁଭକାମନା ଭରି ରହିଥିଲା ।

Digitized by srujanika@gmail.com

'ପରିଷଦ' ଛରିଆରେ ଓଡ଼ିଆ ଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ଏକ ଅପୂର୍ବ ଭାଇଚାରା ପଲ୍ଲବିତ ହୋଇଥିଲା ଆରମ୍ଭରୁ । ଛାତ୍ରମାନଙ୍କ ନିମନ୍ତେ ତାର ଆବଶ୍ୟକତା ଥିଲା ବେଶୀ । ଯେହେତୁ ସେମାନେ ବାପ-ମା'ଙ୍କ ଠାରୁ ଦୂରରେ ଥିଲେ । ଦେଖିବାକୁ ଗଲେ ଆମେ ସଭିଏଁ ପରସ୍ପର ସହିତ ସ୍ନେହ-ସଦିଚ୍ଛା ଦ୍ୱାରା ଛନ୍ଦି ହୋଇ ରହିଥିଲୁ । ସୁଖ-ଦୁଃଖରେ ଲଗ୍ନ ଥିଲୁ । ଜଣେ କେହି ମୁହଁ ଶୁଖେଇ ବସିଲେ ଆଉ ଜଣେ ପଚାରି ବୁଝୁଥିଲା – କ'ଣ ହେଇଚି ତୁମର ? ସହାନୁଭୂତି ଓ ସଂବେଦନଶୀଳତାର ଅଭାବ ନ ଥିଲା ଓଡ଼ିଆ ଛାତ୍ର-ଛାତ୍ରୀଙ୍କ ମଧ୍ୟରେ ।

ଅବଶ୍ୟ ସେସମୟରେ, ଦୀର୍ଘ ୪ବର୍ଷ ମଧ୍ୟରେ, ଯେତେଜଣ ଓଡ଼ିଆ ଛାତ୍ର-ଛାତ୍ରୀ ସେଠି ନାଁ ଲେଖେଇ ଥିଲେ, କେହି ଜଣେ ହେଲେ ଧନବନ୍ତ ଘରର ଦୁଲାଳ ବା ଦୁଲାଳୀ ନ ଥିଲେ । ତୁଳନାରେ ଅନ୍ୟ ରାଜ୍ୟର ଛାତ୍ର ଛାତ୍ରୀ ଥିଲେ ବେଶ୍ ପଇସାବାଲା ଘରର ପିଲା । ସମ୍ବଳହୀନତା କାରଣରୁ 'ପରିଷଦ' ପାଇଁ ନିୟମିତ ଚାନ୍ଦା ଅସୁଲ କରିବା ପ୍ରସ୍ତାବ ସେତେବେଳେ ଗୃହୀତ ହୋଇ ପାରି ନ ଥିଲା । ଅନ୍ୟ ରାଜ୍ୟରୁ ଆସିଥିବା ଛାତ୍ର-ଛାତ୍ରୀଙ୍କୁ ଦେଖି ଆମେ ଜାଣିପାରୁଥିଲୁ ଆମ ବାପ-ମା କେଡ଼େ ଦରିଦ୍ର । ଆବଶ୍ୟକତାଠାରୁ ଅଧିକା ଟଙ୍କାଟିଏ ଖର୍ଚ୍ଚ କରିବାକୁ ଇଚ୍ଛା ହେଉ ନ ଥିଲା ବାପ-ମା'ଙ୍କ କଥା ଚିନ୍ତା କରି । ଗୋଟେ Non-Commercial ଡିଗ୍ରୀ ନିମନ୍ତେ ପୁଅ-ଝିଅଙ୍କୁ ରାଜ୍ୟ ବାହାରକୁ ପଢିବାକୁ ପଠେଇବା ପଛରେ ବାସ୍ତବିକ କିଛି ଯୁକ୍ତି ନ ଥିଲା । ଯେଉଁ ଡିଗ୍ରୀ ଆମକୁ ବିଶ୍ୱଭାରତୀ ଦେଇଥିଲା ସେଇ ଡିଗ୍ରୀ ଆମେ କଟକରୁ ବି ପାଇଥା'ନ୍ତୁ, ପରୀକ୍ଷାରେ ସେଇ ର-ଠ ଲେଖି । କଥାଟା ବି ସତ । ଯେହେତୁ ଦରମା ଏକା ମିଳିବ, ପାଠରେ ବା ଡିଗ୍ରୀରେ ପୁଣି ଧୁଆ ମୂଳା ଓ ଅଧୁଆ ମୂଳା କ 'ଣ ! ତେବେ ଧୁଆ ମୂଳା ହୋଇ ଜୀବନ ବଞ୍ଚିବାରେ ଗୋଟେ ଆନନ୍ଦ ଅଛି – ଆର୍ଥିକ ଦୁରବସ୍ଥା ମଧ୍ୟରେ ସାରା ଜୀବନ କଟାଇଥିଲେ ବି ମୁଁ ଏହା ସ୍ୱୀକାର କରୁଛି ।

ବିଶ୍ୱଭାରତୀ ଓଡ଼ିଆ ବିଭାଗ ତଥା ଓଡ଼ିଆ ସାହିତ୍ୟ ପରିଷଦ ସୃଜନ-ଉତ୍ସାହୀ ଛାତ୍ରମାନଙ୍କୁ ସବୁବେଳେ ଆଦର କରିବାକୁ ପ୍ରସ୍ତୁତ ଥିଲା ।

ଏକଦା କବି କୁଞ୍ଜବିହାରୀ ଦାଶ ଓ କବି ଚିନ୍ତାମଣି ବେହେରା ସେଠି ଅଧ୍ୟାପନା କରୁଥିଲେ । କୃଷ୍ଣ ଚରଣ ବେହେରା ଓ ଦୁର୍ଗା ଚରଣ ପରିଡ଼ାଙ୍କ ଭଳି ପ୍ରତିଭାଶାଳୀ ସ୍ରଷ୍ଟା ସେଠି ଛାତ୍ର ଥିଲେ । ସେମାନଙ୍କ ସୃଷ୍ଟିକୁ ଆଦର କରୁଥିଲା ସାହିତ୍ୟ ପରିଷଦ । କିନ୍ତୁ ମୋ' ଛାତ୍ରାବସ୍ଥାରେ କବି କମଳାକାନ୍ତ ଲେଙ୍କା ହିଁ ଥିଲେ ଏକମାତ୍ର ସମର୍ପିତ ଯୁବ ସ୍ରଷ୍ଟା । ୧୯୬୧ ଜୁଲାଇରେ ସେ ବିଦାୟ ନେଇ ଯିବା ପରେ ତାଙ୍କ ସ୍ଥାନ ପୂରଣ ହୋଇ ପାରି ନ ଥିଲା । ଭାରି ଫାଙ୍କା ଫାଙ୍କା ଲାଗୁଥିଲା ମୋତେ । ସୃଷ୍ଟି ସମ୍ବନ୍ଧରେ ପ୍ରାଣ ଖୋଲି

Digitized by srujanika@gmail.com

ମରମ ଭେଦୀ ଗପ କରିବାକୁ ଆଉ ଜଣେ କେହି ତରୁଣ କି ତରୁଣୀ ସେଠି ନ ଥିଲେ । ୧୯୬୨ ଜୁଲାଇରେ ସେଠି ବି.ଏ ଶ୍ରେଣୀରେ ଯୋଗ ଦେଲେ ଆସ୍କାର ଶ୍ରଦ୍ଧେୟ ଦିଲ୍ଲୀପ ଦାସ । ରକ୍ଷା ହୋଇଗଲା । ନ ହେଲେ ପରିଷଦର ଅଧିବେଶନଗୁଡାକ କବିତା ଅଭାବରେ ଖାଁ ଖାଁ ଲାଗିଥା'ନ୍ତା । ବହୁତ ବର୍ଷ ପରେ 'ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ' ଆଉ ଦୁଇ ଜଣ ଅଙ୍ଗୀକାରବଦ୍ଧ ଯୁବା ସୃଜନକର୍ମୀଙ୍କୁ ସଦସ୍ୟ ରୂପେ ପାଇଥିଲା । ସେମାନେ ହେଲେ ମନୋରମା ବିଶ୍ୱାଳ ଓ ଗିରିବାଳା ମହାନ୍ତି । ସେ କାଳରୁ ଆଜି ଯାଏଁ ସେ ଦୁହେଁ ସୃଜନ-କର୍ମରେ ବ୍ରତୀ ରହିଛନ୍ତି ।

ଓଡ଼ିଆ ବିଭାଗୀୟ ପାଠଚକ୍ର ସେହିପରି ଛାତ୍ରଙ୍କ ମନରେ ଗବେଷଣା ନିମନ୍ତେ ଉତ୍ସାହ ସୃଷ୍ଟି କରି ଆସୁଛି । ଶାନ୍ତିନିକେତନରୁ ଏମ୍.ଏ. କରି ଚାକିରି କ୍ଷେତ୍ରରେ ଯେଉଁମାନେ ପ୍ରବେଶ କରିଛନ୍ତି ତନ୍ମଧ୍ୟରୁ ଅନେକେ ସାହିତ୍ୟ ଗବେଷଣା ପ୍ରତି ମନ ବଳାଇଛନ୍ତି । ସେ କ୍ଷେତ୍ରରେ ସବୁ କୃତବିଦ୍ୟ ବ୍ୟକ୍ତିଙ୍କ ନାମ ଏଠି ଉଲ୍ଲେଖ କରାଯାଇପାରେ । ପୁଣି ଚାକିରୀ ସୂତ୍ରରେ ଏଇ ବିଭାଗରେ ଅଧ୍ୟାପକ ରୂପେ ଯୋଗ ଦେଇଥିବା ଶିଷ୍ଟ-ବିଶିଷ୍ଟମାନେ ସାହିତ୍ୟ-ଗବେଷଣାରେ ମନୋନିବେଶ କରି ସୁନାମ୍ ଅର୍ଜନ କରିଅଛନ୍ତି । ଡକ୍ଟର କୁଞ୍ଜବିହାରୀ ଦାସ, ଦେବୀପ୍ରସନ୍ନ ପଟ୍ଟନାୟକ, ଶ୍ରୀ ନିବାସ ମିଶ୍ର, ଖଗେଶ୍ୱର ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ନୀଳାଦ୍ରିଭୂଷଣ ହରିଚନ୍ଦନ ଆଦିଙ୍କୁ ଏଇ ପ୍ରସଙ୍ଗରେ ସ୍ମରଣ କରାଯାଇପାରେ ।

ବିଶ୍ୱଭାରତୀ ଓଡ଼ିଆ ବିଭାଗ କର୍ତ୍ତୃକ କୁଞ୍ଜବିହାରୀଙ୍କ ଜରିଆରେ ଓଡ଼ିଆ ଲୋକ-ସଂସ୍କୃତି ଚର୍ଚ୍ଚାର ସୂତ୍ରପାତ ହେବା ସହିତ ବିଧିବଦ୍ଧ ଗବେଷଣାର ଶୁଭାରମ୍ଭ ହୋଇଥିଲା । ଏବେ ତା' ଓଡ଼ିଶାର ସବୁ ବିଶ୍ୱବିଦ୍ୟାଳୟର ଛାତ୍ରଙ୍କର ଏକ ପ୍ରିୟ ବିଷୟ ହୋଇଯାଇଛି, ଏହା ବିଶ୍ୱଭାରତୀ ଓଡ଼ିଆ ବିଭାଗ ନିମନ୍ତେ କମ୍ ଗୌରବର କଥା ନୁହେଁ କି ?

ଯା' ଭିତରେ ବିପୁଳ ପରିମାଣର ଲୋକ-ସାହିତ୍ୟ ସଂଗୃହୀତ ଓ ପ୍ରକାଶିତ ହୋଇ ସାରିଛି । ଏହା ପଛରେ ଓଡ଼ିଆ ବିଭାଗର ପ୍ରେରଣାକୁ ଅସ୍ୱୀକାର କରି ହେବ ନାହିଁ । ଚର୍ଚ୍ଚା ସନ୍ତୋଷଜନକ ହେଉ ବା ନ ହେଉ ମୌଖିକ ପରମ୍ପରାରୁ ସଂଗୃହୀତ ହୋଇ ନ ଥିଲେ ସେସବୁ ଆଉରି ଅଧିକ ପରିମାଣରେ ବିଲୁପ୍ତ ହୋଇ ଯାଇଥା'ନ୍ତା । ଏଠାରେ ପାଠକେ ଜାଣିବା ଉଚିତ୍ ଯେ ଓଡ଼ିଆ ଜାତି ତା' ସୁବିଶାଳ ଲୋକ-ସାହିତ୍ୟ ନିମନ୍ତେ ଗର୍ବ ଅନୁଭବ କରେ ଏବଂ ତାହା ଯଥାର୍ଥ ।

Digitized by srujanika@gmail.com

।। ବାର ।।

ମନୋରମ ଉଦ୍ୟାନରେ ଭରପୂର ଉତ୍ତରାୟଣ ଥିଲା ଏକ ବିଶେଷ ଆକର୍ଷଣ । ଉତ୍ତରାୟଣକୁ ବୁଲିଗଲେ ଆମର ଦେଖାହେଉଥିଲା କବି ରବୀନ୍ଦ୍ରନାଥଙ୍କ ଜଣେ ଅନ୍ତରଙ୍ଗ ପରିଚାରକ ତଥା ଉଦ୍ୟାନ ରକ୍ଷକ ବୟୋବୃଦ୍ଧ ନାଥଙ୍କ ସହିତ । ମୁଁ ଡାକୁଥିଲି ନାଥ ଭାଇ । ଯୌବନର ଆଦ୍ୟକାଳରୁ ସେ ଓଡ଼ିଶାରୁ ଯାଇ ସେଠି ଉଦ୍ୟାନ-ସେବାରେ ନିୟୋଜିତ ହୋଇଥିଲେ । ସେ କବିଙ୍କ ଅନ୍ତରଙ୍ଗ ଜୀବନକୁ ଅତି ନିକଟରୁ ଦେଖିଥିଲେ । ତାଙ୍କ ମତରେ ରବୀନ୍ଦ୍ରନାଥ ଥିଲେ ବାସ୍ତବରେ ଜଣେ ଦେବପୁତ୍ର । ସବୁ କଥାରେ ରବୀନ୍ଦ୍ରନାଥ ଥିଲେ ସାଧାରଣ ବ୍ୟକ୍ତିଠାରୁ ଅଲଗା । ସେ କିଛି ଅତିରଞ୍ଜନ କରୁଥିଲେ ବୋଲି ମୋର ମନେ ହୁଏନା । ଉତ୍ତରାୟଣ ପରିସରରେ ଥରେ ମାତ୍ର ବୁଲି ଆସିଲେ ଯେ କୌଣସି ପର୍ଯ୍ୟଟକ ସେଇ 'ସ୍ୱାତନ୍ତ୍ର୍ୟ' ଅନୁଭବକରି ପାରୁଥିଲେ । ସେଇ ସ୍ୱାତନ୍ତ୍ର୍ୟର କାରଣ ଥିଲା ଜଣେ ଜମିଦାର କବିଙ୍କ କାବ୍ୟିକ ସ୍ପର୍ଶ ।

ବାସ୍ତବିକ ରବୀନ୍ଦ୍ରନାଥଙ୍କର ସବୁଦିଗ ପ୍ରତି ନଜର ଥିଲା । ଗୃହ ନିର୍ମାଣ, ଉଦ୍ୟାନସାଜଠାରୁ ଆରମ୍ଭ କରି କୁଟୀର ଶିଳ୍ପ ପର୍ଯ୍ୟନ୍ତ ସବୁ କିଛିର ବିକାଶ ଦିଗରେ ସେ ଉଦ୍ୟମୀ ଥିଲେ । ସବୁକିଛିକୁ ସେ ବାନ୍ଧି ରଖିଥିଲେ ବିଶ୍ୱବିଦ୍ୟାଳୟ ପରିସରରେ । ଉଦ୍ଦେଶ୍ୟ ଥିଲା ମହାନ୍ ଓ ଗଭୀର । ଶାନ୍ତିନିକେତନର ଅନ୍ତେବାସୀ (ଛାତ୍ର ଓ ଶିକ୍ଷକ) ଯେପରି ସମସ୍ତ ପ୍ରକାରର କଳା-କର୍ମ (ସର୍ଜନାତ୍ମକ, ପ୍ରାୟୋଗିକ ଓ ଔଦ୍ୟୋଗିକ) ବିଷୟରେ ଅବଗତ ରହିବେ - ତା'ର ବ୍ୟବସ୍ଥା ସେ କରିଥିଲେ । ତା' ଫଳରେ ଯୁବ ପ୍ରାଣରେ କଳା ଓ କୃଷ୍ଟି ପ୍ରତି ସମ୍ମାନବୋଧ ଜାଗ୍ରତ ହେବ ଏବଂ ପ୍ରାଣରେ ଶ୍ରଦ୍ଧାର ପ୍ରକାଶ ଘଟିବ । ଉଭୟ ସର୍ଜନାତ୍ମକ ଓ ପ୍ରୟୋଗାତ୍ମକ କଳା ସମ୍ବନ୍ଧରେ କେତେକ ମୌଳିକ ଜ୍ଞାନ ଧରି ଛାତ୍ରଟିଏ ଶାନ୍ତିନିକେତନରୁ ବାହାରିବ, କେବଳ ଡିଗ୍ରୀ କାଗଜ ଖଣ୍ଡିଏ ନେଇ ନୁହେଁ । ଭାରତୀୟତା ସଂପର୍କରେ ଏକ ନିଷ୍କଳୁଷ ଅବବୋଧ ସୃଷ୍ଟି ଥିଲା ସମ୍ଭବତଃ କବିଙ୍କ ଲକ୍ଷ୍ୟ । ତଦନୁଯାୟୀ ଯାବତୀୟ ବ୍ୟବସ୍ଥାର ଆରମ୍ଭ ସେ ହିଁ କରିଥିଲେ । ନିଜ ଉଦ୍ୟମରେ ସେ ପାଣ୍ଠିର ଆୟୋଜନ କରିଥିଲେ ସେଇ ଆରମ୍ଭ ଦିନରୁ । ସୁଖର କଥା, ସ୍ୱଦେଶୀ ସରକାର ସେସବୁର ଉଚ୍ଛେଦ କରି ନାହାନ୍ତି, ବରଂ ବିକାଶ ଦିଗରେ ସାହାଯ୍ୟର ହାତ ବଢ଼ାଇ ଦେଇଛନ୍ତି ।

Digitized by srujanika@gmail.com

ମୋର ମନେ ପଡୁଛି ବିଶ୍ୱଭାରତୀର ତତ୍‌କାଳୀନ ଉପାଚାର୍ଯ୍ୟ ସୁପ୍ରିମ୍ କୋର୍ଟର ଅବସରପ୍ରାପ୍ତ ପ୍ରଧାନ ନ୍ୟାୟମୂର୍ତ୍ତି ଶ୍ରୀ ସୁଧୀରଞ୍ଜନ ଦାସ - ବିଶ୍ୱଭାରତୀର ଯୁଗାନୁସାରୀ ବିକାଶ ନିମନ୍ତେ କେନ୍ଦ୍ରକୁ ଅଧିକ ପାଣ୍ଠି ଯୋଗାଇଦେବାକୁ ନିବେଦନ କରିଥିଲେ । ତାଙ୍କର ସେ ନିବେଦନ ବୃଥା ଯାଇ ନ ଥିଲା । କେନ୍ଦ୍ର ସରକାର ସହାନୁଭୂତିର ସହିତ ଅନୁଦାନ ଯୋଗାଇ ଦେଇଥିଲେ । ଯାହାର ଉପଯୋଗ ଫଳରେ ବିଶ୍ୱଭାରତୀ ବିକାଶର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ପୁରାତନ ଗୃହ ରାଶିର ସୁରକ୍ଷା ସହିତ ନୂତନ ନୂତନ ସୌଧ ନିର୍ମାଣର ଉଦ୍ୟମ ସେଇ ୧୯୬୦ ପରେ ପରେ ହିଁ ଆରମ୍ଭ ହୋଇ ଯାଇଥିଲା । ତେବେ କର୍ତ୍ତୃପକ୍ଷ ସୌଧନିର୍ମାଣରେ ଉଦ୍ୟମଶୀଳ ଥିଲାବେଳେ ଶାନ୍ତିନିକେତନର ପ୍ରାକ୍ତନ ଆଶ୍ରମିକ ରୂପଟିକୁ ଶ୍ରଦ୍ଧାର ସହିତ ବଞ୍ଚାଇ ରଖିଥିଲେ । ଆମ୍ରକୁଞ୍ଜ, ବକୁଳକାନନ, ଶାଳ-ବୀଥି, ଛତିମତାଲା, ଘଣ୍ଟାତଲା, ଚୈତ୍ୟ ଆଦି ସେମାନଙ୍କ ଗୁରୁତ୍ୱ ହରାଇ ନ ଥିଲେ । ଯେଉଁଠି ଯେଉଁଠି ମହାକବିଙ୍କ କାବ୍ୟିକଜୀବନର ସ୍ପର୍ଶ ଲାଗିଥିଲା କବିତା- ପ୍ରିୟ କର୍ତ୍ତୃପକ୍ଷ ତା' ଉପରେ ଦାଗ ଲଗେଇ ନ ଥିଲେ । ତେଣୁ 'ମାଧବୀ ବିତାନ' ତାର ପୂର୍ବ ରୋମାଞ୍ଚ ହରାଇ ନ ଥିଲା ନବୀକରଣ ସମୟରେ ।

ବିଶ୍ୱଭାରତୀ କିନ୍ତୁ କ୍ରମଶଃ ଆଡ଼ାଚୌଡ଼ାରେ ବଢ଼ିଥିଲା, ପ୍ରସାରିତ ହୋଇଥିଲା, ସେଇଦିନରୁ ଆରମ୍ଭ ହୋଇଯାଇଥିଲା ଶାନ୍ତିନିକେତନ ଓ ଶ୍ରୀନକେତନ ମଧ୍ୟରେ ଥିବା ଖାଁ ଖାଁ ଶୂନ୍ୟତାକୁ ହଟେଇବାର ଉଦ୍ୟମ । ନୁହେଁ ଆଉ କ'ଣ ?

ମୁଁ ବି.ଏ ଶ୍ରେଣୀର ଛାତ୍ର ଥିବା ବେଳେ 'କଳା ଭବନ' ହଷ୍ଟେଲ ପରେ ପରେ ଶ୍ରୀ ନିକେତନ ପଥ ଧରିବାକୁ ହେଉଥିଲା । ବାଟରେ ବାଁ ହାତି ଅଳ୍ପ କେଇଟି ଘର, ଗୋଟିକରେ ପ୍ରଖ୍ୟାତ୍ ବୟୋବୃଦ୍ଧ ଶିଳ୍ପୀ ନନ୍ଦଲାଲ ବୋଷ ରହୁଥିଲେ । ତା'ପରେ ପରେ ଆଣ୍ଡ୍ରୁଜ୍ ପଲ୍ଲୀ । ତା'ପରେ ଆଉ କିଛି ନ ଥିଲା । ଚାଲି ଚାଲି ଗଲେ ଦିଶୁଥିଲା 'ବିନୟଭବନ', ସତେବା ମରୁପଥରେ ଆଶାର ଓଏସିସ୍‌ଟିଏ, ସମୁଦ୍ର ପଥରେ ଟାପୁଟିଏ, ବା ଶୂନ୍ୟ ନୀଳାକାଶରେ ଏକୁଟିଆ ବାଦଲ ଖଣ୍ଡେ । ବାସ୍ତବିକ ଶ୍ରୀନିକେତନକୁ ପଦ-ବ୍ରଜରେ ଯିବା ଆସିବା ଖାଲି କ୍ଳାନ୍ତିକର ନ ଥିଲା, ଥିଲା ବିରକ୍ତିକର । କାମ ନ ଥିଲେ ଯିବା ସହଜ ନ ଥିଲା । ଏବେ ଆଉ ସେ ନିର୍ଜନ ପଥ ନାହିଁ । କଟକ-ଭୁବନେଶ୍ୱର ଭଳି ଶ୍ରୀନିକେତନ ଲାଗି ଆସିଲାଣି । ଜନ ଓ ଯାନର ଶବ୍ଦରେ ମୁଖରିତ ରାସ୍ତାରେ ଏବେ ଏକା ଏକା ଯାଇ ହେବ, ଯଦି କେଉଁ ପ୍ରିୟବଂଧୁର ଡାକରା ଆସେ ଶ୍ରୀନିକେତନ ଆଡୁ ।

ବିଶ୍ୱଭାରତୀ-ଛାତ୍ରପରିଷଦର ସହାୟତାରେ ଶ୍ରୀନିକେତନ ଓ ଶାନ୍ତିନିକେତନର ଛାତ୍ରଙ୍କ ମଧ୍ୟରେ ବନ୍ଧୁତା କିପରି ବଢ଼ିବ, କି ଭଳି ପରସ୍ପର ମଧ୍ୟରେ ଭାବର ଆଦାନ-ପ୍ରଦାନ ହେବ ସେ ଦିଗରେ ଆମ ସମୟରେ ବିଶେଷ ଆଗ୍ରହ ଏବଂ ଉଦ୍ୟମ ପ୍ରକାଶ

Digitized by srujanika@gmail.com

ପାଇଥିଲା । ଶ୍ରୀନିକେତନର ଓଡ଼ିଆ ଛାତ୍ରମାନେ ସେଦିଗରେ ଆଗକୁ ବାହାରି ଆସିଥିଲେ ପ୍ରଥମେ । ଗଂଜାମର ରାମଚନ୍ଦ୍ର ପାତ୍ର ବିଶ୍ୱଭାରତୀ ଫୁଟବଲ୍ ଟିମ୍‌ର 'ଗୋଲରକ୍ଷକ' ହେବାର ଗୌରବ ପାଇଲେ । ବିଶ୍ୱଭାରତୀ ଓ 'ମୋହନବାଗାନ' (ବି-ଟିମ୍) ମଧ୍ୟରେ ଯେଉଁଦିନ ମ୍ୟାଚ ହୋଇଥିଲା, ସେଦିନ ଆମେ ସମସ୍ତେ ସବୁପ୍ରକାରର ଖେଳ-କୌତୁକ ଓ ପାଠ-ଶାଠ ଛାଡ଼ି ପଡ଼ିଆ ଚାରିପଟେ ଘେରି ରହିଥିଲୁ । ବନ୍ଧୁ ରାମ ପାତ୍ରଙ୍କୁ ଗୋଲରକ୍ଷକ ଭାବେ ଦେଖି ମୋ ମନରେ ଗର୍ବ ଆସିଥିଲା ଯେତିକି, ଛାତି ଦକ୍ ଦକ୍ କରୁଥିଲା ସେତିକି । କାରଣ, କଲିକତାର ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ବିଶ୍ୱଭାରତୀର ଛାତ୍ରମାନେ କ'ଣ ବିଜୟୀ ହୋଇଥାନ୍ତେ କି ? କଦାପି ନୁହେଁ । 'ବି' ଟିମ୍ ହୋଇଥିଲେ ହିଁ ସେ ଦଳରେ ପୁଣି ଖେଳୁଥିଲେ ସ୍ୱୟଂ ଚୁନି ଗୋସ୍ୱାମୀ, ସେ ସମୟର ତାରକା-ଖେଳାଳୀ, ଯାହାଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖିବାକୁ ସେଦିନ କୁଆଡୁ କୁଆଡୁ ଫୁଟ୍‌ବଲ୍ ପ୍ରେମୀମାନେ ଛୁଟି ଆସିଥିଲେ । ପରାଜୟର କାରଣ ରୂପେ କେହି ରାମ ପାତ୍ରଙ୍କୁ ସାବ୍ୟସ୍ତ ନକରନ୍ତୁ, ତା' ମୁଁ ଚାହୁଁଥିଲି । ସେଦିନ ବିଶ୍ୱଭାରତୀ ପରାଜିତ ହେଲା ବୋଲି କେହି ନିନ୍ଦା କରି ନ ଥିଲେ । କାରଣ ଦର୍ଶକଙ୍କ ମନରେ ସେପରି ଆଶା କିମ୍ବା କଳ୍ପନା ନ ଥିଲା । କେହି କେହି ପ୍ରଶଂସା କରୁଥିଲେ ରାମ ପାତ୍ରଙ୍କର, କାରଣ ଏକ ସୁନିଶ୍ଚିତ ଗୋଲ୍‌ରୁ ରକ୍ଷା କରି ସେ ଦର୍ଶକଙ୍କ ମନ ଜିଣି ନେଇଥିଲେ । କହିବା ବାହୁଲ୍ୟ, ସେଇଦିନଠୁ ବନ୍ଧୁ ରାମ ପାତ୍ର ଶାନ୍ତିନିକେତନର ଛାତ୍ର ମହଲରେ ପ୍ରିୟ ହୋଇଯାଇଥିଲେ । ତାଙ୍କର ବଳିଷ୍ଠ ଶରୀର ଓ ନିରଳସ ଫୂର୍ତ୍ତି ସମସ୍ତଙ୍କୁ ମୁଗ୍ଧ-ଚକିତ କରି ରଖୁଥିଲା । ମୋର ମନେ ପଡୁଛି- ରାମ ବାବୁ ଆମ ସହିତ ମଧ୍ୟପ୍ରଦେଶ ଯାଇଥିଲେ ପରିଭ୍ରମଣରେ, ଏବଂ ଖୁବ୍ ଶୀଘ୍ର ସମସ୍ତ ଛାତ୍ର-ଛାତ୍ରୀଙ୍କ ସହିତ ଆତ୍ମୀୟତା ସ୍ଥାପନ କରିପାରିଥିଲେ ।

ସ୍ଥାନର ଦୂରତ୍ୱ ସତ୍ତ୍ୱେ କ୍ରମଶଃ ଭାବଗତ ଦୂରତା କମି ଆସିଥିଲା ଶାନ୍ତିନିକେତନ ଓ ଶ୍ରୀନିକେତନର ଛାତ୍ରଙ୍କ ଭିତରେ । ସେତେବେଳକାର ଅନ୍ୟତମ ଶ୍ରୀନିକେତନୀ ଓଡ଼ିଆ ଛାତ୍ର ଶ୍ୟାମାଚରଣ ପାଠୀ (ରମ୍ଭା) ବିଶ୍ୱଭାରତୀ ଛାତ୍ର-ପରିଷଦ ତରଫରୁ ଅନୁଷ୍ଠିତ 'ମକ୍-ପାର୍ଲାମେଣ୍ଟ' ବା 'ନକଲି-ଲୋକସଭା'ରେ କେଉଁଥର ବିଶିଷ୍ଟ ନେତା ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମୋର ମନେଅଛି । ଥରେ ଶ୍ରୀନିକେତନର "Rural Institute" (ରୁ୍ୟରାଲ୍ ଇନ୍‌ଷ୍ଟିଚ୍ୟୁଟ୍) ର ଛାତ୍ରସଭା ତରଫରୁ 'Mock-Parliament' ହୋଇଥିଲା । ସେଥିରେ ଶାସକ ଦଳର ପ୍ରଧାନମନ୍ତ୍ରୀ ହୋଇଥିଲେ ବନ୍ଧୁ ଶ୍ୟାମାଚରଣ ।

କିନ୍ତୁ କାବ୍ୟ-ସଭା ଭଳି ଶାନ୍ତିନିକେତନୀଙ୍କ ପ୍ରାଣରେ କୌଣସି ଆକର୍ଷଣୀୟ ରୋମାଞ୍ଚ ସୃଷ୍ଟି କରିପାରୁ ନ ଥିଲା 'ନକଲି ଲୋକସଭା'ର ରାଜନୈତିକ ପ୍ରଶ୍ନୋତ୍ତର । ଦର୍ଶକ ଗ୍ୟାଲେରି ପ୍ରାୟ ଫାଙ୍କା ରହୁଥିଲା । ଯଦିଓ, କେତେକ ତରୁଣ ଅଧ୍ୟାପକ ମୂଳରୁ

Digitized by srujanika@gmail.com

ଶେଷ ଯାଏଁ ବସି ରହି ଆମମାନଙ୍କର ରାଜନୈତିକ ରୁଚି ଓ ଜ୍ଞାନ ଠିକ୍ ଅଛି କି ନାହିଁ ଦେଖୁଥିଲେ ।

ଶ୍ୟାମାଚରଣ କ୍ରମେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ପାଲଟି ଯାଇଥିଲେ । ମୁଁ ୟୁ.ଜି.ସି.ର 'ଜୁନିୟର ରିସର୍ଚ୍ଚ ଫେଲୋ' ହେବା ବେଳକୁ ସେ ଶ୍ରୀନିକେତନ ଛାଡ଼ି ସାରିଥିଲେ । ଲୋକ-ତାତ୍ତ୍ୱିକ କ୍ଷେତ୍ର-ଅଧ୍ୟୟନ ଅବସରରେ ମୁଁ ଚିଲିକା ଉପକଣ୍ଠର ମନୋରମ 'ରମ୍ଭା'ଠାରେ ପହଞ୍ଚି ଆଗ ତାଙ୍କୁ ଖୋଜିଥିଲି । ତା'ଥିଲା ୧୯୬୪ର ଡିସେମ୍ବର ମାସ । 'ରମ୍ଭା' ର ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ସେ ମୋ' ରାତି-ରହଣିର ବ୍ୟବସ୍ଥା କରିଦେଇଥିଲେ । ପରେ ପରେ ସେ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗରେ ଅବସ୍ଥାପିତ ହୋଇଥିଲେ । ଏବେ ବନ୍ଧୁ ଅବସର ନେଇ ସାରିବେଣି ।

୧୯୬୧ ଜୁଲାଇ ବେଳକୁ ଅନେକ ନୂଆ ମୁହଁ ଆସିଗଲେ ଓଡ଼ିଆ ବିଭାଗକୁ, ବ୍ରହ୍ମାନନ୍ଦ, ଗୌରାଙ୍ଗ, ପ୍ରତାପ, ବାବାଜୀ, ବିଷ୍ଣୁ, ସରୋଜିନୀ ପ୍ରଭୃତି । ବିଦାୟ ନେଇଗଲେ ଗଗନେନ୍ଦ୍ରନାଥ ଦାଶ, ଅଭିନ୍ନ ଚନ୍ଦ୍ର ସାହୁ ଓ କମଳାକାନ୍ତ ଲେଙ୍କା । କଳାଭବନକୁ ଆସିଲେ କିଶୋରୀ ମୋହନ ଦାସ, ମୋର ବାଲ୍ୟବନ୍ଧୁ, ଯାଜପୁରୀ । ଆଜିର ପ୍ରସିଦ୍ଧ ଜନନେତା ଅଶୋକ ଦାସଙ୍କ ବଡ଼ଭାଇ । ପୂର୍ବରୁ ସେ କଲିକତା ସରକାରୀ ଆର୍ଟକଲେଜରେ ନାଁ ଲେଖେଇଥିଲେ । କିନ୍ତୁ 'କମର୍ସିଆଲ୍ ଆର୍ଟ' ପ୍ରତି ତାଙ୍କ ଆଗ୍ରହ କମ୍ ଥିଲା । ସେ ଚାହୁଁଥିଲେ- ଅବନୀନ୍ଦ୍ରଠାକୁର ପ୍ରବର୍ତ୍ତିତ ଭାରତୀୟ-ଚିତ୍ରକଳା ଶୈଳୀର ଶିକ୍ଷା । ତେଣୁ କଲିକତା ଛାଡ଼ି ସେ ଶାନ୍ତିନିକେତନ ଚାଲି ଆସିଥିଲେ ।

ବ୍ରହ୍ମାନନ୍ଦ ସିଂହ ଓ କିଶୋରୀ ମୋହନ ଦୁହେଁ ଥିଲେ ମୋର ଅଭିନ୍ନ-ହୃଦୟ ବନ୍ଧୁ । ନିଷ୍କପଟ ଓ ସହୃଦୟ । ଉଭୟଙ୍କ ସହିତ ଆତ୍ମୀୟତା ସେଦିନରୁ ଏ ଯାବତ୍ ଅତୁଟ ଅଛି । ଯୁବକ କିଶୋରୀ ମୋହନ ହିଁ ମୋ ପ୍ରଥମ କବିତା ସଂକଳନ 'ରତ୍ନଦ୍ୱୀପର ମାଝି'ର ପ୍ରଚ୍ଛଦ ଛବି ଆଙ୍କିଥିଲେ । ଖର୍ଚ୍ଚ ପାଇଁ ତାଙ୍କ ନିଜ ପକେଟରୁ କିଛି ଦେଇ ପ୍ରକାଶନରେ ସହାୟତା କରିଥିଲେ । କାରଣ ବହିଟି କଲିକତାରେ ବହୁତ ଦାମୀ କାଗଜରେ ଛପା ହେବାର ବ୍ୟବସ୍ଥା କରାଯାଇଥିଲା । ପ୍ରେସ୍‌ର ମାଲିକ ମୋ' ପ୍ରତି ସହାନୁଭୂତିଶୀଳ ଥିଲେ । ଭାରି ସ୍ନେହୀ ଓ ଜାଗତିଆର୍ । ତାଙ୍କଭଳି ସହୃଦୟ ଥିଲେ ପ୍ରେସ୍‌ର ମେନେଜର୍ ଓ କମ୍ପୋଜିଟର୍ । ସଂପ୍ରତି ସେ ପ୍ରେସ୍ କୁଆଡ଼େ ହଜିଗଲାଣି, ସେଇ ସୁନ୍ଦର ମଣିଷମାନଙ୍କୁ ମଧ ମୁଁ ଆଉ ଠାବ କରିପାରୁନି । ଯଦିଓ ସେମାନଙ୍କ ହସ-ହସ-ମୁହଁଗୁଡ଼ିକ ଏବେ ବି ଲାଖି ରହିଛି ମୋ ମନରେ ।

ବନ୍ଧୁ ବ୍ରହ୍ମାନନ୍ଦ ସିଂହ ରାଜ୍ୟ ନଥାଇ ସେଇ ଯୁବାକାଳରୁ ରାଜାପିଲା । ଘର ପୁରୁଣାଗଡ଼, ଅନଗୁଳ । ତାଙ୍କ ପୁରୁଣାଗଡ଼ ଘରକୁ ୧୯୬୫ରେ ଯାଇଥିଲି । ତାଙ୍କ

Digitized by srujanika@gmail.com

ପିତା-ମାତା, ଭାଇ-ଭାଉଜ, ଭଉଣୀ ଓ ସାନ-ଭାଇଙ୍କ ଆଦର ଓ ଅଭ୍ୟର୍ଥନା ଆଜିଯାଏଁ ଭୁଲି ନାହିଁ । ବନ୍ଧୁ ଏବେ ବ୍ରହ୍ମପୁରବାସୀ । ଅଧ୍ୟାପକ ଚାକିରିରୁ ଅବସର ନେଇ ସାରିଲେଣି ।

ଏ ଦୁଇ ବନ୍ଧୁଙ୍କ ବିଷୟ ଅବସର ମିଳିଲେ ପାରେ ଲେଖିବି । ଶାନ୍ତିନିକେତନରେ ଅଧିକ ସମୟ ମୋର ସେ ଦୁହିଙ୍କ ସାହଚର୍ଯ୍ୟ ଓ ଶ୍ରଦ୍ଧା ଭିତରେ କଟିଛି । ସେ ସ୍ମୃତି ଭୁଲିବାର ନୁହେଁ ।

ବହ୍ମାନନ୍ଦଙ୍କ ସମୟରେ ଜଣେ ମାତ୍ର ଛାତ୍ରୀ ଥିଲେ ସରୋଜିନୀ ଦାସ । ଘର ବାରିପଦା, ପ୍ରଖ୍ୟାତ୍ ଚିତ୍ରଶିଳ୍ପୀ ଯତିନ୍ ଦାସଙ୍କ ବଡ଼ ଭଉଣୀ । ଯତିନ୍ ଥିଲେ ମୋର ପୂର୍ବ ପରିଚିତ, ବାରିପଦାରେ କଲେଜ ସାଥୀ । ସେତେବେଳେ ସେ ବମ୍ବେଠାରେ (ଏବେ ମୁମ୍ବାଇ) ଚିତ୍ରକଳା ପଢୁଥିଲେ । ସହପାଠିନୀ ହୋଇଥିଲେ ହେଁ ସରୋଜିନୀ ଥିଲା ଆମର ଭଉଣୀ ପରି ଭଉଣୀଟିଏ, ତା' ସାଙ୍ଗକୁ ଜବର୍ଦ୍ଦସ୍ତ ବାନ୍ଧବୀ । କଥା ନ ରଖିଲେ ନାକ ସୁଁ ସୁଁ କରି କାନ୍ଦି ଉଠିବ । ଲୋକ କାହାଣୀରେ ଯେପରି କୁହାଯାଇଛି-ଧନବନ୍ତ ସାଧବ ଘର, ଛ'ଭାଇରେ ଗୋଟିଏ ସୁନାନାକୀ ଭଉଣୀ । ସରୋଜିନୀ ଠିକ୍ ସେଇପରି, ଭାରି ଗେଲବସରର । ପୂରା ପରିବାରଟା ତାଙ୍କର କଳାପ୍ରିୟ । ବାରିପଦାରେ ମୁଁ ତାଙ୍କ ଘରେ ରହିଛି । ବଡ଼ ଭାଇ- ଭାଉଜଙ୍କ ଆଦର ମୋର ମନେ ଅଛି । କେଡ଼େ ଅକୃତ୍ରିମ ସେମାନେ । ପ୍ରକୃତରେ ମୁଁ ଏତେ ସବୁ ସରଳ ସ୍ନେହୀ ଲୋକଙ୍କ ସଂସ୍ପର୍ଶରେ ଆସି ନ ଥିଲେ ବୋଧହୁଏ କବିତା ଲେଖି ପାରିନଥାନ୍ତି ଏତେ ବର୍ଷଧରି ।

ସବୁଠୁ କୌତୁକର କଥା ଆମେ ସମସ୍ତେ ଶାନ୍ତିନିକେତନ ଛାଡ଼ି ସ୍ୱଦେଶକୁ ବାହୁଡ଼ି ଆସିଲୁ । ଆସିଲାନି କେବଳ ସରୋଜିନୀ । ସେଇଠି ଜଣେ ଓଡ଼ିଆ ଅଫିସର୍‌ଙ୍କୁ ବିବାହ କରି ରହିଗଲା । ନିଜ ପସନ୍ଦର ସ୍ୱାମୀ ରାଧାରଂଜନ ପଟ୍ଟନାୟକ, ଭାରି ଉଦାରଚେତା ଓ ବନ୍ଧୁପ୍ରିୟ । ଏବେ ମଧ୍ୟ ଦେଖାହେଲେ ଦୁହିଁଙ୍କ ଆଖି ଛଳ ଛଳ ହୋଇଯାଏ । ଦେଖା କରିବାକୁ ନଗଲେ ଗାଳି ଫୋପାଡ଼ିବାର ଅଧିକାର ସେ ଏବେ ମଧ୍ୟ ସାଇତି ରଖିଛି ।

ସରୋଜିନୀ ଭାରି ଭଲ, ଗୋଲ୍ ଗୋଲ୍ ଅକ୍ଷରରେ ଛୋଟ ଛୋଟ ବାକ୍ୟ ଲେଖେ । ଇଚ୍ଛା କରିଥିଲେ ଲେଖିକା ଭାବେ ନାଁ କମେଇ ପାରିଥା'ନ୍ତା । ଅସରନ୍ତି ମମତା ଢଳଢଳ ହେଉଥିଲା ତା' ଆଖିରେ, ଜଣେ ଲେଖିକା ହେବା ପାଇଁ ଯେଉଁଟା ପ୍ରଥମେ ଆବଶ୍ୟକ ।

ବାସ୍ତବିକ ସେତେବେଳେ ଶାନ୍ତିନିକେତନ ଥିଲା ଏକ ସ୍ନେହ-ସମାଦରପୂର୍ଣ୍ଣ ସରୋବର, ଥରେ ବୁଡ଼ ପକେଇଲେ ମନରୁ କଳୁଷ ଧୋଇ ହୋଇଯାଉଥିଲା, ଅକୁଣ୍ଠ ସରାଗରେ ଭରିଯାଉଥିଲା ମନ-ପ୍ରାଣ ।

Digitized by srujanika@gmail.com

ସତକଥା, ସେତେବେଳେ କୂଟ-କପଟ ପଶି ନ ଥିଲା ଶାନ୍ତିନିକେତନ ଭିତରକୁ । ସବୁକଥା ସ୍ୱଚ୍ଛ ଦିଶୁଥିଲା । ପର-ନିନ୍ଦା, ପର-ଚର୍ଚ୍ଚା ନ ଥିଲା । ଭାଇ-ପଣର ସେପରି ସୁନେଲି ଦିନ ଆଉ ମିଳି ନାହିଁ ମୋତେ କେଉଁଠି ।

୧୯୬୧ ଯାଏଁ ହଷ୍ଟେଲ୍‌ରେ ଆମର କିଛି ହେଲେ ଆବାଦ ନ ଥିଲା, କି ଆଜିପରି ତାରଘେରା ବନ୍ଦ-ବାନ୍ଦର୍ ବ୍ୟବସ୍ଥା ନ ଥିଲା । ତା' ସତ୍ତ୍ୱେ ଆମେ ରୁମ୍‌ରେ ତାଲା ପକଉ ନ ଥିଲୁ । କେବଳ ବୁଲାକୁକୁରଙ୍କ ପାଇଁ କବାଟ ଆଉଜା ହୋଇ ରହୁଥିଲା । ମୋର ତ ବାକ୍ସରେ ମଧ୍ୟ ତାଲା ପଡୁ ନ ଥିଲା । ଅନେକ ସିନିୟର୍ ଛାତ୍ରଙ୍କ ରୁମ୍ ଦିନ-ରାତି ଖୋଲା ରହୁଥିଲା । ମୋର ମନେ ଅଛି କାଳେ ଝଡ଼-ପବନରେ କବାଟ ମେଲା ହୋଇଯିବ ଓ କୁକୁରମାନେ ଭିତରେ ପଶି ଖଟରେ ଶୋଇବେ ସେଥିଲାଗି ଖଣ୍ଡିଏ ତାରରେ କବାଟର କଡ଼ାକୁ ଏକାଠି ବାନ୍ଧି ମୁଁ ଇତିହାସ ବିଭାଗ ସହିତ ଦୁଇଦିନ ପାଇଁ ପରିଭ୍ରମଣରେ ଯାଇଥିଲି । କିଛି ଭୟ ନ ଥିଲା । ଚୋରିର କୌଣସି ଶଙ୍କା ପଶି ନ ଥିଲା ଛାତିରେ । ଚୋରି ମଧ୍ୟ ହେଉ ନ ଥିଲା । ସାର୍‌ମାନେ ମଧ୍ୟ ଆମକୁ ସତର୍କ ରହିବାକୁ କେବେ ପରାମର୍ଶ ଦେଉ ନ ଥିଲେ ସେତେବେଳେ ।

ଦୁଃଖର କଥା ପରେ ସେ ଅବସ୍ଥାର ଘୋର ପରିବର୍ତ୍ତନ ଘଟିଲା । ୧୯୬୨ରେ ମୁଁ ଟ୍ରଙ୍କରେ ଚାବି ପକେଇଲି । ଚା' ତିଆରି କରି ଖାଇବା ପାଇଁ ଆମେ ଯେଉଁ କିରୋସିନି ଷ୍ଟୋଭ୍‌ଟିଏ କିଣିଥିଲୁ ଥରେ ରାତିରେ ସେଇଟିକୁ ରଖିଦେଇଥିଲୁ ବାରଣ୍ଡାରେ । ସେଇଟି ମଧ୍ୟ ଦିନେ ହରଣଚାଳ ହୋଇଗଲା । ଋତୁ ବଦଳିଗଲା ।

ସାଙ୍ଗ ଶିଳ୍ପୀ କିଶୋରୀ ମୋହନଙ୍କ କଥା ଆଉଟିକେ କହିଥାଏଁ । ଜୀବନ-ଖାତାର ଅନେକାନେକ ପୃଷ୍ଠାରେ ତାଙ୍କ ନାଁ ଲିପିବଦ୍ଧ । ପ୍ରତିମୂର୍ତ୍ତି ଗଠନ କ୍ଷେତ୍ରରେ ତାଙ୍କ କଳାନୈପୁଣ୍ୟର ତୁଳନା ନାହିଁ । ଆଧୁନିକ ସ୍ଥାପତ୍ୟକଳାର ମଉଡମଣି ରାମକିଙ୍କର ବେଇଜ୍‌ଙ୍କର ସେ ପ୍ରିୟଭାଜନ ହୋଇପାରିଥିଲେ । ଦିଲ୍ଲୀର "ରିଜର୍ଭ ବ୍ୟାଙ୍କ" ସମ୍ମୁଖରେ ଯେଉଁ 'ଧନକୁବେର' ମୂର୍ତ୍ତିଟି ଏବେ ଶୋଭାପାଉଛି ସ୍ୱୟଂ ରାମକିଙ୍କରଙ୍କର ତା ହେଉଛି ଅମଳିନ କୀର୍ତ୍ତି । ବନ୍ଧୁ କିଶୋରୀ ମୋହନଙ୍କୁ ତାଙ୍କର ସହଯୋଗୀ ରୂପେ ସେଇ ନିର୍ମାଣରେ ସେ ନିୟୋଜିତ କରିଥିଲେ । ତାହା କମ୍ ବଡ଼ ଗୌରବର କଥା ନୁହେଁ । ଓଡ଼ିଶାରେ ଖୋରଧାରେ ସ୍ଥାପିତ ଜୟୀ ରାଜଗୁରୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି (ସମ୍ଭବତଃ ସେ ଦିଗରେ ପ୍ରଥମ ପ୍ରୟାସ) ବନ୍ଧୁ କିଶୋରୀ ମୋହନଙ୍କ ସୃଷ୍ଟି । ଓଡ଼ିଶା ଏକ ଅନଗ୍ରସର ରାଜ୍ୟ ହୋଇଥିବାରୁ, ଆଧୁନିକ ସ୍ଥାପତ୍ୟ ସୃଷ୍ଟିରେ ସରକାର କିମ୍ବା ଧନୀ ଲୋକେ ପ୍ରୋତ୍ସାହନ ଦେବାକୁ ପ୍ରସ୍ତୁତ ନ ଥିବାରୁ, ବିଚରା ଶିଳ୍ପୀଟି ବାଧ୍ୟ ହେଉଥିଲା ଡ୍ରଇଂ ଶିକ୍ଷକ ରୂପେ ଜୀବିକାର୍ଜନ କରିବାକୁ । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂଆ ରାଜଧାନୀ

Digitized by srujanika@gmail.com

ଭୁବନେଶ୍ୱରରେ ମଧ ନବ-ସ୍ଥାପତ୍ୟ କାହିଁ ? ମୁରଲୀଧର ଟାଲି କିମ୍ବା କିଶୋରୀ ମୋହନଙ୍କ ସଦୃଶ ପ୍ରତିଭାମାନେ ଉଧେଇ ଥାଆନ୍ତେ କେମିତି ? ପ୍ରତିଭାର ଏତାଦୃଶ ଗଳାମରୁଡ଼ି ପାଇଁ କଳା-ଦୃଷ୍ଟି ବିହୀନ ରାଜନୈତିକ ନେତୃତ୍ୱ ଯେ ଦାୟୀ ଏହା ସ୍ୱୀକାର କରିବାକୁ ହିଁ ହେବ । ଯେଉଁ ଶିଳ୍ପୀ ଏକଦା ଆପଣା କଳାର ବିକାଶ ପାଇଁ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଉତ୍ସର୍ଗ କରିବାକୁ ଶପଥବଦ୍ଧ ଥିଲା ପ୍ରୋତ୍ସାହନର ଅଭାବରୁ ସେଥିରୁ ସେ ଓହରି ଆସିବାକୁ ବାଧ ହେବା ଜାତି ପାଇଁ କମ୍ ପରିତାପର ବିଷୟ ନୁହେଁ ।

ଆତ୍ମୀୟତା ଗଢ଼ିବାକୁ ହୁଏନି, ଆପେ ଗଢ଼ି ହୋଇଯାଏ । କହିପାରିବିନି କାହିଁକି ଓ କିପରି ଆମେ ଦୁହେଁ ଗୁଛି ହୋଇଯାଇଥିଲୁ ସେମିତି । ଦୃଢ଼ମନା କିଶୋରୀ ମୋହନ କିନ୍ତୁ ବ୍ୟବହାରରେ ଏକାନ୍ତ ସାଦାସିଧା, ସରଳ ଓ ହସହସ ଥିଲେ । ଶାନ୍ତିନିକେତନର ଖୋଲା-ମେଲା ବାତାବରଣ ତାଙ୍କୁ ଆହୁରି ଖାମଖିଆଲି ଓ ନିରହଙ୍କାର କରି ଗଢ଼ିଥିଲା । ବଞ୍ଚିବାର ବାହାନାଧରି ଆମେ ଦୁହେଁ ଏବେ ବିଚ୍ଛିନ୍ନ । କିନ୍ତୁ ମୋ ହୃଦୟର ସେଇ ସ୍ଥାନରେ ସେ ବିଦ୍ୟମାନ ଯେଉଁଠି ସେ ପ୍ରଥମରୁ ସ୍ଥାନ ପାଇଥିଲେ ।

ଅନ୍ୟତମ ଅଭିନ୍ନ-ହୃଦୟ ବନ୍ଧୁ ବ୍ରହ୍ମାନନ୍ଦ ଓଡ଼ିଆ ବିଭାଗର ଛାତ୍ର ଥିବାରୁ ସାକ୍ଷାତର ସମୟଥିଲା ଅଧିକ । ପ୍ରଥମେ ଅଲଗା ଅଲଗା ହଷ୍ଟେଲ୍‌ରେ ରହିଥିଲୁ । ପରେ, ଅନ୍ତିମ ବର୍ଷ ଏକା ହଷ୍ଟେଲ୍‌ରେ ପାଖାପାଖି କୋଠରୀରେ ରହିଲୁ ବର୍ଷଟିଏ । ବ୍ରହ୍ମାନନ୍ଦ ଯେହେତୁ ଜଣେ ସଚେତନ ଛାତ୍ରଥିଲେ, ତାଙ୍କଠୁ ପାଠ ବିଷୟରେ ନିର୍ଭରଯୋଗ୍ୟ ତଥ୍ୟ ମିଳୁଥିଲା ଏବଂ ସେସବୁ ମୋ ଭଳି ଜଣେ ଅନବଧାନ ଅସତର୍କ ଛାତ୍ରତ୍ୱହୀନ ଛାତ୍ରର ବିଶେଷ କାମରେ ଲାଗିପାରୁଥିଲା । ମୋର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଗଉଁ (ଆଲୁଦୋଷ) ଥିଲା । ତା' ଭିତରୁ ପରୀକ୍ଷା ବେଳେ ଅଧିକୋ କବିତା ଲେଖିବା, ପୂର୍ବତନ ପରୀକ୍ଷାସବୁର ପ୍ରଶ୍ନଶୈଳୀ ଓ ପ୍ରଶ୍ନପତ୍ର ବିଷୟରେ ଅବଗତ ନହେବା ଏବଂ ପରୀକ୍ଷା-ବାହାନାରେ ଅଧିକ ସମୟ ଉଜାଗର ରହିବା ପାଇଁ ଅଧିକ ଅଧିକ ତମାଖୁ ସେବନ କରିବା । ତା' ପାନରେ ବ୍ରହ୍ମାନନ୍ଦ ଥିଲେ ମୋର ସାଙ୍ଗ । ପରୀକ୍ଷା ଆସିଲେ, ଅନେକ ଚିନ୍ତାଗ୍ରସ୍ତ ହୋଇ ଶୁଖି ଯାଉଥିଲେ, କାହାର କାହାର ଛାନିଆରେ ତରଳ ଝାଡ଼ା ହେଉଥିଲା । ପାଇଖାନା ଭିତରୁ ଶୁଣାଯାଉଥିଲା- ''ମା' ତାରା, ମା' ତାରା'' । ମୁଁ ଜାଣିପାରୁଥିଲି ଯେ ଭିତରେ ତାରା ଭକ୍ତ ଅଛନ୍ତି । ଟିକିଏ ଅଧିକ ଏପଟ ସେପଟ, ଅନିଦ୍ରା ବା ଅଧିକ ଚା', ବା ବିନା ଖାଦ୍ୟରେ ଗୋଟାକ ପରେ ଗୋଟାଏ ଧୂମପାନ ଚାଲିଲେ ବ୍ରହ୍ମାନନ୍ଦଙ୍କର ବାନ୍ତି ହେଉଥିଲା । ଥରେ ବାନ୍ତି ଏପରି ହେଲା ଯେ ଡାକ୍ତରମାନେ ପରୀକ୍ଷାକରି କ'ଣ ନାହିଁ କ'ଣ ହୋଇଚି ବୋଲି ରିପୋର୍ଟ୍ ଦେଇ ବ୍ରହ୍ମାନନ୍ଦଙ୍କୁ ତ ଡରେଇଲେ, ଆମକୁ ଚିନ୍ତାରେ ପକାଇ ଦେଲେ । ଆଜିକାଲ ଯେମିତି କଥା କଥାକେ ଏସିଡିଟି, ସେତେବେଳେ ଆମ ମୁଣ୍ଡରେ ସେମିତି

Digitized by srujanika@gmail.com

କିଛି ଶବ୍ଦ ପଶି ନ ଥିଲା । ଡାକ୍ତରମାନେ ବି ହତ୍‌ବତ୍‌ବେଇ ଯାଇଥିଲେ । ଆଗତ୍ୟା ବ୍ରହ୍ମାନନ୍ଦଙ୍କ ବଡ଼ଭାଇ କାମ-କାର୍ଯ୍ୟ ଛାଡ଼ି ସୁଦୂର ତାଳଚେର ଖଣି ଏରିଆରୁ ଶାନ୍ତିନିକେତନ ଆସିଥିଲେ । ତିନିହେଁ କଲିକତା ଗଲୁଁ ପରୀକ୍ଷା ନିମନ୍ତେ । ଅବଶ୍ୟ ଡାକ୍ତରମାନଙ୍କ ସନ୍ଦେହଟା ଫସର ଫାଟିଗଲା, ଯାହା ସେଇ ମଉକାରେ ଆମ ଦୁହିଁଙ୍କର କଲିକତା ବୁଲା ହୋଇଯାଇଥିଲା ।

ପରୀକ୍ଷା ଋତୁରେ ମୋର ଆଉ ଜଣେ ବନ୍ଧୁ ସଲିଳ ବାନାର୍ଜୀ, ଯିଏ ବଙ୍ଗଳାରେ ଗଳ୍ପ ଲେଖୁଥିଲେ ଓ ଯାହାଙ୍କର ସେଇ ବର୍ଷ 'ପାରାବତ ନୀଡ଼' ନାମକ ଉପନ୍ୟାସଟିଏ ଛପା ହୋଇଥିଲା, ତାଙ୍କର ମୁଣ୍ଡ ବହୁତ ବିନ୍ଧୁଥିଲା, କଥା କଥାକେ ସେ ଅନାସିନ୍ ଗିଳୁଥିଲେ । କେବଳ ମୋ କଥା ଥିଲା ଅଲଗା । ଗବେଷକ ଅଂଜନ ଶୁକ୍ଳ (ଫକୀର ମୋହନଙ୍କର ଜଣେ ଅଣନାତି, ମୈତ୍ରେୟୀ ଶୁକ୍ଳଙ୍କ ପୁତ୍ର) ଥଟ୍ଟା କରି କହୁଥିଲେ – ‘‘ପରୀକ୍ଷା ଆସିଲେ ପ୍ରସନ୍ନ ମିଶ୍ର ଓ ଚନ୍ଦ୍ରଶେଖର ବ୍ୟାସ (ମୋର ଅନ୍ୟଜଣେ ବନ୍ଧୁ) ମୋଟା ହୋଇଯାଆନ୍ତି । କିନ୍ତୁ, ବସନ୍ତ ଋତୁରେ ଦୁଇଜଣଯାକ ରୋଗା ହୋଇଯାଆନ୍ତି କାହିଁକି ? ଅବଶ୍ୟ ତାଙ୍କର ପରିହାସଟା ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ । ସେ ତାଙ୍କ ନିଜର କାବ୍ୟ-ପ୍ରୀତି ଓ ସୌନ୍ଦର୍ଯ୍ୟ-ପ୍ରୀତି ଆମ ଦୁହିଙ୍କ ମାଧ୍ୟମରେ ପ୍ରକାଶ କରୁଥିଲେ । ଗଣିତ ଶାସ୍ତ୍ରର ଗବେଷକ ହେଲେ ହେଁ ସେ ସ୍ୱଭାବତଃ ଜଣେ ସାହିତ୍ୟିକ ହିଁ ଥିଲେ । ଅଂଜନ ଶୁକ୍ଳ 'ବିଶ୍ୱଭାରତୀ' ଛାଡ଼ିବାପରେ ଆମେରିକା ଯାଇଥିଲେ । ସେଇଠାରେ ହିଁ ତାଙ୍କର ଅବୟସରେ ଦେହାନ୍ତ ହୋଇଯାଇଛି । ମୋର ଅନ୍ୟ ଜଣେ ବାନ୍ଧବୀ ଥିଲେ ତାଙ୍କର ପ୍ରେମାସ୍ପଦା । ଦୁହେଁ ଇଂରେଜୀ ବିଭାଗ ତରଫରୁ ଅଭିନୀତ ବର୍ଣ୍ଣାଡ୍ ଶ'ଙ୍କ ଆର୍ମସ୍ ଆଣ୍ଡ ମ୍ୟାନ୍ ନାଟକରେ ନାୟକ-ନାୟିକା ଭାବେ ଅବତୀର୍ଣ୍ଣ ହୋଇଥିଲେ । କିନ୍ତୁ ସଂପର୍କଟା ତାଙ୍କର ଭାବ-ସ୍ତରରେ ରହିଗଲା । ପରୀକ୍ଷା ଶେଷହେବା ପରେ ପରେ ନାୟିକା ଚାଲିଗଲେ ପ୍ୟାରିସ୍ । ବିଚରା ନାୟକଟି କରନ୍ତା କ'ଣ, ଉଡି ଉଡି ପହଞ୍ଚିଗଲା ଅତଲାନ୍ତିକ ମହାସାଗରର ସେପାରେ, ଯୁକ୍ତରାଷ୍ଟ୍ର ଆମେରିକାରେ ।

ଏମ୍.ଏ. ଶେଷବର୍ଷର ଅନ୍ତିମ କେଇମାସ ମୋ ଡାଇରୀରେ 'ବନ୍ଧୁବାନ୍ଧବୀ' ମାସ ଭାବେ ଲିପିବଦ୍ଧ ହୋଇରହିଛି । ବ୍ରହ୍ମାନନ୍ଦଙ୍କ ଟିପା ଖାତାରେ ମଧ୍ୟ ତା'ର ସୂଚନା ଥିବ । ସେଇ ରୋମାଂଚକର କାହାଣୀର ଯଦିଓ ମୂଳ ଉଦ୍ୟୋକ୍ତା ଥିଲି ମୁଁ, ବ୍ରହ୍ମାନନ୍ଦ ମଧ୍ୟ ତାର ଶେଷ-ପର୍ବର ଅଂଶୀଦାର ଥିଲେ, ଯେପରି ଥିଲେ ବାନ୍ଧବୀ ମଞ୍ଜୁଳା । ଆପଣଙ୍କୁ ମିଛ, ମୋତେ ସତ ସେହି ମନୋଜ୍ଞ ଘଟଣା ପରେ କେବେ ବରଂ କହିବି, ଏବେ ନୁହେଁ । କାରଣ, ଯେଉଁ ବିଶ୍ୱାସ ନାୟକ-ନାୟିକା ଦୁହେଁ ମୋ ଉପରେ ନ୍ୟସ୍ତ କରିଥିଲେ ତା ମୁଁ ଭଙ୍ଗ କରିବି ନାହିଁ । ସେ ଦୁହିଙ୍କୁ ଅନେକ ପ୍ରକାରର ଶୃଙ୍ଖଳା-ଭଙ୍ଗ ବିପଦରୁ ମୁଁ ଓ

Digitized by srujanika@gmail.com

ବ୍ରହ୍ମାନନ୍ଦ ରକ୍ଷା କରିଥିଲୁ । ମୁଁ ତାଙ୍କୁ ତାଗିଦ୍ କରି କହିଥିଲି, ଦେଖ, ଯାହା ବି ହେଉ, ସନ୍ଧ୍ୟାରେ ନନ୍ଦନ ବନରେ ବୁଲ କି ନର୍କରେ, ଖାଇବା-ଘଣ୍ଟା ବାଜିବା ମାତ୍ରେ ଲେଉଟି ଆସିବ । ତା'ଠୁ ଅଧିକ ବିଳମ୍ବ ହେଲେ ନାୟିକାଟିର ସ୍ଥିତି ବିପନ୍ନ ହୋଇଯିବ । ତା' ସତ୍ତ୍ୱେ ସେମାନେ ବାରମ୍ବାର ବିଳମ୍ବରେ ଫେରୁଥିଲେ । ଥରେ ବ୍ରହ୍ମାନନ୍ଦ ନିଜ ହାତ ଘଡ଼ିଟିକୁ ନାୟକର ହାତରେ ପିନ୍ଧାଇ ଦେଇ କହିଥିଲେ ଘଡ଼ିଟି ଉପରେ ନଜର ରଖିବ । କିନ୍ତୁ ତା ମଧ୍ୟ ବିଫଳ ହେଲା । ଆମେ ଦୁହେଁ ତାଙ୍କୁ ମନେପକାଇ ଦେବାକୁ ସେଦିନ ବଣ-ଖମାଣକୁ ଯାଇ ଅନ୍ଧାରରେ ହୀନ୍ଦି ଗୀତ ଆବୃତ୍ତି କରିବାରୁ ସେମାନଙ୍କ ଚେତା ପଶିଥିଲା । ସେ ଦୁହିଙ୍କୁ ଏକ୍ କରିବା ପରେ ମୁଁ ସନ୍ୟାସୀ ନହୋଇ ଦିଲ୍ଲୀ ଚାଲିଯାଇଥିଲି, ବ୍ରହ୍ମାନନ୍ଦ ଓଡ଼ିଶା ଫେରିଯାଇଥିଲେ । ଛାତ୍ରଜୀବନ ମଉଳି ଯାଇଥିଲା ।

ସହପାଠୀଙ୍କ ସହିତ ଲେଖକ - ୧୯୬୧
(ଡାହାଣରୁ ପ୍ରଥମ)

Digitized by srujanika@gmail.com

।। ତେର ।।

ଶାନ୍ତିନିକେତନରେ 'ଆଶ୍ରମ'ର ଏମିତି କିଛି ଗୋଟେ ଲକ୍ଷ୍ମଣରେଖା ସଦୃଶ ଭୌଗୋଳିକ ସୀମା ନ ଥିଲା । ତେବେ, ଆମେ ଜାଣିଥିଲୁ କେଉଁଟା ଆଶ୍ରମ ଓ କେଉଁ ଜାଗାଟା ନୁହଁ ।

ମୁଁ ଯେଉଁ ସମୟର କଥା କହୁଚି (୧୯୫୯-୧୯୬୩) ସେତେବେଳେ ଶିକ୍ଷା ଭବନ, ପାଠଭବନ, ବିଦ୍ୟାଭବନ ଓ ଶିଶୁଭବନର ଛାତ୍ରାବାସଗୁଡ଼ିକର କାନ୍ଥ କଡ଼ରୁ ଆଶ୍ରମ ଲାଗିଥିଲା ଗୋଟେ ପଟରେ 'ଛତିମତଲା (ସପ୍ତପର୍ଣ୍ଣୀବୃକ୍ଷ ଓ ତତ୍‌ସଂଲଗ୍ନ ବେଦୀ) ଓ ଅନ୍ୟ ପଟରେ 'ଉପାସନା' ମନ୍ଦିର ପର୍ଯ୍ୟନ୍ତ । ବକୁଳ କାନନ, ଆମ୍ର-କୁଂଜ, ଶାଳବୀଥି, ଗ୍ରନ୍ଥାଗାର, ଘଣ୍ଟାତଲା, ସିଂହସଦନ ଓ ଖୋଲା ପ୍ରାନ୍ତର ଆଦି ସମସ୍ତ ଅଞ୍ଚଳ ଆମ ନିମନ୍ତେ ଥିଲା ଆଶ୍ରମର ପବିତ୍ର ପରିସର । କେଉଁଠି କିଛି ବିଜ୍ଞପ୍ତି ନ ଥିଲା, କିନ୍ତୁ ତା'ଭିତରେ କାହାକୁ ମୁଁ ଧୂମ-ପାନ କରିବା ଦେଖି ନ ଥିଲି । କାହିଁକି କେଜାଣି ହଷ୍ଟେଲରୁ ବାହାରି ଧାଡ଼ି ଧାଡ଼ି ଶାଳ ବୃକ୍ଷର ଛାଇରେ ଚାଲିଲା ବେଳେ ମୁଁ ସ୍ୱତଃ ସ୍ପନ୍ଦିତ ହୋଇଉଠୁଥିଲି ।

ଏ ସ୍ପନ୍ଦନର କାରଣ ଥିଲା ସଂପୂର୍ଣ୍ଣ ଭାବଗତ । ଯେଉଁ ଛାୟା-ସ୍ନିଗ୍ଧ ଆଶ୍ରମରେ ଏକଦା କବି ରବୀନ୍ଦ୍ର ପଦଚାରଣା କରୁଥିଲେ ତା'ଭିତରକୁ ପ୍ରବେଶ କରିବା ମାତ୍ରେ ଏକ ସ୍ୱତନ୍ତ୍ର ଭାବ ଖେଳି ଯାଉଥିଲା ମନରେ । ସେ କାଳର ଅନେକାନେକ ପ୍ରତିଭାଦୀପ୍ତ ଯୁଗ ପୁରୁଷ ଯଥା ଅବନୀନ୍ଦ୍ର ନାଥ, ସି.ଏଫ୍, ଆଣ୍ଡ୍ରୁଜ୍, ପ୍ରଫେସର ସିଲଭାନ୍ ଲେଭି, ପ୍ରଫେସର ଟୁଚି (ଇଟାଲିର) ଆଦିଙ୍କ ପାଦ ଯେଉଁ ଭୂମିକୁ ସ୍ପର୍ଶ କରିଥିଲା, ତା'ର ବାତାବରଣରେ ସେମାନଙ୍କ ସ୍ମୃତି ତଥାପି ଜୀବନ୍ତ ଥିବା ଭଳି ମୋତେ ଲାଗୁଥିଲା । ତେଣୁ, କୌଣସି ଧାର୍ମିକ କାରଣ ନଥାଇ ମଧ୍ୟ ମନ ଭିତରେ ଗୋଟାଏ ପବିତ୍ର ଭାବ ସଂଚରି ଯାଉଥିଲା । ଯଦିଓ ବିଶ୍ୱଭାରତୀରେ ଆଉ ସେ ପୁରାତନ 'ସତ୍ୟଯୁଗ' ନ ଥିଲା, କିମ୍ବା ସେ ପ୍ରବାଦପୁରୁଷଗଣ ନ ଥିଲେ କିନ୍ତୁ, ବାତାବରଣରୁ ସେଇ 'ଆହ୍ଲାଦ' ହଜି ଯାଇ ନ ଥିଲା ସଂପୂର୍ଣ୍ଣ ଭବେ । ଆଶ୍ରମ ବି ସେମାନଙ୍କୁ ଭୁଲି ଯାଇ ନ ଥିଲା । ତା'ର ଏକ ପରିଚ୍ଛନ୍ନ ଦୃଷ୍ଟାନ୍ତ ହେଉଛି 'ଗାନ୍ଧି ପୁଣ୍ୟାହ' ପର୍ବ ।

Digitized by srujanika@gmail.com

ଏକଦା ସେକାଳର ମହାନାୟକ ମହାତ୍ମାଗାନ୍ଧି ଶାନ୍ତିନିକେତନ ଆସିଥିଲେ । ତାଙ୍କର ସେଇ ପରିଦର୍ଶନ ତିଥିଟିକୁ ସ୍ମରଣୀୟ ରଖିବା ଲାଗି ସ୍ୱୟଂ କବି ପ୍ରବର୍ତ୍ତନ କରିଥିଲେ ଆଶ୍ରମରେ 'ଗାନ୍ଧି ପୁଣ୍ୟାହ' । ସ୍ୱାଧୀନତା ସଂଗ୍ରାମର ମହାନାୟକଙ୍କ ପ୍ରତି ମହାକବିଙ୍କ ଏ ଶ୍ରଦ୍ଧା ଓ ସମ୍ମାନର ତୁଳନା ହିଁ ନାହିଁ । ମହାତ୍ମାଗାନ୍ଧିଙ୍କ ଅବସ୍ଥାନ ପାଇଁ ଉତ୍ତରାୟଣ ପରିସରରେ ରବୀନ୍ଦ୍ରନାଥ ମାଟି ଆଉ ଆଲ୍‌କାତରା ଯୋଗେ ସ୍ୱତନ୍ତ୍ର ଘର ତିଆରି କରାଇଥିଲେ, ଯେପରିକି ଆଶ୍ରମର ଅନ୍ତେବାସୀମାନଙ୍କ ପ୍ରାଣରେ 'ସ୍ୱାଧୀନତାବୋଧ' ପ୍ରତି ସ୍ୱତଃ ଶ୍ରଦ୍ଧା ଉପୁଜିବ ଏବଂ ବାରମ୍ବାର 'କାରାବରଣ' କରୁଥିବା ସେଇ ନିରସ୍ତ୍ର ଅର୍ଦ୍ଧନଗ୍ନ ଜନନେତାଟିର କାର୍ଯ୍ୟକ୍ରମ କେତେ ଗୁରୁତ୍ୱପୂର୍ଣ୍ଣ ତା' ସମସ୍ତେ ଉପଲବ୍ଧି କରିବେ । ଏ ସଦିଚ୍ଛା ଓ ଶ୍ରଦ୍ଧା ମହାକବିଙ୍କ ଅନ୍ତରର ସ୍ୱଚ୍ଛତା ଓ ନିଷ୍ଠା ପ୍ରମାଣ କରେ ।

'ଗାନ୍ଧି ପୁଣ୍ୟାହ' ଦିନ ବିଶ୍ୱଭାରତୀରେ କି ପ୍ରକାରର ବୌଦ୍ଧିକ କାର୍ଯ୍ୟକ୍ରମ (ଆଲୋଚନା ଚକ୍ର ଇତ୍ୟାଦି) ହେଉଥିଲା ମୋର ମନେ ନାହିଁ । କିନ୍ତୁ, ସେଦିନ ବିଶ୍ୱଭାରତୀର ଛାତ୍ର ଓ ଅଧ୍ୟାପକମାନେ ପ୍ରଭାତ କାଳରୁ ଶ୍ରମଦାନରେ ଲାଗି ପଡୁଥିଲେ । ସମସ୍ତ ଶ୍ରମଜୀବୀମାନଙ୍କୁ ଛୁଟି ଦିଆଯାଉଥିଲା । ସେମାନଙ୍କର ଯାବତୀୟ କାମ, ଯଥା– ଅଫିସ୍ ଓ ବିଭାଗର କୋଠରୀ ଝାଡୁ କରିବା, ରାସ୍ତା ଓଳେଇବା, ଧୁଆଧୁଇ କରିବା, ରୋଷେଇ କରିବା, ବାସନ ମାଜିବା, ସମସ୍ତଙ୍କୁ ଖାଦ୍ୟ ପରିବେଷଣ କରିବା ଆଦି ଆମେ ଛାତ୍ର ଓ ଅଧ୍ୟାପକମାନେ ଆନନ୍ଦର ସହିତ ସମ୍ପାଦନ କରୁଥିଲୁ । ସବୁ ଶ୍ରମିକଙ୍କୁ ବିଶ୍ୱଭାରତୀ ତରଫରୁ ନୂତନ ବସ୍ତ୍ର ମଧ୍ୟ ଉପହାର ଦିଆଯାଉଥିଲା । ଗାନ୍ଧିଙ୍କୁ ସ୍ମରଣ କରିବାର ଏ ଚମତ୍କାର ବିଧି ବାସ୍ତବିକ ମୋତେ ଆନନ୍ଦରେ ଉଲ୍ଲସିତ କରୁଥିଲା । ସେଭଳି ଏକ 'ମୂଲ୍ୟବୋଧ ଭିତ୍ତିକ' ପର୍ବ ଅନୁଷ୍ଠାନ କରି ବାସ୍ତବିକ ମହାକବି ଉତ୍ତରପୀଢ଼ିର ଯୁବଜନଙ୍କ ନିମନ୍ତେ ଏକ ଅମୂଲ୍ୟ 'ଭାବ' ହିଁ ଗୁଞ୍ଛି ଦେଇଥିଲେ ପାଠ୍ୟକ୍ରମ ସହିତ । ତାଙ୍କ ଦୂରଦୃଷ୍ଟିର ତୁଳନା ହିଁ ନାହିଁ ।

ଶିଶୁ ଭବନଠାରୁ ଆରମ୍ଭ କରି କଳା, ସଙ୍ଗୀତ, ଶିକ୍ଷା, ପାଠ ଓ ବିଦ୍ୟାଭବନ ନିମିତ୍ତ ଗୋଟିଏ ରୋଷେଇ ସ୍ଥାନରେ ଖାଦ୍ୟ ପ୍ରସ୍ତୁତ କରିବା ଓ ସମସ୍ତଙ୍କୁ ଆହାର ଯୋଗେଇବା ଆଦୌ ଛୋଟିଆ କାମ ନ ଥିଲା । ସେଇକାମ ପାଇଁ ବହୁ ସଂଖ୍ୟକ ରୋଷେୟା, ଟହଲିଆ ଓ କର୍ମୀ ନିଯୁକ୍ତ ଥିଲେ । ୧୯୬୦ ବେଳକୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଢେର ବଢ଼ିଯାଇଥିବାରୁ ଭୋଜନକେନ୍ଦ୍ରରେ ବେଶ୍ 'ଭିଡ଼' ହେଉଥିଲା ଏବଂ ଗାନ୍ଧି ପୁଣ୍ୟାହ ଦିନ ଭିଡ଼କୁ ସମ୍ଭାଳିବା ଓ ପରିଚାଳନା କରିବା କେତେ ଆୟାସସାଧ୍ୟ ତା' ଆମେ ଜାଣି ପାରୁଥିଲୁ । କେତେକ ଅଧ୍ୟାପକଙ୍କ ପତ୍ନୀ ମଧ୍ୟ ସ୍ୱେଚ୍ଛାରେ ରୋଷେଇକାମରେ ସହଯୋଗ

Digitized by srujanika@gmail.com

କରୁଥିଲେ । କିନ୍ତୁ ସେଇ 'ଭିଡ଼' ଭିତରେ ଗୋଟାଏ ଅପୂର୍ବ ଆନନ୍ଦ ମୁଁ ଅନୁଭବ କରୁଥିଲି । ପରସ୍ପରକୁ ଖାଇବାକୁ ଦେବା, ଜଣେ ଆଉ ଜଣଙ୍କ ବାସନ ଧୋଇବା, ନିଜକୁ ଭୋକ ଲାଗୁଥିଲେ ମଧ୍ୟ ଆଗ କରି ଅନ୍ୟମାନଙ୍କୁ ଖାଦ୍ୟ ପରିବେଷଣ କରିବା, ଆଉ ଚଟୁଏ ଭାତ ଦେବି କି ? ପଚାରିବା-ଭିତରେ ବାସ୍ତବିକ ଏକ ଦୁର୍ଲଭ ଆନନ୍ଦର ସ୍ୱରୂପ ସହିତ ମୋର ପରିଚୟ ଘଟିଥିଲା 'ଗାନ୍ଧି ପୁଣ୍ୟାହ'ରେ ।

ସେତେବେଳେ ରତନ ପଲ୍ଲୀର ଗୋଟିଏ ଛୋଟ ଘରେ ବୟୋବୃଦ୍ଧ ହିରଦାସ ଦା ରହୁଥିଲେ । ଭାରି ଅମାୟିକ, ସରଳ, ନିରାଡ଼ମ୍ବର ଓ ଜ୍ଞାନୀ ମଣିଷ, ଆଶ୍ରମର ଜଣେ ପୁରାତନ ଛାତ୍ର ଓ ଅନ୍ତେବାସୀ । ଦେଖା ହେଲେ, —ପ୍ରାୟ ଦେଖା ହିଁ ହୁଏ, ସେ ପୁରୁଣା କଥା ଗପନ୍ତି । ଗପ ଛଳରେ ସେ ଥରେ ଉତ୍କଳମଣି ଗୋପବନ୍ଧୁଙ୍କ ଶାନ୍ତିନିକେତନ ପରିଦର୍ଶନ କଥା ବର୍ଣ୍ଣନା କରିଥିଲେ । ସେତେବେଳେ ହରିଦାସ ଦା ଥିଲେ ଆଶ୍ରମର ଛାତ୍ର । ସମ୍ଭବତଃ ୧୯୨୨-୨୩ ମସିହା ହେବ । ଛାତ୍ର ସଂଖ୍ୟା ବହୁତ ବେଶୀ ନ ଥିଲା ସେତେବେଳେ । ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଭୋଜନାଗାର ମଧ୍ୟ ଖୁବ୍ ବଡ଼ ଧରଣର ନ ଥିଲା । ସମସ୍ତେ ଚଟ ପକେଇ ତଳେ ବସି ଖାଉଥିଲେ । ତାଙ୍କ କହିବା ଅନୁସାରେ– ସେଦିନ ଗୋପବନ୍ଧୁ ବୋଲ୍‌ପୁର ଷ୍ଟେସନରେ ଓହ୍ଲାଇଲା ବେଳକୁ ସଂଧ୍ୟା ଗଡ଼ି ସାରିଥିଲା । ସେତେବେଳେ ମାତ୍ର ଗୋଟିଏ କିମ୍ବା ଦୁଇଟି ଗାଡ଼ି ବୋଲପୁର ଦେଇ ଯାଉଥିଲା । ସାଇକେଲ ରିକ୍ସା କି ଅଟୋରିକ୍ସା ଯୁଗ ଆରମ୍ଭ ହୋଇ ନ ଥିଲା । ବୋଲପୁର ଏକ କ୍ଷୁଦ୍ର ସହର ହୋଇଥିବାରୁ ଷ୍ଟେସନ ପାଖରେ ହାତଟଣା ରିକ୍ସା କିମ୍ବା ଘୋଡ଼ା ଗାଡ଼ି ମଧ୍ୟ ରହୁ ନ ଥିଲା । ବଡ଼ ବଡ଼ିଆମାନେ ନିଜର ଘୋଡ଼ାଗାଡ଼ିରେ ଓ ମଫସଲି ଲୋକେ ଦୂରରୁ ବଳଦଗାଡ଼ିରେ ହିଁ ଷ୍ଟେସନକୁ ଆସୁଥିଲେ । ରାସ୍ତା ଥିଲା ଧୂଳିଆ । ଗୋପବନ୍ଧୁ ଟ୍ରେନ୍‌ରୁ ଓହ୍ଲେଇ ଚାଲି ଚାଲି ଶାନ୍ତିନିକେତନରେ ପହଞ୍ଚିଲେ, ଯେଉଁଠି ଆଲୁଅ ଜଳୁଥିଲା ଓ ପିଲାଙ୍କ ପାଟି ଶୁଣା ଯାଉଥିଲା ସେଇଠି, ସେଇ ଭୋଜନାଗାରରେ । ଶାନ୍ତିନିକେତନର ଛାତ୍ରମାନେ ବା ତାଙ୍କୁ କାହିଁକି ଚିହ୍ନନ୍ତେ । ତେବେ, ଖଦଡ଼ ପରିହିତ, ଶ୍ମଶ୍ରୁ -ଶୋଭିତ ହସ ହସ ଅତିଥିଙ୍କୁ ଦ୍ୱାରଦେଶରେ ଦେଖି ଯୁବକ ହରିଦାସ ଉଠି ପଡ଼ିଲେ ଖାଇବା ଜାଗାରୁ । ସେ ଅନୁମାନ କଲେ ଏ ନିଶ୍ଚୟ ସେହି ବହୁ ଚର୍ଚ୍ଚିତ ଉତ୍କଳୀୟ ନେତା ଯାହାଙ୍କ ଛବି ଖବର କାଗଜରେ କେବେ କେବେ ଛପା ଯାଉଥିଲା । ତାଙ୍କ ଅନୁମାନ ସତ୍ୟ ହେଲା । ଦାସେ ଆପଣେ ନିଜେ ନିଜର ପରିଚୟ ଦେଲେ । ଆପଣାର ଧୂଳିଧୂସର ପାଦ ଧରି ସେ ଯେ ଭିତରକୁ ପ୍ରବେଶ କରିବାକୁ କୁଣ୍ଠିତ ତା' ବୁଝିପାରିଲେ ଯୁବକ ହରିଦାସ ଏବଂ ଗୋଡ଼ ଧୋଇବାର ବନ୍ଦୋବସ୍ତ କରିଦେଲେ । ପରେ ପରେ ପ୍ରଶ୍ନ କଲେ– 'ଆମ ସହିତ ଖାଇବେନି ।' କୌଣସି ଉତ୍ତର ନକରି ସହାସ୍ୟ ବଦନରେ ଗୋପବନ୍ଧୁ ବରଡ଼ା ଚଟେଇ ଉପରେ ବସି ପଡ଼ିଥିଲେ ଏବଂ ପିଲାଙ୍କ ସହିତ ଭୋଜନ ସମାପ୍ତ

Digitized by srujanika@gmail.com

କରିଥିଲେ । ସେତେବେଳେ ଆଶ୍ରମରେ ବିଦ୍ୟୁତ ଆଲୋକର ପ୍ରଶ୍ନ ହିଁ ନ ଥିଲା, କିନ୍ତୁ ଗୋପବନ୍ଧୁଙ୍କ ଆସିବା ଖବରଟା ବିଦ୍ୟୁତ ବେଗରେ ପହଞ୍ଚି ଯାଇଥିଲା ରବୀନ୍ଦ୍ର ନିବାସରେ ।

ପରଦିନ ସଂଧ୍ୟାରେ କବି ରବୀନ୍ଦ୍ର ନାଥଙ୍କ ଉପସ୍ଥିତିରେ ପେଟ୍ରୋମାକ୍ସ ଆଲୋକରେ ସୁସଜ୍ଜିତ ଆମ୍ରକୁଞ୍ଜର ମଣ୍ଡପରେ ଶାନ୍ତିନିକେତନ ତଥା ବିଶ୍ୱଭାରତୀ ତରଫରୁ ଗୋପବନ୍ଧୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେ ସମୟରେ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶିକ୍ଷା ଅନୁଷ୍ଠାନ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦେବା ସହଜ କଥା ନ ଥିଲା । କାରଣ, ଇଂରେଜ ସରକାର ସେସବୁକୁ ଭଲ ଦୃଷ୍ଟିରେ ଦେଖୁ ନ ଥିଲେ । କିନ୍ତୁ, ରବୀନ୍ଦ୍ରନାଥଙ୍କର ସେସବୁ ପ୍ରତି ପରବାୟ ନ ଥିଲା । ବୟସରେ ଗୋପବନ୍ଧୁ ସାନ ହୋଇଥିଲେ ମଧ୍ୟ ତାଙ୍କର ମହତ୍ତ୍ୱ ଓ ମାନବିକ ଆଦର୍ଶ ପ୍ରତି କବି ତାଙ୍କର ଅକୃତ୍ରିମ ଶ୍ରଦ୍ଧା ପ୍ରକଟ କରିଥିଲେ ସେଦିନ ।

ବାସ୍ତବିକ ମୂଳରୁ ରବୀନ୍ଦ୍ରନାଥ ଶାନ୍ତିନିକେତନକୁ ଏକ ଶ୍ରଦ୍ଧା ଏବଂ ପାରସ୍ପରିକ ସମ୍ମାନବୋଧର କ୍ଷେତ୍ର ଭାବେ ଗଢ଼ିତୋଳିଥିଲେ । ତାହା ହିଁ ଥିଲା ଶାନ୍ତିନିକେତନର ମୂଳ ବୀଜ । ଶ୍ରଦ୍ଧାକୁ ପୁଞ୍ଜି କରି ଶାନ୍ତିନିକେତନରେ ପ୍ରସ୍ତୁତ ହେଉଥିଲା ସମଗ୍ର ଭାରତବର୍ଷ ପାଇଁ ସ୍ୱପ୍ନ ଓ ସୌନ୍ଦର୍ଯ୍ୟ । ସେ ସ୍ୱପ୍ନକୁ ଅବାନ୍ତର ବୋଲି ଘୋଷଣା କରିହେବ ନାହିଁ, ଆଜି ଶାନ୍ତିନିକେତନର ବାହାରେ ସେ ସ୍ୱପ୍ନ ଓ ମାନବିକାଦର୍ଶର କାଟତି ନଥାଇପାରେ । ତା'ବୋଲି ସେ 'ସ୍ୱପ୍ନ', ସୌନ୍ଦର୍ଯ୍ୟ ବୋଧ ଓ ମାନବିକ ସଂପ୍ରୀତିର ମୂଲ୍ୟକୁ କ'ଣ ଅସ୍ୱୀକାର କରାଯିବ ? ଅବଶ୍ୟ ମୁଁ ନିଜେ ସେସବୁକୁ ସେଇଠୁ ସାଉଁଟି ଆଣି, ନିଧି କରି, ଗଣ୍ଠିଧନ କରି ପରିଶେଷରେ ନିଃସ୍ୱ ହୋଇଯାଇଚି । ତଥାପି, ବାରମ୍ବାର ପ୍ରଣାମ କରିବାକୁ ଇଚ୍ଛା ହୁଏ ଶାନ୍ତିକେତନକୁ, କାରଣ ମୋ ମନ ଭିତରେ ସୌନ୍ଦର୍ଯ୍ୟବୋଧର କଢ଼ଟି ସେଇଠି ହିଁ ସହସ୍ରଦଳ ହୋଇ ଫୁଟି ଉଠିଥିଲା ।

କଥିତ ଅଛି– କବି ରବୀନ୍ଦ୍ରଙ୍କ ସହିତ ସାକ୍ଷାତ୍ ଆଲୋଚନା ଅବସରରେ ଗୋପବନ୍ଧୁ କାଳେ କହିଥିଲେ– ଆପଣଙ୍କ ଶାନ୍ତିନିକେତନ ଗୋଟିଏ ଉଜ୍ଜ୍ୱଳ ପଦ୍ମପରି । କିନ୍ତୁ କେବଳ ସମ୍ଭ୍ରାନ୍ତବଂଶର ପୁଅଝିଅ ଏହାର ଜ୍ୟୋତି ଆହରଣ କରିପାରିବେ । ତୁଳନାରେ ସେ ତାଙ୍କ ଗରିବ ଅନୁଷ୍ଠାନ ବନ ବିଦ୍ୟାଳୟ କଥା ଉଲ୍ଲେଖ କରିଥିଲେ ଏବଂ ପାଣ୍ଠିର ଅଭାବରୁ ତା'କିପରି ବିକଶିତ ହୋଇ ପାରୁନି ଦର୍ଶାଇଥିଲେ । ବନ ବିଦ୍ୟାଳୟର ସାମାଜିକ ଉପଯୋଗିତା ବୁଝିଥିଲେ ରବୀନ୍ଦ୍ର, କାରଣ ତତ୍‌କାଳର ଦରିଦ୍ର ଓଡ଼ିଶା ସହିତ ତାଙ୍କର ପରିଚୟ ନିବିଡ଼ ଥିଲା ।

ଦୁଇ ଭିନ୍ନ ମହାପୁରୁଷଙ୍କ ସୃଷ୍ଟ ଦୁଇଟି ଯାକ ଅନୁଷ୍ଠାନର ମହତ୍ତ୍ୱ ଆଜି ବୁଝିହେଉଛି । ଦୁହିଁଙ୍କ ଅନ୍ତରଙ୍ଗ ଆଳାପ ମଧ୍ୟ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତା'ମଧ୍ୟ ଜାଣି ହେଉଛି । ଗୋପବନ୍ଧୁ ତ ଆଗ ଚାଲିଗଲେ, ରବୀନ୍ଦ୍ର ନାଥ ବିଦାୟ ନେଲେ ଆଉରି

Digitized by srujanika@gmail.com

ଯୁଗକ ପରେ । କିନ୍ତୁ ଭାରତୀୟ ଜୀବନ ସେଇ କେଇଟି ବର୍ଷ କାବ୍ୟାଲୋଚନା ପ୍ରତି ଉନ୍ମୁଖ ନ ଥିଲା । ସଂଗ୍ରାମର ଦୁନ୍ଦୁଭି ବାଜୁଥିଲା । ଶୁଣାଯାଉଥିଲା ବୁଟ୍‌ର ଆଓ୍ୱାଜ, ପଟୁଆର ଉପରେ ଲାଠି ଚାର୍ଜ ଓ ହାତକଡ଼ିର ଝନତ୍କାର । ଗୋପବନ୍ଧୁଙ୍କ କବିତା ଅସ୍ପୃଷ୍ଟ ଓ ଅନାଲୋଚିତ ରହିଗଲା । ରବୀନ୍ଦ୍ରନାଥ ଜାଣି ପାରିଲେ ନାହିଁ ଯେ ସେଦିନ ଧୂଳି ଧୂସର ପାଦରେ ବିନା ନିମନ୍ତ୍ରଣରେ ଶାନ୍ତିନିକେତନରେ ପହଞ୍ଚିଥିବା ସଂଗ୍ରାମୀ ପୁରୁଷଟି କେବଳ ଶିକ୍ଷାବିତ୍ କି ସମ୍ପାଦିକଟିଏ ନୁହଁ, ଭାରତୀୟ କବିତାର ଏକ ଅଗ୍ରଗାମୀ ପୁରୁଷ, ଜଣେ ଯୁଗାବତାର ।

ସୂର୍ଯ୍ୟଙ୍କ ଉଦୟାସ୍ତ ଚାଲିଛି ଓ ଚାଲିଥିବ । କିନ୍ତୁ କେତେ ଦୁର୍ଲଭ ମୁହୂର୍ତ୍ତ, କେତେ ଦୁର୍ଲଭ ଜୀବନ ଅତୀତ ହୋଇଯାଏ ଯାହାର ପୁନରାଧିଷ୍ଠାନ ସମ୍ଭବ ନୁହଁ ।

ସ୍ମୃତି ମଧ୍ୟ ଏତେ ବିଶ୍ୱସନୀୟ ନୁହେଁ । ବେଳକାଳ ଦେଖି ତା’ବି ପ୍ରତାରଣା କରେ ଆମକୁ । ତ୍ୟାଗ, ଆଦର୍ଶ ଓ ପ୍ରତିଭା ଭୂଲୁଣ୍ଠିତ ହୋଇଯାଆନ୍ତି, ଅପସରି ଯାଆନ୍ତି ଅବମୂଲ୍ୟାୟନ କାରଣରୁ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗମାନଙ୍କୁ ଭୂମିସାତ୍ କରି ପକ୍ଷ ବିସ୍ତାର କରି ରାଜୁତି କରେ ଇଗଲ୍, ଯାହାର ନାଁ କଳିଯୁଗ । ଭାରି ବାଧେ– ଶ୍ରଦ୍ଧା ଓ ସୌନ୍ଦର୍ଯ୍ୟର ଅବମାନନା ଦେଖିଲେ । କିନ୍ତୁ ମୁଁ ଚାହେଁ, ଚାହିଁ ଆସିଚି, ମୋ’ ପ୍ରିୟ ଅନୁଷ୍ଠାନଟିର ଭାଗ୍ୟରେ ତା’ନଘଟୁ । କେଉଁଠି ନା କେଉଁଠି ଭଲକଥାଟିଏ ବଞ୍ଚିଥାଉ, ଭଲ ମଣିଷଟିଏ ନିଃଶ୍ୱାସ ନେଉଥାଉ, ସନ୍ଦେହ ଓ ଘୃଣା ବିକଳାଙ୍ଗ ନ କରୁ ଶ୍ରଦ୍ଧା ଓ ଶ୍ରୀକୁ ।

ସମୟ ଅନେକ କିଛିକୁ ଭାଙ୍ଗି ଦେଇଚି, ବଦଳେଇ ଦେଇଚି, ଓଲଟପାଲଟ କରି ଦେଇଚି । କରୁ । କିନ୍ତୁ ତୁଟାଇ ପାରିନି ଶ୍ରଦ୍ଧା ଓ ‘ଶ୍ରୀ’ ଉପରୁ ମଣିଷର ଆସ୍ଥା ଓ ବିଶ୍ୱାସ ।

Digitized by srujanika@gmail.com

॥ ଚଉଦ ॥

ରବୀନ୍ଦ୍ର ନାଥଙ୍କ ପ୍ରତିଭା ବିଷୟରେ ମୁଁ ବିଶେଷ କିଛି ଜାଣି ନ ଥିଲି, ପ୍ରତିଭା-ଆକଳନର ଶକ୍ତି ମୋଠି ଗଜୁରି ନ ଥିଲା । ସୁଯୋଗଟିଏ ଉପସ୍ଥିତ ହେଲା ୧୯୬୧-୬୨ ଶିକ୍ଷା ବର୍ଷରେ । ସେ ବର୍ଷ ବିଶ୍ୱଭାରତୀ ପାଳନ କଲା 'ରବୀନ୍ଦ୍ର ଶତବାର୍ଷିକୀ' ମହାସମାରୋହରେ । ବର୍ଷତମାମ ଲାଗି ରହିଲା ଉତ୍ସବ ଓ ଆଲୋଚନା । ଅନୁଷ୍ଠିତ ହେଲା ଶିକ୍ଷାବିତ୍‌ମାନଙ୍କ ସମାବେଶ । ତତ୍‌କାଳୀନ ରାଷ୍ଟ୍ରପତି ସର୍ବପଲ୍ଲୀ ଡକ୍ଟର ରାଧାକୃଷ୍ଣନ୍ ଉଦ୍‌ଘାଟନ କରି କହିଲେ,– ଶିକ୍ଷାବିତ୍ ଭାବେ ରବୀନ୍ଦ୍ରନାଥଙ୍କ ପରୀକ୍ଷା ଓ ପ୍ରୟୋଗ କିଭଳି ତାତ୍ପର୍ଯ୍ୟପୂର୍ଣ୍ଣ ।

ପୁଣି ଅନୁଷ୍ଠିତ ହେଲା ସଂଗୀତଶାସ୍ତ୍ରୀମାନଙ୍କ ସମ୍ମେଳନ । ଭାରତର କୋଣଅନୁକୋଣରୁ ପ୍ରସିଦ୍ଧ କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀମାନେ ଆସିଲେ । ପ୍ରମାଣିତ ହେଲା ସଙ୍ଗୀତ ସୃଷ୍ଟି କ୍ଷେତ୍ରରେ ରବୀନ୍ଦ୍ର ପ୍ରତିଭାର ପ୍ରଭାବ ଓ ପ୍ରତିଷ୍ଠା । ମୋର ବି ହୃଦ୍‌ବୋଧ ହେଲା– କାହିଁକି ରବୀନ୍ଦ୍ର ସଂଗୀତ ଶସ୍ତ୍ରୀୟ ପଦବାଚ୍ୟ ଓ କାହିଁକି ଆମ ଓଡ଼ିଶୀ ସ୍ୱୀକୃତି ପାଇ ପାରିନି । ପ୍ରତ୍ୟେକ ସଫଳତା ପଛରେ ଅଛି ପ୍ରତିଭାଙ୍କର ଆତ୍ମୋତ୍ସର୍ଗର କାହାଣୀ ।

ସେଇ ଅବସରରେ ଭାରତୀୟ ଦର୍ଶନ କଂଗ୍ରେସର ଏକ ବିଶେଷ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା ସେଠି । ଯାହାର ଏକ ନିର୍ଦ୍ଦିଷ୍ଟ ସେସନ୍‌ରେ ରବୀନ୍ଦ୍ର ନାଥଙ୍କ 'ଦର୍ଶନ' ସଂପର୍କରେ ଆଲୋଚନା କରାଯାଇଥିଲା । ରବୀନ୍ଦ୍ର ପ୍ରତିଭାର ଆକଳନରେ ତାହା ମୋତେ ବହୁତ ସାହାଯ୍ୟ କରିଥିଲା ସେତେବେଳେ । ମୁଁ ଉତ୍ସାହିତ ହୋଇ ଦର୍ଶନ କଂଗ୍ରେସର ସଭ୍ୟ ହେଲି ।

ଭାରତୀୟ ସାହିତ୍ୟରେ ରବୀନ୍ଦ୍ର କୀର୍ତ୍ତି ସଂପର୍କରେ ଯେଉଁ ଆଲୋଚନା ଚକ୍ରଟି ଅନୁଷ୍ଠିତ ହୋଇଥିଲା ସେବର୍ଷ ସେଥିରେ ପ୍ରାୟ ସବୁ ପ୍ରାନ୍ତୀୟ ଭାଷାର ବିଶିଷ୍ଟ ଲେଖକମାନେ ଯୋଗ ଦେଇଥିଲେ । ଓଡ଼ିଶାରୁ ଯାଇଥିଲେ କଳିନ୍ଦୀ ଚରଣ ପାଣିଗ୍ରାହୀ, କୁଂଜବିହାରୀ ଦାଶ ଓ ଗୋପୀନାଥ ମହାନ୍ତି ।

ଅବହେଳିତ ଓଡ଼ିଆ ବିଭାଗ ଉପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୁଦୃଷ୍ଟି ପଡ଼ିଲା ୧୯୬୨ରେ । ନୂଆ ଅଧ୍ୟାପକ ପଦ ସୃଷ୍ଟି ହେଲା, ତା' ସହିତ କୁଞ୍ଜବିହାରୀ ଦାଶଙ୍କ ବିଦାୟ ପରେ ଯେଉଁ ସ୍ଥାନଟି ଶୂନ୍ୟ ପଡ଼ିଥିଲା ସେଇଟି ପୂରଣ ହେଲା । ଓଡ଼ିଶା ସରକାରୀ କଲେଜର ବରିଷ୍ଠ ଅଧ୍ୟାପକ ଶ୍ରୀ ଶ୍ରୀନିବାସ ମିଶ୍ର ଓ ତରୁଣ ଅଧ୍ୟାପକ ଶ୍ରୀ ଖଗେଶ୍ୱର

Digitized by srujanika@gmail.com

ମହାପାତ୍ର ଶାନ୍ତିନିକେତନରେ ଯୋଗ ଦେଲେ । ସେ ବର୍ଷ ଗ୍ରୀଷ୍ମଛୁଟି ପରେ ଜୁଲାଇ ବେଳକୁ ବିଭାଗର ରୂପ ଭେକ ବଦଳି ଯାଇଥିଲା । ବିଭାଗଟା ଲାଗିଥିଲା ବିଭାଗ ଭଳି । ଛାତ୍ର-ଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବେଶ୍ ବଢ଼ିଯାଇଥିଲା ସେଇ ବର୍ଷ । ତିନିବର୍ଷିଆ ଅନର୍ସ୍ ପାଠ୍ୟ ଶେଷକରି ମୁଁ ଏକବର୍ଷିଆ ଏମ.ଏ.ରେ ନାଁ ଲେଖେଇଲି ଜୁଲାଇରେ । ୟୁଜିସି ନିୟମ ଅନୁସାରେ ସେ ପ୍ରକାର ପାଠ୍ୟକ୍ରମର ଆମ ବ୍ୟାଚଟି ଥିଲା ଅନ୍ତିମ । ଆମ ପରେ ପରେ ବି.ଏ. ଓ ଏମ୍.ଏ. ର ୩+୧ ବ୍ୟବସ୍ଥା ଉଠିଯାଇ ୨+୨ ପ୍ରଚଳିତ ହୋଇଥିଲା, ଯାହା ପୁଣି ପରିବର୍ତ୍ତିତ ହୋଇଥିଲା ୩+୨କୁ । ତେବେ ଅନର୍ସ ଓ ଏମ୍.ଏ.ର ସେହି ୩+୧ ପାଠ୍ୟକ୍ରମଟି ସେତେବେଳେ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ନ ଥିବାରୁ ମୁଁ ଅସୁବିଧାର ସମ୍ମୁଖୀନ ହୋଇଥିଲି । ମୋର ଇଚ୍ଛାଥିଲା ‘ନୃତତ୍ତ୍ୱ’ କିମ୍ବା ‘ତୁଳନାତ୍ମକ ସାହିତ୍ୟ’ ରେ ଏମ୍.ଏ. କରିବାକୁ । ସେଥିପାଇଁ ବିଶ୍ୱବିଦ୍ୟାଳୟ ପରିବର୍ତ୍ତନ କରିବାକୁ ପଡ଼ିଥାନ୍ତା ଓ ଛାତ୍ରଜୀବନ ଆଉରି ବର୍ଷୁଟିଏ ଲମ୍ବିଥାନ୍ତା । ଖାଲି ସେତିକି ନୁହେଁ । ମୁଁ ଜାତୀୟ ବୃତ୍ତିଟି ମଧ୍ୟ ହରେଇଥାନ୍ତି । ପୂର୍ବରୁ ଇଂଜିନିୟରିଂ ପାଠ ଛାଡ଼ିଥିବାରୁ ବାପାଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା । ପୁଣି ଥରେ ଖାମଖିଆଲି ଆଚରଣ ମଧ୍ୟବିତ୍ତ ଘରଙ୍କ ସନ୍ତାନ ପକ୍ଷରେ ଏକାନ୍ତ ଅନୁଚିତ ଭାବି କ୍ଷାନ୍ତ ରହିଲି ।

ତିନିବର୍ଷ କାଳ ଫରାସୀ ଭାଷା ଓ ତିବତୀ ଭାଷା ପଢ଼ିଥିଲି । ତିବ୍ବତୀୟ ପ୍ରାଚୀନ କଥା କେଶର ସାଗାର ଅନୁବାଦ କରିଥିଲି ଯାହା ‘ଝଙ୍କାର’ ପୃଷ୍ଠାରେ (୧୯୬୧) ଧାରାବାହିକ ଭାବେ ପ୍ରକାଶ ପାଇଥିଲା । ‘ତୁଳନାତ୍ମକ’ ସାହିତ୍ୟ ପାଠରେ ମୋତେ କିଛିଟା ସୁବିଧା ମିଳିଥାନ୍ତା । ଅବଶ୍ୟ, ଗୁରୁଜନମାନେ ମୋତେ ଉଚିତ ପରାମର୍ଶ ଦେଇଥିଲେ ସେତେବେଳେ । ସେମାନଙ୍କ ମତରେ– ‘ତୁଳନାତ୍ମକ ସାହିତ୍ୟ ପଢ଼ିବାକୁ ଭଲ, କିନ୍ତୁ ପଢ଼ା ସରିଲେ ସଲ’ । ଅର୍ଥାତ୍ ଚାକିରି କାହିଁ, କ’ଣ କରିବ ? ଇଂରାଜୀବାଲାଏ ତାଙ୍କ ବିଭାଗରେ ଅଧ୍ୟାପନା କରିବାକୁ ନେବେନି କିମ୍ବା ଓଡ଼ିଆ ସଂସ୍କୃତବାଲାଏ ମଧ୍ୟ ତାଙ୍କ ପରିସରକୁ ପୂରେଇ ଦେବେନି । ପେଟ ପୋଷିବାକୁ ତୁମକୁ ଆଉ କ’ଣ କରିବାକୁ ହେବ, ଯେଉଁଟା ସହିତ ତୁମ ପାଠ୍ୟକ୍ରମର କିଛି ନେଣଦେଣ ନ ଥିବ ।

ଏକଦମ ସତକଥା । ବଡ଼ ବଡ଼ ସରକାରୀ କଲେଜରେ ମଧ୍ୟ ଏ ପର୍ଯ୍ୟନ୍ତ ‘ତୁଳନାତ୍ମକ ସାହିତ୍ୟ’ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇପାରିନି । ଚାଳିଶିବର୍ଷ ତଳେ ତା’ ଥିଲା କଳ୍ପନାର ବାହାରେ । ଅବଶ୍ୟ ସେତେବେଳେ ମନକୁ ସାନ୍ତ୍ୱନା ଦେଇ ହେଉଥିଲା । ‘‘ଆମ ଦେଶଟା ମାତ୍ର ବାର-ଚୌଦ ବର୍ଷ ହେଲା ସ୍ୱାଧୀନ ହୋଇଛି, ତା’ ନିକଟରୁ ଏତେ ଆଗୁଆ ଭାବ ଓ ପଦକ୍ଷେପ ଆଶା କରିବା ଅନ୍ୟାୟ ।’’

Digitized by srujanika@gmail.com

ପ୍ରକୃତ ପକ୍ଷେ ଆମରାଜ୍ୟର ଶାସନଦାତ୍ମାନେ ମନେ କରୁଥିଲେ ଯେ ଶିକ୍ଷା ବିଭାଗରେ ନୂଆ ନୂଆ ପ୍ରକୋଷ୍ଠ ଖୋଲିବାର ବେଳ ହୋଇନି, ଯୁବକମାନେ ବିକଳ ହେଲେ କ'ଣ ହେବ ।

ମୋର ମନେ ପଡ଼ୁଛି ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତିଙ୍କୁ 'ଭାଷାବିଜ୍ଞାନ' ବିଭାଗ ଖୋଲିବା ଲାଗି ପ୍ରଯତ୍ନ କରିବାକୁ ଚିଠି ଲେଖିଥିଲେ । ଉତ୍ତର ଆସିଥିଲା ଦିଧାଡ଼ିରେ, ଯାହାର ମର୍ମ– 'ସେ ବେଳ ହେଇନି' । ଆମ ବିଶ୍ୱବିଦ୍ୟାଳୟଟି– 'ଇଜ୍ ଟୁ ୟଙ୍ଗ ଟୁ ଓପନ ସଚ୍ ଏ ଡିପାର୍ଟମେଣ୍ଟ' । ଏପରି ମନୋଭାବ ଏଯାବତ୍ ବଳବତ୍ତର ରହିଛି ଓଡ଼ିଶାରେ । ଓଡ଼ିଶାର ସବୁ ଉଚ୍ଚସ୍ତରର କଲେଜରେ 'ନୃତତ୍ତ୍ୱ', 'ଭୂଗୋଳ', 'ସମାଜତତ୍ତ୍ୱ', 'ଭୂତତ୍ତ୍ୱ' ଏପରିକି 'ଲାଇବ୍ରେରି ସାଇନ୍ସ' ମଧ୍ୟ ପଢ଼ିବାର ସୁଯୋଗ ନାହିଁ । 'ଭୂତତ୍ତ୍ୱ' ଭଳି ଗୁରୁତ୍ୱପୂର୍ଣ୍ଣ (ଖଣିଜ ସଂପଦ ଭରା ଓଡ଼ିଶା ପାଇଁ ଅଧିକ) ବିଷୟଟିର ଅବସ୍ଥା ଆହୁରି ଦୁଃଖଦାୟକ । ଏହାର କାରଣ କ'ଣ କେବଳ ପାଣ୍ଠିର ଅଭାବ ? ନା ଅନ୍ୟ କିଛି ବୌଦ୍ଧିକ ଅନ୍ତରାୟ ଅଛି ? ବର୍ତ୍ତମାନ ତ ଆଉ 'ବେଳ ହୋଇନି' କହି ଖସିଯାଇ ହେବନି । ସଞ୍ଚାଳକ ଓ ଦିଗ୍‌ଦର୍ଶକଙ୍କ ଭୀରୁତା ଓ ଅନାନ୍ତରିକତା ଯେ ପ୍ରଗତିର ଅନ୍ତରାୟ ତା' ସମସ୍ତଙ୍କୁ ଜଳଜଳ ଦିଶୁଚି । ଆମ ରାଜ୍ୟବାସୀଙ୍କ ବୌଦ୍ଧିକ ବରବାଦି ପାଇଁ ସେମାନଙ୍କୁ ଦାୟୀ କରିବା ଆଦୌ ଅସଙ୍ଗତ ହେବ ନାହିଁ ।

ଅବଶ୍ୟ ବର୍ତ୍ତମାନର ଅବସ୍ଥା କଥା ମୁଁ କହିବା ଠିକ୍ ହେବ ନାହିଁ, ଯୁବାଜନ କହିବେ । ଆମକୁ ତ ସବୁକିଛି ବିପର୍ଯ୍ୟସ୍ତ ବୋଧ ହେଉଛି । ଶିକ୍ଷାର କର୍ଣ୍ଣଧାରବୃନ୍ଦ ବ୍ୟସ୍ତ ରହୁଛନ୍ତି ଫର୍ମୁଲା ନେଇ; ମିଶାଣ ଫେଡ଼ାଣଟାକୁ ସେମାନେ ବୌଦ୍ଧିକ ବିପ୍ଳବ ମନେ କରୁଛନ୍ତି । ଆମ ବାଲ୍ୟକାଳରେ ଥିଲା ୧୧ + ୨ + ୨ ସରିଲେ ଜଣେ ଗ୍ରାଜୁଏଟ୍ । ସେଇଟା ବଦଳିଗଲା ୧୧ + ୧ + ୧ + ୨ କୁ ବର୍ଷେ, ପି.ୟୁ. ଓ ବର୍ଷେ ପି.ପି. (ପ୍ରି-ପ୍ରଫେସନାଲ) । ସେଟା ଚଳିଲା ନାହିଁ । ପୁଣି ହେଲା ପୁରୁଣାଟା ୧୧ + ୨ + ୨ । ସେତେବେଳେ ସ୍କୁଲପାଠ୍ୟ ଉପରେ ହାତ ମାରିବାକୁ ସାହସ କରି ନ ଥିଲେ । ପରେ ଆସିଗଲେ ବିପ୍ଳବୀ (?) ପ୍ରତିଷ୍ଠିତ ହେଲା ନୂଆ ନୀତି ୧୦ + ୨ + ୩; ବର୍ତ୍ତମାନ ତା' କାଏମ୍ ରହିଛି । ଶିକ୍ଷାର ଗୁଣାତ୍ମକ ପରିବର୍ତ୍ତନ କଥା ଚିନ୍ତା କରାଯାଇନି ।

ଏସବୁ ପ୍ରହସନ ସତ୍ତ୍ୱେ ବୁଦ୍ଧିମାନ ଯୁବଛାତ୍ରଙ୍କ ସଂଖ୍ୟା ବହୁଗୁଣିତ ହୋଇଛି, କୁଶଳୀ ବିଦ୍ୱାନ ଅଧ୍ୟାପକଙ୍କ ସଂଖ୍ୟା ନିଶ୍ଚୟ ବଢ଼ିଛି । ଅଧ୍ୟାପକ ଓ ଗବେଷକ ବହୁ ଆୟାସସାଧ୍ୟ ଗବେଷଣା ସମାପନ କରି ସଫଳ ହୋଇଛନ୍ତି । କହିବା ବାହୁଲ୍ୟ ଏହା ସହିତ ବୃଦ୍ଧି ପାଇଛି କୌଶଳୀ ଛାତ୍ର ଓ କୌଶଳୀ ଅଧ୍ୟାପକଙ୍କ ପ୍ରଭାବ । ପରିବେଶ ଓ ପ୍ରଶାସନ ସେମାନଙ୍କୁ ମଦଦ୍ ଦେଉଛି ।

Digitized by srujanika@gmail.com

ଛାଡ଼ନ୍ତୁ, ସେକଥା ଏଠି କାହିଁକି ? ମୋ ନିଜର ତ ଦୁଇଟା କାଳ ସରିଲାଣି । ଯେତିକି ଓ ଯେମିତି ପ୍ରତାରିତ ହୋଇଛି କହି ଲାଭ ନାହିଁ । ଚିଲ୍ଲେଇଲେ ଏବର ରଥାରୂଢ଼ମାନେ ମୋତେ କହିବେ 'ବିଦ୍ରୋହୀ' ।

ଛାତ୍ରାବସ୍ଥାରେ ଆମେ କଲେଜ ଓ ବିଶ୍ୱବିଦ୍ୟାଳୟକୁ ସମ୍ମାନ କରୁଥିଲୁ । ପରିସରକୁ ମନେ କରୁଥିଲୁ ପବିତ୍ର କ୍ଷେତ୍ର । ଆମର ସାରମାନଙ୍କୁ ନେଇ ଆମେ ଗର୍ବ କରୁଥିଲୁ । ଶାନ୍ତିନିକେତନରେ ଏହି ଭାବନା ମୋ ଭିତରେ ସମୃଦ୍ଧ ହୋଇଥିଲା ।

ନିଜ କଥା ନିଜେ ବୁଝିବାକୁ ହେବ, ନିଜ କାମ ନିଜେ କରିବାକୁ ହେବ । ହଷ୍ଟେଲ ଜୀବନରେ ଏଇଟା ଥିଲା ପ୍ରଥମ ଓ ପ୍ରଧାନ ଶୁଭାଶିଷ ବ୍ୟକ୍ତିର ବିକାଶ ପାଇଁ । ମୁଁ ପୂର୍ବରୁ ସୁପରିଚାଳିତ ନ ଥିଲି, କେବେ କେବେ ବିନାନୁମତିରେ ସେକେଣ୍ଡ ସୋ' ସିନେମା ଦେଖିବାକୁ ଯାଇ ରାତିର ଖାଦ୍ୟ ହରାଇ ବାଲେଶ୍ୱର କଲେଜରେ ମୋତେ ରାତିଟା ଓପାସରେ କଟାଇବାକୁ ପଡ଼ିଥିଲା । ଶାନ୍ତିନିକେତନରେ ଆଉ ମୋର ପୂର୍ବ ଢଙ୍ଗ ନ ଥିଲା, କାରଣ କିଚେନ ବା ଭୋଜନାଗାର ଥିଲା ଆମ ପାଇଁ ଏକାନ୍ତ ଆକର୍ଷଣୀୟ । ବିଳମ୍ବ ହେବାର ପ୍ରଶ୍ନ ନ ଥିଲା, ଖାଦ୍ୟଠାରୁ ଅଧିକ ଲୋଭନୀୟ ଥିଲା ବନ୍ଧୁମିଳନ । ଯୁବାଜନଙ୍କର ସେପରି ଅକୃତ୍ରିମ ସମାବେଶ, ପୁଣି ଦୁଇଥର, ସତରେ ଥିଲା ଦୁର୍ଲଭ । ପ୍ରାଣ ନାଚି ଉଠୁଥିଲା, ଜୀବନ ସ୍ପନ୍ଦିତ ହୋଇଯାଉଥିଲା କିଚେନ ସମ୍ମୁଖରେ । ଅନେକଥର ସେଇ ତୀର୍ଥରେ ହିଁ ସଂପନ୍ନ ହୋଇଥିଲା ମୋର ନେତ୍ରୋତ୍ସବ । ଚକ୍ଷୁ ଯୁଗଳ ଯେ ଉଭୟ ମନ ଓ ପ୍ରାଣର ବାତାୟନ ଏକଥା ଆଉ କେହି ନକଲେ ବି ମୁଁ ସ୍ୱୀକାର କରିବି ।

ମୁଁ ଯେତେବେଳେ ଜୁନିୟର ଶ୍ରେଣୀର ଛାତ୍ରଥିଲି ସିନିୟରମାନେ ଆମକୁ ଶ୍ରଦ୍ଧାର ସହିତ ସାହାଯ୍ୟ କରୁଥିଲେ, ତାଗିଦ୍ ମଧ୍ୟ କରୁଥିଲେ । କିଚେନ ସମ୍ମୁଖରେ ଠିଆ ହୋଇ ବନ୍ଧୁମେଳରେ ଆଡ୍ଡା କରିବା ଭଳି ବଦଭ୍ୟାସ ମୋର ଥିଲା । ମନେ ଅଛି ସେଇ କାରଣରୁ ଥରେ ମଣିପୁରର ଛାତ୍ରୀ ମିନୁଦି (ସିନିୟର) ମୋତେ ଓ ମୋହିତକୁ କହିଥିଲେ "କେନୋ ? ଏ ସମୟେ ଆଡ୍ଡା କେନୋ ? ଖାବାରଟା ଖେଏ ନିଓ, ତାର ପରେ ଯା' ବାନ୍ଦରାମି କରତେ ଚାଓ କରବେ ।" ଅର୍ଥାତ୍ 'ଆଗ ଭୋଜନ କାମଟା ସାରିଦିଅ, ତା'ପରେ ଯେଉଁଭଳି ମାଙ୍କଡ଼ାମି କରିବାକୁ ଚାହୁଁଛ କରିବ ।" ସେମାନଙ୍କ କଥା ଭାଙ୍ଗି ହେଉ ନ ଥିଲା, ସ୍ନେହ କରୁଥିଲେ ବୋଲି କାନ ମୋଡ଼ିଦେଲେ ମଧ୍ୟ ଆମେ ଆପତ୍ତି କରୁ ନ ଥିଲୁ ।

୧୯୬୨ରେ ମୁଁ ଯେତେବେଳେ ବରିଷ୍ଠ ବିଦ୍ୟାର୍ଥୀ ତାଲିକାଭୁକ୍ତ ହୋଇଗଲି ମୋ ଭିତରେ ମଧ୍ୟ ବଡ଼ଭାଇ ପଣିଆ ଗଜୁରିଲା । ମୋତେ ବି କାହାକୁ କାହାକୁ ପଚାରିବାକୁ ହେଲା 'କିରେ, ଖାଓ୍ୱାଦାଓ୍ୱା ହଏଗେଛେ ତୋ ?'

Digitized by srujanika@gmail.com

।। ପନ୍ଦର ।।

୧୯୬୨-୬୩ ଶିକ୍ଷାବର୍ଷଟି ଥିଲା ମୋର ଛାତ୍ରଜୀବନର ଅନ୍ତିମବର୍ଷ । ତା'ଥିଲା ଘଟଣାବହୁଳ । ଗପ-କବିତା ଲେଖିବାଠୁ ଆରମ୍ଭ କରି ବିଭାଗୀୟ ପାଠଚକ୍ର ଓ ସାହିତ୍ୟ ପରିଷଦର କାମ ମୋତେ କରିବାକୁ ପଡୁଥିଲା । ରାତି ଅନିଦ୍ରା ହୋଇ ଲେଖିବାକୁ ପଡୁଥିଲା ସେମିନାର ପାଇଁ ନିବନ୍ଧ ।

ଶେଷବର୍ଷ ମୋର ହଷ୍ଟେଲ ମଧ୍ୟ ପରିବର୍ତ୍ତିତ ହେଲା । ଆଶ୍ରମ ପରିବେଶରେ ଥିବା ଛାତ୍ରାବାସ ଛାଡ଼ିଲି, ରହିଲି ଯାଇ ଡାକଘର ନିକଟରେ ଥିବା ବିଦ୍ୟାଭବନ ହଷ୍ଟେଲ ନମ୍ବର ଏକରେ । ପୂର୍ବରୁ ସେଇଠି ରହୁଥିଲେ ବ୍ରହ୍ମାନନ୍ଦ । ସେଠୁ କାଲୁଦାର ଚା' ଦୋକାନ ପାଖ ।

କୌଣସି ହଷ୍ଟେଲରେ ଫାଟକ ନ ଥିଲା, କି ଆବାଦ ନ ଥିଲା । ସେଠି ବି ସେଇଆ । ଦି-ପଟ ଖୋଲା । ଗୋଟେ ପଟ ଅନାବନା ବୃକ୍ଷଲତାରେ ଆଚ୍ଛାଦିତ । କେବେ କେବେ ବିଷଧର ସାପଙ୍କ ମୁହଁ ଦିଶୁଥିଲା । ଆମର ସେଥିପ୍ରତି ଭାବନା ଥିଲା । କେହି କେବେ ତାଙ୍କ ପ୍ରତି ନିର୍ଦ୍ଦୟ ହେବା ଦେଖାଯାଇ ନ ଥିଲା । ମନେ ଅଛି ଥରେ ପ୍ରବଳ ବର୍ଷା ବେଳେ ହଷ୍ଟେଲର ଖୋଲା ପଡ଼ିଆରେ ଦେଖାଗଲା ସାପଟାଏ ଫଣା ଟେକିଛି । ପ୍ରଥମେ ଯାହାଙ୍କ ଆଖିରେ ପଡ଼ିଲା ସେ ବାଡ଼ି ଖଣ୍ଡେ ଧରି ଦୌଡ଼ିଗଲେ – 'ସାଁପ୍, ସାଁପ୍' । ମୋ ପାଖ ରୁମ୍‌ରେ ରହୁଥିବା ଗଣିତ ଗବେଷକ ଅଂଜନ ଶୁକ୍ଳ ତାଙ୍କୁ ଅଟକାଇ ଦେଲେ– 'ହାଁ ହାଁ କି କରଛେନ ?' ଆମେ ସମସ୍ତେ ବାରଣ୍ଡାକୁ ଆସିଗଲୁ । ସେ ହସି ହସି କହିଲେ– "ତାକୁ ମାରନା, ବରଂ ପ୍ରସନ୍ନକୁ ଡାକ ସେ ତାକୁ ପଦେ ପ୍ରେମ କବିତା ଶୁଣାଉ ।' ଆମେ ବହେ ହସିଥିଲୁ । ସାପଟା ବି ବୁଦା ସନ୍ଧିରେ ଲୁଚି ଯାଇଥିଲା ।

ପ୍ରକୃତରେ ଶାନ୍ତିନିକେତନରେ ବିଦ୍ୟାର୍ଥୀଙ୍କ କାର୍ଯ୍ୟକଳାପ ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ । ହଷ୍ଟେଲର ତତ୍ତ୍ୱାବଧାରକ କିଏ ଆମେ ଜାଣି ନ ଥିଲୁ । ସେପରି ପଦଧାରୀ ଅଧ୍ୟାପକଙ୍କ ସହିତ ମୋର ଚାରିବର୍ଷର ଛାତ୍ରଜୀବନ ଭିତରେ ଜଣାଶୁଣା ହୋଇ ନ ଥିଲା । କୌଣସି ହଷ୍ଟେଲରେ କିଛି ଅଘଟଣର ଅଶଙ୍କା ନ ଥିଲା । ସେତେବେଳେ ଅନେକ ବିଶ୍ୱବିଦ୍ୟାଳୟରେ, ଇଂଜିନିୟରିଂ ଓ ମେଡ଼ିକାଲ କଲେଜମାନଙ୍କରେ ସିନିୟର ବିଦ୍ୟାର୍ଥୀମାନେ ନବାଗତ ଛାତ୍ରଙ୍କ ପ୍ରତି ଯେଉଁ ଅସଦାଚରଣ କରୁଥିଲେ, ବିନାଦୋଷରେ ଯେପରି ଶାସ୍ତି ପ୍ରଦାନ କରୁଥିଲେ, ବେଳେ ବେଳେ ମର୍ମାନ୍ତକ ହରକତ କରି ଯେଉଁଭଳି

Digitized by srujanika@gmail.com

ମଜା ନେଉଥିଲେ ତା'ଥିଲା ଆମର କଳ୍ପନାନୀତ । ସେପରି ନୃଶଂସ ଭାବଭଙ୍ଗୀ ଗଢ଼ିବା ଭଳି ବାତାବରଣ ଶାନ୍ତିନିକେତନରେ ନ ଥିଲା । ଏମିତିକି ଅନ୍ୟାନ୍ୟ ଅନୁଷ୍ଠାନରେ ଗ୍ରାଜୁଏସନ୍ ବେଳେ ଘାଇଲା ହୋଇ ଯେଉଁମାନେ ବିଶ୍ୱଭାରତୀକୁ ଆସୁଥିଲେ ସେମାନେ ବି ଶାନ୍ତିନିକେତନର ହାଓ୍ୱାରେ ଭୁଲିଯାଉଥିଲେ ସେମାନଙ୍କର ପ୍ରତିହିଂସା ଓ ସାମିଲ ହୋଇଯାଉଥିଲେ ଭାଇପଣର ସ୍ରୋତରେ ।

ଭାରତବର୍ଷର କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନରେ ଚାଲିଥିବା କଠୋର ର୍ୟାଗିଂର ଜାନ୍ତବ କାହାଣୀ ମୁଁ କଲେଜରେ ପଢ଼ିବା ଦିନଠୁ ଶୁଣି ଆସିଥିଲି । ଓଡ଼ିଶାର କଲେଜମାନଙ୍କରେ ତା' ନ ଥିଲା, ଯଦିଓ ସିନିୟରମାନେ ସମ୍ମାନ ଦାବି କରୁଥିଲେ ସବୁଠି । କିନ୍ତୁ ଇଣ୍ଟରମେଡ଼ିଏଟ କାଳରେ ଆମେ, ଇଂଜିନିୟରିଂ ଓ ମେଡ଼ିକାଲ ପାଠ୍ୟ ପାଇଁ ଆଶାୟୀ ଛାତ୍ରମାନେ, ସେସବୁ କାହାଣୀ ଶୁଣି ଆତଙ୍କିତ ହୋଇଯାଉଥିଲୁ । ୧୯୫୮ ମସିହା ଯାଏଁ ତ ଓଡ଼ିଶାରେ ଇଂଜିନିୟରିଂ କଲେଜ ନ ଥିଲା, ସେଇବର୍ଷ ଖୋଲିଲା ବୁର୍ଲାରେ । ଅଧିକାଂଶ ଓଡ଼ିଆ ଯୁବକ ଓଡ଼ିଶା ବାହାରକୁ ହିଁ ଯାଉଥିଲେ । ମୋର ଜଣେ ବନ୍ଧୁ କଠୋର ର୍ୟାଗିଂ ସହି ନପାରି ବନାରସରୁ ଫେରି ଆସିଥିଲେ ଘରକୁ । ସମୟକ୍ରମେ 'ର୍ୟାଗିଂ' କମିନି, ବରଂ ବହୁ ଅନୁଷ୍ଠାନକୁ ସଂକ୍ରମିତ ହୋଇଛି; ବ୍ୟାପକ ଭୂମିକୁ ଆବୋରି ବସିଛି । ନୂଆ ଅନୁଷ୍ଠାନମାନଙ୍କରେ ମଧ୍ୟ ର୍ୟାଗିଂର କଳାପତାକା ଉଡୁଛି, ଯାହା ପ୍ରଶାସନ ନିୟନ୍ତ୍ରଣ କରିପାରୁନି । ସିନିୟରମାନଙ୍କର ସେପରି ଉତ୍ପାତକୁ ଆମେ ସର୍ବତୋଭାବେ ଘୃଣା କରୁଥିଲୁ ବିଶ୍ୱଭାରତୀରେ ।

ହଷ୍ଟେଲର ପ୍ରଥମ ବ୍ଲକର କଣିକିଆ ରୁମ୍‌ରେ ମୁଁ ରହୁଥିଲି । ସେଇ ବ୍ଲକରେ ରହୁଥିଲେ ସଲିଲ୍ ବାନାର୍ଜୀ (ଇଂରାଜୀ ବିଭାଗ), ଚନ୍ଦ୍ରଶେଖର (ଦର୍ଶନ), ଅଂଜନ ଶୁକ୍ଳ (ଗଣିତର ଗବେଷକ ଓ ମୋହିନୀ ମୋହନ ସେନାପତିଙ୍କ ଝିଅର ପୁଅ, ତଥା ଫକୀର ମୋହନ ସେନାପତିଙ୍କ ଅଣନାତି), ପି.ରାଓ (ହୀନ୍ଦୀ ବିଭାଗ) ଓ ମୁଁ । ପାଖ ବ୍ଲକରେ ରହୁଥିଲେ ବନ୍ଧୁ ବ୍ରହ୍ମାନନ୍ଦ । ଚନ୍ଦ୍ରଶେଖର ବ୍ୟାସ (ରାଜସ୍ଥାନ) ମୋର ପୂର୍ବର ସହପାଠୀ ଓ ବନ୍ଧୁ, ଉତ୍ତମ ଛାତ୍ର ଭାବେ ସେ ଥିଲା ଜଣାଶୁଣା । ତା'ର ସୁଲିଖିତ ଦର୍ଶନ ସମ୍ବନ୍ଧୀୟ ନିବନ୍ଧ କେତୋଟି ବିଦେଶୀ ଓ ଦେଶୀ ପତ୍ରିକାରେ ସେତେବେଳକୁ ଛପା ସରିଥିଲା । ସଲିଲ ଥିଲା ଜଣେ ବଙ୍ଗଳା କଥାକାର । ୧୯୬୨ରେ ତା'ର ଗୋଟିଏ ଉପନ୍ୟାସ 'ପାରାବତ ନୀଡ଼' ପ୍ରକାଶ ପାଇଥିଲା । କେତେକ ପତ୍ରିକାରେ ସଲିଳର କ୍ଷୁଦ୍ରଗଳ୍ପ ପ୍ରକାଶ ପାଇଥିଲା ମଧ୍ୟ । ବନ୍ଧୁ ରାଓ ପଢୁଥିଲେ ହୀନ୍ଦି ଗୋଟିଏ ତେଲଗୁ ଗଳ୍ପର ଅନୁବାଦ କରିଥିଲେ ଯାହା ଛପା ଯାଇଥିଲା ଏବଂ ସେ କିଛି ଟଙ୍କା ମଧ୍ୟ ମନିଅର୍ଡ଼ରରେ ଯୋଗେ ପାଇଥିବା ମୋର ମନେଅଛି । ଅଙ୍କର ଗବେଷକ ହେଲେ ମଧ୍ୟ ଅଂଜନ ଥିଲେ ଜଣେ ସାହିତ୍ୟିକ ।

Digitized by srujanika@gmail.com

ମୁଁ ସର୍ବାନ୍ତଃକରଣରେ ବନ୍ଧୁ ବ୍ରହ୍ମାନନ୍ଦ ସିଂହଙ୍କ ନିକଟରେ ଥିଲି ସମର୍ପିତ । ସେ ରାଜ ପରିବାରର ଦୁଲାଳ, ମନଟା ମଧ୍ୟ ରଜାପରି ଥିଲା, ସମୟକ୍ରମେ ନିର୍ଧନ ହୋଇ ଯାଇଥିଲେ କ'ଣ ହେବ । ମୋ ରୁମ୍‌ରେ ଚା ସରଞ୍ଜାମ ରହୁଥିଲା, କାରଣ ଥରକୁଥର ଚା' ପାଇଁ କାଲୁ ଦୋକାନକୁ ଯିବା ସମ୍ଭବ ନ ଥିଲା । ଚା' ନହେଲେ 'ଷଡ଼ି' ଠିକ୍ ରୂପେ ହେବନି, ଏଭଳି ଏକ ଧାରଣା ବଦ୍ଧମୂଳ ହୋଇଯାଇଥିଲା ଆମ ମନରେ । 'ମୁଡ୍' ଆଣିବା ପାଇଁ ବେଳେବେଳେ ମୁଁ ଲଙ୍କା ଆଚାର ବୋତଲରୁ ଗୋଟିଏ ବାହାର କରି ପାଟିରେ ପକେଇ ଦେଉଥିଲି । ରାଗରେ କାନ ମୁଣ୍ଡ ଛାତି ଜିଭ ଝାଁ ଝାଁ ହୋଇଯାଉଥିଲା, ଆଖିରୁ ପାଣି ବାହାରି ପଡୁଥିଲା । ତା'ଥିଲା ଷଡ଼ିବ୍ରେକ । ତା'ପରେ ମୁଡ୍ ଆସିଯାଉଥିଲା, ଝରକା କଡ଼ରେ ବସିଥିଲେ ମଧ୍ୟ ବାହାରଟା ଦିଶୁ ନ ଥିଲା ।

କୌଣସି ଉତ୍କଟ ବଦଭ୍ୟାସ ସହିତ ମୋର କିମ୍ୱା ବନ୍ଧୁଙ୍କର ଭାବଦୋସ୍ତି ନ ଥିଲା । ସେଠି ବରିଷ୍ଠ ବିଦ୍ୟାର୍ଥୀଙ୍କୁ ଅନେକ ପ୍ରକାରର ସ୍ୱାଧୀନତା ଦିଆଯାଇଥିଲା । ଅମକୁ ପଦେ କହିବାକୁ କେହି ନ ଥିଲେ । ତଥାପି ହଷ୍ଟେଲର କୋଠରିମାନଙ୍କରେ କୌଣସି ଧରଣର ଆପତ୍ତିଜନକ କାରବାର ହେଉ ନ ଥିଲା ।

ମନେପଡୁଛି, ସେଇ ବର୍ଷ ମୁଁ ବିଦ୍ୟାଭବନର ପ୍ରତିନିଧି ରୂପେ ବିଶ୍ୱଭାରତୀ ଛାତ୍ରପରିଷଦକୁ ବହୁତ ଅଧିକ ଭୋଟ୍ ପାଇ ନିର୍ବାଚିତ ହୋଇଥିଲି । ପୂର୍ବ କଳ୍ପିତ ପ୍ରତିଜ୍ଞା ରହିଲା, ଯଦିଓ ପ୍ରକୃତରେ ମୋର ଆଉ ଛାତ୍ର ରାଜନୀତିରେ ଦିଲ୍ ନ ଥିଲା । ମୁଁ ମୋ ସୃଜନକର୍ମରେ ଦିନାତିପାତ କରିବାକୁ ଚାହୁଁଥିଲି । ସେଇ ସମୟରେ କଲିକତାରୁ ପ୍ରକାଶିତ 'ଆସନ୍ତାକାଲି' ପୃଷ୍ଠାରେ ମେର ପ୍ରଥମ ଉପନ୍ୟାସ 'ବଢ଼ିପାଣିର ଦାନ୍ତ' ଧାରାବାହିକ ଭାବେ ପ୍ରକାଶ ପାଉଥିଲା । 'ଝଂକ୍କାର'ରେ 'କେଶର ସାଗା'ର ଅନୁବାଦ ପରେ କେଇଟି କ୍ଷୁଦ୍ରଗଳ୍ପ (ନିଜକୁ ରାଧା ମନେ କରି ଇତ୍ୟାଦି) ପ୍ରକାଶିତ ହୋଇଥିବାରୁ କବିତା ସହିତ ଗଦ୍ୟ ରଚନାରେ ମୋର ଅନୁପ୍ରବେଶ ଘଟିସାରିଥିଲା । ତା'ଥିଲା ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରୟୋଗ୍ଂଓ ପରୀକ୍ଷାର ଯୁଗ । ଶାନ୍ତନୁ କୁମାର ଆଚର୍ଯ୍ୟ ମୋ ପରି ଯୁବକଙ୍କ ମନ କିଣି ନେଇସାରିଥିଲେ । 'ଝଂକାର' ପୃଷ୍ଠାରୁ ତାଙ୍କ ରଚିତ 'ମଣ୍ଟୁ' ଗଳ୍ପ ପଢ଼ି ମୁଁ ମୁଗ୍ଧ ହୋଇଥିଲି । ସେଇପରି ଅନ୍ୟ ଗୋଟିଏ ସଫଳ ପରୀକ୍ଷାଧର୍ମୀ କ୍ଷୁଦ୍ରଗଳ୍ପ ଥିଲା ଦୁର୍ଗାମାଧବ ମିଶ୍ରଙ୍କ 'ଜାତିବାଚକ ବିଶେଷ୍ୟ', ଯାହା ମୋତେ ବିଶେଷ ଭଲ ଲାଗିଥିଲା । ତେବେ ନୂଆ ଗଳ୍ପର ସଂକଳନ ଆଖିରେ ପଡ଼ି ନ ଥିଲା । ଓଡ଼ିଆ ବହିବଜାର (ବନୋଦବିହାରୀ, କଟକ) ଠାରୁ ଦୂରରେ ଥିବାରୁ ଆମକୁ ପତ୍ରପତ୍ରିକା ଓ ଲାଇବ୍ରେରି ଉପରେ ହିଁ ନିର୍ଭର କରିବାକୁ ପଡୁଥିଲା । ନୂଆ ବହିର ପ୍ରକାଶ ମଧ୍ୟ ଥିଲା ଅତିକମ୍ । ପ୍ରକାଶକମାନେ ଗପକବିତାଦି ପ୍ରତି ଧ୍ୟାନ ଦେଉ ନ ଥିଲେ । ତେଣୁ ଅନେକ ଯୁବ ପ୍ରତିଭା ବେଶ୍ ଜଣାଶୁଣା ହୋଇ ସାରିଥିଲେ ହେଁ ସେମାନଙ୍କ ସୃଷ୍ଟି ପୁସ୍ତକିତ ହୋଇ ପାରୁ ନ ଥିଲା ।

Digitized by srujanika@gmail.com

ମୋର ଇଚ୍ଛାଥିଲା ଯୁଆଡ଼େ ଯାଉଥିବି ସାଙ୍ଗରେ ସୁଦୃଶ୍ୟ ଓଡ଼ିଆ କବିତା ବହିଟିଏ ଥିବ, ଯାହା ବଙ୍ଗୀୟ ବନ୍ଧୁମାନଙ୍କ ଆଖିରେ ପଡ଼ିବ । କାରଣ ସେତେବେଳକୁ ବଙ୍ଗଳାରେ ଉତ୍ତମ ପରିପାଟୀର ସହିତ କବିତା ସଂକଳନମାନ ପ୍ରକାଶ ପାଇବା ଆରମ୍ଭ ହେଲାଣି । ବହିସବୁକୁ ଦେଖି ମୋର ଈର୍ଷା ହେଉଥିଲା । ତୁଳନାରେ ଆମ ବହିର ରୂପରଙ୍ଗ ଥିଲା ଅନାକର୍ଷଣୀୟ । ଯା'ହେଉ ଓଡ଼ିଆ ଲାଇବ୍ରେରିକୁ ତତ୍‌କାଳୀନ ଯୁବପ୍ରତିଭାଙ୍କ ଚାରୋଟି କବିତା ସଂକଳନ ଆସିଥିଲା । ତହିଁରୁ ଖଣ୍ଡିଏ ରମାକାନ୍ତ ରଥଙ୍କର ଓ ଖଣ୍ଡିଏ ଥିଲା ସୀତାକାନ୍ତ ମହାପାତ୍ରଙ୍କର । ଆକାର-ପ୍ରକାର ଦୃଷ୍ଟିରୁ ସୀତାକାନ୍ତଙ୍କ 'ଦୀପ୍ତି ଓ ଦ୍ୟୁତି' ଆଖିଦୃଶିଆ ହୋଇଥିଲା । ଅନ୍ୟ ଦୁଇଟି ସଂକଳନରୁ ଖଣ୍ଡିଏ ଥିଲା ରବୀନ୍ଦ୍ର ପ୍ରସାଦ ପଣ୍ଡାଙ୍କ 'ଉଦାରା ମୁଦାରାତାରା' ଓ ଅନ୍ୟଟି ରବୀନ୍ଦ୍ର କୁମାର ପାଢ଼ୀଙ୍କ 'ଉନ୍ମେଷ' । ରବି ପଣ୍ଡାଙ୍କ ସହିତ ମୋର ପରିଚୟ ନ ଥିଲା, ଯଦିଓ କିଛିଟା ପଢ଼ିଥିଲି ପତ୍ର ପତ୍ରିକା ପୃଷ୍ଠାରୁ; କିନ୍ତୁ ରମାକାନ୍ତ ରଥଙ୍କୁ କଲେଜରେ ପଢ଼ିବା ଦିନରୁ ପଢୁଥିଲି । କଲେଜର ହଷ୍ଟେଲମାନଙ୍କରେ ବେଳେବେଳେ ଆମେ ବନ୍ଧୁମେଳରେ ତାଙ୍କର ଚର୍ଚ୍ଚା କରୁଥିଲୁ । ସୌଭାଗ୍ୟ ବଶତଃ ସେ କିଛିଦିନ ଫକୀରମୋହନ କଲେଜରେ ଇଂରାଜୀ ଅଧ୍ୟାପକ ଥିଲେ ଓ କେଇଥର ଆମର କ୍ଲାସ ନେଇଥିଲେ । ଶହେ ଅଠେଇଶ ଜଣ ପିଲାଙ୍କ ଗହଣରେ ବସିଥିଲେ ବି ମୁଁ ତାଙ୍କ କବିପଣକୁ ଠଉର କରିପାରିଥିଲି ସେତେବେଳେ । ଯଦିଓ ବ୍ୟକ୍ତିଗତ ପରିଚୟର ସୁଯୋଗ ନ ଥିଲା । ସୀତାକାନ୍ତ ମହାପାତ୍ର ସେଦିନରୁ ଏଯାବତ୍ ଲେଖି ଆସୁଛନ୍ତି, ସୁନାମ ଅର୍ଜିଛନ୍ତି, ଦେଶବିଦେଶରେ ପରିଚିତ ଓ ସମ୍ବର୍ଦ୍ଧିତ । କିନ୍ତୁ ରବିପଣ୍ଡା ! ଷଷ୍ଠଦଶକ-ସପ୍ତମଦଶକ ପରେ ଆଉ ତାଙ୍କ କବିତା ମୋ ଆଖିରେ ପଡ଼ିନି । ଏବେ ତାଙ୍କର କିଛି ଚିନ୍ତାମୂଳକ ଗଦ୍ୟ ଲେଖା ନଜରକୁ ଆସିଚି ।

ଅବଶ୍ୟ 'ଉନ୍ମେଷ'ର କବି ରବୀନ୍ଦ୍ର କୁମାର ପାଢ଼ୀ ସାହିତ୍ୟ ଜଗତରେ ଅନେକ ବର୍ଷ ରହିଲେ । କିନ୍ତୁ ତାଙ୍କଠି ଆଦ୍ୟ କାଳରେ ଯେଉଁ ସମ୍ଭାବନା ମୁଁ ଦେଖିଥିଲି ତା' ରହିଲା ନାହିଁ । ଝାଉଁଳି ପଡ଼ିଲା, ଶେଷରେ ଝଡ଼ିଗଲା । ସେ 'ଗୋଲାପର ତନୁତ୍ୟାଗ' ନାମରେ କବିତାଟିଏ ଲେଖିଥିଲେ, ''ଆସନ୍ତାକାଲି'ରେ ସମ୍ଭବତଃ । କବିତାଟିରେ ଥିଲା ତଦୀୟ ପ୍ରତିଭାର ଝଡ଼ିପଡ଼ିବାର ବ୍ୟଥା । ଏବେ ସେ ସ୍ୱର୍ଗବାସୀ । ମୁଁ ତାଙ୍କୁ ଶ୍ରଦ୍ଧାରେ ସ୍ମରଣ କରୁଛି । କଲିକତାରେ ଆମେରିକୀୟ ଦୂତାବାସ ସହିତ ସଂପୃକ୍ତ ସଂସ୍ଥାରେ ସେ ଚାକିରି କରୁଥିଲେ । ଥରକୁଥର ତାଙ୍କ ସହିତ ମୋର ସାକ୍ଷାତ ହେଉଥିଲା । ମୋତେ ସାନ ଭାଇପରି ସ୍ନେହ କରୁଥିଲେ । ମୋର ଅନୁରୋଧ ରକ୍ଷାକରି କେତେଥର ବୁଲି ଆସିଥିଲେ ଶାନ୍ତିନିକେତନ । ଭାରି ଭଲମଣିଷ, ସଦା ହସହସ, କୌଣସି ଗ୍ଲାନି ଓ ବିକୃତିର ଭାବ ତାଙ୍କ ମୁହଁରେ ମୁଁ କେଉଁଦିନ ଦେଖି ନ ଥିଲି । ଶ୍ରୀ ଅରବିନ୍ଦଙ୍କ ଦର୍ଶନ ପ୍ରତି ସେ ଥିଲେ ଆକୃଷ୍ଟ । ସମ୍ଭବତଃ ସେଇ ଦିବ୍ୟଭାବଜଗତର ନିମନ୍ତ୍ରଣ ତାଙ୍କୁ

Digitized by srujanika@gmail.com

କାବ୍ୟଜଗତରୁ ଅଲଗା କରିଦେଇଥିଲା ଅବୟସରେ । ତାଙ୍କର ଦୁଃଖ କ'ଣ ଥିଲା ମୁଁ ଜାଣେନି; ମୋତେ ତ ସେ ଜଣେ ସୁଖର ପ୍ରତିମା ପରି ଲାଗୁଥିଲେ । ଏବେ ବି ମୁଁ କହିବି ତାଙ୍କ ଗଭୀର ଅନ୍ତଃକରଣରେ କବିଟିଏ ଥିଲା, ଯିଏ ଜୀବନ ଓ ବିଶ୍ୱକୁ ଭଲ ପାଉଥିଲା । ସେ ନିଜେ ସ୍ୱର୍ଗୀୟ ସୁଷମାରେ ମଣ୍ଡିତ ଥିଲେ, ଶାନ୍ତିପ୍ରିୟ ଥିଲେ, ଦେବତ୍ୱର ସନ୍ଧାନୀ ଥିଲେ, ଚାହୁଁଥିଲେ ମାନବର ଉତ୍ତରଣ । ମୁଁ ତାଙ୍କର ଜୟଗାନ କରୁଛି ।

ନୂଆ କବିତା ବହିର ସଂଖ୍ୟା ସୀମିତ ଥିବା ବେଳେ ମୋର 'ରତ୍ନଦୀପର ମାଝି (୧୯୬୧)' ଛପାହୋଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଥିଲି । ବହିଟିର ଛପା ଖର୍ଚ୍ଚ ତୁଲେଇବାକୁ ମୁଁ ଦୁଇମାସ ଲାଇବ୍ରେରିରେ ଠିକା କାମ କରିଥିଲି, ଓଡ଼ିଆ ବହିଗୁଡ଼ିକର ନାମ-ନମ୍ବର ଲେଖି କାର୍ଡ଼ ପ୍ରସ୍ତୁତ କରିଥିଲି, ସେଥିପାଇଁ ମୋତେ ଲାଇବ୍ରେରି-ବିଜ୍ଞାନ ସମ୍ମତ ତାଲିମ ନେବାକୁ ହୋଇଥିଲା ଦୁଇ ସପ୍ତାହ । ବହି ଦାମ୍ ନିର୍ଣ୍ଣୟ କରିବାର ବିଜ୍ଞାନ ବା ସୂତ୍ର ମୋତେ ମାଲୁମ୍ ନ ଥିଲା । ବନ୍ଧେଇ ଓ ଦାମିକା କାଗଜରେ ଛାପା 'ରତ୍ନଦ୍ୱୀପର ମାଝି' ର ମୂଲ୍ୟ ରଖାଯାଇଥିଲା ମାତ୍ର ଦୁଇଟଙ୍କା । ବିକ୍ରେତାଙ୍କ କମିଶନ ବିଷୟରେ ମୋର ଧାରଣା ନ ଥିଲା ସେତେବେଳେ । ଭଲ ହେଉ କି ଖରାପ ଛାତ୍ର-ଜୀବନର ସେ କୃତିଟି ମୋ କବି ଜୀବନର ପ୍ରଥମ ପତାକା । ମୁଁ ଆଜୀବନ ତା' ସହିତ ବନ୍ଧା ହୋଇ ରହିଚି ।

ପୂର୍ବରୁ କହିଛି ରବୀନ୍ଦ୍ର ଶତବାର୍ଷିକୀ ଉତ୍ସବ ପାଳନ ପରେ ପରେ ମୁଁ ମୋ ଭିତରେ ଏକ ନବୀନ ଉତ୍ସାହ ଅନୁଭବ କରିଥିଲି । ମୋର ଲକ୍ଷ୍ୟଥିଲା– ରବୀନ୍ଦ୍ର ପ୍ରଭାବରୁ ନିଜର ସୃଷ୍ଟିକୁ ମୁକ୍ତ କରିବା । ସେ ଚେଷ୍ଟା ଜାରି ରହିଥିଲା ସେଇ ସମୟରୁ । 'ଝଙ୍କାର' ପୃଷ୍ଠାରେ 'ରତ୍ନଦ୍ୱୀପର ମାଝି'ର ଯେଉଁ ପୁସ୍ତକ ସମୀକ୍ଷା ପ୍ରକାଶ ପାଇଥିଲା ସେଥିରେ ଆଲୋଚକ ମହାଶୟ ରବୀନ୍ଦ୍ର ପ୍ରଭାବ କଥା ଉଲ୍ଲେଖ କରିଥିଲେ । ବିଶିଷ୍ଟ ଔପନ୍ୟାସିକ ଗୋପୀନାଥ ମହାନ୍ତି ବହିଟି ପଢ଼ି ମୋତେ ଯେଉଁ ଆବେଗଭରା ଚିଠିଟି ଲେଖିଥିଲେ ସେତେବେଳେ (ପରିଶିଷ୍ଟ ଦେଖନ୍ତୁ) ତହିଁରେ ମଧ୍ୟ ରବୀନ୍ଦ୍ର ପ୍ରଭାବ ବଷୟ ସୂଚାଇ ଥିଲେ । ତେଣୁ ମୁଁ ଆତ୍ମ-ସମୀକ୍ଷାରେ ଲାଗିପଡ଼ିଲି । କାରଣ ମୋର ଚେତନା ସେଇ ଆମ୍ରକୁଞ୍ଜରେ ଅଟକିଯାଉ ତା'ମୁଁ ଚାହୁଁ ନ ଥିଲି ଆଦୌ ।

ମନେ ଅଛି, ସମ୍ଭବତଃ ୧୯୬୨ ମସିହା ଏପ୍ରିଲ ହେବ, ବିଷୁବ ସଂକ୍ରାନ୍ତି ସରିଥାଏ, କଟକ ଆସିବା ସମ୍ଭବ ହୋଇ ନଥାଏ, କାରଣ ମୁଣ୍ଡ ଉପରେ ପରୀକ୍ଷାର ଖଣ୍ଡା ଝୁଲୁଥାଏ । ଏଇଭଳି ସମୟରେ ପ୍ରାୟ ଦିନ ବାରଟା ବେଳେ ଭୋଜନାଗାର ନିକଟରେ ଦେଖିଲି ଜଣେ ପର୍ଯ୍ୟଟକଙ୍କୁ । ଟାଣ ଖରା ହେଲେ ବି ତାଙ୍କ ହାତରେ ସଦ୍ୟ ପ୍ରକାଶିତ ଓଡ଼ିଆ ପତ୍ରିକାଟିଏ ଥାଏ । ସେଥିରୁ ଜାଣିନେଲି ଭଦ୍ରଲୋକ ଓଡ଼ିଶାରୁ ଆସିଛନ୍ତି ଓ ଜଣେ ସାହିତ୍ୟପ୍ରେମୀ ନିଶ୍ଚୟ । ମୁଁ ମୋ ତରଫରୁ ପ୍ରଶ୍ନ କରି ପରିଚୟ ପଚାରିଲି ।

Digitized by srujanika@gmail.com

ଜାଣିଲି ସେ ଅନ୍ୟ କେହି ନୁହନ୍ତି– ସ୍ୱୟଂ କବି ଦୁର୍ଗାଚରଣ ସାମନ୍ତ । ପୂର୍ବରୁ ତାଙ୍କର ଅନେକ କବିତା 'ଝଙ୍କାର' ରେ ଛପା ଯାଇଥିଲା, ସେ ନିଶ୍ଚୟ ଆମର ଅନ୍ୟତମ ପ୍ରିୟକବି ଦୁର୍ଗାଚରଣ ପରିଡ଼ାଙ୍କ ସମସାମୟିକ, ହୁଏତ ବୟସରେ ଟିକେ ବଡ଼ । ସେ ପ୍ରକୃତରେ ଶାନ୍ତିନିକେତନ ବୁଲି ଆସିଥିଲେ, ସେଇଦିନ ବାହୁଡ଼ିଯିବାର ଯୋଜନା କରି । ତାଙ୍କ ସହିତ ସାହିତ୍ୟାଲୋଚନା କରିବାର ତା'ଥିଲା ଏକ ବିରଳ ସୁଯୋଗ ।

ଦୁର୍ଗାଚରଣ ସାମନ୍ତ ପ୍ରକୃତପକ୍ଷେ ଥିଲେ ଟି.ଏସ୍. ଏଲିଏଟ୍‌ଙ୍କର ଜଣେ ପ୍ରଶଂସକ । ସେଇ ଧାରାରେ ସେ ଥିଲେ ଅନୁପ୍ରାଣିତ । ସେଦିନ ସେ ତାଙ୍କ ପସନ୍ଦ ଅପସନ୍ଦ ବ୍ୟକ୍ତ କରିଥିଲେ । ସେଥିରୁ ଜଣା ପଡ଼ିଥିଲା ଯେ ଓଡ଼ିଆ କବିତାର ତତ୍କାଳୀନ ଗତିପ୍ରକୃତି ଘେନି ସେ ଖୁସି ନ ଥିଲେ । ସେ ଚାହୁଁଥିଲେ ପରିବର୍ତ୍ତନ, ଏପରିକି ନିଜେ ଅନୁସରଣ କରିଥିବା ଧାରାର ପରିବର୍ତ୍ତନ । କିଛିଦିନ ଧରି ସେ କବିତା ଲେଖା ଛାଡ଼ି ଦେଇଥିଲେ । ମୁଁ ପଚାରିଥିଲି କ'ଣ କିଛି ନୂଆ ଯୋଜନା ? ସେ କହିଥିଲେ– ହଁ, ମୁଁ ଗୋଟିଏ ନୂଆ କବିତା ଲେଖୁଛି– ଯାହାର ଶୀର୍ଷକ ହେବ 'ଡି. ଲଳିତାରତ୍ନମ୍ ।'' ସେପରି ଏକ ଶିରୋନମା ମୋତେ ବିସ୍ମିତ କରିଥିଲା । କିନ୍ତୁ ତା'ଥିଲା ସମ୍ଭାବନାରେ ପରିପୂର୍ଣ୍ଣ । କାରଣ, ସେ ଅଳକା ସାନ୍ୟାଲ୍ ଭଳି ବଙ୍ଗୀୟ ବନ୍ଧନ (ଉଭୟ ସଚ୍ଚି ରାଉତରାୟ ଓ ଗୁରୁପ୍ରସାଦ ମହାନ୍ତିଙ୍କ ଅଳକା ସାନ୍ୟାଲ)ରୁ ଓଡ଼ିଆ କବିତାରୁ ମୁକ୍ତ କରିବାକୁ ପ୍ରୟାସୀ ଥିଲେ । ମୁଁ ପଚାରିଥିଲି– ''ଆପଣଙ୍କ ସେଇ କାବ୍ୟନାୟିକାଟି ମାଲୟାଲି ନା ତାମିଲ ?'' କବି ହସିଦେଇଥିଲେ । ସେଇ ପ୍ରତିଭାଶାଳୀ କବିଙ୍କ ସହିତ ତା' ଥିଲା ମୋର ଆକସ୍ମିକ ସାକ୍ଷାତ । ପରେ, ମୁଁ ଗବେଷକ ଥିଲାବେଳେ, ୧୯୬୫ରେ, ତାଙ୍କ ସହିତ ଆଉ ଥରେ ଦେଖା ହୋଇଥିଲା ସମ୍ବଲପୁର ସହରରେ । ସେ ସେଠି ଚାକିରି କରୁଥାନ୍ତି । କେଇଟି ସନ୍ଧ୍ୟା ତାଙ୍କ ସହିତ ମୋର କଟିଥିଲା ସେଠି । ବେଶ୍, ତା' ଥିଲା ଅନ୍ତିମ ସାକ୍ଷାତ । ମୁଁ ବଲାଙ୍ଗୀରରେ ଅଧ୍ୟାପକ ରୂପେ ଯୋଗ ଦେବା ପରେ ଯେତେବେଳେ ତାଙ୍କ ବିଷୟରେ ଖୋଜଖବର ନେବାକୁ ବାହାରିଲି, ସେତେବେଳେ ସେ ସମ୍ବଲପୁର ଛାଡ଼ି ସାରିଥିଲେ । କିନ୍ତୁ ପରେ ଶୁଣିଲି– ସେ ଖାଲି ସମ୍ବଲପୁର ନୁହଁ ଇହଜଗତରୁ ବିଦାୟ ନେଇ ସାରିଛନ୍ତି । ମୁଁ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କିଛି ପଚାରିବାର ଅବକାଶ ପାଇ ନ ଥିଲି । ଭାରି ଦୁଃଖ ଲାଗିଲା । ଏତିକି ଶୁଣିଥିଲି ସେ କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀ ଅଞ୍ଚଳର ଲୋକ । ଏ ଯାଏଁ ତାଙ୍କର ପ୍ରକାଶିତ କବିତାଗୁଡ଼ିକ ସଂକଳିତ ହୋଇନାହିଁ । ତାଙ୍କର ଆତ୍ମୀୟ ସ୍ୱଜନ କେହି ସେ ଦିଗରେ ଯତ୍ନବାନ ହୋଇ ନ ଥିବା ଦୁଃଖର କଥା । ସେଇ ଅମାୟିକ କବିଟି କଥା ମନେ ପଡ଼ିଲେ ଏବେ ବି ମୋ ଅନ୍ତର ବିଳାପ କରିଉଠେ ।*

*ଦେଖନ୍ତୁ - ପରିଶିଷ୍ଟ (ଖ) ଶ୍ରୀ ଅବକାଶ ଜେନାଙ୍କ ପତ୍ର

Digitized by srujanika@gmail.com

।। ଷୋହଳ ।।

ଓଡ଼ିଆ ସବୁଜ ସାହିତ୍ୟର ପ୍ରମୁଖ କବି ଅନ୍ନଦା ଶଙ୍କର ରାୟଙ୍କ କଥା ମୁଁ ନିଶ୍ଚୟ ପୂର୍ବରୁ ଉଲ୍ଲେଖ କରିଛି । ଆଇ.ସି.ଏସ୍. ଭଳି ଉଚ୍ଚ ମର୍ଯ୍ୟାଦାସଂପନ୍ନ ଚାକିରୀର ମୋହ ପରିତ୍ୟାଗ କରି ତତ୍‌କାଳୀନ ସାହିତ୍ୟ ଜଗତରେ ସେ ହୋଇ ଉଠିଥିଲେ ଏକ ଅନନ୍ୟ ଦୃଷ୍ଟାନ୍ତ । ତାଙ୍କର ପୈତୃକ ଘରଟି ଥିଲା ଓଡ଼ିଶାର ଢେଙ୍କାନାଳରେ । ସେଠାକୁ ଫେରିବା କଥା ସେ ଆଦୌ କଳ୍ପନାକୁ ଆଣୁ ନ ଥିଲେ । ଶାନ୍ତିନିକେତନରେ ଘରଟିଏ ଭଡ଼ା ନେଇ ରହୁଥିଲେ । ପାଖରେ ଥିଲେ ସ୍ତ୍ରୀ ଓ ଦୁଇଝିଅ । ଦୁଇ ପୁଅଙ୍କ ମଧ୍ୟରୁ ଜଣେ ଆମେରିକାରେ ଓ ଜଣେ ଇଂଲଣ୍ଡରେ କର୍ମରତ ଥିଲେ । ଝିଅ ଦୁହେଁ ପଢୁଥିଲେ ଶାନ୍ତିନିକେତନରେ । ପତ୍ନୀ ଲୀଳାରାୟ ଥିଲେ ପ୍ରକୃତରେ ଜଣେ ଆଦର୍ଶ କବି-ପତ୍ନୀ । ଆମେରିକାର ଝିଅ, କିନ୍ତୁ ଏତେ ଅମାୟିକ ଓ ନିରାଡ଼ମ୍ବର ଯେ ଜଣେ ସ୍ୱପ୍ନରେ ମଧ କଳ୍ପନା କରି ନ ଥିବ ଆମେରିକୀ ମହିଳା ଜଣେ ଏପରି ହୋଇ ପାରିବ ବୋଲି । ବାସ୍ତବିକ ସେ ଭାରତୀୟ ହୋଇଯାଇଥିଲେ । ଯଥାର୍ଥରେ ସେ ଥିଲେ ସ୍ୱାମୀଙ୍କ ସୃଜନକର୍ମର ମରମୀ ସହକର୍ମୀ । ପତ୍ର-ପତ୍ରିକାର ସଂପାଦକଙ୍କୁ, ପୁସ୍ତକର ପ୍ରକାଶକଙ୍କୁ ସେ ହିଁ ସ୍ୱାମୀଙ୍କ ତରଫରୁ ଚିଠିପତ୍ର ଲେଖୁଥିଲେ, ସ୍ୱାମୀଙ୍କ ଲେଖାଗୁଡ଼ିକୁ ଟାଇପ୍ କରୁଥିଲେ, ଗୃହର ଯାବତୀୟ କଥା ବୁଝୁଥିଲେ ଏବଂ ସୀମିତ ଆର୍ଥିକ ଅବସ୍ଥା ଭିତରେ କିପରି ସସମ୍ମାନେ ବଞ୍ଚିହେବ ଏବଂ ସ୍ୱାମୀଙ୍କ ଲେଖା ପଢ଼ା ବ୍ୟାହତ ହେବନି-ସେ ଦାୟିତ୍ୱ ନିଜେ ମୁଣ୍ଡେଇଥିଲେ । ବଙ୍ଗଳାର ଲେଖକମାନଙ୍କୁ ସେତେବେଳେ ରୟାଲ୍‌ଟି (ରାଜଭାଗ) ନିଶ୍ଚୟ ମିଳୁଥିଲା । ପତ୍ରପତ୍ରିକାମାନେ ମଧ ମାଗଣାରେ ଛାପୁ ନ ଥିଲେ, ପ୍ରକାଶିତ ଲେଖା ବାବଦ କିଛି ନା କିଛି ପଇସା ମିଳିବା ନିଶ୍ଚିତ ଥିଲା । କହିବା ବାହୁଲ୍ୟ-ଘର ଭଡ଼ା ନେଇ ସେଇ ନିୟମିତ ପ୍ରାପ୍ତ ରୟାଲଟି ଅର୍ଥରେ ହିଁ ଚଳୁଥିଲେ । କାରଣ ଚାକିରୀ ଛାଡ଼ିବା ବେଳେ ଏକାଠି ମିଳିଥିବା ମୋଟା ଧରଣର ପୁଞ୍ଜିକୁ ସେ ଦୁଇପୁଅଙ୍କ ଉଚ୍ଚଶିକ୍ଷା ବାବଦ ଖର୍ଚ୍ଚ କରିବାକୁ ପଛେଇ ନ ଥିଲେ । ସବୁଠୁ ଆନନ୍ଦର କଥା ସେପରି ଏକ ଅନିଶ୍ଚିତ ଆର୍ଥିକ ଜୀବନକୁ ଶ୍ରଦ୍ଧାରେ ସ୍ୱୀକୃତି ଦେଇଥିଲେ ବିଦୂଷୀ ଲୀଳା ରାୟ ।

ହଁ ସର୍ବତୋ ଭାବେ ଶ୍ରୀମତୀ ରାୟ ଥିଲେ ବିଦୂଷୀ । ମାତୃଭାଷା ବ୍ୟତୀତ ଫରାସୀ ଓ ଜର୍ମାନ ଭାଷାରେ ତାଙ୍କର ଗଭୀର ଅନୁପ୍ରବେଶ ଥିଲା । ଫରାସୀ ସାହିତ୍ୟର ତତ୍‌କାଳୀନ ଗତି-ବିଧି ସହିତ ସେ ସଂପର୍କ ରଖିଥିଲେ, ନିୟମିତ ଭାବେ ଚଳନ୍ତି ପତ୍ରିକା ପଢୁଥିଲେ ।

Digitized by srujanika@gmail.com

ସ୍ନେହବଶତଃ, ମୁଁ ଫରାସୀ ଭାଷା ପଢ଼ୁଚି ଜାଣିବା ପରେ ମୋତେ ସେ କେତେଗୁଡ଼ିଏ ଫରାସୀ ଭାଷାର ପତ୍ରିକା ଉପହାର ମଧ ଦେଇଥିଲେ । ସ୍ୱାମୀଙ୍କ ଲେଖାର ଭାଷା ବଙ୍ଗଳା ସେ ଶିଖିଯାଇଥିଲେ ଭଲକରି । କିନ୍ତୁ ଓଡ଼ିଆ ଯାହା ଜାଣିଥିଲେ ତା' ଉଲ୍ଲେଖଯୋଗ୍ୟ ନୁହଁ । ତା'ର କାରଣ ମଧ ବୁଝି ହେଉଥିଲା । ଅନ୍ନଦା ଶଙ୍କର ବିବାହ କରି ଆମେରିକାରୁ ଫେରିବା ପରେ ଓଡ଼ିଆ ଲେଖା ଓ ଓଡ଼ିଶା ରାଜ୍ୟ ଛାଡ଼ି ଦେଇଥିଲେ । ତଥାପି, ଲୀଳା ରାୟ ଆମ ଭାଷା ବୁଝିପାରୁଥିଲେ, ସେଥିରେ କିଛି ଅସୁବିଧା ନ ଥିଲା, ଓଡ଼ିଆ ବାକ୍ୟ ସଜେଇ କହିପାରୁ ନ ଥିଲେ । ତାଙ୍କ ଉଚ୍ଚାରଣ ସ୍ପଷ୍ଟ ନ ଥିଲା, ତ ଟ ହୋଇ ଯାଉଥିଲା, ସେ 'ତୁମେ' କହିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ଆମକୁ ଶୁଣାଯାଉଥିଲା ସତେଯେମିତି ମାଡାମ୍ 'ଟୁମେ' କହୁଛନ୍ତି ।

ଶାନ୍ତିନିକେତନରେ ରହୁଥିଲେ ବୋଲି ଅନ୍ନଦା ଶଙ୍କର ଏବଂ ତଦୀୟ ପତ୍ନୀ ଲୀଳା ରାୟ କଣିକିଆ ହୋଇ ଯାଇ ନ ଥିଲେ । ସମସ୍ତ ବଙ୍ଗଭାଷୀ ଅଞ୍ଚଳରେ ତାଙ୍କର ସମ୍ମାନ ଓ ଆଦର ଥିଲା ଅବ୍ୟାହତ । ଲୀଳା ରାୟ ଥିଲେ ଜଣେ ବିଶିଷ୍ଟ ଅନୁବାଦିକା । ବଙ୍ଗଳାରୁ ଇଂରେଜୀକୁ ସେ ଅନେକ ଲେଖା ଅନୁବାଦ କରିଛନ୍ତି । କୁଞ୍ଜବିହାରୀ ଓ ଗୋଦାବରୀଶ ମହାପାତ୍ରଙ୍କର କେଇଟି କାଳଜୟୀ କବିତାର ଅନୁବାଦ ସେ କରିଥିବା ମୋତେ ଜଣାଅଛି । ଯାହା ପ୍ରମାଣ କରେ ଯେ ଓଡ଼ିଆ ସାହିତ୍ୟ ସହିତ ତାଙ୍କର ସମ୍ପର୍କ ଛିନ୍ନ ହୋଇ ନ ଥିଲା । ସ୍ୱାମୀଙ୍କ ଆଦ୍ୟକାଳର ସୃଷ୍ଟି ସମୂହକୁ ମଧ ସେ ଗୁରୁତ୍ୱ ଦେଉଥିଲେ । ତାଙ୍କରି ପ୍ରେରଣାରେ ୧୯୬୦ ମସିହାରେ ଓଡ଼ିଆ ଛାତ୍ର-ଛାତ୍ରୀଙ୍କ ସହଯୋଗ କ୍ରମେ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶିତ ଅନ୍ନଦାଙ୍କ ଲେଖାଗୁଡ଼ିକୁ ଏକାଠି ସଂକଳନ କରିବାର ଉଦ୍ୟମ ହେଲା ଏବଂ ପରେ ପରେ 'ସବୁଜ ଅକ୍ଷର' ଆଲୋକକୁ ଆସିଥିଲା । ଲେଖାର ସଂଗ୍ରହ ଓ ପ୍ରସ୍ତୁତିରେ ବାସ୍ତବରେ ନେତୃତ୍ୱ ନେଇଥିଲେ ତତ୍‌କାଳର ବରିଷ୍ଠ ଛାତ୍ର ଭାବଗ୍ରାହୀ ମିଶ୍ର । ମୋତେ ଯେଉଁ ଯେଉଁ ଲେଖାର ପ୍ରତିଲିପି ପ୍ରସ୍ତୁତ କରିବାକୁ ସେ ଅନୁରୋଧ କରିଥିଲେ ମୁଁ ସେସବୁ ଶ୍ରଦ୍ଧାର ସହିତ ସଂପାଦନ କରିଥିଲି । ବିଳମ୍ବ ହେଲେ ମଧ ବହିଟିର ପ୍ରସ୍ତୁତିକୁ ଆମେ ସମସ୍ତେ ଏକ ଜାତୀୟ କାର୍ଯ୍ୟରୂପେ ଗ୍ରହଣ କରିନେଇଥିଲୁ ।

ସୁଖର କଥା ଓ ଗର୍ବର ବିଷୟ ଏହି ଯେ ପରବର୍ତ୍ତୀ କାଳରେ ଶ୍ରୀମତୀ ଲୀଳା ରାୟ 'ଆନ୍ତର୍ଜାତିକ ଅନୁବାଦ ପରିଷଦ'ର ଅନ୍ୟତମ ସଦସ୍ୟ ରୂପେ ମନୋନୀତ ହେଲେ, ଯାହାର ମୁଖ୍ୟ ଦପ୍ତର ଥିଲା ଫ୍ରାନ୍ସର ପ୍ୟାରିସ ନଗରୀରେ ।

ଅନ୍ନଦାଶଙ୍କର ଥିଲେ ଜଣେ ବୌଦ୍ଧିକ ପୁରୁଷ । ନିର୍ଭୀକ ମଧ । ନିଜକୁ ସେ ଛୋଟ ମନେ କରୁ ନ ଥିଲେ, ଯଦିଓ ବସବାସ କରୁଥିଲେ ରବୀନ୍ଦ୍ର ନାଥଙ୍କ ଛାୟା ସ୍ନିଗ୍ଧ ବାତାବରଣରେ । ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ଦିଗରେ ସେ ଥିଲେ ଯତ୍ନବାନ ଓ ଉଚ୍ଚାଭିଳାଷୀ ।

Digitized by srujanika@gmail.com

'ଗେଟେ, ରବୀନ୍ଦ୍ରନାଥ ଓ ଆମି' (ଗେଟେ, ରବୀନ୍ଦ୍ର ନାଥ ଓ ମୁଁ) ଶୀର୍ଷକ ତାଙ୍କର ପ୍ରବନ୍ଧଟିରେ ସେଇ ଉଚ୍ଚସ୍ୱରର ଝଲକ ରହିଛି । ମହାକବିଙ୍କ ସହିତ ସମାସୀନ ହେବାର ଅଭିଳାଷ ଦୋଷାବହ ନୁହଁ, ଯଦିଓ ଅନେକ ସମାଲୋଚକ କଥାଟାକୁ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ । ମନେ କରନ୍ତି ଏହା କବି-ବ୍ୟକ୍ତିଟିର ଆତ୍ମ-ବଡ଼ିମା ବା ଅହଙ୍କାର । ଯେଉଁଥି ପାଇଁ ସେ ନିନ୍ଦିତ ହୁଏ । ପ୍ରବନ୍ଧଟିର ଶୀର୍ଷକ ପାଇଁ ଅନ୍ନଦା ଶଙ୍କରଙ୍କ ଉପରେ ଅନେକ ଅନେକ ରବୀନ୍ଦ୍ର-ସ୍ତାବକ କୋପିତ ହୋଇଥିଲେ- 'ବଚ୍ଚାଟା କି ବଲ୍‌ତେ ଚାୟ ! କତ ସାହସ !' ଅର୍ଥାତ-''ପିଲାଟା (ଛୋଟ ପିଲାଟା ଅନେ) କ'ଣ କହିବାକୁ ଚାହେଁ । ତା' ସାହସ ଦେଖ !'' ଆଉକେହି ଜଣେ ରବୀନ୍ଦ୍ରନାଥଙ୍କ ସଦୃଶ ହେବ ସେଭଳି ଭାବନା ବଙ୍ଗୀୟଙ୍କ ପକ୍ଷରେ ସେତେବେଳେ ଥିଲା ସୁଦୂର ପରାହତ । ଅବଶ୍ୟ, ପ୍ରବନ୍ଧଟିରେ କିଛି ଅ-ତଥ୍ୟ କିମ୍ବା ଅ-କଥା ନ ଥିଲା । ସେଥିରେ ଭରି ରହିଥିଲା ବିଦ୍‌ବତ୍ତା, ଆଶା ଓ ସ୍ୱପ୍ନ, ଅପର ପ୍ରତି ସମ୍ମାନବୋଧ ଏବଂ ଲେଖକଙ୍କ ସ୍ୱକୀୟ ଆତ୍ମ-ବିଶ୍ୱାସ ।

ପ୍ରକୃତରେ ଆତ୍ମ- ବିଶ୍ୱାସ ଓ ବୌଦ୍ଧିକ ଆଗ୍ରହ ଏ ଦୁଇଟି ଥିଲା ଅନ୍ନଦାଶଙ୍କରଙ୍କ ସାହିତ୍ୟିକ ଜୀବନର ବଡ଼ କଥା, ନହେଲେ ରବୀନ୍ଦ୍ରଯୁଗରେ ଓ ରବୀନ୍ଦ୍ର ପରବର୍ତ୍ତୀ ଢେଉଢେଉକାରେ ସେ ଆଦୌ ତିଷ୍ଠି ପାରି ନ ଥାନ୍ତେ ।

ମୁଁ ଶାନ୍ତିନିକେତନ ଯିବା ଆଗରୁ ବଙ୍ଗଳା ଲିପି ସହିତ ପରିଚିତ ଥିଲି । କାରଣ ଆମ ଘରେ କେଇଖଣ୍ଡ ବଙ୍ଗଳା ବହି ମୁଁ ପିଲାଦିନେ ଠାବ କରିଥିଲି । ଶାନ୍ତିନିକେତନରେ ରହିବା ପରେ ପରେ ଭୁଲି ଯାଇଥିବା ଅକ୍ଷରଗୁଡ଼ିକ ପୁଣି ଆପେ ଆପେ ମଡ଼େଇ ହୋଇଗଲା । କିନ୍ତୁ ବଙ୍ଗଳାର ଉପନ୍ୟାସ-ପଢ଼ି ତା'ର ମଜା ନେବା ମୋ' ପକ୍ଷରେ ସମ୍ଭବ ନ ଥିଲା । ପ୍ରତ୍ୟେକ ସାହିତ୍ୟରେ ଗୋଟାଏ 'ମଜା' ଅନ୍ତର୍ନିହିତ ଥାଏ, ଯାହା ସେଇ ଭାଷାର ପାଠକଙ୍କୁ ମୁଗ୍ଧ କରି ରଖେ ଓ ସେଇ ଧାରାଟିକୁ ସମୃଦ୍ଧ କରେ । ଶରତ ଚନ୍ଦ୍ରଙ୍କ ଉପନ୍ୟାସରେ ସେଇପରି ଗୋଟିଏ ସ୍ୱତନ୍ତ୍ର ମଜା ଥିଲା । ଯାହା ମୁଁ ପାଇ ନ ଥିଲି । ସେଇ କାରଣରୁ ମୁଁ ବଙ୍ଗଳା ଉପନ୍ୟାସ ପାଖ ମାଡ଼ି ନ ଥିଲି । କାହିଁକି କେଜାଣି ହିନ୍ଦୀ ଉପନ୍ୟାସ ମୋତେ ଆକୃଷ୍ଟ କରିଥିଲା, ସମ୍ଭବତଃ ମୋର ଅଣ ଓଡ଼ିଆ ଉପନ୍ୟାସ ପଢ଼ା ପ୍ରେମଚାନ୍ଦଙ୍କ 'ଗୋଦାନ' ପାଖରୁ ଆରମ୍ଭ ହୋଇଥିଲା ବୋଲି କି କ'ଣ । ତା' ପୁଣି ଅନୁବାଦରେ, ସେଥିପାଇଁ ସେହି ବିଶିଷ୍ଟ ଭାଷାବିତ୍ ସ୍ୱର୍ଗତଃ ଗୋଲୋକ ବିହାରୀ ଧଳଙ୍କୁ ଧନ୍ୟବାଦ ଦେବି । କେତେ ସୁନ୍ଦର, ସ୍ୱଚ୍ଛ ଓ ସାବଲୀଳ ଭାବେ ସେ ଓଡ଼ିଆ ଭାଷାନ୍ତର କରି ପାରୁଥିଲେ । ବହିଟା ମୂଳ ଓଡ଼ିଆରେ ଲେଖା ହେଲା ଭଳି ଲାଗୁଥିଲା ।

ତାଛଡ଼ା ବଙ୍ଗଳା ଉପନ୍ୟାସରେ। ସେତେବେଳେ ଯେଉଁ ଜୀବନ ଓ ଘଟଣା ସମୂହ ବର୍ଣ୍ଣିତ ହେଉଥିଲା ସବୁଥିଲା ସମ୍ଭ୍ରାନ୍ତ ପରିବାରର କାହାଣୀ । ପିଲାଦିନେ ଆମେ ସବୁ

Digitized by srujanika@gmail.com

ଓଡ଼ିଶାରେ ସେପରି କୌଣସି ସମ୍ଭ୍ରାନ୍ତ-ସଂସ୍କୃତିର ଧାରଣା କରି ନ ଥିଲୁ । ତେଣୁ ଭିତରେ ପଶି ହେଉ ନ ଥିଲା । ଗୋଟିଏ କଥାରେ କହିଲେ-କଲିକତି ଉପନ୍ୟାସରେ ବର୍ଣ୍ଣିତ ବ୍ୟଥା ସହିତ ଆମ ଓଡ଼ିଆ ଘରର ବ୍ୟଥାର କିଛି ମେଳ ନ ଥିଲା । 'ଦେବଦାସ' କିମ୍ବା 'ଶ୍ରୀକାନ୍ତ' କିମ୍ବା 'ଚରିତ୍ରହୀନ'କୁ କାହିଁକି ଓଡ଼ିଆ ପାଠକମାନେ ମଧ ବହୁତ ଭଲ କହି କିଣୁଥିଲେ ପଢୁଥିଲେ ତା' ମୁଁ ବୁଝିପାରୁ ନ ଥିଲି । ତା'ର ଏକମାତ୍ର କାରଣ ମୁଁ ଗୋଟିଏ ଅଧମ ଥିଲି ଓ ସେସବୁର ମଜା ନେବାକୁ ଅକ୍ଷମ ଥିଲି । ଏମିତିକି ଅନ୍ନଦା ଶଙ୍କରଙ୍କ ବହୁଚର୍ଚ୍ଚିତ କଥା ସୃଷ୍ଟି ମଧ୍ୟରୁ ମୁଁ କେବଳ 'ଆଗୁନ୍ ନିଏ ଖେଲା' ଟି ପଲ୍ଲବଗ୍ରାହୀ ଢ଼ଙ୍ଗରେ ପଢ଼ିଥିଲି, ଆଉ କିଛି ନୁହଁ । ପକ୍ଷାନ୍ତରେ ତାଙ୍କ ରଚିତ ଓଡ଼ିଆ କବିତା ଓ ବଙ୍ଗଳା ଦ୍ୱି-ପଦୀ (ଛଡ଼ା) ର ମୁଁ ଥିଲି ଜଣେ ମରମୀ ପାଠକ । ଶେଷଯାଏଁ ତାଙ୍କ ଭିତରର କବି-ପୁରୁଷଟି ମୋ' ଆଗରେ ବଡ଼ ହୋଇ ରହିଥିଲା ।

ଅନ୍ନଦାଶଙ୍କର ଥିଲେ ପ୍ରକୃତରେ ପତଳା ମଣିଷ, ପ୍ରତ୍ୟହ ଚାଲୁଥିଲେ ଏବଂ ସନ୍ଧ୍ୟାରେ ଲନ୍ ଟେନିସ୍ ଖେଳୁଥିଲେ । ଉତ୍ତରାୟଣରେ ଥିଲା ହାର୍ଡ଼କୋର୍ଟ୍‌ଟିଏ, ସେଇଠି ଶୀତଦିନେ ଟେନିସ୍ ପଡୁଥିଲା । ଦିନେ ଦିନେ ଗୋପୀନାଥ ପଟ୍ଟନାୟକ ତାଙ୍କ ସହିତ ଖେଳୁଥିଲେ । ସ୍ୱର୍ଗତଃ ଗୋପୀନାଥ ବାବୁ ଥିଲେ ଖେଳରେ ଦକ୍ଷ, ଆସାନ୍‌ସୋଲ୍‌ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ବର୍ଷେ ସେ ଚମ୍ପିୟାନ ହୋଇଥିବା ମୋର ମନେ ଅଛି । ସେମାନେ ସବୁ ଥିଲେ ବରିଷ୍ଠ, ତାଙ୍କ ସହିତ ମୁଁ ଖେଳିବାକୁ ସୁଯୋଗ ପାଉ ନ ଥିଲି, ଠିଆ ହୋଇ ଦେଖୁଥିଲି । ଥରେ, ଅଧେ ଲୋକ ଅଭାବ ଥିଲେ ନିଜେ ଅନ୍ନଦା ଶଙ୍କର ମୋତେ ଡାକଟେ ଦେଉଥିଲେ । ସେମିତି ଘଟିଥିଲା କେଇଥର । ସେ ମୁହୂର୍ତ୍ତଗୁଡ଼ିକୁ ପାସୋରି ହେବନି ।

ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଅମଳରୁ ଅନ୍ନଦାଶଙ୍କର ଥିଲେ ଆମ ଓଡ଼ିଆ ବିଭାଗର ପରମ ଆଦରଣୀୟ ଓ ଶୁଭାକାଂକ୍ଷୀ । ଆମେ ତାଙ୍କ ନିକଟକୁ ନିୟମିତ ସାକ୍ଷାତ-ଆଲୋଚନା ପାଇଁ ଯାଉଥିଲୁ । ସଦ୍‌ଭାବ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା । ମୋର ଛାତ୍ର-ଜୀବନର ଅନ୍ତିମ ବର୍ଷ ୧୯୬୩ ମାର୍ଚ୍ଚ ମାସରେ ସିଂହସଦନରେ ଛାତ୍ର ପରିଷଦ ତରଫରୁ ଗୋଟିଏ ସର୍ବ-ଭାଷା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ଅନ୍ନଦା ଶଙ୍କର ରାୟ ସେଇ ବିଶିଷ୍ଟ ଉତ୍ସବଟିରେ ପୌରୋହିତ୍ୟ କରିଥିଲେ । ସେଇ ପାଠୋତ୍ସବରେ ମୁଁ ''ଚା' କପ୍'' କବିତାଟି ପଢ଼ିଥିଲି, ଯାର ବଙ୍ଗାନୁବାଦ ପାଠ କରିଥିଲେ ବନ୍ଧୁ ନିର୍ମଳ ମାଳାକାର । ତା' ଥିଲା ଏକ ଛନ୍ଦୋବଦ୍ଧ କବିତା, ଯାହାର ଆରମ୍ଭଟି ଥିଲା ଏଇପରି: ଯଥା- ''ଚା' କପେ ମୋର ମହୁଆ ଭରିଛି ମହୁଆରେ/ଶୂନ୍ୟ ଜୀବନେ ସେଇ ଏକା ମୋର ସଜନୀଆ... ଓଠଟି ମୋଅର ମନ ଓ କାୟାର ପ୍ରତିନିଧି/ ସଫଳ ତା' ଲାଗି ତିକ୍ତ ଦିବସ ରଜନୀଆ...

Digitized by srujanika@gmail.com

ଜଣେ ବନ୍ଧୁ ପଚାରିଥିଲେ 'ରଜନୀଆ' କ'ଣ, ଏହା ତ ଓଡ଼ିଆ ନୁହଁ । ମୁଁ କହିଥିଲି-'ଜାଣିଚି, କିନ୍ତୁ ଉପାୟ ନ ଥିଲା... ଭାବଟି ସହିତ ଛନ୍ଦଟିକୁ ମିଳେଇବା ପାଇଁ ସେପରି କରିଛି । ବୁଝି ତ ହେଉଛି ।'

. ୧୯୬୨ ଜୁଲାଇରେ ଜଣେ ଉତ୍ସାହୀ ଯୁବକବି ବିଶ୍ୱଭାରତୀରେ ନାଁ ଲେଖେଇଲେ । ପୂର୍ବରୁ ସେ ପଢୁଥିଲେ 'ଯାଦବପୁର'ରେ । କୌଣସି କାରଣରୁ ସେଠାଛାଡ଼ି ଶାନ୍ତିନିକେତନକୁ ଅସିଥିଲେ ସେ । କାରଣଟା ମୁଁ ପଚାରି ନ ଥିଲି, ଯଦିଓ ଜାଣି ପାରିଥିଲି ଯେ ଡିଗ୍ରୀଟେ ହାସଲ କରିବା ବନ୍ଧୁଙ୍କର ଉଦ୍ଦେଶ୍ୟ ନୁହଁ । ନିଜ କବିତାକୁ ରୁଦ୍ଧିମନ୍ତ କରିବା ତାଙ୍କର ଲକ୍ଷ୍ୟ । ଯାଦବପୁରର ବାତାବରଣ ତାଙ୍କୁ ସୁହେଇ ନ ଥିଲା । ଶାନ୍ତିନିକତେନରୁ ସେ ଗୋଟିଏ ସମାୟିକ ପତ୍ରିକା କାଢ଼ିଲେ, ନାଁ 'ସ୍ୱକାଳ' । ପତ୍ରିକାର ପ୍ରଥମ ସଂଖ୍ୟାରେ ମୋର 'ରତ୍ନଦ୍ୱୀପର ମାଝି'ର ଗୋଟିଏ ବିଜ୍ଞାପନ ଇଂରେଜୀ ହରଫରେ ଛପା ଯାଇଥିଲା ।

ଦ୍ୱିତୀୟ ସଂଖ୍ୟା ପାଇଁ ସେ ଅନ୍ନାଦାଶଙ୍କରଙ୍କର ଲେଖାଟିଏ ପତ୍ରିକାରେ ଛାପିବାକୁ ମନ କଲେ । ମୋତେ କହିଲେ-'ଚାଲନ୍ତୁ ଯିବା, ଲେଖାଟେ ପାଇଁ ଅନୁରୋଧ କରି ଆସିବା ।' ତାହା ହିଁ ହେଲା । ଶ୍ରୀମତୀ ରାୟ ପ୍ରତିଶ୍ରୁତି ଦେଲେ- 'ଚେଷ୍ଟା କରିବି, କିଛିଦିନ ଛାଡ଼ି ଆସ ।' ସେ ତାଙ୍କର କଥା ରଖି କିଛି ଦିନ ପରେ ବନ୍ଧୁଙ୍କୁ 'ସ୍ୱକାଳ'ରେ ପ୍ରକାଶ ପାଇଁ ଚୋଟିଏ 'ଛଡ଼ା' (ଦ୍ୱି-ପଦୀ) ଦେଲେ । ବନ୍ଧୁ ଖୁସି । କିନ୍ତୁ ସେଥିପାଇଁ ଶ୍ରୀମତୀ ରାୟ କୋଡ଼ିଏ ଟଙ୍କା ଦେବାକୁ କହିଲେ । ଅନ୍ନଦାଶଙ୍କରଙ୍କ 'ଛଡ଼ା' ଛାପିବ, ବିନା ପଇସାରେ, ଏପରି କଳ୍ପନା ଥିଲା ଅବାନ୍ତର । ତରୁଣ ସମ୍ପାଦକଙ୍କ ନିମନ୍ତେ ସେ କନ୍‌ସେସନ୍ ଦେଇଥିଲେ, ନ ହେଲେ ଚାଳିଶ ଟଙ୍କା ଦେବାକୁ ହୋଇଥାନ୍ତା । ଜଣେ ଉତ୍ସାହୀ ଯୁବ ସମ୍ପାଦକଙ୍କ ପକ୍ଷରେ ସେତେବେଳେ 'କୋଡ଼ିଏ ଟଙ୍କା'ର ମୂଲ୍ୟ କମ୍ ନ ଥିଲା । ଶ୍ରୀମତୀ ରାୟ ସହାସ୍ୟ ବଦନରେ କହିଥିଲେ- 'ଆରେ ବାବୁ ମନ ଖରାପ କରୁଚ କାହିଁକି ? ଦ୍ୱି-ପଦୀ ସବୁବେଳେ ବାହାରେ ନା (ସୃଷ୍ଟି ହୁଏନା), ମାସକରେ ଗୋଟାଏ କି ଦୁଇଟି । କେଉଁ କେଉଁ ମାସ ସେଇମିତି ଚାଲିଯାଏ । ତେଣୁ ବିରଳ ସୃଷ୍ଟିଗୁଡ଼ିକ ପାଇଁ ଦାମ୍ ନଦେଲେ ତୁମ କବିଟି ଚଳିବ କିପରି ?' ମୁଁ ଚୁପ୍‌ଚାପ୍ ଶୁଣୁଥିଲି । ସେ ପୁଣି କହିଥିଲେ– ''ତୁମେମାନେ ତ ଲେଖାଲେଖି କରୁଛ, ବହୁତ ଭଲ । କିନ୍ତୁ ପ୍ରତ୍ୟେକ ଲେଖା ନିମନ୍ତେ ପାରିତୋଷିକ ଦାବି କର । ନହେଲେ କେହି ତୁମକୁ ଯାଚି ଦେବେ ନାହିଁ ।'' ସେ ଯାହା ସେଦିନ କହିଥିଲେ ତା' ଖାଣ୍ଟି ସତ । କିନ୍ତୁ ପାରିତୋଷିକ ଆମେ ଦାବି କରୁନୁ । ତେଣୁ କୌଣସି ପତ୍ରିକାଦାର ଲେଖକଙ୍କୁ ଓଡ଼ିଶାରେ କିଛି ଦେବା କଥା ଚିନ୍ତା କରନ୍ତି ନାହିଁ । ଲେଖକମାନେ ଏଠି ଲେଖି ଲେଖି ବୁଢ଼ା-ହଡ଼ା ହୋଇଯା'ନ୍ତି,

Digitized by srujanika@gmail.com

କେହି କେହି ପୁରସ୍କାର ପାଆନ୍ତି, ସମ୍ମାନିତ ହୁଅନ୍ତି, ଫୁଲମାଳ ପିନ୍ଧନ୍ତି । ତା' ସତ୍ତ୍ୱେ ବଡ଼ ବଡ଼ ପତ୍ରିକା-ସଂସ୍ଥାନ ମଧ୍ୟ ଲେଖକଙ୍କୁ କିଛି ବୋଲି କିଛି ଦିଅନ୍ତିନି ଓଡ଼ିଶାରେ ।

'ସ୍ୱକାଳ'ର ଯୁବ ସମ୍ପାଦକଙ୍କୁ ମୁଁ ଡାକୁଥିଲି (ଛଦ୍ମ) ଦୀପେନ୍ । ସେ ଜଣେ ତୀକ୍ଷ୍ଣଧୀସଂପନ୍ନ କବିଥିଲେ, ତାଙ୍କ ସହ ମିଳାମିଶା ଓ କବିତା-ଚର୍ଚ୍ଚା ମୋତେ ଭଲ ଲାଗୁଥିଲା । ସେତେବେଳେ ଶାନ୍ତିନିକେତନରେ ଛାତ୍ର-ତଥା-ଅଧ୍ୟାପକ ଗବେଷକ ସ୍ତରରେ ଯେଉଁ କେତେଜଣ ଯୁବକବିଥିଲେ ସେମାନେ କେହି ଦୀପେନ୍‌ର କବିତାକୁ ପସନ୍ଦ କରୁ ନ ଥିଲେ । ମୋ' ବ୍ୟତୀତ ସେ ଆଉ କାହା ସହିତ ମନଖୋଲା ଆଲୋଚନା କରିପାରୁ ନ ଥିଲା । ତେଣୁ ଅଳ୍ପଦିନ ମଧ୍ୟରେ ଆମେ ଦୁହେଁ ଏକ 'ସମକାଳୀନ' କବିତାଚକ୍ର କରିବାକୁ ମନସ୍ଥ କରିଥିଲୁ । ତା' ସାକାର ହୋଇ ପାରିଲାନି କେତେକ ଅନିବାର୍ଯ୍ୟ କାରଣରୁ । କୁହାଯାଇପାରେ ସହଯୋଗୀଙ୍କ ଅଭାବରୁ, ବା ଅନ୍ୟ ଯୁବକବିଙ୍କଠାରେ ସମମନସ୍କତା ନମିଳିବାରୁ ।

ଅନେକ ସମୟରେ ଆମ୍ରକୁଂଜରେ ଅଥବା ' ବକୁଳବୀଥି'ରେ, କେବେ କେବେ ଉତ୍ତରାୟଣର ଲତା-ପତ୍ରଅନ୍ତରାଳରେ ଆମେ ପରସ୍ପରକୁ ନିଜ ନିଜର ସଦ୍ୟସୃଷ୍ଟି ଗୁଡ଼ିକ ଶୁଣାଇ ଉପଭୋଗ କରୁ । ଥରେ ଥରେ ଆମ ଗହଣକୁ ଚାଲିଆସନ୍ତି କେହି କେହି କବିତାପ୍ରେମୀ ପୁଅ ଝିଅ । ପୁଅମାନେ କବିତା ଶୁଣି ଲାଜେଇ ଯା'ନ୍ତି, ଝିଅଙ୍କ ଆଖିଗୁଡ଼ାକ ବିସ୍ଫାରିତ ହୋଇଯାଏ । ଯେହେତୁ କବିତାର ଚେହେରାଟା ତାଙ୍କୁ କେମିତି ଅଡୁଆ ଅଡୁଆ ଲାଗେ । କବିତା କ'ଣ ଏମିତି ହୋଇପାରେ ! ସେମାନେ ଆଶ୍ଚର୍ଯ୍ୟ ଖାଲି ହୁଅନ୍ତି ନାହିଁ, ଆତଙ୍କିତ ହୋଇଯାନ୍ତି । କାରଣ ସେସବୁ କବିତାରେ ଯାହା ବର୍ଣ୍ଣିତ ହୋଇଥାଏ ତାହାମାନବଜୀବନରେ ଅବଶ୍ୟ ଘଟେ, ସତ୍ୟ ବି, କିନ୍ତୁ କବିତାରେ ତା' କିପରି ? ଭାବି ପାରୁ ନ ଥିଲେ ସେମାନେ ।

ପ୍ରକୃତରେ ଦୀପେନ୍ ଭିତରେ ମୁଁ ଗୋଟିଏ ସାଙ୍ଗ ପାଇଯାଇଥିଲି, ଯାହା ସହିତ ମନଖୁସି ମନଖୋଲା ପ୍ରାଣ ଖୋଲା କବିତା କରିହେଉଥିଲା ଖୋଲା ଖୋଲା ଶବ୍ଦରେ, ଯେଉଁଗୁଡ଼ାକୁ ଓଡ଼ିଆ ପତ୍ରିକା ପ୍ରକାଶ କରିବାକୁ କୁଣ୍ଠିତ ଥିଲେ । ସେସବୁ କବିତାରେ ଥିଲା ଯୁବମାନସର ବିସ୍ଫୋରଣ, କିଛିଟା କ୍ରୋଧ ଓ ନିଜର ନିର୍ବୋଧତା-ପ୍ରତି ପ୍ରାଣଖୋଲା ପରିହାସ । ସେଇ ଭାବର କ୍ରମ ଉତ୍ତରଣରୁ ଜନ୍ମ ନେଇଚି-'ବସନ୍ତର ସ୍କେଚ୍', ଯାହା କଲିକତାରୁ ପ୍ରକାଶ ପାଇଥିଲା 'ସମାବେଶ' ପତ୍ରିକାରେ, ଧାରାବାହିକ ରୂପେ । ଛାପା ହେଲା ପ୍ରାୟ ସୃଷ୍ଟିର ଏକ ବର୍ଷ ପରେ ୧୯୬୪ରେ । କେବଳ ସ୍ୱର୍ଗତଃ ଜଗଦୀଶ ପାଣିଙ୍କ ଭଳି ଜଣେ ନବଚେତନାର ରସିକ-ପୁରୁଷ ତା'ର ସଂପାଦକ ଥିଲେ ବୋଲି ତା' ସମ୍ଭବ ହୋଇଥିଲା ।

Digitized by srujanika@gmail.com

କବିତା ସୃଷ୍ଟିର ସେଇ ଦୁର୍ଲଭ ସମୟ ଆଉ ଫେରିଲା ନାହିଁ । ମୁଁ ମଧ୍ୟ ଆଉ ସେମିତି ଲେଖିପାରିଲି ନାହିଁ । ଓଡ଼ିଶାର କାବ୍ୟିକ ବାତାବରଣ ସେ ପ୍ରକାର ଭାବ-ଚେତନାର ଉଦ୍‌ଘୋଷ ପ୍ରତି ସମ୍ବେଦନଶୀଳ ନ ଥିଲା । ସମସ୍ତେ ଭିନ୍ନ ସ୍ୱାଦର କବିତାରେମାତିଥିଲେ, ଯଦିଓ ଦିଗେ ଦିଗେ ‘ଦୁର୍ବୋଧ୍ୟ ବୋଲି ହୁରି ·ପଡୁଥିଲା ସେତେବେଳେ । କାହାକୁ କହିବା, ସ୍ୱୟଂ ସଚ୍ଚିରାଉତରାୟ ‘ସ୍ୱଗତ’ ପ୍ରକାଶ କରି ସେଇ ଧାରାର ନେତୃତ୍ୱ ନେଇଥିଲେ । ମୁଁ ତା’ର ପ୍ରତିକ୍ରିୟାରେ ଏକଦା ‘ଅମୁହାଁଦେଉଳ’ ନାଁରେ କ୍ଷୁଦ୍ର କବିତାଟିଏ ଲେଖିଥିଲି ଯାହା ‘ସପ୍ତପର୍ଣ୍ଣୀ’ (ହାତଲେଖା) କାନ୍ଥ- ପତ୍ରିକାରେ ପ୍ରକାଶ ପାଇଥିଲା ବିଶ୍ୱଭାରତୀରେ ।

ସେ ସମୟରେ ମୁଁ ଲେଖିଥିବା କବିତାଗୁଡ଼ିକ ଥିଲା ନାନା ଶୈଳୀର । କେତେଗୁଡ଼ିଏ ଥିଲା ନିଟୋଳ ଛନ୍ଦପ୍ରଧାନ, ପୁଣି କେତେକ ମୁକ୍ତଛନ୍ଦର । କିନ୍ତୁ ସମ୍ପୂର୍ଣ୍ଣ ଗଦ୍ୟରୀତିର କବିତାର ସଖ୍ୟାଥିଲା ସବୁଠୁବେଶୀ । ଗଦ୍ୟ କବିତା କ୍ଷେତ୍ରରେ ସ୍ୱାଭାବିକ କଥନରୀତିର ପ୍ରୟୋଗ ଦିଗରେ ମୁଁ ସଚେଷ୍ଟ ଥିଲି (ବସନ୍ତର ସ୍କେଚ୍‌ର ପାଠକମାନେ ତା’ ଲକ୍ଷ୍ୟ କରିଥିବେ) । କବିତାର ପ୍ରତ୍ୟେକ ଶବ୍ଦ ଓ ବାକ୍ୟ ଭାବପ୍ରବଣତା ଯୋଗେ ବୈଦ୍ୟୁତିକୀତ ନହେଲେ ଗଦ୍ୟକବିତା କଦାପି ମୁକ୍ତଛନ୍ଦର କବିତାକୁ ସ୍ଥାନଚ୍ୟୁତ କରିପାରିବ ନାହିଁ ବୋଲି ମୁଁ ଜାଣିଥିଲି, କବିତାର ବ କ୍ତବ୍ୟ ଯେତେ ବୌଦ୍ଧିକ ହୋଇଥାଉ ପଛକେ । ମୁଁ ନିଜ ନିକଟରେ ଏ ପକ୍ରାର ପ୍ରୟୋଗ ଓ ପରୀକ୍ଷା ଲାଗି ଏକରକମ୍ ସଂକଳ୍ପବଦ୍ଧ ଥିଲି ଯାହାର ପରିଣାମ ଥିଲା ‘ବସନ୍ତର ସ୍କେଚ୍’ । ଏକଦା କାହା ପ୍ରତି କ୍ରୋଧରେ ଲେଖିଥିଲି ଯଥା :—

‘ସେ କିଏ ମୋତେ କହୁଚି ବର୍ବର
ମୁଁ ତାକୁ ଢିଲା ଦେବିନି,
ମୋ କାନ୍ଧରେ ଯେଉଁଟା ପଡ଼ିଚି
ସେଇଟା ମୋ ନିଜ ମାଇକିନାର ଶବ
ନୁହଁ ବେଧବୁଝୁଳି ।
କହିଦିଅ, ଚାରିଆଡ଼େ ମୁଁ ଆସୁଚି ।
ଆଉ ପିଲା ଜନ୍ମ କରି
ନାଳରେ ପକେଇବା ଚଳିବନି,
ପଞ୍ଜାବୀରେ ଅତର ଲଗେଇ
ଯିଏ କୋଠାରେ ରାତି କଟଉଚି
ଯା’ ମାଇପ ତା ମାଇପକୁ ଧରି
କହୁଚି ମୋ ମାଇପ
ତା’ ପିଠିରେ ଧୁମ୍ ମାଡ଼ ବାଜିବ !’ ଗୋଟେ ବି
ତଳେ ପଡ଼ିବନି । (ଅପ୍ରକାଶିତ)

Digitized by srujanika@gmail.com

ମୋ ମନ ଭିତରେ ଯେଉଁ ସମକାଳୀନତା ଫୁଟିଥିଲା, ତା' ଥିଲା କ୍ରୋଧରେଜର୍ଜର । ଲକ୍ଷ୍ୟ ଥିଲା ହିପୋକ୍ରିସିକୁ ସଇତାନ୍ ମନେକରି ତା' ବିରୋଧରେ ସ୍ୱର ଉତ୍ତୋଳନ କରିବା, ଗର୍ଜିବା ଏବଂ ନବକଳିକାମାନଙ୍କୁ ତାଙ୍କ ପ୍ରଭାବରୁ ମୁକ୍ତ କରିବା ।

କିନ୍ତୁ ପରେ ଆତ୍ମ-ସମୀକ୍ଷା କରି ଦେଖିଲି ଯେ କ୍ରୋଧ ମୋର ସହଜାତ ଗୁଣ ନୁହେଁ, ଯଦିଓ ସେ ସମୟରେ (ଏବେ ମଧ୍ୟ) ସମାଜର ଶ୍ରୀସାଧନ ନିମନ୍ତେ ପରିଚ୍ଛନ୍ନ କ୍ରୋଧର ଆବଶ୍ୟକତା ବହୁତ ବେଶୀଥିଲା । ସେଇ ଆଦର୍ଶ 'କ୍ରୋଧ' ଥିଲା ଇପ୍ସିତ ଯାହା ଆବିର୍ଭୂତ ହେବାରୁ ଏକଦା ଶାନ୍ତ ଶିବ ଦକ୍ଷପ୍ରଜାପତି ତଥା ଶାସନୀ ଋଷି ଓ ଦେବତାଙ୍କ ପରିପୋଷିତ ଯଜ୍ଞର ବିନାଶ କରିପାରିଥିଲେ । ଉପଲବ୍ଧି କଲି ଯେ ସେ ପ୍ରକାର ମହାକ୍ରୋଧର ମାନୁଫାକ୍ଚର ବା ଉତ୍ପାଦନ କରିବାକୁ ମୋ' କଲମର ଶକ୍ତି ନାହିଁ । ଦୀର୍ଘକାଳର ପରାଧୀନତା, ଦାରିଦ୍ର୍ୟ, ଶାସ୍ତ୍ରୀୟତା ତଥା ପରମ୍ପରା ଭିତରେ । ଆମେ ସହିଷ୍ଣୁତାକୁ ପରମଗୁଣ ଭାବେ ଭିତରେ ଭିତରେ ଆଦର କରି ଚାଲିଥିବାରୁ 'କ୍ରୋଧ' ନାମକ ନଈଟା ପ୍ରାୟ ଶୁଖିଯାଇଥିଲା । ପାଞ୍ଚଶହବର୍ଷର ଓଡ଼ିଆ କବିତାରେ ବି 'କ୍ରୋଧ' କେଉଁଠିଥିଲା ? 'ଚଣ୍ଡୀପୁରାଣ' ପଢୁଥିଲି, ବାରମ୍ବାର ପଢୁଥିଲି କାରଣ ତହିଁରେ ଥିଲା କ୍ରୋଧର ଶେଷଶିଖା । ପରେ ରାଧାନାଥ ଉଦ୍ୟମ କରିଥିଲେ-'ଶିବାଜୀଙ୍କ ଉତ୍ସାହବାଣୀରେ 'ମହାଯାତ୍ରା'ରେ କିନ୍ତୁ ରକ୍ତରେ ନ ଥିବାରୁ ସଂସ୍କୃତିରେ ନ ଥିବାରୁ ତା' ଟେକିଲା ନି, ଅନୁସୃତ ହେଲାନି ସେ ଧାରା । ଓଡ଼ିଆ କବିତା ତା' ସ୍ୱାଭାବିକ ଢ଼ଙ୍ଗରେ ଶୃଙ୍ଗାର, ଭକ୍ତି , ଭଜନ, କୀର୍ତ୍ତନ, ଆତ୍ମଗ୍ଲାନିବୋଧ, ଅତୀନ୍ଦ୍ରିୟଭାବନାରେ ମଜ୍ଜିରହିଥିଲା । ଗୋଟାଏ ସମୟରେ ପ୍ରଜାମୁକ୍ତି ଓ ସ୍ୱାଧୀନତା ଆନ୍ଦୋଳନର ପ୍ରେକ୍ଷାପଟରେ ଯେଉଁ ଛବି ଅଙ୍କିତ ଓ ଯେଉଁ ସ୍ୱର ଧ୍ୱନିତ ହୋଇଥିଲା, ସ୍ୱାଧୀନତା ପରେ ସେ ମଶାଲ ଆଉ ଜଳୁ ନ ଥିଲା, ଆମକୁ ବାଟ ଦେଖାଇବାକୁ ବା ପ୍ରେରଣା ଦେବାକୁ । କେବଳ କବି ରବିସିଂହଙ୍କ କବିତାରେ କ୍ରୋଧ ଥିଲା କିଛି ପରିମାଣରେ ଓ ସେଥିପାଇଁ ବୋଧେ ସହସ୍ର ଯୁବାଜନଙ୍କ ପ୍ରିୟକବି ପାଲଟି ଯାଇଥିଲେ ସେ ଷଷ୍ଠ ଦଶକରେ । ତାଙ୍କ କ୍ରୋଧର ଗୋଟାଏ ସାମାଜିକ ଦିଗଥିଲା, ଯାହାଥିଲା ତାଙ୍କ ସୃଷ୍ଟିର ପ୍ରଧାନ ଆକର୍ଷଣ । ବେଳେବେଳେ ମନେ ହେଉଥିଲା ବଙ୍ଗଳା ସାହିତ୍ୟରେ ଶୁଖି ନିଶ୍ଚିହ୍ନ ହୋଇଯାଇଥିବା ନଜରୁଲଙ୍କ ଧାରାଟିକୁ ସେ ଓଡ଼ିଆ ସାହିତ୍ୟରେ ପୁନଃ ପ୍ରବାହ କରାଇଥିଲେ । ତା' ଦ୍ୱାରା ଓଡ଼ିଆ କବିତାର ହିଁ ଲାଭ ହୋଇଛି । ଜନପ୍ରେମୀଙ୍କ ଦାମ୍ଭିକତା ରୂପାୟିତ ହୋଇଛି । କିନ୍ତୁ ସବୁଠୁ ମଜା କଥା ହେଉଛି ଯେଉଁ ପାଠକ ସମୀକ୍ଷକ ଗୋଷ୍ଠୀ ସଚ୍ଚି ରାଉତରାୟ ଓ ଅନନ୍ତ ପଟ୍ଟନାୟକ ଆଦିଙ୍କୁ ସ୍ୱୀକୃତି ଦେଉଥିଲେ ସେମାନେ ରବିସିଂହଙ୍କ କ୍ରୋଧ ଓ ସାମାଜିକ ଅଙ୍ଗୀକାରବଦ୍ଧତାକୁ ସମ୍ମାନ ଦେବାକୁ କୁଣ୍ଠିତ ହେଲେ । ଏଇଟା କି ପ୍ରକାର ନ୍ୟାୟ ।

Digitized by srujanika@gmail.com

ଏହାର କାରଣ ସେଇ ଗୋଟିଏ, ଚାରିଶହ ବର୍ଷ ଧରି କ୍ରମାଗତ ଭାବେ ଘଟିଆସିଥିବା ଦାମ୍ଭିକତାର୍ ଅବକ୍ଷୟ । ଆମ ସଂସ୍କୃତିରେ ଦମ୍ଭ ନାହିଁ। ତହିଁରେ ଅନ୍ୟାୟର ବିରୋଧ କରି ପ୍ରାଣ ଦେଇଥିବା ବ୍ୟକ୍ତିଙ୍କ ପ୍ରତିଶ୍ରଦ୍ଧା କି ସମ୍ମାନ ନାହିଁ । ସବୁକଥାରେ ଭାଗ୍ୟ ଓ ଭାଗବାନଙ୍କୁ ଯୋଡ଼ି ଯୋଡ଼ି ଜାତିର ସଂସ୍କୃତି କ୍ଳୀବ ଓ ମନଟା ଦରିଦ୍ର , ହୋଇଯାଇଚି । ସାରଳାଦାସଙ୍କ ପରେ ବୀରତ୍ୱର କାହାଣୀ ଶୁଣେଇଥିଲେ କବି ରାଧାନାଥ, କିନ୍ତୁ ସାହସ ଓ ବୀରତ୍ୱର ସେ ଯେଉଁ ପରିଣାମ ଦେଖେଇଲେ ତା' ଉତ୍ସାହଜନକ ହେଲାନାହିଁ । ପରବର୍ତ୍ତୀ କବି ପୁରୁଷ ଗୋପବନ୍ଧୁ ଦାସ ପ୍ରଥମ କବି ଯିଏ କେତୋଟି ଉତ୍ସାହ ବାକ୍ୟ୍ ଉଲ୍ଲେଖ କରିଥିଲେ ଦମ୍ଭର ସହିତ, ଯଥା :—

'ପଛ ଘୁଞ୍ଚା ନାହିଁ ବୀରର ଜାତକେ
ନ ଡରେ ସେ କେବେ ପରାଣ ଆତଙ୍କେ ।'
ବା 'ବୀର ମରେଅବା ମାରେ କରି ରଣ ।'

କିନ୍ତୁ ଗୋଟିଏ ଭଙ୍ଗା କଣ୍ଢେଇକୁ କାଦୁଅଲେସି ସଜାଡ଼ିବା ଉଦ୍ୟମ ତାଙ୍କର ବୃଥା ହେଲା । କାରଣ ଆପଣା ଲୋକଙ୍କ ମାନସିକ ଅବସ୍ଥା, ଆତ୍ମବିଶ୍ୱାସର ଅଭାବ ଓ ଆତ୍ମତ୍ୟାଗ ପ୍ରତି ବିମୁଖତା ଲକ୍ଷ୍ୟ କରି ସେ ବି ଛାଡ଼ିଦେଲେ ସବୁ କିଛି ଈଶ୍ୱରଙ୍କ ହାତରେ ଏବଂ ଘୋଷଣା କଲେ 'ଉତ୍କଳର ନେତା ନିଜେ ନାରାୟଣ' । ଫଳରେ ସଂଗ୍ରାମ ରହିଗଲା । ମଠ-ମନ୍ଦିର ଦେବ-ଦେବୀଙ୍କ ନିଜଘର ଓଡ଼ିଶାରେ ଗୀତ କହିଲେ ଭକ୍ତି-ଗୀତ ବା ଭକ୍ତିମିଶ୍ରିତ ଶୃଙ୍ଗାରା ଗୀତ ବା ଦେବଦାସୀ ଅଥବା ମାହାରୀଙ୍କ ଶୃଙ୍ଗାରିନୃତ୍ୟକୁ ସୁହେଇଲା ଭଳି ଖାଣ୍ଟି ଶୃଙ୍ଗାରଗୀତକୁ ବୁଝେଇ ଆସୁଥିଲା । ଚତୁର କବି ଓ ସଙ୍ଗୀତ ଶାସ୍ତ୍ରୀମାନେ ସତେ ଅବା ହାତ ମିଳେଇ ଦେଇଥିଲେ । 'ଭକ୍ତି ମିଶ୍ରିତ ଶୃଙ୍ଗାର' ଗୀତ ସେଥିପାଇଁ ଜାତିର ଅନ୍ତରଭେଦିଥିଲା । ରାଧାକୃଷ୍ଣଙ୍କ ନାଁରେ ପାଣିବୁଲେଇ ଯାହା ଲେଖିଲେ ଗୃହୀତ ହୋଇଯାଉଥିଲା । ରସିକ ଭକ୍ତମାନେ ମଜା ନେଉଥିଲେ । ପକ୍ଷାନ୍ତରେ ସମ୍ଭ୍ରାନ୍ତ ଗୋଷ୍ଠୀର ଯେଉଁ ସାଧୁ-ସନ୍ନ୍ୟାସୀ ମୁଖ୍ୟ ଧାର୍ମିକ ସ୍ରୋତରେ ସାମିଲ ହେବାକୁ ନାପସନ୍ଦ କରିଥିଲେ ସେମାନଙ୍କ ଗୀତଗୁଡ଼ିକରେ ଶୃଙ୍ଗାରଭାବନା ମିଶିବାର ସୁଯୋଗ ନ ଥିଲା । ସେମାନେ ଅଣାକାର, ଶୂନ୍ୟବ୍ରହ୍ମଙ୍କର ଉପାସନା ଓ ଶରୀର ସାଧନା ଇତ୍ୟାଦିକୁ ଗୁରୁତ୍ୱ ଦେଉଥିଲେ । ଜୀବନ-ବଞ୍ଚିବାଟା ପ୍ରତି ତାଙ୍କର ଶ୍ରଦ୍ଧାଥିଲା ବୋଲି ମନେ ହୁଏନା । ସେମାନେ ମୃତ୍ୟୁକୁ ବଡ଼ କରି ଦେଖୁଥିଲେ ଓ ସେଇ ଚେତନାର ପ୍ରସାର ତାଙ୍କର ଲକ୍ଷ୍ୟଥିଲା । ଲୋକାୟତରେ ତାଙ୍କ ସ୍ତାବକମାନେ ଗାଁ ଗାଁ ବୁଲି ଗାଉଥିଲେ,

'ଭଜୁକି ନା ରାମ ନାମରେ କୁମର,
ଭଜୁକି ନା ରାମ ନାମ
ଭଜିନପାରିଲେ କୁଳଚନ୍ଦ୍ରମାରେ
ବାନ୍ଧିନେବ କାଳ ଯମରେ କୁମର ।'

Digitized by srujanika@gmail.com

ସମ୍ଭ୍ରାନ୍ତ ସାମନ୍ତ ଆସରରେ ମଧ ବେଳେବେଳେ ଆସନଟିଏ ପାଉଥିଲା 'ମୃତ୍ୟୁ' ଦ୍ୱାରା ଅନୁପ୍ରେରିତ ବୈରାଗ୍ୟ । 'ମନବୋଧ ଚଉତିଶା' ତାର ଏକ ଉଦାହରଣ । ସମ୍ଭ୍ରାନ୍ତ ସମାଜର ଗୃହସ୍ଥଙ୍କ ନିକଟରେ ତା' ଥିଲା ଜୀବନବେଦ ଓ ଜୀବନଗୀତ । ଓଡ଼ିଆମାନେ କଥାଟିକୁ ଶହ ଶହବର୍ଷ ଧରି ଛାତିରେ ରଖିଛନ୍ତି । ଯେତେବେଳେ କେହି ଗାଇ ଉଠେ—

'କି ଘେନି ଯିବୁ ତୋର ଛୁଟିଲେ ଘଟରେ', ବା 'ଛ' ଖଣ୍ଡ କାଠ ହେବ ତୋ ପାଇଁ ଲୋଡ଼ାରେ' ବା 'ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର/ ଚିରି ଭିତରେ ଦେଖ କି ନାରାଖାରରେ' ସେତେବେଳେ କି ପଣ୍ଡିତ କି ମୂର୍ଖ, କି ଧନୀ କି ନିର୍ଧନ କି ରାଜା କି ପ୍ରଜା ସମସ୍ତେ ବିହ୍ୱଳ ହୋଇ ଯାଆନ୍ତି । ମନବୋଧ ଚଉତିଶାରେ କବି ଚେତେଇ ଦେଇଥିଲେ-

'ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରାକାଠି
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ ।'

ଭୟାନକ ମୃତ୍ୟୁ ହାତରେ ମଣିଷ ଜୀବନର ସେପରି ବିକଳ ଚିତ୍ର ସମ୍ଭବତଃ ଏତେ ସରଳ ସହଜ ଭାଷାରେ ଏପରି ସରଳ ଛନ୍ଦରେ ଆଉକେହି ଦେଇପାରି ନାହାନ୍ତି । ସେଇ ମହତ୍ତ୍ୱପୂର୍ଣ୍ଣ ସୃଷ୍ଟିଟି ଭିତରେ ପୁଣି କଳା-ସୃଷ୍ଟିର ଅହଙ୍କାର ମଧ ନ ଥିଲା । ଫଳରେ ତା' ଓଡ଼ିଆଜାତିର ଅନ୍ତଃକରଣରେ ଛାଇ ଗଲା । ଅଣ-ଜୀବନଧର୍ମୀ ସାହିତ୍ୟର ଚରମ ସଫଳତାର ନିଦର୍ଶନ ହେଉଛି 'ମନବୋଧ ଚଉତିଶା' ଯହିଁରେ ସୁଖରେ ଆତ୍ମପ୍ରସାଦର ସହିତ ଜୀବନଯାପନ କରିବାଟାକୁ ନିରୁତ୍ସାହିତ କରାଯାଇଛି । ଏହିଭଳି ଜୀବନ-ବିରୋଧୀ ଭୟାନକ-ନେତିସମ୍ପନ୍ନ ଗୀତ ବା ପଦ୍ୟଗୁଡ଼ିକ ଓଡ଼ିଆ ଜନ ଜୀବନର ସ୍ଥାୟୀ ଶତ୍ରୁ ହୋଇ ରହିଛନ୍ତି । ବିଦେଶୀ ଶତ୍ରୁଗଣ ବିଦା ହୋଇଗଲେ, କିନ୍ତୁ ମନର ଅଭ୍ୟନ୍ତରରେ ଚକାପକେଇ ବସି ଚିନ୍ତାଧାରାକୁ କବଳିତ କରି ରଖିଥିବା ଶତ୍ରୁର ବିଲୋପ ହେବ କେମିତି ! ହେବ, ଜୀବନର ପତାକା ଧରିଥିବା ସାର୍ଥକ କବିଙ୍କ ରଚନା ଦ୍ୱାରା, ଯେଉଁମାନଙ୍କୁ ପ୍ରଥମେ କୁହାଯାଏ 'ବିଦ୍ରୋହୀ'କିନ୍ତୁ ପରେ ଭଗୀରଥ । 'ବିଦ୍ରୋହୀ'ର ଅଳଙ୍କାର ହେଉଛି କ୍ରୋଧ ଓ ବେସାଲିସ୍ ମନୋଭାବ । ତାହା ରବି ସିଂହଙ୍କ କବିତାରେ ପ୍ରଥମରୁ ହିଁ ଥିଲା । ମୁଁ ପୂର୍ବରୁ କହିଚି ରବିସିଂହଙ୍କ ପଥପ୍ରାନ୍ତର କବିତା ସଂକଳନଟି ସାଙ୍ଗରେ ନେଇ ୧୯୬୦ରେ ମୁଁ ଉଜ୍ଜୟିନୀ ଯାଇଥିଲି ବିଦ୍ୟାଭବନର ଛାତ୍ରଛାତୀଙ୍କ ମେଳରେ, ସେଠି ନବନିର୍ମିତ ବିଶ୍ୱବିଦ୍ୟାଳୟ ପରିସରରେ ଅନେକ ଶିଷ୍ଟ-ବିଶିଷ୍ଟଙ୍କ ସମ୍ମୁଖରେ ତହିଁରୁ ଗୋଟିଏ ଦୁଇଟି ଆବୃତ୍ତି କରିଥିଲି । ପରେ ପରେ ଲାଇବ୍ରେରିକୁ ଆସିଲା ତାଙ୍କର 'ଚରମ ପତ୍ର' । ସତକହୁଚି-ସେତେବେଳେ 'ଚରମପତ୍ର' ପାଠ କରି ମୁଁ ଯେଉଁ ଆନନ୍ଦ ପାଇଥିଲି ତା'ର ପଟାନ୍ତର ନାହିଁ । ସେତେବେଳେ

Digitized by srujanika@gmail.com

ସେଭଳି ଅନ୍ୟ କୌଣସି କବିତା ମୋତେ ଉଦ୍‌ବୁଦ୍ଧ କରିଥିବା ମୋର ମନେ ନାହିଁ । 'ଚରମପତ୍ର'ରେ ଖାଲି କ୍ରୋଧ ନ ଥିଲା, ଥିଲା ଏକ ବେସାଲିସ୍ ମନୋଭାବ, ସାମାଜିକ ଅଙ୍ଗୀକାର ଓ ମଣିଷ ଜୀବନ ପ୍ରତି ଅପରିମେୟ ଶ୍ରଦ୍ଧା । ତାଙ୍କ ଭଳି କେହି ଉଚ୍ଚାରଣ କରି ନ ଥିଲେ ପୂର୍ବରୁ । ବହିଟିମୋତେ ଅନୁପ୍ରେରିତ କରିଥିଲା । ଯେହେତୁ ତା' ଭିତରେ ଥିଲା ଗୋଟିଏ ଦାମ୍ଭିକ ପୁରୁଷର ବଜ୍ରକଣ୍ଠ, ଥିଲା ମଣିଷଙ୍କ ପାଇଁ ଦରଦ ଏବଂ ଈଶ୍ୱର ନାମକ ସଂପାଦ୍ୟ (ଥିଓରି) ଟି ପ୍ରତି ପ୍ରଚଣ୍ଡ ଅନାସ୍ଥା । ମୁଁ ତାଙ୍କୁ ଜଣେ ଶୁଦ୍ଧ ଜୀବନବାଦୀ ରୂପେ ଗ୍ରହଣ କରି ନେଇଥିଲି ସେଇ ଯୁବାକାଳରୁ । ଅବଶ୍ୟ ପରେ ଆଉ ଜଣେ କବି (ତାଙ୍କର ସମସାମୟିକ) ଲେଖିଥିଲେ- 'ଭଗବାନ ତୁମକୁ-ମୁଁ ଠିଆ ଫାଡ଼ିଦେବି ।' ପଢ଼ି ଦେଖିଲି ସେଇଟି କବିତା ତୁହଁ, ଗୋଟାଏ ଜୋକ୍ । ତହିଁରେ ପରିଚ୍ଛନ୍ନ କ୍ରୋଧ ଥିଲା ଦୁର୍ଲଭ । ଅଛ କେଇଜଣ କବିଙ୍କ କଲମରୁ ତାହା ଉତୁରିଛି । ସେ ଦୈନ୍ୟ ମୁଁ ସ୍ୱୀକାର କରି ନେଇଥିଲି । ଛାଡ଼ନ୍ତୁ । ମୁଁ ଜଣକ କଥା କହୁ କହୁ ଆଉ ପାଞ୍ଚ ଜଣଙ୍କ କଥା କହି ପକେଇଲିଣି, ପାଠକେ କ୍ଷମା କରିବେ ।

ଅନ୍ନଦା ଶଙ୍କରଙ୍କ ବିଷୟରେ ଆଉ ପଦେ ନଲେଖିଲେ ତାଙ୍କ ଚରିତ୍ରର ଅନ୍ୟ ଏକ ଦିଗ ଅନାଲୋଚିତ ରହିଯିବ । ଅନେକଙ୍କର ମନେ ନ ଥିବ ଆସାମରେ ବଙ୍ଗଭାଷୀଙ୍କ ସାଂସ୍କୃତିକ ଉପଦ୍ରବର ଲଜ୍ଜାକର ବୃତ୍ତାନ୍ତ । ସମ୍ଭବତଃ ୧୯୬୦ ର ଘଟଣା । ଆସାମରେ ବସବାସ କରୁଥିବା ବଙ୍ଗୀୟମାନେ କେତେକ ରାଜନୈତିକ ନେତା ଓ ନେତ୍ରୀଙ୍କ ପ୍ରେରଣାରେ ପ୍ରଚାର କଲେ ଯେ ଆସାମୀ ଭାଷା ଭଲ ନୁହେଁ, ସେଥିରେ ସାହିତ୍ୟ ଭଲନାହିଁ, କି ଭଲ ଉଧେଇବ ନାହିଁ । ତେଣୁ ଆସାମ ରାଜ୍ୟରେ ବଙ୍ଗଳା ପ୍ରଚଳିତ ହେବା ଉଚିତ । ଏଇ ପ୍ରସଙ୍ଗକୁ ଭିତ୍ତିକରି ବହୁ ସଂଖ୍ୟାରେ ଏକତ୍ର ହୋଇ ସମ୍ଭ୍ରାନ୍ତ ବଙ୍ଗାଳିମାନେ ସଭାସମିତି କଲେ, ପ୍ରସ୍ତାବ ପାସ୍ କରାଇଲେ, କାଗଜରେ ଛପାଇଲେ । ଆସାମଭାଷୀମାନେ ତାହା ସହିଥା'ନ୍ତେକି ? ସହିଯିବାଟା କ'ଣ ଉଚିତ ହୋଇଥା'ନ୍ତାକି ? ସଂଖ୍ୟାରେ କମ୍ ହୋଇଥିଲେ ମଧ୍ୟ ଅସମୀୟାମାନେ ଯେ ମୃତ ନୁହନ୍ତି ଜୀଅନ୍ତା, ତାଙ୍କ ଧମନୀରେ ମଧ୍ୟ ପ୍ରାଚୀନ କାମରୂପୀୟଙ୍କ ରକ୍ତ ପ୍ରବାହିତ ହେଉଛି ତା' ସେମାନେ ପ୍ରମାଣ କରିଦେଲେ । ଜନୈକା ନେତ୍ରୀ କୌଣସି ବଙ୍ଗାଳି ସମାବେଶରେ ଉଦ୍‌ବୋଧନ ଦେଉଥିଲା ବେଳେ ପ୍ରାନ୍ତରର ଅପରପଟରେ ଥିବା ସମ୍ଭ୍ରାନ୍ତ ବଙ୍ଗୀୟଙ୍କ ଘରେ ନିଆଁଜଳି ଉଠିଲା । ପ୍ରତିବାଦର ଧ୍ୱନି ଖେଳିଗଲା ଗୌହାଟିରୁ ପୂରା ଆସାମକୁ । ଚାଲିଲା-'ବଙ୍ଗୀୟଙ୍କୁ ଉଚ୍ଛେଦ କର' ଅଭିଯାନ, ପ୍ରବଳ ଗତିରେ । ସେପରି ବିରୋଧର ଚିନ୍ତା କରି ନ ଥିଲେ ବଙ୍ଗାଳିମାନେ । ପ୍ରାଣଭୟରେ ହଜାର ହଜାରବଙ୍ଗଳୀ ଆସାମ ଛାଡ଼ି ପଳାଇ ଆସିଲେ, ଘର-ଦ୍ୱାର,

Digitized by srujanika@gmail.com

ଧନ-ସମ୍ପତ୍ତି ସବୁରହିଲା ସେଠି । ଆସାମୀମାନେ କାଳେ ଅନେକଙ୍କୁ ବିବସ୍ତ୍ର କରି ପକାଇଥିଲେ । ଅନେକେ ଖଣ୍ଡିଏ ଖଣ୍ଡିଏ ଅଣ୍ଡରପ୍ୟାଣ୍ଟ ବା ଲୁଙ୍ଗି ଅଥବା ଗାମୁଛା ମାତ୍ର ପରିଧାନ କରି ପୈତୃକ ଜୀବନଟି ମାନ ଧରି ପଶ୍ଚିମବଙ୍ଗକୁ ପଳାଇ ଆସିଥିଲେ ଆତ୍ମରକ୍ଷାର୍ଥେ । ସ୍ୱାଧୀନ ଚେତା ନିର୍ଭୀକ ଆସମୀୟା-ଭାଷୀମାନେ ଯେ ହୀନ ଷଡ଼ଯନ୍ତ୍ରକାରୀଙ୍କୁ ଉଚିତ ଶାସ୍ତି ଦେଇଥିଲେ ଏଥିରେ ସନ୍ଦେହ ନାହିଁ । ବିଧାନ ଚନ୍ଦ୍ରରାୟଙ୍କ ସଦୃଶ ଜଣେ ସୁଦକ୍ଷ ନେତା ସେତେବେଳେ ପଶ୍ଚିମବଙ୍ଗର ମୁଖ୍ୟ ମନ୍ତ୍ରୀଥିଲେ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀଥିଲେ ଜବାହାରଲାଲ ନେହରୁ, ତା' ସତ୍ତ୍ୱେ ଅସମୀୟାଙ୍କ ତାଣ୍ଡବ ଲିଳା ବିପକ୍ଷରେ କିଛି ରାଜନୈତିକ ହୁଆ-ହୁରି ପକେଇ ହେଲାନି କିମ୍ବା ପାର୍ଲିଆମେଣ୍ଟରେ ହଟଚମଟ କରିହେଲା ନାହିଁ । ଯେହେତୁ ପ୍ରସଙ୍ଗଟିର ଜଣାଶୁଣା ଖଳନାୟକ ଥିଲେ ବଙ୍ଗୀୟ ଗୋଷ୍ଠୀ । ତେବେ କଲିକତି କାଗଜରେ ଅସମୀୟାଙ୍କର ବହୁ ନିନ୍ଦା କରାଗଲା । କିନ୍ତୁ ବଙ୍ଗଭୂମି ବାହାରେ ନିନ୍ଦା-ପ୍ରସ୍ତାବ ସମର୍ଥନ ପାଇ ନ ଥିଲା ।

ମନେଅଛି, ସେତେବେଳର କଥା । ଆସାମରେ ବଙ୍ଗାଳିମାନେ ମାଡ଼ଖାଇଛନ୍ତି-ଏ ସମ୍ବାଦ ପହଞ୍ଚିବା ମାତ୍ରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଥିଲା । ସେ ସମୟରେ ବଙ୍ଗୀୟଙ୍କ ଜାତୀୟତା ଦେଖିବା କଥା । ଆନୁଷ୍ଠାନିକ ଭାବେ ନିନ୍ଦା ପ୍ରସ୍ତାବଟିମାନ କାଗଜରେ ଛାପି ସେମାନେ ଚୁପ୍ ହୋଇଗଲେ ନି । ଦୌଡ଼ିଗଲେ ରେଲଷ୍ଟେସନକୁ, ଆସାମ ଆଡୁ ଆସୁଥିବା ପ୍ରତ୍ୟେକ ରେଳଗାଡ଼ିକୁ ସେମାନେ ଜଗିଲେ । ତହିଁରେ ଆସୁଥିବା ଆହତ ଫୁଙ୍ଗୁଲା ବଙ୍ଗାଳିମାନଙ୍କ ପାଇଁ ସେମାନେ ଖାଦ୍ୟପୁଡ଼ିଆ, ଲୁଗାପଟା ଇତ୍ୟାଦି ଧରିଥିଲେ । ସେମାନଙ୍କୁ ଦେଉଥିଲେ, ସାନ୍ତ୍ୱନା ଓ ସାହସ । ଗାଉଥିଲେ କାଜି ନଜରୁଲଙ୍କ ଗୀତ । କହୁଥିଲେ 'ତୁମେ ସବୁ ବୀର, ସେ ଅସମୀୟାଗୁଡ଼ାକ ବର୍ବର' । ଏଇପରି କେତେ କ'ଣ ? ସେତେବେଳେ ଗୌହାଟିକୁ ସିଧା କୌଣସି ରେଲଯାଉ ନ ଥିଲା । କଲିକତାରୁ ଯାଉଥିଲା 'ଜଲପାଇଗୁଡ଼ି ଓ ନର୍ଥ ବେଙ୍ଗଲ ଏକ୍ସପ୍ରେସ' । ସେତେବେଳେ ଯାତ୍ରୀମାନେ ଟ୍ରେନରୁ ଓହ୍ଲେଇ 'ଜେଟି ଯୋଗେ ବ୍ରହ୍ମପୁତ୍ର ପାର ହୋଇ ଗୌହାଟି ଯାଉଥିଲେ । ଏବେ ସେ ଅବସ୍ଥାର ପରିବର୍ତ୍ତନ ଘଟିଛି । ରେଳ ଗୌହାଟି ଯାଉଛି । ଯ ପଳାୟତି ସ ଜୀବତି' ନ୍ୟାୟରେ ଆହତପରାସ୍ତ ଭଗ୍ନହୃଦୟ ଓ ଲଜ୍ଜିତ ବଙ୍ଗାଳିଙ୍କ ଦୁର୍ଦ୍ଦଶା କଥା ଆପଣ ଅନୁମାନ କରୁଥିବେ । ତେଣୁ ଗୌହାଟି ଆଡୁ ଗାଡ଼ିଟିଏ ଆସି ଷ୍ଟେସନରେ ଠିଆ ହେବା ମାତ୍ରେ (ଛୋଟ ବଡ଼ ନିର୍ବିଶେଷରେ) ସତେ ଯେମିତି ପୂରା ଷ୍ଟେସନଟା କାନ୍ଦି ଉଠୁଥିଲା । ସମ୍ଭ୍ରାନ୍ତ ଓ ଶିକ୍ଷିତ ଘରର ଝିଅ-ବୋହୂମାନେ ମଧ୍ୟ ଷ୍ଟେସନରେ ହାଜର ହୋଇଯାଉଥିଲେ । ସେପରି ସହାନୁଭୂତି ପ୍ରକୃତରେ ଅନ୍ୟତ୍ର ବିରଳ ।

ସେଇ ଘଟଣାରେ ବୋଲପୁର ଷ୍ଟେସନ କାନ୍ଦିଥିଲା, ଶାନ୍ତିନିକେତନଟା ବି କାନ୍ଦିଥିଲା ଆହତଙ୍କ ନିମନ୍ତେ । ଶହ ଶହ ଆହତ ବଙ୍ଗାଳି ବୋଲପୁରରେ ଓହ୍ଲେଇ ପଡ଼ିଥିଲେ ଓ

Digitized by srujanika@gmail.com

ଶାନ୍ତିନିକେତନର ଛାତ୍ର ଅଧ୍ୟାପକ-କର୍ମଚାରୀ-ବାସିନ୍ଦା ସେମାନଙ୍କୁ ପାଛୋଟି ଆଣିଥିଲେ । ଆମ ହଷ୍ଟେଲରେ ମଧ୍ୟ କେଇଜଣ ଆସି ଆଶ୍ରୟ ନେଇଥିଲେ । ଅନ୍ତେବାସୀବୃନ୍ଦ ସେମାନଙ୍କୁ ଲୁଗାପଟା ଓ ଖାଦ୍ୟ ଦେଇ ଚର୍ଚ୍ଚା କରିଥିଲେ । ଆମର ସେଥିରେ କିଛି ଭାଗ ନେବାର ନ ଥିଲା । ଆମେ ଓଡ଼ିଆ ପିଲାଏ କେବଳ ଦର୍ଶକ ସାଜିଥିଲୁ । ଏହା ଥିଲା ବଙ୍ଗାଳିଙ୍କ ପୁରୁଣା ସ୍ୱଭାବ । ଏକଦା ଊନବିଂଶ ଶତାବ୍ଦୀରେ ସେମାନେ ତଦ୍ରୂପ ଷଡ଼ଯନ୍ତ୍ର ରଚିଥିଲେ ଓଡ଼ିଆ ଭାଷା ବିରୁଦ୍ଧରେ ଓ ଲଜ୍ଜିତ ହୋଇଥିଲେ । ସେଇ ସ୍ୱଭାବର ପୁନରାବୃତ୍ତି ଘଟିବାଟା ବାସ୍ତବିକ ଥିଲା ଲଜ୍ଜାଜନକ । ଏହି ଲଜ୍ଜାଜନକ ଆଚରଣରେ କ୍ଷୁବ୍ଧ ହୋଇଥିଲେ କବି ଅନ୍ନଦାଶଙ୍କର ଏବଂ କୌଣସି ଏକ ଦୈନିକ କାଗଜର ପୃଷ୍ଠାରେ ନିଜର ନିର୍ଭୀକ ମତାମତ ବ୍ୟକ୍ତ କରି ପ୍ରବନ୍ଧ ଟିଏ ଲେଖିଥିଲେ । ଦୁଇଟି ଯାକ ଘଟଣା (ଓଡ଼ିଶା ଓ ଆସାମ) ର ଉଲ୍ଲେଖ କରି ସେ ବଙ୍ଗବାସୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ, ଭବିଷ୍ୟତରେ ଏପରି ଆଚରଣ ଯେପରି ପ୍ରଦର୍ଶିତ ନହୁଏ ସେଥିପାଇଁ ସେ ସମସ୍ତଙ୍କୁ ସତର୍କ କରିଦେଇଥିଲେ ।

ତାଙ୍କର ପ୍ରବନ୍ଧଟି ଥିଲା କଟା ଘା'ରେ ଚୂନଭଳି । ବଙ୍ଗାଳିଙ୍କୁ ଭାରି ବାଧିଲା, ସ୍ୱାଭିମାନ ଉପରେ ତା' ଥିଲା ଏକ ଶକ୍ତ ଆଘାତ । ତେଣୁ ଜାତି-ପ୍ରେମୀମାନେ ଚୁପ୍ ରହିଲେ ନି, ସଂପାଦକଙ୍କୁ ପତ୍ର ସ୍ତମ୍ଭ ତ ଦିନ ଦିନ ଧରି ଭର୍ତ୍ତି ରହିଲା ଖାଲି ଅନ୍ନଦାଶଙ୍କର ବିରୋଧରେ । ଗୋଟେ ଗୋଟେ ଚିଠିରେଥିଲା ଖୋଲା ଖୋଲି ଗାଳି । କେହି କେହି ପତ୍ରଲେଖକ ପ୍ରଶ୍ନ କରିଥିଲେ-ସେକିଏ ପରାମର୍ଶ ଦେବାକୁ ? ସେ ତ ଖାଣ୍ଟି ବଙ୍ଗାଳି ନୁହଁ, ଅର୍ଦ୍ଧଉଡ଼େ । ତାଙ୍କ ଘରକୁ ମଧ୍ୟସିଧା ଡାକରେ ବହୁ ସଂଖ୍ୟାରେ ଚିଠି ଆସୁଥିଲା । ଗୋଟେ ଗୋଟେ ଚିଠିରେ କିଛି ଲେଖା ନଥାଇ ବିଧାଚାପୁଡ଼ାର ଛବି ଅଙ୍କା ଯାଇଥିଲା । ଅନ୍ନଦା ଶଙ୍କର ସବୁକିଛି ମନ୍ତବ୍ୟକୁ ଧୈର୍ଯ୍ୟର ସହିତ ସମ୍ଭାଳି ନେଇଥିଲେ । ତତ୍‌କାଳର ବିଶିଷ୍ଟ ଲେଖକମାନେ ଅବଶ୍ୟ ଖବରକାଗଜରେ କିଛି ଲେଖୁ ନ ଥିଲେ ଅନ୍ନଦା ଶଙ୍କରଙ୍କ ମନ୍ତବ୍ୟର ବିରୋଧରେ । କିନ୍ତୁ ସେମାନଙ୍କ ଆକ୍ଷେପସବୁ ପବନରେ ଭାସି ଆସୁଥିଲା । କଲିକତାର ଗଳିକନ୍ଦିରେ ଅନ୍ନଦା ରାୟଙ୍କ 'ମୁର୍ଦ୍ଦାବାଦ' ଧ୍ୱନିତ ହେଉଥିଲା । ପ୍ରଫେସର ସୁନୀତି କୁମାର ଚାଟାର୍ଜୀଙ୍କ ସଦୃଶ ଭାରତ-ବିଖ୍ୟାତ ଲେଖକ ମନ୍ତବ୍ୟର ନିନ୍ଦା କରିବାକୁ ସାହସ କରିପାରି ନ ଥିଲେ । ସମ୍ଭବତଃ ସେଇ କାରଣରୁ ଅନ୍ନଦାଶଙ୍କର 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ' ପୁରସ୍କାର ପାଇବାର ସମୟ ଘୁଞ୍ଚିଯାଇଥିଲା ।

ଆସାମରେ ବଙ୍ଗଭାଷୀଙ୍କ ଦୁର୍ଦ୍ଦଶା ଜନିତ ପ୍ରତିକ୍ରିୟା ସେଇଠି ସମାପ୍ତ ହେଲାନି । ଯଦିଓ ବାତାବରଣ ଶାନ୍ତ ହୋଇଗଲା, ଧୀରେଧୀରେ ପଳାତକମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ, ପୂର୍ବପରି ଅଫିସକାମ ଓ ବଜାର-ହାଟ କଲେ । କିନ୍ତୁ ସେମାନଙ୍କଠି ଆଉ ପୂର୍ବରୁ ଗଉଁ ନ ଥିଲା । ବିବାଦ ପୋଛିହୋଇଗଲା, କିନ୍ତୁ ଏଇ ଷଡ଼ଯନ୍ତ୍ର ଜନିତ

Digitized by srujanika@gmail.com

ଦୁଇ-ତିନିଟି ଦାଗ କଠୋରପନ୍ଥୀ ବଙ୍ଗୀୟଙ୍କ ଇତିହାସକୁ ଯେ କଳଙ୍କିତ କରିଦେଇଛି- ଏହା ସ୍ୱୀକାର କରିବାକୁ ହେବ ।

ଶିକ୍ଷା, ସଂସ୍କୃତି, ଧର୍ମ ବିଜ୍ଞାନ ଓ ସାହିତ୍ୟ କ୍ଷେତ୍ରରେ ଅଭୂତପୂର୍ବ ନବଜାଗରଣ ପାଇଁ ଊନବିଂଶ ଶତାବ୍ଦୀଥିଲା ବଙ୍ଗୀୟଙ୍କ ନିମନ୍ତେ ଏକାନ୍ତ ଗୌରବାବହ ଓ ସ୍ମରଣୀୟ । କିଏ ସ୍ୱୀକାର ନ କରେ କି ସେକଥା ! ରାମକୃଷ୍ଣ ପରମହଂସ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ବିବେକାନନ୍ଦ, ଶ୍ରୀଅରବିନ୍ଦ, ଜଗଦୀଶ ବୋଷ, ଶ୍ୟାମାପ୍ରସାଦ ମୁଖାର୍ଜୀ, ରବିଠାକୁରଙ୍କ ସମେତ କେତେ ନାଁ । ସାରା ଭାରତର ଲୋକେ ଶ୍ରଦ୍ଧାରେ ସ୍ମରଣ କରନ୍ତି ସେମାନଙ୍କୁ । ରାମକୃଷ୍ଣ ପରମହଂସଙ୍କ ଫଟୋରେ ଫୁଲ-ଚନ୍ଦନ ଲଗାଇବା ଅବସରରେ କେଉଁ ଓଡ଼ିଆଣୀ କ'ଣ କେବେ ଭାବେ ବାବାଜୀଟା ବଙ୍ଗାଳୀ ଥିଲା ନା ବିହାରୀ ଥିଲା । ସେ ପ୍ରତିଭାର ପୂଜାରେ ଚିତ୍ତାର୍ପଣ କରିଥାଏ, ପ୍ରଶ୍ନ କରେନା । ଅନ୍ୟ ଭାରତୀୟମାନେ ବାସ୍ତବିକ ଭାଷା ଓ ଆଞ୍ଚଳିକ ଭେଦକୁ ମନରେ ସ୍ଥାନ ଦେଉ ନ ଥିଲେ । ଯେଉଁମାନେ ଆଦରର ଯୋଗ୍ୟ ସେମାନେ କେବଳ ପ୍ରତିବେଶୀ ରାଜ୍ୟ ଓଡ଼ିଶା କିମ୍ବା ବିହାରରେ ନୁହେଁ ସମଗ୍ର ଭାରତରେ ଆଦୃତ ହୋଇ ଆସିଛନ୍ତି । ସେଇସବୁ ମହାପୁରୁଷଙ୍କ ତ୍ୟାଗ, ଦେଶଭକ୍ତି, କର୍ମଧାରା ଓ ଦର୍ଶନ ଊନବିଂଶ ଶତାବ୍ଦୀରେ ବଙ୍ଗାଳିଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲା, ସେମାନେ ଉନ୍ନତ, ସୁଶିକ୍ଷିତ ଓ ବିଚାରବନ୍ତ ହୋଇଥିଲେ । ତାଙ୍କ କୀର୍ତ୍ତିକଳାପ ସମଗ୍ର ଭାରତବର୍ଷକୁ ପ୍ରଭାବିତ କରିଥିଲା । ବଙ୍ଗୀୟମାନେ ପ୍ରକୃତରେ ଆଗରେ ଥିଲେ, ଶୀର୍ଷରେ ଥିଲେ ଓ ଭାରତୀୟଙ୍କ ପାଇଁ ସମୁନ୍ନତିର ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ । ଦେଶ ଓ ଜାତି ପାଇଁ ବାସ୍ତବିକ ତା'ଥିଲା ଏକ ଯୁକ୍ତାତ୍ମକ ବା ପଜିଟିଭ୍ ପ୍ରେରଣା । କିନ୍ତୁ କିଏ ଜାଣିଥିଲା । ସେହି ସମୁନ୍ନତ ବଙ୍ଗାଳୀଙ୍କ ଚେତନାରେ ଏକ 'ଆମେ ବଡ଼ ମନୋଭାବ' ସୃଷ୍ଟି ହେବ, ସେମାନେ ନିଜର ପରାଧୀନତା-ଶୋଷିତ ପୀଡ଼ିତ ଇତିହାସକୁ ଭୁଲିଯାଇ ଅହଙ୍କାରୀ ହୋଇ ଉଠିବେ । ଯେଉଁ ଅଞ୍ଚଳର ପୁରାଣ ପୁରୁଷ ବଙ୍ଗଳା ରାମାୟଣ ଲେଖିଲା ବେଳେ ନମସ୍କାର ପର୍ବରେ ସ୍ୱୀକୃତି ସ୍ୱରୂପ ଲେଖିଥିଲେ–

ବନ୍ଦି ଜଗନ୍ନାଥ ବଳରାମ ପାଦଦ୍ୱୟ

ଜଗନ୍ନାଥ ବଳରାମବଶ ଯା'ର ହୟ'

ଅର୍ଥାତ୍, ରଚନାର ଆରମ୍ଭରେ ମୁଁ ସେଇ ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ପଦ-ବନ୍ଦନା କରୁଛି, ଯାହାଙ୍କ ଭକ୍ତିରେ ସ୍ୱୟଂ ଜଗନ୍ନାଥ ଓ ବଳରାମ (ବଳଭଦ୍ର) ବଶୀଭୁତ ହୋଇଥାନ୍ତି । ସେଇରାଜ୍ୟର ଦାୟାଦମାନେ ବିଲାତି ଶାସନର ସୁଯୋଗ ପାଇ ଏମତି ଅହଙ୍କାରୀ ହୋଇଗଲେ ଯେ କିଛି ଅନୁଧ୍ୟାନ ନକରି କହି ବସିଲେ-'ଓଡ଼ିଆ ସ୍ୱତନ୍ତ୍ରଭାଷା ନୁହେଁ ।' ସେଇ ହାସ୍ୟକର ମନ୍ତବ୍ୟ ଓ ତାର ଲଜ୍ଜାଜନକ ପରିଣତି ସ୍ୱାଭିମାନୀ

Digitized by srujanika@gmail.com

ବଙ୍ଗାଳୀଙ୍କୁ ନିଶ୍ଚୟ ବାଧିଥିଲା ସେତେବେଳେ । କିନ୍ତୁ ସେତେବେଳେ ଗମନାଗମନର ସୁବିଧା ନ ଥିଲା, ଉଡ଼ାଜାହାଜ ନ ଥିଲା, ବେତାର ନ ଥିଲା, ଗୋଟିଏ ଅଞ୍ଚଳର ଖବର ଆଉ ଏକ ରାଜ୍ୟରେ ବହୁତ ବିଳମ୍ବରେ ପହଞ୍ଚୁଥିଲା । ତେଣୁ ବଙ୍ଗାଳିଙ୍କ ସେହି 'ପରାଜୟ' ପ୍ରଚାରିତ ହୋଇପାରି ନ ଥିଲା । ବିଶୁଦ୍ଧ ବୌଦ୍ଧିକ ପୁରୁଷଙ୍କ ସତକାର୍ଯ୍ୟ ପଳରେତା' ଭୁଲି ହୋଇଗଲା ଅଳ୍ପଦିନ ମଧରେ । ଓଡ଼ିଆଙ୍କ ଆତ୍ମ ପ୍ରଚାର ଗୁଣର ଅଭାବ ଯୋଗୁଁ ବଙ୍ଗୀୟଙ୍କ ସେପରି ଅପକୀର୍ତ୍ତି ବିଷୟରେ ଆସାମବାସୀଙ୍କ ଧାରଣା ହିଁ ନ ଥିଲା ।

କିନ୍ତୁ ଆସାମ ଘଟଣା ବେଳକୁ ଭାରତ ସ୍ୱାଧୀନ ଓ ଆଧୁନିକ ହୋଇଗଲାଣି । ବେତାର ଜଗତ ତା' କାମ କଲାଣି, ଖବରକାଗଜଙ୍କ ସଂଖ୍ୟାବଢ଼ିଲାଣି, ଉଡ଼ାଜାହାଜ ଯୋଗେ ଗୋଟିଏ ଅଞ୍ଚଳରୁ ଆଉ ଏକ ଅଞ୍ଚଳକୁ ଖବର କାଗଜ ଅଳ୍ପ କେଇଘଣ୍ଟା ଭିତରେ ପହଞ୍ଚିଯିବାର ସୁବିଧା ସୃଷ୍ଟି ହୋଇଗଲାଣି । ତେଣୁ ସମସ୍ତେ ସତଟା କ'ଣ ଜାଣିଗଲେ । ଯା' ଫଳରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଓ ଭାରତ ବାହାରେ ଥିବା ବଙ୍ଗଭାଷୀମାନେ ଲଜ୍ଜିତ ହେଲେ । ବାସ୍ତବିକ ଆସାମ ଘଟଣା ପରେ ଶିକ୍ଷିତ ସହରବାସୀ ବଙ୍ଗାଳିଙ୍କ ନୈତିକ ବଳଭାଙ୍ଗି ପଡ଼ିଥିଲା ।

ଶାସନ ଓ ପ୍ରଶାସନ କିନ୍ତୁ ନୀରବ ଦ୍ରଷ୍ଟା ନ ଥିଲେ । ବଙ୍ଗାଳିଙ୍କ ନୈତିକବଳ ଉଞ୍ଚା ରଖିବା ପାଇଁ ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଏକ ଅଘୋଷିତ ଅଣାନୁଷ୍ଠାନିକ କାର୍ଯ୍ୟକ୍ରମ ସେମାନେ ହାତକୁ ନେଲେ । ତା' ଭିତରୁ ପ୍ରଧାନ ଥିଲା ୧୯୬୧-୬୨ ବର୍ଷରେ ରବୀନ୍ଦ୍ର ଶତବାର୍ଷିକୀ ପାଳନ । ତା' ପ୍ରକୃତରେ ଥିଲା ବଙ୍ଗୀୟଙ୍କ ପାଇଁ ଏକ ମୋରାଲ୍ ବୁଷ୍ଟିଂ । ରବୀନ୍ଦ୍ର ଶତବାର୍ଷିକୀ ପାଳନ ଅବସରରେ ଯେଉଁସବୁ ସାହିତ୍ୟାଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ବିଶ୍ୱଭାରତୀରେ ସେଥିରେ ତତ୍କାଳୀନ ଭାରତବର୍ଷର ସ୍ୱନାମଧନ୍ୟ ବିଦ୍ୟାବାଗୀଶମାନେ ଅଂଶଗ୍ରହଣ କରିଥିଲେ ।

ମୁଁ ପ୍ରାୟ ପ୍ରତ୍ୟେକଟି ସଭାରେ ଉପସ୍ଥିତ ରହୁଥିଲି । ଆଲୋଚନାରୁ ଗୋଟିଏ କଥା ନିର୍ବିବାଦରେ ପ୍ରତିପାଦିତ ହୋଇଥିଲା ଯେ କବି ରବୀନ୍ଦ୍ର ପ୍ରକୃତରେ ବଡ଼, ବହୁତ ବହୁତ ବଡ଼ । ତାଙ୍କ ରଚନା ସମ୍ଭାର ଅତୁଳନୀୟ, ଏକ ହଜାରରୁ ଅଧିକ ଗୀତ, ବିପୁଳ ସଂଖ୍ୟକ କବିତା, ନାଟକ ଗୀତିନାଟ୍ୟ ଗଳ୍ପ ଉପନ୍ୟାସ ରମ୍ୟରଚନା, ପ୍ରବନ୍ଧ, ସାହିତ୍ୟାଲୋଚନା ଓ ଶିଶୁ ସାହିତ୍ୟ ତାଙ୍କ ପରି କିଏ ଆଉ ଲେଖିଥିଲେ କି ପୂର୍ବରୁ ? ଓଡ଼ିଆଙ୍କ ଜଗନ୍ନାଥ ଦାସ କି ଉପେନ୍ଦ୍ର ଭଞ୍ଜ ଅଥବା ଅସମୀୟାଙ୍କ 'ଶଙ୍କର ଦେବ' ତାଙ୍କ ପାସଙ୍ଗରେ ପଡ଼ିବେନି । ଥରେ କେବେ ରବୀନ୍ଦ୍ରନାଥ ଭାବପ୍ରବଣ ଅବସ୍ଥାରେ ଘୋଷଣା କରିଥିଲେ-'ମୁଁ ଯଦି କାଳିଦାସଙ୍କ ଯୁଗରେ ଜନ୍ମ ହୋଇଥାନ୍ତି ତେବେ ରାଜା ବିକ୍ରମାଦିତ୍ୟ ମୋତେ ଦଶମରତ୍ନ ରୂପେ ସ୍ୱୀକାର କରିଥାନ୍ତେ । 'କଥାଟାକୁ ଅବାନ୍ତର ଭାବନା କହି

Digitized by srujanika@gmail.com

ଉଡ଼େଇ ଦେଇ ହେବନି । ଆଲୋଚକମାନେ କବିଙ୍କୁ ସମର୍ଥନ କରି ବାହାବା ଦେଲେ । ସବୁଶୁଣି ବ ଙ୍ଗୀୟମାନେ ଆଶ୍ୱସ୍ତ ହେଲେ ।

ମୋରସ୍ପଷ୍ଟ ମନେ ଅଛି ସେଇ ସମୟରେ ବିଦ୍ୟାଭବନର ଇତିହାସ ବିଭାଗ ତରଫରୁ ଆମନ୍ତ୍ରିତ ହୋଇ ବିଶିଷ୍ଟ ଐତିହାସିକ ଡକ୍ଟର ରମେଶ ଚନ୍ଦ୍ର ମଜୁମଦାର ଏକ ମାଳ ବକ୍ତୃତା ଦେଇଥିଲେ । ବିଷୟ ଥିଲା– 'ଉନବିଂଶ ଶତକର ବଙ୍ଗଭୂମି' । ବକ୍ତୃତାମାଳାଟି କ୍ରମାଗତ ତିନି ସନ୍ଧ୍ୟାଧରି ଚାଲିଥିଲା ସିଂହସଦନଠାରେ ।

ଡକ୍ଟର ମଜୁମଦାରଙ୍କ ଭଳି ଜଣେ ଉଚ୍ଚମାନର ଗବେଷକ ଆସିଥିବାରୁ ସେଦିନ ପ୍ରବଳ ଭିଡ଼ ହୋଇଥିଲା ସିଂହସଦନ ରେ । ମୁଁ ସାମାନ୍ୟ ବିଳମ୍ବରେ ପହଞ୍ଚିବାରୁ ହଲ୍ ଭିତରେ ବସିବାକୁ ଜାଗା ପାଇ ନ ଥିଲି । ଝରକା ଆରପଟେ ଠିଆ ଠିଆ ଶୁଣିବାକୁ ହୋଇଥିଲା । ମୋର ପ୍ରଚଣ୍ଡ କୌତୂହଳ ଥାଏ । ବରିଷ୍ଠ, ପୁଣି ଅତି ପ୍ରସିଦ୍ଧ ଇତିହାସବିତ୍, ଯିଏ ଦେଖୁଚି ପାଦ ଛୁଇଁ ଜୁହାର ହେଉଚି । ତାଙ୍କୁ ଥରେ ଆଖି ପୂରେଇ ନଦେଖିଲା ପର୍ଯ୍ୟନ୍ତ କୌତୂହଳ ଥମି ନ ଥିଲା । ଯାହା ହୋଇଥାଉ ତାଙ୍କ ବୟସ 'ମୋରାଲ୍ ବୁଷ୍ଟିଂ' ବା ' ନୈତିକ ବଳବୃଦ୍ଧି' କାର୍ଯ୍ୟକ୍ରମରେ ସେ ଥିଲେ ଓସ୍ତାଦ୍ । ପ୍ରଖର ଧୀ-ଶକ୍ତି ସହିତ ତାଙ୍କଠି ଯୁବସୁଲଭ ଉଦ୍ଦାମତା ଥିଲା । ସେ ପ୍ରଥମ ସନ୍ଧ୍ୟାରେ ହିଁ ସମବେତ ଶ୍ରୋତାଙ୍କ ଉପରେ ଜାତି-ପ୍ରେମର ପବିତ୍ର ଗଙ୍ଗା-ଜଳ ଛିଞ୍ଚି ଓଦା କରିଦେଲେ । ତାଙ୍କର ଘା' ଶୁଖାଇ ଦେଲେ ଓ ଗ୍ଲାନି ଦୂର କରିଦେଲେ । ଶ୍ରୋତାମାନେ ଅନୁଭବ କଲେ- 'ବଙ୍ଗବାସୀଙ୍କର ସବୁକିଛି ଉତ୍ତମ ଅଛି, ବର୍ବର ଅସମୀୟାମାନେ ତାଙ୍କର କିଛି ବିଗାଡ଼ି ପାରିବେନି ।' ଡକ୍ଟର ମଜୁମଦାର ସାବ୍ୟସ୍ତ କଲେ ଯେ ବଙ୍ଗାଳି ଜାତିଟା କାଞ୍ଚନଜଙ୍ଘା ପରି ଉଚ୍ଚା, ଅଳକନନ୍ଦା ପରି ତେଜସ୍ୱୀ ଓ ଗଙ୍ଗାଧାର ପରି ଚିରନ୍ତନ । ପ୍ରମାଣ ସ୍ୱରୂପ ଉନବିଂଶ ଶତାବ୍ଦୀର ପାତ୍ର-ପାତ୍ରୀ ଓ ଘଟଣାବଳୀର ଚର୍ଚ୍ଚା କଲେ ସେ । ତୃତୀୟ ସନ୍ଧ୍ୟାର ଭାଷଣରେ ପ୍ରତିପାଦିତ ହେଲା ଉନବିଂଶ ଶତାବ୍ଦୀ ହିଁ ଥିଲା ବଙ୍ଗାଳିଙ୍କ ପାଇଁ ସ୍ୱର୍ଣ୍ଣଯୁଗ । ହଲ ଉଚ୍ଛୁଳି ପଡ଼ିଲା ଘନ ଘନ ସାଧୁ ଶବ୍ଦରେ । ଶ୍ରୋତାମାନେ ଏପରି ଭାବବିହ୍ୱଳ ହୋଇପଡ଼ିଲେ ଯେ ପ୍ରଶ୍ନ କରିବା ପାସୋରିଦେଲେ । ଜଣେ ଗବେଷକ ଛାତ୍ର ସାହସର ସହିତ ବକ୍ତା ମହାଶୟଙ୍କୁ ପଚାରିଥିଲେ ସେଦିନ-'ମହାଶୟ ଉନବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ବଙ୍ଗାଳି ରୂପେ ଆମେ ରାଜା ରାମମୋହନ ରାୟଙ୍କୁ ଗ୍ରହଣ କରିପାରିବା କି ?

ପ୍ରଶ୍ନ ଶୁଣି ସମଗ୍ର ସଭାକକ୍ଷ ବିସ୍ମିତ ହୋଇଯାଇଥିଲା । ଶ୍ରୋତାମାନେ ବିରକ୍ତ ହୋଇଥିଲେ-, କିଏ ସେ ଅର୍ବାଚୀନ ଏପରି ପ୍ରଶ୍ନ କରୁଛି ? ସେ କ'ଣ ବଙ୍ଗାଳିଙ୍କୁ ହିନ୍ଦୁ ବ୍ରାହ୍ମ ମୁସଲମାନ ଓ ଖ୍ରୀଷ୍ଟାନ୍ ରୂପେ ଭାଗ ଭାଗ କରିବାକୁ ଚାହୁଁଛି । କିନ୍ତୁ କାହାର

Digitized by srujanika@gmail.com

ମନୋଭାବନାକୁ ଖାତିର ନକରି ଡକ୍ଟର ମଜୁମଦାର କହିଥିଲେ ''ରାଜା ରାମମୋହନ ଖାଲି ଶ୍ରେଷ୍ଠ ବଙ୍ଗାଳି ନ ଥିଲେ, ଥିଲେ ସେସମୟର ଶ୍ରେଷ୍ଠ ଭାରତୀୟ । ତାଙ୍କର ତୁଳନା ହୁଏନା ।''

ଶ୍ରୋତାଙ୍କ ମନରୁ ଆଶଙ୍କା ଦୂର ହୋଇଥିଲା, ସମସ୍ତେ ଗର୍ବ ଅନୁଭବ କରିଥିଲେ । କେହି ଗାତ୍ରୁ ଗାତ୍ରୁ ହେବା ଦେଖା ଯାଇ ନ ଥିଲା । ମୋ ନିକଟରେ ଠିଆ ହୋଇଥିଲେ ସନ୍ତୋଷ ଦା (ଇତିହାସ ଅଧ୍ୟାପକ) ସେ ଭାରତ-ଇତିହାସର ଆଧୁନିକ ଅଧ୍ୟାୟ ପଢ଼ଉଥିଲେ । ସେ କହିଲେ– ''ତୁମେ ବୁଢ଼ାକୁ ପଚାରୁନ, ଯେଉଁ କଥାଟା ମୋତେ ପଚାରୁଥିଲେ ଏଇନେ ।'' ମୁଁ କିନ୍ତୁ ଭୟ ପାଇଯାଇଥିଲି । କାରଣ ତାହା ଥିଲା ଏକ ଉଚ୍ଚାଭିଳାଷୀ ପୁଣି ସାହିତ୍ୟ, ବିଜ୍ଞାନ, ରାଜନୀତି, ସମାଜସେବା ଓ ଶିକ୍ଷାଦି କ୍ଷେତ୍ରରେ ବିପୁଳ ସଫଳତା ଅର୍ଜନ କରିଥିବା ଗୋଟିଏ ଜାତି ପକ୍ଷରେ ଏକ ଅବାଞ୍ଛନୀୟ ଘାଉଲା ସମୟ । ଶ୍ରୋତା-ବକତା କାହାରି ମତିଗତି ଠିକ୍ ନ ଥିଲା, ଭୁଲ ବୁଝାମଣାର ଆଶଙ୍କା ଥିଲା ବହୁତ ବେଶୀ । ପୁଣି ବକ୍ତା ଡକ୍ଟର ମଜୁମଦାର ଅସମୀୟାମାନଙ୍କ ଅଶୋଭନୀୟ ବ୍ୟବହାରର ଉଲ୍ଲେଖ କରି ଭାଷଣ ଆରମ୍ଭରୁ ହିଁ ଘା'ଟାକୁ ପୁନର୍ଜୀବିତ କରିସାରିଥିଲେ । ମୁଁ ସନ୍ତୋଷ ଦା'ଙ୍କୁ ଓଲଟା କହିଥିଲି– 'ଆପଣଙ୍କ ପଚାରିଲେ ଚଳିବ । ମୁଁ ଅବଙ୍ଗାଳିଟେ !' ସେତେବେଳେ ଗଣ୍ୟମାନ୍ୟ ଶ୍ରୋତାମାନେ ଏକରକମ ସ୍ୱର୍ଣ୍ଣଯୁଗରେ ଥିଲେ । ସେ ପରିସ୍ଥିତିରେ କୌଣସି ବୌଦ୍ଧିକ ପ୍ରଶ୍ନ ଅବାନ୍ତର । ମୁଁ କେବଳ ଗଧ ଛାତ୍ରଟେ ପରି ସନ୍ତୋଷ ଦ'ାଙ୍କୁ ପଚାରୁଥିଲି । ''କୁହନ୍ତନା ଉନବିଂଶ ଶତାବ୍ଦୀରେ ବଙ୍ଗଭୂମି କ'ଣ ସ୍ୱାଧୀନ ଥିଲା ? ଯଦି ନା, ତେବେ ଏକ ପରାଧୀନ କାଳକୁ ଜାତିର 'ସ୍ୱର୍ଣ୍ଣଯୁଗ' କହିବା ହାସ୍ୟକର ନୁହେଁ କି ?'' ସନ୍ତୋଷ ଦା କହିଲେ– ''ଉନାକେ ବୋଲତେ ଦାଓ, ଶୁନ୍‌ତେ ଭାଲୋ ଲାଗ୍‌ଛେ'' ଅର୍ଥାତ୍ -ତାଙ୍କୁ କହିବାକୁ ଦିଅ, ଶୁଣିବାକୁ ଭଲଲାଗୁଚି ।

ପରେ ହଷ୍ଟେଲ୍‌ରେ ମୁଁ ସହାଧ୍ୟାୟୀଙ୍କ ସହିତ ଯୁକ୍ତି କରିଥିଲି- 'ଯେଉଁ ସମୟରେ କବିମାନେ ଇଂଲାଣ୍ଡଧୀଶ ବା/ଅଧୀଶ୍ୱରୀଙ୍କ ନିମନ୍ତେ ସ୍ତବରଚନା କରିବାକୁ ତତ୍ପର ଥିଲେ, ସେ ଯୁଗ ଆଉ ଯାହା ହେଉ ପଛେ ସ୍ୱର୍ଣ୍ଣ ଯୁଗର ମାନ୍ୟତା ପାଇ ନ ପାରେ । ସେଦିନର ମୋର ପ୍ରତିକ୍ରିୟା ଏ ପର୍ଯ୍ୟନ୍ତ ଅନ୍ତରରେ କାଏମ୍ ରହିଛି, ସତେଜ ରହିଛି ।

ଡକ୍ଟର ମଜୁମଦାରଙ୍କ ସେଦିନର ଭାଷଣମାଳା ପରେ ପୁସ୍ତକ ଆକାରରେ ପ୍ରକାଶିତ ହେଲା । ପତଳା, ହଳଦିଆସିଆ ମଲାଟ, ବନ୍ଧେଇ, ଶୀର୍ଷକ ଥିଲା ଅପରିବର୍ତ୍ତିତ - ''ଉନବିଂଶ ଶତକର ବଙ୍ଗଭୂମି'' । ତାର ଉତ୍ସର୍ଗପତ୍ରଟି ଥିଲା ଗୁରୁତ୍ୱପୂର୍ଣ୍ଣ । ତହିଁରେ ଲେଖାଥିଲା– ''ଅସମୀୟା ବେଙ୍ଗମାନେ ବଙ୍ଗୀୟଙ୍କୁ ନିର୍ଯ୍ୟାତନା ଦେଉଥିଲା ବେଳେ ଯେଉଁସବୁ ଭାରତୀୟ ନୀରବଦ୍ରଷ୍ଟା ସାଜିଥିଲେ ଏ ପୁସ୍ତକଟି ସେଇମାନଙ୍କୁ ଉତ୍ସର୍ଗ

Digitized by srujanika@gmail.com

କରାଗଲା’’ ଜଣେ ଶିଷ୍ଟ-ବିଶିଷ୍ଟ ଐତିହାସିକ ଗୋଟେ ନିର୍ଦ୍ଦୋଷ ଜାତି ପ୍ରତି ଘୃଣାବ୍ୟଞ୍ଜକ ବିଶେଷଣ ପ୍ରୟୋଗ କରିବାଟା ଯେ ବୌଦ୍ଧିକ ସୌଜନ୍ୟର ପରିପନ୍ଥୀ ଏଥିରେ ଦ୍ୱିମତ ଥାଇ ନପାରେ ।

ଉନବିଂଶ ଶତାବ୍ଦୀର ସାଧନା ଓ ସିଦ୍ଧିର ମହତ୍ତ୍ୱ ବୁଝିବାକୁ ମୋ’ର ବା କେତେ ଜ୍ଞାନ ଥିଲା ସେତେବେଳେ !

ତେବେ ନୀରବଦ୍ରଷ୍ଟା ସାଜିବା ଭାରତୀୟ ଚରିତ୍ରର ଏକ ଚିରାଚରିତ ଦିଗ । ସ୍ୱର୍ଗତଃ ନିରଦ ସି. ଚୌଧୁରୀ ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ପ୍ରାଣପ୍ରତିଷ୍ଠାତା ରବର୍ଟ୍ କ୍ଲାଇବ୍‌ଙ୍କ ବିଷୟରେ ଲେଖିଥିବା ପୁସ୍ତକଟିରେ ତା’ର ଦୃଷ୍ଟାନ୍ତ ରହିଛି । ‘ପଲାସି ଯୁଦ୍ଧ’ ବେଳେ ଯୁଦ୍ଧଭୂମିର ଚାରିପଟେ କାଳେ ଫୁଟ୍‌ବଲ୍ ଖେଳ ଦେଖିଲା ଭଳି ଅସଂଖ୍ୟ ଅଣସୈନିକ ଜମା ହୋଇଥିଲେ । ସେମାନେ ନବାବଙ୍କ ସେନା ଓ ଇଂରେଜ ସେନା ମଧ୍ୟରେ ଚାଲିଥିବା ଯୁଦ୍ଧ ଉପଭୋଗ କଲାଭଳି ଦେଖୁଥିଲେ । କ୍ଲାଇବ୍‌ଙ୍କ ସୈନ୍ୟ ସଂଖ୍ୟା କମ୍‌ଥିଲା, ସେ ଆଶଙ୍କା କରୁଥିଲେ ଯଦି ଅଣସୈନିକମାନେ ହାତରେ ଯାହା ତାହା ଅସ୍ତ୍ର ବା ଠେଙ୍ଗାବାଡି ଧରି ସିରାଜଙ୍କୁ ସାହାଯ୍ୟ କରିବାକୁ ମାଡି ଆସିବେ ତେବେ ଇଂରେଜ ସେନା ପରାଜିତ ହେବ ହିଁ । କିନ୍ତୁ ତା’ ହେଲାନି । ପଲାସି କ୍ଷେତ୍ରରେ ସିରାଜ ଉଦ୍ଦୌଲାଙ୍କ ପତନ ଘଟିଲା ଏବଂ ବଙ୍ଗ ଖଣ୍ଡର ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ହୋଇଗଲା । ଏହା ଖ୍ରୀ:ଅ:୧୭୫୭ ମସିହାର କଥା ।

ତତ୍‌କାଳର ସେଇ ନୀରବ ଦର୍ଶକ ଗୋଷ୍ଠୀଙ୍କୁ ଅତି ସହଜରେ ହାତ କରିନେଇଥିଲା ଇଷ୍ଟଇଣ୍ଡିଆ କମ୍ପାନି ଓ ସେହିମାନଙ୍କ ସହାୟତାରେ ଦେଶରେ ରାଜନୈତିକ ଓ ସାମାଜିକ ବିପ୍ଳବ ଘଟାଇ ଚାଲିଥିଲା । ଘଟଣାର ମାତ୍ର ୪୩ଟି ବର୍ଷ ପରେ ଉନବିଂଶ ଶତାବ୍ଦୀର ପତାକା ଉଠିଥିଲା । ସେତେବେଳକୁ ବଙ୍ଗୀୟମାନେ କମ୍ପାନି ଶାସନକୁ ଆଦରି ନେଇ ସାରିଥିଲେ । ସେହି ନୀରବଦର୍ଶକ ଗୋଷ୍ଠୀ ମଧ୍ୟରୁ ଜନ୍ମ ନେଇଥିଲା ଉନବିଂଶ ଶତାବ୍ଦୀର ସମ୍ଭ୍ରାନ୍ତ ବଙ୍ଗୀୟ ସମାଜ, ଯେଉଁମାନଙ୍କୁ ଭିନ୍ନ ଭାଷାରେ ସୁବିଧାବାଦୀ ଗୋଷ୍ଠୀ ଭାବେ ନାମିତ କରାଯାଇପାରେ ।

କେତେକ ଦୃଷ୍ଟିରୁ ଉନବିଂଶ ଶତକ ସମ୍ଭ୍ରାନ୍ତ ବଙ୍ଗୀୟଙ୍କ ପାଇଁ ପ୍ରକୃତରେ ସ୍ୱର୍ଣ୍ଣଯୁଗ ଥିଲା ? ସୂର୍ଯ୍ୟାସ୍ତ ଆଇନ୍‌ର ସୁଯୋଗ ଲାଭ କରି ନବ୍ୟଶିକ୍ଷିତ ସୁବିଧାବାଦୀ ବଙ୍ଗୀୟମାନେ ଓଡ଼ିଶା ଓ ବିହାରର ଜମିଦାରିଗୁଡ଼ିକୁ ଅତି ଅତି ଶସ୍ତାରେ ନିଲାମ ଧରି ଧନୀରୁ ଅଧିକ ଧନୀ ହୋଇଗଲେ । ଆମ ନିଜ ପରିବାରର ମିଶ୍ରପୁର-ପିତେଇପୁର ଜମିଦାରିଟି କାଳେ ସେଇ ସମୟରେ କଲିକତାରେ ମାତ୍ର ଟ୨୫ଙ୍କ ରେ ନିଲାମ ହୋଇଯାଇଥିଲା, ଯାହାର ବିନ୍ଦୁବିସର୍ଗ ଆମର ଗୃହାଧିପତି ଜାଣି ପାରି ନ ଥିଲେ ପିଆଦା ଆସି ନ ପହଞ୍ଚିବା ଯାଏଁ ।

Digitized by srujanika@gmail.com

ସେପରି ଦୁଃଖଜନକ ପ୍ରତାରଣାର କାହାଣୀ ମୁଁ ପିଲାଦିନେ ବୁଢା ବୁଢାଙ୍କ ମୁହଁରୁ ଶୁଣିଚି । ତେବେ ସେହି ନବ୍ୟଶିକ୍ଷିତ ସମ୍ଭ୍ରାନ୍ତ ସମାଜ ଯେ ଆଧୁନିକ ବଙ୍ଗଭୂମିର ନିର୍ମାତା- ଏହା ସ୍ୱୀକାର କରିବାକୁ ହିଁ ହେବ ।

ପକ୍ଷାନ୍ତରେ ଊନବିଂଶ ଶତାବ୍ଦୀ ଓଡ଼ିଶା ପକ୍ଷରେ ଥିଲା ଦୁର୍ବିସହ ଓ ସଂଘର୍ଷମୟ, ଜାତି ପାଇଁ ଜୀବନ ମରଣର ସମୟ । ଏଇ ଶତାବ୍ଦୀରେ ହିଁ ପ୍ରଥମେ କୁଲାଡଗଡ ଧ୍ୱଂସ ହେଲା, ବାରବାଟୀଗଡ ଧ୍ୱଂସ ହେଲା, ପୁରୁଣା ବନ୍ଦରଗୁଡ଼ିକ ଅଚଳ ହୋଇଗଲା । ନ'ଅଙ୍କ ଦୁର୍ଭିକ୍ଷ ପଡ଼ିଲା, ପରେ ପୁଣି ବ୍ୟାପିଲା ମହାମାରୀ ପରେ ମହାମାରୀ । ଲୋକେ ମଲେ । ଯିଏ ବଂଚିଲା ସେ ଭିକାରୀ ହୋଇଗଲା, ଛତ୍ରଖିଆ ହୋଇଗଲା, ଗାଁ ଛାଡ଼ି ଘରଛାଡ଼ି ରାଇଜ ଛାଡି ପଳେଇଲା ଦୂରକୁ । ଏଇ ଶତାବ୍ଦୀରେ ଜୟୀରାଜଗୁରୁ ଫାଶି ପାଇଲେ, ବକ୍ସି ଜଗବନ୍ଧୁଙ୍କ ପତନ ହେଲା, ସୁରେନ୍ଦ୍ର ସାଏ ପରାସ୍ତ ହେଲେ, ଦଳବେହେରା, ଚକରା ବିଶୋଇ, ଦୋହରା ବିଶୋଇଙ୍କ ଭଳି ସ୍ୱାଭିମାନୀ ଯୋଦ୍ଧାମାନେ ନିହତ ହେଲେ । ଓଡ଼ିଆ ଜାତିର କମର ଭାଙ୍ଗିଗଲା । ତେବେ କୁଲାଡର ଦୋହରା ବିଶୋଇଙ୍କ ଭଳି ବ୍ୟକ୍ତିଙ୍କ ଦୁର୍ଲଭ ବୀରତ୍ୱ ପ୍ରମାଣ କରେ ଯେ ଜାତିଟା ମରି ନ ଥିଲା, କିମ୍ବା ବିଜୟୀ ଗୋରାଙ୍କ ନିକଟରେ ଆତ୍ମସମ୍ମାନ ବିକି ଦେଇ ନ ଥିଲା । ଅବଶ୍ୟ ସଂଘର୍ଷର ଯଥାଯଥ ରେକର୍ଡ ନାହିଁ । ଚତୁର ବ୍ରିଟିଶ ସେନାପତିମାନେ ଆପଣା କୃତିତ୍ୱର ବିବରଣୀ ସାଇତି ରଖିଛନ୍ତି, କିନ୍ତୁ କେଉଁଠି କିଭଳି ବିରୋଧର ସମ୍ମୁଖୀନ ହୋଇ ସେମାନେ ରକ୍ତାକ୍ତ ହୋଇଥିଲେ ଏବଂ ପଛଘୁଞ୍ଚା ଦେଇଥିଲେ- ସେ ସବୁ ଘଟଣା ବିବରଣୀରୁ ଏଡ଼େଇ ଦେଇଛନ୍ତି । ସମକାଳୀନ ଓଡ଼ିଆ ଲେଖକମାନେ ସେସବୁ ଘଟଣା ପ୍ରତି ପ୍ରଚଣ୍ଡ ଭାବେ ଉଦାସୀନତା ଦେଖାଇଛନ୍ତି । ସତେ ଯେମିତି ଦୁର୍ଗପତନ ଘେନି ଲେଖକଗୋଷ୍ଠୀ ଚିନ୍ତିତ ନ ଥିଲେ । କବିମାନେ ଧର୍ମ, ମଠ, ଠାକୁର ଓ ଜାତି-ଭେଦ ଭାବକୁ ଧରି ପଡି ରହିଥିଲେ । ଗଂଜାମ ଦଖଲ କରି ରସେଲ ସାହେବ ବିଜୟୀ ହେଲେ, ସ୍ଥାନର ନାଁ ରହିଲା ରସେଲକୋଣ୍ଡା (ଆଧୁନିକ ଭଂଜନଗର) । କିନ୍ତୁ ଗୋରା ଶାସନ ଏତେ ଭୟାନକ ଥିଲା ଯେ ଓଡ଼ିଆ ଭାଷା ସାହିତ୍ୟର ଗର୍ବ ଓ ଗୌରବର ପୀଠ ଗଂଜାମରେ କେହି ଧାଡ଼ିଏ କେଉଁଠି ଲିପିବଦ୍ଧ କଲେ ନାହିଁ ସଂଗ୍ରାମରେ ପ୍ରାଣପାତ କରିଥିବା ଯୋଦ୍ଧାଙ୍କର କାହାଣୀ ।

୧୯୬୪ରେ ମୁଁ ବୁଲି ବୁଲି ନିରାଶ ହୋଇଛି, ଅଳ୍ପ କେଇଟି କିମ୍ବଦନ୍ତୀ ବ୍ୟତୀତ ସାମରିକ ସଂଘର୍ଷର ବିଶେଷ ଉପାଦାନ ମୁଁ ପାଇପାରି ନାହିଁ । ଇତିହାସର ଗବେଷକମାନେ ସେ ଦିଗରେ ଉଦ୍ୟମ କରିବା ଆବଶ୍ୟକ । ଏହା ନିଶ୍ଚିତ ଯେ ଓଡ଼ିଶାବାସୀଙ୍କ ପ୍ରତି କମ୍ପାନି ସରକାରଙ୍କ ପ୍ରବଳ କ୍ରୋଧ ଥିଲା, କାରଣ ସେମାନଙ୍କୁ ଏଇ ରାଜ୍ୟରେ ହିଁ ପ୍ରଚଣ୍ଡ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଦୁର୍ଗ ଧ୍ୱଂସ ନକଲେ ବିଦ୍ରୋହ ଦମନ

Digitized by srujanika@gmail.com

କରି ହେବନି ଭାବି ସେମାନେ ସମସ୍ତ ମଧ୍ୟଯୁଗୀୟ ଦୁର୍ଗ ଗୁଡ଼ିକୁ ଭୂମିସାତ୍ କରିଦେଇଥିଲେ ତୋପ ମାଡ଼ରେ । କିମ୍ବଦନ୍ତୀ କହେ କଟକ ଦୁର୍ଗଟି ମଧ ସେଇମାନଙ୍କ ଉଦ୍ୟମରେ ଭୂମିସାତ୍ ହୋଇଥିଲା, ତହିଁରୁ ଉପଲବ୍ଧ ପଥରରେ ସେମାନଙ୍କ ମୁଖ୍ୟ ନିବାସ ଛାଉଣୀ କ୍ୟାଣ୍ଟନମେଣ୍ଟ ନିର୍ମିତ ହୋଇଥିଲା । ୧୮୦୩ରେ ଇଂରେଜମାନେ ଅଧିକାର କରିଥିଲେ ମଧ କେବଳ କ୍ରୋଧ ଓ ପ୍ରତିହିଂସା କାରଣରୁ ସେମାନେ ଦୀର୍ଘ ପଚାଶବର୍ଷ ଧରି ଓଡ଼ିଶାର ସୁଶାସନ ଓ ଉନ୍ନୟନ କଥା ଚିନ୍ତା କରି ନ ଥିଲେ ।

ଲାମା ଓ ତିବ୍ବତୀ ଛାତ୍ରଙ୍କ ସହିତ ପିକ୍‌ନିକ୍‌ରେ ଲେଖକ - ୧୯୬୧
(ତଳ ଡାହାଣରୁ ପ୍ରଥମ)

Digitized by srujanika@gmail.com

।। ସତର ।।

କୁହାଯାଏ, ଇଂରେଜମାନେ 'କଟକ ବିଜୟ' ପରେ ପରେ (୧୮୦୩ ମସିହା) ଗୋଟିଏ କୋକୁଆ ଭୟ ସୃଷ୍ଟି କରିଥିଲେ, କଟକବାସୀଙ୍କୁ ଏବେ ଜବର୍ଦସ୍ତ ଖ୍ରୀଷ୍ଟାନ କରିଦିଆଯିବ । ସେଇ ଭୟରେ ଅଧିକାଂଶ ଉଚ୍ଚବର୍ଣ୍ଣର ଓଡ଼ିଆ ଲୋକେ ମହାନଦୀ ଅତିକ୍ରମ କରି ପଳାୟନ କରିଥିଲେ ଏବଂ ଆଠଗଡ଼, ତିଗିରିଆ, ନରସିଂହପୁର, ବଡ଼ମ୍ବା ଆଦିରେ ଆଶ୍ରୟ ନେଇଥିଲେ । ଜୀବିକା ବୁଡ଼ିଯିବା ଭୟରେ ଭାଗ୍ୟକୁ ଆଦରି ରହିଯାଇଥିଲେ କେବଳ ବିଭିନ୍ନ ଶ୍ରେଣୀର କୈବର୍ତ୍ତ ଓ ଗୋପାଳକମାନେ । ତେବେ ଏପରି କିମ୍ବଦନ୍ତୀର ସତ୍ୟତା କେତେ ତା ବିଶେଷଜ୍ଞମାନେ ଆଲୋଚନା କରିବେ ।

ଓଡ଼ିଶାର ସମ୍ଭ୍ରାନ୍ତ ଶ୍ରେଣୀର ଅଣ୍ଟା ଭାଙ୍ଗିବା ପାଇଁ ସାମୂହିକ ହତ୍ୟାକାଣ୍ଡଠାରୁ ଅଧିକ ଜଘନ୍ୟ କାର୍ଯ୍ୟକ୍ରମ ଇଂରେଜମାନେ ହାତକୁ ନେଇଥିଲେ ଯାହାର କୌଣସି ରେକର୍ଡ୍ (ନିନ୍ଦିତ ହେବା ଭୟରେ) ସେମାନେ ରଖୁ ନ ଥିଲେ । ଦୋହରା ବିଶୋଇ, ଚକରା ବିଶୋଇଙ୍କ ଠାରୁ ଆରମ୍ଭ କରି ସୁରେନ୍ଦ୍ର ସାଏ, ବକ୍ସିଜଗବନ୍ଧୁ ଓ ବିର୍ସାମୁଣ୍ଡାଙ୍କ ପର୍ଯ୍ୟନ୍ତ ବିରୋଧ ଓ ବିଦ୍ରୋହ ମାଧ୍ୟମରେ ଓଡ଼ିଆମାନେ ଆପଣାର ପ୍ରାଣଶକ୍ତି ଓ ସ୍ୱାଭିମାନର ପରିଚୟ ଦେଇଥିଲେ । ତାହା ହିଁ ଗୌରବର କଥା । ଏବେ ଯେଉଁମାନେ କଥା କଥାକେ ବଙ୍ଗଭୂମିଠାରୁ ଓଡ଼ିଶା ପଚାଶ ବର୍ଷ ପଛରେ ପଡ଼ିଯାଇଛି କହି ଇଂରେଜ ଶାସନର ଜୟଗାନ (ପରୋକ୍ଷରେ) କରନ୍ତି, ସେମାନେ ଜାତିର ଅଭିମାନ କ'ଣ ବୁଝନ୍ତି ନାହିଁ, କିମ୍ବା ଇତିହାସର ତର୍ଜମା କରିବାକୁ ଇଚ୍ଛୁକ ନୁହଁନ୍ତି ।

ପାଠକେ ଜାଣନ୍ତୁ, ୧୮୦୩ର ପୂର୍ବରୁ ନଅଙ୍କ ଦୁର୍ଭିକ୍ଷ (୧୮୬୬) ଯାଏଁ ଦୀର୍ଘକାଳ ଧରି ଇଂରେଜ ଓ ତାଙ୍କର ତତ୍କାଳୀନ ଅନୁଗାମୀଗଣ ଓଡ଼ିଆ ଶକ୍ତିକୁ ପରାଭୂତ କରିବା ପାଇଁ ନାନାବିଧ ହତ୍ୟାକାଣ୍ଡ ଭିଆଇଲେ, ନ୍ୟାୟ ଓ ବିଚାରର ବାହାନା ଧରି । 'ଜୟୀ ରାଜଗୁରୁ'ଙ୍କୁ ସର୍ବସାଧାରଣଙ୍କ ସମ୍ମୁଖରେ ଫାଶୀ ଦେବା ଥିଲା (ଏକ ବରଗଛର ଡାଳରୁ ଝୁଲାଇ) ଓଡ଼ିଆ ଜାତି ପ୍ରତି ଏକ ଅପମାନ, ଯେଉଁବର୍ବର ବ୍ୟବହାରର ତୁଳନା ନାହିଁ ଇତିହାସରେ । ସବୁଠାରୁ ବଡ଼ ହତ୍ୟାକାଣ୍ଡ ତ ନଅଙ୍କ ଦୁର୍ଭିକ୍ଷ, ଯାହା କମ୍ପାନୀ କୁଶାସନର ଗୋଟିଏ ସର୍ବକାଳୀନ ନମୁନା ଯେଉଁଥିପାଇଁ ଇତିହାସ କେବେ ଇଂରେଜ ପ୍ରଶାସକ ଓ ତାଙ୍କର ବଙ୍ଗୀୟ ସେବକମାନଙ୍କୁ କ୍ଷମାଦେବ ନାହିଁ ।

Digitized by srujanika@gmail.com

ମଜାକଥା ହେଉଛି ଓଡ଼ିଶାରେ ସଂଘର୍ଷ ଜାରି ରହିଥିବା ବେଳେ ବଙ୍ଗଭୂମିରେ ସମ୍ଭ୍ରାନ୍ତ ସମାଜର ନବୀକରଣ ଘଟିଚାଲିଥିଲା ଓ ଇଂରେଜ ଶାସକଙ୍କ ସହିତ ସୁସଂପର୍କ ଯୋଗେ ସେମାନଙ୍କ ପାଇଁ ଏକ ଅଣପାରମ୍ପରିକ ପରିଚୟ ସୃଷ୍ଟି ହୋଇଥିଲା । ସେହି ସମୟରେ ଯାହା ଯାହା ସବୁ ସାଧିତ ହେଲା ସେସବୁ ତାଙ୍କର ନବ-ଅଭ୍ୟୁଦୟ ପାଇଁ ମାର୍ଗ ପ୍ରସ୍ତୁତ କରିଦେଇଥିଲା । ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ, ଗବେଷଣାଗାର, ଛପାଖାନା, ପତ୍ର-ପତ୍ରିକା ଓ ପୁସ୍ତକ ପ୍ରକାଶନ ସଂସ୍ଥା ଜରିଆରେ ସେ ରାଜ୍ୟରେ ଯେଉଁ ନବ୍ୟ-ସମାଜ ଗଠିତ ହୋଇଥିଲା ପାରମ୍ପରିକ ସମାଜ ଓ ପାରମ୍ପରିକ ବୃତ୍ତିଧାରୀଙ୍କ ସହିତ ତା'ର କିଛି ନେଣଦେଣ ନ ଥିଲା । ଢାକାର ବୟନଶିଳ୍ପୀମାନେ, ଗାଁର କୃଷକମାନେ, ନୀଳଚାଷୀମାନଙ୍କ ଦୁର୍ଦ୍ଦଶା ପ୍ରତି ସମ୍ଭ୍ରାନ୍ତ ସମାଜର ଦୟା-ଦାକ୍ଷିଣ୍ୟ ନ ଥିଲା । ଏପରିକି ଗାଉଁଲି ମଣିଷ ଓ ସେମାନଙ୍କ କଥିତ ଭାଷା ସମ୍ଭ୍ରାନ୍ତଙ୍କ ପକ୍ଷରେ ଅସହ୍ୟ ହୋଇ ଉଠିଥିଲା । ସେଇ ଅସହଣିରୁ ବଙ୍ଗଭାଷାର ଏକ କୃତ୍ରିମ ନବୀକରଣ ହେଲା । ଶିକ୍ଷିତଙ୍କ ଭାଷାକୁ ସେମାନେ ମାନକ ଭାଷା ରୂପେ ଗ୍ରହଣ କରିନେଲେ । ସାଧାରଣ କଥାବାର୍ତ୍ତାବେଳେ ମଧ୍ୟଜଣେ ଯଦି ଗାଉଁଲି ଭାଷାରେ କହୁଥିଲା ଅନ୍ୟଜଣେ ତାକୁ ସତର୍କ କରିଦେଉଥିଲା- 'ଚଲତି ବାଂଲାୟ ବଲୋ କେନୋ ?' ଅର୍ଥାତ୍ 'ଗାଉଁଲି କଥିତ ଭାଷାରେ କାହିଁକି କହୁଛୁ ଯେ ?' ନବ୍ୟଭାଷା ଭିତରେ ସଚେତନ ଭାବରେ କୃତ୍ରିମତାକୁ ଶିକ୍ଷିତମାନେ ପ୍ରଶ୍ରୟ ଦେବାରୁ ବଙ୍ଗଳା ଭାଷା ତା'ର ପାରିମ୍ପରିକ ସ୍ୱାଭାବିକତାଠାରୁ ଯେ ଦୂରେଇ ଗଲା ଏଥିରେ ସନ୍ଦେହ ନାହିଁ । ସବୁ ସ୍ୱାଭିମାନୀ, ଶିକ୍ଷିତ ସୁବିଧା ପ୍ରାପ୍ତ ଓ ଇଂରେଜଙ୍କ ଦ୍ୱାରା ଉତ୍ସାହିତ ସମ୍ଭ୍ରାନ୍ତମାନେ ଯେଉଁ ଭାଷା ତିଆରିକଲେ ତାର ବିରୋଧ କରିବା ବା ତହିଁରେ ପରିବର୍ତ୍ତନ ଆଣିବାର ସମୟ ସେତେବେଳେ ହୋଇ ନ ଥିଲା । ଏମିତିକି ମେଦନୀପୁରର ଓଡ଼ିଆ ହୋତା ପରିବାରର ସନ୍ତାନ ସଂସ୍କୃତଜ୍ଞ ପ୍ରସିଦ୍ଧ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ସେଥିରେ ଯୋଗ ଦେଇଥିଲେ । ସମସ୍ତଙ୍କ ପ୍ରଚେଷ୍ଟାରେ ମାନକ ନବ୍ୟ ଭାଷାଟି ଅଧିକ ମାନ୍ୟତା ଲାଭ କରିଥିଲା ଓ ଗାଁ-ଗହଳିରେ ପ୍ରବେଶ କରିଥିଲା । ବଢ଼ିପାଣି ପଶିଲେ ଯେପରି ଗାଁ ଗହଳିର ଘରଦ୍ୱାର ଭାଙ୍ଗିଯାଏ, ପୋଥିପତ୍ର ଭାସିଯାଏ ସେଇପରି ମାନକ ଭାଷାର ବନ୍ୟା ଫଳରେ ପାରମ୍ପରିକ ଗାଉଁଲି ବଙ୍ଗଳା ତାର ନିଜ ସ୍ଥାନରେ ତିଷ୍ଠିବା ମଧ୍ୟ କଷ୍ଟକର ହୋଇପଡିଥିବ ବୋଲି ଅନୁମାନ କରାଯାଇପାରେ । ସେତେବେଳେ ଅଭ୍ୟୁଦ୍‌ଥିତ ସମ୍ଭ୍ରାନ୍ତ ବଙ୍ଗୀୟମାନେ ବହୁପାଦ ଆଗେଇଗଲେ ନିଶ୍ଚୟ । କିନ୍ତୁ ଆତ୍ମ ସନ୍ତୋଷକୁ ଦୃଢତର କରିବାକୁ ସେମାନେ ଲାଗି ପଡିଥିଲେ ଐତିହ୍ୟର ସନ୍ଧାନରେ, ଯାହା ଥିଲା ପ୍ରକୃତରେ ଦୁଷ୍ପ୍ରାପ୍ୟ । କିନ୍ତୁ ତତ୍କାଳୀନ ସମ୍ଭ୍ରାନ୍ତ ବଙ୍ଗୀୟଙ୍କ ଠାରେ ଯେଉଁ ମନୋବୃତ୍ତି (କମ୍ପ୍ଲେକ୍ସ) ଚର୍ମରୋଗ ପରି ଛାଇ ଯାଇଥିଲା ତା' ଥିଲା ପ୍ରତିବେଶୀଙ୍କ ପକ୍ଷରେ ବିପଜ୍ଜନକ ।

Digitized by srujanika@gmail.com

ପ୍ରକୃତରେ ତା' ଥିଲା ଏକ ପ୍ରକାରର 'ଅଣ୍ଡାଳିବାର କାର୍ଯ୍ୟକ୍ରମ', ଯାହା ଯେଉଁଠି ଦେଖିଲେ ନିଜର କହି ମାଡିବସିବାର ପ୍ରବୃତ୍ତି । ଏମିତିକି ଜଣେ ପ୍ରସିଦ୍ଧ ବଙ୍ଗୀୟ ଲେଖକ ଯିଏ ବହୁକାଳ ଓଡ଼ିଶାରେ କଟାଇଥିଲେ-ଗୋଟିଏ କବିତାରେ ବଙ୍ଗବାସୀଙ୍କୁ ଉଦ୍‌ବୋଧନ ଦେଇ ଉଲ୍ଲେଖ କରିଥିଲେ ଯଥା, 'ହାୟ ହାୟ, ତୁମେ କ'ଣ ସେଇ ବଙ୍ଗୀୟ ଯିଏ ସୁଦୂର କଳିଙ୍ଗରେ କୋଣାର୍କ ମନ୍ଦିର ଗଢିଥିଲେ ?'

ଅଣ୍ଡାଳିବା କାର୍ଯ୍ୟକ୍ରମରେ ଆଧୁନିକ ବଙ୍ଗୀୟମାନେ କେତେବେଶୀ ତତ୍ପର ଥିଲେ ତା' ଏଥିରୁ ଅନୁମେୟ । ଜୟଦେବଙ୍କୁ ବଙ୍ଗର ସନ୍ତାନ କହିବା ତା' ମଧ୍ୟରୁ ଗୋଟିଏ । ସମ୍ଭ୍ରାନ୍ତ ବଙ୍ଗୀୟଙ୍କ ସେଇ ପ୍ରକାରର ତୃଷା ସହଜରେ ଦମିତ ହେବାର ନ ଥିଲା, କାରଣ ତାଙ୍କ ତତ୍କାଳଟା ଥିଲା ସମୁନ୍ନତ ଓ ଶାସକୀୟ ସୁବିଧା-ସୁଯୋଗ ଦୃଷ୍ଟିରୁ ଭଲ ସମୟ । ଏବେ ସେ ପ୍ରକାର ମନୋଭାବର ସେଇ ତୀକ୍ଷ୍ଣତା ଓ ତୀବ୍ରତା ହୁଏତ ଆଉ ନାହିଁ କିନ୍ତୁ ସଂପୂର୍ଣ୍ଣ ବିଲୁପ୍ତ ହୋଇଚି ବୋଲି କହି ହେବନି ।

କାଲି ଭଳି ଲାଗୁଚି ଇଂଲିସ୍ ଚ୍ୟାନେଲ୍ ବିଜୟୀ ମିହିର ସେନଙ୍କୁ ସେଦିନ ଶାନ୍ତିନିକେତେନବାସୀ ସମ୍ବର୍ଦ୍ଧନା ଦେବାକୁ ସିଂହସଦନରେ ରୁଣ୍ଡ ହୋଇଥିଲେ । ସଭାକକ୍ଷରେ ସୋରିଷ ପକେଇବାକୁ ସ୍ଥାନ ନ ଥିଲା । ସଭାରେ କଟକରେ ଯେ ମିହିରଙ୍କ ଜନ୍ମ ଓ ସେଇଠି ଶିକ୍ଷାପ୍ରାପ୍ତ ସେ କଥା ଉଠିଲାନି । ପୁରୀର ଯେଉଁ ନୋଳିଆଙ୍କୁ ଗୁରୁ କରି ସନ୍ତରଣ ଶିକ୍ଷାଆରମ୍ଭ କରିଥିଲେ ସେନ୍ ମହାଶୟ ସେ ବିଷୟ ଉଲ୍ଲେଖ କଲେ ନାହିଁ । ଜନ୍ମଭୂମିକୁ ମଧ୍ୟ ଭୁଲିଗଲେ । ସେତେବେଳେ ତାଙ୍କର ଦୁଇଜଣ ଭଉଣୀ ଶାନ୍ତିନିକେତନରେ ହସ୍ତଶିଳ୍ପର ଛାତ୍ରୀଥିଲେ, ପରସ୍ପର ମଧ୍ୟରେ ଓଡ଼ିଆରେ ଗପୁଥିଲେ, କେବେକେବେ କଳି ଲାଗୁଥିଲେ । ମିହିର ସେନ କିନ୍ତୁ ନିଜକୁ କଲିକତିଆ ସାବସ୍ତ୍ୟ କରି ଭାଷଣ ଦେଇଥିଲେ । ସେଇ ସମୟରେ (୧୯୬୦-୧୯୬୧) ଇଂରାଜୀ ପତ୍ରିକା "Modern Review'ରେ ସେ ଯେଉଁ ଲେଖାଟି ପ୍ରକାଶ କରିଥିଲେ ସେଥିରେ ନିଜକୁ 'କଟକୀ' କହି ନ ଥିଲେ । ତାହା ହିଁ ଦୁଃଖର କଥା । ଅଥଚ ଓଡ଼ିଆମାନେ ତାଙ୍କୁ କମ୍ ଆଦର କରି ନ ଥିଲେ ସେତେବେଳେ ! ଏମିତିକି ବିଂଶ ଶତାବ୍ଦୀର ଶେଷ ଦଶକରେ ଯେତେବେଳେ ବୋଇତ ଯାତ୍ରାର ମହୋତ୍ସବ ପାଳନ ପାଇଁ ସ୍ଥିର ହେଲା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମିହିର ସେନଙ୍କୁ ନିମନ୍ତ୍ରଣ ଦେଇ ସମ୍ମାନ ଜଣାଇଥିଲେ ।

ରକ୍ଷା ହୋଇଛି, ଉପନିବେଶୀ ଶକ୍ତିର ଯାବତୀୟ ଅତ୍ୟାଚାର ଏବଂ ବଢି, ମରୁଡି, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରର ନିୟମିତ ପ୍ରହାର ସତ୍ତ୍ୱେ ଓଡ଼ିଆଜାତିର ଅଭ୍ୟନ୍ତରରେ ଜାତୀୟବାଦୀ ଭାବଧାରାର କୌଣସି ସଂକୀର୍ଣ୍ଣ ପ୍ରକାଶ ଘଟି ନ ଥିଲା, ଏମିତିକି ବିଲାତିଙ୍କ ରାଜନୀତି ଓ ସାହିତ୍ୟର ସଂସର୍ଗରେ ଆସି ମଧ୍ୟ ହୋଇ ନ ଥିଲା । ଓଡ଼ିଶା ଇତିହାସର ଆଲୋଚନା କଲେ କଥାଟି ସ୍ପଷ୍ଟ ହେବ ।

Digitized by srujanika@gmail.com

ରାଜନୈତିକ ଯୁଦ୍ଧରେ ଓଡ଼ିଆମାନେ ଇତିହାସର ଅନେକ ପୃଷ୍ଠାରେ 'ବିଜୟଶ୍ରୀ' ମଣ୍ଡିତ ହୋଇଛନ୍ତି, ସ୍ମାରକୀ ସ୍ୱରୂପ ଗଣେଶ ଓ ଗୋପାଳ ମୂର୍ତ୍ତି ଟେକି ଆଣିଛନ୍ତି, କିନ୍ତୁ ସେସବୁକୁ ଆପଣା କାରିଗରଙ୍କ ସୃଷ୍ଟି ବୋଲି କହି ନାହାନ୍ତି । ଗୋଦାବରୀ ନଦୀତଟ ରାଜମହେନ୍ଦ୍ରି ପର୍ଯ୍ୟନ୍ତ ଗୋଟାଏ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ଶାସନାଧୀନ ଥିଲା, ପ୍ରତାପରୁଦ୍ର ଦେବଙ୍କ ସମୟରେ ଜଣେ ବିଶିଷ୍ଟ ସଂସ୍କୃତିବିତ୍ ଓ ଲେଖକ ରାଜମହେନ୍ଦ୍ରିର ପ୍ରଶାସକ ଥିଲେ । କିନ୍ତୁ ଓଡ଼ିଆମାନେ ତୈଲଙ୍ଗୀ ସଂସ୍କୃତିର ଅବମାନନା କରି ନ ଥିଲେ କିମ୍ବା ତେଲେଗୁ ସ୍ଥାନରେ ଓଡ଼ିଆ ପ୍ରବର୍ତ୍ତନ କରିବାକୁ ପ୍ରୟାସ କରି ନ ଥିଲେ । ଅର୍ଥାତ୍ ସାଂସ୍କୃତିକ ସାମ୍ରାଜ୍ୟବାଦିତା ଭଳି ଅବିଗୁଣ କସ୍ମିନ୍‌କାଳେ ଓଡ଼ିଆଙ୍କ ମଧ୍ୟରେ ନ ଥିଲା । ସମ୍ଭବତଃ ଏହି ମାନବୀୟ ଉଦାରତା କାରଣରୁ ଆଧୁନିକ ଶାସନତନ୍ତ୍ରର ସମସ୍ତ ଅବହେଳା, ଅବିଚାର ଓ ଅବଜ୍ଞା ସତ୍ତ୍ୱେ ଓଡ଼ିଆ ଜାତି ବଞ୍ଚି ରହିଛି ।

ଜବରଦଖଲର ଭାବନା ତ ଦୂରର କଥା ଓଡ଼ିଆମାନେ ନିଜ ସଂପଦକୁ ସାଉଁଟିବା ଓ ନିଜର ମାଲିକାନା ସାବ୍ୟସ୍ତ କରିବା କାର୍ଯ୍ୟକ୍ରମ ଆଜିଯାଏଁ ନିଷ୍ଠାର ସହିତ ହାତକୁ ନେଇନାହାନ୍ତି । ଏହାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ପ୍ରେମଧର୍ମର ପ୍ରବର୍ତ୍ତକ ମହାନ୍‌ଗୁରୁ ଶ୍ରୀ ଚୈତନ୍ୟ । ସେ ଓଡ଼ିଶା ମାଟିର (ଯାଜପୁର) ସନ୍ତାନ ଜଗନ୍ନାଥ ମିଶ୍ରଙ୍କ ସୁପୁତ୍ର । ଜଗନ୍ନାଥ ମିଶ୍ରେ ନବଦ୍ୱୀପ ନିବାସୀ ହୋଇଥିଲେ, ପୁତ୍ରର ଶୈଶବ ଓ ବାଲ୍ୟକାଳ ସେଇ ଗୌଡଦେଶରେ ହିଁ ସଂପନ୍ନ ହୋଇଥିଲା । ସିଦ୍ଧି ଅର୍ଜନ ପରେ କିନ୍ତୁ ଶ୍ରୀ ଚୈତନ୍ୟ ଫେରିଆସିଥିଲେ ପିତୃମାତୃଙ୍କ ମୂଳଭୂମି ଓଡ଼ିଶାକୁ ଏବଂ ଆଉ ଫେରିବା କଥା ଚିନ୍ତା କରି ନ ଥିଲେ । ଓଡ଼ିଶାରେ ହିଁ ତାଙ୍କର ଇହଲୀଳା ସମାପିତ ହୋଇଥିଲା । ଏହି ଐତିହାସିକ ତଥ୍ୟ ପ୍ରମାଣ ସାପେକ୍ଷ ନୁହଁ, ସର୍ବବାଦୀ ସମ୍ମତ । ଜଗନ୍ନାଥ ମିଶ୍ର ଏଇ ଅକିଞ୍ଚନ ଲେଖକର ସଗୋତ୍ର (ବାର୍ଷଗଣ), ଗୋଟିଏ ପରିବାରର, ଯାହା ଏବେ ବହୁ ପରିବାରରେ ବିଭକ୍ତ ହୋଇଛି, କିନ୍ତୁ ବିଲୁପ୍ତ ହୋଇନି । ଅଥଚ ଓଡ଼ିଶାର କୌଣସି ବିଦ୍ୱାନ୍ ଗବେଷକ, କି ଭକ୍ତ, କି ଐତିହାସିକ ଆଜି ପର୍ଯ୍ୟନ୍ତ ଶ୍ରୀଚୈତନ୍ୟଙ୍କୁ ଭୂମିପୁତ୍ର ସାବ୍ୟସ୍ତ କରିବାକୁ ପ୍ରୟାସ କରିନାହାନ୍ତି । ଏହା ଓଡ଼ିଆ ଜାତିର ସଦ୍‌ଗୁଣ । ଏପରିକି ନବଜାଗରଣ କାଳର ମହାତ୍ମାମାନେ ମଧ୍ୟ ଏପରି ସାଉଁଟିବା କାର୍ଯ୍ୟକ୍ରମଠୁ ନିଜକୁ ଦୂରେଇ ରଖି ଆସିଛନ୍ତି । ଅଥଚ, ଶ୍ରୀଚୈତନ୍ୟ ପୁରୀରେ ଅବସ୍ଥାନ କଲାଭଳି କଟକୀ ସୁଭାଷ ଚନ୍ଦ୍ର କଲିକତାକୁ ତାଙ୍କର କର୍ମସ୍ଥଳୀ ରୂପେ ବାଛି ନେଲେ । କିନ୍ତୁ ବଙ୍ଗଭୂମି ତାଙ୍କୁ ଆପଣାପୁଅ ସାବ୍ୟସ୍ତ କରି ନିଜର ସଂପଦ ବଢ଼େଇଚି । ଏଥିରେ ଆମର ଦୁଃଖନାହିଁ । କିମ୍ବା ଏପରି କ୍ଷେତ୍ରରେ ହିସାବ-ନିକାଶ ପାଇଁ ଓଡ଼ିଆମାନେ ଶ୍ରୀଚୈତନ୍ୟ କିମ୍ବା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ନାମ ଓଡ଼ିଶା ଖାତାରେ ଲେଖିବା ଭଳି ପିଲାଳିଆ ଦାବି କେବେ ବି ଉପସ୍ଥାପନ କରିବେ ନାହିଁ । କାରଣ, ମହାପୁରୁଷମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ଜାତ ହୋଇଥିଲେ ମଧ୍ୟ ସେମାନଙ୍କୁ

Digitized by srujanika@gmail.com

କୌଣସି ଜାତି ଓ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ କରିବାକୁ ପ୍ରୟାସ କରିବା ଏକାନ୍ତ ଅନୁଚିତ୍ । ଶ୍ରୀଚୈତନ୍ୟ ଓ ଗୌତମବୁଦ୍ଧ ସମଗ୍ର ବିଶ୍ୱଜନତାର । ଯେଉଁଠି ହୋଇଥାଉ ତାଙ୍କର ପ୍ରକୃତ ଜନ୍ମସ୍ଥାନ ଓଡ଼ିଶାର କୋଣ ଅନୁକୋଣରେ ବିଚ୍ଛୁରିତ ବୌଦ୍ଧ ସ୍ଥାପତ୍ୟ ସମୂହ ଗୌତମଙ୍କ କଥା ସହିତ ଓଡ଼ିଶାର କଥା ହିଁ କହିଥାଏ ।

ଏବେ ବି ଓଡ଼ିଶାବାସୀ ତାଙ୍କ ନିଜ ମାଟିର ସନ୍ତାନଙ୍କ ପ୍ରତିଭା ବିଷୟରେ ନୀରବ । କେହି ତ କହୁନାହାନ୍ତି ଶ୍ରୀଧର ସ୍ୱାମୀଙ୍କ ଅବଦାନ କଥା, କିମ୍ବା ବିଷ୍ଣୁଶର୍ମାଙ୍କ କଥା (ମାଠର ବଂଶୀ ରାଜାମାନେ ଶାସନ କରୁଥିବା ସମୟରେ ବିଷ୍ଣୁଶର୍ମାଙ୍କ ନାମରେ ଦାନ-ପତ୍ର ଫଳକ ଆବିଷ୍କୃତ ହୋଇଥିବା ବିଷୟ ଡକ୍ଟର ନବୀନ କୁମାର ସାହୁ 'ଓଡ଼ିଶା ଇତିହାସ'ରେ ଉଲ୍ଲେଖ କରିଛନ୍ତି ।) ଅବଶ୍ୟ ଏପରି ଉଦାସୀନତା ଆଦୌ ବରଣୀୟ ନୁହେଁ । ଉଦାସୀନତା କାରଣରୁ ଓଡ଼ିଆମାନେ ଆତ୍ମବିଶ୍ୱାସ ହରାଇ ଗୌଣ ମନୋଭାବର ଶିକାର ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଯାହା ବି ହେଉ ଓଡ଼ିଶାରେ 'ସାଂସ୍କୃତିକ ସାମ୍ରାଜ୍ୟ' ବିସ୍ତାରର ତୃଷା କେବେ ମୁଣ୍ଡ ଟେକି ନ ଥିଲା, ତାହା ହିଁ ଆନନ୍ଦର କଥା । ଏପରିକି ଇଉରୋପାଗତ ଫାସିବାଦୀ ସଂସ୍କୃତିର ପ୍ରଭାବରେ ଓଡ଼ିଆ ଚରିତ୍ରରେ ପରିବର୍ତ୍ତନ ଘଟିନାହିଁ । ପ୍ରତିବେଶୀ ପ୍ରତି ସମ୍ମାନ ରହିଛି । ଓଡ଼ିଆମାନେ କେବେ ପ୍ରତିବେଶୀଙ୍କ ଭାଷା-ସଂସ୍କୃତି ଧ୍ୱଂସ କରିବାର ସ୍ୱପ୍ନ ମଧ୍ୟ ଦେଖିନାହାନ୍ତି ।

ତଥାପି ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ହେବ ଯେ ଆମର ପ୍ରିୟ ପ୍ରତିବେଶୀ ରାଜ୍ୟ ବଙ୍ଗଭୂମି ବହୁ ବିଦ୍ୱାନଙ୍କ ଲୀଳାକ୍ଷେତ୍ର । ସାହିତ୍ୟ, ଶିକ୍ଷା, ବିଜ୍ଞାନ, ସଂଗୀତ, ସମାଜସେବା, ଧର୍ମ-ଦର୍ଶନ, ଗବେଷଣା ଆଦି କ୍ଷେତ୍ରରେ ବଙ୍ଗୀୟମାନେ ହିଁ ଅଗ୍ରଗାମୀ । ରାମକୃଷ୍ଣ ପରମହଂସଙ୍କ ଠାରୁ ଆରମ୍ଭ କରି ଅରବିନ୍ଦଙ୍କ ପର୍ଯ୍ୟନ୍ତ, ବଙ୍କିମଚନ୍ଦ୍ର ଠାରୁ ଆରମ୍ଭ କରି ରବୀନ୍ଦ୍ରନାଥ ଓ ନଜରୁଲଙ୍କ ପର୍ଯ୍ୟନ୍ତ ସମସ୍ତେ ଆମର ନମସ୍ୟ । ସେଇଭଳି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଓ ରାଜା ରାମମୋହନଙ୍କ ସତକୀର୍ତ୍ତିର ପଟାନ୍ତର ନାହିଁ । ଓଡ଼ିଶାବାସୀ ସେମାନଙ୍କୁ ସମ୍ମାନ କରି ଆସିଛନ୍ତି । ଓଡ଼ିଶାବାସୀ ଓଡ଼ିଆଭାଷୀଙ୍କ ତରଫରୁ ବଙ୍ଗୀୟ ଭାଇଭଉଣୀଙ୍କ ପ୍ରତି ସବୁ ସମୟରେ ଶ୍ରଦ୍ଧା ଓ ସମ୍ମାନ ରହିଆସିଛି, ଏବଂ ଓଡ଼ିଆମାନେ କେବେ କୌଣସି ସମୟରେ ବଙ୍ଗବାସୀଙ୍କୁ ଘୃଣା ଦୃଷ୍ଟିରେ ଦେଖି ନାହାନ୍ତି । ଆଧୁନିକ ବଙ୍ଗଳା ପୁସ୍ତକ ଓ ପତ୍ର-ପତ୍ରିକାର ଆଦର ଓଡ଼ିଆମାନେ ସେକାଳରୁ ଏକାଳ ଯାଏଁ କରି ଆସୁଛନ୍ତି । ବହୁ ବଙ୍ଗଳା ପୁସ୍ତକ ଓଡ଼ିଆ ଭାଷାରେ ଅନୁଦିତ ହୋଇ ପ୍ରସାରିତ ହୋଇଛି, ଯାହା ଓଡ଼ିଆ ପାଠକଙ୍କ ମୁକ୍ତଚିନ୍ତନ ଓ ଶ୍ରଦ୍ଧାର ପ୍ରମାଣ । କିନ୍ତୁ ଦୁଃଖର କଥା ଓଡ଼ିଆରୁ ବଙ୍ଗଳାରେ ଅନୁବାଦ ହାତ ଗଣତି । ବଙ୍ଗବାସୀମାନେ ଏପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟକୁ ଶ୍ରଦ୍ଧା ଦୃଷ୍ଟିରେ ଦେଖିଲେଣି ବୋଲି କହି ହେବନି ।

Digitized by srujanika@gmail.com

।। ଅଠର ।।

ଓଡ଼ିଶାର ପାଣିପାଗ ସହିତ ଶାନ୍ତିନିକେତନର ମେଳ ଅଧିକ, ଅମେଳ କମ୍ । ପୌଷ ମାସରେ ସେଠି ଶୀତାନୁଭବଟା ତୀବ୍ର । ଆମ ଗାଁରେ ଲୋକେ ଯେଉଁ ସମୟରେ ତଳେ ହେଁସ ଉପରେ ହେଁସ ହୋଇ ଶୁଅନ୍ତି ଶାନ୍ତିନିକେତନରେ ସେଇ ସମରେ ତଳେ ଗଦି ଉପରେ ରେଜେଇ ବା କମ୍ବଳ ନ ହେଲେ ଚଳେନା । କିନ୍ତୁ ପୁଷ-ମାସର ଜାଡ ଶୀତ ଆମକୁ ବାଧୁ ନ ଥିଲା । କାରଣ ଶାନ୍ତିନିକେତନରେ ପୌଷ-ପ୍ରକୃତି ଥିଲା ବର୍ଣ୍ଣାଢ୍ୟ ଓ ମନୋହର । ରକମର ରକମର ଶୀତୀୟ ପୁଷ୍ପ (ଦେଶୀ-ବିଦେଶୀ)ରେ ଭରପୂର ହୋଇ ଯାଉଥିଲା ପରିବେଶ । ପାରମ୍ପରିକ ଭାରତୀୟ ଗେଣ୍ଡୁ ଫୁଲଙ୍କ ମେଳରେ ମୁଁ ସେଇଠି ପ୍ରଥମେ ଦେଖିଥିଲି 'ସୁଇଟ୍ ସୁଲ୍ତାନ୍' ।

ମୁଖ୍ୟତଃ ପତ୍ର-ଝରାର ସମୟ ହୋଇଥିଲେ ହେଁ ଲକ୍ଷ୍ୟ କଲେ ଜାଣି ହେଉଥିଲା ଯେ ପୌଷ-ସବୁଜିମାର ଗୋଟାଏ ସ୍ୱାତନ୍ତ୍ର୍ୟ ଅଛି । ପାକଲା ହଳଦିଆ ପତ୍ରସବୁ ବିଚ୍ଛେଇ ହୋଇ ପଡୁଥିଲେ ଭୂଇଁରେ, ଡେମ୍ପରେ ଅଟଳଥିବା ପତ୍ରମାନେ ଗାଢ ସବୁଜ ରଙ୍ଗ ଧରି ହାତ ହଲଉଥିଲେ, ଯେପରିକି କହୁଥିଲେ- ''ଏପ୍ରକାରର ଗଣ-ମୃତ୍ୟୁ ଦେଖି ଡରି ଯାଅନା, ଜୀବନର ଅଖଣ୍ଡତା ଉପରେ ଆସ୍ଥା ରଖ ।''

ଶୀତରେ ଆର୍ତ୍ତ ହେଲେ ହେଁ ପୌଷ ମାସକୁ ଓଡ଼ିଆମାନେ ଯେପରି ଶ୍ରେଷ୍ଠ ମନେକରନ୍ତି ବଙ୍ଗାଳିମାନେ ମଧ ସେଇପରି ମାନ୍ୟତା ଦେଇଥାନ୍ତି । ଓଡିଶାର ସ୍ଥାନେ ସ୍ଥାନେ ପୁଷ-ପରବ୍ (ପୌଷ-ପର୍ବ) ଅନୁଷ୍ଠିତ ହୁଏ । ବନବାସୀଙ୍କ ବସ୍ତି, ଚାଷୀଙ୍କ ଗାଁ ମୁଖରିତ ହୋଇଯାଏ କଳାହାଣ୍ଡିରୁ ମୟୂରଭଂଜର ରାଇରଙ୍ଗପୁର ଯାଏଁ । ଠିକ୍ ସେହି ସମୟରେ ଡିସେମ୍ବରର ଅନ୍ତିମ ସପ୍ତାହରେ ଶାନ୍ତିନିକେତନରେ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୁଏ ପୌଷ ମେଳା, ଯାହା ଆବାଳବୃଦ୍ଧବନିତାଙ୍କ ସମାଗମରେ ମୁଖର ହୋଇଯାଏ ।

ମେଳାଟା ଦିନକରେ ସରିଯାଏ ନି, ଲାଗି ରହେ ଦିନ ଦିନ ଧରି, ଯୁବାଜନଙ୍କ ଦେଖିବାର ତୃଷା, ଗପିବାର କ୍ଷୁଧା, ଚାଲିବାର ଇଚ୍ଛା, ଚରିତାର୍ଥ ହେବା ଯାଏଁ । ଦୂର ଦୂରାନ୍ତରୁ ସାହିତ୍ୟ-ସୌନ୍ଦର୍ଯ୍ୟ-ସଂସ୍କୃତିପ୍ରେମୀମାନେ ଆସିଯାଆନ୍ତି । ପୂର୍ବରୁ ଖବର ଦେଇଥିଲେ ବିଶ୍ୱଭାରତୀ ତରଫରୁ ଦୂରାଗତ ଅତିଥିଙ୍କ ପାଇଁ ମୁଣ୍ଡ ଗୁଜିଂବାର ବ୍ୟବସ୍ଥା

Digitized by srujanika@gmail.com

ମଧ୍ୟ ହୋଇଥାଏ । ଛାତ୍ର-ଛାତ୍ରୀଙ୍କ ହଷ୍ଟେଲ୍, ଅତିଥିଶାଳା ସମେତ କେତେକ କର୍ମଚାରୀଙ୍କ ନିବାସ ସ୍ଥାନରେ ଅତିଥିମାନଙ୍କୁ ରଖାଯାଏ । ସେମାନଙ୍କୁ ସହାୟତା ଦିଅନ୍ତି ଛାତ୍ର-ସ୍ୱେଚ୍ଛାସେବକଦଳ । କିଏ ଖ୍ୟାତି ସଂପନ୍ନ ତବଲାବାଦକ, କିଏ କେଉଁ ସୁଦୂର ଆଶ୍ରମର ପରମହଂସ, କିଏ ବା ରବୀନ୍ଦ୍ରପ୍ରେମୀ ଅନ୍ୟ ପ୍ରଦେଶର ଅଭିମାନୀ ଲେଖକ । ଭଲ ଲାଗୁଥିଲା ସେମାନଙ୍କୁ ପାଛୋଟି ନେଇ ବ୍ୟବସ୍ଥିତ କରିବାକୁ । ତହିଁରୁ ଅଧିକାଂଶ ଥିଲେ ସରଳ, ହସହସ, ସଦା ଅନ୍ୟମନସ୍କ । ଆମ୍ରକୁଂଜରେ ପଦାର୍ପଣ କରିବା ମାତ୍ରେ ଅଟକି ଯାଉଥିଲେ, ଭାବ ରାଜ୍ୟରେ ପଶି ଯାଉଥିଲେ । ମୁଁ ଅନେକଙ୍କ ମୁହଁରେ ଅବର୍ଣ୍ଣନୀୟ ତୃପ୍ତିର ଚିହ୍ନ ଲକ୍ଷ୍ୟ କରିଛି କେଇଥର ।

କୌଣସି ଏକ ବିଶ୍ୱବିଦ୍ୟାଳୟ ତା' ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରି ତା' ନିଜ ଛାତ୍ର ଛାତ୍ରୀ ଓ କର୍ମଚାରୀଙ୍କୁ କାମରେ ଲଗାଇ ଗୋଟିଏ ସାଂସ୍କୃତିକ ମେଳା ଅନୁଷ୍ଠାନ କରିବାର ବିରଳ ଦୃଷ୍ଟାନ୍ତ ହେଉଛି ପୌଷ-ମେଳା । ତା' ମହାକବିଙ୍କ ମାନସ ସନ୍ତାନ, ତାଙ୍କରି ସମୟରୁ ଗଢ଼ି ଆସୁଥିଲା । ସେଥିରେ ମୁଁ ଅବକ୍ଷୟ ଲକ୍ଷ୍ୟ କରି ନ ଥିଲି, ବରଂ ଦେଖିଥିଲି ଯେ ମେଳା ବର୍ଷକୁ ବର୍ଷ ବଢୁଛି, ସମୃଦ୍ଧି ଘଟୁଛି ବିପୁଳତାରେ, ରଙ୍ଗ-ରକମରେ ଏବଂ ଉତ୍ସାହରେ । ପରିବେଶର ସାମୂହିକ ଯୋଗଦାନ ଫଳରେ ତାହା ସମ୍ଭବ ହେଉଥିଲା ।

ପିଲାଙ୍କର ଜନ-ଜୀବନ ଓ ଜନ-ସଂସ୍କୃତି ସହିତ ପ୍ରତ୍ୟକ୍ଷ ପରିଚୟ ହେବ । ତା' ସହିତ ଲୋକାୟତର ଶିଳ୍ପୀ, ଗାୟକ, କାରିଗର ତଥା କ୍ଷୁଦ୍ର-ଶିଳ୍ପର ଓ ହସ୍ତ-ଶିଳ୍ପର ପାରମ୍ପରିକ ନିର୍ମାଣକାରୀମାନେ ମଧ୍ୟ ଉତ୍ସାହିତ ହେବେ-ଏଇ ଭଳି କେତେକ ମହତ୍ ଉଦ୍ଦେଶ୍ୟ ରଖି ପରିକଳ୍ପିତ ହୋଇଥିଲା ପୌଷ ମେଳା । ପ୍ରକୃତରେ ତା'ଥିଲା କୌଣସି ଏକ ସମ୍ଭ୍ରାନ୍ତ ଓ ଆଧୁନିକ ପରିବେଷ୍ଟନୀରେ ଲୋକ-ସଂସ୍କୃତିର ମର୍ଯ୍ୟାଦାପୂର୍ଣ୍ଣ ପ୍ରଦର୍ଶନୀ । ବଙ୍ଗଳାର ବାଉଲ୍ ସଂପ୍ରଦାୟ କହିଲେ କେଉଁମାନଙ୍କୁ ବୁଝାଏ, କିପରି ସେମାନଙ୍କ ବେଶଭୂଷା, କିଭଳି ଲୋକମାନଙ୍କ ଗୀତ ପରିବେଷଣର ରୀତି-ମୋର ସେ କୌତୂହଳ ନିବାରିତ ହୋଇଥିଲା ପୌଷ ମେଳାରେ । ଗୋଟିଏ ଆଚ୍ଛାଦନ ତଳେ ଜଣେ ଗାୟକ କ୍ଳାନ୍ତ ହେଲେ ଚଟାପଟ୍ ଠିଆ ହୋଇପଡ଼ନ୍ତି ଆଉ ଜଣେ ହାତରେ ଏକ୍‌ତାରା ଧରି, ମାତ୍ର କେଇଟି ସେକେଣ୍ଡ୍ ଭିତରେ ହୋଇପଡ଼ନ୍ତି ବିହ୍ୱଳ, ଘେରାଏ ମାତ୍ର ନାଚି ଦେଇ ଆରମ୍ଭ କରି ଦିଅନ୍ତି ମରମଛୁଆଁ ସୁର୍... । ଗୀତର ବକ୍ତବ୍ୟ ଯାହା ହୋଇଥାଉ ନା କାହିଁକି ତା'ର ସ୍ୱର-ସଙ୍ଗତ ମନକୁ ବୁଡ଼ାଇ ଦିଏ । ରାଧା-କୃଷ୍ଣଙ୍କର ବ୍ୟଥା-ବେଦନାଭରା ପ୍ରେମରେ ଆଚ୍ଛନ୍ନ ହୋଇପଡ଼େ ହୃଦୟ ।

ବଙ୍ଗୀୟ ଲୋକ-ସଂସ୍କୃତି ଓ ଲୋକ-କଳାର ଯାବତୀୟ କୃତି ପ୍ରଦର୍ଶିତ ହୋଇଥାଏ ମେଳାରେ, ଯାହା ଛାତ୍ର-ଛାତ୍ରୀଙ୍କ ପକ୍ଷରେ ଏକାନ୍ତ ଶିକ୍ଷଣୀୟ । ଦେଖୁ ଦେଖୁ ମୁଁ ମନେ

Digitized by srujanika@gmail.com

ମନେ ତୁଳନା କରି ପକାଏ ଓଡ଼ିଆଙ୍କ କୃତିତ୍ୱ କଥା । ତାଙ୍କର କବିର ଗାନ ଭଳି ଆମର ମଧ୍ୟ ପାଲା, ଦାସ କାଠିଆ, ରାମକାଠି ଅଛି, ଅଛି କେତେ ଧରଣର ଗୀତ-ନୃତ୍ୟର ମନଲାଖି ପରମ୍ପରା । କିନ୍ତୁ ସେସବୁକୁ ଏକାଠି ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାନିତ କରିବାର କଳ୍ପନା ମଧ୍ୟ କେହି କରି ନାହାନ୍ତି ଓଡ଼ିଶାରେ । ଗୋଟିଏ ନିପଟ ମଫସଲ ଗାଁରେ ମୋର ବାଲ୍ୟକାଳ ଯାପିତ ହୋଇଥିବାରୁ କିସମ କିସମର ଲୋକ-କଳା, ଲୋକ-ନୃତ୍ୟ ଓ ଲୋକ-ବାଦ୍ୟ ସହିତ ମୋର ପରିଚୟ ଥିଲା । ନାଥଯୋଗୀମାନେ କେନ୍ଦେରା ବଜାଇ ଗାଁ-ଦାଣ୍ଡକୁ ଆସୁଥିଲେ । ଘଟପାଟୁଆମାନେ ରଙ୍ଗବେରଙ୍ଗର ଘାଗରା ପିନ୍ଧି ମୁଣ୍ଡରେ ଚିତ୍ରିତ ଘଟ ଧରି ଘଣ୍ଟ ବଜାଇ ନାଚିବାର ଦୃଶ୍ୟ ପିଲାଦିନେ ଆମକୁ ଆମୋଦିତ କରୁଥିଲା । ଦାସକାଠିଆ ଦଳଙ୍କୁ କେବେ କେବେ ଡାକି ଆଣୁଥିଲେ ଗ୍ରାମବାସୀ, ଶୁଣା ଯାଉଥିଲା କାଠିର ତାଳ ସହିତ ଗୀତ-''ରାମ ଯେ ହରି ରାମ ଯେ/ନବୀନ ସୁନ୍ଦର ଘନ ଶ୍ୟାମ ଯେ'' । ପାଲାଗାୟନ ଅବଶ୍ୟ ଦାସ କାଠିଆ ବା ରାମକାଠିଆ ସଦୃଶ ଏତେ ସରଳ ତରଳ ନ ଥିଲା, ଅନେକ ପରିମାଣରେ ଥିଲା ବୌଦ୍ଧିକ । ଜଟିଳ କାବ୍ୟ ସାହିତ୍ୟ ସହିତ ଲୋକଙ୍କୁ ପରିଚିତ କରିବା ସହିତ ରସାମୋଦନ ଥିଲା ପାଲାର ଉଦ୍ଦେଶ୍ୟ । ତେବେ ପାଳିଆମାନଙ୍କ ସହଯୋଗରେ କିଛିଟା ଅଭିନୟ ଓ ଗାଉଁଲି ହାସ୍ୟରସ ସାଧାରଣ ଲୋକଙ୍କୁ ବାନ୍ଧି ରଖୁଥିଲା । ମୁଁ ପିଲାଦିନେ ସେସବୁର ମହତ୍ତ୍ୱ ବୁଝି ନ ଥିଲି । 'କବିର ଗାନ' ଆଦି ଦେଖିବା ପରେ ବୁଝିଲି ପାଳିଆ କଳାକାରଙ୍କ କୃତିତ୍ୱର ମୂଲ୍ୟ । ଦିଶିଗଲା ଆମ ଯାଜପୁର-ଭଦ୍ରକ ଅଂଚଳରେ ପ୍ରସିଦ୍ଧି ଅର୍ଜନ କରିଥିବା କେତେ ଜଣ ପାଲାଗାୟକଙ୍କ ମୁହଁ, ଯେପରି ହରି ନାଥ ଓ ପରମାନନ୍ଦ ଶରଣ । ହରିନାଥ ମୋ' ପିଲାଦିନେ ପିତେଇପୁର, ମିଶ୍ରପୁର, ସୋହଡାକୁ ବାରମ୍ବାର ଆସୁଥିଲେ । ଭଂଜଙ୍କ ଛାନ୍ଦର ସେ ଚମତ୍କାର ଅର୍ଥ କରୁଥିଲେ । 'ସୁଭଦ୍ରା ପରିଣୟ'ରୁ ଉଦ୍ଧାର କରି ସେ ଯେତେବେଳେ ଗାଉଥିଲେ ଯଥା: 'ସର୍ପପୁରେ ଯାଇ ପର୍ବତା କହିଲେ ମହୀଜାର୍ତ ହେମମଂଜରୀ/ସୁବର୍ଣ୍ଣଲତା ସ୍ୱଇଚ୍ଛାରେ ଚାଳିତା ପତ୍ରାବଳୀରେ କି ମାଧୁରୀ' ଇତ୍ୟାଦି-ସେତେବେଳେ ଶ୍ରୋତୃସମାଜ ସ୍ତବ୍ଧ ହୋଇଯାଉଥିଲେ । ଉପେନ୍ଦ୍ର ଭଂଜଙ୍କ କଳ୍ପନା ସହିତ ଶବ୍ଦ ବିନ୍ୟାସର ଗୌରବ କେତେ ତାହା ଲୋକେ ବୁଝିପାରୁଥିଲେ । ବାସ୍ତବିକ ବିପୁଳ ରୀତି ସାହିତ୍ୟକୁ ଓଡିଆଙ୍କ ପଲ୍ଲୀରେ ପହଞ୍ଚେଇ ପାରୁଥିଲେ ପାଲାଗାୟକମାନେ । ଯାହା ଫଳରେ କବି ସମ୍ରାଟଙ୍କ ସଦୃଶ କଠିନ କବିଙ୍କ ଭାବ-ମୂର୍ତ୍ତି ଗାଁ-ଗହଳରେ ମଧ୍ୟ ଅତୁଟ ରହିଥିଲା । ହରିନାଥ ଥିଲେ ଭଂଜପ୍ରିୟ । ଦୁଷ୍ମନ୍ତ-ଶକୁନ୍ତଳାଙ୍କ ପ୍ରଣୟ କାହାଣୀ ଉପସ୍ଥାପନା କଲାବେଳେ ମଧ୍ୟ ସେ ଶକୁନ୍ତଳାଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଗଙ୍ଗାଧର ମେହେରଙ୍କୁ ଆଡେଇ ଦେଇ ଛୁଟି ଯାଉଥିଲେ ଭଂଜୀୟ କାବ୍ୟ ମାଳାର ସାଗର କୂଳକୁ, ମୁକ୍ତା ସଂଗ୍ରହ କଲା ଭଳି ତହିଁରୁ ଛାଣି ଆଣୁଥିଲେ ରସାଳ ପଦମାନ ଏବଂ ଖଂଜି ଦେଉଥିଲେ ଜାଗା ଜାଗା । କେବଳ

Digitized by srujanika@gmail.com

ଛାନ୍ଦ ବା ପଦ ଚୟନରେ ନୁହେଁ କି ଗାୟନ କଳାରେ ନୁହେଁ ହରିନାଥ ଅଭିନୟ କଳାରେ ନିପୁଣ ଥିଲେ । ନାୟିକାର ବିରହ ଦଶା ବର୍ଣ୍ଣନା କରି ସେ ଶ୍ରୋତାଙ୍କୁ କନ୍ଦାଇ ଦେଉଥିଲେ । ପୁଣି ବୀର ରସ ପରିବେଷଣ କରି ସମସ୍ତଙ୍କୁ ତତେଇ ଦେଇପାରୁଥିଲେ ଅଭିନୟ ମାଧ୍ୟମରେ । ମୁଁ ଅବଶ୍ୟ ବଙ୍ଗଳା 'କବିର ଗାନ'କୁ ଭଲ ରୂପେ ଅନୁଧ୍ୟାନ କରିବାର ସୁଯୋଗ ପାଇ ନାହିଁ, ଅନ୍ତର୍ଭୁକ୍ତିର ଅଭାବରୁ । କିନ୍ତୁ ଏତିକି କହିବି-ଓଡ଼ିଆ ପାଲାର ଐଶ୍ୱର୍ଯ୍ୟ ଓ ଆବେଦନ ତହିଁରେ ସୁଲଭ ନୁହଁ ।

କିନ୍ତୁ ବୈଷ୍ଣବରସାଶ୍ରିତ ବାଉଲ୍ ଗୀତର ତୁଳନା ନାହିଁ । ସେପରି କୌଣସି ପ୍ରେମୀ ସଂପ୍ରଦାୟ ଓଡ଼ିଶାରେ ମୁଣ୍ଡ ଟେକି ନାହାନ୍ତି । ନାଥମାନଙ୍କ ଜୀବିକାର୍ଜନର ଅବଲମ୍ବନ ଯଦିଓ ବାଦ୍ୟ ଓ ଗୀତ ଥିଲା-କିନ୍ତୁ ସେମାନେ ଗାଁ ଦାଣ୍ଡରେ କାରୁଣ୍ୟର ଲହରୀ ଖେଳେଇ ଦେଉଥିଲେ । ତାଙ୍କର ଗୀତ ଗୁଡ଼ିକ ଥିଲା ସନ୍ୟାସ ଓ ମୃତ୍ୟୁକୁ ନେଇ । ପ୍ରେମ ତାଙ୍କ ପାଇଁ ଥିଲା ଏକାନ୍ତ ଅସ୍ପୃଶ୍ୟ । ଗାଁ-ଦାଣ୍ଡରେ କାଳ-ଯମର ବାର୍ତ୍ତା ଦେଇ ଯାଉଥିଲେ ସେମାନେ । ଚକୁଳିଆପଣ୍ଡା ଆସୁଥିଲେ, ଶୁଣାଉଥିଲେ ଦାନ-ଧର୍ମ ଓ ପାପ-ପୁଣ୍ୟର କଥା, ଯଥା: ଦେଇଥିଲେ ପାଇ, ନ ଦେଇଥିଲେ ଗୋଧନ ଚରାଇ ।' ଘଟପଟୁଆମାନେ ମା ମଙ୍ଗଳାଙ୍କ ଜୟଗୀତି ବୋଲୁଥିଲେ ଘଣ୍ଟଧ୍ୱନି ସହିତ । ଶ୍ରୀକୃଷ୍ଣଜନ୍ମ ବାସି ଦିନ ନନ୍ଦ ଉତ୍ସବ । ସେଇ ଅବସରରେ ଗୋପାଳମାନେ ନନ୍ଦ, ଯଶୋଦା, କୃଷ୍ଣ, ବଳରାମ ବେଶରେ ସଜ୍ଜିତ ହୋଇ ଶଙ୍ଖ ବଜେଇ ଗାଁ ପରିକ୍ରମା କରନ୍ତି । ପରିକ୍ରମା ବେଳେ ତାଙ୍କ କଣ୍ଠରେ ଯେଉଁ ଗୀତର ଧ୍ୱନ୍ ଉଠେ ତା' ହେଉଛି ଓଡ଼ିଆ ସାହିତ୍ୟର କେତୋଟି ଲୋକ-ପ୍ରିୟ ଗୀତ, ମୁଖ୍ୟତଃ ଭକ୍ତଚରଣଙ୍କ ସରଳ ପଦାବଳୀ, କିଛି ଚଉତିଶା ଓ କୋଇଲି । ସବୁଠୁ ବେଶୀ, ପ୍ରାୟ ଓଡ଼ିଶାର ସମସ୍ତ ଅଞ୍ଚଳରେ, ନନ୍ଦୋତ୍ସବରେ ବୋଲା ଯାଇଥାଏ – ''କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ/କରନ୍ତି ମଥୁରା ବିଜୟ ଏବେ ଦେଖ ସଙ୍ଗାତ ।'' ଆନନ୍ଦମୟ ତିଥିଟିରେ ମଥୁରାଯାତ୍ରାର ସେ କାରୁଣ୍ୟ ଭଲ ଲାଗେନା । ଚଉତିଶା ହିସାବରେ ବୋଧହୁଏ ସେଇଟି ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ । ବର୍ଣ୍ଣନାର ସ୍ୱତନ୍ତ୍ର ଆବେଦନ ନିଶ୍ଚୟ ଅଛି, ଦୁଃଖଦ ପରିସ୍ଥିତିର ସରଳ ସହଜ ବର୍ଣ୍ଣନା ଅଛି, କିନ୍ତୁ 'ବାଉଲ୍‌ଗୀତ'ରେ ନିହିତ ପ୍ରେମ- ବିଭୋରତା ମିଳେ ନାହିଁ ସେସବୁରେ । କହେଇ ଚଉତିଶାରେ ଗୋଟିଏ ଦୁଇଟି ଧାଡି ଅଛି ଯାହା ସାଧାରଣ ପ୍ରେମୀଙ୍କୁ ଅବଶ୍ୟ ସ୍ପର୍ଶ କରେ, ଯଥା: 'ଉଗିଁ ଆସୁଚି କି ଚନ୍ଦ୍ରମା ସଖୀ ମଧୁ-ସାଗରୁ/ଉଠ ମଧୁପୁର ଯୁବତୀ ଓଗାଳିବା ଆଗରୁ ।' ଅଥବା-'ଚନ୍ଦନ ବେଶ ମୁଁ କରନ୍ତି ମୋର ହେଉଛି ମନ/ଚିତ୍ତ କେ ଧରିବ ଯୁବତୀ ଚାହିଁ ଚନ୍ଦ୍ରବଦନ ।' କିନ୍ତୁ ଗୀତର ଅନ୍ତଃଛନ୍ଦରେ ନିହିତ କାରୁଣ୍ୟ କାହାକୁ ବିଭୋର କରିପାରେନା ପ୍ରେମ ଭାବରେ । ତେବେ କୌଣସି ଧର୍ମାନୁଷ୍ଠାନ ଭିତ୍ତିକ ସାଂପ୍ରଦାୟିକ

Digitized by srujanika@gmail.com

ଭାବନା ନ ଥାଇ ଓଡ଼ିଆ ଲୋକାୟତରେ ଯେଉଁ ଶବର-ଶବରୁଣୀ ଗୀତ, କେଳା-କେଳୁଣୀଗୀତ, ଡାଲଖାଇ, ରସର୍କେଲି ଗୀତ ବଞ୍ଚି ରହିଛି ସେସବୁ ଏକାନ୍ତ ଭାବେ ଜୀବନଧର୍ମୀ ସଂଗୀତ । ସରଳ ଭାବନା, ଆତ୍ମୀୟତାରେ ପୂର୍ଣ୍ଣ ସେସବୁ । ଡାଲଖାଇ କିମ୍ବା ରସରକେଲି ଗୀତରେ ଭକ୍ତି କିମ୍ବା ସନ୍ୟାସ ଅଥବା ମୃତ୍ୟୁର ପଦଧ୍ୱନି ଶୁଣାଯାଏ ନି । ସେସବୁ ରସୋଚ୍ଛଳ ପ୍ରେମଗୀତ । ସେସବୁ ଓଡ଼ିଶା ଲୋକ-ସଂସ୍କୃତିର ଗର୍ବ ଓ ଗୌରବ । ଲୋକ-ଗୀତ ଓ ନୃତ୍ୟ ତାଙ୍କ ନିଜ ଢଙ୍ଗରେ ବିକଶିତ ହେବାର ସୁଯୋଗ ନାହିଁ ଓଡ଼ିଶାରେ । ସଂପ୍ରତି ସେସବୁର ବେପାରିକରଣ ଆରମ୍ଭ ହେଲାଣି ଭିନ୍ନ ଉଦ୍ଦେଶ୍ୟରେ, ଗରାଖଙ୍କୁ ଆଖି ଆଗରେ ରଖି । ଗୋଟିଏ କଥା ପ୍ରଶାସକମାନେ ବୁଝନ୍ତି ନାହିଁ, ଯେ ଲୋକ ନୃତ୍ୟ ଓ ଗୀତକୁ ସେସବୁର ମୂଳ ଅଂଶଗ୍ରହଣକାରୀଙ୍କ ଠାରୁ ଛଡ଼େଇ ଆଣିବାର ସୁଯୋଗ ସୃଷ୍ଟି କରିବା ଗୋଟାଏ ସାଂସ୍କୃତିକ ଅପ୍‌ରାଧ । ବି.ଏ., ଏମ୍. ଏ ପଢୁଥିବା ବା ପାସ୍ କରିଥିବା ସମ୍ଭ୍ରାନ୍ତ ତରୁଣୀମାନେ ଦାମିକା ଶାଢୀ ପିନ୍ଧି ଘେରାଏ ନାଚି ଦେଲେ ଦଣ୍ଡନାଚ ବା ରସ୍‌ରକେଲି ବଂଚିଯିବ ନାହିଁ । ସେସବୁ କଳା ପଛରେ ଯେଉଁ ବିଶ୍ୱାସ, ଯେଉଁ ଆତ୍ମୀୟତା ଓ ଭାବ ରହିଥାଏ ଶିଳ୍ପୀକୁଳଙ୍କର ସେ ଭାବ କଂଜ୍ୟୁମର୍‌ଙ୍କୁ ତଥା ଖବର କାଗଜ ବା ଟି.ଭି. ବାଲାଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ ପରିବେଷିତ ଗୀତ-ନୃତ୍ୟରେ କୁଆଡୁ ଆସିବ । ଲୋକ-ଗୀତ ଓ ନୃତ୍ୟର ସ୍ୱାଭାବିକତା ନ ରହିଲେ ସେଗୁଡ଼ିକ ଆଉ ଲୋକ (Folk) ପଦବାଚ୍ୟ ହେବ କାହିଁକି ? ଅନୁକୃତିଗୁଡ଼ିକୁ ସମାନ ମର୍ଯ୍ୟାଦା ଦେଇ ସେସବୁର ଅସଲ ଶିଳ୍ପୀଙ୍କୁ ସରକାର ଅବହେଳା ହିଁ କରିଥାନ୍ତି । 'ବାଉଲ୍' ନାଚ୍-ଗୀତ କ୍ଷେତ୍ରରେ ତା' କରିବାକୁ ପଶ୍ଚିମବଙ୍ଗ ସରକାର ଦେଇ ନାହାନ୍ତି । ଆମ ଓଡ଼ିଆଙ୍କର ସେ ଦୃଷ୍ଟି ନାହିଁ । ଲୋକ-ନୃତ୍ୟ ତଥା ଗୀତର ଆତ୍ମାବିହୀନ ଅନୁକୃତି ଗୁଡ଼ିକୁ ଦେଖି 'କେଳା-କେଳୁଣୀ ନାଟ' କିମ୍ବା 'ଦାଣ୍ଡ-ନାଟ' ଦେଖିଲୁ ବୋଲି ଆତ୍ମପ୍ରସାଦ ଲାଭ କରିବା ସହିତ ଆମେ ପ୍ରକୃତ ଶିଳ୍ପୀ ଗୋଷ୍ଠୀଟି ପ୍ରତି ଅନ୍ୟାୟ ହିଁ କରି ଆସିଛୁ । ସମ୍ଭ୍ରାନ୍ତ ଗୋଷ୍ଠୀର ଏ ପ୍ରତାରଣା ପୂର୍ଣ୍ଣ ଅଭିସନ୍ଧି ଲୋକ-କଳାର ଉଚ୍ଛେଦ ପାଇଁ ଦାୟୀ ରହିବ । କେବଳ ଡକୁମେଣ୍ଟେସନ୍ (Documentation) ପ୍ରକ୍ରିୟାରେ କୋୟା ପଲ୍ଲୀରେ ପଶି ଭିଡିଓ ସୁଟିଂ ମାଧ୍ୟମରେ ସିଡି କିମ୍ବା ଡିଭିଡି କରି ରଖିଦେଲେ 'କୋୟାନୃତ୍ୟ' ବଞ୍ଚିଯିବ ନାହିଁ, ଶିଳ୍ପୀଗଣଙ୍କ ପେଟକୁ ଦାନା, ଦେହକୁ କନା ଯୋଗାଇଦେବା ସହିତ ତାଙ୍କୁ ମର୍ଯ୍ୟାଦା ଦେବାକୁ ହେବ । ପରିବେଷନୀର ଅମର୍ଯ୍ୟାଦା ହିଁ କଳାର ବିଲୋପ ସାଧନ କରେ, ଯେଉଁ କାରଣରୁ ଓଡ଼ିଶାରେ କେଳା-କେଳୁଣୀ ନାଟର ସଂପୂର୍ଣ୍ଣ ବିଲୁପ୍ତି ଘଟିଲାଣି କହିଲେ ସତ୍ୟର ଅପଳାପ ହେବ ନାହିଁ । ଲୋକ-କଳା ପ୍ରତି ଶିକ୍ଷିତ ସମ୍ଭ୍ରାନ୍ତ ଗୋଷ୍ଠୀର ଦରଦ ଆବଶ୍ୟକ । ନ ହେଲେ ଅସଂଖ୍ୟ ଲୋକ-ଗୀତ ଓ ନୃତ୍ୟରେ ସମୃଦ୍ଧ ରଙ୍ଗଭୂମି ଆମର ସୁବିଶାଳ ଉତ୍କଳ ଦିନେ ଶ୍ରୀହୀନ ହୋଇଯିବ ।

Digitized by srujanika@gmail.com

ପୌଷମେଳା ସମୟରେ ଏକା ମୋତେ କାହିଁକି ମୋ' ଭଳି ଆଉରି ଅନେକଙ୍କୁ ଦିନରାତି ଜଣା ପଡୁ ନ ଥିଲା । କ'ଣ ଦିଟା ପେଟରେ ପକେଇ ଦେଇ ଦେ ବୁଲୁଥା ମେଳାରେ । ପାଦ ଧୂଳି ସରସର, ମୁଣ୍ଡବାଳ ଫୁରୁଫୁରୁ, କିଏ ପଚାରେ ବେଶ ଭୂଷାକୁ । ଚପଲ କିମ୍ବା ଜୋତା ଆମେ ବହୁତ କମ୍ ବ୍ୟବହାର କରୁଥିଲୁ ସେ ସମୟରେ । ଖାଲି ପାଦରେ ଚାଲିବା ଏବଂ ବିନା ଇସ୍ତ୍ରୀରେ ଜାମା ଖଣ୍ଡିଏ ଗଳେଇ ଦେବା ଆମର ସ୍ୱଭାବ ଥିଲା ।

ଛାତ୍ରୀମାନେ ବି ସେଇପରି ବେଶ ଭୂଷାରେ ସରଳ ଥିଲେ । ଚକଚକିଆ ପୋଷାକ କାହା ଦୃଷ୍ଟିକୁ ଭଲ ଲାଗୁ ନ ଥିଲା । ଆଜିକାଲି ଭଳି ସାଲୁଆର-କାମିଜ ପିନ୍ଧା ଅପ୍‌ସରାମାନେ ଓଡ଼ିଶା କିମ୍ବା ପଶ୍ଚିମବଙ୍ଗର କଲେଜମାନଙ୍କରେ ଅବତରଣ କରି ନ ଥିଲେ । ଶାଢୀ ହିଁ ଥିଲା ଝିଅମାନଙ୍କର ମର୍ଯ୍ୟାଦାଜନକ ପରିଧେୟ । କେବଳ ଅଳ୍ପ କେତେଜଣ ପଞ୍ଜାବୀ ଝିଅ, ଯେପରି ଚଞ୍ଚଳ ଦିଦି (ଚଞ୍ଚଳ କୁମାରୀ ଢଣ୍ଡ) ସାଲୁଆର୍ ପଞ୍ଜାବୀ ପିନ୍ଧି ଲାଇବ୍ରେରୀକୁ ଆସୁଥିଲେ ।ପରିଧେୟ ଯାହା ହେଉ ବେଶଭୂଷାରେ କୃତ୍ରିମତାକୁ କେହି ସ୍ୱାଗତ କରୁ ନ ଥିଲେ ।

ପୌଷ-ମେଳାର ଆନନ୍ଦ ଉପେଭୋଗ ନିମନ୍ତେ ପ୍ରଧାନ ଆବଶ୍ୟକତା ଥିଲା ବଂଧୁମେଳ । ବଂଧୁଟିଏ କି ବାନ୍ଧବୀଟିଏ ଯିଏ ପାଇ ଯାଉଥିଲା ସେ ସବୁ ପାଇ ଯାଉଥିଲା । ସେ ଖାଇବା ପାଇଁ କିଚେନ୍ ଯିବାକୁ ଭୁଲି ଯାଉଥିଲା । କିନ୍ତୁ ଯାହାକୁ ବନ୍ଧୁ ମିଳୁ ନ ଥିଲା ସେ ମନ ଖରାପ କରି ହଷ୍ଟେଲ୍‌ରେ ବସି ପାଠ ପଢୁଥିଲା ଏବଂ ପୌଷ-ମେଳା ଗୋଟିଏ ଜଘନ୍ୟ କାରବାର୍ ବା 'ନୁଇସେନ୍ସ' କହି ଗାଳି ଗୁଲଜ କରୁଥିଲା ।

ସଂଧ୍ୟା ଆଠଟା ଯାଏଁ ଝିଅ ପିଲାଙ୍କୁ ମେଳାରେ ବୁଲିବାକୁ ସ୍ୱାଧୀନତା ଦିଆଯାଉଥିଲା, କିନ୍ତୁ ତା'ପରେ ଜାରିଥିଲା କଟକଣା । 'ଆଉ ଏକା ଯାଇ ହେବନି, ଅନୁମତି ନାହିଁ'– କହୁଥିଲେ ଛାତ୍ରୀଆବାସର ତତ୍ତ୍ୱାବଧାରିକା । ଯିବା ପାଇଁ ଜଣେ ଏସ୍‌କର୍ଟ୍ ବା ଅଙ୍ଗରକ୍ଷକ ସଦୃଶ ବନ୍ଧୁ ଆବଶ୍ୟକ । ବନ୍ଧୁଟିଏ ବିଶ୍ୱସ୍ତ ହୋଇଥିବ, ପୁଣି ତତ୍ତ୍ୱାବଧାରିକାଙ୍କର ତା' ଉପରେ ଭରସା ରହିଥିବା ଦରକାର । ଏଇ ଭଳି ତିନି ଡେଣ୍ଡାରେ ପାଣି ଉଠି ପାରିଲେ ଛାତ୍ରୀଟିଏ ସ୍କାର୍ଫ୍ ଖଣ୍ଡିଏ ଦେହରେ ପକେଇ ବାହାରି ପାରୁଥିଲା ହଷ୍ଟେଲ୍‌ରୁ, ଅର୍ଦ୍ଧାଲୋକିତ ଶାଳ-ବୀଥି ଦେଇ ଜନାକୀର୍ଣ୍ଣ ମେଳା ପରିସରକୁ ।

ହଁ, ସେମିତି ବି ଘଟୁଥିଲା, ବିଶ୍ୱସ୍ତ ସହପାଠୀ ଅଭାବରୁ ଅନେକ ବଞ୍ଚିତ ହେଉଥିଲେ ବିଳମ୍ବ ରାତିଯାଏଁ ମେଳାରେ ବୁଲିବାର ସୌଭାଗ୍ୟରୁ ।

ରାତି ଏଗାର-ବାର ଯାଏଁ, ଶୀତ ସତ୍ତ୍ୱେ, ମେଳାରେ ଭିଡ଼ ରହୁଥିଲା । ମୁଖ୍ୟତଃ କଲିକତିଆଙ୍କ ସଂଖ୍ୟାଧିକ ସମାଗମ ଯୋଗୁ । କଲିକତାକୁ ବାହୁଡ଼ିବାର ଗାଡ଼ିଟି ରାତି

Digitized by srujanika@gmail.com

ଦୁଇଟାରେ ଛାଡୁଥିଲା ବୋଲ୍‌ପୁର । ତେଣୁ ରାତି ବାର ବାଜିବା ପରେ ସେମାନେ ଷ୍ଟେସନ୍ ଅଭିମୁଖେ ଚାଲୁଥିଲେ ଏବଂ ପରେ ପରେ ଅଳ୍ପ କେଇ ଘଣ୍ଟା ପାଇଁ ଶୋଇପଡୁଥିଲା 'ମେଳା ।'

ପୂର୍ବେ ୧୯୫୯ ଡିସେମ୍ବର ଯାଏଁ ଉତ୍ତରାୟଣକୁ ଲାଗିଥିବା ଶାନ୍ତିନିକେତନର ମୂଳକୋଠା, ଉପାସନା ମନ୍ଦିର, ଛତିମତାଲାର ସମ୍ମୁଖ ଖୋଲା ପଡ଼ିଆରେ ପୌଷମେଳା ଅନୁଷ୍ଠିତ ହେଉଥିଲା । ଆକାର ବଢିବାରୁ ଉଠିଗଲା ବର୍ତ୍ତମାନର କ୍ଷେତ୍ରକୁ ।

ପୌଷ-ମେଳା ପରେ ପରେ ଶୀତ ଛୁଟି । ସେଇ ସମୟରେ ବିଶ୍ୱବିଦ୍ୟାଳୟ ତରଫରୁ ଛାତ୍ର-ଛାତ୍ରୀଙ୍କ ନିମନ୍ତେ ଶିକ୍ଷାମୂଳକ ଭ୍ରମଣ ବା ଷ୍ଟଡି-ଟୁର୍‌ର ଆୟୋଜନ କରାଯାଉଥିଲା । କେନ୍ଦ୍ର ସରକାରଙ୍କ ତରଫରୁ ସେତେବେଳେ ଆର୍ଥିକ ସହାୟତା ଅନୁଦାନ ଆକାରରେ ମିଳୁଥିବାରୁ ଛାତ୍ରମାନଙ୍କୁ ବହୁତ କମ୍ ଖର୍ଚ୍ଚ ଦେବାକୁ ପଡୁଥିଲା । ସେଇ ସୁଯୋଗରେ ମୁଁ ଭାରତର କେତେକ ସ୍ଥାନ ଭ୍ରମଣ କରି ଅପାର ଆନନ୍ଦ ଲାଭ କରିଥିବା ବିଷୟ ପୂର୍ବରୁ ଲେଖିଚି । ଦୁଇ ପଟେ ସୁଉଚ୍ଚ ମାର୍ବଲ-ପାହାଡ଼, ଭିତରେ ଛାଇ-ଛାଇଆ ଗଭୀର ନର୍ମଦାର ବକ୍ଷ ଦେଶରେ ନୌକା-ବିହାରର ସ୍ମୃତି ଭୁଲି ହେବନି । ସେଇପରି ଭାରତ ଇତିହାସର ସ୍ୱନାମଧନ୍ୟ ରାଜପୁରୁଷ ବିକ୍ରମାଦିତ୍ୟଙ୍କ ସ୍ମୃତିରେ ପବିତ୍ର ଉଜ୍ଜୟିନୀ, କବି କାଳୀଦାସଙ୍କ ବର୍ଣ୍ଣିତ ଚପଳ-ସ୍ରୋତା ସୀପ୍ରା ନଈ, ଭୋପାଳ ଓ ଜବଲପୁର, ତା' ସହିତ ରାଣୀ ଦୁର୍ଗାବତୀଙ୍କ ପାର୍ବତ୍ୟଦୁର୍ଗ ଦେଖିଲା ବେଳେ ଭାରତ ଇତିହାସର ଆତ୍ମା ସହିତ ମିଳନ ହୋଇଯାଉ ଥିଲା । ସାଞ୍ଚିସ୍ତୂପ, ବିଦିଶା ପୁଣି ଉଦୟଗିରିର ଚୌଷଠି-ଯୋଗିନୀଙ୍କ ପରିତ୍ୟକ୍ତ ନିବାସ ଆମକୁ କେତେ କାହାଣୀ କହୁଥିଲା । ଏକଦା ମଧ୍ୟଭାରତ ଯେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ବୀରତ୍ୱର କେନ୍ଦ୍ରଭୂମି ଥିଲା ତାହା ମୋର ହୃଦ୍‌ବୋଧ ହୋଇଥିଲା । କେତେ ଗୌରବ ଗୁନ୍ଥି ହୋଇ ରହିଥିଲା ସେ ମାଟିରେ । ବୈଶାଳୀର ସୁବିଦିତ ନଗରବଧୂ ନଟିନୀ ଆମ୍ରପଲ୍ଲୀଙ୍କ କାଳଜୟୀ କାହାଣୀ ମନେ ପଡ଼ିଥିଲା ସେଇ ଅବକାଶରେ ।

ଶାନ୍ତିନିକେତନରେ ଛାତ୍ର ହେବା ପୂର୍ବରୁ କେଇ ମାସ ଆନ୍ଧ୍ରପ୍ରଦେଶର 'ମାସୁଲିପଟମ୍‌ରେ' ଯେହେତୁ ଇଂଜିନିଅରିଂ ପଢୁଥିଲି ଏବଂ ତିଭେନ୍ଦ୍ରମ୍ ମଧ୍ୟ ଯାଇଥିଲି କଲେଜରେ ପଢ଼ିବାକୁ ଭାରତର ବାତାବରଣ ଓ ଖାଦ୍ୟ ସଂସ୍କୃତି ସହିତ ମୋର ପ୍ରାଥମିକ ପରିଚୟ ଥିଲା । କିନ୍ତୁ ଷ୍ଟଡିଟୁର୍ ଅବସରରେ ସୁଯୋଗ ମିଳିଥିଲା ଦାକ୍ଷିଣାତ୍ୟର ଆତ୍ମା ସଦୃଶ କାଞ୍ଚିପୁରମ୍ (କାଞ୍ଜିଭରମ୍), ମଦୁରାଇ, ଚିଦାମ୍ବରମ୍ ଓ କନ୍ୟାକୁମାରୀ ଦେଖିବାକୁ । 'ନଟରାଜ' ଓ 'ମୀନାକ୍ଷୀ' ଭାରତୀୟ ଶିଳ୍ପକଳାକୁ ଦକ୍ଷିଣର ଶ୍ରେଷ୍ଠ ଅବଦାନ । ଦୁଇଟିଯାକ ମୂର୍ତ୍ତି ସମ୍ବନ୍ଧରେ ଯେତେ କହିଲେ ବି କମ୍ ହେବ ।

Digitized by srujanika@gmail.com

ଆମର ବିଶେଷ ଭ୍ରମଣ ଥିଲା ପଣ୍ଡିଚେରିର ଶ୍ରୀ ଅରବିନ୍ଦଙ୍କ ଆଶ୍ରମକୁ । ସେଠି ଦିନିଟିଏ ରହିବାକୁ ହେଲା । 'ଶ୍ରୀମା' ବଞ୍ଚିଥିଲେ । ଆମେ ତାଙ୍କର ଦର୍ଶନ ଭିକ୍ଷା କରିଥିଲୁ । ପଣ୍ଡିଚେରିର ଶୃଙ୍ଖଳା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ସବୁଠି ନୀରବତା, ଅନ୍ତେବାସୀବୃନ୍ଦ ସମସ୍ତେ ଯେପରିକି କର୍ମ-ଯୋଗୀ, ଅହଙ୍କାରରହିତ । ଖାଇବାଟା ମଧ୍ୟ ମପାଚୁପା ଶାକାହାର । ଖାଇସାରି ନିଜେ ଅଇଁଠା ଉଠେଇବା ନିୟମ । କେଉଁଠି କେଉଁ ଧରଣର ଅଇଁଠା ପକେଇବାକୁ ହେବ ତା' ନିର୍ଦ୍ଦିଷ୍ଟ ଥିଲା । କଦଳୀ ଚୋପା ଅଲଗା ପଡ଼ିବ । ଅନ୍ନାଦି ଆଉ ଏକ ସ୍ଥାନରେ । ତା'ପରେ ଥାଳୀଟି ଧୋଇବାକୁ ହେବ ସାଧାରଣ ଭାବେ । ଶେଷରେ ଜଣେ ଅନ୍ତେବାସୀ ବାସନଗୁଡ଼ିକ ଉତ୍ତମ ରୂପେ ପରିଷ୍କାର କରିବାର ବ୍ୟବସ୍ଥା ଥିଲା । ଅନ୍ତେବାସୀଙ୍କର ସେ ପ୍ରକାର ଅଂଶଗ୍ରହଣର ବ୍ୟବସ୍ଥା ଶାନ୍ତିନିକେତନର ଭୋଜନାଗାରରେ ନ ଥିଲା ।

ଅରବିନ୍ଦଙ୍କ ଆଶ୍ରମରେ ନୀରବତାକୁ ଏକାନ୍ତ ସଦ୍‌ଗୁଣ ବା ଭର୍ଚ୍ୟୁ (Virtue) ରୂପେ ଗ୍ରହଣ କରାଯାଉଥିଲା । ପକ୍ଷାନ୍ତରେ ଶାନ୍ତିନିକେତନର ଭୋଜନ-ସ୍ଥଳୀ ଥିଲା ନାନା ଶବ୍ଦରେ ମୁଖରିତ । ତା' ଥିଲା ଆମ ପାଇଁ ଆଳାପର କ୍ଷେତ୍ର । ବିଦ୍ୟାଭବନ ହଷ୍ଟେଲ୍‌ବାସୀ ତା'ର କଳାଭବନର ପ୍ରିୟବନ୍ଧୁକୁ ଭେଟିବାର ସୁଯୋଗ ଭୋଜନସ୍ଥଳୀରେ ମିଳୁଥିଲା । ସେ ଚୁପ୍ ରହିପାରନ୍ତା କି ? ପ୍ରୀତିର ସଶବ୍ଦ ଦିଆନିଆ ରୋକି ହୁଅନ୍ତା କି ? ତେଣୁ ଶାନ୍ତିନିକେତନର କେନ୍ଦ୍ର ଭୋଜନସ୍ଥଳୀ କେତେ ନା କେତେ ପ୍ରିୟ ଶବ୍ଦରେ ଜୀବନ୍ତ ହୋଇଉଠୁଥିଲା ସେତେବେଳେ ।ଭୋଜନଟା ଗୌଣ, ମିଳନଟା ହିଁ ପ୍ରଧାନ ଥିଲା ଆମର ଖାଇବା ଜାଗାରେ । ତୁଳନାରେ ପଣ୍ଡିଚେରିର ଭୋଜନସ୍ଥଳ ଥିଲା ଶାନ୍ତ, ସମାହିତ, ମୁନିକୁମାର ମୁନିକୁମାରୀଙ୍କ ଆସକ୍ତି ରହିତ ଯୋଗ-ସ୍ଥଳ ପରି ଦିବ୍ୟ ଭୂମି । କିନ୍ତୁ ବିଶୃଙ୍ଖଳ କଳଧ୍ୱନି ଭିତରେ ଯେଉଁ ସୌନ୍ଦର୍ଯ୍ୟାନୁଭୂତି ଘଟେ ଶାନ୍ତିନିକେତନରେ, ପଣ୍ଡିଚେରିରେ ତା' ଦୁର୍ଲ୍ଲଭ ଥିଲା । ରବୀନ୍ଦ୍ର ଓ ଅରବିନ୍ଦ, ଭାରତବର୍ଷର ଦୁଇଟି ସମୁନ୍ନତ ସାଂସ୍କୃତିକ ଶୃଙ୍ଗ । ଜଣକ ସହିତ ଆଉ ଜଣକର ତୁଳନା ଅବାନ୍ତର । ତଥାପି ରବୀନ୍ଦ୍ରନାଥ ଲେଖିଥିଲେ – "ଅରବିନ୍ଦ ! ରବୀନ୍ଦ୍ରର ଲହୋ ନମସ୍କାର ।" ଅରବିନ୍ଦଙ୍କ ସମାଧିସ୍ଥଳ ଦେଖି ଜୀବନ ଧନ୍ୟ ହୋଇଯାଇଥିଲା ମୋର । କ୍ରିୟା ଯୋଗ, ଦର୍ଶନ ଓ କାବ୍ୟ – ତିନିଧାରାର ସମନ୍ୱୟ ଘଟିଥିଲା ଶ୍ରୀଅରବିନ୍ଦଙ୍କଠାରେ । ଆଧୁନିକ ଭାରତବର୍ଷରେ ସେ ହିଁ ସର୍ବୋତ୍ତମ ଯୋଗ-ସିଦ୍ଧ ଦାର୍ଶନିକ ଥିଲେ – ଏଥିରେ ସନ୍ଦେହ ନାହିଁ । କଳା-ସାହିତ୍ୟର ସୌନ୍ଦର୍ଯ୍ୟତତ୍ତ୍ୱ ସଂପର୍କରେ ତାଙ୍କର ଉପଲବ୍ଧି ଆଜି ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି ।

Digitized by srujanika@gmail.com

।। ଉଣେଇଶ ।।

କ୍ୟାଲେଣ୍ଡରରେ ଡିସେମ୍ବର୍ ସରିବା ପରେ ପରେ ନବବର୍ଷରେ ନବ-ଜୀବନର ସଂକେତ ଧରି ପହଞ୍ଚିଯାଏ ମାଘମାସ । ପୌଷ-କୁହୁଡ଼ିର ସେ ସାନ୍ଦ୍ରତା ନଥାଏ । ସକାଳେ ଆମ୍ବଗଛର ଡାଳରେ ଯେଉଁ କୁହୁଡ଼ିଖଣ୍ଡ ଝୁଲୁଥାନ୍ତି ମୁଁ ସେସବୁକୁ କୁହେ ‘ଝରା କୁହୁଡ଼ି’ । ତାର ତୀବ୍ରତା ବେଶୀ କ୍ଷଣ ରହେନା, ଖରା ପଡ଼ିଲେ ମିଳେଇ ଯାଏ ।

ନିୟମିତ ଭାବେ ବୈତାଳିକରେ ଯୋଗ ଦେବା ମୋର ଅଭ୍ୟାସ ଥିଲା । ତେଣୁ ଆମ୍ରକୁଂଜର ପ୍ରଭାତୀ-ବାସ୍ନା ସହିତ ମୋର ପରିଚୟ ଥିଲା । ବାସ୍ନା ବାରି ‘ମୁଁ ଝରା କୁହୁଡ଼ି’ ମଧ ଦେଇ ଖୋଜୁଥିଲି କେଉଁଠି ‘ବଉଳ’ ବାହାରିଲାଣି କି ନାହିଁ ଦେଖିବାକୁ । ଯେଉଁଦିନ ଆବିଷ୍କାର କରୁଥିଲି ମନ ଭିତରେ ଖୁସିର ତରଙ୍ଗ ଖେଳି ଯାଉଥିଲା । ମୋ ଭିତରେ କାବ୍ୟ-ବ୍ୟକ୍ତିଟି ଉଲ୍ଲସିତ ହୋଇ ଉଠୁଥିଲା ମୋ’ଠାରୁ ଅଧିକ ।

କୁହୁଡି ଆଚ୍ଛନ୍ନ ହୋଇ ଆମ୍ବ ବଉଳିବା ଯାହା ତାହା କଥା ନୁହେଁ । ମୁଁ ତ ଭାବେ ଆମ୍ବ ‘ବଉଳ’ ଭିତରେ ଓଡ଼ିଆ ପଲ୍ଲୀବାସୀଙ୍କ ଶ୍ରଦ୍ଧାଳୁତା ଅଛି । କେଡ଼େ ଶରଧାରେ ପଲ୍ଲୀବାଳିକାମାନେ ନିଜ ନିଜର ସଙ୍ଗାତମାନଙ୍କୁ ଡାକନ୍ତି ‘ବଉଳ’, ବସନ୍ତି ‘ବଉଳ’ । ଏବେ ସେ ଶରଧା ଡାକ ଆମ କାନରେ ପଡୁନି । ଗୋଟେ ସମୟର ଜାତୀୟ ଶରଧାପଣ ହଜିଗଲାଣି ।

ପୂର୍ବରୁ କହିଚି ଶାନ୍ତିନିକେତନରେ ସହାଧ୍ୟାୟୀଙ୍କ ସହିତ ମୋ’ର ସଂପର୍କ ଆତ୍ମୀୟତାପୂର୍ଣ୍ଣ ଥିଲା । ପରସ୍ପରର ଦୁଃଖ ସୁଖରେ ଭାଗୀଦାର ହୋଇ ଚଳୁଥିଲୁ । ଏଇ ପ୍ରସଙ୍ଗରେ ମନେ ପଡୁଛି ମୋର ଜଣେ ସହପାଠିନୀ ଦର୍ଶନ ବିଭାଗର କୃଷ୍ଣା ଯୋଗୀଙ୍କ କଥା । ଘର ଗୁଜୁରାଟର ମହୁଭାଠାରେ । ଭାରି ଭଲ ସ୍ୱଭାବର ଛାତ୍ରୀ । ଗଠନ ପତଳା, ଦେହରେ କେଉଁଠି ଚାମୁଡ଼େ ହେଲେ ଚର୍ବିଥିବା ପରି ଜଣା ପଡୁ ନ ଥିଲା । କିନ୍ତୁ ଚମକିଲା ଭଳି ଗୌରାଙ୍ଗୀ । ଅଧିକାଂଶ ସମୟରେ ଭାବ ବିଭୋର ରହୁଥିଲା କୃଷ୍ଣା, ଦାର୍ଶନିକ ଜାତିଆ । ସେଥର ୧୯୬୨ର ପୂଜା ଅବକାଶର ଅବ୍ୟବହିତ ପୂର୍ବରୁ ସହସା ଆବିଷ୍କାର କଲି କୃଷ୍ଣାର ମୁହଁ ଉପରେ ବିଷାଦର ଛାଇ । ଖୁସି ମିଜାଜ୍‌ର ଝିଅଟା ସେଦିନ ବର୍ଷଣୋନ୍ମୁଖୀ ବାଦଲ ପରି ଦିଶୁଥିଲା । କିଚେନ୍‌ର ଗେଟ୍‌ରେ ଦେଖା ହେବା ମାତ୍ରେ ପଚାରିଲି – ‘‘କ’ଣ ହୋଇଚି ?’’ ଏତିକି ମାତ୍ର ପ୍ରଶ୍ନରେ ତା’ ଆଖିଛଳ ଛଳ ହୋଇ ଗଲା । ଘଟଣାଟା କ’ଣ ମୁଁ କିଛି ଅନୁମାନ କରିପାରିଲିନି । କାରଣ ହୃଦୟ ଦେବା-

Digitized by srujanika@gmail.com

ନେବା, ପ୍ରେମ-ପ୍ରେମରେ ମଜ୍ଜି ଭୁଲ୍‌ଭଟକା କରିବା କିମ୍ବା ନିରାଶ ହେବା ସ୍ୱଭାବର ଛାତ୍ରୀ ନ ଥିଲା ସେ । ବାରମ୍ବାର ପଚାରିବାରୁ ଜଣା ପଡିଲା ଯେ ତାଙ୍କ ଘରୁ ଚିଠି ଆସିଚି । ତାର ବାପା ଲେଖିଛନ୍ତି ତାଙ୍କର ଗୋଟିଏ ମର୍ଚ୍ଚାଣ୍ଟସିପ୍ (ପଣ୍ୟବାହୀ ଜାହାଜ) ସିଙ୍ଗାପୁର ଯାଉଥିବାବେଳେ ପ୍ରଚଣ୍ଡ କ୍ଷତିଗ୍ରସ୍ତ ହୋଇଛି । ସେଇ ସିପ୍‌ଟି କାଳେ ତା' ବାପାଙ୍କର ପ୍ରଥମ ଓ ପ୍ରିୟତମ ସିପ୍ ଥିଲା । କୃଷ୍ଣା କାନ୍ଦି ପକେଇଥିଲା – ଜାହାଜଟିର ବିନାଶ ପାଇଁ ନୁହଁ ତା' ବାପାଙ୍କ ମାନସିକ ଅବସ୍ଥା କଥା ଚିନ୍ତା କରି । କୃଷ୍ଣା ଯୋଗୀକୁ ସାନ୍ତ୍ୱନା ଦେବାକୁ ମୋ' ନିକଟରେ ଭାଷା ନ ଥିଲା । ମୋର ଶହେ ଟଙ୍କିଆ ଜୀବନ ଆଗରେ ତା'ର କୋଟିଏ ଟଙ୍କାର ଦୁଃଖ । ମୋର କିଛି ଧାରଣା ହିଁ ନ ଥିଲା ମର୍ଚ୍ଚାଣ୍ଟସିପ୍ ବିଷୟରେ, ଯଦିଓ କୃଷ୍ଣାର ପରିବାର ଏକାଧିକ ଜାହାଜର ମାଲିକ ଥିଲେ । ମୁଁ କେବଳ ସ୍ୱରଟିକୁ ସହାନୁଭୂତିଶୀଳ କରି କହିଥିଲି ଦୁଃଖ କରନା । ସବୁ ଠିକ୍ ହୋଇଯିବ । ସନ୍ତାନ ହିସାବରେ ତୁମର ଦାୟିତ୍ୱ ବିପଦ ସମୟରେ ବାପ-ମା'ଙ୍କୁ ସାନ୍ତ୍ୱନା ଦେବା । ପୁଅ-ଝିଅଙ୍କ ସାନ୍ତ୍ୱନା ବିପନ୍ନ ବାପା-ମାଆଙ୍କ ପାଇଁ ସବୁଠୁ ବଡ଼ ଧରଣର ସାହାଯ୍ୟ । କାରଣ ତହିଁରେ ଭବିଷ୍ୟବୋଧ ଥାଏ, ଭୁଲିଯିବାର ପ୍ରେରଣା ଥାଏ । ତୁମେ ଚିଠି ଲେଖ । ଚିଠି ମାଧ୍ୟମରେ ତୁମେ ପରିବାରର ଦୁଃଖରେ ସାମିଲ୍ ଅଛ ବୋଲି ବାପାଙ୍କର ହୃଦ୍‌ବୋଧ ହେବ । ମୋ' କଥା ମାନି ସେ ଚିଠି ଲେଖିଥିଲା । ଏମ୍.ଏ.ର ଅନ୍ତିମବର୍ଷ ଥିବାରୁ ସେ ବର୍ଷ ସେ ଶାରଦୀୟ ଅବକାଶରେ ଗୁଜରାଟ ଯିବନି ବୋଲି ଠିକ୍ କରିଥିଲା । କାରଣ ଅହମଦାବାଦକୁ ସେତେବେଳେ ସିଧା ବିମାନ ଯୋଗାଯୋଗ ନ ଥିଲା, କଲିକତାରୁ ନାଗପୁର କିମ୍ବା ବମ୍ବେ (ମୁମ୍ବାଇ) ଯାଇ ସେଠୁ ଯିବାକୁ ହେଉଥିଲା ଅହମବାଦ । ପୂଜା ଅବକାଶଟାକୁ ପଢାପଢିରେ ଲଗେଇବାକୁ ତାର ଇଚ୍ଛା ଥିଲା । କିନ୍ତୁ ସେ ଯୋଜନାକୁ ବାତିଲ୍ କରି କୃଷ୍ଣା ଛୁଟି ହେବା ମାତ୍ରେ ଗୁଜୁରାଟ ଗଲା । ଛୁଟି ପରେ ମଧ୍ୟ ଫେରିଲା ନାହିଁ । ଆମେ ଭାବିଲୁ କୃଷ୍ଣା ଆଉ ଆସିବନି । କାରଣ ଆମ ଭଳି ତା'ର ଡିଗ୍ରୀଟାଏ ଦରକାର ନ ଥିଲା । ପୌଷମେଳା ମଧ୍ୟ ସରିଗଲା । ନୂଆ ବର୍ଷ ମଧ୍ୟ ପହଞ୍ଚିଗଲା ।

ମନେ ପଡୁଛି ସେଦିନ ଥିଲା ବୁଧବାର, ଛୁଟି ଦିନ । ବ୍ରାହ୍ମସମାଜର ଉପାସନା ଦିବସ କାରଣରୁ ବିଶ୍ୱଭାରତୀରେ ରବିବାର ପରିବର୍ତ୍ତେ ବୁଧବାର ଛୁଟି ହୋଇଥାଏ । ସକାଳ ଚା-ସେବା ପାଇଁ ସେଦିନ ହଷ୍ଟେଲ୍‌ରୁ ବାହାରି ଆମ୍ରକୁଞ୍ଜ ପାଖରେ ଅଟକିଗଲି । ପାତଳ କୁହୁଡ଼ି ସନ୍ଧିରେ ଦେଖିଲି 'ଆମ୍ର ବଉଳ' । ଭାରି ଭଲ ଲାଗିଲା । ସିଂହସଦନର ଗମ୍ବୁଜରୁ ଘଣ୍ଟା ଶବ୍ଦ ଆସିଲା । ତାର ଅର୍ଥ – 'ଚା' ଜଳଖିଆ ଖାଇ ଯାହାର ଇଚ୍ଛା ଉପାସନା ସ୍ଥଳକୁ ଆସ । ପ୍ରବଚନ ଶୁଣିବ । ମୁଁ ଅବଶ୍ୟ କେବେ କେବେ ଯାଉଥିଲି, ଥରେ ଆମ ବିଭାଗୀୟ ମୁଖ୍ୟ ଦେବୀ ପ୍ରସନ୍ନ ସାର୍ ମଧ୍ୟ ପ୍ରବଚନ ଦେଇଥିଲେ । କିନ୍ତୁ ପୁରୋଧା ଜଣକ ଥିଲେ ବ୍ରାହ୍ମସଂପ୍ରଦାୟର, ଗୀର୍ଜାର ଯାଜକ ଭଳି । ହୁଏତ ସେଦିନ

Digitized by srujanika@gmail.com

ମଧ୍ୟ ମୁଁ ଯାଇଥାନ୍ତି । କିନ୍ତୁ ମୋର ସାଙ୍ଗ ବ୍ରହ୍ମାନନ୍ଦ କିମ୍ୱା ଚନ୍ଦ୍ରଶେଖର କେହି ସେକଥାରେ ଉତ୍ସାହୀ ନ ଥିଲେ ।

ତେଣୁ ଏକା ଏକା ପହଞ୍ଚିଲି କିଚେନ୍‌ରେ ଫାଟକରେ । ସେଠି କୃଷ୍ଣାଯୋଗୀକୁ ଦେଖି ପ୍ରକୃତରେ ଆଶ୍ଚର୍ଯ୍ୟ ହୋଇଗଲି । ପଚାରିଲି – 'ହାଲୋ କୃଷ୍ଣା, କେବେ ଫେରିବା ହେଲା ?' ପ୍ରଶ୍ନ ଭିତରେ ଗୋଟେ ବେହଦ୍ ବନ୍ଧୁପଣ ଲୁଚି ଥିଲା । ଜାଣିଲି କୃଷ୍ଣା ନବରାତ୍ର ଉତ୍ସବରେ ଭାଗ ନେବା ସହିତ ଏଇ କେଇ ମାସ ଭିତରେ ବାପା-ମା ଭାଇଙ୍କ ସହିତ କେତେ କେତେ ସ୍ଥାନରେ ବୁଲାବୁଲି କରି ଫେରିଚି । ପଚାରିଥିଲି – ''ସବୁ ଭଲ ତ ।'' ଉତ୍ତର ଆସିଥିଲା –''ହଁ ସେମିତି ସେମିତି ।'' ଜାଣିଲି, ପୁରୁଣା ଦୁଃଖଟା ଯା' ଭିତରେ ହାଲୁକା ହୋଇଗଲାଣି । ସେତିକିବେଳେ ସେଠି ଆସି ପହଞ୍ଚିଗଲା ନନ୍ଦିତା, ଅନ୍ୟ ଜଣେ ସହପାଠିନୀ, ବଙ୍ଗଳା ବିଭାଗର, ନନ୍ଦିତା ଥିଲା କୃଷ୍ଣାର ରୁମ୍‌ମେଟ୍ । କହିବାକୁ ଗଲେ କୃଷ୍ଣାଯୋଗୀ ଥିଲା ମୋର ଏବଂ ନନ୍ଦିତାର କମନ୍ ଫ୍ରେଣ୍ଡ୍ । ନନ୍ଦିତା ପ୍ରସ୍ତାବ କଲା କୃଷ୍ଣାର ଶୁଭ ପ୍ରତ୍ୟାବର୍ତ୍ତନ ଖୁସିରେ ଗୋଟେ ହୋଇଯାଉ । କାହାର ଆପତ୍ତି ନ ଥିଲା । ତେଣୁ କିଚେନ୍ ଭିତରକୁ ନ ପଶି ତିନି ହେଁ ରିକ୍ସା ଧରି ଚାଲିଲୁ ବୋଲ୍‌ପୁର ରେଳ ଷ୍ଟେସନ୍ । ରିକ୍ସା ଚାଲିବା ମାତ୍ରେ ହାୱା ବାଜିବାରୁ ଶୀତ ଲାଗିଲା ଟିକେ । ନନ୍ଦିତା ପଚାରିଲା – ''ତୁମେ ଆଜି ସ୍ୱେଟର୍ ପିନ୍ଧିନ ।'' ମୁଁ କହିଥିଲି – ''ତୁମେ ବି ତ ସ୍କାର୍ଫ୍ ଘୋଡ଼େଇ ନ ହୋଇ ବାହାରି ପଡ଼ିଚ ।''

କାରଣଟା ଥିଲା ଅବିଶ୍ୱାସ୍ୟ । ମୁଁ ସେଦିନ ଅନୁଭବ କରିଥିଲି ଯେ ଏଇ କହୁଡ଼ି ମଧ୍ୟ ଦେଇ ପ୍ରକୃତରେ ଲୁଚି ଛପି ବସନ୍ତ ଆସିଗଲାଣି । ଓଡ଼ିଆ କାବ୍ୟକାର ଗଣ ଏଇ ଅନୁଭୂତିକୁ ବ୍ୟକ୍ତ କରି କହିଛନ୍ତି 'ଚୋରା ମଳୟ' । କିନ୍ତୁ ଓଡ଼ିଶାର ଗାଁ ଲୋକେ କହନ୍ତି 'ଚୋରାବସନ୍ତ' ।

ଓଡ଼ିଆ ଲୋକ ଭାଷାରେ ଚୋରାବସନ୍ତ ଗୋଟିଏ ସାର୍ବଜନୀନ ଅନୁଭବର ଶବ୍ଦ । ବାଲ୍ୟକାଳରୁ ଶବ୍ଦଟି ସହିତ ମୋର ପରିଚୟ ଥିଲା । ଦକ୍ଷିଣୀ ରାଗରେ ଲିଖିତ ମୋ' ବାପାଙ୍କର ଗୋଟିଏ ଗୀତ, ଯେଉଁଟି ଗାଉଥିଲା ମୋର ସାନ ଭଉଣୀ ଆମ ପିଲାଦିନେ, ସେଥିରେ ଚୋରାବସନ୍ତ କଥା ଥିଲା ।ଗୀତଟିର ପ୍ରଥମ ପଦ ଥିଲା ଏଇପରି, ଯଥା –

'ରେ ପ୍ରିୟ ସହି !
ଚୋରା ବସନ୍ତ ଆସିଲାଣି
ମାଳତୀ ଫୁଟିଲେଣି, ଭଅଁରେ ଛୁଟିଲେଣି
ଆମ୍ବଉଳ ବାସିଲାଣି ।' (ଘୋଷା)
(ପ୍ରଣୟୀ ବିଜୟୀ-ନାଟକ ଅନ୍ତର୍ଗତ)

Digitized by srujanika@gmail.com

'ଚୋରାବସନ୍ତ' ଓଡ଼ିଆ ଜନଙ୍କର ଏକ ବିରଳ ଅନୁଭବ । ଏଥିରେ ପ୍ରକୃତି ସହିତ ଗୋଟାଏ ନିଛକ ଆତ୍ମୀୟତାର ସଂକେତ ଅଛି । ଶବ୍ଦଟି ଆଦୌ 'ଚେରାପାରତି' କିମ୍ବା 'ଚୋରାକାରବାର' ପରି ଲଘୁ ବିଦ୍ରୂପୋକ୍ତି ନୁହଁ ।

ବୋଲ୍‌ପୁର ରେଳଷ୍ଟେସନ୍‌ରେ ରେଲ୍‌ବାଇ ରୋଷ୍ଟୋରାଁରେ ବସି ସେଦିନ ତିନିହେଁ ଖୁସି ଗପ କରିଥିଲୁ ବହୁ ସମୟ ଧରି । ନନ୍ଦିତା ଓ ମୋ ଭିତରେ ଥଟ୍ଟା-ପରିହାସ ଚାଲୁଥିଲା । ସେ ଅଧିକାର ଆମେ ପରସ୍ପରକୁ ଦେଇଥିଲୁ । ରେଳବାଇ ରେଷ୍ଟୋରାଁର ବିଲ୍ ଦେବାପାଇଁ ପକେଟ୍‌ରେ ହାତ ପୂରାଇବା ମାତ୍ରେ ନନ୍ଦିତା କହିଲା – ''ମୁଁ ଜାଣେ, ଏବେ ଏବେ ତୁମକୁ ବୃତ୍ତି ପଇସା ମିଳିଛି । ସେଇଟା ତୁମେ ତୁମର ଲୈଲା ପାଇଁ ରଖିଥା ।'' କୃଷ୍ଣା କହିଲା – ''ତୁ ବି ଦେବୁନି, ଏଇ ଟିକି ଖର୍ଚ୍ଚଟା ମୁଁ ବହନ କରିବି ।''

ସହପାଠିନୀଙ୍କ ସହିତ ସଂପର୍କରେ କିଛି ଅସ୍ୱାଭାବିକତା ନ ଥିଲା ଶାନ୍ତିନିକେତନରେ, କେହି ଆଖି ଟେରା କରି ଆମକୁ ଚାହୁଁ ନ ଥିଲେ । ପରସ୍ପର ପ୍ରତି ସମ୍ମାନ ବୋଧ ଆମର ସମ୍ବନ୍ଧ ଗୁଡ଼ାକୁ ଶାଳୀନ ଓ ବନ୍ଧୁତାକୁ ଉଚ୍ଚମାନର କରି ରଖିଥିଲା । ସେ ସୌନ୍ଦର୍ଯ୍ୟ ଭରା, ବିଶ୍ୱାସଭରା ସୁନେଲି ଦିନଗୁଡ଼ାକ ଆଉ ଫେରିବାର ନ ଥିଲା ଜୀବନରେ ।

Digitized by srujanika@gmail.com

।। କୋଡ଼ିଏ ।।

ଇଚ୍ଛାଥିଲା ଶାନ୍ତିନିକେତନରୁ ଗୋଟିଏ ଓଡ଼ିଆ ସାମୟିକ ପତ୍ରିକା କାଢ଼ିବାକୁ । ବନ୍ଧୁମାନଙ୍କ ସହିତ ଆଲୋଚନା କରି ନାଁ ରଖାଗଲା ‘ଲେଖା’ । ଲେଖା ସଂଗ୍ରହ ପାଇଁ ଚିଠି ଲେଖିବାକୁ କାର୍ଡ଼ ମଧ୍ୟ ଛପା ହେଲା । ତା’ ୧୯୬୨ ମସିହା କଥା । କିନ୍ତୁ ଶାନ୍ତିନିକେତନରେ ତ ଓଡ଼ିଆ ଛାପାଖାନା ନ ଥିଲା, ଥିଲା ସୁଦୂର କଲିକତାରେ । ପାଣ୍ଠି ଯୋଗାଡ଼ କରି ନ ହେବାରୁ ଶେଷ ମୁହୂର୍ତ୍ତରେ ‘ପତ୍ରିକା’ କଥା ମନରୁ ପୋଛି ଦେବାକୁ ହେଲା । ଘୋର ନୈରାଶ୍ୟ ଭିତରେ ମନ ଖରାପ କରି ବସିଥିବା ବେଳେ ମୋତେ ଖୋଜି ଖୋଜି ଦେବ-ଦୂତ ପରି ପହଞ୍ଚିଗଲେ ଆସାନ୍‌ସୋଲ୍ ନିବାସୀ କେଶବଚନ୍ଦ୍ର ମାଥାନ୍ । ସେ ହୀନ୍ଦି ଭାଷାରେ ପାରଦର୍ଶୀ ଥିଲେ, ଉଚ୍ଚ ଶିକ୍ଷା ଲାଭ କରିଥିଲେ ନିଜ ଉଦ୍ୟମରେ । ଲେଖାଲେଖି ମଧ୍ୟ କରୁଥିଲେ ହୀନ୍ଦିରେ । ତାଙ୍କ ସହିତ ଚିଠି ପତ୍ର ଦିଆ-ନିଆ ଥିଲା । କିନ୍ତୁ କେବେ ସାକ୍ଷାତ ହୋଇ ନ ଥିଲା । କେଶବବାବୁ ସେତେବେଳେ ଆସାନସୋଲର କୋଇଲା ଖଣି ଅଞ୍ଚଳରେ ଜଣେ କର୍ମଚାରୀ ଥିଲେ, ସେଠି ରହୁଥିଲେ ସପରିବାର । ତାଙ୍କ ଗାଁ ବା ଜନ୍ମସ୍ଥାନ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିକଟରେ । ସେ ଥିଲେ ମାଟି ବଂଶର ଅବଧାନ କୁଳର । ସେଇ ସଂସ୍କାର ତାଙ୍କ ଭିତରେ ଥିଲା । ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କ ଭିତରେ ଥିଲା ଅହେତୁକ ଆଗ୍ରହ । ପ୍ରବାସୀ ଓଡ଼ିଆ ଅନୁଷ୍ଠାନର ସଂପାଦକ ଥିଲେ । ଓଡ଼ିଆ ଭାଷା ଓ ଜାତି ପ୍ରତି ତାଙ୍କ ଭିତରେ ପ୍ରବନ୍ଧପ୍ରୀତି ଭରି ରହିଥିଲା । ବୟସଗତ ତଫାତ୍ ଯଥେଷ୍ଟ ଥିଲେ ହେଁ ମୁଁ ତାଙ୍କୁ ବନ୍ଧୁ ରୂପେ ଗ୍ରହଣ କରିନେଇଥିଲି । ତାଙ୍କର ମୋ’ ସୃଷ୍ଟି ଓ ସାଧନାର ପ୍ରତି ସଦିଚ୍ଛା ଭୁଲିହେବନି ।

କିନ୍ତୁ ହଜାର ହଜାର ଶ୍ରମିକ ସମେତ ଇଂଜିନିୟର, ଅଫିସର, ଡାକ୍ତର ଭାବେ ଓଡ଼ିଆମାନେ ଆସାନ୍‌ସୋଲ୍‌ରେ ବହୁ ସଂଖ୍ୟାରେ ଅବସ୍ଥାପିତ ହୋଇଥିଲେ ହେଁ ପ୍ରବାସୀ ଓଡ଼ିଆଙ୍କ ସାଂସ୍କୃତିକ ଅନୁଷ୍ଠାନଟି ସେଇ ପରିମାଣରେ ସଂଗଠିତ ଥିଲା ବୋଲି କହିହେବନି । ଅଫିସର୍ ଶ୍ରେଣୀର ଲୋକେ ଅଧିକାଂଶ ସମୟରେ ଉଦାସୀନ ରହୁଥିଲେ । ତେଣୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନେଇ ହେଉ ନ ଥିଲା । ତେବେ ସେମାନେ ବର୍ଷକୁ ଥରେ ଆଡ଼ମ୍ବର ସହକାରେ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ କରୁଥିଲେ ନିଶ୍ଚୟ କରି ।

Digitized by srujanika@gmail.com

ସେତେବେଳେ ପୁରୀ ଓ ଆସାନ୍‌ସୋଲ୍ ମଧ୍ୟରେ ଗୋଟିଏ ପାସେଞ୍ଜର୍ ରେଳ ଚଳାଚଳ କରୁଥିଲା ମୁଖ୍ୟତଃ ଓଡ଼ିଆ ଶ୍ରମିକଙ୍କୁ ଆସାନ୍‌ସୋଲ୍, ଦୁର୍ଗାପୁର, ଚିତ୍ତରଂଜନ ଓ ବର୍ଣ୍ଣପୁର ଅଂଚଳକୁ ବହିନେବା ପାଇଁ । ସେଠି ଓଡ଼ିଆ ସମାବେଶ ବହୁ ଦିନର ହୋଇଥିଲେ ହେଁ ଓଡ଼ିଆ ଛାପାଖାନା ନ ଥିଲା । ପଶ୍ଚିମବଙ୍ଗ ଓ ବିହାରର ସୀମାରେ ଅବସ୍ଥିତ ଥିବାରୁ ବଙ୍ଗଳା ଓ ହୀନ୍ଦି ଭାଷାର ଛପାଖାନା ପ୍ରତିଷ୍ଠିତ ଥିଲା । ତେଣୁ ସ୍ଥିର ହେଲା ସାହିତ୍ୟ ପତ୍ରିକାଟିଏ ଛପା ହେବ ଆସାନ୍‌ସୋଲ୍‌ରେ, ଯହିଁରେ କେବଳ ଓଡ଼ିଆ ଲେଖାର ହୀନ୍ଦି ଅନୁବାଦ ଓ ଇଂରେଜୀ ଅନୁବାଦ ପ୍ରକାଶ ପାଇବ । ବିଜ୍ଞାପନ ମିଳିଯିବ ଏବଂ ଓଡ଼ିଆ ଲେଖକଙ୍କ ନାଁ ଅଣ-ଓଡ଼ିଆ ପାଠକଙ୍କ କାନରେ ପଡ଼ିବ । ହୀନ୍ଦି ଅନୁବାଦ ଗୁଡ଼ିକ ମୁଖ୍ୟତଃ କେଶବ ବାବୁ କରିବେ । ଇଂରେଜୀ ଅନୁବାଦ ଲେଖକମାନେ ନିଜ ଉଦ୍ୟମରେ କରି ସହଯୋଗ ଦେବେ । ତାହା ହିଁ ହେଲା, ଲେଖାଗୁଡ଼ିକ ମୁଖ୍ୟତଃ ତାଙ୍କ ଠିକଣାରେ ଆସିଲା । କେତେକ ଲେଖା ମୁଁ ବାଛି ଥିଲି, କେତେକ ଲେଖା ନିଜେ କେଶବ ବାବୁ । ପ୍ରଥମରୁ କଥା ହେଲା ଯେ ଆରମ୍ଭ ସଂଖ୍ୟାରେ ସଂପାଦୀକୀୟ ଓ ଶୁଭକାମନା ବ୍ୟତୀତ ଆମ ଲେଖା ସ୍ଥାନ ପାଇବନି । ପତ୍ରିକାଟି ନାମ ରହିଲା – 'ଯୋଗାଯୋଗ' । ପ୍ରଥମ ସଂଖ୍ୟା ପ୍ରକାଶ ହେବା ମାତ୍ରେ ମୁଁ ରାମ୍‌ପୁର ହାଟ ପେସେଞ୍ଜର୍ ଧରିଲି, ସେଠୁ ପୁଣି ଆଉ ଏକ ଗାଡ଼ିରେ ଗଲି 'ଆସାନ୍‌ସେଲ୍' । କେଇ କପି ପତ୍ରିକା ଧରି ଫେରିଲି ବିତରଣ ନିମନ୍ତେ । ସେକାଳର ଛପାଛପିର ଷ୍ଟାଣ୍ଡାର୍ଡ ଓ ଆମର ଆର୍ଥିକ କ୍ଷମତା ଦୃଷ୍ଟିରୁ ପତ୍ରିକାଟି ଖରାପ ହୋଇ ନ ଥିଲା ।

ପତ୍ରିକାର କପି ଖଣ୍ଡିଏ ହାତରେ ଧରି କ୍ଲାସ୍ କରିବାକୁ ଗଲି । ବାଟରେ ଦେଖାହେଲା ସହପାଠିନୀ ବଙ୍ଗଳା ବିଭାଗର ପି.ଜି. ଛାତ୍ରୀ ନନ୍ଦିତା ସହିତ । ମୁଁ କିଛି କହିବା ପୂର୍ବରୁ ମୋ' ହାତରୁ ପତ୍ରିକାଟି ଛଡେଇ ନେଇ ସେ ପୃଷ୍ଠା ଓଲଟେଇବାକୁ ଲାଗିଲା ମୋର ପତ୍ରିକା ରକ୍ଷଣୀ ବାନ୍ଧବୀ । ପଚାରିଲା – କାହିଁ ତୁମ ଲେଖା ନାହିଁ ତ ! ମୁଁ କହିଲି – ''ଆସନ୍ତା ସଂଖ୍ୟାରେ ଆସିବ ।'' ଦୁହେଁ ଶାଳବୀଥିରେ ଥିବା ସିମେଣ୍ଟ୍ ବେଞ୍ଚ – ଉପରେ ବସି ପଡ଼ିଲୁ । କାରଣ ବାନ୍ଧବୀଙ୍କ ଆଖି ପକେଇବା କାମ ଶେଷ ହୋଇ ନ ଥିଲା । ହଠାତ୍ ଗୋଟିଏ ଲେଖା ପାଖରେ ସେ ଅଟକି ଗଲେ ଓ ଆଖି ବଡ଼୍ ବଡ଼ କରି ଚାହିଁଲେ ମୋତେ – ''ଆରେ, ଏଇଟା ତ ରବୀନ୍ଦ୍ର ନାଥଙ୍କ କବିତା !'' ମୁଁ ପ୍ରଥମେ ଭାବିଲି ଏଇଟା ପରିହାସ । କିନ୍ତୁ ବାନ୍ଧବୀ ଜଣକ ତାଙ୍କ ଆଖି ଛୁଇଁ କହିଲେ – ''ଦେଖ ପ୍ରସନ୍ନ, ଗୋଟେ ବି ଶବ୍ଦ ଏପଟ ସେପଟ ହେଇନି, ଖାଲି ଗଦ୍ୟ କବିତା ଆକୃତିରେ ନଳି ନଳି କରି ଲେଖା ହୋଇଛି ମାତ୍ର । ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ଆମେ ତତ୍‌କ୍ଷଣାତ୍ ଲାଇବ୍ରେରିକୁ ଗଲୁ । ବଙ୍ଗଳାବହିଥାକରୁ ସେ ରବୀନ୍ଦ୍ରନାଥଙ୍କ 'ସଂଚୟିତା' ଟାଣି ଆଣିଲା, ଫଡ଼ ଫଡ଼ କରି ପୃଷ୍ଠା ଓଲଟାଇଲା, ମାତ୍ର କେଇମିନିଟ୍ ଭିତରେ କବିତାଟି ଖୋଜି ଆଣି

ଦେଲା । ମୁଁ ଆମ ପତ୍ରିକାରେ ହୀନ୍ଦି ରୂପାନ୍ତରିତ ଓଡ଼ିଆ କବିତାକୁ ମିଳେଇ ଦେଖିଲି, ଅଭିଯୋଗ ଏକାନ୍ତ ନିର୍ଭୁଲ୍ । ସେପରି ଲଜ୍ଜାକର କାର୍ଯ୍ୟଟି କରିଥିଲେ ମୋର ସମବୟସୀ ଜଣେ ଯୁବାନାରୀ କବି ଯିଏ ନବୋଦିତ ଚନ୍ଦ୍ରମା ପରି ଅନେକ ପାଠକଙ୍କୁ ମୁଗ୍ଧ କରିବାର କ୍ଷମତା ରଖିଥିଲେ । ଅନେକ ପତ୍ର-ପତ୍ରିକାରେ ତାଙ୍କର କବିତା ଛପା ହେଉଥିଲା । ତାଙ୍କଠାରୁ ଡାକ ଯୋଗେ କବିତାଟିଏ ପାଇବା ମାତ୍ରେ କେଶବ ବାବୁ କୌଣସି ପ୍ରକାରେ ସନ୍ଦେହ ନ କରି ହୀନ୍ଦି ଅନୁବାଦ କରି ଦେଇଥିଲେ । ମୋର ଜାଣିବାର ସୁଯୋଗ ନ ଥିଲା । ଯଶଃ ପ୍ରାର୍ଥିନୀ ନାରୀ କବି ଜଣକ ଆମକୁ ଦୂରପ୍ରବାସରେ ସେପରି ଅପମାନଜନକ ଅବସ୍ଥାରେ ପକାଇବେ ବୋଲି ଆମେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲୁ । ତା' ଥିଲା ଆମର ନିଷ୍ଠା, ଭାଷାପ୍ରେମ ଓ ଜାତି-ପ୍ରେମ ପ୍ରତି ଗୋଟିଏ ଶକ୍ତ ଧକ୍କା । ପତ୍ରିକାଟି ପାଇଁ କେଶବ ବାବୁ ଆସାନସୋଲ୍‌ରେ କେତେ ଲୋକଙ୍କ ହାତ-ଓଠ ଧରି ଥିଲେ, କେତେ ଗଧଙ୍କର ପାଦସ୍ପର୍ଶ କରିଥିଲେ ବିଜ୍ଞାପନଟିଏ ବା ଶୁଭେଚ୍ଛାଟିଏ ପାଇଁ । କେଉଁଥିପାଇଁ ? ଜାତିର ଅଭିମାନ ରଖିବା ପାଇଁ ତ ! ଅଥଚ, ସବୁ ଆଶା ତୁଟିଗଲା, ବିଶ୍ୱାସର ଦେଉଳ ଭାଙ୍ଗି ପଡ଼ିଲା ସେଇ ଜଣେ ମାତ୍ର ଲେଖିକାଙ୍କ ଅଦୂରଦର୍ଶିତା ଯୋଗୁ । ମୋତେ କାନ୍ଦ ମାଡ଼ିଲା । ମୁଁ ମନଖରାପ କରିବା ଦେଖି ନନ୍ଦିତା ମୋତେ ସାନ୍ତ୍ୱନା ଦେଇଥିଲା ସେଦିନ – ‘‘ତୁମେ ମନ ଖରାପ କରୁଚ କହିଁକି ? ତୁମର କ'ଣ ଦୋଷ ? ରବୀନ୍ଦ୍ର ନାଥଙ୍କ ସବୁ କବିତା ପଢ଼ିବା ତ ତୁମ ପକ୍ଷରେ ସମ୍ଭବ ନୁହେଁ, କାହା ପକ୍ଷରେ ମଧ୍ୟ ନୁହେଁ ।’’

ଆଗତ ଅଭିଯୋଗର ଉଲ୍ଲେଖ କରି ମୁଁ ଲେଖିକାଙ୍କୁ ଚିଠି ଦେଲି । ଉତ୍ତର ଆସିଲା ଦୁଇ ଧାଡ଼ିରେ । ଅତି ସୁନ୍ଦର ଗୋଲ୍ ଗୋଲ୍ ଅକ୍ଷରରେ ଓଲଟା ଅଭିଯୋଗ ଆଣିଥିଲେ, ମୁଁ କାଳେ ତାଙ୍କ ଉପରେ ଅଯଥା ଦୋଷାରୋପ କରୁଛି । କ୍ଷମା ପ୍ରାର୍ଥନାଟିଏ ବି ନ ଥିଲା ତହିଁରେ ।

ପୃଥିବୀରେ ସବୁ ଭାଷାରେ ଲେଖାଚୋରମାନେ ଅଛନ୍ତି । ସେମାନେ ବ୍ୟକ୍ତିଗତ ସ୍ତରରେ ଆର୍ଥିକ ଫାଇଦା ପାଇଁ ସେପରି କରନ୍ତି । କେହି ଲେଖକର ‘ଯଶଃ’ ପ୍ରାପ୍ତି ପାଇଁ ଆଉ ଜଣକର ରଚନା ନିଜ ନାଁରେ ଚଳାଇ ନିଅନ୍ତି ନାହିଁ । କାରଣ ସେମାନେ ବି ଜାଣନ୍ତି ଆଜି ନ ହେଲେ କାଲି, ଏଠି ନ ହେଲେ ସେଠି ନିଶ୍ଚୟ ଧରା ପଡ଼ିବେ । ସବୁଦିନେ ଅନ୍ଧାର ନ ଥିବ, ଆଲୁଅ ଫିଟିଯିବ । ତେବେ ସମସ୍ତଙ୍କଠାରୁ ଲେଖକୀୟ ସୌଜନ୍ୟ ଆଶା କରାଯାଏ । ଛାୟାନୁବାଦ, ଭାବାନୁବାଦ, ମର୍ମାନୁବାଦ ଆଦି ଶବ୍ଦରୁ ଗୋଟିଏ ବ୍ୟବହାର କରିବାକୁ ଯେଉଁ ଲେଖକ କୁଣ୍ଠିତ ତାଙ୍କୁ ଲେଖକ ପର୍ଯ୍ୟାୟଭୁକ୍ତ କରାଯିବା ଉଚିତ ହେବ କି ?

କ'ଣ କରାଯିବ । ଅନେକ ଲେଖକ ଅନ୍ୟମାନଙ୍କ ରଚନାରୁ ଘଟଣାଚୋରି, ଭାବଚୋରି, ଭାଷାଚୋରି କରି ବଜାରରେ ଅଛନ୍ତି । ସମାଜ ତାଙ୍କୁ କ୍ଷମା କରି ଚାଲିଛି,

Digitized by srujanika@gmail.com

ଜାଣତରେ ଅଜାଣତରେ । କିନ୍ତୁ ବିଷୟଟି ସଙ୍ଗୀନ୍ ହୋଇ ଉଠେ ଯେତେବେଳେ ସେପରି ମନୋବୃତ୍ତିର ଲେଖକ ବଜାରୀ-ସାଫଲ୍ୟକୁ ଆଳ କରି ସାହିତ୍ୟ ସମାଜରେ ସମ୍ମାନ ବା ପୁରସ୍କାର ଲାଳସୀ ହୋଇ ଉଠନ୍ତି । ଦୃଷ୍ଟାନ୍ତ ମୋ' ସ୍ମୃତିରେ ମହଜୁଦ୍ ଅଛି । ଲେଖିବି ନାହିଁ, କାରଣ କାହାକୁ ଲଜ୍ଜିତ କରିବା ମୋର ଉଦ୍ଦେଶ୍ୟ ନୁହେଁ । ଓଡ଼ିଆରେ ଢଗ ଅଛି 'ମାରିନେବେ ମହାପାତ୍ରେ, ଚାହିଁଥିବେ ଇଲକା ।' ଆମ ଦେଖନ୍ତାରେ କେତେକ ସେପରି 'ମାରି ନେଉଛନ୍ତି' ସାହିତ୍ୟ ପ୍ରେମୀଙ୍କୁ 'ଇଲକା' କରି । କିନ୍ତୁ ମାରିଦେବା ପରେ ମଧ୍ୟ ପରିଣାମଟା ଆଶ୍ୱସ୍ତିକର ହେଉନି ତାଙ୍କ ପକ୍ଷରେ । ଯେଉଁ ଆନନ୍ଦ ନିଜ ପ୍ରତି ଜାତି ପ୍ରତି ସମଗ୍ର ଲେଖକକୁଳ ପ୍ରତି ସଚ୍ଚୋଟ ଥିବା ସୃଜନଶୀଳ ଲେଖକକୁ ମିଳିଥାଏ ତାହା ସେମାନଙ୍କୁ ମିଳେ କି କେବେ ହେଲେ !

ପତ୍ରିକା ଘଟଣାରେ ଅପମାନିତ କେଶବ ବାବୁ ଭାଙ୍ଗିପଡ଼ିଲେ ।

ମୋ' ମନ ଦବିଗଲା । ପତ୍ରିକା ପ୍ରକାଶନ ସେତିକିରେ ସ୍ଥଗିତ ହୋଇଗଲା । ଏତେ ଦିନର ସମରାଭ୍ୟାସ ସତ୍ତ୍ୱେ ମାତ୍ର ଜଣକର ବିଶ୍ୱାସଘାତକତା କାରଣରୁ ଆମେ ଦୁହେଁ ଯୁଦ୍ଧରେ ପରାଜିତ ହୋଇଥିଲୁ ସେଦିନ ।

ତାଙ୍କର କୋଉଁ ଲାଭ ହେଲା କି·?

କ୍ରମେ କ୍ରମେ ତାଙ୍କ ନାଁ ବୁଡ଼ିଗଲା, ଠିକଣା ହଜିଗଲା, ଏପରିକି ଧର୍ମ ମଧ୍ୟ ଛାଡ଼ିଗଲା । ଏ ପର୍ଯ୍ୟନ୍ତ ତାଙ୍କର କୌଣସି କବିତା ବହି ମୋ' ନଜରକୁ ଆସିନାହିଁ ।

ମୁଁ ଶାନ୍ତିନିକେତନ ଛାଡ଼ିବା ପରେ କେବେ କେବେ ମଥାନ୍‌ଙ୍କଠାରୁ ଚିଠି ପାଉଥିଲି । ବିଳମ୍ବରେ ହେଲେ ବି ପୁଣି ସେ 'ଯୋଗାଯୋଗ'ର କେଇଟି ସଂଖ୍ୟା ଛାପିଥିଲେ, ଇଂରେଜୀ ଓ ହୀନ୍ଦିରେ । ହୀନ୍ଦି ସାହିତ୍ୟରେ ଗବେଷଣା କରି ସମୟକ୍ରମେ ସେ ପିଏଚ୍. ଡି. ପ୍ରାପ୍ତ । ଓଡ଼ିଆ ଭାଷାରେ ତାଙ୍କର ଖଣ୍ଡିଏ ଉପନ୍ୟାସ ମଧ୍ୟ ଛପା ହୋଇଚି । ଅବସର ନେବା ପରେ କଟକ ଆସିଥିଲେ, ଖୋଜି ଖୋଜି ପହଞ୍ଚିଥିଲେ ମୋ' ଦର୍ଜି ସାହି ବସା ଘରେ । ଏକାନ୍ତ ଆତ୍ମୀୟ ପରି ଲାଗନ୍ତି । ବର୍ତ୍ତମାନ ଭୁବନେଶ୍ୱର ନିବାସୀ । ଘର ଠିକଣା ବୋଧ ହୁଏ ସହୀଦ୍ ନଗର ।

Digitized by srujanika@gmail.com

।। ଏକୋଇଶି ।।

ଡ଼କ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସଦୃଶ ଭାଷାବିଜ୍ଞାନୀ ଆମ ବିଭାଗର ମୁଖ୍ୟ ହୋଇଥିଲେ ମଧ୍ୟ ଆମକୁ ଭାଷାତତ୍ତ୍ୱ ପଢାଉଥିଲେ ଆଉ ଜଣେ । ସେ ବଙ୍ଗଳା ବିଭାଗର, କିନ୍ତୁ ଓଡ଼ିଆ, ହୀନ୍ଦି, ବଙ୍ଗଳାଦି ସବୁ ସାହିତ୍ୟଛାତ୍ରଙ୍କୁ ପାରମ୍ପରିକ ରୀତିରେ ବହୁବର୍ଷ ଧରି ସେ ପଢ଼େଇ ଆସୁଥିଲେ । ଅନ୍ତିମ ବର୍ଷ ମୋତେ ମଧ୍ୟ ତାଙ୍କରି କ୍ଲାସ୍‌ରେ ବସିବାକୁ ହେଲା । ସେ ବେଶ୍ ଜ୍ଞାନୀ ଓ ଅନୁଭବୀ ଅଧ୍ୟାପକ ଥିଲେ । ନବାଗତ ପଞ୍ଚମବାର୍ଷିକ ଶ୍ରେଣୀର ଛାତ୍ରଙ୍କ ସହିତ କେଇଜଣ ଅନ୍ତିମବର୍ଷର ଛାତ୍ର, ଯେଉଁମାନେ ପୂର୍ବ-ପରୀକ୍ଷାରେ ବସି ନ ଥିଲେ, ସେଇ କ୍ଲାସ୍‌ରେ ବସୁଥିଲେ । ପ୍ରାୟତଃ ଚୀନାଭବନ କକ୍ଷରେ ନିୟମିତ ପଢା ହେଉଥିଲା । ଅଧ୍ୟାପକ ମହାଶୟ କିନ୍ତୁ ସ୍ୱଳ୍ପ ପରିଚୟାତ୍ମକ ଶିକ୍ଷଣ ପରେ ନୋଟ୍ ଡାକିବା ଆରମ୍ଭ କରି ଦେଉଥିଲେ । ଗୋଟେ ଦୁଇଟି କ୍ଲାସ୍ ପରେ ମୁଁ ବାଧ୍ୟ ହେଲି ପ୍ରତିବାଦ କରିବାକୁ । କହିଥିଲି ''ଦାଦା !'' ବିଷୟ ତ ବୁଝି ନାହିଁ, ନୋଟ୍ ନେଇ କ'ଣ କରିବି ? ସେମିତି ତ ସବୁ ବିଷୟ ବହିମାନଙ୍କରେ ଲେଖା ଅଛି ।'' ସେଦିନ କ୍ଲାସ୍ ହୋଇ ପାରିଲା ନାହିଁ । ସହପାଠୀବୃନ୍ଦ ମୋ' ଉପରେ ଚିଡ଼୍ ଚିଡ଼୍ ହେଲେ । ମୁଁ କହିଲି – ''ମୁଁ ମୋ' ସ୍ୱାର୍ଥ ଜଗୁଚି, ତୁମେ ତୁମ ସ୍ୱାର୍ଥ ଦେଖ । ନୋଟ୍ ନେଇ କ'ଣ କରିବି ? ମୁଖସ୍ଥ ଫୁକସ୍ଥ ମୋ' ଦେଇ ହେବନି । ଅଧ୍ୟାପକ ମହାଶୟ କିନ୍ତୁ ତା' ପରଠାରୁ ପ୍ରସ୍ତୁତ ହୋଇ ଆସି ପଢେଇଲେ । ବିଷୟଟି ମୋର ହୃଦ୍‌ବୋଧ ହେଲା । ଅନେକ ଭାବିଥିଲେ ତା' ଦ୍ୱାରା ମୁଁ କ୍ଷତିଗ୍ରସ୍ତ ହେବି । କାରଣ ସେ କାଳେ ସବୁଥର ସେଇ ପତ୍ରଟିର ପରୀକ୍ଷକ ରହୁଥିଲେ । ମୋର କିନ୍ତୁ ବିଶ୍ୱଭାରତୀର ପୁରୁଖା ଅଧ୍ୟାପକଙ୍କ ଚରିତ୍ରବତ୍ତା ଓ ବୌଦ୍ଧିକ ନୈତିକତା ଉପରେ ଗଭୀର ଆସ୍ଥା ଥିଲା । ସେଇ ବର୍ଷ ଶେଷ ପରୀକ୍ଷା । ଭାଷାତତ୍ତ୍ୱ ପତ୍ରଟିକୁ ସବୁ ଛାତ୍ର 'ଘୋଷା ପାଠ' ରୂପେ ଗ୍ରହଣ କରି ଆସୁଥିଲେ, ଶହେରୁ ସତୁରି ପଚସ୍ତରି ବା ତା'ଠୁ ଅଧିକ ନମ୍ବର ଆଶା କରୁଥିଲେ । ମୁଁ ଭାବୁଥିଲି ମାତ୍ର ପଚାଶ ପାଇଲେ ତରିଯିବି, ବା ଇଜ୍ଜତ ରହିଯିବ ।''

ଯେତେ ନିଜକୁ ନିୟନ୍ତ୍ରଣରେ ରଖିଲେ ବି ପରୀକ୍ଷାର କେଇମାସ ପୂର୍ବରୁ ମୁଁ ଏକାନ୍ତ ଭାବେ ମାନସିକ ସ୍ତରରେ ଆନ୍ଦୋଳିତ ଥିଲି । କାରଣ ଲେଖିହେବ ନାହିଁ । ପୂର୍ବବର୍ଷର ପ୍ରଶ୍ନ-ପତ୍ର ଦେଖିବା ତ ଦୂରର କଥା ପ୍ରଶ୍ନପତ୍ରର ରୀତି ଗୁଡ଼ିକ ପ୍ରତି ଅସତର୍କ

Digitized by srujanika@gmail.com

ରହିବା ମୋର ଚରିତ୍ର ଥିଲା, ଯାହା ଫଳରେ ବିଭିନ୍ନ ପରୀକ୍ଷାରେ ମୁଁ ଠକି ଯାଇଥିଲି । 'ଭାଷା-ତତ୍ତ୍ୱ' ପରୀକ୍ଷାର ପୂର୍ବଦିନ ରାତିରେ ବଂଧୁ ବ୍ରହ୍ମାନନ୍ଦ ସିଂହ ମୋ' ରୁମ୍‌କୁ ଆସି ମୋତେ ଜବରଦସ୍ତ ପ୍ରଶିକ୍ଷଣ ଦେଲେ । ସନ୍ଦେହ ନାହିଁ ତା' ଦ୍ୱାରା ମୋର ସାହସ ବଢ଼ିଲା ଓ କିଛି ଉନ୍ନତି ମଧ୍ୟ ଘଟିଲା ।

ପରଦିନ ପରୀକ୍ଷା ହଲ୍‌ରେ ପ୍ରଶ୍ନପତ୍ର ପାଇ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଦେଖିଲି ପ୍ରଶ୍ନଗୁଡ଼ିକ ନୂଆ ଢଙ୍ଗରେ, ନୂଆ ରୀତିରେ ପଚରାଯାଇଚି । କିନ୍ତୁ ମୋର କିଛି ଅସୁବିଧା ହେଲାନି । କେବଳ ବନ୍ଧୁଙ୍କ ସ୍ନେହ ତାଡ଼ନାରେ ପୂର୍ବ ରାତିଟି 'ଘୋଷଣ' ଯୋଗୁ ବରବାଦ ହୋଇଛି ବୋଲି ଦୁଃଖ ଲାଗୁଥିଲା । ପରୀକ୍ଷା ହଲ୍‌ରେ ଅର୍ଦ୍ଧାଧିକ ପରୀକ୍ଷାର୍ଥୀ କଲମ କାମୁଡୁ ଥିଲେ । କେଇଜଣ ସେଇ ଦିନରୁ ଆଉ ପରୀକ୍ଷା ଦେଲେନି । ହଷ୍ଟେଲ୍‌ରେ ପହଞ୍ଚିବା ପରେ ସହପାଠୀମାନେ ମୋତେ 'କେମିତି ହେଲା' ପଚାରିଲେ ନାହିଁ, କାରଣ ମୁଁ ନିଶ୍ଚୟ ସନ୍ତୁଷ୍ଟ ଦିଶୁଥିଲି । ଯେଉଁମାନେ ମନଖରାପ କରି ବସିଥିଲେ ମୋର ଇଚ୍ଛା ହେଉଥିଲା ତାଙ୍କୁ କହିବାକୁ – 'ଦେଖ ଭାଇ, ତୁମେ ପ୍ରଶ୍ନକର୍ତ୍ତାଙ୍କୁ ଦୋଷ ଦିଅନା, ସେ କ'ଣ ଜାଣିଛନ୍ତି ତୁମ ସାର୍ ତୁମକୁ କ'ଣ କେମିତି ପଢ଼େଇଛନ୍ତି । ସେ ସିଲାବସ୍ ଅନୁସାରେ ପ୍ରଶ୍ନ ପଚାରିଛନ୍ତି । ତୁମର ଭୁଲ୍ ଯେ ତୁମେ ବିଷୟଟିର ମୂଳ ତତ୍ତ୍ୱ ନ ବୁଝି ପରୀକ୍ଷା ହଲ୍‌କୁ ଚାଲିଗଲ ।' କିନ୍ତୁ ମୁଁ ନୀରବ ରହିଥିଲି, କାଳେ ମୋ' କଥା କଟା ଘା'ରେ ଚୂନ ପରି ଲାଗିବ ।

ସେତେବେଳେ ଅନେକ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରୀକ୍ଷାରେ ତୃତୀୟ ଶ୍ରେଣୀ ଥିଲା । ଉତ୍କଳରେ ଥିଲା । କିନ୍ତୁ 'ବିଶ୍ୱଭାରତୀ'ରେ ନ ଥିଲା । ପରେ ଭାରତର ସବୁ ବିଶ୍ୱ ବିଦ୍ୟାଳୟରୁ ସେଇ ଦୟନୀୟ ଶ୍ରେଣୀଟାକୁ ଉଠାଇ ଦିଆଯାଇଚି । ଟ୍ରେନ୍‌ରୁ ମଧ୍ୟ । ପୂର୍ବର ତୃତୀୟ ଶ୍ରେଣୀ ଭଳି ଡବାରେ ବସି ମଧ୍ୟ 'ଦ୍ୱିତୀୟ ଶ୍ରେଣୀ' ଯାତ୍ରୀର ମାନସିକତା ଆମେ ଭୋଗ କରିପାରୁଛୁ । ନା କ'ଣ ? ଆଗରୁ ଅଧ୍ୟାପକ ଚାକିରୀ ପାଇଁ ଶତକଡ଼ା ଅଠଚାଳିଶି ନମ୍ବର୍ ଦରକାର ହେଉଥିଲା, ତୃତୀୟ ଶ୍ରେଣୀ ଉଠିଯିବା ପରେ ତାହା ଶତକଡ଼ା ପଞ୍ଚାବନକୁ ପରିବର୍ତ୍ତିତ ହୋଇଯାଇଛି । ଅତଏବ ତୃତୀୟ ଶ୍ରେଣୀଟା ତଳେ ତଳେ ବହୁଛି । ଟ୍ରେନ୍‌ରେ ଯା' ଭିତରେ ଏ/ସି ଟୁ-ଟାୟାର୍, ଥ୍ରୀ-ଟା ୟାର୍, ପ୍ରଥମ ଶ୍ରେଣୀ ଇତ୍ୟାଦି କରି ଦ୍ୱିତୀୟ ଶ୍ରେଣୀ ଉପରେ କେତେ ଥାକ । ୨ୟ ଶ୍ରେଣୀଟା ଚତୁର୍ଥ ସ୍ତରକୁ ଆସିଗଲାଣି । ଯେ' ଖାଲି କାଠ ବେଞ୍ଚ୍ ଉପରେ ଅଧିକା ଟିକେ ରେକ୍ସିନ୍‌ର ଛାଆଣି କରି ଭଡ଼ା ବଢେଇ ଗରିବଙ୍କୁ ଶୋଷଣର ନୂଆ ଫନ୍ଦି । ଚାକିରୀରେ ହତାଶ ହେବା ବା ଅଯୋଗ୍ୟ ଘୋଷିତ ହେବାଟା ମଧ୍ୟ ଏକ ଅଘୋଷିତ ଶ୍ରେଣୀ । ଦ୍ୱିତୀୟ ଶ୍ରେଣୀ ଭିତରେ ପୂର୍ବତନ ୩ୟ ଶ୍ରେଣୀର ପ୍ରେତାତ୍ମା ଅଛି । ଥାଉ ବୁଲୁଥାଉ ସେ ପ୍ରେତ । ଯୁବକମାନେ ଖୁସି, ତାଙ୍କ ବାପ-ମା ବି ଖୁସି ଯେ ସନ୍ତାନଟି ୨ୟ ଶ୍ରେଣୀ

Digitized by srujanika@gmail.com

ପାଇଛି । ମୋର ସେଥିରେ କ’ଣ ଯାଏ ଆସେ । ଶୁଣିବାକୁ ତ ଭଲ ଲାଗୁଛି । ପଣ୍ଡିତମାନେ କହୁଛନ୍ତି ‘ଗରିବଙ୍କୁ ଆଉ ଗରିବ କୁହନା, କୁହ ତୁମେ ବି ଧନୀ ।’ ଯଦିଓ ତୁଳନାରେ ତାଙ୍କର ମାସିକ ଆୟ ଶୋଚ୍ନୀୟ । ସେପରି କହିଲେ କାଗଜପତ୍ର ଓ ଫାଇଲ୍ ପତ୍ରରେ ‘ଗରିବ’ ରହିବେନି । ଗରିବପଣ ଆପେ ଆପେ ହଟିଯିବ । ଭାରତବର୍ଷର ନେତାଙ୍କୁ ପୃଥିବୀବାସୀ ପ୍ରଶଂସା କରିବେ । ମହାନଗର ଓ ରାଜଧାନୀମାନଙ୍କରୁ ଭିକମଗାମାନଙ୍କୁ ହଟେଇ ଦେବା ଫଳରେ, ଦେଶରେ ଭିକାରୀ ସମସ୍ୟା ଆଉ ନାହିଁ । ଭିକ-ମଗାମାନେ କଟକ-ପୁରୀ-ବାଲେଶ୍ୱର-ସମ୍ବଲପୁର ଭଳି ଛୋଟ ଛୋଟ ସହରରେ ଅଛନ୍ତି । ଥାଆନ୍ତୁ, ସେସବୁ କ’ଣ ଦେଶ ଭିତରେ ଯାଏ !

ପରୀକ୍ଷା ସରିବାର କେଇ ମାସ ପରେ ଘର ଠିକଣାରେ ଡାକ ଯୋଗେ ବିଶ୍ୱଭାରତୀର ଫଳାଫଳ କାଗଜ ଓ ମାର୍କ-ସିଟ୍ ଆସିଲା । ମୁଁ ଆଗ ‘ଭାଷା-ତତ୍ତ୍ୱ’ ପତ୍ରଟିର ମାର୍କ୍ ଦେଖିଲି । ମୁଁ ଯେତିକି ଆଶା କରୁଥିଲି ତା’ଠାରୁ ଅଧିକ ୧୦/୧୧ ନମ୍ବର୍ ମିଳିଛି । ବିଶ୍ୱଭାରତୀ ଅଧ୍ୟାପକ ତଥା ପରୀକ୍ଷକଙ୍କ ସାଧୁତା ବିଷୟରେ ମୋର ବିଶ୍ୱାସ ଅଧିକ ଦୃଢୀଭୂତ ହେଲା । ଶ୍ରଦ୍ଧା ଓ ଭକ୍ତିରେ ସ୍ୱତଃ ମୁଣ୍ଡ ନଇଁଗଲା । କାରଣ, ପ୍ରଫେସର୍‌ଙ୍କୁ ଚିଡ଼େଇବା କି ଭଳି ସାଙ୍ଘାତିକ ତା’ ଅନେକ ବନ୍ଧୁଙ୍କ ମୁହଁରୁ ଶୁଣିଥିଲି ଯେଉଁମାନେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ । ଓଡ଼ିଶାର କାହାଣୀ ତ ପାଠକଙ୍କ ନିଜ ସ୍ମୃତିରେ ଲଟକିଥିବ, ମୁଁ ଲେଖିବି କ’ଣ ? କୋଉଁ ପ୍ରଫେସର୍ କାହାକୁ ପ୍ରଥମ ଶ୍ରେଣୀ ଦିଆଇଲେ, କାହାକୁ ଲାଗି ପଡ଼ି ତଳକୁ ଠେଲି ଦେଲେ, ସେପରି ଲଜ୍ଜାକର ମନ୍ତବ୍ୟମାନ ପବନରେ ଖେଳିଯାଏ । ସତମିଛ ମୁଁ ଜାଣେନା । କିନ୍ତୁ ଜଣେ ଅଧ୍ୟାପକ ଭାବେ ମୋର ବିଶ୍ୱାସ କୌଣସି ପଦସ୍ଥ ଅଧ୍ୟାପକ ଯୋଗ୍ୟ ଛାତ୍ରକୁ ଅଯୋଗ୍ୟ ଘୋଷଣା କରିବା ଭଳି ହୀନ ଅପରାଧ କରିପାରିବେ ନାହିଁ । ଅବଶ୍ୟ, ଚାପରେ ପଡ଼ି ‘ଅଯୋଗ୍ୟଙ୍କୁ’ ‘ଯୋଗ୍ୟ’ ସାର୍ଟିଫିକେଟ୍ ଦେବାର ଦୃଷ୍ଟାନ୍ତ ସର୍ବତ୍ର ରହିଛି, ସବୁ ଯୁଗରେ ଥିଲା. ଏ ଯୁଗରେ ତା’ ହୁଏତ ଆଉରି ବଢିଯାଇଚି । ଦୟା, କରୁଣା, ଅନୁରୋଧର ଚାପରେ ଆମକୁ ଜଣା-ଅଜଣା ଅନେକ ଫେଲ୍‌ପିଲାଙ୍କୁ ପାସ୍ ମାର୍କ ଦେବାକୁ ପଡ଼ିଚି । ମାନୁଚି, ଏପରି ଦୟା-ପ୍ରଦର୍ଶନ ନିଶ୍ଚୟ ଏକ ନୈତିକ ସ୍ଖଳନ ଓ ଜାତୀୟ ଅପରାଧ । କାରଣ ତାଙ୍କ ଭିତରୁ ଯେଉଁମାନେ ‘ଡୋନେସନ୍’ ଫର୍ମୁଲାରେ ବା ‘ଧରାଧରି’ରେ ଗଣ୍ଡି ଜାଗାରେ ଅବସ୍ଥାପିତ ହୋଇଛନ୍ତି – ତାଙ୍କ ଯୋଗୁ ହିଁ ‘କାଳ’ଟା ଅଚଳ ହେବ, ଅଥବା ଭୁଲ୍ ବାଟରେ ଚାଲି ଦିନେ ନେଗେଟିଭ୍ ଫଳ ଦେବ ।

ଯେଉଁ ସାତ୍ରମାନେ ବିଶ୍ୱଭାରତୀର ପାରମ୍ପରିକ ବାତାବରଣରେ ବଢିଥିଲେ ସେମାନଙ୍କ ଏକାଡମିକ୍ ଜୀବନ ଓ ଭାବନା ଥିଲା ସ୍ୱଚ୍ଛ । କେତେ ଉଦରାମନା ସେମାନେ !

Digitized by srujanika@gmail.com

ମୋର ମନେ ପଡୁଛି – ଥରେ ପୂର୍ବ ସୂଚିତ 'ଭାଷାତତ୍ତ୍ୱ' କ୍ଲାସରେ ପାଠ ଚାଲିଥିଲା ବେଳେ ମୁଁ ତଦ୍ ସଂପର୍କୀୟ ପ୍ରଶ୍ନଟିଏ କରିଥିଲି । ସାଙ୍ଗେ ସଙ୍ଗେ ଅଧ୍ୟାପକ ମହାଶୟ ପଢ଼ା ବନ୍ଦ କରି କହିଥିଲେ – "ବୁଝିଲ, ଆଜି ଏତକି ଥାଉ ମୋର ଦାନ୍ତଟା ବିନ୍ଧୁଚି ।" ପଢ଼ା ସ୍ଥଗିତ ରହିଥିଲା ସେଦିନ । ହୁଏତ ସାର୍‌ଙ୍କ ଦାନ୍ତ ନିଶ୍ଚୟ ବିନ୍ଧୁଥିଲା, ଅବିଶ୍ୱାସ କରିବାଟା ଅପରାଧ । କିନ୍ତୁ ସାର୍ ଯେ ସେଦିନ ପ୍ରସ୍ତୁତ ନ ହୋଇ ଖାଲି ୧୦ ବର୍ଷ ତଳର ପୁରୁଣାନୋଟ୍ ଧରି ଆସି ଯାଇଥିଲେ – ତା' ମୁଁ ଅନୁମାନ କରିନେଇଥିଲି । ସେଇ ଦିନଠୁ ସେ ଅପ୍ରସ୍ତୁତ ଅବସ୍ଥାରେ କ୍ଲାସକୁ ଆସିବା କଥା ଚିନ୍ତା କରୁ ନ ଥିଲେ । ବରଂ, ପୂର୍ବରୁ ଖବର ଦେଇ ଦେଉଥିଲେ – "ତୋମାଦେର୍ କ୍ଲାସଟା ଆଗାମୀ କାଲ୍ ନିବୋ, କି ବୋଲୋ, କିଛୁ ଅସୁବିଧା ହବେନା ତୋ ।"

ଅଧ୍ୟାପକଙ୍କ ବେତନ ହାର ସେତେବେଳେ ବହୁତ ଶୋଚନୀୟ ଥିଲା । ତା' ସହିତ ଥିଲା ଗୃହ-ଜଞ୍ଜାଳ । ପ୍ରତିଦିନ ସେ ବୋଲ୍‌ପୁରରୁ ପଦ-ବ୍ରଜରେ ଯା' ଆସ କରୁଥିଲେ । ରହୁଥିଲେ ସେଠି, ନିଜ ଘରେ । ଏବେ ବି ମୋତେ ସେଇ କୃତବିଦ୍ୟ ଅଧ୍ୟାପକଙ୍କ ଉଦାସ ଉଦାସ ମୁହଁଟି ଦିଶିଯାଏ ।

ବସନ୍ତ ଉତ୍ସବର ଏକ ଦୃଶ୍ୟ

Digitized by srujanika@gmail.com

।। ବାଇଶି ।।

ଶାନ୍ତିନିକେତନ ଥିଲା ପ୍ରକୃତରେ ତାରୁଣ୍ୟର ଏକ ବିସ୍ତାରିତ ଉଦ୍ୟାନ । ଫୁଲ ଫୁଟୁଥିଲା, ପ୍ରଭାତରେ ଶୁଣିବାକୁ ମିଳୁଥିଲା ଚଢ଼େଇଙ୍କ କ୍ରୁଚ୍-ଭାଚ୍, ଚେଁ ଚାଁ । ସେପରି ଏକ ପରିବେଶରେ ଭଲ ପାଇବାର ମୃଦୁ ମଳୟସଂଚାର ଆଦୌ ଅସ୍ୱାଭାବିକ ନ ଥିଲା । ତେବେ ଉଚ୍ଛୃଙ୍ଖଳତାର କୌଣସି ଦୃଷ୍ଟାନ୍ତ ନ ଥିଲା ସେଠି, ନ ଥିଲା ଛାତ୍ରବ ବିବାଦ କି ବିକୃତି, ଅଶାଳୀନ ଛକା-ଛକି କିମ୍ବା ପିଟା-ମରା । ପିଲାଙ୍କ ମଧ୍ୟରେ ଥିଲା ପରସ୍ପର ପ୍ରତି ଏକ ମମତ୍ୱବୋଧ, ସମ୍ମାନ ଓ ସହାନୁଭୂତି । 'ବିଶ୍ୱଭାରତୀ'ର ଅମର୍ଯ୍ୟାଦା ହେବା ଭଳି କୌଣସି ଲଘୁ ଆଚରଣ ଛାତ୍ରମାନେ ପ୍ରଦର୍ଶନ କରୁ ନ ଥିଲେ । ଅଧ୍ୟାପକ ଓ ପ୍ରଶାସକମାନେ ମଧ୍ୟ ପିଲାଙ୍କ କଥାରେ ମୁଣ୍ଡ ଖେଳାଉ ନ ଥିଲେ । ତେଣୁ କୁହାଯାଇପାରେ ଯେ ଯୁବାହୃଦୟର ଲଳିତ ଅଙ୍ଗୀକାର ଓ କୋମଳ ବ୍ୟଥା ପ୍ରତି ଶାନ୍ତିନିକେତନ ଅନେକ ପରିମାଣରେ ସମ୍ବେଦନଶୀଳ ଥିଲା ।

ଅବଶ୍ୟ କରୁକ୍ଷେତ୍ରର ବେଲାଲ ସେନ୍ ପରି ଶାନ୍ତିନିକେତନର ଛାତ୍ର-ଛାତ୍ରୀଙ୍କ ଗତିବିଧି ଉପରେ ସଦାସର୍ବଦା ଲକ୍ଷ୍ୟ ରଖୁଥିଲେ ଜଣେ । ତାଙ୍କୁ କୁହାଯାଉଥିଲା ପ୍ରୋକ୍ଟର (Proctor) ବା ନିରୀକ୍ଷକ । ୧୯୬୨ରେ ଆମର ପ୍ରୋକ୍ଟର୍ ଥିଲେ ହାନ୍ଦିବିଭାଗର ମୁଖ୍ୟ ପ୍ରଫେସର୍ ଆର୍.ଏସ୍.ତୋମାର୍ । ଡକ୍ଟର ତୋମାର୍ ଜଣେ ବିଶିଷ୍ଟ ଗବେଷକ ଓ ସମୀକ୍ଷକ ରୂପେ ହାନ୍ଦି ସାହିତ୍ୟରେ ଖ୍ୟାତ ଥିଲେ । ଥରେ ବିଷୁବ ମିଳନର ମୁଖ୍ୟ ଅତିଥି ରୂପେ ସେ ଦୀକ୍ଷାନ୍ତ ଭାଷଣ ଦେବାକୁ କଟକ ମଧ୍ୟ ଆସିଥିଲେ, ୧୯୯୦ ଦଶକରେ ।

ଅଧିକାଂଶ ସମୟରେ ମୁଁ ହାନ୍ଦି ବିଭାଗକୁ ଯାଉଥିବାରୁ ତାଙ୍କ ସହିତ ମୋର ପରିଚୟ ଥିଲା । ତେବେ ପରୀକ୍ଷା ସରିବା ପର୍ଯ୍ୟନ୍ତ ମୁଁ ଜାଣି ନ ଥିଲି ସେ ଆମର ପ୍ରୋକ୍ଟର ବୋଲି । ଅତି ଗୋପନରେ ସେ ଆମର ଆଚରଣ ଓ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ; କିନ୍ତୁ ତାଙ୍କ ଭଳି ସୁଜନ ଓ ଛାତ୍ରବତ୍ସଳ ବ୍ୟକ୍ତି ଦୁର୍ଲଭ । ଅଭିଯୋଗ ଆଣିବା ପରିବର୍ତ୍ତେ ବରଂ ସେ ଆମକୁ ସଦୁପଦେଶ ଦେଇ ସହାୟତା ଯୋଗାଇ ଦେଉଥିଲେ । ଏବେ ବି ମୋର ଗୋଟିଏ ଘଟଣା ସ୍ପଷ୍ଟ ମନେ ଅଛି ।

'ବିଶ୍ୱଭାରତୀ ଛାତ୍ରପରିଷଦ'ର କ୍ଷମତା ସୀମାବଦ୍ଧ ଥିଲା । ତେଣୁ ଶାନ୍ତି ନିକେତନରେ ଛାତ୍ର ଧର୍ମଘଟର କଳ୍ପନା ଥିଲା ସୁଦୂର ପରାହତ । 'ପରିଷଦ'ର ପରମ୍ପରାରେ 'ଆନ୍ଦୋଳନ' ନାମକ ଶବ୍ଦର କୌଣସି ସମ୍ମାନ ହିଁ ନ ଥିଲା ।

Digitized by srujanika@gmail.com

୧୯୬୨-୬୩ ଶିକ୍ଷାବର୍ଷରେ ଶ୍ରୀନିକେତନରେ ଗୋଟିଏ ଅଘଟଣ ଘଟିଲା । ସେଠିକା 'ରୁ୍ୟରାଲ୍‌ଇନ୍‌ଷ୍ଟିଚ୍ୟୁଟ୍'ର ଛାତ୍ରମାନେ କେତେକ ଦାବୀ ପୂରଣ ନିମନ୍ତେ ନିବେଦନ କରି ନିରାଶ ହେବାରୁ 'ଧର୍ମଘଟ'ର ପନ୍ଥା ଅବଲମ୍ବନ କଲେ । 'ଧର୍ମଘଟ' ଥିଲା ଏକାନ୍ତ ଶାନ୍ତିପୂର୍ଣ୍ଣ । ଛାତ୍ର-ଛାତ୍ରୀମାନେ କୌଣସି ଜଣେ କ୍ଷମତାଶାଳୀ ପ୍ରଶାସକ କଲେଜ ମଧ୍ୟରେ ଥିବାବେଳେ ତାଙ୍କୁ ବାହାରକୁ ଛାଡ଼ି ନ ଦେବା ପାଇଁ ଦୁଆରୁ ଆରମ୍ଭ କରି ଫାଟକ ଯାଏଁ ଜଣକ ପରେ ଜଣେ ଶୋଇ ରହିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ଅଫିସର୍ ଜଣକ ପିଲାଙ୍କ ସହିତ ଆଲୋଚନା କରନ୍ତୁ; କିନ୍ତୁ ଅଫିସର୍ ଜଣକ ସେଥିରେ ରାଜି ହେଲେ ନାହିଁ । ତାଙ୍କ ସହିତ ଯୋଗଦେଲେ ତଦୀୟ ପତ୍ନୀ, ଯିଏ ନିଜେ ମଧ୍ୟ ଜଣେ ଉଚ୍ଚସ୍ତରର ଦାୟିତ୍ୱନିର୍ବାହୀ ପ୍ରଶାସକ ଥିଲେ । ସେମାନେ ଅତି ନିର୍ଲଜ୍ଜ ଭାବରେ ଧର୍ମଘଟରେ ଶୋଇଥିବା ଛାତ୍ରଙ୍କୁ ଡେଇଁ ପିସ୍ତଲ୍ ଦେଖାଇ ସେଠୁ ମୁକୁଳି ଆସିଲେ । ବ୍ରିଟିଶ୍ ଅମଳରେ ମଧ୍ୟ ସତ୍ୟାଗ୍ରହୀଙ୍କୁ ଡେଇଁ ଯିବା ଭଳି ଅଶାଳୀନ ଓ ଅଶୋଭନୀୟ ଆଚରଣର ଦୃଷ୍ଟାନ୍ତ ନ ଥିଲା । ତେବେ ଏପରି ଘଟଣା ସଂପର୍କରେ ଶାନ୍ତିନିକେତନରେ ଗୁଜବ ମଧ୍ୟ ପ୍ରସାରିତ ହୋଇପାରି ନ ଥିଲା । କୌଣସି ଏକ ଗୋଷ୍ଠୀ ତାହା ଜଗି ଦେଇଥିଲେ; କିନ୍ତୁ ଦିନକ ପରେ କଲିକତାରୁ ପ୍ରକାଶିତ କାଗଜମାନଙ୍କରେ ଘଟଣାର ବିସ୍ତୃତ ବିବରଣୀ ପ୍ରକାଶ ପାଇଲା । କାଳେ ଛାତ୍ରଙ୍କ ଆଖିରେ ସେଇ ନିନ୍ଦିତ ଘଟଣାଟିର ସମ୍ବାଦ ପଡ଼ିବ, ସେଥିପାଇଁ ପ୍ରଶାସନ ଆଉ ପାଦେ ଆଗକୁ ଯାଇ, ଶାନ୍ତିନିକେତନକୁ ଆସୁଥିବା କାଗଜଗୁଡ଼ିକୁ ଚତୁରତାର ସହିତ କବଳିତ କରିନେଲେ । ତଥାପି, ରୋକି ହେଲା ନାହିଁ । ଆମ ନିକଟରେ ଏପରି ଜଘନ୍ୟ ଆଚରଣର ସମ୍ବାଦ ପହଞ୍ଚିବା ମାତ୍ରେ ଛାତ୍ରମହଲରେ ପ୍ରତିକ୍ରିୟାର ଶୀତଳ ସ୍ରୋତ ଖେଳିଗଲା ।

ଶ୍ରୀନିକେତନର ବନ୍ଧୁମାନଙ୍କଠୁ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ମୁଁ ପରିଷଦର ଏକ ବିଶେଷ ଆଲୋଚନା ପାଇଁ କର୍ମକର୍ତ୍ତାଙ୍କୁ ନିବେଦନ କଲି; କିନ୍ତୁ ସଭାପତି ଓ ସମ୍ପାଦକ ସେପରି ଆଲୋଚନା ନିମନ୍ତେ ପ୍ରସ୍ତୁତ ନ ଥିଲେ । ଛାତ୍ର-ପରିଷଦର ନିୟମାବଳୀରେ ସେପରି କୌଣସି କ୍ଷମତା ତାଙ୍କୁ ଦିଆଯାଇ ନ ଥିଲା । ପରିଶେଷରେ, ପରିଷଦର ଜଣେ ବରିଷ୍ଠ ସଦସ୍ୟ ରୂପେ ନୁହଁ, ଜଣେ ଛାତ୍ର ଭାବରେ ମୁଁ ବ୍ୟକ୍ତିଗତ ଭାବେ କେଇଜଣଙ୍କୁ ଅନୁରୋଧ କରି ଏକ 'କ୍ରିୟାନୁଷ୍ଠାନ କମିଟି' ଅଣାନୁଷ୍ଠାନିକ ଭାବେ ଗଠନ କରିବାକୁ ବାଧ୍ୟ ହେଲି । ଗଭୀର ରାତିରେ ମୋରି ରୁମ୍ ଭିତରେ ଆଲୋଚନା ହେଲା ଏବଂ ଛାତ୍ରଙ୍କ ପ୍ରତି ଅସଦାଚରଣର ପ୍ରତିବାଦ କରି ନ୍ୟାୟ ନିମନ୍ତେ ଉପାଚାର୍ଯ୍ୟଙ୍କୁ ଏକ ପତ୍ର ଲେଖାଗଲା । ସକାଳେ ସେଇଟି ଦାଖଲ କରାଗଲା ଯଥା ସ୍ଥାନରେ । ଆବେଦନକାରୀଙ୍କ ମଧ୍ୟରେ ସର୍ବପ୍ରଥମେ ମୋର ଦସ୍ତଖତ ଥିଲା । ତା'ଛଡ଼ା ମୁଁ ଯେ 'କ୍ରିୟାନୁଷ୍ଠାନକମିଟି'ର ମୂଳ ଉଦ୍ୟୋକ୍ତା ତା'ମଧ୍ୟ ଅଛପା ରହିଲାନି । କେତେକ ଛାତ୍ରଙ୍କ

Digitized by srujanika@gmail.com

ଇରିଆରେ କର୍ତ୍ତୃପକ୍ଷ ମୋ' ରୁମ୍‌ରେ ଅନୁଷ୍ଠିତ ମଧ୍ୟରାତ୍ର ଆଲୋଚନା ସଭା ବିଷୟରେ ସବୁ ଖବର ସଂଗ୍ରହ କରିନେଇଥିଲେ । ପରେ ପରେ ଉପାଚାର୍ଯ୍ୟ (V.C) ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟମାନଙ୍କୁ ଡାକି ଆମ ଉପରେ ପ୍ରଭାବ ବିସ୍ତାର କରିବାକୁ ପରାମର୍ଶ ଦେଲେ, ଯେପରିକି ଆମେ 'ଶ୍ରୀନିକେତନ' ଛାତ୍ରଙ୍କ ସମର୍ଥନରେ ଶାନ୍ତିନିକେତନରେ ଧର୍ମଘଟ କଥା ଚିନ୍ତା ନ କରୁ । ଦୁଇ ଦିନ ପରେ ଓଡ଼ିଆ ବିଭାଗର ତତ୍‌କାଳୀନ ମୁଖ୍ୟ ଦେବୀ ପ୍ରସନ୍ନ ସାବ୍ ମୋତେ ଡାକି ଶୁଣେଇ ଦେଲେ– 'ଆନ୍ଦୋଳନ କଥା ଭାବନା ।' ଅଧ୍ୟକ୍ଷ ଥିଲେ ଡକ୍ଟର କାଳିଦାସ ଭଟ୍ଟାଚାର୍ଯ୍ୟ । ମୋତେ ଭାରି ସ୍ନେହ କରୁଥିଲେ । ସେ ବି ସେହି ପରାମର୍ଶ ଦେଲେ– ''ତୁମ କଥା କେହି ଶୁଣିବେ ନାହିଁ । ତୁମେ ନିଜେ ହଇରାଣ ହେବ । କର୍ତ୍ତୃପକ୍ଷ ତାଙ୍କ ଦୋଷ ସ୍ୱୀକାର କରିବେ ବୋଲି ତୁମେ ଆଶା କରୁଚ କିପରି ? ତେଣୁ ଚୁପ୍ ରହିଯା ।'' ସେଇଦିନ ସଂଧ୍ୟା ବେଳକୁ ମୋ' ରୁମ୍ ଭିତରକୁ ପଶି ଆସିଲେ ପ୍ରଫେସର ତୋମାର୍ । ସେ ଆମ ଅଭିଯୋଗରେ ସତ୍ୟତାକୁ ସନ୍ଦେହ କରି ନ ଥିଲେ, କିନ୍ତୁ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନେବା ଉଚିତ ନୁହେଁ– ଏହା ତାଙ୍କର ସୁଚିନ୍ତିତ ମତ ଥିଲା । ସେ ହିଁ ସୂଚନା ଦେଲେ– ''ତୁମ ସହିତ ଯୋଗ ଦେଇଥିବା ପିଲାମାନେ ଓହରି ଯାଇ ସାରିଲେଣି, ତୁମ ପିଠିରେ କିଏ ପଡ଼ିବ । ତୁମେ ବିତାଡ଼ିତ ହୁଅ, ଏହା ଆମେ କେହି ଚାହୁଁନା ।'' ପରାସ୍ତ ସୈନିକ ପରି ଯୁଦ୍ଧଭୂମିରୁ ମୁହଁ ତଳକୁ କରି ଫେରିଆସିବା ଛଡ଼ା ମୋର ଅନ୍ୟ ଉପାୟ ନ ଥିଲା । ତୋମାର୍‌ଜୀଙ୍କ କଥା ମାନିବାକୁ ପଡ଼ିଥିଲା ସେ ଦିନ ।

କିନ୍ତୁ ସେତେବେଳ ପର୍ଯ୍ୟନ୍ତ ମଧ୍ୟ ମୁଁ ଜାଣି ନ ଥିଲି ଯେ ତୋମାର୍‌ଜୀ ଆମର ପ୍ରୋକ୍ଟର୍ । ପରେ ଶୁଣିଲି, ସେ ହିଁ ଆମମାନଙ୍କ ସପକ୍ଷରେ ଉପାଚାର୍ଯ୍ୟଙ୍କ ସହିତ ଆଲୋଚନା କରିଥିଲେ, ଅଧ୍ୟକ୍ଷ ତାଙ୍କୁ ସମର୍ଥନ କରିଥିଲେ । ଯାହା ଫଳରେ ମୋ' ବିରୋଧରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ସେଇଥିରୁ ମୁଁ ଜାଣିଲି ପ୍ରଫେସର ତୋମାର୍ ଛାତ୍ରଙ୍କ ପ୍ରତି କେଡ଼େ ସହାନୁଭୂତିଶୀଳ ଥିଲେ ।

Digitized by srujanika@gmail.com

।। ତେଇଶି ।।

ବିଶ୍ୱଭାରତୀର ବଙ୍ଗଳା ବିଭାଗରେ ସେତେବେଳେ ଅତି ଉନ୍ନତମାନର କେଇଜଣ ଅଧ୍ୟାପକ ଥିଲେ । ମୁଖ୍ୟ ଥିଲେ ପ୍ରଫେସର ପ୍ରବୋଧ ସେନ୍ । ଜଣେ ଗବେଷକ ଓ ସମାଲୋଚକ ଭାବେ ସମଗ୍ର ରାଜ୍ୟରେ ତାଙ୍କର ଆଦର ଥିଲା । ତାଙ୍କ ପାଣ୍ଡିତ୍ୟର ତୁଙ୍ଗିମା ଓ ବରିଷ୍ଠତା କାରଣରୁ ମୁଁ ତାଙ୍କ ପାଖ ପଶି ପାରୁନଥିଲି । ତେବେ ଅନ୍ୟାନ୍ୟ ଅଧ୍ୟାପକଙ୍କ ସହିତ ମୁଁ ଆଳାପ ଆଲୋଚନା କରିବାର ସୁଯୋଗ ପାଇଥିଲି । ସମସ୍ତେ ସ୍ନେହଶୀଳ ଥିଲା । ସବୁଠୁ ବେଶୀ ସ୍ନେହ କରୁଥିଲେ ତତ୍‌କାଳର ତରୁଣ ଅଧ୍ୟାପକ ସୌମେନ୍ ଦା (ସୌମ୍ୟେନ୍ଦ୍ରନାଥ ବିନ୍ଦ୍ୟୋପାଧ୍ୟାୟ) ।

ମନେଅଛି, ପରମ୍ପରା ନଥିଲେ ହେଁ, ବଙ୍ଗଳା ବିଭାଗର ସାହିତ୍ୟ ସଂସଦର (ପାଠଚକ୍ରର ଅନ୍ୟନାମ) ଜଣେ ସଦସ୍ୟ ଭାବେ ସେମାନେ ମୋତେ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲେ ଏବଂ ସେ ସଂପର୍କରେ ପତ୍ର ମଧ୍ୟ ଦେଇଥିଲେ । ମୋ ପକ୍ଷରେ ତା'ଥିଲା ନିଶ୍ଚୟ ଗୌରବ ଜନକ । ମୁଁ ସେଇ ସଂସଦର କେଇଟି ଅଧିବେଶନରେ ଯୋଗ ଦେଇ କବିତା ପଢ଼ିଥିଲି । ସେଇ ସୂତ୍ରରେ ଯେଉଁମାନେ ୧୯୬୧-୬୨ ଶିକ୍ଷା ବର୍ଷରେ ଏମ୍.ଏ.ରେ ନାମ ଲେଖାଥିଲେ ସେମାନଙ୍କ ସହିତ ଚିହ୍ନା-ପରିଚତ ହୋଇଥିଲା, କେଇଜଣଙ୍କ ସହିତ ବନ୍ଧୁତା ଜମି ଯାଇଥିଲା । ତାଙ୍କ ଭିତରୁ ଜଣେ ଥିଲା ନନ୍ଦିତା ଯାହା କଥା ମୁଁ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଉଲ୍ଲେଖ କରିଛି ।

ରବିଠାକୁର ଓ ଜୀବନାନନ୍ଦ ଦାସଙ୍କ କବିତା ଖୁବ୍ ଭଲ ଆବୃତ୍ତି କରୁଥିଲା ନନ୍ଦିତା । ତା'କଣ୍ଠରେ ପ୍ରଚୁର ଆବେଗ ତ ଥିଲା, ତା'ସହିତ ଥିଲା ଅପୂର୍ବ ଉଚ୍ଚାରଣ ଶୈଳୀ । ଆମେ ଯେଉଁ କେତେଜଣ କବିତାବୃତ୍ତିକୁ ଏକ କଳା ରୂପେ ମାନି ନେଇଥିଲୁ ଓ ସେ ଦିଗରେ ବିକାଶ ଚାହୁଁଥିଲୁ ଖୁବ୍ ସହଜରେ ନନ୍ଦିତା ଆମର ଗୋଷ୍ଠୀଭୁକ୍ତ ହୋଇଯାଇଥିଲା । ଆମ ଦୁହିଁଙ୍କ ବନ୍ଧୁତା ଗଢ଼ି ଉଠିବାର କାରଣ ଥିଲା ସେଇଠି ।

ସମବୟସୀ ଓ ସହପାଠୀ ହୋଇଥିବାରୁ ଆମର ବନ୍ଧୁତା ନିଘନ ହୋଇଥିଲା ଅଳ୍ପ କେଇଟି ଦିନରେ । ହସ-ଖୁସି, ଆଳାପ ଓ ଆଲୋଚନା ସହିତ ଥଟ୍ଟା-ପରିହାସରେ ବାଡ଼ବତା ନଥିଲା ।

ରବୀନ୍ଦ୍ର କବିତାର ସେ ଥିଲା ଜଣେ ମୁଗ୍ଧପାଠିକା । ତା'ଆଖି ଦେଖିଲେ ଜାଣି ହେଉଥିଲା ଯେ ସେ ଅଧିକାଂଶ ସମୟ ଭାବରାଜ୍ୟରେ ହିଁ ବୁଲୁଛି ।

Digitized by srujanika@gmail.com

ଯେଉଁଦିନ ନନ୍ଦିତା ବିଷାଦରେ ଝାଉଁଳି ପଡ଼ିବା ପରି ଦିଶୁଥିଲା ମୁଁ ପରିହାସ କରି କହୁଥିଲି,– ତୁମେ ମନ ଖରାପ କଲେ କେମିତି ହେବ ? ତୁମେ ତ ମହାକବିଙ୍କ ଭବିଷ୍ୟତ । ତୁମରି କଥା ଭାବି ସେ ତ ଲେଖିଥିଲେ ତାଙ୍କର ସେଇ କାଳଜୟୀ କବିତା–

''ଆଜିଠାରୁ ଶତବର୍ଷ ପରେ

କିଏ ତୁମେ ପଢ଼ ବସି ମୋହର କବିତା ଗୋଟି

ମହାନନ୍ଦ ଭରେ'' (ଓଡ଼ିଆ ଅନୁବାଦ)

ପରିହାସ ଭିତରେ ସେ ସତେଜ ହୋଇ ଉଠୁଥିଲା ଏବଂ ମୁଁ କାବ୍ୟଶକ୍ତିର ପରାକାଷ୍ଠା ଓ ପ୍ରଭାବ କେତେ ତା' ଅନୁମାନ କରିପାରୁଥିଲି ।

ଥରେ ଚୀନାଭବନ କକ୍ଷରେ ଗୋଟିଏ କବିତା ବୃତ୍ତି ସଭାରେ ନନ୍ଦିତା ରବୀନ୍ଦ୍ରନାଥଙ୍କର ଗୋଟିଏ ଗଦ୍ୟ କବିତା ଆବୃତ୍ତି କରୁଥିଲା– ଯାହାର ପ୍ରଥମ ଚରଣଟି ଥିଲା ଏଇପରି

– ''ଆଲୋ ! ଆଲୋ !

କୋଥାୟ ଆଲୋ !''

ଅର୍ଥାତ୍– ''ଆଲୋକ ! ଆଲୋକ !

କାହିଁ ସେ ଆଲୋକ !'' (ଓଡ଼ିଆ ଅନୁବାଦ)

ସଭା ଶେଷ ହେବା ପରେ କକ୍ଷରୁ ବାହାରି ଆସିବା ପରେ ନନ୍ଦିତାକୁ ମୁଁ ବଧେଇ ଜଣେଇଲି । ଟିକିଏ ସୁଯୋଗ ମିଳିବା ପରେ ଫିସ୍‌ଫିସ୍ କରି କହିଥିଲି– ''ଅଛି ଗୋ ଅଛି

ଆଲୋକ ତା'ରୁମ୍‌ରେ ଅଛି

ତାକୁ ଜର ହେଇଚି ।''

ମୋର ଇଙ୍ଗିତ ମଧରେ ଥିବା ଖବରଟି ପାଇ ସେ ଚିନ୍ତିତ ଦିଶିବାରୁ ମୁଁ କହିଲି– 'ନା ନା ଜରଫର ହେଇନି' । ତା'ଆଖି ଛଳ ଛଳ ହୋଇଉଠିଥିଲା ସେଦିନ । କାରଣ ମୋର ଅଭିନ୍ନ-ହୃଦୟ ବନ୍ଧୁଟି ଥିଲା ତାର ନୟନର ମଣି । ସେ ପ୍ରସଙ୍ଗ ଏଠି ଲେଖିବାକୁ ଉଚିତ ମନେ କରୁନି ।

ତେବେ ଯୁବାଜନପୂରିତ ପରିବେଶରେ ଭଲପାଇବାର ମୃଦୁମଳୟ ସଂଚାରିତ ହେବା ଆଦୌ ଅବାଂଛନୀୟ ନୁହଁ । ଶାନ୍ତିନିକେତନ ଅନେକ ପରିମାଣରେ ଯୁବା ହୃଦୟର

Digitized by srujanika@gmail.com

ବ୍ୟଥା-ବେଦନା ଓ ଆଶା-ନିରାଶା ପ୍ରତି ସମ୍ବେଦନଶୀଳ ଥିଲା । ଛାତ୍ରବ ବିବାଦ କି ଅଶାଳୀନ ପ୍ରତିକ୍ରିୟା ନଥିଲା । 'ଯୋଡ଼ି'ଗୁଡ଼ିକ ପ୍ରତି ଛାତ୍ର-ସମାଜର ସମ୍ମାନ ଥିଲା । ଅଧ୍ୟାପକମାନେ ଛାତ୍ରଙ୍କ ବ୍ୟାପାରରେ ନାକ ପୂରଉ ନଥିଲେ । ଅବଶ୍ୟ, ଛାତ୍ର-ଛାତ୍ରୀ ପତ୍ରରେ ପତ୍ରରେ ଗଲେ ଦିଗ୍‌ଦର୍ଶକ (Proctor) ଶିରାରେ ଶିରାରେ ଯାଇ ଅତି ଗୋପନରେ ଲକ୍ଷ୍ୟ କରୁଥିଲେ କିଏ କୁଆଡ଼େ ଯାଉଚି ଓ କେଉଁ ପାଣି କୁଆଡ଼େ ଗଡୁଚି ।

ମୋର କାଲିଭଳି ମନେ ଅଛି, କୌଣସି ଏକ 'ବଂଧୁଙ୍କ'ଙ୍କ ବିବାହ କାର୍ଯ୍ୟ ଅତି ସନ୍ତର୍ପଣରେ ଆମକୁ ସମାପନ କରିବାକୁ ପଡ଼ିଥିଲା । ସେ କଥା ହଷ୍ଟେଲ୍‌ରେ ଆଉ କାହାକୁ ଜଣା ନଥିଲା; କିନ୍ତୁ ପରଦିନ ସକାଳୁ ପ୍ରଫେସର ମହାଶୟ ମୋର ରୁମ୍‌କୁ ପଶି ଆସି କୌଣସି ଗୌରଚନ୍ଦ୍ରିକା ନ କରି ଧାଡ଼ିଏ ପ୍ରଶ୍ନ କରିଥିଲେ– ''କ'ଣ ସେ ଦୁହିଁଙ୍କ ବାହାଘର ହୋଇଗଲା କି ?'' ମୁଁ ଉତ୍ତର ଦେଇଥିଲି– ''ହଁ'' ତା'ପରେ ସେ ଅବିଚଳିତ ଭାବରେ କହିଥିଲେ– ''ଭଲ ହେଲା; କିନ୍ତୁ ମୁଁ ତୁମକୁ ଏ ବିଷୟ ପଚାରିଚି ବୋଲି କାହାକୁ କହିବନି ।''

ସେ ସୌଜନ୍ୟ ମୋର ମନେ ରହିବ ଚରିଦିନ । ପ୍ରକାରାନ୍ତରେ ଆଶ୍ରମର ଶୃଙ୍ଖଳାରେ କିଛି ବାଧା ନ ଉପୁଜାଇଥିବାରୁ ସେ ମୋତେ ପରୋକ୍ଷରେ ପ୍ରଶଂସା ହିଁ କରିଥିଲେ ।

ଏବେ ବି ସେ ସ୍ମୃତି ମନ ଭିତରେ ଅକ୍ଷତ ଅଛି, ଯଦିଓ ବନ୍ଧୁ ଓ ବନ୍ଧୁପତ୍ନୀ କିଏ କୁଆଡ଼େ ହଜିଗଲେଣି । ଅବଶ୍ୟ ମୋ'ଭଳି ବନ୍ଧୁଟି ମଧ ଦର୍ଶନଶାସ୍ତ୍ରରେ ଜୁନିୟର୍ ରିସର୍ଚ୍ଚଫେଲୋ ଭାବେ କିଛି ଦିନ ଶାନ୍ତିନିକେତନରେ ଥିଲେ । ପରେ ବ୍ୟାଙ୍କ୍ ଚାକିରୀ ପାଇ ସୁଦୂର ବମ୍ବେ (ମୁମ୍ବଇ)କୁ ଚାଲିଯାଇଥିଲେ । ତା' ଫଳରେ 'ଦର୍ଶନ ବିଭାଗ' ଜଣେ ପ୍ରତିଭାଶାଳୀ ଗବେଷକଙ୍କୁ ଯେ ହରାଇଥିଲା ଏଥିରେ ସନ୍ଦେହ ନାହିଁ ।

କିଛି ମାସ ପରେ ବନ୍ଧୁ ଚିଠି ଲେଖିଥିଲେ ଯେ ମାତ୍ର ଦୁଇମାସ ପରେ 'ବ୍ୟାଙ୍କ୍ ଅଫ ଇଣ୍ଡିଆ' ତାଙ୍କୁ ପ୍ରମୋସନ୍ ଦେଇଚି, ମୂଳ ଦରମା ଆଠଶହ ହେଲାଣି । ତୁମେ ମାତ୍ର ତିନିଶହ ଟଙ୍କାରେ କାହିଁକି ସେଠି ପଡ଼ିଥିବ ? ଅବଶ୍ୟ ସେଇବର୍ଷ (୧୯୬୫) ୟୁ.ଜି.ସି. ଅଧ୍ୟାପକଙ୍କ ବେତନ ହାର ଚାରିଶହ ଟଙ୍କାକୁ ବୃଦ୍ଧି କଲେ, ଆଇ.ଏ.ଏସ୍, ଏଲ୍.ଆଇ.ସି ଇତ୍ୟାଦି ଉଚ୍ଚମାନର ଚାକିରୀ ସହିତ ସମତୁଲ କରି । ଅବଶ୍ୟ ରାଜ୍ୟ ସରକାରମାନେ ତା'ମାନି ନ ଥିଲେ । ସରକାରୀ କଲେଜର ଅଧ୍ୟାପକ ଆରମ୍ଭରେ ମାସକୁ ଦୁଇ ଶହଷାଠିଏ ଟଙ୍କା ହିଁ ପାଉଥିଲେ । ମୁଁ ଫେଲୋସିପ୍ ବାବଦ ମାସକୁ ତିନିଶହ ପାଉଥିଲି ।

Digitized by srujanika@gmail.com

।। ଚବିଶି ।।

ପ୍ରଥମେ 'ଓଡ଼ିଆ ନାଟ୍ୟ ସାହିତ୍ୟ' ବିଷୟଟିକୁ ବାଛିଥିଲି ଇଚ୍ଛାଧୀନ ପତ୍ର ବା 'ସ୍ପେଶାଲ୍ ପେପର୍' ପାଇଁ । ଆମ ଓଡ଼ିଆ ଲାଇବ୍ରେରି ଥାକରେ ସେତେବେଳେ ଯେତେ ଜଣଙ୍କର ନାଟକ ଥିଲା ଭଲ, ମନ୍ଦ, ଖ୍ୟାତ, ଅଖ୍ୟାତର ବିଚାର ନ କରି ସବୁଟା ପଢିଦେଲି । ସେମିନାର୍ ପାଇଁ 'ନାଟ୍ୟକାର ଅଶ୍ୱିନୀ କୁମାର' ଶୀର୍ଷକ ନିବନ୍ଧ ଲେଖି ପଢ଼ିଲି । ସମ୍ଭବତଃ ତାହା ଥିଲା 'ଅଶ୍ୱିନୀ କୁମାର ଘୋଷ'ଙ୍କ ନାଟ୍ୟପ୍ରତିଭା ସଂପର୍କରେ ସର୍ବପ୍ରଥମ ଆକଳନ । ପ୍ରବନ୍ଧଟି ପ୍ରସିଦ୍ଧ ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡାଙ୍କ ସଂପାଦିତ ପତ୍ରିକା 'ସ୍ୱରୂପ'ରେ ପ୍ରକାଶିତ ହେଲା । କିନ୍ତୁ ଓଡ଼ିଆ ନାଟ୍ୟ ସାହିତ୍ୟର ଅଧୟନ ମୋତେ ଖୁସି କରିପାରି ନ ଥିଲା । ବହୁସଂଖ୍ୟକ 'ହାଉସ୍ ଫୁଲ୍ ହିଟ୍' ନାଟକ ଥିଲେ କ'ଣ ହେବ ହାତଗଣତି କେଇଖଣ୍ଡକୁ ଛାଡ଼ି ଦେଲେ ଅଧିକାଂଶ ନାଟକର ସାହିତ୍ୟିକ ମୂଲ୍ୟ ସନ୍ତୋଷ ଜନକ ନ ଥିଲା । ତେବେ କାଳିଚରଣଙ୍କ 'ଭାତ' ରାମଚନ୍ଦ୍ର ମିଶ୍ରଙ୍କ 'କବିସୂର୍ଯ୍ୟ' ଓ 'ଘରସଂସାର', ମନୋରଂଜନଙ୍କ 'ବନ୍ଦିଜଗବନ୍ଧୁ' ଏମ୍‌ ରାମାରଂଜନଙ୍କ 'ଗୌଡ଼ ବିଜେତା' ମୋତେ ଉଦ୍‌ବୁଦ୍ଧ କରିଥିଲା । ସେତେବେଳେ 'ନବନାଟ୍ୟ' ଆନ୍ଦୋଳନର ଉଦ୍‌ଘୋଷ ଶୁଣାଯାଉଥିଲା ସିନା ବହି ନ ଥିଲା ପଢ଼ିବାକୁ । କାହିଁକି କେଜାଣି ଇଚ୍ଛା ହେଲାନି ନାଟକରେ ଲଟ୍‌କି ରହିବାକୁ ।

ଆଦରି ନେଲି ଲୋକସାହିତ୍ୟ । ଓଡ଼ିଆ ଲୋକସାହିତ୍ୟର ଗୌରବ ଓ ଗରିମାର ତୁଳନା ନ ଥିଲା । ଉଭା ଯେତେ ପୋତା ସେତେ । ଗୋଟେ ଜାତିର ଅନ୍ତଃକରଣକୁ ଚିହ୍ନିବାକୁ ଯଦି ଜରୁରୀ ମନେକରାଯାଏ (ସୃଜନକର୍ମୀ ପକ୍ଷରେ) ତେବେ ଲୋକସାହିତ୍ୟ ହିଁ ତାର ସର୍ବପ୍ରଧାନ ସାଧନ । ଓଡ଼ିଆ 'ଲୋକସାହିତ୍ୟ' ପଢିବା ଅର୍ଥ ଓଡ଼ିଆ ଜନପ୍ରାଣକୁ ଯୁଗ ଯୁଗର ସ୍ଫୁରିତରସରେ ନିତ୍ୟ ଅବଗାହନ କରିବା । ସାହିତ୍ୟ ସୃଷ୍ଟି କରିବାର ବାସନା ପୋଷଣ କରିବା ଯୁବକ ପକ୍ଷରେ ସେପରି ସ୍ନାନ ଥିଲା ଏକାନ୍ତ ଅପରିହାର୍ଯ୍ୟ ।

ଶାନ୍ତିନିକେତନର ତତ୍‌କାଳୀନ ବାତାବରଣ ଯୁବଚେତନାର ବିସ୍ଫୋରଣ ପାଇଁ ଆଦୌ ଅନୁକୂଳ ନ ଥିଲା । ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନାଁରେ ନୂଆଚେତନାକୁ ପରମ୍ପରାବାଦୀମାନେ ସହଜରେ ଗ୍ରହଣ କରିପାରୁ ନ ଥିଲେ ।

ମନ ମୋର ବିଦ୍ରୋହ କରିଉଠୁଥିଲା । ତା' ସତ୍ତ୍ୱେ ଚୁପ୍‌ଚାପ୍ ରହିବାକୁ ହୋଇଥିଲା । ଏମିତି କି ''ଓଡ଼ିଆ ସାହିତ୍ୟ ପରିଷଦ''ର ଅଧିବେଶନରେ ମୁଁ କବିତା

Digitized by srujanika@gmail.com

ପଢ଼ିବାକୁ ପସନ୍ଦ କଲି ନାହିଁ । ବରଂ ଗପ କିମ୍ବା ପ୍ରବନ୍ଧ ପାଠ କରିବାକୁ ଇଚ୍ଛା କଲି । ସାଭ୍ରମାନେ ମଧ୍ୟ ଆଉ କବିତା ପ୍ରତି ଗୁରୁତ୍ୱ ଦେଲେନି । ଜାନୁୟାରୀ ମାସ (୧୯୬୩)ରେ ମୁଁ ପରିଷଦର ସଂପାଦକ ପଦରୁ ନିଜ ଇଚ୍ଛାରେ ଇସ୍ତଫା ଦେଇଦେଲି । ଇଂରେଜୀ ବିଭାଗର ନବାଗତ ଛାତ୍ର ଯୋଗେଶ ପଣ୍ଡା ମୋର ଅନୁରୋଧ କ୍ରମେ ପରିଷଦର ନୂଆ ସଂପାଦକ ହେଲେ । ଅବଶ୍ୟ ବିଭାଗୀୟ ପାଠଚକ୍ରର ଦାୟିତ୍ୱରୁ ମୋତେ ନିଷ୍କୃତି ମିଳି ନ ଥିଲା ।

'ଲୋକଗୀତ ଓ ଗଳ୍ପ' ପଢ଼ିବା ଫଳରେ ସୁଦୂର ଓଡ଼ିଶାରେ ଏବଂ ଦୂର ଅତୀତରେ ଛାଡ଼ି ଆସିଥିବା ଆମ ଗାଁ ଓ ମୋ' ବାଲ୍ୟକାଳ ମୋ' ସାଙ୍ଗରେ ରହିଲା ଓ ମୋତେ ବାରମ୍ବାର ଉଜ୍ଜୀବିତ କରି ରଖିଲା ।

ବାସ୍ତବିକ ସେଇଦିନଠାରୁ ଆଜି ଯାଏଁ 'ଲୋକ ସଂସ୍କୃତି ଓ ସାହିତ୍ୟ' ପ୍ରତି ମୋର ଆବେଗଗତ ସଂପର୍କ ଛିନ୍ନ ହୋଇନାହିଁ । ଦୀର୍ଘକାଳର ପୁରାତନ ଓଡ଼ିଆ ଜାତିଟାକୁ ଯେ ମୁଁ ଛାତିରେ ଧରି ବୁଲୁଚି, ତା' ସମ୍ଭବ ହୋଇଚି ସେଇ ଦୃଢ଼ ବନ୍ଧନରୁ ।

ମୁହେଁ ମୁହେଁ ପ୍ରଚଳିତ ଲୋକଗୀତ ଗୁଡ଼ିକରେ 'ଛନ୍ଦ'ର ଯେଉଁ ଉତ୍କର୍ଷ ବା ପର୍‌ଫେକ୍‌ସନ୍ ମୁଁ ଲକ୍ଷ୍ୟ କରିଚି ଲିଖିତ ସାହିତ୍ୟରେ ତାହା ସେପରି ସୁଲଭ ନୁହଁ । ମୋ' ନାନୀ ଶାଶୁ ଘରକୁ ଗଲାବେଳେ ମୁଁ ଯେଉଁସବୁ କନ୍ଦଣା ଶୁଣିଥିଲି, ତା'ର କିଛି କିଛି ପଦ ପାଇଲି କୁଞ୍ଜବିହାରୀଙ୍କ ସଂଗୃହୀତ 'ପଲ୍ଲୀଗୀତି ସଂଚୟନ'ରେ । ତା' ସହିତ ମିଶିଲା ମୋର ବାଲ୍ୟ ସ୍ମୃତି । ଭାବ ଓ ଅନୁଭବ, ଜ୍ଞାନ ଓ ଅବୋଧପଣ ଏକାକାର ହୋଇଗଲା ମୋ' ଭିତରେ । ଛପା ଅକ୍ଷରରେ ଯେତେବେଳେ ପଢ଼ିଲି ବିଦା ବେଳେ ମା'କୁ ଧରି ଝିଅର କାନ୍ଦଣା, ଯଥା –

''ଦୁବ ବଢୁଥିଲା କାକର ଖାଇ ଲୋ ମା
ମୁଁ ତ ବଢୁଥିଲି ତୋ' ସ୍ନେହ ପାଇଲୋ ମା'
ଦୁବକୁ କାକର ସହିଲା ନାହିଁ ଲୋ ମା
ମୋ' ଅଲିଅଳ ତ ରହିଲା ନାହିଁ ଲୋ ମା ।''

ମୋର ମନେ ପଡ଼ିଯାଇଥିଲା ଆମ ଗାଁର ଝିଅମାନଙ୍କ କାନ୍ଦଣାରୁ କେଇପଦ । ବିଦାୟ ବେଳେ ସାଇ ଗୋଟାକର ସବୁସ୍ତ୍ରୀଲୋକ କାନ୍ଦୁଥିଲା ବେଳେ ଝିଅଙ୍କୁ ଜବର୍ଦସ୍ତ ସୁଆରି ଭିତରେ ବସେଇ ଦିଆଯାଏ; କାରୁଣ୍ୟ ସହି ହୁଏନି, ଛାତି ଫାଟିଯିବା ଅବସ୍ଥା । ଝିଅ ବିକଳ ହୋଇ ସମସ୍ତଙ୍କ ମୁହଁକୁ ଚାହିଁ କାନ୍ଦେ ଯେତେବେଳେ ବାହକମାନେ ସୁଆରି ଟେକିବା ଆରମ୍ଭ କରନ୍ତି – ଯଥା-

Digitized by srujanika@gmail.com

''ଉଠିଲା ସୁଆରି ବାଜିଲା ଶଙ୍ଖ ଲୋ ମୋ' ମା ମାନେ
ଏଇ ଗୋପପୁର ମୋ' ଲାଗି ରଙ୍କ ଲୋ ମୋ' ମା ମାନେ''
ଉଠିଲା ସୁଆରି ବସିବ ନାହିଁ ଲୋ ମୋ' ମା' ମାନେ''
ଆଉ ଗୋପପୁର ଦିଶିବ ନାହିଁ ଲୋ ମୋ' ମା ମାନେ ।

ଭଲ ହୋଇଚି ସେ ସମୟଟା ନାହିଁ, ତଥାପି ମନେପଡ଼ିଲେ ସମାଜ ବ୍ୟବସ୍ଥାଟକୁ ଭାଙ୍ଗି ପକେଇବାକୁ ଇଚ୍ଛା ହୁଏ । ଝିଅଙ୍କ ବାଲ୍ୟକାଳ ଓ କୈଶୋର ଉପରେ କି ଜଘନ୍ୟ ଅତ୍ୟାଚାର । କନ୍ୟାଦାନ ନାଁରେ କେଡ଼େ ଅମାନୁଷିକ ନିର୍ଯ୍ୟାତନା ଦେଉ ନ ଥିଲା ସମାଜ ସେତେବେଳେ । ଝିଅମାନେ କାନ୍ଦଣା ଆକାରରେ ଯେଉଁ କଥା ବ୍ୟକ୍ତ କରୁଥିଲେ ସେଥିରେ ତାଙ୍କର କ୍ଷୋଭ ହିଁ ରୂପାୟିତ ହେଉଥିଲା ।

ଯଥା: ''ବାରବରଷକୁ ଚାହିଁ ରହିଲୁ ଲୋ ମା
ଦିଅଁ ଲାଗି ଫୁଲ ଯମକୁ ଦେଲୁ ଲୋ ମା ।'' ଇତ୍ୟାଦି

ସ୍ୱପିଳ ଜଗତରୁ ନିଷ୍ଠୁର ବାସ୍ତବତା ଭିତରକୁ ଟାଣି ଆଣିବାର ଶକ୍ତି ଲୋକ-ଗୀତର ଅଛି । ମୁଁ ଯେ ପ୍ରକୃତରେ ଗୋଟିଏ ଗାଉଁଲି, ଦରିଦ୍ର, ଅଜାଗ୍ରତ ପରିବେଶରୁ ଆସିଛି ତା' ବାରମ୍ବାର ସ୍ମରଣ କରାଇ ଦେଉଥିଲା ଲୋକ-ସାହିତ୍ୟ ।

Digitized by srujanika@gmail.com

।। ପଚିଶି ।।

ଛାତ୍ରାବସ୍ଥାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଚୀନ୍-ଭାରତ ଯୁଦ୍ଧ ଓ ଭାରତର ହଟହଟା । ବାସ୍ତବିକ ସେପରି ଲଜ୍ଜାଜନକ ପରାଜୟ ଯୋଗୁ ଖାଲି ସୈନିକଙ୍କର ନୁହଁ ଯୁବଶକ୍ତିର ମନୋବଳ ଦବି ଯାଇଥିଲା । ଛାତ୍ରମାନଙ୍କୁ ସମରଶିକ୍ଷାର୍ଥୀ ବାହିନୀ (N.C.C)ରେ ଯୋଗ ଦେବାକୁ ବଧ କରାଗଲା । କିନ୍ତୁ, ସମସ୍ତଙ୍କୁ ପୋଷାକ, ଜୋତା, ବେଲ୍ଟ୍ କିମ୍ବା କ୍ୟାପ୍ ଯୋଗାଇ ଦେବା ସମ୍ଭବ ନ ଥିଲା । କେତେଗୁଡ଼ିଏ ଆବଶ୍ୟକ ତାଲିମ୍ ଦିଆଗଲା, ଯାହା ଯୁଦ୍ଧ କାଳରେ ନିଜକୁ ଓ ସାଇପଡ଼ିଶାଙ୍କୁ ରକ୍ଷା କରିବାରେ ସହାୟକ ହେବ । ଟ୍ରେଂଚ୍ ଖୋଳିବା ଓ ଟ୍ରେଞ୍ଚ୍ ଭିତରେ ଆଶ୍ରୟ ନେବାର କୌଶଳ ଆମକୁ ଶିଖାଇ ଦିଆଗଲା । ପୂର୍ବରୁ ଇଣ୍ଟର୍ ମେଡ଼ିଏଟ୍ ସ୍ତରରେ ମୁଁ ଏନ୍.ସି.ସିରେ ପ୍ରାଥମିକ ତାଲିମ୍ ପାଇଥିଲି; ଥ୍ରୀନଟ୍ଥ୍ରୀ ବନ୍ଧୁକ ଚ଼ଳେଇ ଶିଖିଥିଲି । ମିଛିମିଛିକା ଯୁଦ୍ଧର ପରିବେଶରେ ସମରକୌଶଳ ପ୍ରଦର୍ଶନ ଉପଭୋଗ୍ୟ ଥିଲା । ଲଦାଖ-ଯୁଦ୍ଧ ପରେ ଯୁଦ୍ଧ ଶିକ୍ଷା ଭିତରେ ଆଉ 'ଉପଭୋଗ୍ୟ' ବୋଲି କିଛି ରହିଲା ନାହିଁ । କାନ୍ଧରେ ରାଇଫେଲ୍ ଧରିବା ମାତ୍ରେ ଯୁଦ୍ଧର ଓଜନ ଅନୁଭବ କରିହେଲା । ସେଇ ଅବସରରେ ମନର ଅଭିଧାନରେ ଯୁକ୍ତ ହୋଇଗଲା କେତେକ ନୂଆ ଶବ୍ଦ; ଯଥା ଟ୍ରେଞ୍ଚ୍, କାମୁଫ୍ଲେଜ୍, ବ୍ଲାକ୍ଆଉଟ୍, ଷ୍ଟେନ୍‌ଗନ୍ ଇତ୍ୟାଦି । ସେତେବେଳେ ମିଶାଇଲ୍, ଏକେ-୪୭ କିମ୍ବା ମିଗ୍ କିମ୍ବା ଏଫ-୧୬ ଏପରକି 'ବଙ୍କର୍' ବିଷୟରେ ଆମର କୌଣସି ଧାରଣା ହୋଇ ନ ଥିଲା ।

ମୁଖ୍ୟତଃ ତିବ୍ବତକୁ କେନ୍ଦ୍ରକରି ଚୀନ୍-ଭାରତ ମୁହାଁମୁହିଁ ଥିଲେ । ଚୀନ ଦେଶୀମାନେ ତିବ୍ବତ ଅଧିକାର କରିବା ଓ ଦଲାଇଲାମା ସମେତ ଶହ ଶହ ତିବ୍ବତୀୟଙ୍କୁ ଭାରତ ଶରଣ ଦେବା ଫଳରେ ପୂର୍ବର ହୀନ୍ଦି-ଚିନୀ ଭାଇ ଭାଇ ସ୍ଲୋଗାନଟି ପବନରେ ଉଡ଼ିଯାଇଥିଲା, ଯଦିଓ ଚାଉ-ଏନ୍-ଲାଇଙ୍କ ସହିତ ନେହେରୁଙ୍କ କରମର୍ଦ୍ଦନର ପୋଷ୍ଟର ତଥାପି ଦେଖିବାକୁ ମିଳୁଥିଲା ଠାଏ ଠାଏ । ରାଜନୈତିକ ବନ୍ଧୁତା ପ୍ରକୃତରେ ଡେଙ୍ଗା ତାଳଗଛର ଛାଇ ଭଳି, କେତେବେଳେ ଲମ୍ବିଯାଏ, କେତେବେଳେ ଏଡ଼େ ଛୋଟ ହୋଇଯାଏ ଯେ ବାରି ହୁଏ ନାହିଁ ।

Digitized by srujanika@gmail.com

ସେଠି ତିବ୍ବତୀଭାଷା ପଢୁଥିଲି, ଇଚ୍ଛା ଥିଲା ଲାସା ଯିବି, ପ୍ରାଚୀନ ତିବ୍ବତୀୟ ରଚନା ଘାଣ୍ଟିବି ଓ ଓଡ଼ିଆ ବୌଦ୍ଧ ପଣ୍ଡିଙ୍କ କୃତିତ୍ୱର ପ୍ରମାଣ ସଂଗ୍ରହ କରିବି । ପଦ୍ମସମ୍ଭବଙ୍କ ସଦୃଶ ଉତ୍କଳୀୟ ତିବ୍ବତୀୟ ବୌଦ୍ଧଧର୍ମର ମୁଖ୍ୟ ପ୍ରବର୍ତ୍ତକ ଥିଲେ । ତାଙ୍କ ବ୍ୟତୀତ ଆଉରି ଅନେକ ଦାର୍ଶନିକ ଓଡ଼ିଶାରୁ ହିଁ ଯାଇଥିଲେ । କେହି କେହି ବିଶ୍ୱାସ କରନ୍ତି ଯେ ପ୍ରଚଳିତ ତିବ୍ବତୀୟ ଲିପିର ମୂଳ ପ୍ରବର୍ତ୍ତକ ଥିଲେ ଶାନ୍ତରକ୍ଷିତଙ୍କ ଭଳି ଜଣେ ଉତ୍କଳାଗତ ବୌଦ୍ଧପଣ୍ଡିତ । କିନ୍ତୁ ସେଇସବୁ କିମ୍ବଦନ୍ତୀ ଅପ୍ରମାଣିତ ଅବସ୍ଥାରେ ଏଯାବତ୍ ରହିଛି । ଓଡ଼ିଶାରୁ ବୌଦ୍ଧାନୁଷ୍ଠାନଗୁଡ଼ିକ ଲୋପ ପାଇବା ଫଳରେ ଅନେକ ତଥ୍ୟ ବିସ୍ମୃତ ଓ ବିଲୁପ୍ତ । ମୂର୍ତ୍ତିଗୁଡ଼ିକ ମୂକ; କଥାକୁହା ପୋଥି ଗୁଡ଼ାକ ମଧ୍ୟରୁ ଯେତେକ ନେପାଳ କି ସିକିମ୍ କି ତିବ୍ବତ ଅଞ୍ଚଳକୁ ଯାଇଛି, ତହିଁରୁ କିଛି କିଛି ବଞ୍ଚି ରହିଛି । କିନ୍ତୁ ସେସବୁ ପଢ଼ିବାକୁ କିଏ ସକ୍ଷମ ? ଯେଉଁ ଟିକକ ସମ୍ଭାବନା ଥିଲା ଚୀନ ସରକାର ତିବ୍ବତ ପ୍ରଦେଶ ଘେନି କଟକଣା ଜାରି କରିଦେବାରୁ ତା' ସମୂଳେ ଧୂଳିସାତ୍ ହୋଇଗଲା । ଚୀନ୍-ଭାରତ ଯୁଦ୍ଧ ହେବାର ମାସକ ପରେ ମୋର ଅତିପ୍ରିୟ ତିବ୍ବତୀ ଭାଷାର ଅଧ୍ୟାପକ ପାଠକ ଦା' (ସୁନୀତି ପାଠକ)ଙ୍କୁ ଦିଲ୍ଲୀରୁ ଡାକରା ଆସିଲା । ସେ ବିଶ୍ୱଭାରତୀ ଛାଡ଼ି ପ୍ରତିରକ୍ଷା ବିଭାଗକୁ ଗଲେ । ମୁଁ ତାଙ୍କରି ପରାମର୍ଶରେ 'କେଶର ସାଗା ବା କଥା'ର ଓଡ଼ିଆ ଅନୁବାଦ କରୁଥିଲି । ପ୍ରଥମ ବର୍ଷଟି 'ଝଙ୍କାର' ପୃଷ୍ଠାରେ ଛପା ସରିଥିଲା । ତା'ପରେ ମନ ଛାଡ଼ିଗଲା । ତିନି ବର୍ଷିଆ ଡିପ୍ଲୋମା' ହାସଲ କଲି ସିନା, କିନ୍ତୁ ତା' ଖଣ୍ଡେ ଭବିଷ୍ୟହୀନ କାଗଜ ପରି ଶୁଖିଲା ଶୁଖିଲା ଲାଗୁଥିଲା । ମୋର କାଲି ଭଳି ମନେ ଅଛି – ୧୯୬୨ ମସିହା ଡିସେମ୍ବର, ପୌଷ ମେଳାର ପୂର୍ବଦିନ ଅନୁଷ୍ଠିତ ହୋଇଥିଲା ବିଶ୍ୱଭାରତୀର ବାର୍ଷିକ ସମାବର୍ତ୍ତନ ଉତ୍ସବ । ତାହା ହିଁ ଥିଲା ପରମ୍ପରା । ଉତ୍ସବକୁ ପଣ୍ଡିତ ନେହେରୁଙ୍କ ସଦୃଶ ଅସପତ୍ନଧ୍ୱଜାଧାରୀ ବିଶ୍ୱସ୍ତରୀୟ ନେତା ଆସିବେ ବୋଲି ହଜାର ହଜାର ଦର୍ଶକ ଜମିଯାଉଥିଲେ ଆମ୍ରକୁଞ୍ଜରେ । ସେତେବେଳେ ସବୁଟା ଖୋଲମ୍‌ଖୋଲା । ଆଜି ଭଳି ତାରବାଡ଼, ପୋଲିସ୍ ଛାଉଣୀ କିମ୍ବା ମେଟାଲ୍ ଡିଟେକ୍ଟର ଯୋଗେ ଚେକିଂ ବ୍ୟବସ୍ଥା ନ ଥିଲା । ପୋଲିସ୍ ଅବଶ୍ୟ ଥିଲେ, ସାଧାରଣ ନାଗରିକ ବେଶରେ ସି.ଆଇ.ଡି. ମାନେ ମଧ୍ୟ ଭିଡ଼ ଭିତରେ ଗୋପନରେ ଡ୍ୟୁଟି କରୁଥିଲେ । କିନ୍ତୁ ସେସବୁ ତିକ୍ତ ଲାଗୁ ନ ଥିଲା । ଆମ୍ରକୁଞ୍ଜର ସୌନ୍ଦର୍ଯ୍ୟ ଥିଲା ଅନାହତ, ଦର୍ଶକ ତଥା ଶ୍ରୋତାଙ୍କ ଆଖିରେ ଥିଲା କୌତୂହଳ ଓ ସମ୍ମାନ । ଅବଶ୍ୟ ୧୯୬୨ର 'ସମାବର୍ତ୍ତନ' ଅବସରରେ ଶାନ୍ତିନିକେତନରେ ବହୁସଂଖ୍ୟକ ସି.ଆଇ.ଡି ଏଠି ସେଠି ଦିନେ-ଦିଦିନ ଆଗରୁ ଛାଇ ଯାଇଥିଲେ । ମୋ' ରୁମ୍‌ରେ ଜଣେ ଓଡ଼ିଆ ଭଦ୍ରଲୋକ ସେଇବର୍ଷ ଅତିଥି ଭାବେ ରହିଥିଲେ । ପଞ୍ଜାବୀ ସହିତ ଶାନ୍ତିନିକେତନୀ କାନ୍ଧ-ଝୁଲା ବ୍ୟାଗ ଧରି କୁଆଡ଼େ ଯାଉଥିଲେ ଓ ଫେରୁଥିଲେ ରାତିକୁ । ସେ ବିଦାୟ ନେବା ଦିନ ମୋତେ ପରିଚୟ ଦେଇଯାଇଥିଲେ

Digitized by srujanika@gmail.com

ଯେ ସେ ଜଣେ ସି.ଆ.ଡି ଅଫିସର୍ । କାରଣ, ଯୁଦ୍ଧରେ ଭାରତର ପରାଜୟ କାରଣରୁ ଆଶଙ୍କାର ଅନ୍ତସ୍ରୋତଟି ବହୁଥିଲା ସୁରକ୍ଷାବାହିନୀର ମନରେ, କାରଣ ପଣ୍ଡିତ ନେହେରୁ ସ୍ୱଦେଶରେ ବିଭିନ୍ନ ଦଳ ଦ୍ୱାରା ସମାଲୋଚିତ ହୋଇଥିଲେ । ହାତରେ ଯଥେଷ୍ଟ ଅସ୍ତ୍ର-ଶସ୍ତ୍ର ଗୋଳାବାରୁଦ ମହଜୁଦ୍ ନ ଥାଇ ପ୍ରକୃତରେ ଜଣେ ମନୁଆ ରାଜା ପରି ସେ ଲୋକଙ୍କୁ ଯୁଦ୍ଧକୁ ପଠାଇବାଟାକୁ ଅନେକ ଏକ ଐତିହାସିକ ପ୍ରମାଦ ରୂପେ ଗ୍ରହଣ କରି ସାରିଥିଲେ । ବିଫଳତା କାରଣରୁ ନେହେରୁ ନିଜେ ଭାଙ୍ଗି ପଡ଼ିଥିଲେ ।

କିନ୍ତୁ ସେତେବେଳେ ଦଳୀୟ ରାଜନୀତିରେ ମଧ୍ୟ ସୌଜନ୍ୟ ଥିଲା । ଆଜି ଭଳି ରାଜନୈତିକ ଭ୍ରଷ୍ଟାଚାର ଯୋଗେ ବାତାବରଣ ଏପରି ସନ୍ଦେହପୂର୍ଣ୍ଣ ନ ଥିଲା, ନେତାମାନେ ଜନମେଳରେ ନିଜକୁ ବିପନ୍ନ ମନେ କରୁ ନ ଥିଲେ, ଆଗରେ ପଛରେ ପୁଲିସି ଓ ଗାଡ଼ି ଭିତରେ 'ବ୍ଲାକ୍‌ବେଲ୍ଟ୍' ବସିବା ଦରକାର ପଡୁ ନ ଥିଲା ।

୧୯୬୨ 'ସମାବର୍ତ୍ତନ'ରେ ମୁଁ ପ୍ରଥମେ ଅନର୍ସ ଡିଗ୍ରୀ ଓ ପରେ ତିବ୍ବତୀୟ ଭାଷାରେ ଡିପ୍ଲୋମା ପାଇଁ ଏଇପରି ଦୁଇଥର ମଞ୍ଚକୁ ଯାଇ ପଣ୍ଡିତ ନେହେରୁଙ୍କଠାରୁ ସପ୍ତପର୍ଣ୍ଣୀପତ୍ର ସ୍ତବକ ଗ୍ରହଣ କରିଥିଲି । ଦ୍ୱିତୀୟ ଥର ପଣ୍ଡିତଜୀ ପଚାରିଥିଲେ ସେଇ ମଞ୍ଚରେ 'ୟୁ ହାଭ୍ ଟୁ' (ତୁମର ଦୁଇଟା କିପରି ?) ମୁଁ ସ୍ମିତହାସ୍ୟ ପ୍ରକାଶ କରି କହିଥିଲି – ଦ୍ୱିତୀୟଟି ତିବ୍ବତୀୟ ଭାଷା ପାଇଁ । ଶକ୍ତିଶାଳୀ ମାଇକ୍ରୋଫୋନ୍ ମଞ୍ଚକୁ କଭର୍ କରୁଥିବାରୁ ପ୍ରଧାନମନ୍ତ୍ରୀଙ୍କ ସ୍ୱର ସମସ୍ତେ ଶୁଣି ପାରୁଥିଲେ, ଯଦିଓ ତା' ଥିଲା ଅସ୍ପଷ୍ଟ । ପରେ ଅନେକେ ଜାଣିବାକୁ ଚାହିଁଥିଲେ – "ପଣ୍ଡିତଜୀ ତୁମକୁ କ'ଣ ପଚାରିଥିଲେ କି ?"

ସେତେବେଳେ ବିଶ୍ୱଭାରତୀ 'ସମାବର୍ତ୍ତନ'ରେ ନିଜେ ଚାନ୍‌ସେଲର୍ ସମସ୍ତ ପିଏଚ୍.ଡି. ଡି.ଲି.ଟ୍, ଏମ୍.ଏ. ଅନର୍ସ ଡିଗ୍ରୀ ଓ ଅନ୍ୟାନ୍ୟ ଡିପ୍ଲୋମାଧାରୀଙ୍କୁ ମଞ୍ଚରେ ସପ୍ତପର୍ଣ୍ଣୀସ୍ତବକ ଦେଇ ସ୍ୱୀକୃତି ପ୍ରଦାନ କରୁଥିଲେ । ତେଣୁ ପ୍ରଧାନମନ୍ତ୍ରୀଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆ ରହିବାକୁ ପଡୁଥିଲା । ସେପରି କଷ୍ଟ ସ୍ୱୀକାର କରିବାକୁ ପଣ୍ଡିତଜୀଙ୍କ ମନରେ ତିଳେମାତ୍ର ଦ୍ୱିଧା ନ ଥିଲା । କାରଣ , ଶାନ୍ତିନକେତନ ପତି ବ୍ୟକ୍ତିଗତ ଭାବେ ସେ ଶ୍ରଦ୍ଧାଶୀଳ ଥିଲେ , କବି ରବୀନ୍ଦ୍ରଙ୍କ ପ୍ରତି ତାଙ୍କର ସମ୍ମାନ ଥିଲା । ତା'ଛଡ଼ା ଯୁବକଙ୍କୁ ଉଦ୍‌ବୋଧନ ଦେବାର ଅପୂର୍ବ ସୁଯୋଗ ସେ ହାତଛଡ଼ା କରନ୍ତେ କାହିଁକି ? ସେଥର ଦୀକ୍ଷାନ୍ତ ଭାଷଣରେ ଚୀନ – ଭାରତର ଭାଇପଣ ଓ ବଂଧୁତା କଥା ଉଲ୍ଲେଖ କରିବା ସହିତ 'ପ୍ରତାରଣା' ବିଷୟ ଉଲ୍ଲେଖ କରିଥିଲେ । ସେଇ ଅବସରେ ସେ ଯୁବକଙ୍କୁ ଲକ୍ଷ୍ୟ କରି କହିଥିଲେ – "Every generation has to fight its own battle for freedom. We had fought our own. Now you have to do it."ତାଙ୍କର ବାକ୍ୟକେଇଟି ଆମକୁ ସଚେତନ କରିଥିଲା । ପରେ 'ଚେତାବନୀ' ପୋଷ୍ଟର୍ ଆକାରରେ

Digitized by srujanika@gmail.com

ଛପାଯାଇଥିଲା, କାଗଜ ମାନଙ୍କରେ ପ୍ରକାଶ ପାଇଥିଲା । ଆମେ ଉପଲବ୍ଧି କରିଥିଲୁ ଯେ ସ୍ୱାଧୀନତା ସଂଗ୍ରାମ ଏକ ଯୁଗରେ ଶେଷ ହୋଇଯାଏନି । ପ୍ରତ୍ୟେକ ପୀଢ଼ିକୁ ସେ ଦିଗରେ କାୟମନୋବାକ୍ୟରେ ସଜାଗ ରହିବାକୁ ହେବ, କାରଣ ଦେଶର 'ସ୍ୱାଧୀନତା' ଯେକୌଣସି ସମୟରେ ବିପନ୍ନ ହୋଇପାରେ ।

ମାନିବାକୁ ହେବ ସେକାଳର ସୁବକ୍ତାଙ୍କ ମଧ୍ୟରେ ପଣ୍ଡିତ ଜବାହରଲାଲ ନେହେରୁ ଥିଲେ ଅଗ୍ରଗଣ୍ୟ । ତାଙ୍କ ଇଂରେଜୀ କଥନ ଭଙ୍ଗୀ ଓ ବାକ୍ୟବିନ୍ୟାସ ଥିଲା ଅନନ୍ୟ । ଉଚ୍ଚାଙ୍ଗ ପୁଣି ସାବଲୀଳ । ଆଦୌ ବିରକ୍ତିକର ଲାଗୁ ନ ଥିଲା । ମୋର ସୌଭାଗ୍ୟ, ମୁଁ ଭାରତୀୟ ବିଦ୍ୟାଭବନର କୁଳପତି କେ.ଏମ୍.ମୁନ୍‌ସି, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ଡ଼କ୍ଟର ରାଧାକୃଷ୍ଣନ୍ ଓ ଡ଼କ୍ଟର କରଣ ସିଂହଙ୍କୁ ଶୁଣିବାକୁ ସୁଯୋଗ ପାଇଥିଲି । ସେମାନେ ପ୍ରତ୍ୟେକ ଥିଲେ ଏକୁ ଆରେକ, ବିଦ୍ୱାନ୍ ଓ ବାଗ୍ମୀ । କିନ୍ତୁ ନେହେରୁ ଅଲଗା ବାରି ହୋଇ ପଡୁଥିଲେ । କାରଣ ତାଙ୍କର ଭାଷା ଓ ବକ୍ତବ୍ୟ ଅଧିକ ଜୀବନମୁଖୀ ଥିଲା । ତାଙ୍କ ଭାଷା ଭିତରେ ଫୁଟି ଉଠୁଥିଲା ପ୍ରକୃତି ଓ ମଣିଷଙ୍କ ଭିତରେ ଲୁଚିଥିବା ଚିରନ୍ତନ ସୌନ୍ଦର୍ଯ୍ୟ ପ୍ରତି ଅନୁରାଗ ।

ପ୍ରତିଥର, ଯେତେବେଳେ ନେହେରୁ ଆସୁଥିଲେ, ଛାତ୍ର-ଛାତ୍ରୀଙ୍କ ସହିତ କେଇଟି ଘଣ୍ଟା ସହଜ ଭାବରେ ମିଶିବାକୁ ପସନ୍ଦ କରୁଥିଲେ । ସେ ସୁଯୋଗ ଆମେ ହାତଛଡ଼ା କରୁ ନ ଥିଲୁ । ଉତ୍ତରାୟଣରେ ବିଶ୍ରାମ ନେବା ଅବସରରେ ଦଳ ଦଳ ଛାତ୍ର-ଛାତ୍ରୀ ପହଞ୍ଚିଯାଉଥିଲେ ସେଠି । କେବେ ଆପତ୍ତି କରୁ ନ ଥିଲେ ତାଙ୍କ ବ୍ୟକ୍ତିଗତ ସଚିବ । କିନ୍ତୁ ୧୯୬୨ରେ ସିକ୍ୟୁରିଟିର ବାହାନ ଦେଖାଇ ମିଳାମିଶାରେ କଟକଣା ଜାରି କରିବାକୁ କର୍ତ୍ତୃପକ୍ଷ ଉଦ୍ୟମ କରିଥିଲେ । ଗେଟ୍ ପାଖରେ ପୋଲିସ୍ ବାରଣ କଲେ । ଆମେ କିନ୍ତୁ ଫେରି ଆସିଲୁ ନାହିଁ । କଟକଣା କାହିଁକି ? ଆମକୁ ଦେଖି ନିଜେ ଭି.ସି. ପାଖକୁ ଆସିଲେ, କହିଲେ – ''ଏମାନଙ୍କୁ ଛାଡ଼ିଦିଅ ଭିତରକୁ ।'' ଭିତରେ ଏକ ସୁରକ୍ଷିତ ପ୍ରକୋଷ୍ଠରେ ଥିଲେ ପଣ୍ଡିତଜୀ । ସଚିବ ବାଧା ଦେଲେ । କିନ୍ତୁ ପ୍ରଧାନମନ୍ତ୍ରୀ ନିଜେ କହିଲେ – 'ସେମାନଙ୍କୁ ଆସିବାକୁ ଦିଅ ।' ପରେ ପରେ ସେ ନିଜେ ଉଠି ଆସିଲେ ବାହାରକୁ । ମୁଁ ତାଙ୍କ ନିକଟରେ ଠିଆ ହେଲି ଓ ଫଟୋଗ୍ରାଫର୍‌ଙ୍କୁ ଇଙ୍ଗିତ ଦେଲି । ନେହେରୁଜୀ ମୋ' କାନ୍ଧରେ ହାତ ରଖିଲେ । କିନ୍ତୁ ଫଟୋ ଉଠିଲାବେଳକୁ ଏତେ ପିଲା ଜମିଗଲେ ଯେ ଗହଳି ଭିତରେ ଖାଲି ମୋ' ମୁହଁଟି ଯାହା ଦିଶୁଥିଲା ସେତିକି । ପଣ୍ଡିତ ନେହେରୁ ସେଇ କେଇଟି ମୁହୂର୍ତ୍ତ ଭାରି ହସ ହସ ଥିଲେ । ଆନନ୍ଦର ସେଇ କ୍ଷଣଗୁଡ଼ିକ ବାସ୍ତବିକ ଅଭୁଲା ।

ସେ ସମୟରେ ପ୍ରଧାନମନ୍ତ୍ରୀ ହେଲିକୋପ୍ଟରରେ ଆସି ସିଧା ଶାନ୍ତିନିକେତନରେ ଓହ୍ଲାଉ ନ ଥିଲେ । ନିକଟବର୍ତ୍ତୀ ବିମାନଘାଟୀ ଥିଲା ପ୍ରାୟ ୨୫/୨୬ କିଲୋମିଟର

Digitized by srujanika@gmail.com

ଦୂରରେ । ଉଡ଼ାଜାହାଜରୁ ଓହ୍ଲାଇ ସେ ସେଠାରୁ କାର୍ ଯୋଗେ ଶାନ୍ତିନିକେତନ ଆସୁଥିଲେ । ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ଥିବାବେଳେ ମଧ୍ୟ ତାହା ଅପରିବର୍ତ୍ତିତ ଥିଲା । ଖର୍ଚ୍ଚ ବଢ଼େଇବା ତାଙ୍କର ପସନ୍ଦ ନ ଥିଲା । କିନ୍ତୁ ଶ୍ରୀମତୀ ଗାନ୍ଧୀ ଚାନ୍‌ସେଲ୍‌ର ହେବା ପରେ 'ସମାବର୍ତ୍ତନ'ର ସମୟ ଘୁଞ୍ଚାଇ ଦିଆଗଲା । ସିକ୍ୟୁରିଟି କାରଣରୁ 'ପୌଷମେଳା' ଭଳି ଭିଡ଼ ସମୟରେ ପ୍ରଧାନମନ୍ତ୍ରୀ ନ ଆସିବାଟା ଉଚିତ ବୋଲି ଅନେକ ମନେ କଲେ । ତା' ଛଡ଼ା ଶ୍ରୀମତୀ ଗାନ୍ଧୀ ହେଲିକୋପ୍ଟର୍‌ରେ ଆସି ସିଧା ଶାନ୍ତିନିକେତନ ପ୍ରାନ୍ତରରେ ଅବତରଣ କରିବାର ବ୍ୟବସ୍ଥା ମଧ୍ୟ ପ୍ରବର୍ତ୍ତନ କଲେ । କାରଣ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସମୟକୁ ଦେଶର ପରିସ୍ଥିତି ବଦଳି ଯାଇଥିଲା ।

'୧୯୬୨- ସମାବର୍ତ୍ତନକୁ ବାରିପଦାରୁ କମଳା ଅପା (ସ୍ୱର୍ଗୀୟ କମଳା ସାହୁ) ଆସିଥିଲେ ତାଙ୍କ ଏମ୍.ଏ.ଡିଗ୍ରୀ ନେବାକୁ । ଦୁହେଁ ଉପାଚାର୍ଯ୍ୟଙ୍କ ସହିତ ଉତ୍ତରାୟଣ ମଧ୍ୟରେ ଫଟୋ ଉଠାଇଥିଲୁ ତାହା ଥିଲା ଅପା ଜୀବନର ଶେଷ ଶାନ୍ତିନିକେତନ ଦେଖା । ମୋର ଯାହା ମନେହୁଏ ତା'ପରେ ଆଉ କେବେ ପାଦ ପକେଇନି ସେଇ ସ୍ମୃତି-ତୀର୍ଥରେ ।'

Digitized by srujanika@gmail.com

।। ଛବିଶି ।।

ସେତେବେଳେ ବିଶ୍ୱ-ରାଜନୀତିର ଘଟଣାବଳୀ ମୋତେ କିଛିଟା ଉତ୍କଣ୍ଠିତ କରି ରଖୁଥିଲା । ଏ ପର୍ଯ୍ୟନ୍ତ ମୋର ସେଇ ଭୟାନକ ରାତି କଥା ମନେ ଅଛି – ଟ୍ରାଂଜିଷ୍ଟରଟିଏ ଯୋଗାଡ଼ କରି ଆମେ କେଇ ଜଣ-ମୋ' ରୁମ୍‌ରେ ବି.ବି.ସି ଲଗେଇ ଉତ୍କର୍ଣ୍ଣ ଥିଲୁ । ଠିକ୍ ତାରିଖଟା ମନେ ନାହିଁ । କିନ୍ତୁ ତା' ଥିଲା ସମଗ୍ର ପୃଥିବୀ ପକ୍ଷରେ ଏକ ବିପଜ୍ଜନକ ଦିବସ । 'କ୍ୟୁବା'କୁ କେନ୍ଦ୍ରକରି ଯୁକ୍ତରାଷ୍ଟ୍ର ଆମେରିକା ଓ 'ସୋଭିଏତ୍‌ରୁଷ୍' ବିଶ୍ୱର ଦୁଇ ସୁବୃହତ୍ ଶକ୍ତି ମୁହାଁମୁହିଁ ହୋଇ ସାରିଥିଲେ, ଠିକ୍ କୁରୁକ୍ଷେତ୍ରରେ କୌରବ ସେନାପତି ଭୀଷ୍ମ ଓ ପାଣ୍ଡବ ସେନାପତି ଅର୍ଜୁନଙ୍କ ସଦୃଶ । ବାକି କେବଳ ଥିଲା ଆକ୍ରମଣର ଶଙ୍ଖ ବାଜିବାକୁ । ବିବରଣୀ ଆସୁଥିଲା ବି.ବି.ସି ମାଧ୍ୟମରେ । ଗୋଟିଏ ପଟରେ ଜନ୍.ଏଫ୍. କେନେଡି ଓ ଅନ୍ୟ ପଟରେ ନିକିତା କ୍ରୁଶ୍ଚେଭ୍, ରକ୍ତାକ୍ତ ହେବାକୁ ଥିଲା 'କ୍ୟୁବା', ହୁଏତ ଧ୍ୱଂସ ହେବାକୁ ଥିଲା ହୀରୋସୀମା ନାଗାସାକି ସଦୃଶ ଅବଶିଷ୍ଟ ପୃଥିବୀ । ବ୍ୟକ୍ତିଗତ ଭାବେ ମୋର କି ଆମର କିଛି ହେବାର ନ ଥିଲା ତତ୍‌କ୍ଷଣାତ୍, କିନ୍ତୁ ଏକ ପ୍ରକାର ବୌଦ୍ଧିକ ଆତଙ୍କ ଖେଳିଯାଇଥିଲା ଆମ ଛାତି ଭିତରେ ।

ଯୁକ୍ତରାଷ୍ଟ୍ର ଆମେରିକାର ସପ୍ତମ ନୌବହର (7th Fleet) ବିଶ୍ୱଧ୍ୱଂସୀ ମାରଣାସ୍ତ୍ର ଧରି ଆଗେଇ ଚାଲିଥିଲା, କ୍ୟୁବାକୁ ବଞ୍ଚେଇଥବା ଅଭିପ୍ରାୟରେ ତାର ପ୍ରତିରୋଧ କରିବାକୁ ଆଗେଇ ଆସୁଥିଲା ସୋଭିଏତ୍ ରୁଷର୍ ଅନୁରୂପ ଧ୍ୱଂସକାରୀ ନୌବହର । କେହି କାହାକୁ କମ୍ ନ ଥିଲେ । ସମଗ୍ର ବିଶ୍ୱର ଶାନ୍ତିକାମୀ ଜନତା ଉତ୍କଣ୍ଠିତ ଅବସ୍ଥାରେ ରହିଥିଲେ ।

ଭାରତରେ ଯେତେବେଳେ ରାତି ବାରଟା ବାଜି ତିରିଶ ମିନିଟ୍, ଆମର ଆଶଙ୍କା ବହୁଗୁଣିତ ହୋଇ ସାରିଥିଲା ଯେ ଆଉ କେଇ ମିନିଟ୍ ଭିତରେ କ୍ରୁଶ୍ଚେଭ୍ ଆଦେଶ ଦେବେ ବା କେନେଡି ଆଦେଶ ଦେବେ ଏବଂ ଆକାଶ ଧରିତ୍ରୀ କମ୍ପି ଉଠିବ । ଦୁଇନେତାଙ୍କ ମଧ୍ୟରୁ ଜଣେ ୱାସିଂଟନ୍‌ରେ ଆଉ ଜଣେ ମସ୍କୋରେ ଥିଲେ ସୁରକ୍ଷିତ । କିନ୍ତୁ ପୃଥିବୀ ଥିଲା ଅସୁରକ୍ଷିତ ।

ବେତାର ମାଧ୍ୟମରେ ଦୁହିଙ୍କ ମଧ୍ୟରେ ଚାଲିଥିଲା କଥାବାର୍ତ୍ତା, ଯାହା ଶୁଣଉଥିଲା ବି.ବିସି । କାରଣ ତା' ଥିଲା ସମଗ୍ର ପୃଥିବୀ ପାଇଁ ଘଡ଼ି ସନ୍ଧି ବେଳ । କେହି ହେଲେ ଚାହୁଁ ନ ଥିଲେ ଆଉ ଗୋଟାଏ ମହାସମର । କିନ୍ତୁ କୋରିଆ, ଭିଏତ୍‌ନାମ୍ ଆଦି

Digitized by srujanika@gmail.com

ଅନେକାନେକ ସ୍ଥାନରେ ଯୁକ୍ତରାଷ୍ଟ୍ର ଆମେରିକା ତା' ସାମ୍ରାଜ୍ୟ ବିସ୍ତାର ନୀତିର ପରିଚୟ ଦେଇ ସାରିଥିଲା । ଆଶା କରିଥିଲା 'କ୍ୟୁବା' ମଧ୍ୟ ଆମେରିକାର ପୁଞ୍ଜିବାଦ ନୀତିକୁ ସ୍ୱୀକାର କରିଯାଉ ବିନା ବିରୋଧରେ । କିନ୍ତୁ କମ୍ୟୁନିଷ୍ଟ ସୋଭିଏତ୍ ରିପବ୍ଲିକ୍ ତା'ର ପ୍ରବଳ ବିରୋଧ କରିବାରୁ 'ଯୁଦ୍ଧାୟକୃତ ନିଶ୍ଚୟ' ଅବସ୍ଥା ଉପୁଜିଥିଲା ସେତେବେଳେ । ଯା' ହେଉ ଉକ୍ରଣ୍ଠାର ଚରମ ମୁହୂର୍ତ୍ତରେ କୃଶ୍ଚେଭ୍ ଘୋଷଣା କଲେ – ''ନା, ଯୁଦ୍ଧ ହେବାକୁ ଦିଆଯିବନି । ଏଭଳି ଐତିହାସିକ ଅପବାଦ ସୋଭିଏତ୍ ମୁଣ୍ଡେଇବାକୁ ଚାହେଁନି ।'' ସୋଭିଏତ୍ ଯୁଦ୍ଧପୋତ ଆଉ ଆଗେଇଲା ନାହିଁ । ଅପର ପକ୍ଷରେ ଜୋସେଫ୍ କେନେଡ଼ି ଏକ ପୁଞ୍ଜିବାଦୀ ରାଷ୍ଟ୍ରର ମୁଖ୍ୟ ହୋଇଥିଲେ ବି ମୂଳତଃ ଥିଲେ ଜଣେ ମାନବବାଦୀ । ସେ ମଧ୍ୟ ତତ୍‌କ୍ଷଣାତ୍ କୃଶ୍ଚେଭ୍‌ଙ୍କ ଘୋଷଣାକୁ ସ୍ୱାଗତ କଲେ । ଦୁଇ ବାହିନୀ ମୁହାଁମୁହିଁ ହୋଇଥିଲେ ସତ କୁରୁକ୍ଷେତ୍ର ରକ୍ତାକ୍ତ ହେଲା ନାହିଁ । 'କ୍ୟୁବା' ସୁରକ୍ଷିତ ରହିଲା । ଉଭୟ ରାଷ୍ଟ୍ରର ଯୁଦ୍ଧପୋତ ସ୍ୱ ସ୍ୱକ୍ଷେତ୍ରକୁ ବାହୁଡ଼ିଗଲେ । ଆମେ ଆଶ୍ୱସ୍ତ ହେଲୁ । ଉଭୟ କୃଶ୍ଚେଭ୍ ଓ କେନେଡ଼ିଙ୍କ ପ୍ରତି ଆମ ମନରେ ସ୍ୱତଃ ଶ୍ରଦ୍ଧା ଓ ସମ୍ମାନ ଜାଗି ଉଠିଲା । ଆମେରିକାରେ ସ୍ଥାନୀୟ ମୂଳ ଅଧିବାସୀଙ୍କ ଦେହର ବର୍ଣ୍ଣ ଘେନି ଗୋରା ଲୋକଙ୍କ ବିଦ୍ୱେଷ ସେତେବେଳେ ତୀବ୍ର ଥିଲା । ପୂର୍ବରୁ ତା'ର ଶରବ୍ୟ ହୋଇ ନିହତ ହୋଇଥିଲେ ମାର୍ଟିନ୍ ଲୁଥର୍ । କଥିତ ଅଛି – ଗୋରା ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ରେସ୍ତୋରାଁରେ କୃଷ୍ଣକାୟଙ୍କ ପ୍ରବେଶ ନିଷିଦ୍ଧ ଥିଲା । କଳାପିଲାଏ ଗୋରା ସ୍କୁଲ୍‌ରେ ନାଁ ଲେଖେଇ ପାରୁ ନ ଥିଲେ । କେନେଡି ଏଭଳି ଘୃଣ୍ୟ ଚିନ୍ତାଧାରାର ପରିବର୍ତ୍ତନ ଚାହିଁଲେ ଏବଂ ତାଙ୍କ ଅମଳରେ ହିଁ ସମାନ ସୁବିଧା ସୁଯୋଗ ପ୍ରାପ୍ତି ବ୍ୟବସ୍ଥାର ଆରମ୍ଭ ହେଲା । ପୂର୍ବରୁ ଯାହା କେବଳ ବିଶ୍ୱବାସୀଙ୍କୁ ଭୁଲେଇବା ପାଇଁ କାଗଜପତ୍ରରେ ସୀମିତ ଥିଲା ସେ ଦିଗରେ କ୍ରିୟାନୁଷ୍ଠାନ ଆରମ୍ଭ ହେଲା କେନେଡ଼ିଙ୍କ ଶୁଭେଚ୍ଛା ଫଳରେ । ସମ୍ଭବତଃ ତାହା ହିଁ ଥିଲା ମୁଖ୍ୟ କାରଣ ଯେଉଁଥିପାଇଁ ବିଶ୍ୱର ଜଣେ ପ୍ରିୟନେତା ଆତତାୟୀର ଗୁଳିରେ ନିହତ ହେଲେ । ମୋର ମନ-ପ୍ରାଣ ବିଦ୍ରୋହ କରି ଉଠିଥିଲା ସେତେବେଳେ । ଶାନ୍ତିକାମୀ ଆମେରିକୀୟ ବୁଦ୍ଧିଜୀବୀମାନେ ମଧ୍ୟ ଲଜ୍ଜିତ ହୋଇଥିଲେ । କେନେଡ଼ିଙ୍କ ଜୀବନ ସିନା ଗଲା କିନ୍ତୁ କଳାଲୋକଙ୍କ ପ୍ରତି ଦୃଷ୍ଟିକୋଣରେ ଓ ବ୍ୟବହାରରେ ଘୋର ପରିବର୍ତ୍ତନ ଘଟିଲା ସେଠି, ପୂର୍ବର ଘୃଣ୍ୟ ସାମାଜିକ ବାସନ୍ଦ ଭାବନା ଏବେ ବିଲୁପ୍ତ ହୋଇଚି ବୋଲି ମୋର ଧାରଣା ।

ମୋର ଛାତ୍ରଜୀବନ ବାସ୍ତବିକ ବିଶ୍ୱର ସେଇ ବିଶିଷ୍ଟ ନେତାତ୍ରୟ – ନେହେରୁ, କୃଶ୍ଚେଭ୍ ଓ କେନେଡିଙ୍କ ମାନବବାଦୀ ଚିନ୍ତାଧାରା ଦ୍ୱାରା ପରିପୁଷ୍ଟ ହୋଇଥିଲା । ବିଶ୍ୱ-ଶାନ୍ତିର ପଟ୍ଟପୁରୋଧା ରୂପେ ପଣ୍ଡିତ ନେହେରୁଙ୍କ ସମ୍ମାନ ପୂର୍ବରୁ ଶୀର୍ଷରେ ଥିଲା । କିନ୍ତୁ ଚୀନ୍ ସହିତ ଯୁଦ୍ଧ-ଘୋଷଣା ଯୋଗୁ ବିଶ୍ୱର ଶାନ୍ତିକାମୀ ବିଶିଷ୍ଟ ବୁଦ୍ଧିଜୀବୀ ନୋବେଲ୍ ପୁରସ୍କାର ବର୍ଟ୍ରାଣ୍ଡ ରସେଲ୍ ନେହେରୁଙ୍କୁ ସମାଲୋଚନା କରିବାକୁ ପଛେଇ ନ ଥିଲେ ।

Digitized by srujanika@gmail.com

ରସେଲ୍ ସେ ସମୟରେ ଗଣିତ ଓ ଦର୍ଶନଶାସ୍ତ୍ରର ଚର୍ଚ୍ଚା ଛାଡ଼ି 'ବିଶ୍ୱଶାନ୍ତି' କୁ ତାଙ୍କର ଏକମାତ୍ର ଦର୍ଶନ ଭାବେ ଗ୍ରହଣ କରିନେଇଥିଲେ । ନିଜ ଉଦ୍ୟମରେ ବିଶ୍ୱର ଯୁବାଜନଙ୍କୁ ଶାନ୍ତିପଥ ପ୍ରତି ଆକୃଷ୍ଟ କରିବାକୁ ସେ 'ଶାନ୍ତିପ୍ରତିଷ୍ଠାନ' ବା 'Peace Foundation' ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ି ସାରିଥିଲେ । ମନେ ଅଛି ମୋର ଅନ୍ତରଙ୍ଗ ସହପାଠୀ ଚନ୍ଦ୍ରଶେଖର ଗୋଟିଏ 'ଦାର୍ଶନିକ ସମସ୍ୟା'ର ବ୍ୟାଖ୍ୟା ନିମନ୍ତେ ରସେଲ୍‌ଙ୍କୁ ଚିଠି ଲେଖିଲେ । ରସେଲ୍ ଲେଖିଥିଲେ – 'ପ୍ରଶ୍ନଟି ତୁମେ ଅନ୍ୟ କେଉଁ ପ୍ରଫେସରଙ୍କୁ ପଚାରି ଉତ୍ତର ବୁଝିନିଅ । ମୋତେ କୁହ – ତୁମେ ମୋ 'ଶାନ୍ତିପ୍ରତିଷ୍ଠାନ'ର ସଦସ୍ୟ ହେବାକୁ ଆଗ୍ରହୀ କି ?' ତାଙ୍କ ମତରେ ଯେ କୌଣସି ଏକାଡ଼େମିକ୍ ଓ ଫିଲୋସଫିକାଲ୍ ଚର୍ଚ୍ଚାଠାରୁ ବିଶ୍ୱଶାନ୍ତି ଅଧିକ ଜରୁରୀ ।

ରସେଲ୍ ଥିଲେ ଆଧୁନିକ ମୁକ୍ତଚିନ୍ତନର ଅଗ୍ରଗାମୀ ପୁରୁଷ । ଦୂରରେ ଥିଲେ ବି, ଦର୍ଶନର ସୁଯୋଗ ମିଳି ନ ଥିଲେ ମଧ୍ୟ ମୁଁ ତାଙ୍କୁ ମନେ ମନେ ଗୁରୁ କରି ସାରିଥିଲି । ଏକା ମୁଁ ନୁହଁ ସମଗ୍ର ବିଶ୍ୱର ବହୁ ଯୁବାଜନ ତାଙ୍କର ଶିଷ୍ୟତ୍ୱ ବରଣ କରିଥିଲେ ସେତେବେଳେ । ଗଣିତ ଓ ଦର୍ଶନଶାସ୍ତ୍ରରେ ତାଙ୍କ ପ୍ରତିଭାର ଆକଳନ ମୋ' କ୍ଷମତାର ବାହାରେ ଥିଲା । କିନ୍ତୁ ସାହିତ୍ୟ ସୃଷ୍ଟି ଭିତରେ ତାଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣପ୍ରକାଶ ଘଟିଥିଲା, ଯାହାର ପ୍ରଭାବ ଥିଲା ଶୁଭଙ୍କର । ତାଙ୍କ ଜୀବନ ଚରିତ (ସେତେବେଳେ ପ୍ରକାଶ ପାଇ ନ ଥିଲା) ସେଇପରି ଅନୁଧ୍ୟାନ ସାପେକ୍ଷ । ସୁସ୍ଥ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ପ୍ରଥମରେ ସ୍ୱଦେଶରେ ଅଧ୍ୟାପକ ପଦଟିଏ ମଧ୍ୟ ତାଙ୍କୁ ମିଳି ନ ଥିଲା, ସୁଦୂର ଚୀନରେ ଶିକ୍ଷକତା କଲେ, ଗଣିତ ଓ ଦର୍ଶନ ଉଭୟ ବିଦ୍ୟାରେ ଉତ୍କୃଷ୍ଟ ନିବନ୍ଧ ଓ ଯୁଗାନ୍ତକାରୀ ତର୍ଜମା କରିଥିଲେ ମଧ୍ୟ ଅଧ୍ୟାପନା ବୃତ୍ତିରେ ପଦୋନ୍ନତିଟିଏ ମିଳିବା ଥିଲା ଦୁରୁହ ବ୍ୟାପାର । ନୋବେଲ୍ ପୁରସ୍କାର ପାଇ ସ୍ୱଜାତିର ମୁଖ ଉଜ୍ଜ୍ୱଳ କଲେ । ତା' ସତ୍ତ୍ୱେ ବିଶ୍ୱଶାନ୍ତିର ପକ୍ଷଭୁକ୍ତ ହେବା ପରେ ତାଙ୍କର ନିର୍ଭୀକ-ମତାମତ ନିମନ୍ତେ ତାଙ୍କୁ ବୁଢ଼ାକାଳରେ ମଧ୍ୟ ହାଜତରେ ରହିବାକୁ ପଡ଼ିଥିଲା ।

ଏଥିରେ ବିଚିତ୍ର କ'ଣ ଅଛି, ଯେଉଁ ପୃଥିବୀରେ ଏକଦା ସକ୍ରେଟିସ୍‌ଙ୍କୁ କାରାଗାର ମଧ୍ୟରେ ବିଷପାନ କରି ଆତ୍ମହତ୍ୟା କରିବାକୁ ପଡ଼ିଥିଲା, ଗାଲିଲିଓଙ୍କୁ ଜେଲ୍ ଭୋଗିବାକୁ ପଡ଼ିଥିଲା, ଆର୍ଯ୍ୟଭଟଙ୍କ ଗୃହରେ ନିଆଁ ଲଗାଇ ଦିଆଯାଇଥିଲା, କାର୍ଲମାର୍କସ୍‌ଙ୍କୁ ପାଗଳ ଆଖ୍ୟା ଦେଇ ଟେକାପଥର ଫିଙ୍ଗାଯାଇଥିଲା – ଶତାବ୍ଦୀ ଶତାବ୍ଦୀର ଅନ୍ତର ହୋଇଥିଲେ ବି ରସେଲ୍ ତ ସେଇପୃଥିବୀର ମଣିଷ । ଦୁଃଖର କଥା ମୃତ୍ୟୁ ପରେ ରସେଲ୍‌ଙ୍କୁ ଏକାଡେମିକ୍-ସ୍ତରରେ ଆବଦ୍ଧ କରି ରଖି ଦିଆଗଲା । ରାଜତନ୍ତ୍ର (Monarchy)କୁ ତଥାପି ମୁଣ୍ଡେଇଥିବା ସମାଜ ତାଙ୍କ ନିର୍ଭୀକ ଦର୍ଶନର ଧାର ଧାରିଲେ ନାହିଁ ।

Digitized by srujanika@gmail.com

ବନ୍ଧୁ ଚନ୍ଦ୍ରଶେଖର ସହିତ ବର୍ଷ ବର୍ଷ ଧରି ସଂଜ-ସକାଳ ବିତାଇବା ଫଳରେ ମୁଁ ଆଧୁନିକ ଦର୍ଶନଶାସ୍ତ୍ରର ପ୍ରବକ୍ତା ଓ ଉଦ୍‌ଗାତାଙ୍କ ବିଷୟରେ ପ୍ରଥମରୁ କୌତୂହଳୀ ଥିଲି । 'ଭାରତୀୟ ଦର୍ଶନ କଂଗ୍ରେସ'ର ସଦସ୍ୟ ହୋଇଯାଇଥିଲି । ୧୯୬୨ରେ ଶାନ୍ତିନିକେତନ ଠାରେ 'ଦର୍ଶନ କଂଗ୍ରେସ'ର ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା ସମ୍ଭବତଃ ଶାରଦୀୟ ଅବକାଶରେ । ଘରକୁ ନ ଯାଇ ମୁଁ ଅଟକି ଯାଇଥିଲି । ସ୍ୱେଚ୍ଛାସେବକର ବ୍ୟାଜ୍‌ଟିଏ ମୋତେ ମିଳିଥିଲା । ଉତ୍କଳାଗତ ଅତିଥିମାନଙ୍କୁ ବୋଲ୍‌ପୁର ଷ୍ଟେସନ୍‌ରୁ ପାଛୋଟି ଆଣିବା ଓ ନିର୍ଦ୍ଧାରିତ ରହଣି ସ୍ଥାନରେ ପହଞ୍ଚାଇ ଦେବା ମୋର କାମ ଥିଲା । ମନେ ଅଛି – ସେଥର ଓଡ଼ିଶାରୁ ପ୍ରଫେସର୍ ଡକ୍ଟର ଗଣେଶ୍ୱର ମିଶ୍ର ଗୋଟିଏ ସେସନ୍‌ର ସଭାପତି ହୋଇଥିଲେ ଏବଂ ଶଙ୍କରାଚାର୍ଯ୍ୟଙ୍କ ଭାଷା ଓ ଶବ୍ଦତତ୍ତ୍ୱର ଦାର୍ଶନିକ ତର୍ଜମା କରିଥିଲେ । ପ୍ରଫେସର୍ ମିଶ୍ର ଉତ୍କଳ ୟୁନିଭର୍ସିଟିର ପଦମଣ୍ଡନ କରିବା ପୂର୍ବରୁ ଫକୀରମୋହନ କଲେଜ ଅଧ୍ୟକ୍ଷ ଥିଲେ, ମୁଁ ଛାତ୍ର ଥିବା ବେଳେ (୧୯୫୭ରେ) । ସେପରି ଏକ ଜଟିଳ ବିଷୟ ବୁଝିବାର ସାମର୍ଥ୍ୟ ମୋର ନ ଥିଲା, କାରଣ ନିବନ୍ଧ ଲେଖକମାନେ ଯେଉଁ ଟର୍ମିନୋଲଜି ବା ପରିଭାଷା ବ୍ୟବହାର କରୁଥିଲେ ତା' କେବଳ ଦର୍ଶନ ବା ତର୍କଶାସ୍ତ୍ରର ଛାତ୍ର-ଅଧ୍ୟାପକମାନଙ୍କୁ ଲକ୍ଷ୍ୟ କରି ପ୍ରସ୍ତୁତ ହେଉଥିଲା । ମୋ' ପରି ଶ୍ରୋତା ସେଠି କାଳ ଭଳି ବସିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ତେବେ ପ୍ରଫେସର୍ ମିଶ୍ରଙ୍କ ନିବନ୍ଧ ତଥା ସଭାପତି-ଭାଷଣର ଉଚ୍ଚ ପ୍ରଶଂସା ତରୁଣ ଓ ପ୍ରବୀଣ ଦର୍ଶନବିତ୍‌ମାନେ କରୁଥିବା ଶୁଣିଲି । ପ୍ରଫେସର୍ ମିଶ୍ର ମୋଟା କାଚ୍‌ର ଚଷମା ପିନ୍ଧୁଥିଲେ । ସେ କ'ଣ କ'ଣ ଖାଇବେନି ସେ ବିଷୟରେ ସୂଚ଼ନା ଦେଲେ । ଆଳୁ, ଭାତ, ମିଠା, ଲଙ୍କା ଆଦି ସେ ଛାଡ଼ି ଦେଇଥିଲେ । କାହିଁକି ଛାଡ଼ି ଥିଲେ ସେ ବିଷୟ ବୁଝିବାକୁ ମୁଁ ପ୍ରଶ୍ନ କରି ନ ଥିଲି, ତାହା କାଳେ ଅନଧିକାର ଚର୍ଚ୍ଚା ହେବ । ସେତେବେଳେ 'ଡାଇବେଟିସ୍' ଶବ୍ଦଟା ଏକା ମୋ' କାନରେ କାହିଁକି ଅନେକଙ୍କ କାନରେ ପଡ଼ି ନ ଥିଲା । ଶବ୍ଦଟା ଆଜି ଭଳି ଏତେ ବ୍ୟାପକ କ୍ଷେତ୍ରରେ ଜଣାଶୁଣା ହୋଇ ନ ଥିଲା ତ !

ଆଉ ଜଣେ ବିଶିଷ୍ଟ ଓଡ଼ିଆ ଦର୍ଶନ – ପ୍ରଫେସର୍ ସେଇ କଂଗ୍ରେସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସେ ହେଉଛନ୍ତି ପ୍ରଫେସର ଯତୀନ୍ଦ୍ର ନାଥ ମହାନ୍ତି । ବହୁ ଖ୍ୟାତି ସଂପନ୍ନ । କଲିକତା ବିଶ୍ୱବିଦ୍ୟାଳୟର ସମ୍ମାନଜନକ ବ୍ରଜେନ୍ଦ୍ରନାଥ ସିଲ୍ ପ୍ରଫେସର ପଦରେ ଅଧିଷ୍ଠିତ ଥିଲେ । ବୟସ ବେଶୀ ହୋଇ ନ ଥିଲା, କିନ୍ତୁ ତୁଳନାରେ କୃତିତ୍ୱ ଥିଲା ବହୁତ ଅଧିକ । ଏମ୍.ଏ ଡିଗ୍ରୀ ହାସଲ କରିବା ପରେ କିଛିଦିନ 'ଭୂଦାନ ଆନ୍ଦୋଳନ'ରେ ବିନୋବାଜୀଙ୍କ ସହଯାତ୍ରୀ ଥିଲେ । 'ବିନୋବା ବିଚାରର ଧାରା' ଶୀର୍ଷକ କ୍ଷୁଦ୍ର ପୁସ୍ତକଟି ମଧ୍ୟ ସେ ଲେଖିଛନ୍ତି ଓଡ଼ିଆରେ । ସଦା ହସହସ, ପ୍ରଶାନ୍ତଚିତ୍ତ, ଉଜ୍ଜ୍ୱଳଚକ୍ଷୁ ଓ ନମ୍ରଭାଷୀ, ଯାହା ଜ୍ଞାନୀଜନଙ୍କର ଚିରକାଳର ଭୂଷଣ ତା' ଥିଲା ତାଙ୍କଠି । ତାଙ୍କ ସହିତ ପରିଚ଼ିତ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେ କଲି ।

Digitized by srujanika@gmail.com

ଦିନେ କଥା ପ୍ରସଙ୍ଗରେ ମୁଁ ତାଙ୍କୁ ମୋ' କ୍ଷୋଭଟି ନିବେଦନ କଲି । କହିଲି ଆପଣମାନେ ଯାହା ଲେଖୁଛନ୍ତି ସବୁ ବିଦେଶୀ ଭାଷାରେ, ଯାହା ଛପା ହେଉଛି ବିଦେଶୀ ପତ୍ରିକାରେ, ଲୋକ-ଭାଷାରେ ସେସବୁର ପୁନର୍ପ୍ରଯୋଜନା ନ ହେଲେ ଆମେ ଜାଣିବୁ କ'ଣ ? ଆପଣମାନେ ଏଠି ଜୀବନ, ପ୍ରକୃତି ଓ ଜଗତ ସମ୍ବନ୍ଧରେ ଅତି ଉଚ୍ଚାଙ୍ଗ କଥାଗୁଡ଼ିଏ ବ୍ୟକ୍ତ କରୁଛନ୍ତି । କିନ୍ତୁ ତଥ୍ୟାବଳୀ ଲୋକ-ମଞ୍ଚରେ ପ୍ରବେଶ କରୁ ନାହିଁ ବୋଲି, ପୂର୍ବେ ଯେପରି ଏବେ ସେପରି, ଜନସାଧାରଣ ସେଇ ଅଷ୍ଟାଦଶ ଶତାବ୍ଦୀର ବାବାଜୀଙ୍କ ଶରଣାପନ୍ନ ହେଉଛନ୍ତି, ସେମାନଙ୍କ ପାଦସେବା କରୁଛନ୍ତି । ଆଧୁନିକ ଦର୍ଶନ ଓ ଚିନ୍ତାଧାରା ସହିତ ସେମାନଙ୍କ କର୍ମଧାରାର କିଛି ମେଳ ରହୁନାହିଁ । ଡକ୍ଟର ମହାନ୍ତି ହସିଲେ । କହିଲେ-'ତୁମର କ୍ଷୋଭ ଅସଙ୍ଗତ ନୁହଁ । ଓଡ଼ିଆ ବଙ୍ଗଳା ପ୍ରଭୃତି ଲୋକ-ଭାଷାଗୁଡ଼ିକୁ ଏ ପର୍ଯ୍ୟନ୍ତ 'ତର୍କ-ଉପଯୋଗୀ' କରିବାର ଉଦ୍ୟମ ହୋଇ ନ ଥିବା ବାସ୍ତବିକ ଦୁଃଖର କଥା ।'

ସେଦିନରୁ ଆଜି ପର୍ଯ୍ୟନ୍ତ ସେଇ ପ୍ରଶ୍ନ ମୋତେ ଆନ୍ଦୋଳିତ କରି ରଖିଚି । କିନ୍ତୁ କ'ଣ କରାଯିବ ? ଓଡ଼ିଆଭାଷୀଙ୍କ ମଧ୍ୟରେ ବିଦ୍ୱାନ୍‌ଙ୍କ ଅଭାବ ନାହିଁ, ଅଭାବ ଅଛି ଶ୍ରଦ୍ଧାର ଓ ସଂକଳ୍ପର ।

ମୋ'ପରି ଦରପାଠୁଆର କ୍ଷୋଭ ଅବାନ୍ତର । ବନ୍ଧୁ ଚ଼ନ୍ଦ୍ରଶେଖର ସମୟ ସମୟରେ ମୋତେ ପରିହାସ କରି କହୁଥିଲା – "you are smuggling philosophy" ଅର୍ଥାତ୍ – "ତୁ ଦର୍ଶନଶାସ୍ତ୍ରର ଚୋରା କାରବାର କରୁଛୁ ।" ମୁଁ ମାନିଲା ଭଳି ଉତ୍ତର ଦେଉଥିଲି – "oh yes; every poet is a smuggler", ଅର୍ଥାତ୍ - "ସତ କଥା, କବି ମାତ୍ରକେ ଜଣେ ଜଣେ ଚୋରାକାରବାରୀ । କେତେବେଳେ ଦର୍ଶନରୁ ତ କେତେବେଳେ ବିଜ୍ଞାନରୁ, କେତେବେଳେ ଇତିହାସରୁ ତ କେତେବେଳେ ଭୂଗୋଳରୁ ମାଲ୍ ଚୋରେଇ ଆଣି କବିତା ବେପାରଟି ଚାଲୁ ରଖିଥାନ୍ତି ।"

Digitized by srujanika@gmail.com

।। ସତେଇଶି ।।

ଆମ ଓଡ଼ିଶା ଭଳି ଶାନ୍ତିନିକେତନରେ ୬ଟା ଋତୁ ସ୍ପଷ୍ଟ ବାରି ହୋଇପଡୁଥିଲା । ଯେତେବେଳେ ଗରମ ହେଉଥିଲା ବହୁତ ଗରମ ହେଉଥିଲା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ବିଜ୍ଞପ୍ତି ଜରିଆରେ ସତର୍କ କରି ଦିଆଯାଉଥିଲା ଖରାବେଳେ ଏପଟ ସେପଟ ନ ହେବାକୁ । ଶୀତର ପ୍ରକୋପ ସେଇପରି ପ୍ରଚଣ୍ଡ ଥିଲା । ଦେହ ଥରି ଯାଉଥିଲା ରାତି ୯ଟା ବାଜିଲେ । ବର୍ଷା ଋତୁ ମଧ ଠିକ୍ ବର୍ଷା ଋତୁ ଭଳି ପୂରା ୨ମାସ ଧରି ଦୁରୁଦୁରୁଗୁରୁଗୁରୁ ହେଉଥିଲା, ବିଜୁଳି ଛମ୍ ଛମ୍ କରୁଥିଲା, ଶରୀର ସହିତ ମନପ୍ରାଣ ଓଦା ହୋଇ ଯାଉଥିଲା ଆମର । ଭାଦ୍ରଅମାସର ଶେଷ ପର୍ଯ୍ୟନ୍ତ ବାରମ୍ବାର ଦେଖିବାକୁ ମିଳୁଥିଲା ଇନ୍ଦ୍ରଧନୁ । 'ଇନ୍ଦ୍ରଧନୁ'କୁ ଲକ୍ଷ୍ୟ କରି ଓଡ଼ିଆ ନାଁ ଦିଆ ବା ଧନ୍ଦାର ଅନୁସରଣରେ ଲେଖିଥିଲି ଗୋଟିଏ ଦ୍ୱି-ପଦୀ । ତା' ବୋଧହୁଏ ଶିଶୁ କବିତା କ୍ଷେତ୍ରରେ ଥିଲା ମୋର ପ୍ରଥମ ପ୍ରୟାସ । ଓଡ଼ିଆ ନାଁ ଦିଆଟି ହେଲା:

''ସୁନାର ପଇତା ଛିଡ଼ିଚି କେହି ଯୋଡ଼ିତେ ନାହିଁ

ଅହିଅ ଡେଙ୍ଗୁରା ବାଜୁଚି କେହି ମରିତେ ନାହିଁ ।'' ଅର୍ଥ : ବିଜୁଳି ଓ ଘଡ଼ଘଡ଼ି । ତା' ଅନୁସରଣରେ ମୁଁ ଲେଖିଥିଲି :

''ଧନୁଟିଏ ପଡ଼ି ରହିଚି କେହି ଧରିତେ ନାହିଁ
ତୀର ତାର ହଜି ଯାଇଚି କେହି ଖୋଜିତେ ନାହିଁ ।
ଗୋଟି ଗୋଟି କରି ସାତଟି ରଙ୍ଗ ଦିଶୁଚି ତୋରା
ଏଇନେ ରହିଚି, ଉଭେଇ ଯିବ ଏଇନେ ପରା ।''

ଶରତ ଋତୁର ଶେଷ ଓ ଶିଶିରର ଆରମ୍ଭ ଅତ୍ୟନ୍ତ ଶାନ୍ତିପ୍ରଦ ସମୟ ଶାନ୍ତିନିକେତନରେ । 'ମହାଳୟା'ର ଠିକ୍ ପୂର୍ବଦିନ ଅନୁଷ୍ଠିତ ହେଉଥିଲା ପିଲାଙ୍କ ଉଦ୍ୟମରେ 'ଆନନ୍ଦ ବଜାର' । ତା'ପରଠୁ ବିଶ୍ୱଭାରତୀର ଛୁଟି । ଏକ ମାସ ପାଇଁ ସବୁ ବନ୍ଦ । ହଷ୍ଟେଲ୍ ଖାଲି ହୋଇଯାଉଥିଲା । ଅଧିକାଂଶ ଅଧ୍ୟାପକ ନିଜ ନିଜର ଗାଁକୁ ଚାଲି ଯାଉଥିଲେ । ଲାଇବ୍ରେରି, ଷ୍ଟଡ଼ିରୁମ୍ ଇତ୍ୟାଦି ମଧ ଦୁର୍ଗାପୂଜାର ଏପଟ-ସେପଟ ମିଶି ପନ୍ଦର ଦିନ ଧରି ବନ୍ଦ ରହୁଥିଲା । ସେଇ ସମୟଟା ଭାରି ଖାଁ ଖାଁ ଲାଗେ । କେଉଁଠି

Digitized by srujanika@gmail.com

କେହି ନ ଥାନ୍ତି । ମୁଁ କିନ୍ତୁ ସେଇ ଛୁଟିରେ କୌଣସି ଥର ଘରକୁ ଯାଏନି । କାରଣ ସେତେବେଳେ ଶୀତ-କି-ବର୍ଷା-କି-ଗରମ ନ ଥାଏ । ପଢ଼ାପଢ଼ି ଓ ଲେଖାଲେଖି ପାଇଁ ତାହା ହିଁ ପ୍ରକୃଷ୍ଟ ସମୟ ବୋଲି ମୁଁ ମନେ କରେ । ୧୯୬୦ ପୂଜା ଛୁଟିରେ ବସି ପ୍ରଥମ ଉପନ୍ୟାସ ‘ବଢ଼ିପାଣିର ଦାନ୍ତ’ ଲେଖିଥିଲି, ଛପା ହେବାକୁ ସିନା ବର୍ଷାଧିକ ସମୟ ଲାଗି ଯାଇଥିଲା ।

ଶାନ୍ତିନିକେତନରେ ଶାରଦୀୟ ପ୍ରକୃତିର ନିଜସ୍ୱ ବେଶଭୂଷା ଥିଲା । ସେଇ ଶରତ ଋତୁରେ ମୁଁ ସେଠି ଆବିଷ୍କାର କରିଥିଲି ସୁନାଝରି ବା ସ୍ୱର୍ଣ୍ଣଝରିର ଲାବଣ୍ୟ । ବର୍ଷା ଛାଡ଼ିବା ମାତ୍ରେ ସୁନାଝରି ପୁଷ୍ପିତ ହୁଏ, ତା’ର ପ୍ରତି ପତ୍ର ସନ୍ଧିରୁ ଝୁଲି ପଡ଼େ ଫୁଲ, ସୁନା ଝରି ପଡ଼ିଲା ଭଳି ଦିଶେ । ଗଛଟା କାଳେ ବିଦେଶୀ, ଅଷ୍ଟ୍ରେଲିଆରୁ କିମ୍ବା ଅନ୍ୟ କେଉଁ ଦ୍ୱୀପରୁ ଆସିଚି, ଉଦ୍ଭିଦ ବିଜ୍ଞାନୀମାନେ କହନ୍ତି – ‘ଆକାଶିଆ’ । ସେତେବେଳେ ‘ସୁନାଝରି’ ଓଡ଼ିଶାରେ ନ ଥିଲା । ଏବେ ରାସ୍ତାକଡ଼ରେ ସୁନାଝରିର ବଣ ସୃଷ୍ଟି କରାହୋଇଛି ସରକାରୀ ଉଦ୍ୟମରେ । ଲୋକେ ବି କହନ୍ତି ଆକାଶିଆ, ତାର ସୌନ୍ଦର୍ଯ୍ୟକୁ ଭିତ୍ତିକରି ରବୀନ୍ଦ୍ର ପ୍ରଦତ୍ତ ‘ସ୍ୱର୍ଣ୍ଣଝରି’ ନାମଟି କେହି କୁହନ୍ତି ନାହିଁ । ଶାରଦୀୟ ଅବକାଶରେ ସେଠି ରହିବା ଯୋଗୁ ‘ସୁନାଝରି’ ସହିତ ମୋର ଆତ୍ମୀୟତା ବଢ଼ିଯାଇଥିଲା । ଅନେକ କବିତାରେ ତା’ କଥା ଲେଖିଚି ମୁଁ । କେବେ ଭାବିନି ସେଇଟା ବିଦେଶୀ କି ଦେଶୀ । ପ୍ରକୃତି ରାଇଜରେ ପୁଣି ଦେଶୀ ବିଦେଶୀ କ’ଣ ? ଶାନ୍ତିନିକେତନରେ ଶାରଦୀୟ ଶୋଭାର ତୁଳନା ନାହିଁ । ଯେତେ ଧରଣର ଶାଗୁଆ ଗଛ ଲତା ଅଛି ସବୁରି ପତ୍ର ସନ୍ଧିରେ ମୁହଁ ଦେଖାନ୍ତି ହଳଦୀଗୁରୁଗୁରୁ ବା ନାଲି ଗୁଲୁଗୁଲୁ ଫୁଲ । ପ୍ରାଣ ପୂରି ଯାଏ । ବର୍ଷାମାଡ଼ର ଆତଙ୍କ ନ ଥିବାରୁ ଛୋଟ ଛୋଟ ଗଛମାନେ ନିଜ ନିଜର ଫୁଲଟିମାନ ଧରି ଠିଆ ହୋଇପଡନ୍ତି ନିର୍ଭୟରେ । ଆଶ୍ରମ ବାହାରେ, କେନାଲ୍ କୂଳେ କୂଳେ, ରେଳ ରାସ୍ତାର ଦୁଇ ପଟ ହୁଡ଼ାରେ, ଖୁଆଇରେ ଶଣଫୁଲର ଧାଡ଼ି ଧାଡ଼ି ପତାକା ଉଡୁଥାଏ ।

ତେବେ ଭଲ ସହୃଦୟ ଋତୁ ବେଶୀଦିନ ରହେନି, କ୍ୟାଲେଣ୍ଡରର ତାରିଖ କିମ୍ବା ପଞ୍ଜିକାର ନିର୍ଘଣ୍ଟ ନ ମାନି ଆଗତୁରା ଉଭାନ୍ ହୋଇଯାଏ । ଶରତ ଉଭେଇ ଯାଏ, ପାହାନ୍ତା ପହରରେ ଶୁଣାଯାଏ ଠୋପା ଠୋପା କାକର ପଡ଼ିବାର ଶବ୍ଦ । ଜଣେଇ ଦିଏ ଶରତ ଗଲାଣି ।

ସର୍ବମାନ୍ୟ ଅତିଥି ବସନ୍ତ କାଳର ଅବସ୍ଥା ମଧ୍ୟ ସେଇଆ । ହଠାତ୍ ଆସିଯାଏ, ଚାରିଦିଗ ଲାଲ୍ କରିପକାଏ, ଖେଳିଯାଏ ଉନ୍ମାଦନା । ଶିମୁଳି ଫୁଲକୁ ଚିହ୍ନିବା ଆଗରୁ ବନ୍ଧୁତା କରିବା ଆଗରୁ ଫୁଟି ଝଡ଼ି ପଡ଼ିଥାଏ ତଳେ । ମନ ଖରାପ ହୁଏ । ବାସ୍ତବିକ ପୁଷ୍ପିତ ବସନ୍ତକୁ ଅନୁଧ୍ୟାନ କରିବା ସହଜ କାମ ନୁହେଁ । ବାସନ୍ତୀ ଶାନ୍ତିନିକେତନ ଶାରଦୀୟ

Digitized by srujanika@gmail.com

ପରି କମନୀୟ ଓ ନମ୍ର ଦିଶେନି । ତା'ର ଲାବଣ୍ୟ ଭିତରେ ଗୋଟାଏ ଔଦ୍ଧତ୍ୟ ଥିବା ପରି ମୋତେ ଲାଗେ । ହଁ, କବି ପାଇଁ ଚାରିପଟୁ ଆହ୍ୱାନ୍ ଘେରି ପଡ଼େ । ମୁଁ ବାଧ ହୁଏ ନତଜାନୁ ହୋଇ ପ୍ରାର୍ଥନା କରିବାକୁ – ହେ ଦେବୀ ! ମୁଁ କ୍ଷୁଦ୍ର, ନଗଣ୍ୟ, ତୁଚ୍ଛାତିତୁଚ୍ଛ । ମୋର ଆଖି କାହିଁ ଧରିବାକୁ ତୁମର ସୌନ୍ଦର୍ଯ୍ୟ ? ମୋ ନିକଟରେ ଶବ୍ଦ କାହିଁ ବର୍ଣ୍ଣନା କରିବାକୁ ତୁମର ଲାବଣ୍ୟ ? ତୁମେ ମୋ ଭିତରେ ପ୍ରକଟ ହୁଅ, ବିରାଜମାନ ହୁଅ, ପ୍ରବାହିତ ହୁଅ ମୋର ରକ୍ତଧାରାରେ ।

ପରମୁହୂର୍ତ୍ତରେ ମୁଁ ଅନୁଭବ କରେ ମୋ' ମୁଣ୍ଡ ଉପରେ ରେଣୁ ରେଣୁ ଶାଳଫୁଲ ପଡୁଛି, ଶିମୁଳି ଫୁଲ ମୋର ହୃତ୍‌ପିଣ୍ଡ ହୋଇ ଯାଇଚି । ଯୁଆଡ଼େ ଆଖି ପଡ଼େ ଦେଖେ ବାସନ୍ତୀ ପ୍ରକୃତିର ଅଖଣ୍ଡ ସ୍ମିତ ହାସ୍ୟ । ମନେ କରେ ମୋର ନିବେଦନ ବୃଥା ଯାଇନି, ମୋର ଅଭ୍ୟନ୍ତର ବାସନ୍ତୀ ପ୍ରକୃତିର ନିଜ ପୀଠ ହୋଇଯିବା ପରି ଲାଗେ । ବାସ୍ତବିକ କୌଣସି ଏକ ଶୁଭକ୍ଷଣପରଠୁ ମୋ' ଜୀବନଟା ଏକ ବିରାମହୀନ ସୁଦୀର୍ଘ ବସନ୍ତଋତୁରେ ପରିଣତ ହୋଇଯାଇଛି । ପୂତିଗନ୍ଧମୟ ଆବର୍ଜନାପୂର୍ଣ୍ଣ ଦୁନିଆ ଭିତରେ ଥାଇ ମଧ ମୁଁ ସେଥିପାଇଁ ବଞ୍ଚିରହିପାରିଚି ।

Digitized by srujanika@gmail.com

।। ଅଠେଇଶି ।।

ମୋ' ବାପା ଗଣେଶ୍ୱର ଅଗ୍ନିହୋତ୍ରୀ ୧୯୪୯ ରୁ ୧୯୫୩ ଭିତରେ କେତେଗୁଡ଼ିଏ ନାଟକ ଲେଖିଥିଲେ । ସେତେବେଳେ ନାଟକ ଭିତରେ ଗୀତ ମଧ୍ୟ ରହୁଥିଲା । ସେଇ କାରଣରୁ ସେ ଅନେକଗୁଡ଼ିଏ ଗୀତ ଲେଖିଥିଲେ ଯାହା ନାଟକ ଭିତରେ ସଂଯୁକ୍ତ ଥିଲା । ଯେତେବେଳେ ମୁଁ ସେସବୁ ଶୁଣିଥିଲି । ହୁଏତ ସେଇ ପ୍ରଭାବରୁ ମୁଁ ମଧ୍ୟ ଚେଷ୍ଟା କରିଥିଲି କିଛି ଗୀତ ଲେଖିବାକୁ, ଯେଉଁ ଗୁଡ଼ିକର ସାଂଗୀତିକତା ସନ୍ଦେହଜନକ ଥିଲା । ପରୀକ୍ଷା କରିବାର ଅବକାଶ ଓ ସୁଯୋଗ ନ ଥିଲା ଓଡ଼ିଶାଠାରୁ ଦୂରରେ ଥିବାରୁ । ସ୍ୱର-ସଂଯୋଜନା କରିବ କିଏ ? ଅବଶ୍ୟ ଗୋଟିଏ ଗୀତର କାମଚଳା ସ୍ୱର କରି ଗାଇଥିଲେ ମୋର ଅଳ୍ପଦିନର ଛାତ୍ର ତଥା ବନ୍ଧୁ ଅଧ୍ୟାପକ ହୀରକ କୁମାର ପ୍ରାମାଣିକ (ଏବେ ଅବସର ପ୍ରାପ୍ତ) । ଗୀତଟିର ପ୍ରଥମ ପଦ ଥିଲା ଏଇପରି :

''ଅନ୍ଧାର ମୋତେ ଭଲ ଲାଗେ ବୋଲି
ଅନ୍ଧାର ପଥ ବାଛିବି କି
ଭଲ ଲାଗେ ବୋଲି ଧୂଳିଆ ସଡ଼କ
ସଡ଼କର ଧୂଳି ହୋଇବି କି –'' ଇତ୍ୟାଦି

ଯାଜପୁରଠାରେ ଜଣେ ଆତ୍ମୀୟ ସୁର୍ କରିଥିଲେ ଆଉ ଗୋଟିକର: ଯଥା –

''ତୁମେ କୋଟି ସୁଷମାର ଫୁଲ ଯଦି
ଆଉ ଫୁଲ ମୁଁ କିଣିବି ନାହିଁ ତ
ସେଇ ସୁଷମାରେ ଯଦି ମଧୁ ଥାଏ
ଆଉ ମଧୁ ମୁଁ କିଣିବି ନାହିଁ ତ ।'' ଇତ୍ୟାଦି

ରାଜେନ୍ଦ୍ର କଲେଜର ବାର୍ଷିକ ନାଟ୍ୟୋତ୍ସବ ଅବକାଶରେ 'ସୂର୍ଯ୍ୟସ୍ନାନ' ନାଟକର ନାୟକ ପାଇଁ ମୋର ଗୋଟିଏ ପୁରୁଣା ଗୀତ ବଛା ହୋଇଥିଲା, ଗାଇଥିଲେ ଜଣେ ଛାତ୍ର ଦୟାନନ୍ଦ ମିଶ୍ର । ଗୀତର ଆରମ୍ଭଟି ଥିଲା ଏଇପରି ଯଥା :

''ମୋ' ଆଖିରୁ ସବୁନିଦ ଯିଏ ହରି ନେଇଚି
କି ଉପମା ଦେବି ତାର ଆଖିକୁ'' – ଇତ୍ୟାଦି ।

Digitized by srujanika@gmail.com

ଗୀତଟି ବଲାଙ୍ଗିରରେ କିଛି ଦିନ ପାଇଁ ଜନପ୍ରିୟ ହୋଇଥିଲା । ଏଇପରି କିଛି କିଛି ଲେଖି ପକେଇଥିଲେ ମଧ ସଂଗୀତ ଯେ ମୋର କ୍ଷେତ୍ର ନୁହେଁ ଏହା ଅନୁଭବ କରିଥିଲି । ଚଳନ୍ତି ଗୀତମାଳାର ସ୍ୱାଦୁ ଓ ଧୁନ୍ ସହିତ ମୋ' ରଚନାର କିଛି ମେଳ ନ ଥିଲା । ସେତେବେଳେ ଅବଶ୍ୟ 'ଗୀତ ବଜାର' ଆଜି ଭଳି ମୁଖରିତ ନ ଥିଲା, କ୍ୟାସେଟ୍ କମ୍ପାନି ବାହାରି ନ ଥିଲେ କିମ୍ବା ମାଳ ମାଳ ଗାୟକ-ଗାୟିକା ନ ଥିଲେ । ପୂଜାରେ କି ଉତ୍ସବବେଳେ ଆଜିକା 'ମେଲଡ଼ି'ର ଜମାଣ ସେତେବେଳେ ଥିଲା କଳ୍ପନାତୀତ । ସେତେବେଳେ କଲେଜରେ ପିଲାଏ ନାଟକ କରୁଥିଲେ, ଗୀତ ଗାଉଥିଲେ, ବାହାରୁ 'ମେଲଡି' ଦଳ ଆଣି ଉପଭୋଗ କରୁ ନ ଥିଲେ । ଗୀତ ଲେଖକମାନେ ଚାହିଁ ବସିଥିଲେ 'ଆକାଶବାଣୀକୁ' । ଆକାଶବାଣୀ ଯାହାଙ୍କୁ ସ୍ୱୀକୃତି ଦେଉଥିଲା କେବଳ ସେଇମାନଙ୍କ ଗୀତ ବୋଲା ହେଉଥିଲା । ଏବେ ସେ ଦୁରବସ୍ଥା ନାହିଁ । ରେଡ଼ିଓ, ଟି.ଭି., କ୍ୟାସେଟ୍ କମ୍ପାନି, ମେଲଡି ଦଳଙ୍କ ସହଯୋଗରେ ଗୀତର ବଜାର ସରଗରମ୍ । 'ଚଳଚ୍ଚିତ୍ର' ଜଗତ ପୁଣି ରୀତିମତ ଗୀତ ବରାଦ କରୁଛି । ଗୀତିକାରଙ୍କ ପକ୍ଷରେ ଏହା ସୁସମୟ । ଛାତ୍ରାବସ୍ଥାରେ ଗୀତରେ ଯାହା ଲେଖିଥିଲି ମୋ' ଜୀବନ କ୍ଷେତ୍ରରେ ତା' ସତ୍ୟ ପ୍ରମାଣିତ ହୋଇଗଲା ଲେଖିଥିଲି (୧୯୬୩ରେ)–

''ତରାଟିଏ ହୋଇ ଫୁଟିବାକୁ ମୁଁ ଯେ
ଦିନେ କରିଥିଲି ଆଶା
ଘୁଞ୍ଚିଗଲା ମୋ ଆଶାର ଆକାଶ
ପାଇଲା ନାହିଁ ମୋ ଭାଷା ।''

ଭାବ, ଅନୁଭବ, ସୁର୍ ଓ ସଙ୍ଗୀତରେ ଏତେ ପରିବର୍ତ୍ତନ ହେଲା ଯେ ମୁଁ ତାଳ ଖୋଜି ପାଇଲିନି ।

ବେଳେ ବେଳେ ଛାତି ଭିତରେ ସୁର୍ ସବୁ ଖଣ୍ଡିଆଭୂତ ପରି ଉଠନ୍ତି । କିଛି ସମୟ ପାଇଁ ଶିରା-ପ୍ରଶିରା ମଧ ଦୁଲ୍‌କି ଯାଏ, କିନ୍ତୁ ତା'ପରେ ସୁର୍ ମରିଯାଏ । ପୁନରାବୃତ୍ତି କରିବାକୁ ଇଚ୍ଛା କଲେ ମଧ ସ୍ମରଣ କରି ଚିହ୍ନଟ କରିହୁଏନି ସେହି ବାଉଳା ଖଣ୍ଡିଆ ଭୂତର ଗତିପଥ । ତେଣୁ ବୁଝିହେଉଛି, ହୃଦ୍‌ବୋଧ ହେଉଛି କାହିଁକି ରବୀନ୍ଦ୍ର ନାଥ କିମ୍ବା କବିସୂର୍ଯ୍ୟ, ବନମାଳି, ଗୋପାଳକୃଷ୍ଣ ଆଦି ଗୀତିକାରଙ୍କୁ ଏତେ ମହାନ୍ କୁହାଯାଏ । ଅନ୍ତରର ଦୁର୍ଲଭ ଉଦ୍‌ବେଳନକୁ ସାଂଗୀତିକ ବନ୍ଧନରେ ନିୟନ୍ତ୍ରଣ କରି ସେମାନେ ଶ୍ରୋତୃ ସମାଜର ମନ-ପ୍ରାଣ କିଣି ନେଇଛନ୍ତି ।

ଓଡ଼ିଆରେ ଆଧୁନିକ ଗାୟନର ରୂପ-ଭେକ ସମ୍ବନ୍ଧରେ ମୋର କିଛି ପରିଚୟ ହୋଇପାରି ନ ଥିଲା । ସଙ୍ଗୀତ ଆସରମାନଙ୍କରେ ତଥାପି ରହିଥିଲା ପୁରୁଣା 'ଗାୟକ'

Digitized by srujanika@gmail.com

ପ୍ରତି ସମାଦର । ଦୀନକୃଷ୍ଣଙ୍କ –''ଜଗବନ୍ଧୁ ପରି ଜଣେ ସାମନ୍ତ/ନାହିଁ ନାହିଁ ତ'' ବା କବି ସମ୍ରାଟଙ୍କ –''ମାନ ଉଦ୍ଧାରଣ କର ହେ ତାରଣ/ଭାସି ଯାଉଚି ମୁଁ ଭବ ଜଳେ...'' ବା ବନମାଳିଙ୍କ – ''ଜଗନ୍ନାଥ ହୋ କିଛି ମାଗୁନାହିଁ ମୁଁ ତୋତେ/ଧନ ମାଗୁନାହିଁ, ଜନ ମାଗୁନାହିଁ/ ମାଚୁଚି ଶରଧାବାଲିରୁ ହାତେ'' ଆଦି ଭକ୍ତିଗୀତ ସହିତ – ଉପେନ୍ଦ୍ର ଭଞ୍ଜଙ୍କ – ''ଆଜ ଦେଖିଲିରେ ନବୀନବୟସୀ ବାଳା...'' ବା କବିସୂର୍ଯ୍ୟଙ୍କ 'ରତିପ୍ରତିମା ତୁ କରକ୍ଷମାରେ....' ବା ଗୋପାଳକୃଷ୍ଣଙ୍କ ''ଶ୍ୟାମକୁ ଜୁହାର ତାର ପ୍ରେମକୁ ଜୁହାର ମା...'' ଆଦି କେତେ ନା କେତେ ଶୃଙ୍ଗାରଗୀତ କାନରେ ବାଜୁଥିଲା । ସ୍କୁଲ୍‌ରେ ପ୍ରବର୍ତ୍ତିତ ପ୍ରର୍ଥନାଗୀତ ଅଥବା ରାଧାନାଥ, ମଧୁସୂଦନ, ଗଙ୍ଗାଧରଙ୍କ ପ୍ରଣୀତ କୌଣସି ଗୀତ କେହି ଜଣେ କେଉଁ ଆସରରେ ବୋଲିବା ମୁଁ ଶୁଣି ନ ଥିଲି । ଏପରିକି କବି ମାୟାଧର ମାନସିଂହଙ୍କ ଅତ୍ୟନ୍ତ ଲୋକପ୍ରିୟ ରଚ଼ନା 'ଏଇ ସହକାର ତଳେ.....' ବୋଲିବାକୁ କେଉଁ ଗାୟକ ପ୍ରୟାସ କରି ନ ଥିଲେ । କେବଳ ଜଣେ ଆଧୁନିକ ଗୀତିକାରଙ୍କ ରଚ଼ନା କେବେ କେଉଁଠି ଶୁଣିବାକୁ ମିଳୁଥିଲା, ତା' ହେଉଛି କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୃଷ୍ଟି ସମୂହ । କାରଣ ସେ ଥିଲେ ସର୍ବବାଦୀସମ୍ମତ ଗୀତିକାର । ଆଧୁନିକ ଗୀତିସାହିତ୍ୟର ସଫଳ ସ୍ରଷ୍ଟା । ବହୁ ଅବକାଶରେ ତାଙ୍କର ଉଦାସ ସଂଗୀତମାନ ଶୁଣିବାକୁ ମିଳୁଥିଲା ଓଡ଼ିଶାରେ । ''ସବୁଥିରୁ ବଞ୍ଚିତ କରି କେଉଁ ଯଶଃବାନା ଉଡାଇବ ହେ'' ବା ''ଭଙ୍ଗା ମୋର ଡଙ୍ଗା ଖଣ୍ଡିକ'', ବା ''ଆରେ ମୋର ବାଇଆ ରଜା ଦେ' ମୋତେ ବାଉ୍ରଆ କରି...'' ଇତ୍ୟାଦି ଗୀତଗୁଡ଼ିକରେ ବିମର୍ଷ ଭାବ ଫୁଟି ଉଠିଥିଲା ବୋଲି ବୋଧେ ଗୁଣୁଗୁଣେଇବାକୁ ଭଲ ଲାଗୁଥିଲା ନିରୋଳାରେ । ସେ ତ ନିଜେ ଗୋଟେ ଗୀତରେ ସୂଚେ଼ଇଥିଲେ, ଯଥା: ''ଫୁଲଟି ଯେବେ ମୋର ଯାଏ ଝରି/ସେ ତ କୁଞ୍ଜବନେ ଯାଇ ଫୁଟଇ ହେ । ଗୀତଟି ଯେବେ ମୋର ଯାଏ ସରି ସେତ ଗୁଂଜରଣେ ଜାଗି ଉଠଇ ହେ ।'' କିନ୍ତୁ ସ୍ୱାଧୀନତା ଆନ୍ଦୋଳନ ସମୟରେ ଯେଉଁ ମହାନ୍ ଗୀତିକାରମାନେ ଉଦ୍‌ବୋଧନ ଗୀତ ରଚ଼ନା କରି ସହସ୍ର ସଂଗ୍ରାମୀଙ୍କୁ ସଂକଳ୍ପବଦ୍ଧ କରି ରଖିଥିଲେ ତହିଁରୁ ଗୋଟିଏ ବି 'ଗୀତ' ନୂଆ ସମୟର ଗାୟକଙ୍କ କଣ୍ଠରେ ନ ଥିଲା ।

ମୁଁ କହିବି ସଙ୍ଗୀତଶାସ୍ତ୍ରୀମାନେ ସ୍ୱାଧୀନ ଭାରତର ବାଳକ-ବାଳିକା ଓ ଯୁବକ-ଯୁବତୀଙ୍କ ପ୍ରାଣରେ କିଛି ଉନ୍ମାଦନା, ଦେଶ ପ୍ରେମ କି କର୍ତ୍ତବ୍ୟବୋଧ ଖେଳାଇବାକୁ ଗାଉ ନ ଥିଲେ । ତାଙ୍କଠି ନୂଆ ଚେ଼ତନା ପ୍ରତି ଆଦର ନ ଥିଲା । ତେଣୁ ଶ୍ରୋତୃ ସମାଜ ଜାଣି ନ ଥିଲେ ଜାତୀୟ କବି ବୀରକିଶୋର କ'ଣ ଲେଖିଛନ୍ତି, ବାଞ୍ଛାନିଧି ମହାନ୍ତି କ'ଣ ଲେଖିଛନ୍ତି । ଗାୟକଙ୍କ ଅଯତ୍ନ ବା ବଦ୍‌ଖିଆଲ ବା ଅପାରଗତା ଯୋଗୁ ଗୋଟାଏ ଯୁଗର ଗୀତ ହଜିଗଲା, ଆମ ଉପରେ ତା'ର ସୁପ୍ରଭାବ ରହିଲା ନାହିଁ । ଖାଲି ବାଲ୍ୟାବସ୍ଥାରେ ନୁହେଁ ଉଦ୍ଦାମ ଯୌବନକାଳରେ ମଧ ତାଙ୍କ ପ୍ରାଣର ବୀର୍ଯ୍ୟବାନ୍ ଧୁନ୍ ଆମ ଛାତିରେ

Digitized by srujanika@gmail.com

ବାଜିଲା ନାହିଁ କେବଳ ଗାଇବା ଲୋକଙ୍କ ଅଭାବରୁ । ଭାରତବର୍ଷ ସ୍ୱାଧୀନ ହେବା ସତ୍ତ୍ୱେ ନବ-ଚେତନାର ଯେ ଅଭ୍ୟୁଦୟ ଘଟିଲା ନାହିଁ ତା' କେବଳ ଏଇ ଧରଣର ସାଂସ୍କୃତିକ ଅସହଯୋଗରୁ । ବେସରକାରୀ ଉଦ୍ୟମରେ ଯେଉଁଠି ଯେଉଁଠି ସଙ୍ଗୀତ-ଶିକ୍ଷା ସଦନ ବା ଆଖଡ଼ା ଥିଲା ତା' ଭିତରେ ରାଧା-କୃଷ୍ଣଙ୍କ ନାଁରେ ଉତ୍ସବ ହେଉଥିଲା, ପ୍ରେମ-ଗୀତର ଅଭ୍ୟାସ ଚାଲିଥିଲା ।

ଆପଣମାନେ ଜାଣନ୍ତି ଉତ୍କଳ ସମ୍ମିଳନୀର କୌଣସି ଏକ ଅଧିବେଶନରେ ପ୍ରାରମ୍ଭିକ ସଙ୍ଗୀତ ଥିଲା ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ', ଯାହା ସମୟକ୍ରମେ ଓଡ଼ିଆ ଜାତିର 'ମହାସଙ୍ଗୀତ' ପାଲଟି ଯାଇଛି । କିନ୍ତୁ କେଉଁ ପ୍ରସିଦ୍ଧ ସଂଗୀତ ଶିଳ୍ପୀ କିମ୍ବା ପାଲାଗାୟକ 'ଉଠ କଙ୍କାଳ' ବୋଲି ଥିବାର ଦୃଷ୍ଟାନ୍ତ ମୋ' ସ୍ମୃତିରେ ଅନ୍ତତଃ ନାହିଁ । ଆମର ସଂଗୀତଜ୍ଞମାନେ ଯେ ଜନଜାଗରଣଗୀତ ଗୁଡ଼ିକ ପ୍ରତି ଅବହେଳା ପ୍ରଦର୍ଶନ କରିଛନ୍ତି – ଏହା ଆମକୁ ସ୍ୱୀକାର କରିବାକୁ ହେବ ।

ବର୍ତ୍ତମାନର ଅତ୍ୟାଧୁନିକ ଗୀତ ସାମାଜିକ କର୍ତ୍ତବ୍ୟବୋଧ ବା ଜନାଙ୍ଗୀକାର ପ୍ରତି ଏକାନ୍ତ ଉଦାସୀନ । ମନମୋହନ ମିଶ୍ରଙ୍କ ସଦୃଶ କେତେଜଣ ଅଙ୍ଗୀକାରବଦ୍ଧ କବି ନିଜେ, ଲେଖି, ନିଜେ ସୁର୍ ଦେଇ ନିଜେ ବୋଲି ପାରୁଥିଲେ ବୋଲି ଧାରାଟି ଏକାନ୍ତ ବିଲୁପ୍ତ ହୋଇ ନ ଥିଲା ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ । କିନ୍ତୁ ଅଙ୍ଗୀକାରବଦ୍ଧ ଗୀତ ଓ କବିତାକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିବା ଅମଲାତନ୍ତ୍ର ଓ ରାଜ୍‌ନେତାବର୍ଗ ସେସବୁର ସଂରକ୍ଷଣ ଓ ସମୃଦ୍ଧି ଦିଗରେ ପ୍ରୋତ୍ସାହନ ସୃଷ୍ଟି କଥା ଚିନ୍ତା କରି ନାହାନ୍ତି । ଫଳରେ ଜନଶକ୍ତି ଅଜାଗ୍ରତ, ଦୁର୍ବଳ ଓ ବିଭ୍ରାନ୍ତ ହୋଇଯାଇଛି । ଏବେ ବି ଓଡ଼ିଆ ଲୋକେ ଦାରିଦ୍ର୍ୟକୁ ଭାଗ୍ୟର ବିପର୍ଯ୍ୟୟ ବା ଈଶ୍ୱରଙ୍କ ଅଭିଶାପ ରୂପେ ଗ୍ରହଣ କରିବା ମନୋବୃତ୍ତି ପରିତ୍ୟାଗ କରି ନାହାନ୍ତି । ଗୀତଗୁଡ଼ିକୁ କେବଳ ମନୋରଞ୍ଜନର ପଣ୍ୟ ଭାବରେ ବିଚାର କଲେ କେମିତି ହେବ । କେବଳ ସମର୍ପଣଭାବ ଯଥେଷ୍ଟ ନୁହେଁ, ଗୀତ ନାମକ ଶକ୍ତିଶାଳୀ ମାଧ୍ୟମ ଜରିଆରେ ବ୍ୟକ୍ତିପ୍ରାଣରେ ଆତ୍ମବିଶ୍ୱାସ ଭରିଦେବା, ମୃତପ୍ରାୟକୁ ସଚେତ କରିବା, ଶୋଷିତକୁ ପ୍ରତିବାଦ ଶକ୍ତି ଦେବା, ଆଶାର ଆଲୋକ ଦେବା, ବଞ୍ଚିବା ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା ଉଚିତ ନୁହେଁ କି ? ତା' ନ ହେଲେ ତାହା ଜୀବନାନୁମୋଦିତ ହୋଇପାରିବନି, ସାହିତ୍ୟ ହୋଇପାରିବନି, କେବଳ ମନୋରଂଜନର ଉପାଦାନ ହୋଇ ରହିଯିବ । ସଙ୍ଗୀତ ମଧ୍ୟ ଏକ ପୁଣ୍ୟକର୍ମ, ବାସ୍ତବରେ ଯଦି ତାହା ସ୍ଥାଣୁ ପ୍ରାଣରେ ଜୀବନ ସଂଚାର କରିବାକୁ ସକ୍ଷମ ହୁଏ ।

ଅତ୍ୟାଧୁନିକ ଓଡ଼ିଆଗୀତର ସ୍ୱରଝଂକାର ସହିତ ମୋର ପରିଚୟ ସେଇ ଶାନ୍ତିନିକେତନରେ ହିଁ ହୋଇଥିଲା । ଦେବୀ ପ୍ରସନ୍ନ ସାର୍‌ଙ୍କ ପତ୍ନୀ ସ୍ୱର୍ଗୀୟ ସୁଲକ୍ଷଣା

Digitized by srujanika@gmail.com

ପଟ୍ଟନାୟକ ଜଣେ ସୁଗାୟିକା ଥିଲେ, 'ଆକାଶବାଣୀ'ର କଳାକାର ରୂପେ ସ୍ୱୀକୃତି ପାଇଥିଲେ ମଧ୍ୟ । ସ୍ୱର୍ଗତଃ ଅକ୍ଷୟ ମହାନ୍ତି ତାଙ୍କର ସାନ ଭାଇ । ତେଣୁ, ଦେବୀ ସାର୍ ଆମେରିକାରୁ ଫେରିବା ପରେ ଥରେ, ବୋଧହୁଏ ୧୯୬୨ (ମାର୍ଚ୍ଚ)ରେ, ଅକ୍ଷୟ ମହାନ୍ତି ଯାଇଥିଲେ ବନ୍ଧୁ ଭାବେ । ସେଇ ଅବସରରେ ଦେଖା । ଯଦିଓ ପୂର୍ବରୁ ଥରେ 'ୟୁଥ୍ ଫେଷ୍ଟିଭାଲ୍'ରେ କଟକରେ ତାଙ୍କୁ ଦେଖିଥିଲି ୧୯୫୮ରେ । ଅକ୍ଷୟ ମହାନ୍ତି ସେତେବେଳେ ତରୁଣ, କିନ୍ତୁ ଗୀତ ଦୁନିଆରେ ଏକ ଚହଳ ଥିଲେ । ଗୋଟିଏ ଛୋଟ କାଟର୍ ଆସର ଆୟୋଜିତ ହେଲା ଦେବୀ ସାର୍‌ଙ୍କ ସହଯୋଗ କ୍ରମେ । ଅକ୍ଷୟ ମହାନ୍ତି ସେଠି ସେତେବେଳର ନୂଆ ଗୀତ ... ''ଫୁଲ ଦେଲି, ଫୁଲ ନେଲି, ଫୁଲ ଗଜରା କଲି....'', ''ନଦୀର ନାମ ଅଳସକନ୍ୟା....'' ପ୍ରଭୃତି କେତୋଟି ଗୀତ ଗାଇଥିଲେ । ପୂର୍ବରୁ ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠରୁ ଶୁଣିଥିଲି (ରେଡିଓ ଜରିଆରେ) – ''ଆଜି ପାହନା ରାତି/ପକ୍ଷୀ ଗାଅନା ମାତି/ଭାଙ୍ଗିଯିବ ଯେ ପ୍ରିୟାର ମଧୁ ତନ୍ଦ୍ରଭରା ତାତି...'' ମନେ ରଖିଲା ଭଳି ଗୀତଟିଏ । କିନ୍ତୁ ତା'ର ଝଂକାରଠାରୁ ଅକ୍ଷୟ ମହାନ୍ତିଙ୍କ ଆବେଗର ଭାଷା ଓ ସ୍ୱର ଥିଲା ବହୁତ ଅଲଗା । କହିବା ବାହୁଲ୍ୟ – ଆତ୍ୟାଧୁନିକ ଓଡ଼ିଆ ଗୀତରେ ନାନାବିଧ ପରୀକ୍ଷା ଓ ପ୍ରୟୋଗ କରି ଅକ୍ଷୟ ମହାନ୍ତି ଅମରତ୍ୱ ଲାଭ କରିଛନ୍ତି । ତାଙ୍କ ପ୍ରତି ଏଇ ଆଲେଖ୍ୟ ଜରିଆରେ ମୁଁ ମୋର ଶ୍ରଦ୍ଧା ନିବେଦନ କରୁଛି ।

Digitized by srujanika@gmail.com

।। ଅଣତିରିଶି ।।

ଛାତ୍ରଜୀବନର ଅନ୍ତିମବର୍ଷ (୧୯୬୨-୬୩)। ସେ ସମୟର ଋଷିପ୍ରତିମ ସମାଜସେବୀ ଭୂଦାନ ଆନ୍ଦୋଳନର ମହାନାୟକ 'ବିନୋବା ଭାବେ' ପଦଯାତ୍ରା କରି ଶାନ୍ତିନିକେତନରେ ପହଞ୍ଚିଥିଲେ। ବିଶ୍ୱଭାରତୀୟ ତରଫରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, 'ଛତିମ ତାଲା ମଣ୍ଡପରେ। ପ୍ରାରମ୍ଭରେ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ନରସିଂହ ମେହେଟାଙ୍କ ଲେଖା ଗୁଜୁରାଟି ଗୀତ ''ବୈଷ୍ଣବଜନ ତୋ ତେନ କହେ ଯେ.....'' ବୋଲଗଲା। ଗୀତଟି ଭିତରେ ଯେଉଁ ମହାନୁଭବତା ଓ ପ୍ରେମ ଅଛି ତା' ବାସ୍ତବିକ ଅନ୍ୟତ୍ର ଦୁର୍ଲ୍ଲଭ। ସେଇ ହେଉଛି ପରମ ବୈଷ୍ଣବ ଯିଏ ମନରେ ପର ଆପଣା ଭେଦ ରଖେନି, ସବୁବେଳେ ଅନ୍ୟର ଦୁଃଖରେ ସମଦୁଃଖୀ ହୁଏ। ଗୀତଟି ପ୍ରଥମ ଥର ଶୁଣିଲି ସେଇ ଅବକାଶରେ, ପୂର୍ବରୁ କେବେ ସେ ସୁଯୋଗ ମିଳି ନ ଥିଲା। ଗୀତଟିର ବକ୍ତବ୍ୟରେ ବ୍ୟକ୍ତିର 'ପାପ' ବୋଧ ଭଳି କୌଣସି ନ-କାରାତ୍ମକ ଜୀବନବିରୋଧୀ ଚିନ୍ତାଧାରା ନ ଥିଲା, ନ ଥିଲା 'ମୁକ୍ତି'ର ପ୍ରୟାସ, ଥିଲା କେବଳ ମାନବପ୍ରେମର ସ୍ୱଚ୍ଛ ଜଳଧାରା। ମନେ ମନେ ତୁଳନା କରିଥିଲି ଭୀମ ଭୋଇଙ୍କ ଡାକ – ''ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ''। ବାସ୍ତବିକ ସେଭଳି ତ୍ୟାଗଦୀପ୍ତ ବ୍ୟକ୍ତିଙ୍କ ଉଦ୍‌ଘୋଷଣର ତୁଳନା ନାହିଁ।

ଭୂଦାନ ଯଜ୍ଞର ଉଦ୍ଦେଶ୍ୟ ଥିଲା ବିଶାଳ ଭୂମ୍ୟଧିକାରୀଙ୍କ ଠାରୁ ଯତ୍‌ସାମାନ୍ୟ 'ଭୂ' ଦାନ ରୂପେ ଗ୍ରହଣ କରି ଭୂ-ବିହୀନମାନଙ୍କୁ ଅର୍ପଣ କରିବା। ତା' ଏକ କ୍ଷୁଦ୍ରସେତୁ ବନ୍ଧନ ଜମିମାଲିକ ଓ ଜମିହୀନଙ୍କ ମଧ୍ୟରେ। କିନ୍ତୁ ଅନେକେ ଚାହୁଁ ନ ଥିଲେ କୋଟି କୋଟି ଭୂମିହୀନଙ୍କ ଭବିଷ୍ୟତ ଏପରି ଜମିରାଜାଙ୍କ ଦୟା-ଦାକ୍ଷିଣ୍ୟ ଉପରେ ଛାଡ଼ି ଦେବାକୁ। କାରଣ କଠୋର ନିଷ୍ଠୁର ଜମିମାଲିକଙ୍କ ହୃଦୟ ସହଜରେ ତରଳେ ନାହିଁ। ତରଳିବାକୁ ଶତାବ୍ଦୀ ଶତାବ୍ଦୀ ଲାଗିଯାଏ। ବୁଢାବାପ ହଁ କଲେ ଟୋକା ପୁଅ ନା କରେ। ତେଣୁ ଦୟା-ଦାକ୍ଷିଣ୍ୟ ଉପରେ ନିର୍ଭର କରି ନବ-ଭାରତ ଗଠନର ସ୍ୱପ୍ନ ଦେଖାଯାଇ ନ ପାରେ। କିନ୍ତୁ ବିକଳ୍ପ କ'ଣ ? ବିକଳ୍ପ ଚିନ୍ତାଧାରା ଥିଲା ଭାରତୀୟ ସୁବିଧାବାଦୀ ଜମିମାଲିକ ଓ ପୁଞ୍ଜିପତିଙ୍କ ନିମନ୍ତେ ଏକ ଭୟାନକ ସ୍ୱପ୍ନ। କାରଣ ଭାରତବର୍ଷର ଆରପାରି ଚୀନ ଦେଶରେ ସେଇ ଭୟାନକ ଡିଣ୍ଡିମ ବାଜି ଚାଲିଥିଲା ସେତେବେଳେ। କୁହାଯାଇପାରେ 'ସମାଜବାଦୀ' ଆନ୍ଦୋଳନର ବୈପ୍ଳବିକ କାର୍ଯ୍ୟକ୍ରମର ସ୍ୱପ୍ନକୁ ଲୋକଙ୍କ

Digitized by srujanika@gmail.com

ମନରୁ ପୋଛି ଦେବା ପାଇଁ ସମ୍ଭବତଃ ଅନେକେ ସ୍ୱତଃ ବିନୋବାଙ୍କୁ ସମର୍ଥନ କରିଚାଲିଥିଲେ ।

ରହଣିକାଳର ଶେଷଦିନ ଅପରାହ୍ଣର ବିନୋବା ବିଶ୍ୱଭାରତୀର ବରିଷ୍ଠ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିଲା । ସଭା ହେଲା ଉତ୍ତରାୟଣର ଖୋଲା ସ୍ଥାନରେ । ବିନୋବା ଆମକୁ ବାରମ୍ବାର ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ପରାମର୍ଶ ଦେଲେ । କଥା ପ୍ରସଙ୍ଗରେ ଗୁରୁକୁଳ ଆଶ୍ରମର ମହତ୍ତ୍ୱ ବଖାଣିଲେ, ତା' ସହିତ କହିଲେ – "ସ୍କୁଲ୍ କଲେଜ ଗୁଡ଼ିକରେ ରାତିରେ ଶିକ୍ଷାଦାନର ବ୍ୟବସ୍ଥା ହେଉ । ଦିନ ବେଳେ ଯୁବକମାନେ କାମ କରିବାକୁ ଯାଆନ୍ତୁ ।" ଅତି ଭଲ କଥା, ଶୁଣିବାକୁ ମଧ୍ୟ ଆଉରି ଭଲ । ସାଧାରଣ ଜନ-ସେବାରେ ସେ ଯେଉଁ କଥା ଶିଷ୍ୟ-ପ୍ରଶିଷ୍ୟଙ୍କ ଆଗରେ କହୁଥିଲେ ବିଦ୍ୱାନ୍ ପ୍ରଫେସର୍ ଓ ବରିଷ୍ଠ ବିଦ୍ୟାର୍ଥୀଙ୍କ ଆଗରେ ଠିକ୍ ସେଇପରି ସେଇ ପ୍ରସଙ୍ଗ ବ୍ୟକ୍ତ କରିବାରୁ ଜଣା ପଡ଼ିଲା ବୁଢାଟିର ଉଦ୍ଦେଶ୍ୟ ମହତ୍, କିନ୍ତୁ ତାଙ୍କର ସ୍ଥାନ-କାଳ ପାତ୍ର ଜ୍ଞାନର ଅଭାବ ରହିଥିଲା ।

ଭାଷଣ ଶେଷ ହେବା ପରେ ବିନୋବାଙ୍କ ତରଫରୁ ତାଙ୍କର ଜଣେ ସହଯୋଗୀ ଓ ସହଯାତ୍ରୀ (ସମ୍ଭବତଃ ମନମୋହନ ଚୌଧୁରୀ) ଜିଜ୍ଞାସୁମାନଙ୍କ ଠାରୁ ପ୍ରଶ୍ନ ଆହ୍ୱାନ କଲେ । ମନେ ଅଛି-ଛାତ୍ରଜୀବନରେ ଆଧ୍ୟାତ୍ମିକ ଭାବନାର ପ୍ରାସଙ୍ଗିକତା ଓ ସାଧନ ସଂପର୍କରେ ମୁଁ ଦୁଇଟି ପ୍ରଶ୍ନ ପଚାରିଥିଲି । ସେ ଚିଡ଼ି ଉଠିଥିଲେ । କହିଲେ – "ମୋ ସହିତ ପଦଯାତ୍ରା କଲେ ବୁଝିପାରିବ । ଉପାଚାର୍ଯ୍ୟଙ୍କ ସମେତ ସବୁ ବିଭାଗୀୟ ମୁଖ୍ୟ ଓ ପ୍ରଫେସର୍‌ବୃନ୍ଦ ଉପସ୍ଥିତ ଥିଲେ । ମୁଁ ନିଜକୁ ଅପମାନିତ ମନେ କଲି । ସୌଜନ୍ୟ ଦୃଷ୍ଟିରୁ ଚୁପ୍ ରହିବାକୁ ହେଲା । ସଭା ପରେ ବିଦ୍ୟାଭବନର ଅଧକ୍ଷ ଡକ୍ଟର ଭଟ୍ଟାଚାର୍ଯ୍ୟ ମୋ' ପିଠି ଥାପୁଡ଼ାଇ ବହଲେଇ ଦେଲେ –"Forget"

ଯୁବ ବିଦ୍ୟାର୍ଥୀଙ୍କୁ ସାମ୍ନା କରିବାକୁ ହେଲେ ବକ୍ତାମାନଙ୍କର ପ୍ରଥମ ଆବଶ୍ୟକତା ହେଲା ଧୈର୍ଯ୍ୟଶକ୍ତି । ଯାହାଙ୍କଠି ସେପ୍ରକାର ଷ୍ଟାମିନା (stamina)ର ଅଭାବ ସେ ଯୁବ ସାମ୍ମୁଖ୍ୟକୁ ଏଡ଼େଇ ଯିବାଟା ଭଲ ।

ବିଶ୍ୱଭାରତୀର ନିୟମ-ଶୃଙ୍ଖଳା ଯୁବମାନସବୁ ସିନା ବାନ୍ଧି ରଖିଥିଲା, କିନ୍ତୁ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଶୁଣନ୍ତେ କାହିଁକି ? ତାହା ହିଁ ଘଟିଥିଲା ଶୁଣିଲି – କଲିକତା ବିଦ୍ୟାସାଗର କଲେଜର ଛାତ୍ରଙ୍କ ଗହଣରେ ବିନୋବାଜୀ ସମାନ ଧରଣର ପ୍ରଶ୍ନକୁ ଆଡ଼େଇ ଦେଇ ପାରି ନ ଥିଲେ । ପିଲାଏ ପ୍ରଶ୍ନମାଳା ଜରିଆରେ ଯେଉଁ ବାସ୍ତବ ଓ ସାମାଜିକ ସତ୍ୟ ଠିଆ କଲେ ତା' ତାଙ୍କ ଆଧ୍ୟାତ୍ମିକ ଭାବନାକୁ ଦୋହଲାଇ ଦେଇଥିଲା ।

Digitized by srujanika@gmail.com

ତେବେ ବିନୋବାଜୀ ସେ କାଳର ମଣିଷ, ଅତି ଭଲ ମଣିଷ । ତାଙ୍କ ଭିତରେ ଭାରତବର୍ଷର ନାଗରିକଙ୍କ ନିମନ୍ତେ ସଦ୍‌ଭାବନା ପୂରି ରହିଥିଲା ।

ଘଟଣାର ବହୁଦିନ ପଛରେ ବୋଲ୍‌ପୁରର ସିନେମା ହଲ୍‌ରେ ତାଙ୍କ ଜୀବନୀ ଉପରେ ଆଧାରିତ ପ୍ରମାଣିକ ଚଳଚିତ୍ରଟିଏ ଦେଖିବାର ସୁଯୋଗ ପାଇଲି । ଚିତ୍ରଟି ନିର୍ମାଣ କରିଥିଲେ ନିଜେ ସତ୍ୟଜିତ୍ ରାୟ । ଦେଶ ସେବାରେ ମଣିଷ ସେବାରେ ନିଜକୁ ଉତ୍ସର୍ଗ କରି ଯୁବା ବୟସରେ ବିନୋବାଜୀ ଗୃହତ୍ୟାଗ କରିବାର ଦୃଶ୍ୟ ଏବେ ବି ମୋତେ ଦିଶିଯାଏ । ତା' ଭିତରେ ଏତେ କାରୁଣ୍ୟ ଥିଲା ଯେ ସେଇ ଅନ୍ଧାର ଭିତରେ ମୁଁ କାନ୍ଦି ପକେଇଥିଲି । ତାଙ୍କ ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ବଢ଼ିଯାଇଥିଲା । ଉତ୍ସର୍ଗୀକୃତ ପ୍ରାଣର ସେ ଏକ ବିରଳ ଦୃଷ୍ଟାନ୍ତ । ମନସ୍ତାପ କଲି, ସେଦିନ ତାଙ୍କୁ ଆଦରି ଯାଇ ଯଦି କେଇଦିନ ପଦଯାତ୍ରା କରିଥା'ନ୍ତି, ତେବେ ସମ୍ଭବତଃ 'ଭଲପାଇବାର' ଆଉ ଏକ ଦିଗ ଅନୁଭବ କରିଥାନ୍ତି, ଦେଖି ପାରିଥା'ନ୍ତି ଭିନ୍ନ ଏକ ଆକାଶ, ଏକ ଭିନ୍ନ ବିସ୍ତାର । ମୁଁ ନିଜେ ତ ସେ ସୁଯୋଗ ହରେଇଥିଲି, କହିବି କାହାକୁ ।

ଘଟଣାର ବହୁବର୍ଷ ପରେ ଖବରକାଗଜରୁ ବିନୋବାଜୀଙ୍କ ଚମ୍ବଲ୍ ଯାତ୍ରାର କାହାଣୀ ପଢ଼ିଲି । ସହାଯାତ୍ରୀମାନେ ବିନୋବାଜୀଙ୍କୁ ଅନୁନୟ କରିଥିଲେ – ''ଆଗରେ ଚମ୍ବଲ୍ ପଡ଼ିବ । ପଦଯାତ୍ରା କରିବା ନିରାପଦ ନୁହେଁ ।'' ବିନୋବାଜୀ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ – ''କାହିଁକି, ଚମ୍ବଲ୍ ଉପତ୍ୟକା କ'ଣ ଧରିତ୍ରୀରୁ ଅଲଗା ?'' ସହଯାତ୍ରୀମାନେ ଉତ୍ତର ଦେଇଥିଲେ – ''ନା, ତା' ନୁହେଁ, କିନ୍ତୁ ତା' ଭିତରେ ଦୁର୍ଦ୍ଧର୍ଷ ଡକାୟତମାନେ ବସବାସ କରନ୍ତି ।'' ବିନୋବାଜୀ କହିଥିଲେ – ''କ'ଣ ହେଲା ସେଥୁ, ଡକାୟତମାନେ କ'ଣ ମଣିଷ ନୁହନ୍ତି ?'' ଆରମ୍ଭ ହୋଇଥିଲା, ଚମ୍ବଲରେ ପଦଯାତ୍ରା ଏବଂ ତା'ର ପରିଣାମ ଭାରତବର୍ଷ ତଥା ମଣିଷ ସମାଜ ପାଇଁ କେଡ଼େ ମଙ୍ଗଳପ୍ରଦ ହୋଇଥିଲା ତା' ମୁଁ ଏଠି ଉଲ୍ଲେଖ କରିବା ଆବଶ୍ୟକ ନାହିଁ । ବିନୋବାଜୀଙ୍କ ନିଚୋଳ ଆତ୍ମବିଶ୍ୱାସ ପଛରେ ଥିଲା ମଣିଷର ଭଲପଣିଆ ଉପରେ ଗଭୀର ଆସ୍ଥା । ସେ ଆସ୍ଥା ଆସିଥିଲା ପ୍ରେମ ଓ ସଦ୍‌ଭାବନାରୁ ।

ଏବେ ବି ଶ୍ୱେତବସ୍ତ୍ର ପରିହିତ ସନ୍ନ୍ୟାସୀଟିଏ ଦେଖିଲେ ମନେ ପଡ଼ନ୍ତି ବିନୋବାଜୀ । ସେ କହୁଥିଲେ – 'ଧଳା ପିନ୍ଧିଲେ ମଇଳାକୁ ଲୁଚେଇ ରଖିବାର ଅଭ୍ୟାସ ଦୂର ହେବ । ବ୍ୟକ୍ତି ସ୍ୱଚ୍ଛ ହେବ ।' କିନ୍ତୁ ଆମେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଘରର ସନ୍ତାନଗଣ ଅତିଶୟ ସ୍ୱଚ୍ଛ ରହିବାର କଳ୍ପନା କରିପାରିବୁ ନାହିଁ । ଅସ୍ତିତ୍ୱ ପାଇଁ ମିଥ୍ୟାର ଆଶ୍ରୟ ନେବାକୁ ପଡ଼ିବ । ଏକାନ୍ତ ସ୍ୱଚ୍ଛତା ଗୃହୀର ଜୀବନକୁ ପଦେ ପଦେ ବିପନ୍ନ କରିବ । ସ୍ୱଚ୍ଛ ସାମାଜିକ ଜୀବନ ଏକ ଆଦର୍ଶ ନିଶ୍ଚୟ, କିନ୍ତୁ କେଇ ଜଣ ସଂସାରୀ

Digitized by srujanika@gmail.com

ତାହା ଧାରଣ କରିପାରିବେ ? ଆମେ ନିଜର ମଳିନତାକୁ ଲୁଚେଇ ଲୁଚେଇ ଶେଷରେ ମାନସିକ ନିର୍ଯ୍ୟାତନା ଭୋଗ କରିଥାଉଁ । ତା ସତ୍ତ୍ୱେ ମଳିନତାକୁ ତ୍ୟାଗ କରିପାରୁନା । ଛୋଟ ଛୋଟ ମିଛରେ ଆମର ବାସ୍ତବ ଜୀବନ ଗଢ଼ା ହୋଇନି କି ?

ଊନବିଂଶ ଶତକର ଷଷ୍ଠ ଦଶକରେ 'ଆଧ୍ୟାତ୍ମିକ ଚେତନା' କଥା ବ୍ୟକ୍ତ କରିବା ଭାରତବର୍ଷରେ ଏକ ବୌଦ୍ଧିକ ଆଭିଜାତ୍ୟ ରୂପେ ଗୃହୀତ ହେଉଥିଲା ଏବଂ ସେଇ ଦଶକର ଶେଷ ଆଡ଼କୁ ଅନେକ spiritual leader ବା 'ଆଧ୍ୟାତ୍ମବାଦୀଗୁରୁ'ଙ୍କ ଆବିର୍ଭାବ ଘଟିଲା । ସେମାନଙ୍କ ପରିଚୟ ମୁଁ ଏଠି ଦେଉନାହିଁ । କିନ୍ତୁ, ବିନୋବାଜୀଙ୍କ ଭଳି ସାମାଜିକକର୍ମୀମାନେ ଯେଉଁ ସ୍ତରର ଆଧ୍ୟାତ୍ମଭାବନା ଉପରେ ଗୁରୁତ୍ୱ ଦେଉଥିଲେ, ନବଭାରତର ଗୁରୁବୃନ୍ଦଙ୍କ ଚେତନାରେ ତା' ନ ଥିଲା ।

କେହି ଜଣେ ସତରେ କହିଥିଲେ,– ମନେ ପଡୁନି ସେ କିଏ – ଯେ ପ୍ରତ୍ୟେକ ଭାରତୀୟ ଜଣେ ଜଣେ ଅଧ୍ୟାତ୍ମବାଦୀଗୁରୁ ହେବାକୁ ଯୋଗ୍ୟ । ତାଙ୍କ କଥାର ପ୍ରତିବାଦ କରିବାକୁ ସ୍ପର୍ଦ୍ଧା ମୋର ନାହିଁ । ତେବେ ଏ କଥା ସତ୍ୟ ଯେ ଗୁରୁବନିବାର ଲାଳସା ଭାରତୀୟଙ୍କ ଠାରେ ଯେତେ ପରିମାଣରେ ଅଛି ପୃଥିବୀର ଅନ୍ୟ ଜାତିର ଲୋକଙ୍କଠି ସେତେ ପରିମାଣରେ ନାହିଁ । ମୁଁ ତ ଭାବେ ନାନାବିଧ ଗୁରୁଙ୍କ ଉପଦ୍ରବରୁ ସ୍ୱାଧୀନ ଭାରତକୁ ରକ୍ଷା କରିବାକୁ ସେ କାଳର 'ସିଦ୍ଧାର୍ଥ' କିମ୍ବା ଏ କାଳର ବିବେକାନନ୍ଦଙ୍କୁ ଆଉ ଥରେ ଥରେ ଅବତାର ଗ୍ରହଣ କରିବାକୁ ପଡ଼ିବ । ଅଥବା ଆବିର୍ଭୂତ ହେବ ସେଇ ମିଥ୍-ପୁରୁଷ କଳ୍କି ଯିଏ ସଦ୍‌ଗୁରୁମାନଙ୍କୁ ଅଭୟ ଦେବ, ପ୍ରବଞ୍ଚକମାନଙ୍କୁ ସଂହାର କରିବ ।

ଛାଡ଼ନ୍ତୁ ସେ କଥା । ମୁଁ ତ ଶତାଧିକ ବ୍ୟକ୍ତିଙ୍କୁ ଗୁରୁମାନିଚି । ଯାହାଙ୍କୁ ମାନିଚି ତାଙ୍କ ଦୁର୍ଗୁଣମାନ ମୋତେ ଦିଶେନି । ସେମାନଙ୍କ ନିକଟରେ ମୁଁ ଆଜୀବନ କୃତଜ୍ଞ ରହିବି । ମୁଁ ଯେତିକି ଜାଣିଚି, ପଢ଼ିଚି ଓ ଶୁଣିଚି ଭାରତବର୍ଷରେ ସୁଦୂର ଐତିହାସିକ କାଳରୁ ଏଯାବତ୍ ମହାନ୍ ଗୁରୁ ପରମ୍ପରାର ଏକ ଅତୁଟ ଧାରା ଅନ୍ତଃସ୍ରୋତ ରୂପେ ବହିଆସିଛି । ସଦ୍‌ଗୁରୁଙ୍କର ମଡ଼କ ପଡ଼ିନାହିଁ କେବେ । ବେଳେ ବେଳେ ଭଣ୍ଡଗୁରୁଙ୍କ ସଂଖ୍ୟା ବଢ଼ିଯାଏ, ସେମାନେ ରାଜପୁରୁଷଙ୍କ ପକ୍ଷଭୁକ୍ତ ହୋଇ ଅନୁଶାସନ ଜାରି କରନ୍ତି, ଯା' ଫଳରେ ସକ୍ରେଟିସ୍‌ମାନଙ୍କୁ ବିଷପାନ କରିବାକୁ ପଡ଼େ, ବଶିଷ୍ଠ ଅଗସ୍ତି ପୁଲହ ପୁଲସ୍ତ୍ୟ ଆଦିଙ୍କୁ ପଠେଇ ଦିଆଯାଏ ଅନ୍ୟଲୋକକୁ । କିମାଶ୍ଚର୍ଯ୍ୟମ୍ । ଶରୀରର ବିନାଶ ସହିତ ଭଣ୍ଡଗୁରୁଙ୍କ ଆଧିପତ୍ୟ ବୁଡ଼ିଯାଏ । ଲୋକେ ତାଙ୍କୁ ସ୍ମରଣ ମଧ୍ୟ କରନ୍ତି ନାହିଁ । ସଦ୍‌ଗୁରୁମାନେ ଜାତିର ଅଭ୍ୟନ୍ତରରେ ଚିରକାଳ ରହିଯା'ନ୍ତି । ଗୋଷ୍ଠୀ, ଧର୍ମ, ସ୍ଥାନ, କାଳ ସବୁ ଲିଭିଯାଏ, ସେ ରହିଯା'ନ୍ତି ବ୍ୟକ୍ତିର ଅନ୍ତରାତ୍ମାରେ । ସିଦ୍ଧାର୍ଥ, ଚାର୍ବାକ୍,

Digitized by srujanika@gmail.com

ଶଙ୍କର, ଚୈତନ୍ୟ, ରାମକୃଷ୍ଣ ସବୁ ସେଇ ବର୍ଗର ଯେଉଁମାନଙ୍କ ସ୍ଥାନ ହୃଦୟରେ ରହିଛି ସୁରକ୍ଷିତ । ଶତାଧିକ ଗୁରୁ ଥିଲେ କ'ଣ ହେବ, ଭାଗବତକାରଙ୍କ କଥାଟି ହିଁ କବି ପକ୍ଷରେ ପ୍ରଣିଧାନ ଯୋଗ୍ୟ । ସେ କହିଛନ୍ତି – ''ମନ ମୋହର ନିଜ ଗୁରୁ ।'' କବି ପାଇଁ ତେଜସ୍ୱୀ ମନଟିର ପରାମର୍ଶ ହିଁ ବଡ଼ କଥା ।

ମନ କେତେବେଳେ ଉଦ୍ଦାମ ଅଶ୍ୱପରି ଦୌଡ଼େ ସମସ୍ତଙ୍କୁ ଟପି ଯିବାକୁ, ପୁଣି କେତେବେଳେ ପ୍ରଜାପତି ପରି ଫୁଲଟିଏ ଦେଖିଲେ ଅଟକି ଯାଏ ତ ଭଅଁର ପରି ମଧୁ ଚୋଷିବାକୁ ଲଟ୍‌କି ରହେ ।

ଯୋଗୀମାନେ ସେଥିପାଇଁ ଆଗ 'ମନ'ଟାକୁ ନିୟନ୍ତ୍ରଣ କରିବାରେ ଲାଗିପଡ଼ନ୍ତି । କିନ୍ତୁ, କବି ତା' ମନଟାକୁ ଏକ ସ୍ୱାଧୀନ ଉଡ଼ାଣ ଦେବାକୁ ପସନ୍ଦ କରେ । କାରଣ, ଏକ ସୀମାବଦ୍ଧ ଦୁନିଆରେ କବି ତା' ମନକୁ ବାନ୍ଧିରଖିବାକୁ ଚାହେଁନା । ଦଶଦିଗରୁ ମଧୁସଂଗ୍ରହ କରି ମହୁମାଛି ଫେରି ଆସେ ପୁଣି କାବ୍ୟ-ବ୍ୟକ୍ତି ନିକଟକୁ ଏବଂ ତିଆରି ହୁଏ ମହୁଫେଣା, ଯାହାର ଅନ୍ୟ ନାମ 'କବିତା' । ମନର ଏଇ ଲୀଳା ଅବିରତ ଚାଲିଥାଏ । ଯେଉଁମାନେ ମନର ଏଇ ଅବାରିତ ଗତିକୁ ରୋକି ଦିଅନ୍ତି ସେମାନେ ଆଉ କବି ହୋଇ ରହନ୍ତି ନାହିଁ, ଆଉ ଗୋଟେ କ'ଣ ହୋଇ ଯା'ନ୍ତି, ଯାଜ୍ଞିକ କି କାପାଳିକ, ହଠଯୋଗୀ କି ଚକୁଳିଆ ପଣ୍ଡା, ନାଥ କି ଅଲେଖ । ଜୀବନର ସାମାନ୍ୟ ଅଂଶ ଦେଖି ସେମାନେ ଭାବନ୍ତି – ଏହା ହିଁ ଜୀବନ ।

କବି କିନ୍ତୁ ସେଥିରେ ପଶେ ନାହିଁ । ତା' ମନ ତାକୁ ପ୍ରତ୍ୟହ ସାବାଡ଼ କରୁଥାଏ, ନିଦରୁ ଉଠଉଥାଏ, ଲାଳସା ଭରୁଥାଏ, ଆଶା ଦେଉଥାଏ, ପୁଣି ଆଶଙ୍କା ଉପୁଜାଉ ଥାଏ । ମନ ଗୁରୁଠାରୁ ଏଇପରି ବେଳେ ପାହାର ବେଳେ ସରାଗ ପାଇ ପାଇ କବିଟା ସମୟ ସମୟରେ ଜ୍ଞାନୀଗୁଣୀଙ୍କ ପରି ହୋଇଯିବା ବିଚିତ୍ର ନୁହେଁ । ତେବେ ସେଭଳି କୌଣସି ଅହଙ୍କାରର ଅନୁପ୍ରବେଶକୁ ମନଗୁରୁ ବିରୋଧ କରେ । କଳଙ୍କି ଲାଗିଲା ଭଳି ଥରେ ଅହଙ୍କାର ଲାଗିଲେ ଆଉ ଛନ୍ଦ ପଇଟେ ନାହିଁ, ଶବ୍ଦ ଗବଗବ ଫୁଟେନି ହାଣ୍ଡିରେ ଭାତ ଫୁଟିଲା ଭଳି, ସବୁଟା ଅସୁନ୍ଦର ଦିଶେ । ତେବେ ମନକୁ ଗୁରୁ କରି କବିତା କରୁଥିବା ଲୋକେ ବଡ଼ ହୀନକପାଳିଆ । ବେଳେ ବେଳେ ସେମାନଙ୍କ ପେଟକୁ ଦାନା ମିଳିବା କଷ୍ଟକର ହୋଇପଡ଼େ । କିନ୍ତୁ ମଲାପରେ ତାଙ୍କର ଯଶ ନିଶାଣ ପରି ଉଡ଼େ । ଲୋକେ ବାଃ ବାଃ କରନ୍ତି । ଆଶ୍ଚର୍ଯ୍ୟର କଥା, ଏହି ସତ୍ୟ ଜାଣି ମଧ ଅନେକ କବି ମନକୁ ଗୁରୁ କରିବାକୁ କୁଣ୍ଠିତ ନୁହନ୍ତି ।

ଶାନ୍ତିନିକେତନର ତତ୍‌କାଳୀନ ବାତାବରଣ ଯୁବଚେତନାର ବିସ୍ଫୋରଣ ପାଇଁ ଆଦୌ ଅନୁକୂଳ ନ ଥିଲା । ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନାଁରେ ନୂଆ ଚେତନାକୁ ପରମ୍ପରାବାଦୀମାନେ ସହଜରେ ଗ୍ରହଣ କରିପାରୁ ନ ଥିଲେ ।

Digitized by srujanika@gmail.com

ମନ ମୋର ବିଦ୍ରୋହ କରିଉଠୁଥିଲା । ତା' ସତ୍ତ୍ୱେ ଚୁପ୍‌ଚାପ୍ ରହିବାକୁ ହୋଇଥିଲା । କବିତା ଲେଖିବା ମୋ' ନିମନ୍ତେ ଗୁପ୍ତ ଗତି ସଦୃଶ ହୋଇଗଲା, ଏମିତି କି 'ଓଡ଼ିଆ ସାହିତ୍ୟ ପରିଷଦ'ର ଅଧିବେଶନରେ ମୁଁ କବିତା ପଢ଼ିବାକୁ ପସନ୍ଦ କଲି ନାହିଁ । ବରଂ ଗପ କିମ୍ବା ପ୍ରବନ୍ଧ ପାଠ କରିବାକୁ ଇଚ୍ଛା କଲି । ସାଥିମାନେ ମଧ୍ୟ ଆଉ କବିତା ପ୍ରତି ଗୁରୁତ୍ୱ ଦେଲେ ନି । ଜାନୁୟାରୀ ମାସ (୧୯୬୩)ରେ ମୁଁ ପରିଷଦର ସଂପାଦକ ପଦରୁ ନିଜ ଇଚ୍ଛାରେ ଇସ୍ତଫା ଦେଇଦେଲି । ଇଂରେଜୀ ବିଭାଗର ନବାଗତ ଛାତ୍ର ଯୋଗେଶ ଚନ୍ଦ୍ର ପଣ୍ଡା ମୋର ଅନୁରୋଧ କ୍ରମେ ପରିଷଦର ନୂଆ ସଂପାଦକ ହେଲେ । ଅବଶ୍ୟ ବିଶ୍ୱଭାରତୀୟ ପାଠଚକ୍ରର ଦାୟିତ୍ୱରୁ ମୋତେ ନିଷ୍କୃତି ମିଳି ନ ଥିଲା ।

ପଣ୍ଡିତ ନେହେରୁଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିବା ଅବସରରେ
୧୯୬୨ ସମାବର୍ତ୍ତନ

Digitized by srujanika@gmail.com

।। ତିରିଶି ।।

ରବୀନ୍ଦ୍ର ଶତବାର୍ଷିକୀ ଅବସରରେ ରବୀନ୍ଦ୍ର ସାହିତ୍ୟ ସଂପର୍କରେ ଏକ ବିଶେଷ ଭାଷଣ ଦେବାକୁ (ଉଦ୍‌ଯାପନ ଉପଲକ୍ଷେ) ଆସିଥିଲେ ତତ୍‌କାଳର ଶ୍ରେଷ୍ଠ ଗବେଷକ, ଭାଷାବିତ୍ ତଥା ସାହିତ୍ୟ ସମାଲୋଚକ ଡକ୍ଟର ସୁନୀତି କୁମାର ଚଟ୍ଟୋପାଧ୍ୟାୟ ।

ମୁଁ ତାଙ୍କୁ ଦେଖିବା ଓ ଶୁଣିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଚି ।

'ସିଂହସଦନ'ରେ ସେଦିନ ପିମ୍ପୁଡ଼ି ପକେଇବାକୁ ଜାଗା ନ ଥିଲା । ଜଣେ ଗବେଷକଙ୍କ ପ୍ରତି ସେପରି ଶ୍ରଦ୍ଧା ମୁଁ ଅନ୍ୟ କେବେ ଦେଖି ନ ଥିଲି । ସଭାର ଆରମ୍ଭରେ ସୁନୀତି ବାବୁଙ୍କ କୃତିତ୍ୱ ସମ୍ବନ୍ଧରେ ବଙ୍ଗଳା ବିଭାଗର ତତ୍‌କାଳୀନ ମୁଖ୍ୟ ଏକ ଘଣ୍ଟା କହିଲେ –

ତଥାପି କୃତିତ୍ୱର ସବୁଟା କୁହାଯାଇ ପାରି ନ ଥିଲା । ସୁନୀତି ଚାଟାର୍ଜୀ ମହାଶୟ ତାଙ୍କ ଦି-ଦିନର ବକ୍ତୃତାରେ ଯାହା ପ୍ରତିପାଦନ କଲେ ତା'ର ସାର ମର୍ମ ଥିଲା ଯେ ରବୀନ୍ଦ୍ର ନାଥ କବି ହିସାବରେ ବାଲ୍ମୀକିଙ୍କ ସହିତ ସମାସୀନ ହେବାକୁ ଯୋଗ୍ୟ ।

ମହାମାନ୍ୟ ସୁନୀତି କୁମାର ଚାଟାର୍ଜୀଙ୍କ ସାଧନା ଓ ସିଦ୍ଧି ଥିଲା ବୃହତ୍ । 'ରବୀନ୍ଦ୍ର ପ୍ରତିଭା'ର ଉଚ୍ଚତା ପ୍ରଦର୍ଶନ କରିବାକୁ ଯାଇ ସେ ରବୀନ୍ଦ୍ରନାଥଙ୍କୁ ହୋମର, ବାଲ୍ମୀକି ଓ କାଳିଦାସଙ୍କ ସହିତ ତୁଳନା କରିଥିଲେ । ତୁଳନା ବେଳେ ସେ ମହାଭାରତ ରଚୟିତା ବ୍ୟାସଦେବଙ୍କର ଉଲ୍ଲେଖ କରିନ ଥିଲେ । କାରଣ ତାଙ୍କୁ ଜଣା, ସମ୍ଭବତଃ 'ରାମାୟଣ' ଓ 'ରଘୁବଂଶ' 'କୁମାରସମ୍ଭବମ୍' ଆଦିରେ ଯେଉଁ ପ୍ରେମାଦର୍ଶ, ଜୀବନାଦର୍ଶ ଓ ଆଧ୍ୟାତ୍ମିକତାର ଦୃଷ୍ଟାନ୍ତ ରହିଚି 'ମହାଭାରତ'ର ମୁଖ୍ୟ ଘଟଣାବଳୀରେ ତାର ଲେଶମାତ୍ର ସ୍ପର୍ଶନାହିଁ । ପୁଣି 'ଗୀତା'ଟି ମୂଳ ମହାଭାରତର ଅଂଶଭୁକ୍ତ ନୁହଁ, ତା' ପରବର୍ତ୍ତୀକାଳର ସୃଷ୍ଟି, 'ମହାଭାରତ'ର ତା ଏକ ପ୍ରକ୍ଷିପ୍ତ ଅଙ୍ଗରୂପେ ଗୃହୀତ । ତାହା ବି ଠିକ୍ । ଯେ କେହି ବିଦ୍ୱାନ ମହାଭାରତକୁ ଜଘନ୍ୟ ହତ୍ୟାକାଣ୍ଡର ଲୋମହର୍ଷକ କାହାଣୀ କହିଲେ ବି ଆପତ୍ତି କରିବାକୁ ବାଟ ନାହିଁ । ସତ୍, ଚିତ୍, ଆନନ୍ଦ, ସତ୍ୟ-ଶିବ-ସୁନ୍ଦର, ଆଧ୍ୟାତ୍ମିକ ଅନୁରାଗ, ବିଶ୍ୱତୋଭାବ ଆଦି ଶବ୍ଦଗୁଡ଼ିକୁ 'ରବୀନ୍ଦ୍ର ପ୍ରତିଭା'ର ଆକଳନ ବେଳେ ଆବେଗାନ୍ୱିତ ଭାବେ ଡକ୍ଟର ଚାଟାର୍ଜୀ ବ୍ୟବହାର କରି ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ । ସ୍ୱର୍ଗକୁ ନିଶୁଣୀ ନାହିଁ, ବଡ଼ଲୋକଙ୍କୁ ଉତ୍ତର ନାହିଁ । ତାଙ୍କ ବାକ୍ୟ ସମସ୍ତେ ମାନି ନେଇଥିଲେ । ତାଙ୍କ ବକ୍ତୃତାଟି ମନସ୍ତାତ୍ତ୍ୱିକ ସ୍ତରରେ ବଙ୍ଗୀୟ ଶ୍ରୋତାଙ୍କୁ ଉତ୍‌ଫୁଲ୍ଲ

Digitized by srujanika@gmail.com

କରିଥିଲା । କୌଣସି ସୁସଙ୍ଗତ ପ୍ରତିକ୍ରିୟା ପ୍ରକାଶ କଲାଭଳି ଯୋଗ୍ୟତା ମୋର ନଥିଲା । ନା ଇଲିୟାଡ୍ ଓଡ଼ିଶୀ ନା ସଂସ୍କୃତ ରାମାୟଣ ନା ରଘୁବଂଶ କି ‘କୁମାରସମ୍ଭବମ୍’ ମୁଁ ପଢ଼ିଥିଲି କି ? ବଳରାମ ଦାସ ବାଲ୍ମୀକିଙ୍କ ରାମାୟଣରୁ କଥା ଆଣିଥିଲେ, ତା’ ଆମେ ପଢ଼ିଲୁ, ଦେଶବାସୀ ବି ପଢ଼ିଲେ । ହେଲେ ବାଲ୍ମୀକିଙ୍କ କବିତ୍ୱ ସହିତ ଆମର ପୂର୍ଣ୍ଣ ପରିଚୟ କାହିଁ ? ବାସ୍ତବିକ୍ ପ୍ରଫେସର୍ ସୁନୀତି ଚାଟାର୍ଜୀ ଆମକୁ ଆଲୋକିତ ହିଁ କରିଥିଲେ ।

ଧର୍ମଭିତ୍ତିକ ସାହିତ୍ୟର ଯଶୋଗାନରେ ଆମ ସମୟ ମୁଖରିତ । କେତେ ଆଦର ସେସବୁର ଲେଖକମାନେ ଯୁଗଯୁଗଧରି ପାଇ ଆସୁଛନ୍ତି । ଈର୍ଷା ହୁଏ, କିନ୍ତୁ ଦୁଃଖର କଥା ନାରାୟଣାନନ୍ଦ ଅବଧୂତଙ୍କ ‘ରୁଦ୍ରସୁଧାନିଧି’ର ଖ୍ୟାତି ବିଲୁପ୍ତ । ସେପରି ବିଲୋପର କାରଣ ବୈଷ୍ଣବ ସାହିତ୍ୟର ମହାପ୍ଲାବନ ବ୍ୟତୀତ ଅନ୍ୟକିଛି ନୁହଁ । ଅଥଚ ଏକଦା ଗଙ୍ଗାରୁ ଗୋଦାବରୀ ଯାଏଁ ବୁଦ୍ଧଦେବ ହିଁ ଓଡ଼ିଆଙ୍କ ନିଜ ଦେବତା ଥିଲେ । କାଳକ୍ରମେ ବୁଦ୍ଧଙ୍କ ସ୍ଥାନ ନେଲେ ଶିବ । ଯେଉଁ ଭୁବନେଶ୍ୱର ଓ ଯାଜପୁର ବୁଦ୍ଧଙ୍କ ପୀଠ ଥିଲା, ତା ହୋଇଗଲା ଶୈବପୀଠ । ବୁଦ୍ଧଙ୍କ ମୂର୍ତ୍ତି ଅନ୍ତରିତ ହେଲା, ଶିବଲିଙ୍ଗ ସ୍ଥାପନ କରାଗଲା । ଶିବ ବି ହୋଇଗଲେ ଓଡ଼ିଶାର ସର୍ବଜନପ୍ରିୟ ଦେବତା । ଝିଅମାନେ ହର-ଗୌରୀ ଓଷା କଲେ, ବୟସ୍କମାନେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ (ଶୀତଳଷଷ୍ଠୀ) ପାଳନ କଲେ, ଛୋଟ-ବଡ଼ ଅଗଣିତ ମନ୍ଦିର ମଧ୍ୟ ଗଢ଼ିଉଠିଲା । ଲୋକେ ବ୍ୟାଧି ନିରାମୟ ପାଇଁ ମାନସିକ କଲେ, ସ୍ଥାନେ ସ୍ଥାନେ ଅଧିଆ ପଡ଼ିଲେ, ମେଳା କଲେ, ବ୍ରତ କଲେ । ବିପଦ ଆପଦରେ ସହାୟତା ମାଗିଲେ ଶିବଙ୍କୁ । ‘ଶିବ’ ଜନଜୀବନ ଭିତରେ ଅଧିଷ୍ଠିତ ହୋଇଗଲେ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଓଡ଼ିଶାର ସମ୍ଭ୍ରାନ୍ତ ସାହିତ୍ୟିକମାନେ ଯେଉଁସବୁ କାବ୍ୟ-କବିତା ସୃଷ୍ଟି କଲେ ସେଥିରେ ‘ଶିବଙ୍କ କଥା’ ରହିଲା ନାହିଁ, ମୁଖ୍ୟତଃ ରହିଲା କୃଷ୍ଣଚରିତ । ଫଳରେ ଲିଖିତ ସାହିତ୍ୟ ଆପେ ଆପେ ଜନ-ଜୀବନଠାରୁ ବିଚ୍ଛିନ୍ନ ହୋଇପଡ଼ିଥିଲା । ସେଇକାଳରୁ ଓଡ଼ିଆ ଜନସାଧାରଣଙ୍କ ମନରେ ସାହିତ୍ୟ ପ୍ରତି ଗୋଟାଏ କର-ଛଡ଼ା ଭାବର ସୃଷ୍ଟି ଘଟିଚି । ସେମାନେ ଅନୁଭବ କରୁଥିଲେ ଯେ ସାହିତ୍ୟ ତାଙ୍କ ପ୍ରିୟଦେବତାଟିକୁ ଖାଲି ଥଟ୍ଟା ପରିହାସ କରେ, ଗୁଣକୀର୍ତ୍ତନ କରେନି କିମ୍ବା ତଦୀୟ ମହିମା ବତାଏନି । ସାହିତ୍ୟଗୁଡ଼ାକୁ ‘ଶାସ୍ତ୍ର’ ଭଳି କଠିନ ମନେକରି ସେମାନେ ପ୍ରଣାମ କରୁଥିଲେ ସତ, ନିଜେ କାବ୍ୟ ଖଣ୍ଡିଏ ଧରି ଆଗ୍ରହରେ ପଢ଼ିବାକୁ ସାହସ କରିପାରୁନଥିଲେ । ତେଣୁ ‘ଶୈବସାହିତ୍ୟ’ କିମ୍ବା ସହସ୍ର ଶକ୍ତିଦେବୀ ଥିଲେ ମଧ୍ୟ ‘ଶାକ୍ତ ସାହିତ୍ୟ’ର ଧାରା ଓଡ଼ିଶାରେ ପ୍ରବାହିତ ହୋଇନାହିଁ । ଓଡ଼ିଆ ଭାଷା ବିକଶିତ ହେବା ମାତ୍ରେ ଯେଉଁସବୁ ସାହିତ୍ୟ ପ୍ରତି କବିମାନେ ମନୋଯୋଗୀ ହେଲେ ସେସବୁର ମୁଖ୍ୟ ପ୍ରେରଣା ଥିଲା ବୈଷ୍ଣବ ଧର୍ମ-ଧାରଣା ଓ ରାମ ବା କୃଷ୍ଣଙ୍କ ଚରିତ । ‘ଶିବ’ ରହିଗଲେ ଛାଇରେ । ଏଇଥିପାଇଁ ଧର୍ମ-ଭିତ୍ତିକ କ୍ଲାସିକ୍ ରଚନା ଭାବରେ ‘ଚଣ୍ଡୀପୁରାଣ’ ଓ

Digitized by srujanika@gmail.com

'ରୁଦ୍ରସୁଧାନିଧି'ର ଐଶ୍ୱର୍ଯ୍ୟ ଓ ଆବେଦନର ତୁଳନା ହିଁ ନାହିଁ ସମଗ୍ର ଭାରତୀୟ ଭାଷାସାହିତ୍ୟରେ । ଶ୍ରୀଯୁକ୍ତ ପତିଶର୍ମାଙ୍କ ଦ୍ୱାରା ସଂପାଦିତ 'ଚଣ୍ଡୀପୁରାଣ'ରୁ ଖଣ୍ଡିଏ କପି ବିଶ୍ୱଭାରତୀ ଗ୍ରନ୍ଥାଗାରରେ ସେତେବେଳେ ଥିଲା । ମନ-ଧ୍ୟାନ ଦେଇ ପଢ଼ିଥିଲି । ମୋତେ ଲାଗୁଥିଲା ସତେବା ମୁଁ ଗୋଟିଏ ଆଧୁନିକ ରୋମାଣ୍ଟିକ୍ ପରିକଳ୍ପନାରେ ପ୍ରସ୍ତୁତ କାବ୍ୟ ପଢୁଚି । ବାସ୍ତବିକ୍ ତା ଥିଲା ଓଡ଼ିଆଙ୍କ ଜାତୀୟ କାବ୍ୟ, କାରଣ ତହିଁରେ ବର୍ଣ୍ଣିତ ସବୁଦେବୀ ଚରିତ୍ର ଓଡ଼ିଶାରେ ପୂଜିତ ହେଉଥିଲେ, ଅସଂଖ୍ୟ ସ୍ଥାନରେ, ଟିଟିଲାଗଡ଼ର ରାଣୀପୁର ଝରିଆଲ୍‌ଠାରୁ ଆରମ୍ଭ କରି ଯାଜପୁରର ବିରଜାଙ୍କ ପର୍ଯ୍ୟନ୍ତ । ଓଡ଼ିଶାରେ ଥିଲେ ମାଳ ମାଳ ଚଣ୍ଡୀ ରଜା ଉଆସରେ ଥିଲେ, ପ୍ରଜାଙ୍କ ଗାଁରେ ଥିଲେ, ଥିଲେ ବାଟରେ ଓ ଘାଟରେ । ଏତେଗୁଡ଼ିଏ ଶତାବ୍ଦୀ ବିତିଯାଇଥିବା ସତ୍ତ୍ୱେ, ବୈଷ୍ଣବ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ରାଜାନୁଗ୍ରହବଶତଃ ପ୍ରଖର ପ୍ରସାର ସତ୍ତ୍ୱେ, ସମ୍ଭ୍ରାନ୍ତ ସାହିତ୍ୟ-ଲେଖକଙ୍କ ଶାକ୍ତ ସାହିତ୍ୟ ପ୍ରତି ସ୍ପୃହାହୀନତା ସତ୍ତ୍ୱେ-ଓଡ଼ିଆ ଜାତି ଦେବୀପୀଠଗୁଡ଼ିକୁ ଏବେ ବି ଶ୍ରଦ୍ଧାକରେ, ସମ୍ମାନ କରେ । ବୈଷ୍ଣବମାନେ ଝୁଲଣ, ନନ୍ଦୋତ୍ସବ, ଦୋଳପୂର୍ଣ୍ଣିମା ଓ ଜଗନ୍ନାଥୀମାନେ ସ୍ନାନୋତ୍ସବ ଓ ରଥଯାତ୍ରା ପାଳନ କଲାଭଳି ଶକ୍ତିପୀଠର ସେବକମାନେ ଶତାବ୍ଦୀ ଶତାବ୍ଦୀ ଧରି 'ଦଶହରା' ଉତ୍ସବ ପାଳନ କରିଆସୁଛନ୍ତି । ତେଣୁ ଓଡ଼ିଶାର ଜାତୀୟଜୀବନ ଚଣ୍ଡୀ-ଚାମୁଣ୍ଡା କାଳୀ ଭଦ୍ରକାଳୀ ଦୁର୍ଗାବିମଳା 'ହିଙ୍ଗୁଳା ଚର୍ଚ୍ଚିକା ବିରଜା ପାଟଣେଶ୍ୱରୀ ତାରା ତାରିଣୀ ସମଲାଈ ଉଗ୍ରତାରା ଆଦିଙ୍କ ଶୁଭାଶିଷରେ ଯେ ସମୃଦ୍ଧ ହୋଇଛି ଏବଂ ଅଧୁନାତନ ଏକବିଂଶ ଶତାବ୍ଦୀରେ ଯେ ସେମାନଙ୍କ ପ୍ରଭାବ କମିନାହିଁ – ଏହି ସତ୍ୟ ଆମକୁ ସ୍ୱୀକାର କରିବାକୁ ହେବ ।

ମୁଁ କିଛି ସାବ୍ୟସ୍ତ କରିବାକୁ ଚାହୁଁନି । କେବଳ ଏତିକି ସୂଚାଇ ଦେବାକୁ ଚାହୁଁଚି ଯେ ଲେଖକମାନେ ସମାଜରୁ ବା ଲୋକଜୀବନରୁ ବିଚ୍ଛିନ୍ନ ହୋଇଗଲେଣି ବୋଲି ଯେଉଁ ଅଭିଯୋଗ ଉଠୁଚି, ତା' କେବଳ ଆଜିର ଲେଖକଙ୍କ ପାଇଁ ଉଦ୍ଦିଷ୍ଟ ହେବା ଉଚିତ ନୁହେଁ । ସେକାଳର ସାହିତ୍ୟିକମାନେ ମଧ୍ୟ ଲୋକଙ୍କ ଜୀବନ-ଧାରାଠାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲେ । ଏପରି ମାନସିକ 'ବିଚ୍ଛିନ୍ନତା'ର ଭଲମନ୍ଦର ବିଚାର ଏଠି ଅପ୍ରାସଙ୍ଗିକ ।

ସମ୍ଭବତଃ ସମ୍ଭ୍ରାନ୍ତ ବୌଦ୍ଧିକ ସାହିତ୍ୟର ଲକ୍ଷ୍ୟ ଲୋକ-ରୁଚି, ଲୋକ-ଧର୍ମ ବା ଲୋକାଭ୍ୟାସର ଅନୁସରଣ ବା ଅନୁଗାୟନ ନୁହଁ, ତାର ଲକ୍ଷ୍ୟ ଜନ-ଜୀନଉପରେ ଆପଣାବୁଦ୍ଧି-ବିଶ୍ୱାସ-ଦର୍ଶନାଦିର ଚାରାରୋପଣ । ବୁଦ୍ଧିଜୀବୀମାନେ ଶାକ୍ତ ବିଚାରଧାରାଠାରୁ ବୈଷ୍ଣବ ବିଚାରଧାରାକୁ ଅଧିକ ସମାଜ ଉପଯୋଗୀ ବା ଲୋକୋପଯୋଗୀ ମନେ କରିଥିଲେ ଏବଂ ସେଇ ଚେତନାର ପ୍ରତିଷ୍ଠା ଓ ବିସ୍ତାର ନିମନ୍ତେ ସର୍ବପ୍ରଧାନ ମାଧ୍ୟମ ରୂପେ ଗ୍ରହଣ କରିନେଇଥିଲେ ସାହିତ୍ୟ ଓ ସଙ୍ଗୀତକୁ । ପରିଣାମରେ ଶାକ୍ତ ବିଚାରଧାରା କ୍ରମଶଃ ଦୁର୍ବଳ ହୋଇଗଲା, ଜୀବନକ୍ଷେତ୍ରରେ ଅଗ୍ରାଧିକାର ଲାଭ

Digitized by srujanika@gmail.com

କଲା ବୈଷ୍ଣବଭାବନା ଓ ବିଚାର । ରକ୍ତାକ୍ତ ଖଡ୍‌ଗର ସ୍ଥାନ ନେଲା ବଂଶୀ, କ୍ରୋଧର ସ୍ଥାନ ନେଲା ପ୍ରେମ, ଯୁଦ୍ଧର ସ୍ଥାନ ନେଲା ସହାବସ୍ଥାନ ବା କୋଳାକୋଳି । ଦିନେ ଦିନେ ଭକ୍ତଙ୍କ ସନ୍ତୋଷବିଧାନ ନିମନ୍ତେ ଚଣ୍ଡୀମାନଙ୍କୁ ପରମବୈଷ୍ଣବୀ ବେଶରେ ସଜ୍ଜିତ କରାଗଲା । ଦେବୀମାନେ ରହିଲେ, ପୀଠ ରହିଲା,କିନ୍ତୁ ଆଚରଣ ଓ ଚିନ୍ତାଧାରା ବଦଳିଗଲା । ବୌଦ୍ଧିକ ସାହିତ୍ୟ ଶାକ୍ତ ଚେତନାଠାରୁ କ୍ରମଶଃ ଦୂରେଇଗଲା । କେଇ ଶତାବ୍ଦୀ ପରେ ସାର୍ବଜନୀନ ଦୁର୍ଗାପୂଜା ପ୍ରଚଳିତ ହେଲା । ଲୋକେ ତହିଁରେ ଯୋଗଦେଲେ । କିନ୍ତୁ ସାହିତ୍ୟ କାହିଁ ? ବିଂଶ ଶତାବ୍ଦୀର ସାହିତ୍ୟ ସଂପୂର୍ଣ୍ଣ ଭାବେ ଭିନ୍ନମୁଖୀ ହୋଇଯାଇନି କି । ଖାଲି ଓଡ଼ିଆରେ ନୁହଁ- ବଙ୍ଗଳା ସାହିତ୍ୟ ଓ ରବୀନ୍ଦ୍ରନାଥଙ୍କ କଥା ଭାବନ୍ତୁ । ବଙ୍ଗଦେଶରେ ସେତେବେଳେ ରାମକୃଷ୍ଣ ପରମହଂସଙ୍କ ଦ୍ୱାରା ଶାକ୍ତ ବିଚାରଧାରାର ନବୀକରଣ ଘଟିସାରିଥିଲେ ହେଁ, ବଙ୍ଗୀୟଙ୍କ ମନରେ 'ମାଏର୍ ପୂଜା' ଏକ ବିଶିଷ୍ଟ ସ୍ଥାନ ଅଧିକାର କରିସାରିଥିଲେ ହେଁ, ରବୀନ୍ଦ୍ରନାଥ ସେସବୁ ବନ୍ଧନରେ ପଡ଼ି ନଥିଲେ । ଏକ ନବଚେତା ବ୍ରାହ୍ମ-ବାତାବରଣରେ ସେ ନିଜକୁ ବଢ଼େଇଥିଲେ । ବେଦ-ଉପନିଷଦରୁ ସାରାଂଶ ଆଣି ଅପ୍ରତିମ ପୁରୁଷ ଓ ପ୍ରକୃତିର ଅର୍ଚ୍ଚନାରେ ବ୍ୟବସ୍ଥିତ ବାହ୍ମଧର୍ମ ତାଙ୍କ ଚେତନାକୁ ପ୍ରଭାବିତ କରିଥିଲା ଏବଂ ସେଇ ଉପଲବ୍ଧିର ପ୍ରକାଶ ନିମନ୍ତେ ସେ ନଆ ପରିଭାଷା ପ୍ରଚଳନ କରିଥିଲେ ଯେପରି - ''ସୀମାରେ ମାଝେ ଅସୀମ ତୁମି....'' ଅଥବା (ଓଡ଼ିଆ ଭାଷାନ୍ତରରେ)

'ଆକାଶ ଭରା
　　ସୂର୍ଯ୍ୟ ତାରା
　　　　ବିଶ୍ୱଭରା ପ୍ରାଣ
ତା' ଭିତରେ ପାଇଚି ମୁଁ ଯେ
　　ତାହାରି ସଂଧାନ'' ଇତ୍ୟାଦି ।

ଏଥିରେ ବୈଦିକ ଅନୁଭବ ଥାଇପାରେ, କିନ୍ତୁ ଯାଜ୍ଞିକଙ୍କ ହୁତାଶନ, ଆହୂତି କିମ୍ବା କର୍ମକାଣ୍ଡର ମନ୍ତ୍ରୋଚାରଣ ସହିତ କିଛି ସଂପର୍କ ନଥିଲା, ସ୍ୱର କି ଶବ୍ଦ ନଥିଲା । ଏଥିପାଇଁ ସେ ଆଦୃତ ହୋଇପାରିଲେ ଏବଂ ନୂଆ ସୁର୍‌ରେ ସମସ୍ତଙ୍କୁ ମୁଗ୍ଧ କରିପାରିଲେ । ସେ 'ବାଲ୍ମୀକି ପ୍ରତିଭା' ନାଟକ ଲେଖିଛନ୍ତି । ପୁନଶ୍ଚ ମହାଭାରତରୁ କଥାବସ୍ତୁ ଆହରଣ କରି 'ଚିତ୍ରାଙ୍ଗଦା' ନୃତ୍ୟନାଟିକା ଲେଖିଛନ୍ତି । କିନ୍ତୁ ସବୁ ନବଚେତନାର ସ୍ପର୍ଶ ଯୋଗୁ ଆମକୁ ନୂଆ ଲାଗିଚି । ଗୋଟିଏ ଯୁଗର କବିକୁ ଅନ୍ୟଏକ ଯୁଗର କବି ସହିତ ତୁଳନା କରିବା ଅବାନ୍ତର । କିନ୍ତୁ ରବୀନ୍ଦ୍ରନାଥ ଯେ ଭାରତବର୍ଷର ମହାକବିଙ୍କ ମଧ୍ୟରୁ ଜଣେ ଏହା ସ୍ୱୀକାର କରିବାରେ ଆମର ତିଳେ ମାତ୍ର ଦ୍ୱିଧା ନାହିଁ । ଗୋଟେ ସମୟରେ ଯଥାର୍ଥରେ ସେ ଥିଲେ ଭାରତୀୟ ଭାଷା-ସାହିତ୍ୟର ମଉଡ଼ମଣି ।

Digitized by srujanika@gmail.com

।। ଏକତିରିଶି ।।

୧୯୬୨ ଜୁଲାଇରେ ଇଂଲଣ୍ଡରୁ ପ୍ରଫେସର୍ କେନେଥ୍ ଉଡ୍ରଫ୍ (Kenneth Woodrof) ବିଶ୍ୱଭାରତୀକୁ ପରିଦର୍ଶକ ପ୍ରଫେସର୍ ରୂପେ ଆସିଥିଲେ । ଇଂରେଜୀ ବିଭାଗ ସହିତ ଆନୁଷ୍ଠାନିକ ଭାବେ ସେ ଜଡ଼ିତ ଥିଲେ ହେଁ ମୁ ତାଙ୍କର ଜଣେ ଭକ୍ତ ପାଲଟି ଯାଇଥିଲି । ରହୁଥିଲେ ବିଦ୍ୟାଭବନ ହଷ୍ଟେଲ୍-୧ (ତତ୍‌କାଳର)ର ଅନତି ଦୂରରେ 'ରତନକୁଠୀ' ପରିସରରେ । ଉଡ୍ରଫ୍ ଥିଲେ ଭାରି ସ୍ନେହଶୀଳ । ମୋର ଅନେକ ଅପରାହ୍ନ ତାଙ୍କ ସହିତ ବୁଲାଚଲାରେ ବିତିଚି ।

ଇଂଲଣ୍ଡ ନିବାସୀ କେତେଜଣ ସମକାଳୀନ କବି ଓ ଲେଖକଙ୍କ ସହିତ ଉଡ୍ରଫଙ୍କର ବ୍ୟକ୍ତିଗତ ସ୍ତରରେ ପରିଚୟ ଥିଲା ଏବଂ ତତ୍‌କାଳର ବିଶିଷ୍ଟ ଇଂରାଜୀ କବି ଅଡ଼େନ୍‌ଙ୍କର ସେ ଥିଲେ ବନ୍ଧୁତୁଲ୍ୟ । କିନ୍ତୁ ଭାରତୀୟ ଇଂରେଜୀ କବି (Indo-English)ଙ୍କ ସମ୍ବନ୍ଧରେ କିଛି ପ୍ରଶ୍ନ କଲେ ସେ ପ୍ରାୟ ନୀରବତା ଅବଲମ୍ବନ କରୁଥିଲେ ।

ମୁଁ ଏବଂ ବନ୍ଧୁ ବ୍ରହ୍ମାନନ୍ଦ ତାଙ୍କ ସହିତ ମିଳାମିଶା ଅବକାଶରେ ଓଡ଼ିଶାର ସ୍ଥାପତ୍ୟ-କୀର୍ତ୍ତି ପ୍ରତି ପ୍ରଫେସର୍ ମହାଶୟଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଥିଲୁ । ସେ ସୁବିଧା ହେଲେ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଆମେ ଦୁହେଁ ପ୍ରଫେସର୍‌ଙ୍କୁ କଥା ଦେଇଥିଲୁ –"ଆପଣ ଯେବେ ଯିବେ ଆମକୁ ଜଣାଇବେ । ତା' ହେଲେ ଆମେ ଆପଣଙ୍କୁ ଭୁବନେଶ୍ୱର ଅଥବା ପୁରୀରେ ସାକ୍ଷାତ କରି ଧନ୍ୟ ହେବୁ ।"

ଅନ୍ତିମ ପରୀକ୍ଷା ପରେ ଆମେ ଦୁହେଁ ଶାନ୍ତିନିକେତନରୁ ବିଦାହୋଇ ଆସିଲୁ । ମୁଁ କେନ୍ଦ୍ରାପଡ଼ା କଲେଜରେ ଅଧ୍ୟାପକ ରୂପେ ଯୋଗ ଦେଲି । ବ୍ରହ୍ମାନନ୍ଦ ରହିଲେ ତାଙ୍କ ଗାଁ ପାଖ ସ୍କୁଲରେ । ଘରେ ବସିବାଠାରୁ ତତ୍‌କ୍ଷଣାତ୍ ଯାହା ମିଳିଲା ତାହା ଆଦରି ନେବାକୁ ହେଇଥିଲା ।

ଯାହା ହେଉ ପୂର୍ବର ନିର୍ଘଣ୍ଟ ଅନୁସାରେ ପ୍ରଫେସର୍ ଉଡ୍ରଫ୍ ୧୯୬୩ ଶାରଦୀୟ ଅବକାଶରେ ପୁରୀ ପରିଦର୍ଶନରେ ଆସିଥିଲେ ଏବଂ ଆମେ ଦୁହେଁ ତାଙ୍କର ଚର୍ଚ୍ଚା କରିଥିଲୁ ପୁରୀଠାରେ ।

Digitized by srujanika@gmail.com

ସେତେବେଳେ ପୁରୀ ଥିଲା ଅନେକ ଭ୍ରମଣକାରୀଙ୍କ ପ୍ରିୟସ୍ଥଳ । ଅବଶ୍ୟ ଆଜି ଭଳି ମାଳ ମାଳ ହୋଟେଲ୍ ମୁଣ୍ଡ ଟେକି ନ ଥିଲା । ଯାହା ଥିଲା ସବୁ ସେଇ ସମୁଦ୍ରବେଳାରେ । ଗୋଟେ ପଟରେ S.E.R ହୋଟେଲ୍, ମଝିରେ ଓଡ଼ିଶା ସରକାରଙ୍କ 'ପାନ୍ଥନିବାସ' ଓ ବେଳାଭୂମିର ପୁରୀ ହୋଟେଲ୍ ଥିଲା V.I.P ଟୁରିଷ୍ଟଙ୍କ ପ୍ରିୟ । କିନ୍ତୁ ଶାରଦୀୟ ଅବକାଶରେ ଜାଗା ମିଳିବା କଷ୍ଟ ଥିଲା ।

ମୁଁ ଓ ବ୍ରହ୍ମାନନ୍ଦ 'ପାନ୍ଥନିବାସ'ରେ ଆଶ୍ରୟ ନେଇଥିଲୁ । ପ୍ରଫେସର ଉଡ୍ରୁଫ ଦେଖାହେବା ପରେ ଭାରି ଖୁସି ହେଲେ । ଆମେ ତାଙ୍କୁ ପାନ୍ଥନିବାସରେ 'ମାଛଭୋଜି'ଟିଏ ଦେଇ ଆମର ମାନ ରଖିଲୁ । ସେତେବେଳେ ପୁରୀରେ ଟାକ୍ସିର ବ୍ୟବସ୍ଥା ନଥିଲା । ତେଣୁ ବୁଲାବୁଲି ହେଲା ରିକ୍ସାରେ । ଉଡ୍ରୁଫ୍ ସାହେବଙ୍କର ବହୁତ ଇଚ୍ଛା ଥିଲା ମନ୍ଦିର ଭିତରକୁ ଯାଇ ଜଗନ୍ନାଥ ମୂର୍ତ୍ତି ଦର୍ଶନ କରିବାକୁ । କିନ୍ତୁ ଗୋରା ଚମଡ଼ା ଯୋଗୁ ତାଙ୍କୁ ଲୁଚେଇ ଗହଳି ସମୟରେ ଭିତରକୁ ନେଇଯିବା ତ ସମ୍ଭବ ନ ଥିଲା । ଅନୁମତି ଭିକ୍ଷାକଲୁ । ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁରୋଧ କଲୁ । ସବୁଠାରୁ ନାସ୍ତିବାଣୀ ଶୁଣିବାକୁ ମିଳିଲା । ଉଡ୍ରୁଫ୍‌ଙ୍କ ସଦୃଶ ଜଣେ ଉଚ୍ଚସ୍ତରର ବିଦେଶୀ କଳାପ୍ରେମୀ ଓଡ଼ିଶାର 'କୀର୍ତ୍ତି' ଦେଖିଥାନ୍ତେ କ୍ଷତି କ'ଣ ହୋଇଥାନ୍ତା ଆମେ ତ ପୁଣି ଗୀର୍ଜା ଭିତରକୁ ଯାଇ କ୍ରୁଶବିଦ୍ଧ ଯିଶୁ ଓ ମା'ମେରୀଙ୍କୁ ଦର୍ଶନ କରିପାରୁଚୁ । ଯେଉଁ ଐତିହାସିକ କାଳରେ ଯେଉଁ ସବୁ ଐତିହାସିକ କାରଣରୁ ବିଦେଶୀ ଓ ଅନ୍ୟଧର୍ମର ଲୋକଙ୍କ ପ୍ରବେଶ ନିଷେଧ ଜାରି କରାଯାଇଥିଲା । ସେସବୁ କାରଣ ଓ ସମୟ ଅତୀତ ହୋଇଯାଇଛି । ଜଣେ ସ୍ୱଚ୍ଛ ମନଧାରୀ ପ୍ରଫେସର୍ ଯଦି ଦର୍ଶନରୁ ବଞ୍ଚିତ ହେବେ ତେବେ ସେ କାହିଁକି ମାନିବେ ଯେ ଓଡ଼ିଆମାନେ ଉଦାରମନା, ତାଙ୍କ ଦେବତାଙ୍କ ଆଖିରେ ସମସ୍ତେ ସମାନ । ଜଗନ୍ନାଥୀମାନେ ସଂସ୍କୃତି କଥା କହିଲା ବେଳେ ଯେଉଁ 'ସମଦୃଷ୍ଟି', 'ଭାଇପଣ', 'ଭେଦାଭେଦହୀନତା' କଥା ବଡ଼ପାଟିରେ କହନ୍ତି, ସେସବୁ କିପରି ତାହା ମିଛ ତାହା ଅନୁଭବ କରିଥିଲେ ପ୍ରଫେସର୍ ଉଡ୍ରୁଫ୍ । ମୁଁ ସଂପୂର୍ଣ୍ଣ ଲଜ୍ଜିତ ହୋଇଥିଲି । ବହୁଲୋକ ଯୁଗଯୁଗ ଧରି ଗୋଟିଏ ମିଛକଥାକୁ ଦୋହରାଉଥିଲେ ମଧ କସ୍ମିନ୍ କାଳେ ତାହା ସଚ ହୋଇଯାଏନି । ଗାନ୍ଧିଜୀ ତା' ଉପଲବ୍ଧି କରିଥିଲେ ବୋଲି ମନ୍ଦିରକୁ ଯାଇନଥିଲେ । ସେଦିନ ଇନ୍ଦିରାଗାନ୍ଧୀଙ୍କ ହେଲିକୋପ୍ଟର ମଧ ଉପରେ ଚକ୍‌କର କାଟି ଚାଲିଗଲା । ଜଗନ୍ନାଥ ଯେ 'ଉତ୍କଳନାଥ' ଓ ହିନ୍ଦୁନାଥ ସ୍ତରରେ ରହିଗଲେ- ଏଥିପାଇଁ ଖୋଦ୍ ରକ୍ଷଣଶୀଳ ଓଡ଼ିଆମାନେ ହିଁ ଦାୟୀ । ଅବଶ୍ୟ, ଏପରି ପ୍ରଶ୍ନ ମୁଁ ସିନା ମନକୁ ମନ ପଚାରି ଦେଉଛି, ମନକୁ ମନ ଉତ୍ତର ଖୋଜୁଚି, କିନ୍ତୁ ଅନ୍ୟମାନଙ୍କୁ ସମାଲୋଚନା କରିବାକୁ ମୁଁ କିଏ ? ମୁଁ ତ ନିଜେ ଅଜ୍ଞାନଟିଏ । ଜଗନ୍ନାଥ ଉପାସନା ଘେନି ମୋର କିଛି ଦେଣନେଣ ନାହିଁ ।

Digitized by srujanika@gmail.com

କିନ୍ତୁ ଗୋଟିଏ ଅଧିକାରରେ କହିବି ଯଦି ଜଗନ୍ନାଥଙ୍କୁ ଓଡ଼ିଆ ଜାତିର 'ଅଭିମାନ' ରୂପେ ସାବ୍ୟସ୍ତ କରାଯାଏ ତେବେ ଜାତିର ସ୍ୱାର୍ଥଦୃଷ୍ଟିରୁ 'ଅଭିମାନ'ଟିକୁ କଳଙ୍କ ମୁକ୍ତକରି ବିଶୁଦ୍ଧ କରିବାର ଦାୟିତ୍ୱ ମଧ୍ୟ ଓଡ଼ିଆ ଲୋକଙ୍କର ।

ଦର୍ଶନରୁ ବଞ୍ଚିତ ପ୍ରଫେସର୍ ଉଡ୍ରୁଫ୍ ସେଦିନ ନିରାଶ ହେବାପରେ ମନେ ମନେ ଆମକୁ ସଂକୀର୍ଣ୍ଣମନା ଭାବି ନଥିବେ କି ?

ଜଗନ୍ନାଥ ବିଷ୍ଣୁକି ବୁଦ୍ଧ କି ଜୀନ କି ଆଉ କ'ଣ ସେଇଟା ମୋ ପାଇଁ ବଡ଼ କଥା ନୁହଁ । ମୁଁ ତାଙ୍କ ପ୍ରତିମାଟିକୁ ମୁଗ୍ଧ ଦୃଷ୍ଟିରେ ଅନାଇ ରହେ । ସେ ବିଗ୍ରହରେ ଯେଉଁ ବିମୂର୍ତ୍ତ ଭାବ ଫୁଟି ଉଠିଚି ତା'ର ତୁଳନା ନାହିଁ । ବିମୂର୍ତ୍ତକଳା ଓ ସ୍ଥାପତ୍ୟର ସମ୍ଭବତଃ ଆଦିମତମ ପ୍ରୟୋଗର ଦୃଷ୍ଟାନ୍ତ ହେଉଛି ଜଗନ୍ନାଥ ପ୍ରତିମା । ବିଂଶ ଶତାବ୍ଦୀର ବିମୂର୍ତ୍ତକଳା (Abstract Art)ର କେତେପ୍ରକାର ଉଚ୍ଚାରଣ ଘଟିଛି, କେତେ ଶିଳ୍ପୀ ପରୀକ୍ଷା ନିରୀକ୍ଷା କରିଚାଲିଛନ୍ତି । କିନ୍ତୁ ଏତେ ସାଫଲ୍ୟ କାହାକୁ ମିଳିଛି ? କିଏ ସେହି ଯୁଗନ୍ଧର ସ୍ରଷ୍ଟା ଯିଏ ଏପରି ଏକ 'ସୃଷ୍ଟି' ସାରି ଫେରାର ହୋଇଯାଇଛନ୍ତି ସେଇଦିନଠୁ ?

ମନେ ପଡୁଛି, କଳାଭବନର ଜଣେ ଚିତ୍ରଶିଳ୍ପୀ ବନ୍ଧୁ ସେଲିମ୍ (ବଙ୍ଗୀୟ ମୁସଲମାନ) ଜଗନ୍ନାଥ-ପ୍ରତିମାକୁ ଭିତ୍ତିକରି ଗୋଟିଏ ଛବି ଆଙ୍କିଥିଲେ । ତାହା ୧୯୬୫ର କଥା । ମୁଁ ସେତେବେଳେ ରିସର୍ଚ୍ଚ ଫେଲୋ, ବାଚେଲର୍‌ଙ୍କ ନିମନ୍ତେ ଉଦ୍ଦିଷ୍ଟ ହଷ୍ଟେଲ୍‌ରେ ରହୁଥାଏ । ଷ୍ଟାଣ୍ଡ୍‌ରେ ଅଙ୍କନ ବୋର୍ଡ଼ଟିକୁ ଫିଟ୍ କରିବା ମାତ୍ରେ (ଚିତ୍ରାଙ୍କନ ବେଳେ) ସେ ମୋତେ ଡାକୁଥିଲେ - ''ଏକଟୁ ଆସ୍‌ବେନ୍'' । ସେ ନିଜ ଉଦ୍ୟମରେ କିଛି କିଛି ଜଗନ୍ନାଥଙ୍କ ପାରମ୍ପରିକ ଚିତ୍ର ବଜାରରୁ ସଂଗ୍ରହ କରି ରଖିଥିଲେ । ସେସବୁରେ ବିଶେଷ ବୈଚିତ୍ର୍ୟ ନଥିଲା । କାରଣ ଷଷ୍ଠଦଶକରେ ଜଗନ୍ନାଥ- ପ୍ରତିମାକୁ ଭିତ୍ତିକରି ଓଡ଼ିଶାର ଚିତ୍ରଶିଳ୍ପୀମାନେ କିଛି ପରୀକ୍ଷା ଧର୍ମୀ ଆଧୁନିକ ଛବି ଆଙ୍କି ନଥିଲେ, ତାର ବଜାର ମୂଲ ମଧ୍ୟ ନଥିଲା । ଉତ୍ସାହ ନଥିଲା । ଚାହିଦା ବଢ଼ିଲା ୧୯୮୦ ପରେ, ପାଠକଙ୍କର ମନେ ଥିବ ଜଗନ୍ନାଥଙ୍କ ଛବି ଏକ ସମୟରେ ଏତେ ପ୍ରିୟ ହୋଇଗଲା ଯେ ଘଡ଼ିର ବ୍ୟାଣ୍ଡରେ, ସ୍କୁଟରର ଷ୍ଟେପିନ୍ କଭର୍‌ରେ, ମୁଦିରେ ସର୍ବତ୍ର ଜଗନ୍ନାଥଙ୍କ ଆଖି ଶୋଭା ପାଇଲା । ୧୯୬୫ରେ କିନ୍ତୁ ସେ ଅବସ୍ଥା ନଥିଲା, ଯାହା ମିଳୁଥିଲା ପାରମ୍ପରିକ ପଟ୍ଟଚିତ୍ରରେ । କିନ୍ତୁ ପଟ୍ଟଚିତ୍ରଟିଏ ବଡ଼ଦାଣ୍ଡ ବଜାରରେ ୧୯୬୩ରେ ମୁଁ ଖୋଜି ପାଇ ନଥିଲି ବୋଲି ଉଡ୍ରୁଫ୍ ସାହେବଙ୍କୁ କ୍ଷୁଦ୍ରାକୃତିର ନରମପଥରର (soft stone) ମୂର୍ତ୍ତିଟିଏ କିଣି ଉପହାର ଦେବାକୁ ହୋଇଥିଲା ସ୍ମାରକୀ ରୂପେ । ତେବେ ବନ୍ଧୁ ସେଲିମ୍ ଯେ ତାଙ୍କ ଅନ୍ତର୍ଚକ୍ଷୁରେ ଜଗନ୍ନାଥ-ପ୍ରତିମା ଦର୍ଶନ କରିସାରିଥିଲେ ଏବଂ କନ୍‌ସେପ୍ଟଟି ତାଙ୍କ ନିଜର ହୋଇସାରିଥିଲା- ଏ ବିଷୟରେ ମୁଁ ନିଶ୍ଚିତ ହୋଇଗଲି, ଯେତେବେଳେ ଦେଖିଲି କୃଷ୍ଣକାୟ

Digitized by srujanika@gmail.com

ଘନ-ତମିସ୍ରା ମଧ୍ୟରୁ ନବୋଦିତ ସୂର୍ଯ୍ୟପରି ଫୁଟିଆସୁଚି ଟକା ଟକା ଆଖିଯୋଡ଼ିଏ । ମୁଁ ଅଭିଭୂତ ହୋଇଗଲି । ସେ ଦୃଶ୍ୟ ମୁଁ ଭୁଲି ନାହିଁ । ଶିଳ୍ପୀବନ୍ଧୁ ବାରମ୍ବାର ପଚାରନ୍ତି- ''ହେଇଚି କି ନା ।'' ମୁଁ ନୀରବ ରହେ, ଭାଷା ଖୋଜି ପାଏନା କ'ଣ କହିବି । ଛବିଟି ସଂପୂର୍ଣ୍ଣ ହେବା ପରେ ଦିନେ କହିଲି- ''ଏଟା ଆପନାର ଛବି, ଏକଦମ୍ ଆପନାର୍ .... ।'' ଅର୍ଥାତ୍ - ''ଏହା ଆପଣଙ୍କ ଚିତ୍ର, ପୂରାପୂରି ଆପଣଙ୍କର ।'' ମୁଁ ତାଙ୍କୁ ବୁଝେଇ ଦେଲି- ଦେଖ ଭାଇ ମୁଁ ଆପଣଙ୍କ ଷ୍ଟ୍ରୋକ୍ ସମ୍ବନ୍ଧରେ କିଛି ମନ୍ତବ୍ୟ ଦେବାକୁ ଅଯୋଗ୍ୟ । ସେ ବିଷୟରେ ବିଶେଷଜ୍ଞମାନେ କହିବେ । କିନ୍ତୁ ତୁମ ଛବି ଭିତରେ ଗୋଟେ ଅନିର୍ବଚନୀୟ ଛନ୍ଦ ଦେଖୁଚି, ଯେଉଁ ଛନ୍ଦ କେବଳ ବିମୂର୍ତ୍ତନ-ପ୍ରକ୍ରିୟାରେ କବି ଓ ଶିଳ୍ପୀଙ୍କ ଉପଲବ୍ଧି ଭିତରକୁ ଆସେ ।'

ମୁଁ ଏକା ଦେଖି ନଥିଲି, ମୋର ଅନ୍ତରଙ୍ଗ ବନ୍ଧୁ କିଶୋରୀ ମୋହନଙ୍କୁ ଡାକି ନେଲି- 'ଚାଲ ଦେଖିବ, ତୁମର ତଗୁଣ ସାର୍ ଜଣେ ଜଗନ୍ନାଥ ଛବି କିପରି ଆଙ୍କିଛନ୍ତି ।' ନେଇ ଦେଖେଇ ଥିଲି ମୋର ଆଫ୍ରିକୀୟ ବନ୍ଧୁ କେଟେଣ୍ଡ ସେଂପା ଓ ଆମେରିକୀୟ ତରୁଣ କବି ବନ୍ଧୁ ବବ୍‌ଙ୍କୁ- ''ଦେଖ, ଏଇ ଆମର ଜଗନ୍ନାଥ ।'' ସେଂପା ସେତେବେଳେ ମୋ ରୁମକୁ ଆସୁଥାଏ । ବନ୍ଧୁ କିଶୋରୀ ସେଂପାର ଗୋଟିଏ ଆବକ୍ଷ ପ୍ରତିମୂର୍ତ୍ତି ଗଢୁଥାଏ, ସେଥିପାଇଁ ନିୟମିତ ସିଟିଂ ଦେବାକୁ ପଡୁଥାଏ । ସେ ସ୍ଥାନଟି ଥିଲା ମୋ' କୋଠରୀ ।

ସିଏ ଗୋଟେ ମୁହୂର୍ତ୍ତ, ଯାହାର ପ୍ରଭାବ ବୁକୁରେ ଲାଗି ରହିଲା । ଘଟଣାର ପ୍ରାୟ ତେଇଶି ବର୍ଷ ପରେ କାରାବଦ୍ଧ ନେଲ୍‌ସନ୍ ମଣ୍ଡେଲାଙ୍କ ଜୀବନ ଉପରେ ଆଧାରିତ କବିତା ଲେଖିଲା ବେଳେ ସେଇ ଆଖି ଦୁଇଟି ମୋତେ ଜଳ ଜଳ ଦିଶୁଥିଲା । ଭାବଟିକୁ ସଚିତ୍ର କରିବାପାଇଁ ମୁଁ ଜଣେ ଆର୍ଟିଷ୍ଟଙ୍କୁ ନିବେଦନ କରିଥିଲି- 'ଜଗନ୍ନାଥଙ୍କ ଆଖିଦୁଇଟିକୁ ବନ୍ଦୀଶାଳାରେ ଥାପି ଦିଅ ।' କବିତାଟି ଆରମ୍ଭ ହୋଇଥିଲା ଏଇ ଶବ୍ଦରେ ଯଥା :

''ଜଗନ୍ନାଥ ଭିତରେ ଅଛି
ଜଗନ୍ନାଥ ବାହାରେ ଅଛି'' ।

କବିତାଟି ମୁଁ ପୁରୀଠାରେ ଅନୁଷ୍ଠିତ (୧୯୮୮) ସର୍ବଭାରତୀୟ କବି ସମ୍ମେଳନରେ ପାଠ କରିଥିଲି । ସେତେବେଳେ ନେଲ୍‌ସନ୍ ମଣ୍ଡେଲା ବନ୍ଦୀଶାଳାରୁ ମୁକ୍ତ ହୋଇ ନ ଥିଲେ ।

ବାସ୍ତବିକ ରୂପକ ଓ ରୂପକଳ୍ପ ଭାବରେ ଜଗନ୍ନାଥ-ପ୍ରତିମାର ତୁଳନା ହିଁ ନାହିଁ । ସାଡ଼ମ୍ବର ବେଶଭୂଷା ଯୋଗେ ଅନେକ ସମୟରେ ପୂଜକମାନେ ପ୍ରତିମାଟିର ଆବେଦନକୁ ସୀମାବଦ୍ଧ କରିଦିଅନ୍ତି । ଦୁଃଖ ଲାଗେ । କାହିଁକି କଷ୍ଟ ଲାଗେ ତେବେ ? କାରଣ ମୁଁ ଭକ୍ତ ନୁହଁ, ପ୍ରେମୀ । ପ୍ରତିମା ଭିତରେ ମୁଁ ଭାଗ୍ୟ କି ଭଗବାନ ଦେଖେନି, ମୁଁ ଠୁଳ ହୋଇଥିବା ବ୍ରହ୍ମାଣ୍ଡର ସୌନ୍ଦର୍ଯ୍ୟ ଦେଖୁଥାଏ ।

Digitized by srujanika@gmail.com

।। ବତିଶି ।।

କିଛି କଥା ଲେଖି ହୁଏ
କିଛି କଥା ଲେଖି ହୁଏନି
ଯେଉଁ କଥା ଲେଖି ହୁଏନି
ସେଇଥିରେ ହିଁ ନିଜ କଥା ଥାଏ ।

ବାସ୍ତବିକ ଏଠି ମୁଁ ମୋ' ବନ୍ଧୁମେଳ କଥା, ରାତିଉଜାଗର କଥା, ଥରକୁ ଥର ବନ୍ଧୁ ମେଳରେ ମୟୂରାକ୍ଷୀ ନଦୀବନ୍ଧ ଦେଖିବାକୁ ଯିବା କଥା କହିଲେ ପାଠକଙ୍କୁ ଅବାନ୍ତର ଲାଗିବ ।

ତେବେ ଦୀର୍ଘ ଛାତ୍ର-ଜୀବନ ଭିତରେ ଯେଉଁ କେଇଜଣ ମୋର ଅତି ନିକଟ ବନ୍ଧୁ ବା ଜିଗିରିଦୋସ୍ତ ହୋଇଯାଇଥିଲେ ପୁଣି ଯେଉଁ କେଇଜଣଙ୍କୁ ମୁଁ ବଡ଼ଭଉଣୀ ବା ଭାଇ ରୂପେ ମାନି ଆସିଥିଲି, ସୁଖରେ ଦୁଃଖରେ ଯେଉଁମାନେ ମୋ ସହିତ ଲଗ୍ନ ଥିଲେ ବାହାନା କରି ଦୂରେଇ ଯାଇ ନ ଥିଲେ, ସେମାନଙ୍କ ବିଷୟରେ ପଦେ ଅଧେ ନ ଲେଖିଲେ ସ୍ମୃତି-କଥାଟା ଅପୂର୍ଣ୍ଣ ରହିଯିବ ।

ତତ୍‌କାଳର ସିନିୟର୍ ବିଦ୍ୟାର୍ଥୀ ଭାବଗ୍ରାହୀ ମିଶ୍ର ବେଲାରାଣୀ ଚାନ୍ଦ. କମଳାକାନ୍ତ ଲେଙ୍କା ଆଦି ସମସ୍ତ ଥିଲେ ବଡ଼ ଭାଇ ତୁଲ୍ୟ । ଯାହାଙ୍କୁ ପଥପ୍ରଦର୍ଶକ ଓ ଶୁଭଚିନ୍ତକ କୁହାଯିବ । ବନ୍ଧୁ ଶବ୍ଦଟି ବ୍ୟାପକ ଅର୍ଥରେ ବ୍ୟବହୃତ ହୋଇ ଆସୁଛି । ମୋ ମତରେ ଯାହାଙ୍କ ସହିତ କଥାବାର୍ତ୍ତାରେ, ବ୍ୟବହାରରେ, ଗୋପନୀୟତା ରକ୍ଷାରେ, ରସିକତାରେ ଓ ପରିହାସ-ପରିଚର୍ଚ୍ଚାରେ କିଛି ବାଧା ନ ଥାଏ ସିଏ ହିଁ ବନ୍ଧୁ ହୋଇ ପାରିବେ । ସେଇ ଦୃଷ୍ଟିରୁ ମୋ ଠାରୁ ପାଠରେ ଦୁଇବର୍ଷ ବରିଷ୍ଠ ହୋଇଥିଲେ ହେଁ ଅନେକ କଥାରେ ଗଗନେନ୍ଦ୍ର ନାଥ ଦାଶଙ୍କ ସହିତ ମୋର କିଛିଟା ବନ୍ଧୁଭାବ ଜମିଯାଇଥିଲା । ଯାହା ଛାତ୍ରୋତ୍ତର କାଳରେ ଅତୁଟ ରହିଛି । ଅବଶ୍ୟ ମୁଁ ମୋ' ସୀମା ଜାଣିଥିଲି, ଏବଂ କଦାପି କାନ୍ଧରେ ହାତ ପକେଇବାକୁ ପ୍ରୟାସ କରି ନ ଥିଲି ।

Digitized by srujanika@gmail.com

ଗଗନବାବୁଙ୍କ ଠାରେ ଗୋଟେ ବିଚକ୍ଷଣତା ତ ଥିଲା, ତା' ସହିତ ଥିଲା ମନନଶୀଳ ଦୃଷ୍ଟି । ସେଇ ଦୃଷ୍ଟି କ୍ରମଶଃ ସମୃଦ୍ଧ ହୋଇଥିଲା ଏବଂ ସେ ଗବେଷଣା କ୍ଷେତ୍ରରେ ମାନକ ସ୍ତରକୁ ଉନ୍ନୀତ ହୋଇଛନ୍ତି, ଓଡ଼ିଶାର ବିଦ୍ୱଜ୍ଜନଗଣ ତାଙ୍କୁ ସମ୍ମାନ କରନ୍ତି ।

ଶ୍ରଦ୍ଧାବଶତଃ ଓଡ଼ିଆ ସାହିତ୍ୟ ଅଧ୍ୟୟନକୁ ଗ୍ରହଣ କରିନେଇ ଥିବା ଛାତ୍ରଙ୍କ ମଧ୍ୟରେ ଭାବଗ୍ରାହୀ ମିଶ୍ର ଥିଲେ ବାସ୍ତବରେ ଅନନ୍ୟ ଧୀସଂପନ୍ନ । ତାଙ୍କ ସଦୃଶ ଅଭିମାନୀ ଓ ଅଙ୍ଗୀକାରବଦ୍ଧ ଛାତ୍ର କ୍ୱଚିତ୍ ଓଡ଼ିଆ ବିଭାଗ ମଣ୍ଡନ କରିଥିଲେ । ମୋ' ଜାଣିବାରେ ପୂର୍ବରୁ କେବଳ ଚିନ୍ତାମଣି ବେହେରା ଓ ବିଭୁଦତ୍ତ ମିଶ୍ରଙ୍କ ଠାରେ ସେପରି ସହଜାତ ପ୍ରତିଭା (Natural brilliance) ଥିଲା । କିନ୍ତୁ ସେମାନଙ୍କ ସମସ୍ତ ସଦ୍‌ଗୁଣର ବ୍ୟବହାର ହୋଇପାରିଚି ବୋଲି କହିହେବ ନାହିଁ । ବରଂ, ପରିସ୍ଥିତିର ବିରୋଧରେ ଯିବାରୁ ଏବଂ ନିଜ ପାଇଁ ଦର୍ଶନ ବାଛିବାରେ ଓ କର୍ମ-ଧାରା ନିର୍ଣ୍ଣୟରେ ଭାବପ୍ରବଣ ହୋଇ ଉଠିଥିବାରୁ ଓଡ଼ିଆ ସାହିତ୍ୟ ତାଙ୍କଠାରୁ ସନ୍ତୋଷଜନକ କୃତି ପାଇପାରି ନାହିଁ ।

ହଁ, *ଭାବଗ୍ରାହୀ ମିଶ୍ର ସେତେବେଳେ ଥିଲେ (୧୯୫୯) ଓଡ଼ିଆ ସାହିତ୍ୟ ପରିଷଦର ସଂପାଦକ । ତେଣୁ, ବିଶ୍ୱଭାରତୀ ଛାତ୍ର ପରିଷଦର ମୁଖପତ୍ର 'ସପ୍ତପର୍ଣ୍ଣୀ'ରେ ଓଡ଼ିଆ ଭାଷାର ଲେଖା ସ୍ଥାନ ପାଇବାକୁ ଦାବି କରି ଶ୍ରୀ ମିଶ୍ର ସେତେବେଳେ (୧୯୫୯-୬୦)ରେ ଅନଶନ ଧର୍ମଘଟ କରିଥିଲେ, ପବିତ୍ର ଆମ୍ରକୁଞ୍ଜରେ ବସି । ତତ୍‌କାଳର ସହ-ସଂପାଦକ ଭାବେ ମୋତେ ଧର୍ମଘଟର ଅନ୍ୟ ଦିଗ ଦେଖିବାକୁ ପଡ଼ିଥିଲା । ବିଶ୍ୱଭାରତୀରେ ତା' ଥିଲା ସଂପୂର୍ଣ୍ଣ ଅଭିନବ ଏବଂ ସେଇ କାରଣରୁ ଚାଞ୍ଚଲ୍ୟକର । ତତ୍‌କାଳୀନ ଆଶ୍ରମିକମାନେ ଓ ଉପାଚାର୍ଯ୍ୟ ଏହାକୁ ନ୍ୟାୟ ଦୃଷ୍ଟିରେ ଦେଖି ନ ଥିଲେ । କେଇ ଜଣ ପ୍ରଫେସର ଆମ ପ୍ରସ୍ତାବ ସପକ୍ଷରେ ଥିଲେ ମଧ କୌଶଳୀ ଉପାଚାର୍ଯ୍ୟ ସେମାନଙ୍କ ମତ ନେଲେ ନାହିଁ । ବରଂ ଧର୍ମଘଟ ପାଇଁ ଦୋଷ ଦେଲେ ବିଭାଗୀୟ ମୁଖ୍ୟ କୁଞ୍ଜ ବିହାରୀ ଦାଶଙ୍କୁ – "ଏ ସବ୍‌ଟାକେ ଆପ୍‌ନି ଉସାହିତ କର୍‌ଛେନ୍" (ଏ ସବୁକୁ ଆପଣ ଉତ୍ସାହ ଦେଉଛନ୍ତି) କାନ ଥିଲେ ପରେ କେବେ କୁଣ୍ଡଳ ମିଳିବ, ଓଡ଼ିଆ ବିଭାଗ ଥିଲେ ଦିନେ ଓଡ଼ିଆ ଭାଷାରେ ଲେଖା ସ୍ଥାନ ପାଇବ, ଏଇ ଯୁକ୍ତିରେ ଆମେ ଧର୍ମଘଟ ପ୍ରତ୍ୟାହାର କରିଥିଲୁ । ଭାବଗ୍ରାହୀ ମିଶ୍ରଙ୍କୁ ସ୍ୱୟଂ ଇଂରାଜୀ ପ୍ରଫେସର୍ ତଥା ଅଧ୍ୟକ୍ଷ ଡକ୍ଟର ଭଟ୍ଟାଚାର୍ଯ୍ୟ ସେଦିନ ସ୍ୱହସ୍ତରେ କମଳାରସ ପିଆଇଥିଲେ ।

ସେଇ ଘଟଣା ପରଠୁ ଆମ ଦୁହିଁଙ୍କ ପ୍ରତି ବିଶ୍ୱଭାରତୀ କର୍ତ୍ତୃପକ୍ଷଙ୍କ କରୁଣା ଊଣା ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ କ୍ରମଶଃ ଓଡ଼ିଆ ବିଭାଗର ଅସ୍ତିତ୍ୱ ପ୍ରତି ବିଶ୍ୱଭାରତୀ ସଜାଗ ହୋଇଗଲା । ଶାନ୍ତିନିକେତନକୁ ଯିଏ ଯିବ, ସିଏ ଯେ

*ଦେଖନ୍ତୁ - ପରିଶିଷ୍ଟ ସେମାନଙ୍କ ଚିଠି ପତ୍ର

Digitized by srujanika@gmail.com

'ବଙ୍ଗୀୟଭାବନା'ର ଦାସ ହୋଇଯିବ – ସେହି ଧାରଣାର ଅନ୍ତ ହୋଇ ଯାଇଥିଲା । ଆମ ଧର୍ମଘଟର ବିଫଳତା ଭିତରେ ଲୁଚି ରହିଥିଲା ଗୋଟେ ସଫଳତା । ପରିସ୍ଥିତି ବଦଳିଯିବା ପରେ 'ସପ୍ତପର୍ଣ୍ଣୀ'ରେ ଓଡ଼ିଆ ଅକ୍ଷରରେ ଓଡ଼ିଆ ଲେଖା ସ୍ଥାନ ପାଇଥିଲା ।

ବଙ୍ଗବାସୀଙ୍କର ଓଡ଼ିଶାର ଆଧୁନିକ ସାହିତ୍ୟ ସଂପର୍କରେ ଉଚ୍ଚଧାରଣା ନ ଥିଲା । ସେପରି ଧାରଣା ଆମର ତତ୍‌କାଳୀନ ଲେଖକ ଗୋଷ୍ଠୀ ଦିଆଇଥିଲେ ।

ଅନେକଙ୍କର ପ୍ରାଚୀନ ମଧ୍ୟଯୁଗୀୟ ତଥା ଆଧୁନିକ ସାହିତ୍ୟ ସହିତ ପରିଚୟ ନ ଥିଲା । ଉପେକ୍ଷା ଓ ଆକ୍ଷେପ ଥିଲା ସେମାନଙ୍କ ସାହିତ୍ୟିକ-ଜୀବନ । ମୁଁ ଏପରି କେତେକ ଲେଖକଙ୍କ ସଂପର୍କରେ ଆସିଥିଲି ଯିଏ 'ଭୀମାଭୂୟାଁ' ଉପନ୍ୟାସଟି ମଧ୍ୟ ପଢ଼ି ନ ଥିଲେ । ତେଣୁ ଓଡ଼ିଆ କଥାସାହିତ୍ୟର ସ୍ୱତନ୍ତ୍ର-ଦୃଷ୍ଟି ଓ ଉଚ୍ଚତା ସଂପର୍କରେ ତାଙ୍କର ଜ୍ଞାନ ନ ଥିଲା । ସେପରି ଲେଖକମାନଙ୍କୁ ବଙ୍ଗ-ସରସ୍ୱତୀ ତଥା ଇଉରୋପୀୟ-ସରସ୍ୱତୀ କବଳିତ କରି ରଖିବାଟା ଥିଲା ସ୍ୱାଭାବିକ । ''ରୁଦ୍ର ସୁଧାନିଧି'' କିଏ ପଢିଥିଲା ଯେ ତା'ର ମହତ୍ତ୍ୱ ପାଇଁ ଗର୍ବ କରିବ ! ଓଡ଼ିଆ ସାହିତ୍ୟର ମହତ୍ତ୍ୱପୂର୍ଣ୍ଣ ସୃଷ୍ଟିଗୁଡ଼ିକ ସଂପର୍କରେ ଓଡ଼ିଆ ଆଲୋଚକ ଓ ପାଠକମାନେ ଅବହିତ ନ ଥିବାରୁ ଗୋଟିଏ ମାନସିକ ଦାରିଦ୍ର୍ୟ, ଯାହାକୁ ହୀନମନ୍ୟତା କୁହାଯିବ, ରାଜୁତି କରୁଥିଲା । ସେପରି ମନୋଭାବ ମୋ ଭିତରେ ମୁଁ କଦାପି ପ୍ରଶ୍ରୟ ଦେଇ ନ ଥିଲି । ମୁଁ ମୋ ଭାଷାର ଓ ସାହିତ୍ୟର ଗୌରବମୟ ଦିଗର ସନ୍ଧାନରେ ନିଜକୁ ସଦା ନିୟୋଜିତ ରଖିଥିଲି । ସେଦିନରୁ ଆଜିଯାଏଁ ଚିତ୍ତ ସ୍ଥିର ଅଛି, ବାଟ ଭୁଲି ନାହିଁ କି ଦିଗ ଭୁଲି ନାହିଁ ।

ଯେକୌଣସି ସାହିତ୍ୟିକ ଅଭିଯାନର ମୂଳପୁଞ୍ଜି ହେଲା ପାରସ୍ପରିକ ସଦ୍‌ଭାବ ଓ ସହାନୁଭୂତି । ପରନିନ୍ଦା ଓ ଘୃଣାକୁ ଅନ୍ତର ଭିତରେ ସ୍ଥାନ ଦେଇ କେହି ସୃଷ୍ଟି କରିବା ସମ୍ଭବ ନୁହେଁ । ପୁଣି, କୌଣସି ସ୍ରଷ୍ଟା ଆପଣାର ଇଗୋ ବା ଅହଂକୁ ମୋଟାସୋଟା କରିବାରେ ନିରତ ନିୟୋଜିତ ରହିଲେ ଦିନେ ସେ ଯେ ତିରସ୍କୃତ ଏବଂ ଲାଞ୍ଛିତ ହେବ – ଏଥିରେ ସନ୍ଦେହ ନାହିଁ । ତାହା ହିଁ ଘଟିଛି ଅନେକଙ୍କ କ୍ଷେତ୍ରରେ । ଇଗୋର ସନ୍ତୋଷ ବିଧାନ କରୁ କରୁ ସୃଷ୍ଟିଶୀଳ ମୁହୂର୍ତ୍ତଗୁଡ଼ିକରୁ ଅସଲ ଉଦ୍ଦୀପନା ଉଭେଇ ଯାଇଥାଏ ଏମିତି ଯେ ଆଉ ତାଙ୍କର ନିଜକୁ ସଜାଡ଼ିବାକୁ ଜୋର୍ ନ ଥାଏ ।

ସାହିତ୍ୟିକର ଜୀବନ ଗୋଟାଏ ମିଶନ୍ ପରି, ସବୁ ଅସୁବିଧା ଭିତରେ ତାର ସର୍ଜ୍ଜନଶୀଳତା ମନୁଷ୍ୟକୁ ସହାନୁଭୂତି ଓ ସଦ୍‌ଭାବନା ବାଣ୍ଟିବାର ପଣଟିକୁ ହରାଇ ନ ଥାଏ । ଫକୀର ମୋହନ ଓ ଗୋପବନ୍ଧୁଙ୍କ ଜୀବନ-ଦୃଷ୍ଟି ଓ ସୃଷ୍ଟି ଏହାର ଦୃଷ୍ଟାନ୍ତ ।

ମାନୁଚି, ୧୯୬୦ ପୂର୍ବରୁ ଓଡ଼ିଆ ପୁସ୍ତକ ପ୍ରକାଶନର ଅବସ୍ଥା ଶୋଚନୀୟ ଥିଲା; ପୁସ୍ତକ ସମାବେଶରୁ ଜଣା ପଡ଼ିଯାଉଥିଲା ଓଡ଼ିଶା କେତେ ଦରିଦ୍ର । ଓଡ଼ିଶା ସରକାର

Digitized by srujanika@gmail.com

ସେଦିଗରେ ତାଙ୍କର କିଛି କର୍ତ୍ତବ୍ୟ ଅଛି ବୋଲି ବୋଧେ ମନେ କରୁ ନ ଥିଲେ । ମୁଖ୍ୟ ପ୍ରକାଶକମାନ ସ୍କୁଲ୍‌ର ପାଠ୍ୟ ବହି ଛାପିବାରେ ବ୍ୟସ୍ତ ଥିଲେ । ପାଠ୍ୟାତିରିକ୍ତ ସାହିତ୍ୟ ପୁସ୍ତକ ପ୍ରତି କାହାର ଧ୍ୟାନ ହିଁ ନ ଥିଲା ।

ଯା’ ହେଉ ବିଜୁ ପଟ୍ଟନାୟକ ସ୍କୁଲ୍ ସ୍ତରର ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶ ନିମନ୍ତେ ସ୍ୱତନ୍ତ୍ର ସମିତିଟିଏ ସ୍ଥାପନ କରିବା ପରେ ପ୍ରକାଶକମାନେ ଲାଇବ୍ରେରୀ ଉପଯୋଗୀ ସାହିତ୍ୟପୁସ୍ତକ ଛାପିବାକୁ ମନ ବଳାଇଲେ । ଫଳତଃ ପୁସ୍ତକ ପ୍ରକାଶନର ଚିତ୍ର ବଦଳିଗଲା ଏବଂ ପୁସ୍ତକର ଶୋଭନୀୟ ସଂସ୍କରଣମାନ ପ୍ରକାଶ ପାଇବାକୁ ଆରମ୍ଭ କରିବାରୁ ଆମର ସମ୍ମାନ ରହିଗଲା ।

Digitized by srujanika@gmail.com

॥ ତେତିଶି ॥

୧୯୬୦-୬୧ ଶିକ୍ଷା ବର୍ଷରେ ଏମ୍.ଏ. କ୍ଲାସ୍‌ରେ ଯୋଗ ଦେଇଥିଲେ ବାରିପଦାର କମଳା ସାହୁ । ମୁଁ ଏମ୍.ପି.ସି. କଲେଜରେ ବର୍ଷୁଟେ ପଢ଼ିଥିଲି, ବିଜ୍ଞାନ ଶ୍ରେଣୀରେ । ସେତେବେଳେ କମଳା ସାହୁଙ୍କ ଝିଆରୀ କନକ ମୋର ସହପାଠିନୀ ଥିଲେ । ବାରିପଦା କଲେଜରେ ନାଟକ, କବିତାବୃତ୍ତି ତଥା ବକ୍ତୃତା ପ୍ରତିଯୋଗିତାରେ ମୁଁ ଭାଗ ନେଉଥିବାରୁ ନବାଗତା ଜଣକ ମୋତେ ଓଡ଼ିଆ ବିଭାଗରେ ଦେଖି ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ମୁଁ ମଧ୍ୟ ସେତିକି । ନରେନ୍ଦ୍ର ସାର୍ ମୋ ସହିତ ତାଙ୍କର ପରିଚୟ କରାଇ ଦେବା ପୂର୍ବରୁ ମୋ ପାଟିରୁ ବାହାରି ପଡ଼ିଲା– ''ଆରେ ଅପା ଆପଣ ? କନକ (ତାଙ୍କ ଝିଆରୀ) ମେଡ଼ିକାଲ ପଢ଼ିଲା ବୋଲି ଶୁଣିଲି ।'' ସେ ମୁଣ୍ଡ ଟୁଙ୍ଗାରି 'ହଁ' ମାରିଥିଲେ ।

ସେଇ ଅପା ଡାକଟି ସବୁଦିନ ପାଇଁ ରହିଗଲା । ଦୁଇବର୍ଷ କାଳ ଆମ ଭାଇ-ଭଉଣୀ ସଂପର୍କରେ ସାମାନ୍ୟତମ ବ୍ୟତିକ୍ରମ ଦେଖାଦେଇ ନଥିଲା । ବରଂ ଦିନକୁ ଦିନ ଘନିଷ୍ଠତା ବଢ଼ିଥିଲା । ଦିନେ କୌଣସି କାରଣରୁ ଦେଖା ନ ହେଲେ ଅପା (କମଳା ସାହୁ) ବ୍ୟସ୍ତ ହୋଇ ପଚୁଥିଲେ, ପଚାରି ବୁଝୁଥିଲେ, ପରେ ଦେଖା ହେଲେ ମୋତେ କୈଫୟଦ୍ ଦେବାକୁ ପଡୁଥିଲା । କେତେବେଳେ ଯେ ସମ୍ବୋଧନଟା ଆପଣରୁ ତୁମେ ହୋଇଗଲା ଜାଣି ପାରିଲିନି ।

ସେତେବେଳେ ଶାନ୍ତିନିକେତନରେ ସଂପର୍କଗୁଡ଼ାକ ଏତେ ସ୍ୱଚ୍ଛ ଥିଲା ଯେ କାହାକୁ କିଛି ଅଛପା ରହୁ ନଥିଲା । କିଏ କାହା ସହିତ ଭାଇ ବସିଚି ସେକଥା ସଭିଏଁ ଜାଣୁଥିଲେ । ଛାତ୍ର ସମାଜର ଦିଗ୍‌ଦର୍ଶକ (Proctor), ଅଧ୍ୟକ୍ଷ, ବିଭାଗୀୟ ମୁଖ୍ୟ, ଛାତ୍ରୀ-ହଷ୍ଟେଲ୍‌ର ତତ୍ତ୍ୱାବଧାରିକା ଏବଂ ଅନ୍ୟମାନେ ଜାଣୁଥିଲେ । ତା' ଆଶ୍ରମିକ ଜୀବନକୁ ସୁଶୃଙ୍ଖଳ ରଖିଥିଲା ।

ମୋର ଛାତ୍ରାବସ୍ଥାରେ ଆମର ମାନନୀୟ ପ୍ରୋକ୍ଟର ଥିଲେ ହାିନ୍ଦି ବିଭାଗର ମୁଖ୍ୟ ପ୍ରଫେସର୍ ରାମ ସିଂ ତୋମାର୍ । ତୋମାର୍‌ଜୀ ଅତିଶୟ ସ୍ନେହୀ, ବିଚାରବନ୍ତ ଓ ଆଧୁନିକ ଚନ୍ତା-ଚେତନାର ବ୍ୟକ୍ତି ଥିଲେ । ମୋତେ ସେ ମୂଳରୁ ନିରୀକ୍ଷଣ କରିଥିଲେ ଶେଷ ପର୍ଯ୍ୟନ୍ତ ଏବଂ ପଦେ ପଦେ ସୁବିଧା-ଅସୁବିଧା ପଚାରି ବୁଝୁଥିଲେ ।

Digitized by srujanika@gmail.com

ଅପା କ୍ରମଶଃ ମୋ'ର ତତ୍ତ୍ୱାବଧାରିକା ପାଲଟି ଯାଇଥିଲା, ପାଠ ପଢ଼ାରେ ଯତ୍ନବାନ୍ ହେବାକୁ ବାରମ୍ବାର ତାଗିଦ୍ କରୁଥିଲା । କେଉଁ ବହିରୁ କ'ଣ ପଢ଼ି ପରୀକ୍ଷା ଲାଗି ପ୍ରସ୍ତୁତ ହେବାକୁ ହେବ ସେ ବିଷୟରେ ରୀତିମତ ପରାମର୍ଶ ଦେଇ ମୋତେ ସ୍ନେହ-ବନ୍ଧନରେ ଛନ୍ଦି ରଖିଥିଲା ଅପା । ବେଳେ ବେଳେ ବଢ଼େଇ ଦେଉଥିଲା ତା' ନୋଟ୍ ଖାତା । କହୁଥିଲା– ''ଖାଲି କବିତା ଲେଖିଲେ ହେବନି, ପରୀକ୍ଷା କଥା ଭାବିବାକୁ ହେବ ।''

ନାଁ'ଟା ପ୍ରସନ୍ନ ହେଲେ କ'ଣ ହେବ ମୋ' ଭିତରେ ଏକ ବିଷାଦର ନଈ ନିରନ୍ତର ବହି ଯାଉଥିଲା । ସେଇ ବିଷାଦରୁ ବୋଧେ ନୀଳ ନିର୍ମଳ ଆକାଶକୁ ଚାହିଁ ସ୍ତବ୍ଧ ହୋଇଯିବା, ଖାରାରେ ଉଜ୍ଜ୍ୱଳ ଗଛଲତାଙ୍କୁ ଭଲ ପାଇବା ଓ ସୌନ୍ଦର୍ଯ୍ୟ ସମ୍ମୁଖରେ ନତଜାନୁ ଅବସ୍ଥାରେ ବିଭୋର ହୋଇ କାନ୍ଦି ପକେଇବା ମୋର ଚରିତ୍ର ହୋଇ ଯାଇଥିଲା । ସେତେବେଳେ ମୁଁ ଥିଲି ଚକୋର ପରି ଜ୍ୟୋତ୍ସ୍ନାପିଆସୀ, ବାହାରେ ଜ୍ୟୋତ୍ସ୍ନା ଥିଲେ ମୁଁ ସ୍ଥିର ହୋଇ ବସିପାରୁ ନଥିଲି ରୁମ୍ ଭିତରେ । ଋତୁ ହେଉକି ଅଋତୁ, ବର୍ଷା ହେଲେ ମୁଁ ଭିଜିବାକୁ ଦୌଡ଼ୁଥିଲି ଆଶ୍ରମ । ଆହା, ଭିଜିବାରେ ସେ କି ଆନନ୍ଦ, ଯେ ଭିଜେ ସେ କେବଳ ଜାଣେ ସିନା । କୋଇଲିର କୁହୁତାନ ଶୁଣିଲେ ମୁଁ ଚୁପ୍ ହୋଇ କାନେଇ ରହୁଥିଲି । ବାସ୍ତବିକ ଆବେଗର ଭଉଁରୀରେ ପଡ଼ି ମୁଁ ଯେବେ ଅତିଶୟ ସନ୍ତାପିତ ହେଉଥିଲି 'ଅପା' ଚିଠି ଲେଖି ମୋତେ ସାନ୍ତ୍ୱନା ଦେଉଥିଲା । ସହାନୁଭୂତିର ସହିତ କହୁଥିଲା– ''ପ୍ରସନ୍ନ ! ତୁ କିଛି ଜାଣିନୁ, ଖାଲି ଭାସି ଯାଉଛୁ, ଅଠାକାଠିରେ ପଡ଼ିଯିବୁ । ତୋ' ବୟସ ତୋତେ ଏଇମିତି ନଚଉଛି, ସାବଧାନ ।'' ପ୍ରକୃତରେ ଅପାର ସ୍ନେହ-ସାହଚର୍ଯ୍ୟ ଯୋଗେ ମୁଁ ଅନେକ ଦୁର୍ବଳ ଋତୁଙ୍କ ନିର୍ଯ୍ୟାତନାରୁ ରକ୍ଷା ପାଇଛି । ଅତିକ୍ରମି ଆସିଛି । ଆସିଛି ସିନା; କିନ୍ତୁ ଅବସାଦ ତଥାପି କଟିଚି ବୋଲି ମୋର ବିଶ୍ୱାସ ହୁଏ ନାହିଁ । ମୋତେ ତ ଲାଗେ କବିର ଜୀବନ ବହୁ ଶୋଚନୀୟ ବ୍ୟର୍ଥତାର ସମାହାର, ଯାହାକୁ ସେ ନୀଳକଣ୍ଠ ପରି ପାନ କରି ବସି ଯାଏ, ଏବଂ କବିତା ହେଉଛି ବ୍ୟର୍ଥତାର ମହାମନ୍ତ୍ର, ଯାହାକୁ ସେ ଆମରଣ ଜପୁଥାଏ ।

'ଅପା'ର ଜାତି କ'ଣ ମୁଁ ପଚାରି ନ ଥିଲି କେବେ । ଜାତିବାଚକ ଶବ୍ଦଗୁଡ଼ାକୁ ମୁଁ ପ୍ରଥମରୁ ହିଁ ଘୃଣା କରିବା ଶିଖିଥିଲି, ଘରୁ, ବାଲ୍ୟକାଳରୁ । 'ଅପା'ର ସଂସ୍କାର ଥିଲା ଉଚ୍ଚମାନର । ସେ ଯେତେବେଳେ କହୁଥିଲା– ''ହଇରେ ତୁ ବ୍ରାହ୍ମଣଟା, ତୋତେ ତୁ କହୁଚି ପାପ ହେବନି ?'' ମୁଁ କହୁଥିଲି– ''ଭାଇର ପୁଣି ଜାତି କ'ଣ । ସବୁ ଭାଇ ସବୁ ଭଉଣୀ ଏକା ଜାତିର ।'' ସେ ଖୁସି ହୋଇ ତାର ବଡ଼ ବଡ଼ ଆଖିରେ ମୋତେ

Digitized by srujanika@gmail.com

ଚାହୁଁ ଥିଲା, ଲୁହ ଜକେଇ ଆଣୁଥିଲା ସେ ଆଖିରେ । ମୁଁ ତା'ଭିତରେ ଏକ କାଳଜୟୀ ଭଗିନୀ-ପ୍ରତିମାକୁ ଦେଖି ପାରୁଥିଲି । ସନ୍ତୋଷ ପାଉଥିଲି ।

ଦିନକର କଥା । ସକାଳ ବେଳା କ୍ଲାସ୍ ସାରି ବିଭାଗରୁ ବିଦାୟ ନେଇ ହଷ୍ଟେଲକୁ ଗଲାବେଳେ 'ଅପା' ମୋ'ହାତରେ ଖଣ୍ଡିଏ କାଗଜ-ଟୁକୁରା ଗୁଂଜି ଦେଇଗଲା । ସେଥିରେ ଲେଖାଥିଲା– ''ସଞ୍ଜ ଛ'ଟା ବେଳକୁ ଆସିବୁ ।'' ମୋର ମନେପଡ଼ିଲା ସେଦିନ 'ଅପା'ର ଜନ୍ମଦିନ । ମୁଁ ସଂପୂର୍ଣ୍ଣ ପାସୋରି ଦେଇଥିଲି । ଅବଶ୍ୟ ସେଇ ଅବସରଟିକୁ ସେ ଗୋପନ ରଖିବାକୁ ଚାହୁଁଥିଲା, ଅଧିକ ଲୋକ ଜାଣିଲେ ଅଧିକ ଖର୍ଚ୍ଚ ହେବ ବୋଲି ନୁହଁ, ଲଜ୍ଜାବଶତଃ । ବାହାରକୁ ଦେଖେଇ ହେବା ତା'ର ପ୍ରକୃତି ନଥିଲା ।

ଶୁଭଯୋଗକୁ ସେଇ ଦିନ ଅପରାହ୍ନରେ ମୋ' ବାପା ପହଞ୍ଚିଗଲେ ଶାନ୍ତିନିକେତନ । ତାଙ୍କୁ ଅପାର ଜନ୍ମଦିନ କଥା କହିଲି । ସେତେବେଳକୁ 'ଅପା' ବିଷୟ ଆମ ଘରେ ସମସ୍ତେ ଜାଣି ସାରିଥିଲେ । ମୋର ସାନ ଭଉଣୀ ଥଟ୍ଟା କରି କହୁଥିଲା– ନନାକୁ (ମୋତେ) ପାଞ୍ଚପାଞ୍ଚଟା ଭଉଣୀ ଅଣ୍ଟିଲା ନାହିଁ ଯେ ସେ ଶାନ୍ତିନିକେତନରେ ଷଷ୍ଠ ଭଉଣୀ କଲାଣି । ମୋ' ସହିତ ସଂଧ୍ୟାରେ ବାପା ମଧ୍ୟ ଗଲେ 'ଅପା'କୁ ଦେଖା କରିବାକୁ । ଅପା ରହୁଥାଏ ଶ୍ରୀସଦନରେ, ଯଦିଓ ବିର୍ଲାମହିଳା ଛାତ୍ରୀ ନିବାସ ତିଆରି ସରିଥାଏ । ଅପା ବହୁତ ଖୁସି ହୋଇଥିଲା ମୋ' ବାପାଙ୍କୁ ଦେଖି । ପରଦିନଟା ବାପା ପୂର୍ବପଲ୍ଲୀ ଗେଷ୍ଟ ହାଉସ୍‌ରେ ରହିଲେ । ସେ ଓଡ଼ିଶା ଫେରିବା ବେଳେ 'ଅପା' ତାଙ୍କ ସହିତ ଗଲା । 'ବାପା' ତାକୁ 'ବାଲେଶ୍ୱର'ରେ ଓହ୍ଲେଇ ବାରିପଦା ବସ୍‌ରେ ବସେଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ସେଇ ମଉକାରେ ବାଟେଇ ଦେବା ବାହାନାରେ ମୁଁ ମଧ୍ୟ ସେମାନଙ୍କ ସହିତ କଲିକତା ଯାଏଁ ଯାଇଥିଲି ।

ଆଜି ଅପା (ଅଧ୍ୟାପିକା କମଳା ସାହୁ) ନାହିଁ, ମୁଁ ଯାହା କହୁଚି ସେଥିରେ ହଁ ମାରିବ କିଏ ? ତେବେ ଅଭିନ୍ନବାବୁ ଗଗନ ବାବୁ ଓ ବ୍ରହ୍ମାନନ୍ଦ ଅଛନ୍ତି, ଆମ ସଂପର୍କର ଗଭୀରତା ବିଷୟରେ ହୁଏତ ଅନେକ କଥା ମାଲୁମ ଅଛି ସେମାନଙ୍କୁ । କୌଣସି ଏକ ଅ-ଭାଇ ସହିତ ଅ-ଭଉଣୀକୁ ଏକମନକରି ଯୋଡ଼ି ଭାଇ ଭଉଣୀ କରିବାର ସ୍ନେହ ପ୍ରକ୍ରିୟାଟି କ'ଣ ଯିଏ ଶାନ୍ତିନିକେତନରେ ବଢ଼ିନାହିଁ ତା'ପକ୍ଷରେ ବୁଝିବା କଷ୍ଟକର ହେବ ।

ଆଉରି ଅନେକ କଥା କହିଥା'ନ୍ତି, କିନ୍ତୁ ଅପାର ଅବର୍ତ୍ତମାନରେ ସେସବୁ ଲେଖିବାର ଲୋଭ ସମ୍ବରଣ କରୁଛି, କାଳେ ଅନଧିକାର ଚର୍ଚ୍ଚା ହେବ । ତା'ଛଡ଼ା ସ୍ୱର୍ଗବାସିନୀ ସହିତ ପୁଣି ଥଟ୍ଟା-ମଜ୍ଜା କ'ଣ ?

ସମୟ କ୍ରମେ ବିଶ୍ୱଭାରତୀର ପୂର୍ବତନ ଛାତ୍ର ଅଧ୍ୟାପକ ଅଭିନ୍ନ ଚନ୍ଦ୍ର ସାହୁଙ୍କୁ ସେ ପତି ରୂପେ ବରଣ କରିଥିଲା । ନିଜେ ଓଡ଼ିଆ ଅଧ୍ୟାପିକା ରୂପେ ସରକାରୀ କଲେଜରେ

Digitized by srujanika@gmail.com

ଯୋଗ ଦେଇଥିଲା; କିନ୍ତୁ ଅବସର ନେବା ପୂର୍ବରୁ ସେ ଅକାଳରେ ସଂସାର ଛାଡ଼ି ଯାଇଥିବା ସମ୍ବାଦ ପୁଣି ମୁଁ ଗଭୀର ଦୁଃଖ ଅନୁଭବ କରିଥିଲି ।

ଅପାର ସ୍ମୃତିକୁ ନେଇ ଯେତେ ଲେଖିଲେ କମ୍ ହେବ । ସେଇ ଦେବୀତୁଲ୍ୟ ମହିଳା ଜଣକ ପ୍ରତି ଏ ମୋର ଶ୍ରଦ୍ଧା ସୁମନ ।

(ଦେଖନ୍ତୁ – ପରିଶିଷ୍ଟରେ ୪ କମଳା ସାହୁଙ୍କ ଚିଠି । ସେ ଲେଖିଥିବା ବହୁ ପତ୍ର ମୋ' ନିକଟରେ ଗଚ୍ଛିତ ରହିଚି ।)

ବାମରୁ - ବ୍ରହ୍ମାନନ୍ଦ ସିଂହ, ମଞ୍ଜୁଳା ଲାଲ, ଅଞ୍ଜଳି,
ଉପାଚାର୍ଯ୍ୟ ଜଷ୍ଟିସ୍ ସୁଧୀରଞ୍ଜନ ଦାସ, ଚଞ୍ଚଳ କୁମାରୀ ଏବଂ ଲେଖକ
ସମାବର୍ତ୍ତନ - ୧୯୬୩

Digitized by srujanika@gmail.com

।। ଚଉତିରିଶ ।।

ଆଧୁନିକ ଭାରତରେ କୌଣସି ଏକ ବିଶ୍ୱବିଦ୍ୟାଳୟର ପରିସର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ଶାନ୍ତିନିକେତନ ଯେ ଶ୍ରେଷ୍ଠ ଏଥିରେ ଦ୍ୱି-ମତ ନ ଥାଇପାରେ । ଜଣେ କବିଙ୍କ ପ୍ରସ୍ତୁତ ସ୍ୱପ୍ନପୁରୀ ବହୁଜନଙ୍କ ଚିତ୍ତରେ ହିଲ୍ଲୋଳ ସୃଷ୍ଟି କରିବାକୁ ସମର୍ଥ । ଏବେ ମଧ୍ୟ ତା'ର ସେ ସାମର୍ଥ୍ୟ ଊଣା ହୋଇନି । ଏମିତି ତ ଆମେ ଗଛମୂଳେ ବସି କ୍ଲାସ୍ କରୁଥିବା ବେଳେ ପ୍ରତ୍ୟହ ଦଳଦଳ ନରନାରୀ ଆମକୁ ଚାହିଁ ଚାହିଁ ବିସ୍ମିତ ଓ ଉଲ୍ଲସିତ ହେଉଥିଲେ । ରବିବାର ଦିନ ସେମାନଙ୍କ ସଂଖ୍ୟା ବହୁଗୁଣିତ ହେଉଥିଲା । କାରଣ ଛୁଟିଦିନ, ଅଥଚ ବିଶ୍ୱଭାରତୀ ଖୋଲା; ବିଶ୍ୱଭାରତୀର ଛୁଟିଦିନ ଥିଲା ବୁଧବାର ।

କିନ୍ତୁ ପୌଷମେଳା ଓ ବସନ୍ତୋତ୍ସବ ଅବସରରେ ଏତେ ସଂଖ୍ୟକ ପର୍ଯ୍ୟଟକ ଆସୁଥିଲେ ଯେ ଶାନ୍ତିନିକେତନରେ ଜାଗା ଅକୁଳାଣ ହେଉଥିଲା । ଓଡ଼ିଶାରୁ ମଧ୍ୟ ସ୍କୁଲ୍, କଲେଜ ତଥା ବିଶ୍ୱବିଦ୍ୟାଳୟର ଛାତ୍ର-ଛାତ୍ରୀ, ଶିକ୍ଷକ, ଅଣ-ଶିକ୍ଷକମାନେ ଶାନ୍ତିନିକେତନ ବୁଲି ଆସୁଥିଲେ । ଉତ୍ସବ ଦିନମାନଙ୍କରେ ସେମାନଙ୍କ ପାଇଁ ରହିବା-ବନ୍ଦୋବସ୍ତ ଆୟାସକର ହୋଇଥାଏ । ଯେଉଁମାନେ ପୂର୍ବରୁ ଜଣାଇଥାନ୍ତି ବିଶ୍ୱଭାରତୀ ତରଫରୁ ସେମାନଙ୍କ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଇଥାଏ । ଓଡ଼ିଆ ପର୍ଯ୍ୟଟକଙ୍କ ସୁବିଧା-ଅସୁବିଧା ବୁଝିବାର ଦାୟିତ୍ୱ ପରିଷଦର ସଂପାଦକ ରୂପେ ପ୍ରାୟ ମୋତେ ହିଁ ତୁଲାଇବାକୁ ପଡୁଥିଲା ।

କାଲିଭଳି ମନେ ଅଛି, ୧୯୬୧ 'ବସନ୍ତୋତ୍ସବ' ଅବସରରେ ବାଲେଶ୍ୱରର କୌଣସି ଗୋଟିଏ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ-ଛାତ୍ରୀଙ୍କ ସମେତ ତାଙ୍କର ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଶାନ୍ତିନିକେତନ ବୁଲି ଆସିଥିଲେ । 'ବସନ୍ତୋତ୍ସବ' ପୂର୍ବ ସଂଧ୍ୟାରେ ପରିଷଦ ତରଫରୁ ଆମେ ଏକାଠି ହୋଇଥିଲୁ 'ଚୀନା ଭବନ'ର ସଭାକକ୍ଷରେ ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ଦାଶଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବାକୁ । ସେଇ ସଭାରେ ଉଲ୍ଲିଖିତ ବାଲେଶ୍ୱର ବିଦ୍ୟାଳୟର ଛାତ୍ରୀ-ଓ-ଶିକ୍ଷୟିତ୍ରୀମାନେ ମୋର ଅନୁରୋଧ କ୍ରମେ ଯୋଗ ଦେଇଥିଲେ । ତା'ପରଦିନ ସେମାନେ ଅତି ଆନନ୍ଦ ଉଲ୍ଲାସର ସହିତ ବାସନ୍ତୀ କାର୍ଯ୍ୟକ୍ରମଗୁଡ଼ିକ ଉପଭୋଗ କରିଥିଲେ ଏବଂ ସକାଳେ (କାର୍ଯ୍ୟକ୍ରମ ପରେ) ରଙ୍ଗ-

Digitized by srujanika@gmail.com

ଅବିର ଖେଳରେ ଯୋଗ ଦେଇଥିଲେ । ବସନ୍ତ ପୂର୍ଣ୍ଣିମା ଦିନ ସଂଧ୍ୟାପରେ ବିଶ୍ୱଭାରତୀ ତରଫରୁ ସେତେବେଳେ ଅତି ଉଚ୍ଚମାନର ସଙ୍ଗୀତ ପରିବେଷିତ ହେଉଥିଲା ଏବଂ ନିପୁଣ ଶିଳ୍ପୀମାନଙ୍କ ଦ୍ୱାରା ରବୀନ୍ଦ୍ରନାଥଙ୍କ ଗୀତିନାଟ୍ୟ ଅଥବା ନୃତ୍ୟ ନାଟିକା ଅଭିନୀତ ହେଉଥିଲା ମୁକ୍ତ ଆକାଶ ତଳେ । ସେଇ ସୂତ୍ରରେ ମୁଁ 'ଚଣ୍ଡାଳିକା' ଓ 'ଚିତ୍ରାଙ୍ଗଦା' ପ୍ରଭୃତି ଗୀତ-ନୃତ୍ୟ-ସମନ୍ୱିତ ନାଟିକାଗୁଡ଼ିକ ଦେଖି ପାରିଥିଲି । ଜାଣିପାରିଥିଲି ଆମର ପାରମ୍ପରିକ ଗୀତାଭିନୟଠାରୁ ନୃତ୍ୟନାଟିକାଗୁଡ଼ିକ କେତେ ଅଲଗା । ସେତେବେଳେ 'ଚିତ୍ରାଙ୍ଗଦା' ଭୂମିକାରେ ଯିଏ ନଟିନୀ ସାଜୁଥିଲେ ସେ ସମଗ୍ର ବଙ୍ଗ-ଭୂମିରେ ପରେ ପରେ ବିଖ୍ୟାତ ହୋଇଯାଇଥିଲେ । ସେସବୁ ଦେଖି ଓଡ଼ିଆ ଟୁରିଷ୍ଟମାନଙ୍କ ମଧ୍ୟରୁ ଅଧିକାଂଶ ଯେ ଭାବପ୍ରବଣ ହୋଇପଡୁଥିଲେ ଏଥିରେ ସନ୍ଦେହ ନାହିଁ ।

ବସନ୍ତୋତ୍ସବ ଦିନ ସକାଳେ ସାଂସ୍କୃତିକ କାର୍ଯ୍ୟକ୍ରମ (ଗୀତ ଓ କବିତାବୃତ୍ତି) ଶେଷ ହେଉଥିଲା ଜଣେ ନଟିନୀ ନାଚି ନାଚି ଅବିରଖେଳ ଉନ୍ମୋଚନ କରିବା ପରେ ତାର ପ୍ରଭାବ ଥିଲା ଅପୂର୍ବ । ସୌନ୍ଦର୍ଯ୍ୟପ୍ରେମୀ ମହାକବି ସମ୍ଭବତଃ ବୌଦ୍ଧଯୁଗର ଆମ୍ରପଲ୍ଲୀଙ୍କୁ ସ୍ମରଣ କରି ଏପରି ଏକ ମନୋଜ୍ଞ ଅବିର ନୃତ୍ୟର ଆରମ୍ଭ କରିଥିଲେ ।

ବାସ୍ତବିକ ଅବିରଖେଳ ଥିଲା ଶାଳୀନ ଓ ରୁଚିପୂର୍ଣ୍ଣ । ପାଣି ରଙ୍ଗର ବ୍ୟବହାର ଏକାନ୍ତ ନିଷିଦ୍ଧ ଥିଲା । ରଙ୍ଗ ଅବିର ଖେଳର ଅନିର୍ବଚନୀୟ ସ୍ମୃତି ଧରି ଅସଂଖ୍ୟ ଟୁରିଷ୍ଟ ନିଜ ନିଜ କ୍ଷେତ୍ରକୁ ବାହୁଡ଼ି ଯାଉଥିଲେ, ସେଇଦିନ ବିଳମ୍ବିତ ପ୍ରହରର ରାତିଗାଡ଼ିରେ କିମ୍ବା ତା'ପରଦିନ ସକାଳେ ।

ଓଡ଼ିଆ ଅତିଥିବର୍ଗଙ୍କୁ ସାହାଯ୍ୟ କରିବା ଆମ ସାହିତ୍ୟ ପରିଷଦର ଏକରକମ ଅଘୋଷିତ ସଂସ୍କୃତିରେ ପରିଣତ ହୋଇଯାଇଥିଲା ।

ସେଥର, ମନେଅଛି, ବାଲେଶ୍ୱରର ପିଲାଙ୍କୁ ସୁବିଧାରେ ରେଳରେ ବସାଇ ଦେବାକୁ ମୁଁ ଏବଂ ଗଗନେନ୍ଦ୍ରନାଥ ଦାଶ ବୋଲ୍‌ପୁର ଷ୍ଟେସନ୍ ଯାଇଥିଲୁ । ଅଢ଼େଇ ଦିନର ଚିହ୍ନା-ଜଣା, ମାତ୍ର ଦୁଇ ଦିନର ମିଳାମିଶା, ସୀମିତ କଥାବାର୍ତ୍ତା ଭିତରେ ଏମିତି କ'ଣ ହୋଇଯାଇଥିଲା ଯେ ଅନେକଙ୍କର ଆଖିରେ ଜକେଇ ଆସିଥିଲା ଲୁହ ।

କେତୋଟି ଶୁଭେଚ୍ଛା ସୂଚକ ଶବ୍ଦ ଉଚ୍ଚାରଣ ବ୍ୟତୀତ କାହାର କିଛି କହିବାର ନଥିଲେ ବି ସେଇ ନୀରବତା ଭିତରେ ସେମାନେ ଅନେକ କଥା କହିଯାଇଥିଲେ । ଘରେ ପହଞ୍ଚି ଚିଠି ଲେଖିଥିଲେ ।

ପ୍ରକୃତରେ ଶାନ୍ତିନିକେତନ ଥିଲା କିଶୋର ତଥା ଯୁବା ପର୍ଯ୍ୟଟକଙ୍କ ନିମନ୍ତେ ମାୟାପୁରୀ, ଯିଏ ଥରେ ଆସୁଥିଲା ଫେରିବାକୁ ଇଚ୍ଛା କରୁନଥିଲା ।

ସେଥର, ଗାଡ଼ି ପ୍ଲାଟ୍‌ଫର୍ମ ଛାଡ଼ିବା ଯାଏଁ ମୁଁ ହାତ ହଲେଇ ବାଇ ବାଇ କରିଥିଲି ।

Digitized by srujanika@gmail.com

ପରେ, ତାଙ୍କ ମଧ୍ୟରୁ କେଇ ଜଣ ଓ ଜଣେ ଶିକ୍ଷୟିତ୍ରୀ ମୋ' ପ୍ରତି କୃତଜ୍ଞତା ପ୍ରକାଶ କରି ଚିଠି ଲେଖିଥିଲେ ।

ତା'ପରେ ଯୁଗଯୁଗାନ୍ତର ଧରି ବିସ୍ମୃତି । ଏଇ ତ ଜୀବନ ! ମାୟା ପରି ଲାଗେ; କିନ୍ତୁ ମାୟା ନୁହେଁ, ସଂପୂର୍ଣ୍ଣ ବାସ୍ତବତା । ସମୟ ତା'ନିଜ ହାତରେ ଅନେକ ବାସ୍ତବ ଅନୁଭବକୁ ପୋଛି ନେଇ ବିସ୍ମୃତି ଗର୍ଭକୁ ଠେଲି ଦିଏନି କି ? ମନରେ ଥାଇ ବି ମନରେ ରହେନି; ଭୁଲି ହୋଇଯାଏ, ଭୁଲି ହେଇଗଲା ଭଳି ସ୍କୁଲ୍‌ଜୀବନର ଅଭୁଲା ଡ୍ରଇଂ ଖାତାର ଛବିଗୁଡ଼ାକ ।

ପିଏଚ୍.ଡି. ଡିଗ୍ରୀ ଗ୍ରହଣ କରିବା ସମୟରେ - ୧୯୭୧

Digitized by srujanika@gmail.com

।। ପଇଁତିରିଶି ।।

ପ୍ରତ୍ୟେକ ଯୁବକର ନିଜସ୍ୱ ମାନସିକ ଜଞ୍ଜାଳ ଥାଏ, ମୋର ବି ଥିଲା । ମନର ଗୁପ୍ତ କୋଠରୀରେ ଚାଲିଥିଲା ନିରନ୍ତର ଦେବୀ ଅର୍ଚ୍ଚନା । ସବୁ ମୁହୂର୍ତ୍ତ ଥିଲା ସମର୍ପିତ । କିନ୍ତୁ କ୍ୱଚିତ୍ କବିଙ୍କ ଦେବୀ-ପୂଜା ସଫଳ ହୁଏ, ଦେବୀ ସନ୍ତୁଷ୍ଟ ହୁଅନ୍ତି ଓ ଶ୍ରୀଅଙ୍ଗରୁ ଫୁଲ ଖସି ପଡ଼େ । ନିଜ ତରଫରୁ ଦେବୀ ବର ଯାଚି ଦିଅନ୍ତି – 'କ'ଣ ମାଗୁଚୁ ମାଗ ।' ସେମାନେ କୃପା ଭିକ୍ଷା କରି ମହାକବି ହୋଇଯାଆନ୍ତି । କିନ୍ତୁ ମୋ' ପରି ଅଧମ କବି ନିଜ ପ୍ରତି ଏଡ଼େ ନିଷ୍ଠୁର ଯେ ସେ ବିଶେଷ କିଛି ମାଗି ପାରେ ନାହିଁ, କୁହାଯାଇପାରେ ମାଗି ଜାଣେ ନାହିଁ । ଧର୍ମ, କାମ, ଅର୍ଥ କି ମୋକ୍ଷ – ତାଙ୍କ ବାସନାର ତାଲିକାଭୁକ୍ତ ହୋଇ ନଥାଏ । ସେ ମାଗି ବସନ୍ତି – 'ହେ ଦେବି ! ତୁମର ଅଖଣ୍ଡ ସ୍ମିତହାସ୍ୟ ମୋତେ ପ୍ରାପ୍ତ ହେଉ ।' ଦେବୀ କ'ଣ ଭାବନ୍ତି କେଜାଣି – 'ତଥାସ୍ତୁ' କହିବାକୁ ତାଙ୍କ ଜିଭ ଲେଉଟେ ନାହିଁ । ଉଭାନ୍ ହୋଇଯା'ନ୍ତି । ମୋ ଅବସ୍ଥା ଥିଲା ସେଇଆ, ଅମାଗ୍ୟ ମାଗି ବ୍ୟର୍ଥ ହୋଇଚି । ତେବେ ଅର୍ଚ୍ଚନାରେ ହେଳା ଉପୁଜି ନାହିଁ ଆଜି ପର୍ଯ୍ୟନ୍ତ ।

କଥିତ ଅଛି– କବି ଉପେନ୍ଦ୍ର ଭଞ୍ଜଙ୍କୁ ଆବିର୍ଭୂତା ଦେବୀ ମାଗିଲେ – 'ରକ୍ତ ଦେ ।' ଉପେନ୍ଦ୍ର ତତ୍‌କ୍ଷଣାତ୍ ତରବାରିରେ ସେବକ (ଭଣ୍ଡାରୀ)ର ଶିରକାଟି ରକ୍ତ ଅର୍ପଣ କରିଥିଲେ । ସନ୍ତୁଷ୍ଟ ଦେବୀ ବର ଯାଚିଲେ – ''ମାଗ୍ ।'' ଚତୁର ରାଜପୁତ୍ର ମାଗିଲେ – ''ସେବକ ପୁନର୍ଜୀବିତ ହେବ, ମୁଁ ମହାକବି ହେବି ।'' ଦେବୀ କହିଲେ – ''ତଥାସ୍ତୁ ।''

ମୋର ଅରାଧ୍ୟା କିନ୍ତୁ କିଛି ମାଗି ନ ଥିଲେ । କିଛି ଦେଇ ନ ଥିଲେ ମଧ୍ୟ । କେବଳ ଶ୍ରୀଅଙ୍ଗରୁ ଫୁଲଟିଏ ଖସାଇ ନୀରବ ରହିଯାଇଥିଲେ ।

ଏଇ ବ୍ୟର୍ଥତା ହିଁ ମୋ' କବି ଜୀବନର ସଂକଟ ହୋଇ ରହିଗଲା । କିନ୍ତୁ ସ୍ୱୀକାର କରିବାକୁ ହେବ – ସେଇ 'ଅଖଣ୍ଡ ସ୍ମିତହାସ୍ୟ'ର କଳ୍ପନା ମୋର କବି ପଣିଆକୁ ବଞ୍ଚେଇ ବଞ୍ଚେଇ ଏତେ ବାଟ ଆଣିଚି ।

କଳା ଭବନର ତତ୍‌କାଳୀନ ଛାତ୍ର ପଦ୍ମନାଭ ମିଶ୍ର ମୋର ବେଶ୍ ଅନ୍ତରଙ୍ଗ ହୋଇ ଉଠିଥିଲେ । ଛବି ଅଙ୍କନ ସହିତ ତବଲା ବଜାଉଥିଲେ ସେ । ଛବି ଅଙ୍କନରେ ଭଲ ହାତ । ତାଙ୍କୁ ଅନୁରୋଧ କଲି । ସେ ମୋ' ଅଭ୍ୟନ୍ତରର ଦେବୀ-କଳ୍ପଟିକୁ ରେଖାରଙ୍ଗରେ ରୂପାୟିତ କରି ଦେଇଥିଲେ, ଯେଉଁଟିକୁ ଯତ୍ନରେ ଝୁଲାଇ ରଖିଥିଲି ମୋ' କୋଠରୀର କାନ୍ଥରେ । ସେପରି ସାନ୍ତ୍ୱନାର ଜବାବ ନାହିଁ ।

Digitized by srujanika@gmail.com

ନିଜ ଉପରେ ଅଭିମାନ କରିବା ଛଡ଼ା କବିର ଅନ୍ୟଗତି ନଥାଏ । ସେଇ 'ଅଭିମାନ' ହିଁ ତା' କବିତାର ସ୍ୱର ଓ ଛନ୍ଦକୁ ପ୍ରଭାବିତ କରେ । ପାଠକେ ଖୁସି ହୁଅନ୍ତି, ବୁଝି ପାରନ୍ତି ନାହିଁ ଅଭିମାନୀ କାବ୍ୟ-ବ୍ୟକ୍ତି କିଭଳି ଯନ୍ତ୍ରଣାରେ ଛଟପଟ ହେଉଛି ।

ମଣିଷର ଜୀବନ କପଟତାମୟ । କିନ୍ତୁ କବିର ବ୍ୟଥାରେ କପଟ ନଥାଏ । 'ସିଂହସଦନ'ରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଯେଉଁ 'ଚା'କପ୍' ଶୀର୍ଷକ କବିତା ପଢ଼ିବା କଥା ପୂର୍ବରୁ କହିଚି, ସେଇ କବିତାର ଦ୍ୱିତୀୟ ପଦରେ ଥିଲା:

''ତୁମେ ଯେଉଁମାନେ ସୁନ୍ଦରୀସବୁ ଦୁନିଆର
ଆଖି, ଓଠ,ବେଣୀ, ଅଙ୍ଗ ବହିଚ଼ ଅଙ୍ଗନା,
ତୁମ କଥା ଆଉ ଭାବିବି ନାହିଁ ମୁଁ ଠିକ୍ କଲି
ତୁମ ଲାଗି ଆଉ କାନ୍ଦିବି ନାହିଁ ଠିକ୍ କଲି,
ନିଷ୍ଫଳ ଯେଣୁ ହୃଦୟର ପ୍ରୀତି ବନ୍ଦନା ।''

ଶ୍ରୋତାଙ୍କ ତରଫରୁ ଅନେକ ଅଶ୍ରୁଛଳଛଳ ବାହାବା ମିଳିଥିଲା ସେଦିନ । କିନ୍ତୁ ନିଜ ଭିତରକୁ ଫେରି ଆସିବା ପରେ ଅନୁଭବ କରିଥିଲି ଯେ ଏ ଅଭିମାନ ଠିକ୍ ହୋଇନାହିଁ । ଯେଉଁ ଦେବୀଙ୍କୁ ସମସ୍ତ କାବ୍ୟିକ ମୁହୂର୍ତ୍ତ ସମର୍ପଣ କରି କବି ବଞ୍ଚେ ସେଇ ଦେବୀଙ୍କ ଆଖିରେ ଅଶ୍ରୁ ଦେଖିବାକୁ କବି କାମନା କରି ନଥାଏ । ପରେ ପରେ ମୁଁ ଲେଖିଥିଲି :

''ମୁଁ କି ଜାଣିଥିଲି କାନ୍ଦି ଉଠିବ ତୁମେ
ଆଖିରୁ ଗଡ଼ିବ ବ୍ୟଥାର ବର୍ଷା ଧାର !
ପ୍ଲାବିତ ହୋଇବ ଛାତିର ତତଲା ଭୂଇଁ
ଧୋଇ ହୋଇଯିବ ଛନ୍ଦ, କପଟ ମୋର !''

ଏଇ ଆବେଗ ପ୍ରବଣ କବିତା ଗୁଡ଼ିକ ବିଭିନ୍ନ ଅବସରରେ ପାଠ କରାଯାଇଥିଲେ ମଧ୍ୟ ପ୍ରକାଶ ପାଇଁ କୌଣସି ପତ୍ର-ପତ୍ରିକାକୁ ପଠା ହୋଇ ନ ଥିଲା । ଅବଶ୍ୟ ପ୍ରାୟ ବର୍ଷକ ପରେ ବନ୍ଧୁ ଅଧାପକ ବ୍ରହ୍ମାନନ୍ଦ ଦାସ 'ଚା'କପ୍' କବିତାଟିକୁ 'କେନ୍ଦ୍ରାପଡ଼ା କଲେଜ ପତ୍ରିକା'ର ପ୍ରଥମ ସଂଖ୍ୟାରେ ଛାପିଥିଲେ । ସେତେବେଳେ ନୂଆ ଓଡ଼ିଆକାବ୍ୟ ଧାରାରେ ମୋ'ର ଆବେଗପୂର୍ଣ୍ଣ କବିତାର ସ୍ଥାନ ନ ଥିଲା । ତେଣୁ ଅନେକାନେକ ସୃଷ୍ଟି ପ୍ରକାଶ ପାଇଁ ପଠେଇବାକୁ ଇଚ୍ଛା କରି ନ ଥିଲି ।

ସାହିତ୍ୟକ ମୂଲ୍ୟ ଥାଉ ବା ନ ଥାଉ ସେଇ ସମୟର କବିତାଗୁଡ଼ିକ ମୋତେ ଅନ୍ତରଙ୍ଗ ଜୀବନର ଦର୍ପଣ ପରି ଲାଗେ । ସେସବୁରେ ଭରି ରହିଚି ମୋର ପ୍ରିୟ ସ୍ମୃତି ।

Digitized by srujanika@gmail.com

ତହିଁରୁ କିଛି ହଜିଗଲାଣି, କିଛି କାଗଜ ଛିଡ଼ି ଗଲାଣି । କେଇଟିକୁ ମୁଁ ଜୀର୍ଣ୍ଣ ପୃଷ୍ଠାରୁ ଏବେ ଏବେ ଉଦ୍ଧାର କରିଛି । କିଛି ପୂର୍ଣ୍ଣାଙ୍ଗ, କିଛି ଅପୂର୍ଣ୍ଣ । କେତେକ ଦୀର୍ଘ ନିଶ୍ୱାସ ପରି, କେତେକ ଠୋପାଏ ଠୋପାଏ ଅଶ୍ରୁପରି, ଆଉ ବା କେତେକ ରେଖାଏ ରେଖାଏ ସ୍ମିତହାସ୍ୟ ପରି ଲାଗନ୍ତି ମୋତେ ।

ଶେଷକଥା ...

ରଙ୍ଗୀ, ଭଙ୍ଗା ସ୍ମୃତି-ଚିତ୍ର ବ୍ୟତୀତ ମୋ ନିକଟରେ ଆଉ ସେଇ ସୁନେଲି ଦିନର ଅବଶିଷ୍ଟ କିଛି ନାହିଁ ।

ଯା' ଭିତରେ ସବୁ ହଜେଇ ଦେଇଚି, ଏକୁଟିଆ ହୋଇଯାଇଚି । ସାଙ୍ଗରେ କେହି ନାହିଁ ।

ମନେପଡୁଚି ଅନ୍ତିମ ପରୀକ୍ଷାର ଅଳ୍ପ କେଇଦିନ ପରେ 'କମନ୍‌ୱେଲ୍‌ଥ ଫେଲୋସିପ୍' ବାବଦରେ ଏକ ସାକ୍ଷାତ୍‌କାର ପାଇଁ ଦିଲ୍ଲୀ ଯିବାକୁ ପଡ଼ିଥିଲା । ଫେଲୋସିପ୍ ମିଳିଥିଲା ବି ମାଳୟ ଯିବାକୁ । କିନ୍ତୁ ଯେଉଁଦିନ ସାକ୍ଷାତ୍‌କାର ଶେଷ ହେଲା ସେଇଦିନ ହିଁ ନୂତନ ମାଲୟେସିଆ ଗଠିତ ହୋଇଥିଲା । ସେ ଦେଶରେ ଲାଗି ରହିଲା ନାନା ପ୍ରକାରର ରାଜନୈତିକ ଗଣ୍ଡଗୋଳ ମାସ ମାସ ଧରି । ମାଳୟର ଲୋକ-ସାହିତ୍ୟ ଓ ସଂସ୍କୃତି ବିଷୟରେ ଗବେଷଣା ତଥା ତୁଳନାତ୍ମକ ଅଧ୍ୟୟନ ମୋର ଆଶା ଥିଲା । ସଫଳତା ସତ୍ତ୍ୱେ କାର୍ଯ୍ୟକ୍ରମଟି ଉପରସ୍ତରରେ ପ୍ରଥମେ ସ୍ଥଗିତ ଓ ପରେ ବାତିଲ ହୋଇଯାଇଥିଲା । ସେ ଫାଇଲ୍ ବୋଧେ ଆଉ ଖୋଲାଗଲା ନାହିଁ, ଯେହେତୁ ରାଜନୈତିକ ଦୃଷ୍ଟିକୋଣରୁ ମାଲୟର ସ୍ୱାତନ୍ତ୍ର୍ୟ ସବୁଦିନ ପାଇଁ ବୁଡ଼ିଯାଇଥିଲା ସେଇ ଭାବେ । ଦିଲ୍ଲୀରୁ ଫେରି ଶାନ୍ତିନିକେତନରେ ପହଞ୍ଚିଲା ବେଳକୁ ସବୁ ସହପାଠୀ ହଷ୍ଟେଲ ଛାଡ଼ି ସାରିଥିଲେ । କେବଳ କଳାଭବନରେ ଥିଲା କିଶୋରୀ ।

ମୁଁ ଶାନ୍ତିନିକେତନ ଛାଡ଼ିବା ପରେ ସେ ବିଚରା ଆଉରି ଏକୁଟିଆ ହୋଇଯାଇଥିଲା ସେତେବେଳେ । କେଇଦିନ ଅଧିକା ରହିବାକୁ ଇଚ୍ଛା ଥିଲେ ବି ରହି ହେଲାନି, କାରଣ ମୁଁ ଯେଉଁ କୋଠରିଟିରେ ରହୁଥିଲି, ସେଇଟି ଅନ୍ୟଜଣଙ୍କ ନାମରେ ହୋଇସାରିଥିଲା । ସେ ଦିନକୁ ଦୁଇଥର ହସିହସି ପଚାରୁଥିଲେ - ''କେବେ ଛାଡୁଛନ୍ତି ।''

ଅଗତ୍ୟା ୧୯୬୩ ମସିହା ଅଗଷ୍ଟ ମାସର ତୃତୀୟ ସପ୍ତାହରେ ଶାନ୍ତିନିତେକ ଛାଡ଼ିଥିଲି ମୋତେ ବିଦାୟ ଦେବାକୁ କେହି ଆସିନଥିଲେ ଷ୍ଟେସନ୍‌କୁ ।

Digitized by srujanika@gmail.com

ଛାତ୍ର-ଜୀବନର ପରିସମାପ୍ତି ଘଟିବାପରେ ଅନ୍ୟ ଯେଉଁ ଜୀବନ ଆରମ୍ଭ ହୋଇଥିଲା– ତା' ଥିଲା ଏକାନ୍ତ ଭିନ୍ନ, ଯେଉଁ ବିଷୟରେ ମୁଁ ପରେ କେବେ କହିବି ।

ଅବଶ୍ୟ ମାତ୍ର ବର୍ଷକପରେ ମୁଁ ପୁଣି ଶାନ୍ତିନିକେତନ ଗଲି ୟୁ.ଜି.ସି.ର ଜୁନିୟର୍ ରିସର୍ଚ୍ଚ ଫେଲୋସିପ୍ ଗ୍ରହଣକରି । ଅଧ୍ୟାପକ ଖଗେଶ୍ୱର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଲୋକ-ସଂସ୍କୃତି ସଂପର୍କରେ ଗବେଷଣାଟିଏ କରିବାକୁ ।

କିନ୍ତୁ ବର୍ଷକ ଭିତରେ ଶାନ୍ତିନିକେତନରେ ବହୁତ କିଛି ବଦଳି ଯାଇଥିଲା । ବିଭାଗଛାଡ଼ି ରାଜ୍ୟାନ୍ତର ଚାଲିଯାଇଥିଲେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ । ତାଙ୍କ ସ୍ଥାନରେ ଆସିଥିଲେ ରାଉରକେଲା... ରାଉତ୍ରୁ କୃଷ୍ଣଚରଣ ସାହୁ, ଯିଏ କଥାକଥାକେ ଓଡ଼ିଆଠାରୁ ଅଧିକ ହୀନ୍ଦି କହୁଥିଲେ ।

ଅବଶ୍ୟ ସବୁଠିକ୍ ଥିଲା । ବିଭାଗରେ ସ୍ନେହ-ଶ୍ରଦ୍ଧା ଊଣା ହୋଇଯାଇଥିଲା ବୋଲି କହିହେବନି । କିନ୍ତୁ ମୁଁ ତ ଆଉ ଛାତ୍ର ନଥିଲି, କରନ୍ତି କ'ଣ ।

ନିଜକୁ ଗୁପ୍ତ କରି ଶିଖିଲି, ଲେଖାଲେଖିରେ ଅଧିକ ସମୟ ଦେଲି । ୧୯୬୪ ଶରତ କାଳରେ ବସି 'ଅସୁର' ଉପନ୍ୟାସ ଲେଖିଲି ।

ଛାତ୍ର-ଜୀବନ ଯୋଡ଼ି ହୋଇଗଲା ନୂଆ ଜୀବନର କର୍ମ-ଧାରା ତଳେ ।

ଗବେଷଣା ତଥା ଅଧ୍ୟାପନା କାମରେ ଚାହୁଁ ଚାହୁଁ ତିନୋଟିବର୍ଷ ବିତିଗଲା । ୧୯୬୭ରେ ଗବେଷଣା ନିବନ୍ଧ ଦାଖଲ କରିବାପରେ ମୁଁ ବିଶ୍ୱଭାରତୀରୁ ବିଦାୟ ନେଇ ଆସିଥିଲି ଓଡ଼ିଶା ଶିକ୍ଷା-ସେବାରେ ନିୟୋଜିତ ହେବାକୁ ।

❑❑❑

Digitized by srujanika@gmail.com

ପରିଶିଷ୍ଟ - (କ)

ସେମାନଙ୍କ ଚିଠି ପତ୍ର

Digitized by srujanika@gmail.com

Digitized by srujanika@gmail.com

ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଚିଠି

ଶାନ୍ତିନିକେତନରେ ଥିବା ସମୟରେ ଓଡ଼ିଶାର ବହୁ ବିଶିଷ୍ଟ କବି/ଲେଖକଙ୍କ ସହିତ ମୋର ସମ୍ପର୍କ ଥିଲା । ସେମାନଙ୍କଠାରୁ ନିୟମିତ ଚିଠିପତ୍ର ପାଉଥିଲି । ଏଠାରେ ଶ୍ରୀ ଗୋପୀନାଥ ମହାନ୍ତି ମୋ ନିକଟକୁ ଲେଖିଥିବା ତିନୋଟି ପତ୍ର ପାଠକ-ପାଠିକାଙ୍କୁ ଉପହାର ଦେଉଛି ...

ଚିଠି-୧

ୟୁନିଟ୍ ୬, ଟାଇପ-୨,

ଘର ନଂ. ୧୭, ନୂଆରାଜଧାନୀ

ତା ୧୨.୧.୬୧

ସ୍ନେହର ପ୍ରସନ୍ନବାବୁ,

ମୋର ନମସ୍କାର ଜାଣିବେ । ଆପଣଙ୍କ ପତ୍ର ପାଇଲା ଦିନରୁ ‘ରତ୍ନଦ୍ୱୀପର ମାଝି’ ବହିଟି ପାଇବାକୁ ଅପେକ୍ଷା କରିଛି, ମିଳିନାହିଁ, ଡାକରେ ହଜିଗଲା କି ? ପଠାଇବେ ।

ଅକ୍ଟୋବର ମାସରୁ ପ୍ରତ୍ୟହ କଟକ ଯା ଆସ ବା ଗସ୍ତରେ ବୁଲା । ତେଣୁ ଚିଠିପତ୍ର ଲେଖିବାକୁ ଡେରି ହୋଇଯାଉଛି । ତନ୍ମଧ୍ୟରୁ ଗୋଟିଏ ଡେରି ଅଧ୍ୟାପକ ଶ୍ରୀ ବିନୟ ଭଟ୍ଟାଚାର୍ଯ୍ୟ, ‘କମ୍ୟୁନିଟି’ର ଏଡ଼ିଟରଙ୍କର ନଭେମ୍ବର ୨୧ର ପତ୍ରର ଉତ୍ତର ଜାନୁଆରୀରେ ଦେବା, ଆପଣ ଦୟାକରି ଡ. ଦେବୀପ୍ରସନ୍ନଙ୍କୁ କହିବେ ବିନୟବାବୁଙ୍କୁ ଭେଟି ଉତ୍ତର ପଠାଇବେ । ‘ଅମୃତର ସନ୍ତାନ’ର ଅନୁବାଦ କେତେଦୂର ଗଲା କିଛି ଜାଣନ୍ତି କି ?

ବିଦଗ୍ଧଚିନ୍ତାମଣିର କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଘରକୁ ଯାଇଥିଲି । ହାତୀଦାନ୍ତର ପାତିଆ ଉପରେ ରଙ୍ଗରେ ଚିତ୍ର ହୋଇଥିବା ଛବିଟିଏ ଦେଖି ଆସିଲି । କବିଙ୍କର ୭ ପୁରୁଷର ନାତି କହିଲେ ସେ ଛବିଟି ଅଭିମନ୍ୟୁଙ୍କର ଓ ତାହା ଦୁଇମାସ ହେବ ମିଳିଛି । ଟିକିଏ ବେଳ ପାଇଲେ ମୋର ରବୀନ୍ଦ୍ରନାଥଙ୍କ ସଂପର୍କୀୟ ଇଂରେଜୀ ପ୍ରବନ୍ଧର ଓଡ଼ିଆ ଅନୁବାଦ ସଂପୂର୍ଣ୍ଣ କରି ପଠାଇ ଦେବି । ଆପଣଙ୍କ ରବୀନ୍ଦ୍ର ସ୍ମରଣିକା ପାଇଁ ଲେଖା ପଠାଇ ଦେବାକୁ ଶେଷ ମିଆଦ କେତେ ତାରିଖ ଯାକେ ?

Digitized by srujanika@gmail.com

ଆପଣଙ୍କ କବିତା ସଂକଳନ* ପଢ଼ିବାକୁ ଆଗ୍ରହୀ ହୋଇ ଅପେକ୍ଷା କରିଛି । ଶାନ୍ତିନିକେତନର ସ୍ମୃତି ଗୋଟିଏ ମଧୁର ସ୍ୱପ୍ନ ପରି ଲାଗୁଛି । କି ଚମତ୍କାର ଆଦର୍ଶରେ ଅନୁପ୍ରାଣିତ ହୋଇ ଆପଣମାନେ ସେଠି ସାଧନାରେ ଲାଗିଛନ୍ତି ।

ଅଧ୍ୟାପକ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ, ଡକ୍ଟର ନରେନ୍ଦ୍ରନାଥ ମିଶ୍ରଙ୍କୁ ଓ ଆପଣଙ୍କର ସବୁ ବନ୍ଧୁଙ୍କୁ ମୋର ସ୍ନେହ ଶ୍ରଦ୍ଧା ଓ ନମସ୍କାର । ଆପଣଙ୍କୁ ନୂଆ ବର୍ଷର ଶୁଭେଚ୍ଛା ।

ସ୍ନେହାଧୀନ

ଗୋପୀନାଥ ମହାନ୍ତି

ଚିଠି-୨

ଜୟପ୍ରସନ୍ନ

ତା ୨୩.୪.୬୨

ବସା, ଭୁବନେଶ୍ୱର

ସ୍ନେହର ପ୍ରସନ୍ନ ବାବୁ,

ଯେଉଁ ପ୍ରସନ୍ନତା ଏ ସଂସାରର ଏକମାତ୍ର ଝଳି, ଅନ୍ଧାରରେ ଆଲୁଅ, ଯାହା ଆହତ ଚର୍ମକନ୍ଦୁକର ଉର୍ଦ୍ଧ୍ୱଗତି, କ୍ରମ ବର୍ଦ୍ଧମାନ ଜଳାର୍ଣ୍ଣବ ମଧ୍ୟରେ ଡାଳୁଅ ଧାନର ଉଚ୍ଚଶିଖ, ଯେଉଁ ପ୍ରସନ୍ନତା ଏଇ ମୋର ତିରିଶି ବର୍ଷର ସାଙ୍ଗ 'ଚାର୍ଲସ୍ ଡିକେନ୍ସ' ନାମ-ଧାରୀ ବିଲାତି ସେଲୁଲଏଡ୍ ହୋଲଡ଼ରର ଚିବୁକରେ ଦୃଢ଼ ସୁପରେ ତିନିଟା ଟିପର ଚାବ, ଯେଉଁ ପ୍ରସନ୍ନତାର ବଇଁଶୀ ସ୍ୱନ, ଢୁଙ୍ଗୁଡୁଙ୍ଗା ସଂଗୀତ, ଅଖଳା ଗୀତ ଓ ଚବିଶି ଘଣ୍ଟିଆ ଜୀବନମୂର୍ଚ୍ଛନାମୟ ନାଚ ଏବେ ବି ଚାଲିଥିବ ମୋର ଅତିପ୍ରିୟ କୋରାପୁଟ ମାଳ ଭିତରେ ଚଇତି ପରବର ଶେଷାଶେଷି ନିଶାରେ ଆପଣ ଯଦି ସେହି ପ୍ରସନ୍ନତାର ଜୀବନ୍ତ ମୂର୍ତ୍ତି (ଯେମିତି ବାଣେଶ୍ୱରର ପ୍ରଜ୍ଞାପାରମିତା, ମୁଦୁଗଲର ମାଧବ, ବାଲିଅନ୍ତାର କୃଷ୍ଣ, କୋଣାର୍କ ଠଣାରେ ଅଶ୍ୱାରୋହୀ ସୂର୍ଯ୍ୟ, ଯେମିତି କାକଟପୁର ସମୁଦ୍ର କୂଳରେ ବେଲେଶ୍ୱରରେ ପ୍ରାଚୀ କାଦୁଆ ମୁହାଣରେ, ଭଟାରିକାରେ ଜହ୍ନରାତି ....) ତେବେ

* ଶ୍ରୀ ମହାନ୍ତିଙ୍କ ଶାନ୍ତିନିକେତନ ପରିଦର୍ଶନ ବେଳକୁ କବିତା ପୁସ୍ତକଟି କଲିକତାର ଛାପାଖାନାରୁ ଆସି ପହଞ୍ଚି ନ ଥିଲା । ତେଣୁ ତତ୍‌କାଳ ଦେଇପାରି ନ ଥିଲି । ପ୍ରତିଶ୍ରୁତି ଅନୁସାରେ ପଠାଇବାରେ ବିଳମ୍ବ ହେବାରୁ ସେ ଚିଠିରେ ମନେ ପକେଇ ଦେଇଛନ୍ତି । ପରେ ପରେ ମହାଶୟଙ୍କ ନିକଟକୁ ବହିଟି ଡାକ ଯୋଗେ ପଠାଇ ଦେଇଥିଲି । ପଢ଼ିବା ପରେ ସେ ନିମ୍ନ ପତ୍ରଟି ଲେଖିଥିଲେ ।

Digitized by srujanika@gmail.com

ମୋର ଚେତନାର ସାତତାଳ ପାଣି ଭିତରୁ, ଫରୁଆ ଭିତରେ ଫରୁଆ ଭିତରେ ଫରୁଆ ଭିତରେ ଫରୁଆ ଭିତରେ ଫରୁଆ ଭିତରେ ଫରୁଆରେ ଯେଉଁଠି ଅଛି କଳା ଭଅଁରଟିଏ ସେଇଠୁ, – ମୁଁ ବି ଚଇତିଆଳି କନ୍ଧ ସୁକ୍ରୁଡ଼ିରେ ଉଚାଟ ହୋଇ ଡାକିବି, —ଜୟପ୍ରସନ୍ନ ।

ଏହା ଭିତରେ 'ରତ୍ନଦ୍ୱୀପର ମାଝି' ମୋ ସହିତ ଓଡ଼ିଶାର ଅନେକ ଆଡ଼େ ଗସ୍ତ କରି ବୁଲି ଲେଉଟିଛି । ଗସ୍ତ ନ ଥିଲେ ନିତି ଭୁବନେଶ୍ୱରରୁ କଟକକୁ ଯାଆସ 'ଜନତା' ବସ୍‌ରେ । ବସ୍ ଆଉ ବସା, ଏମିତି ଏ ଛମାସର ଜୀବନ, ନହେଲେ ମାସକୁ ପନ୍ଦର ଦିନ ଧୂଳିଉଡ଼ା ପତ୍ରଛଡ଼ା ଖଣ୍ଡିଆ ଭୂତ ସଙ୍ଗେ ସାଙ୍ଗ ହୋଇ ଦେ ବୁଲ୍ ବୁଲ୍ ବୁଲ୍– କାହିଁ କେଉଁ ମଶାଣିପଦା କେଉଁ ପୋଖରୀ କେଉଁ ଆମ୍ବତୋଟା ବିଲମାଳ ଡଙ୍ଗରଡ଼ିଙ୍ଗର, କାନମୁଣ୍ଡାରେ ଫୁଲନାଳିକରା ପବନର ତତଲା ନିଶ୍ୱାସ, ଜୀଅନ୍ତା ଛାଲ ଉପରେ ତାର ସଲସଲ କୁତୁକୁତୁ, ଅନେକ ସମୟରେ ହାତରେ 'ରତ୍ନଦ୍ୱୀପର ମାଝି', ଲୋକେ ଆଁ କରି ଅନାଇଁ ଦେଖନ୍ତି ନାଲି ବଉଦରେ ବୋଇତ ଚାଲିଛି, ମାଝି ନେଇ ଚାଲିଛି କେଉଁ କିଶୋରୀକି କୁଆଡ଼େ, କିଶୋରୀଟି କଣ ଭାବୁଛି ପଛ କଥା କି ଆଗକଥା ଯେ, – ମନେ ପଡୁଛି ଗୋଦାବରୀଶଙ୍କ 'କାଳୀଜାଈ', ଏ ଜାଇ କଳା ନୁହେଁ ଗୋରା ନୁହେଁ ଧଳା, ଆଲୁଅର ରୂପ । ସେହି ଯେଉଁ 'ଲିଲି' ଜାତୀୟ, କୁଆଡ଼େ ସେ ଥାଏ । ଛନଛନିଆ ଶାଗୁଆ ହୋଇ ଉପରକୁ ବାହାରୁ ବାହାରୁ ସେଥିରେ ଫୁଟେ ଫୁଲ । ଆପଣା ଭିତରର ତାରୁଣ୍ୟକୁ ସେମିତି ଅଖଳା ଭାବରେ ପଦାକୁ ପ୍ରକାଶକରି ନିଜକୁ ନିଜେ ଚାହିଁ ବିସ୍ମିତ ହେବାର ଭଙ୍ଗୀ । ପଢ଼ିଲେ ନିଜର ଅତୀତ ବି ମନେ ପଡ଼େ, ବାଟ ଚାଲିଲେ ବିଭିନ୍ନ ଭଙ୍ଗୀର ବିଭିନ୍ନ ବୟସର ଲୋକଙ୍କୁ ଦେଖିଲେ ବେଳେ ବେଳେ ଯେମିତି ମନେପଡ଼େ,– ଏଇ ଚାଲିଛି ମୁଁ ନିଜେ, ବିଭିନ୍ନ ବୟସରେ ମୁଁ ଯେମିତି ଥିଲି, – ମୋର ସେହି ଭୁଲିହେଲା ହଜିଗଲା ମୁଁ ମାନେ ଚାଲିଛନ୍ତି କିଏ କୁଆଡ଼େ ।

ଆଗରୁ ମୁଁ ମନଖୋଲି ଲେଖି ପାରିଲି ନାହିଁ ତାର କୈଫୟତ ଅତି ସରଳ, କବିତା ପଢ଼ିବାକୁ ଆପଣା ମନ ଓ ବାହାରର ପାରିପାର୍ଶ୍ୱିକ ଅବସ୍ଥା ମିଶି ଗୋଟାଏ ଗୋଟାଏ ସ୍ୱତନ୍ତ୍ର ବେଳ ଦରକାର, ଯେମିତି ଦରକାର ମୂର୍ତ୍ତି ଦେଖିବାକୁ, ଗୋଟିଏ ବିଶିଷ୍ଟ କୋଣରୁ, ଗୋଟାଏ ବିଶିଷ୍ଟ ମାନସିକ ଅବସ୍ଥାରେ, ଯେମିତି ଦରକାର ମାଟିକି ଚାହିଁ ଧ୍ୟାନ କରିବାକୁ । ଚିଠି ଲେଖିବାକୁ ବି ମନର ସେମିତି ଅବସ୍ଥା ଦରକାର, ତା ନହେଲେ 'ୱିଥ୍ ରେଫରେନ୍ସଟୁ ୟୋର ଏବଭ ଆଇଆମ୍ ଡାଇରେକ୍ଟେଡ଼ ଟୁ ଷ୍ଟେଟ୍ ବିଲୋ' କୌଣସି ପ୍ରୟୋଜନ ନାହିଁ । ମୁଁ ବିଶ୍ୱାସ କରେ ଏକଥା କବିହିଁ କହି ପାରିବ– 'ଘଣ୍ଟା, ତୁ ବନ୍ଦ ହ, ସମୟ ତୁ ଠିଆ ହୋଇ ରଇଥା ଚୁପ୍ ଚାପ୍ ହୋଇ । ଆଉ ମୁଁ ଦେଖୁଛି ସେମିତି ଜଣେ କବିଙ୍କୁ, ୯ କୃଷ୍ଣମୋହନ ପଟ୍ଟନାୟକ, ମତେ ସାଙ୍ଗରେ ଘେନି

Digitized by srujanika@gmail.com

ଗୋଟିଏ ପାଉଣ୍ଟେନ ପେନ୍ ମରାମତି ଦୋକାନକୁ ଯାଇ ଫେରସ୍ତ ମାଗିଥିଲେ ଏକୋଇଶି ବର୍ଷ ତଳେ ମରାମତି ପାଇଁ ଦେଇଥିବା ଗୋଟିଏ ଫାଉଣ୍ଟେନପେନ୍ । ଆପଣ କବି, ତେଣୁ ମୁଁ ଉତ୍ତର ନ ଦେଲି ବୋଲି ଅଇଁଗୁଣ ପାଇଲେ ନାହିଁ, ପୁଣି ଚିଠି ଲେଖିଲେ, ସେ ହେଲାଣି ମାସେ ପାଖାପାଖି ତଳ କଥା, ଆଉ ମୁଁ ଏତେ ଦିନକେ ଚିଠି ଲେଖୁଛି, ଆଉ ଘଣ୍ଟାକେ 'ବସ୍' କୁ ବାହାରିବି ଗସ୍ତରେ ଯିବି ବୋଲି, ତେବେ ଆଜି ସଞ୍ଜବୁଡ଼େ ବୋଧହୁଏ, 'ପୁଷ୍ପଗିରି' ବିହାର, ଅର୍ଥାତ୍ ରତ୍ନଗିରି, 'ସ୍ୱର୍ଣ୍ଣଦ୍ୱୀପର ବାର୍ତ୍ତାବହ' ପରି ମୁଁ ବି କହିପାରିବି ।

''କଳ ଛଳ ଛଳ କଳ ନାଆ ଯାଏ ଖାଲ ଢିପ ପହଁରି ।''

ଯେଉଁମାନେ ରବୀନ୍ଦ୍ରନାଥଙ୍କ କବିତା ଯୁଗରେ ଜନ୍ମ ହେଲେ ସେମାନଙ୍କ ପକ୍ଷରେ ରବୀନ୍ଦ୍ରନାଥଙ୍କ ଭାଷା ତାଙ୍କ ଆଖିଫିଟିଲା ଦିନୁ ଏକପ୍ରକାର ଆପେ ଆପେ ମାତୃଭାଷା । ରବୀନ୍ଦ୍ରନାଥଙ୍କ ଚଷମା ଆପେ ସେମାନଙ୍କର ବ୍ୟବହାର୍ଯ୍ୟ ବସ୍ତୁ ହୋଇଯାଏ (ଯେମିତି ଆଈମା କୋଥଳି ଭିତରୁ ବାହାରେ ଚଷମା, କହନ୍ତି ତା କାଚ କାଚ ନୁହେଁ ପଥର, ସରୁଧଳା ଫ୍ରେମ୍, ଡୋର ବନ୍ଧା ହୋଇଥାଏ), ଏଥିପାଇଁ କ୍ଷୋଭନାହିଁ, ଦୁଃଖ ନାହିଁ, ବଳେ ତା ଭିତରେ କାଳକ୍ରମେ ନିଜ ଭାଷା ନିଜ ନାଖି ଚଷମା ବାହାରେ । ଏ କବିତା ବହିରେ ଠାଏ ଠାଏ ସେମିତି ଜଣାପଡ଼େ, ଠାଏ ଠାଏ ଶୁଭନ୍ତି ମାନସିଂ ଯେ ଆଗ ରବୀନ୍ଦ୍ରନାଥଙ୍କ ଭାଷା ଓ ଭଙ୍ଗୀକୁ ଘେନି ଓଡ଼ିଆରେ ତହିଁରେ ନିଜର ଭାଷା ଓ ଭଙ୍ଗୀ ଖଞ୍ଜିବାକୁ ଚେଷ୍ଟା କରିଥିଲେ ଓ କେତେ ପରିମାଣରେ ଠାଏ ଠାଏ ସଫଳ ହୋଇଥିଲେ । ଏ ପ୍ରଯତ୍ନକୁ 'କପି' କହିଲେ ନିଷ୍ଠୁର ଅବୁଝାମଣା ହେବ । ମୋର ବୋଲିରେ ମୋ ବୋଉର ବୋଲି ଯେତିକି ଅଛି, ଯେତିକି ଅଛି ତାର ବେଳ ବେଳକର ଶ୍ଳେଷ (ସେ କହୁଥିଲା 'ଶୀତଳ କଟୁରୀ', 'ହାଡ଼ରୁ ମାଉଁସ ଝଡ଼ିପଡ଼େ') ତାକୁ ଯଦି କିଏ 'କପି' କହିବ ଯେ ସେମିତି । କପି କହିବି ଅନ୍ଧ ଅନୁକରଣକୁ । ତାର ନମୁନା ଓଡ଼ିଆରେ ଅନେକେ ଦେଇଛନ୍ତି । ଆପଣଙ୍କ କବିତାରେ ସେ 'କପିତ୍ୱ' ନାହିଁ କିନ୍ତୁ ସେହି ରବୀନ୍ଦ୍ର ପରମ୍ପରାର ଭାଷା ଅଛି ବା ତାର ଛିଲିକା ଅଛି, ମୁଁ ତା ଦେଖି ଚମକୁ ନାହିଁ ।

ଆଧୁନିକ କବିତାର ବିଚକ୍ଷଣ ତାର ବୌଦ୍ଧିକତା, କିନ୍ତୁ 'ଆଧୁନିକ' ମୋହରର ସମାପ୍ତି ଅବା କେଉଁଠି ? ବୌଦ୍ଧିକତାମୟ କବିତାର ଯୁଗ ଉତ୍ତାରୁ ପୁଣି ଲେଉଟି ଆସେ ଗଭୀର ଅନୁଭୂତି ସହାନୁଭୂତି ସ୍ୱପ୍ନ ଓ ରୂପକର ଯୁଗ, କୃଷ୍ଣପକ୍ଷ ଉତ୍ତାରୁ ଶୁକ୍ଳପକ୍ଷ ଉତ୍ତାରୁ କୃଷ୍ଣପକ୍ଷ ଉତ୍ତାରୁ– 'ଚକା ଚକା ଭଉଁରୀ– ରୂପ ରସ ଗନ୍ଧ ସବୁ ମିଶି କାଉଁରି' । କବିତାକୁ ମୁଁ ଦେଖେ ନାହିଁ ବୌଦ୍ଧିକ ଅବୌଦ୍ଧିକ (ବୁଦ୍ଧ ଅବା ତାନ୍ତ୍ରିକ ସୂତ୍ର ଅନୁଯାୟୀ) ଦୃଷ୍ଟିରେ, ଖାଲି ଦେହେଁ ଜୀବନ କି ଜଡ଼ ଏହି ବିଚାରରେ । 'ରତ୍ନଦ୍ୱୀପର ମାଝି' ରେ ଅନେକ ମୁହୂର୍ତ୍ତର ଅନେକ କବିତା ଅଛି, କେତେଟା ମତେ ରୁଚିଲା ନାହିଁ ଯଥା 'କବିତାଟି

Digitized by srujanika@gmail.com

ରଖିବ ସାଇତି', ବା 'ତୃପ୍ତି', ବା 'ଆହତ କଳାକାର', ବା 'ଜ୍ୟୋସ୍ନା' (ଆହତ ହୁଅନ୍ତୁ ନାହିଁ, ରାଜଶେଖରଙ୍କ ନୀତିଗୁଡ଼ିକ ହେଜନ୍ତୁ । ନ ହୃପ୍ୟେତ୍, ପରୈଃ ପରୀକ୍ଷୟେତ୍ ଇତ୍ୟାଦି), ମୁଁ ଦେଖିଛି, ପୁରୀ ସମୁଦ୍ରକୂଳରେ, କୂଳରେ ଶୋଇ ଲୋକେ ପହଁରୁଛନ୍ତି ଭାବୁ ବାବୁ ନହଡ଼ି ଚାଲିଯାଇଥାଏ ପାଣି ନଥାଏ । କିନ୍ତୁ କେତେଗୁଡ଼ିଏ କବିତାରେ ଏପରି କିଛି ପାଇଲି ଯେମିତି ପଦ୍ମପତ୍ର ଉପରେ ଆଙ୍ଗୁଠିଟିପରେ ଆସ୍ତେ ଆସ୍ତେ ଆଉଁସିଲେ ବାରିହୁଏ, କି ·ନାଲି କନିଅର ଫୁଲ ପାଖରେ ନାକ ଦେଲେ ଲାଗେ, ଯେମିତି ବେଳେ ବେଳେ ବରଷା ଶେଷରେ ମେଘର ଚିରାବାଟେ କେତେ ଦୂରରେ ଦୂରରେ ଦିଶିଯାଏ ଆଶ୍ଚର୍ଯ୍ୟ ନେଳି ଟୋପାଏ ଟୋପାଏ, ଯେମିତି ଅଧରାତିରେ ଶୁଭେ ପାଣି ଭର୍ତ୍ତି ବାଲ୍‌ଟି ଉପରେ ଚାଳରୁ ଟୋପାଏ ଟୋପାଏ ପାଣି ପଡ଼ିବାର ସଂଗୀତମୟ ଇଙ୍ଗିତ । କେଁତେଠି ସେମିତି ଭାଷା, କେତେଠିଁ କେଉଁ ରୂପକ, ଅନ୍ଧାର ଭିତରେ ଦିଆସିଲି କାଠିଟିଏ ମାରିଦେଲା ପରି, କ୍ଷୀଣ ହେଲେ ବି ଆଲୁଅ । ଭଲ ଲାଗିଲା । ରେଡ଼ିଓ ଗର୍ଜନଝଙ୍କୃତ ସହରିଆ ସଡ଼କ କରପଟେ କେଉଁ ତେଲୁଗୁ ରିକ୍ସାବାଲା କଣ୍ଠରୁ 'ତ୍ୟାଗରାଜକୃତ', ଅଗରା ଓ ସିନ୍ଥେଟିକ୍ ମୟ 'ଖାଣ୍ଟି' ସୋରିଷତେଲ ନକାମୁହଁ ଛାଡ଼ି ହାତ ଚକିରେ ସଜ ରାଇସୋରିଷ ଚୁପୁଡ଼ା ସୋରିଷତେଲ ଟୋପାଏ, କେଉଁଠି ବା ଠାଏ ସେତିକି ପାଇଲି (ରେଡ଼ିଓ ଗର୍ଜନ ଓ ଆଗରାର ଉପମା ଆପଣଙ୍କୁ ନୁହେଁ, ଗବିତାକାରମାନଙ୍କୁ) । କୁତୂହଳ ? କ'ଣ ଭଲ ଲାଗିଲା ?

'ଲେଉଟି ଗଲାଣି ପ୍ରତିଟୀ ନାଗରୀ ସୁନାର ଗାଗରୀ ଧରି' ପୃ-୩, 'ସାତତାଳ ପାଣି ପଙ୍କ ଅନ୍ଧାର ପକ୍ଷତୀରରେ କାଟି ଉଡ଼ି ଆସୁଅଛି ସୂର୍ଯ୍ୟବିହଗ ଚଞ୍ଚୁ ତାହାର ନାଲି । ପୃ-୪, 'ତୁମ ଆଜି ନାହିଁ ବନ୍ଧୁହୀନ ମୁଁ ଏକାକୀ ଭାରତଯାତ୍ରୀ' ପୃ-୫, 'ଖସାଇ କବରୀରୁ ଇଙ୍ଗିତ ଦେଲା ବୋଧେ, ଗୋଟାଇ ନେବି ଫୁଲ୍ଟି ଏ ବେଳା ବାଲୁକାରୁ' ପୃ-୭, 'ହାଲୁକାଏ ହାଲିଆ ମନକୁ .....,

ହାୟ ମୋର ମନେ ପଡ଼େ ଥିରି ଥିରି ନାଲି ନାଲିକଥା' ପୃ-୮, 'ଲୁଆରର ହାତେ ତୁମେ ଠେଲି ଦେଲେ ଦୂରେଇ କି ଯିବି ?' ପୃ-୯, ବାଢୁଥାଉ ତୁମ ପଣତ ଗୋଟା (?) ମୋ ଦେହେ' ପୃ-୨୧, 'ମୁଁ ପଡିଲି ଖସି (ଏମିତି ମୁଁ ଖସେ ବେନ୍ତେ ବେଳେ)' ପୃଷ୍ଠା-୨୮, ଏମିତି ସ୍ଥାନେ ସ୍ଥାନେ । ଆଶୀର୍ବାଦ କରୁଛି, 'କଲମ ତାଜା ରହୁ' ।

ଦେବୀ ପ୍ରସନ୍ନବାବୁଙ୍କୁ ନମସ୍କାର । ତାଙ୍କ ଗାଁରେ ତାଙ୍କ ବାପା କହୁଥିଲେ ଯେ ସେ ଟାଇଫଏଡ୍‌ରେ ପଡ଼ିଯାଇଥିଲେ, ଭାରି ଦୁଃଖିତ ହେଲି । ପ୍ରତିଭାମନ୍ତ ମନିଷୀ ସେ । ଚିଠି ଦେଉଥିବେ । ପୁଣି ଏମିତି କେବେ ମନ ହେଲେ ଲେଖିବି । ସବୁ ବନ୍ଧୁଙ୍କୁ ମୋର ନମସ୍କାର ।

Digitized by srujanika@gmail.com

ଅପ୍ରେଲ କୋଡ଼ିଏ ତାରିଖରୁ ମତେ ଅଣଚାଶ ଝାଲିଲା, କିନ୍ତୁ ଅଣଞ୍ଚାଶ ଉଠିନାହିଁ । ହାତରେ କାମ କେତେ ଗୁଡ଼ିଏ ରହିଛି, ଗୋଟିଏ ଚଳନ୍ତା ଉପନ୍ୟାସ, ତାପରେ ଗୋପବନ୍ଧୁ ଚୌଧୁରୀଙ୍କ ଜୀବନୀ (ପ୍ରଥମଭାଗ ସରିଛି), ପରଜାର ଇଂରେଜି ଅନୁବାଦ (ଗତି ପୃ ୨୭୦ ଯାଏ), କିଛି ଗଳ୍ପ ଲେଖା, ଇତ୍ୟାଦି । ରବୀନ୍ଦ୍ରନାଥଙ୍କ ବିଷୟରେ ମୋର ସେ ପ୍ରବନ୍ଧର ଅନୁବାଦ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ବେଳ ମିଳିନାହିଁ ।

ସ୍ନେହାଧୀନ

ଗୋପୀନାଥ ମହାନ୍ତି

ଚିଠି - ୩

ସ୍ନେହର ପ୍ରସନ୍ନବାବୁ,

ଆପଣ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ବି.ଏ. ଅନର୍ସ (ଓଡ଼ିଆ) ପରୀକ୍ଷାରେ ପ୍ରଥମ ଶ୍ରେଣୀ ପାଇଛନ୍ତି ବୋଲି ଆପଣଙ୍କ ଚିଠିରୁ ବୁଝି ଭାରି ଖୁସିହେଲି । ଆପଣ ଶୀଘ୍ର ଏମ୍.ଏ ଓ ତା'ପରେ Ph.D. ହୁଅନ୍ତୁ, କାମନା କରୁଛି । ଦାନା ପାଣି ଲଢ଼େଇରେ ଡିଗ୍ରୀ ବେଳେ ବେଳେ କାମ ଦିଏ, ଯଦିଚ ଅନେକ ସମୟରେ ଅବ୍‌ଶୋଷ ଆସେ – କାଠ ଯୋଡ଼ି ବୁରୁଜ ଉପରେ ହାଓ୍ୱା ଖାଇଥିଲେ ସିଡ଼ିରେ ଆଉରି ଉପରକୁ ଚଢ଼ି ହୋଇଥାନ୍ତା । ସାହିତ୍ୟ ସୃଷ୍ଟିରେ ମଧ୍ୟ ଡିଗ୍ରୀ ବେଳେ ବେଳେ କାମକରେ, ଯଦିଚ, ସେକ୍ସପିଅର, କାଳିଦାସ ଜୟଦେବ ଓ ସାରଳା ଦାସ ଆଦିଙ୍କର ଜ୍ଞାନ ଥିଲେ ହେଁ ଡିଗ୍ରୀ ନଥିଲା । କିନ୍ତୁ ଯେ ଯେଉଁ କର୍ତ୍ତବ୍ୟ ହାତକୁ ନେଇଛି ସେଥିରେ ସେ ନିଷ୍ଠାପର ଭାବେ ପରିଶ୍ରମ କରିଛି ବୋଲି ପ୍ରମାଣ ପାଇଲେ ଅନ୍ୟଲୋକ ତାର ବ୍ୟକ୍ତିତ୍ୱକୁ ଶ୍ରଦ୍ଧା ଓ ମର୍ଯ୍ୟାଦା ଜଣାନ୍ତି । ଆପଣ ପ୍ରଥମ ଶ୍ରେଣୀ ପାଇ ଛାତ୍ରର ଉପଯୁକ୍ତ କର୍ତ୍ତବ୍ୟ କରିଛନ୍ତି, ତେଣୁ ଆପଣଙ୍କୁ, ସମ୍ବର୍ଦ୍ଧନା ଜଣାଉଛି ।

'ମାଟିମଟାଳ' ପ୍ରକାଶକଙ୍କ ଆଲମାରି ବାକ୍ସ ଭିତରେ ଥିବ । କେତେମାସ ତଳେ ୩/୪ ଫର୍ମା ଛପା ହୋଇଥିଲା । କେବେ ଦିନେ ଛପା ହେବ ବୋଲି ଆଶା କରୁଛି । ଅନ୍ୟାନ୍ୟ ଲେଖାରେ ଲାଗିଛି । ଅସୁସ୍ଥ ଅଛି ।

ଆପଣଙ୍କର– ସ୍ନେହାଧୀନ

ଗୋପୀନାଥ ମହାନ୍ତି

To,

Sri Prasanna Kumar Mishra (B.A. Hons)
Post Graduate Oriya Class
Viswa Bharti Santiniketan.
West Behgal

Digitized by srujanika@gmail.com

କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଚିଠି

ରବୀନ୍ଦ୍ର ଶତବାର୍ଷିକୀ ଅବସରରେ କବି ଶ୍ରୀ ପାଣିଗ୍ରାହୀ ବିଶ୍ୱଭାରତୀ ତରଫରୁ ଆମନ୍ତ୍ରିତ ହୋଇ "Rabindra Nath and Oriya Literature" ଶୀର୍ଷକ ବକ୍ତୃତାଟିଏ ଦେଇଥିଲେ । ଓଡ଼ିଆ ବିଭାଗ ତରଫରୁ ତା'ପରେ ପରେ ଗୋଟିଏ 'ସ୍ମରଣିକା' ପ୍ରକାଶର ବ୍ୟବସ୍ଥା କରାଯାଇଥିଲା, ଯହିଁରେ ଶ୍ରୀ ପାଣିଗ୍ରାହୀଙ୍କ ପ୍ରଦତ୍ତ ଲିଖିତ ଭାଷଣର ଓଡ଼ିଆ ଭାଷାନ୍ତର ସ୍ଥାନିତ ହେବାର ପ୍ରସ୍ତାବ ଥିଲା । ପରିଷଦର ସଂପାଦକ ହିସାବରେ ମୁଁ ସେଇ ବରିଷ୍ଠ ତମ କବିଙ୍କୁ ଯେଉଁ ପତ୍ର ଲେଖିଥିଲି– ସେ ତାର ଉତ୍ତରଦେଇଥିଲେ । ସ୍ମୃତି କଥାରେ ତାହା ସ୍ଥାନିତ କରିବା ଛଳିଆରେ ମୁଁ ସେଇ ମହାନ୍ ସ୍ରଷ୍ଟାଙ୍କ ପ୍ରତି ମୋର ଶ୍ରଦ୍ଧା ନିବେଦନ କରୁଛି ।

ଚିଠି -୧

ସ୍ୱପ୍ନପୁରୀ
ପିଠାପୁର, କଟକ
ତା ୨-୧-୬୨

ପ୍ରିୟ ଶ୍ରୀ ପ୍ରସନ୍ନ କୁମାର ମିଶ୍ର

ଆପଣ ପଠାଇଥିବା ୧୭-୧୨-୬୧ ତାରିଖର ପୋଷ୍ଟକାର୍ଡ଼ ଖଣ୍ଡି ପାଇଲି । 'ରବୀନ୍ଦ୍ରନାଥ ଓ ଓଡ଼ିଆ ସାହିତ୍ୟ' ପ୍ରବନ୍ଧଟିକୁ ଇଂରାଜୀରୁ ଓଡ଼ିଆରେ ଅନୁବାଦ କରି 'ରବୀନ୍ଦ୍ରସ୍ମରଣିକା' ପାଇଁ ପଠାଇବାକୁ ହେବ । ଅନୁବାଦ ମୁଁ କରୁଛି, କିଛିଦିନ ପରେ ପଠାଇବି । ଇତି ।

କାଳିନ୍ଦୀ ଚରଣ ପାଣିଗ୍ରାହୀ

To

Prasana Kumar Mishar
secretary, Biswa Bharati
Oriya Sahitya Parishad,
Santiniketan

Digitized by srujanika@gmail.com

ଚିଠି -୨

6. Western Court
New Delhi
19.4.62

ପ୍ରିୟ ଶ୍ରୀ ପ୍ରସନ୍ନ କୁମାର ମିଶ୍ର

ଏହି ମାସ ୪ ତାରିଖ ଦିଲ୍ଲୀରୁ ଫେରି କଟକରେ ଆପଣଙ୍କ କାର୍ଡ଼ ପାଇଥିଲି । ପୁଣି ଏଠାକୁ ମୋତେ ଆସିବାକୁ ପଡ଼ିବାରୁ ଯଥା ସମୟରେ ଲେଖାଟି ପଠାଇ ନପାରି ମୁଁ ଦୁଃଖିତ । ୨୪ ତାରିଖ କଟକ ଫେରିବା ପରେ ଲେଖାଟି ଆପଣଙ୍କ ନିକଟକୁ ପଠାଇବି । କାରଣ ଅନୁବାଦଟିକୁ ପୁଣି ଥରେ ନକଲ ଓ ସଂଶୋଧନ କରିବାକୁ ହେଉଛି ।

କାଳିନ୍ଦୀ ଚରଣ ପାଣିଗ୍ରାହୀ

To,

Sri Prasnna Kumar Misra
Editior, Viswa Bharati
Oriya Sahitya Parishad
At P.O. SantiniKetan
West Bangal

Digitized by srujanika@gmail.com

ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ଚିଠି

To,

Prasanna Kumar Misra
Vidya-Bhavan Hostel No.2
P.O. Santiniketan
Dist. Birbhum, W.Bengal

୨୨.୧୦.୬୦
ରାଣୀହାଟ, କଟକ-୧

ପ୍ରିୟ ପ୍ରସନ୍ନ,

ମୁଁ ଚିଠି ଓ ପ୍ରବନ୍ଧ ପାଇଲି । ମୁଁ ଦୁଇଟି କଥା ଜାଣିବାକୁ ଚାହେଁ – ଏହି ବହିଟି କେଶର ସାଗା (ତିବ୍ବତୀ)ର ଅନୁବାଦ ଆନୁମାନିକ କେତେ ପୃଷ୍ଠା ହେବ ?

କେତେ ଜାଗାରେ ବନାନରେ 'ଟ' ଦେଖିଲି । ଏହିସବୁ ଠିକ୍ କି ?

ଏହା ଜାଣିଲା ପରେ ପ୍ରକାଶନର ବ୍ୟବସ୍ଥା କରିଦେବି । ଶ୍ରୀ ଆୟା ସ୍ୱାମୀ ଶାସ୍ତ୍ରୀ (ଚୀନା ଓ ତିବ୍ବତୀ ଭାଷାର ଅଧ୍ୟାପକ ଓ ଗବେଷକ) ଓ ତାଙ୍କ ସ୍ତ୍ରୀଙ୍କୁ ଆମ ସମସ୍ତଙ୍କ ପ୍ରଣାମ କହିଦେବ । ଆଉ ସବୁ ଭଲ ।

ଇତି
ତୁମର - ପ୍ରହ୍ଲାଦ ପ୍ରଧାନ

Digitized by srujanika@gmail.com

ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଚିଠି

ଅଧ୍ୟାପକ ଡକ୍ଟର ଦାଶ ବିଶ୍ୱଭାରତୀରୁ ବିଦାୟ ନେବା ପରେ କଟକର ରେଭେନ୍ସା କଲେଜରେ ଅବସ୍ଥାପିତ ହୋଇଥିଲେ । କଟକରୁ ସେ ମୋ' ନିକଟକୁ ବିଭିନ୍ନ ସମୟରେ ଲେଖିଥିବା ସ୍ନେହ-ସୂଚକ ପତ୍ର ମଧ୍ୟରୁ ଦୁଇଟିର ଅବିକଳ ନକଲ ଏଠାରେ ଉଦ୍ଧାର କରୁଛି ।

ଚିଠି-୧

To

Sj Prasanna Kumar Mishar
Vidya-Bhaban
P.O. Santiniketan
Dist. Birbhum

କଟକ
୧୨.୩.୬୧

ସ୍ନେହର ପ୍ରସନ୍ନ

ପ୍ରସନ୍ନ ବଦନଂ ଧ୍ୟାୟେତ୍ ସର୍ବଦୁଃଖୋ ପଶାନ୍ତୟେ । ନିତ୍ୟ ପ୍ରସନ୍ନ ; ତୁମ ମୁଖରେ ଅପ୍ରସନ୍ନତା କେବେ ଦେଖିନାହିଁ; ଦୁଃଖକୁ ଦୀର୍ଣ୍ଣ କରିବାର ଶକ୍ତି ତୁମର ଅଛି । your face is an asset to everybody. ଦେଖିଲେ ହିଁ ମନର ଦୈନ୍ୟ ଘୁଞ୍ଚିଯାଏ, ସ୍ନେହ ଆସେ । ମନର ପ୍ରଫୁଲ୍ଲତାରେ ସାଧନା କରିବାରେ ମହତ୍ତ୍ୱ ଅଛି । ସାଧନା କେବେ ତୁମକୁ ଭୂତ ପର ମାଡ଼ିବସି ନାହିଁ, ତୁମ ମୁଖର ହସକୁ ମଉଳାଇ ଦେଇ ପାରିନାହିଁ । ଏତକ ଜୀବନ-ସଂଗ୍ରାମର ଧୂମାଗ୍ନି ମଧ୍ୟରେ ଚିର ସଜୀବ ରଖିପାରିବ । ରଖ, ମୋର ଆଶୀର୍ବାଦ; କେବଳ ବକ୍ଷରେ ନୁହେଁ, ମୁଖରେ କବିତା ଫୁଟାଇ ବୁଲିବାରେ ଗୌରବ ଅଛି ।

ଇତି ଶୁଭାକାଂକ୍ଷୀ
କୁଞ୍ଜବିହାରୀ ଦାଶ

Digitized by srujanika@gmail.com

ଚିଠି – ୨

୨୨.୧୨.୬୧
କଟକ

ସ୍ନେହର ପ୍ରସନ୍ନ,

ସ୍ନେହାଶୀର୍ବାଦ । ତୁମର ନୂଆ କବିତା ବହି ପ୍ରକାଶିତ ହୋଇଥିବା ଜାଣି ବିଶେଷ ଆନନ୍ଦିତ । ସାହିତ୍ୟ ଓ ସଂସ୍କୃତି ପ୍ରତି ତୁମର ପ୍ରେମ ଅତୁଳନୀୟ । ଏହି ଭାବ ଓ ତଦନୁଯାୟୀ ଯୋଗୀର ସାଧନା ତୁମକୁ ଦିନେ ମହୀୟାନ୍ କରିବ ।

ନିଜର କାବ୍ୟଶକ୍ତି ପ୍ରକାଶ କରିବା ଲାଗି ତୁମେ ପେଟର ଦାନା କାଟିଛ, କିଛି କିଛି ସୁଖନିଦ୍ରା ମଧ୍ୟ ହରାଇଛ, ନିଜକୁ ଛୋଟ ଛୋଟ ଦୁଃଖଭିତରକୁ ଠେଲି ଦେଇଛ । ତୁମ ତ୍ୟାଗ ବ୍ୟର୍ଥ ହେବ ନାହିଁ । ଭଗବାନ୍ ତୁମ ଲେଖନୀକି ଆଜୀବନ ଜୀବନ୍ତ ରଖନ୍ତୁ ।

ଇତି
ଶୁଭାନୁଧ୍ୟାୟୀ
କୁଞ୍ଜବିହାରୀ ଦାଶ

ଚିଠି - ୩

Kunja bihari Das
M.A (Oriya) M.A. (Sanskrit)
Ph.D. (Viswa Bharati)

Department of Oriya
Ravenshaw College
Cuttack -3
Date - 21.8.62

ସ୍ନେହର ପ୍ରସନ୍ନ

ଆଶୀର୍ବାଦ । ତୁମ ପାଖକୁ ଅନେକ ଆଗରୁ ଚିଠି ଲେଖିବା ଦରକାର ଥିଲା । କାର୍ଯ୍ୟର ଚାପରେ ଦେଇ ପାରିନାହିଁ । ତୁମ କୃତିତ୍ୱରେ ମୁଁ ଗର୍ବିତ । ଏମ୍.ଏ.ରେ ସେହିପରି କୃତିତ୍ୱ ଅର୍ଜନ କରିବ, ବିଶ୍ୱାସ ।

ଶୁଭାକାଂକ୍ଷୀ
ସାର୍

Digitized by srujanika@gmail.com

ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଚିଠି

To,

Sri Prasanna Kumar Misra
Santiniketan

ଟିଗିରିଆ
୨୪.୧୦.୬୧

ସ୍ନେହର ପ୍ରସନ୍ନ,

ଅସୁସ୍ଥତା ହେତୁ ମୁଁ ଶାନ୍ତିନିକେତନ ନ ଯାଇପାରି ସିଧା ଘରକୁ ଫେରିଆସିଲି – ଏ ମାସ ଶେଷ ପୂର୍ବରୁ ଆମର ପୁରୁଣା ଘର ଛାଡ଼ିଦେବାର କଥା – ମୁଁ ଗୋପୀବାବୁଙ୍କ ପାଖକୁ ଚିଠି ଲେଖିଚି – ତୁମେ ଚିଠି ପାଇବା ସାଙ୍ଗେ ସାଙ୍ଗେ ତାଙ୍କ ସାଙ୍ଗେ contact କରିବାକୁ ଚେଷ୍ଟା କରିବ— ଯଦି ନୂଆ ମିଳିଥିବା ଘରର ଚାବି ଶୈଳେଶ ସେନ୍‌ଙ୍କଠାରୁ ମିଳେ ତେବେ ତ ସବୁ ଜିନିଷ ସେଠାକୁ ପଠାଇ ଦେବ— ନୋହିଲେ ଗୋପୀବାବୁଙ୍କ ଘରକୁ ବାକିସବୁ ଜିନିଷ ପଠାଇବ ୩ଟା ଖଟ stores ବିଭାଗକୁ ଫେରାଇ ଦେବାକୁ ହେବ – ମୁଁ ଗୋପୀବାବୁଙ୍କୁ ଏ ସମ୍ପର୍କରେ ଲେଖିବି ।

ଛୁଟିରେ ତମର ପଢ଼ାପଢ଼ି ଭଲ ହେଉଥିବ ବୋଲି ଆଶା କରୁଚି – ଲାଇବ୍ରେରୀ କାମ ଯଥାଶୀଘ୍ର ସମ୍ଭବ ଶେଷ କରିବାକୁ ଚେଷ୍ଟା କର— ଅନ୍ୟାନ୍ୟ ସମସ୍ତ ସାକ୍ଷାତରେ । ସେଠାରେ ସମସ୍ତଙ୍କୁ ମୋର ଯଥାବିଧି ଜଣାଇବ । ତୁମେ ସ୍ନେହ ଓ ଶୁଭେଚ୍ଛା ନେବ ।

ପୂଜା ଅବକାଶରେ ମୁଁ ଘରକୁ ନ ଯାଇ ଶାନ୍ତିନିକେତନରେ ରହେ ।

ତୁମର - ଦେବୀ ପ୍ରସନ୍ନ

Digitized by srujanika@gmail.com

ଭାବଗ୍ରାହୀ ମିଶ୍ର (ଆଚାର୍ଯ୍ୟ ଭାବାନନ୍ଦ)ଙ୍କ ଚିଠି

(ଜୟପୁର ଯିବା ବାଟରେ)
ଡଗରପ୍ରେସ୍

ଶ୍ରଦ୍ଧେୟ ପ୍ରସନ୍ନ,

ତମ ଚିଠିର ଉତ୍ତର ମୋରି ହାତରୁ ଯିବାକୁ ଥିଲା । 'ଡଗର' ସଂପର୍କରେ ତମେ ଯେଉଁ ମତଦେଇଚ ପଢ଼ିଲି । ସାହିତ୍ୟର ଆଦର୍ଶ ସଂପର୍କରେ ବକ୍ତୃତା ଦେଲାବେଳେ, ଦୁଇ ଚାରିଧାଡ଼ି ଲେଖିଲା ବେଳେ ବହୁତ କିଛି କହିହୁଏ । କିନ୍ତୁ ପ୍ରକାଶକ ସ୍ତରକୁ ଆସିଲେ ସବୁ ବୁଝି ହୁଏ ଅପରକୁ ବୁଝାଇବାକୁ ସଂକୋଚ ଆସେ ।

ତମର କୃତିତ୍ୱ ପାଇଁ (ପରୀକ୍ଷାରେ) ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛି । ତମର କବିତା ପୁସ୍ତକର 'ଡଗର'ରେ ବିଜ୍ଞାପନ ପାଇଁ ଗ୍ରହଣ କରିବାକୁ ଡଗର କର୍ତ୍ତୃପକ୍ଷ ରାଜି । ତାଙ୍କର ମାସିକହାର ୧'' (ଇଞ୍ଚ) ପାଇଁ ଟ୧୨ । ତେବେ ତମେ ଯେତେଦେବ ସେଥିପାଇଁ ସେ ରାଜି ।

ଶୁଭେଚ୍ଛା ନେବ ।
ତମର
ଭାବଗ୍ରାହୀ ମିଶ୍ର
ତା ୧୮.୧୦.୬୧

To,
Prasanna Kumar Misra
B.A. Hons Student, Vidya Bhavan
Santiniketan

Digitized by srujanika@gmail.com

ଚିଠି - ୨

ରାଉରକେଲାରୁ

ଶ୍ରଦ୍ଧେୟ ପ୍ରସନ୍ନ,

ତମ ଚିଠି ପାଇଛି । ବହିଟି (ରତ୍ନଦ୍ୱୀପର ମାଝି) ପାଇଛି । ସଂପୂର୍ଣ୍ଣ ପଢ଼ିସାରି ନାହିଁ । ତେବେ ଯେଉଁ କେତେକ ପଢ଼ିଛି ଭଲ ଲାଗିଲା । ଭଲ କାହିଁକି ଲାଗିଲା ଓ କେମିତି ଲାଗିଲା ଲେଖିବା ପାଇଁ ଏ କାର୍ଡ଼ ଯଥେଷ୍ଟ ନୁହେଁ । କେବେ ସାକ୍ଷାତରେ କହିବି ।

ବିଶ୍ୱଭାରତୀକୁ ଅନେକ ତ ଦରଖାସ୍ତ କରିଥିବେ । ତେବେ କେତେଜଣ ଓ କିଏ କିଏ ବୁଝି ଲେଖିବ କି ? ସାକ୍ଷାତ୍‌କାରକୁ ଡାକିବେ କି ନାହିଁ ସନ୍ଦେହ ରହିଛି । ତେବେ ଅନ୍ତତଃ ଜାଣିବାର କୌତୂହଳ ବି ରହିଛି । 'ଡଗର'ଠାରୁ ମୁଁ ବହୁଦୂରରେ । ତେଣୁ ସେମାନେ କ'ଣ କରିବେ କହିପାରୁନାହିଁ । ନାଟକ ଲେଖୁଛ ଶୁଣି ଖୁସି ହେଲି । ଇଂରାଜୀ ବହି ଲେଖିବା ପାଇଁ କହିଛ । କିନ୍ତୁ ସମୟ ଥିଲେ ବି ସୁବିଧା ଓ ସୁଯୋଗ ନାହିଁ - ବିଶେଷତଃ ପାଠାଗାର । ଯେପରି ଗତିରେ ମୁଁ ଆଗଉଛି ସେଥିରୁ ଅନୁମାନ କରୁଛି ଯେ ଲେଖାଲେଖି ସଂପୂର୍ଣ୍ଣ ବନ୍ଦ ହୋଇଯିବ ।

ପଢ଼ାପଢ଼ି ମନଦେଇ କର । ତା'ପରେ ଜୀବନସାରା ସାହିତ୍ୟ ସାଧନା କରିବାପାଇଁ ଅବସର ରହିଛି । ପରୀକ୍ଷା କଥା ଆଗ ଚିନ୍ତା କର ।

ଶୁଭାନୁଧ୍ୟାୟୀ

ରାଉରକେଲା-୨ ଭାବଗ୍ରାହୀ ମିଶ୍ର

ତା ୧୬.୦୧.୬୨

Digitized by srujanika@gmail.com

ବେଲାରାଣୀ ଚାନ୍ଦଙ୍କ ଚିଠି

To,

Prasanna Kumar Misra
Vidya-Bhavan Hostel No.2
P.O. Santiniketan
Dist. Birbhum (W.Bengal)

ବାଲେଶ୍ୱର
୪.୧.୬୨

ଶ୍ରଦ୍ଧେୟ ପ୍ରସନ୍ନ,

ନୂଆବର୍ଷର ଶୁଭେଚ୍ଛା ଜାଣିବ । ଆମ କଲେଜ ଦୁଇ ତାରିଖରେ ଖୋଲିଲା । ତୁମର 'ରତ୍ନଦ୍ୱୀପର ମାଝି' ବହି ଖଣ୍ଡିକ ପିଲାଙ୍କଠାରୁ ପାଇ ଅତ୍ୟନ୍ତ ଖୁସି ହେଲି । ତୁମର ଏ ପ୍ରୟାସ ବାସ୍ତବିକ ସାର୍ଥକ ହୋଇଛି ଓ ଏହା ଶୁଭଙ୍କରୀ ମଧ୍ୟ । ଭବିଷ୍ୟତରେ ତୁମେ ଯେ ଜଣେ ଭଲ ଓ ବଡ଼କବି ହେବ ଏ ପୁସ୍ତକ ଖଣ୍ଡି ତା'ର ସୂଚନା ଦେଉଛି । ଭଗବାନ ତୁମର ଉତ୍ତରୋତ୍ତର (ଆହୁରି) ଉନ୍ନତି କରନ୍ତୁ ।

ତୁମେ ଏ ବର୍ଷ Excursion ଯାଉଛ କି ନାହିଁ ? ଆମ ଓଡ଼ିଆ ପିଲା କିଏ କିଏ ସବୁ Convocation କୁ ଯାଇଥିଲେ ? ଆମ Lecturer ଦୁଇଜଣ ଓ ପିଲାମାନେ ତୁମେ ଓ ଅନ୍ୟ କେହି ପିଲା ସେମାନଙ୍କୁ ଭଲ ଭାବରେ ବୁଲାବୁଲି କରେଇଥିଲ ବୋଲି ଭାରି ପ୍ରଶଂସା କରୁଥିଲେ । ସେଥିପାଇଁ ମୁଁ ତୁମକୁ ଆନ୍ତରିକ କୃତଜ୍ଞତା ଜଣାଉଛି । ଦେବୀବାବୁଙ୍କ ଶରୀର କେମିତି ଅଛି ? ନରେନ୍ଦ୍ର ବାବୁଙ୍କୁ ମୋର ପ୍ରଣାମ ଜଣାଇବ । ତାଙ୍କର ପୁଅ ନା ଝିଅ କ'ଣ ହେଇଛି ? ବସନ୍ତ ଉତ୍ସବକୁ ଶାନ୍ତିନିକେତନ ଯିବାର ଇଚ୍ଛା ଅଛି । ନରେନ୍ଦ୍ରବାବୁ ହୁଅନ୍ତୁ ବା ଗୋପୀବାବୁ ହୁଅନ୍ତୁ କାହାରି ଘରେ ରହିବି । ଏଠା ପିଲାଙ୍କର Test ପରୀକ୍ଷା ୨୨ ତାରିଖରେ ହେବ । ତେଣୁ question ଇତ୍ୟାଦି ପାଇଁ ମୁଁ ବ୍ୟସ୍ତ ଅଛି । ବିଦ୍ୟାଭବନର ମୋ ସାଙ୍ଗ କେଉଁଝିଅମାନେ ଡିଗ୍ରୀ ନେଲେ ଲେଖିବ । ପତ୍ର ପାଇ ପତ୍ର ଦେବ । ମୁଁ ଲେଖକ ସମ୍ମିଳନୀରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଇଥିଲି । କଟକରେ କୁଞ୍ଜବାବୁଙ୍କ ଘରକୁ ମଧ୍ୟ ଯାଇଥିଲି ।

ମୋର ସ୍ନେହ ନେବ ।

ଇତି
ବେଲାଦି

Digitized by srujanika@gmail.com

ସ୍ୱର୍ଗତଃ କବି କମଳା କାନ୍ତଙ୍କ ଚିଠି

• ବିଶ୍ୱଭାରତୀ ଓଡ଼ିଆ ବିଭାଗର ପୂର୍ବତନ ଛାତ୍ର କବି କମଳା କାନ୍ତ ଲେଙ୍କାଙ୍କ ବିଷୟରେ ମୋ' କଥା ପ୍ରସଙ୍ଗରେ ଥରକୁ ଥର ଉଲ୍ଲେଖ କରିଛି । କବି କମଳାକାନ୍ତ ୧୯୬୧ ଜୁଲାଇ କିମ୍ବା ଅଗଷ୍ଟ ମାସରେ ଏମ୍.ଏ.ର ଅନ୍ତିମ ପରୀକ୍ଷା ସରିବା ପରେ ଶାନ୍ତିନିକେତନରୁ ବିଦାୟ ନେଇଥଲେ । ତା'ପରେ ସେ ଆଉ ଶାନ୍ତିନିକେତନକୁ ଯାଇ ନଥିଲେ । ଯିବାକୁ ଇଚ୍ଛା ନ ଥିଲା ନୁହେଁ କବିଙ୍କ ଜୀବନ-ଜଞ୍ଜାଳ ତାଙ୍କୁ ଘର ପାଖରେ ରହିବାକୁ ବାଧ କରିଥିଲା ।

ଶାନ୍ତିନିକେତନ ଛାଡ଼ିବା ପରେ ୍ସେ ମୋ' ସହିତ ଅନେକ ବର୍ଷ ଯାଏଁ ପତ୍ର ଜରିଆରେ ଯୋଗାଯୋଗ ରଖିଥିଲେ ଏବଂ ମୋତେ ସାହିତ୍ୟ କର୍ମରେ ଲିପ୍ତ ରହିବାକୁ ପ୍ରେରଣା ଦେଇ ଆସୁଥିଲେ ।

ସେଇ ସ୍ୱର୍ଗବାସୀ ଅଗ୍ରଜ କବିଙ୍କୁ ଶଦ୍ଧାରେ ସ୍ମରଣ କରିବା ସହିତ ତାଙ୍କର ୧୯୬୩ରେ ଲିଖିତ ଗୋଟିଏ ଚିଠି ଏଠାରେ ଉଦ୍ଧାର କରୁ ଚି ।

ଚିଠି-୧

ଧାମନଗର

୧୮ । ୩ (୧୯୬୩)

ପ୍ରିୟ ପ୍ରସନ୍ନ ବାବୁ

ମୋ' ଚିଠି ଆଗରୁ ପାଇଥିବେ । ଯା' ଭିତରେ କେତେଗୁଡ଼ିଏ ଅସୁବିଧାର ସମ୍ମୁଖୀନ ହେଇ ପୁଣି ଅନୁରୋଧ କରିବାକୁ ବାଧ ହେଲି । କିଶୋରୀ ବାବୁ ଯେଉଁ ଡିଜାଇନ୍‌ଟି ପଠାଇଥିଲେ ତାକୁ ବ୍ଲକ୍ କରିବା ପାଇଁ ପଠାଇଥିଲି । କିନ୍ତୁ ବଡ଼ ଦୁଃଖର କଥା ଡିଜାଇନ୍‌ଟି ଖୋଲିବା ସମୟରେ ଚିରି ଯାଇଚି । ଏଥିପାଇଁ ମୁଁ ବିଶେଷ ଭାବେ ଦୁଃଖିତ । କ'ଣ କରିବି, କିଶୋରୀବାବୁ କାଳେ କିଛି ଭାବିବେ ଏଇ ଦୃଷ୍ଟିରୁ ମୁଁ ଆପଣଙ୍କୁ ଲେଖୁଚି । ଦୟା କରି ମୋ' ପାଇଁ ଟିକିଏ ଆଉ ପରିଶ୍ରମ କରିବେ । ଏକାନ୍ତ ଅନୁରୋଧ । ଡିଜାଇନ୍‌ଟିକୁ ଯେଉଁ ପରି କରିଥିଲେ ସେଇପରି କରିବେ । କିନ୍ତୁ ତିନିଟି କଲାର୍ କରିବେ – ଯା' ଛଡ଼ା ବହିର ନାମଟିକୁ ଟିକେ ସୁନ୍ଦର ଅକ୍ଷରରେ ଲେଖିବେ ବିଶ୍ୱାସ । ଯଦି

Digitized by srujanika@gmail.com

କିଶୋରୀବାବୁ ରାଜି ହୁଅନ୍ତି ଦୟାକରି ମୋତେ ଶୀଘ୍ର ଜଣାଇବେ – ଏହା ବ୍ୟତୀତ ଆପଣଙ୍କ ବହିର ବ୍ଲକ୍ ଯେଉଁଠି କରିଥିଲେ ସେଇ ଅଫିସକୁ ମୋ ଠିକଣାରେ ପଠାଇବେ ବ୍ଲକ୍ ପାଇଁ – ମୁଁ ଯେପରି V.P.P.ରେ ପାଇବି । ଆପଣଙ୍କର ଯଦି କିଛି ଖର୍ଚ୍ଚ ହୁଏ ତେବେ ମୁଁ ନିଶ୍ଚୟ ପଠାଇଦେବି । ଏ ଅନୁରୋଧ ପୁଣି କରୁଚି ବୋଲି ମୁଁ ବିଶେଷ ଭାବେ ଦାୟୀ । କିଶୋରୀବାବୁଙ୍କୁ ନମସ୍କାର ଜଣେଇ ଏତକ କହିବେ । ଆପଣଙ୍କ ପତ୍ରକୁ ଚାହିଁ ରହିଲି । ଡିଜାଇନ୍ ପାଇଁ କାମ ବନ୍ଦ୍ ରହିଚି । ଭୁଲିବେ ନାଇଁ । ଆଉ ସବୁ ପରେ ।

ବନ୍ଧୁ

କମଳାକାନ୍ତ

ଠିକଣା :

Sj Prasanna Kumar Misra
B.A.(Hons), Dip-in-Tib.
Post Graduate Student Oriya Deptt.
Vidya Bhavan Hostel No. 1
P.O. Santiniketan, West Bengal

(ମୋ'ର ଶିଳ୍ପୀବନ୍ଧୁ କିଶୋରୀ ମୋହନ ଦାସ, 'କଳାଭବନ'ର ଛାତ୍ର ଥିଲେ ।
କମଳାକାନ୍ତଙ୍କ ନୂଆ କବିତା ସଂକଳନ ପାଇଁ କଭର୍ ଡିଜାଇନ କରିଥିଲେ ।
'ରତ୍ନଦ୍ୱୀପର ମାଝି', କବିତା ସଂକଳନ–
୧୯୬୧ରେ ଛପା ହୋଇଥିଲା କଲିକତାରେ ।)

ଚିଠି-୨

୨୦.୦୪.୬୨

ଶ୍ରଦ୍ଧେୟ ପ୍ରସନ୍ନବାବୁ,

ଆପଣଙ୍କ ଚିଠି ପାଇଚି । 'ଝଙ୍କାର'ରୁ କବି ପ୍ରବନ୍ଧ ପଢ଼ିଚି । 'ଡଗର'ରୁ 'ଡାଆଣିଆ ଖରା' ମଧ୍ୟ । ଆପଣ କବି ପ୍ରବନ୍ଧର (ଉପରେ) ମତାମତ ଚାହିଁଛନ୍ତି । ଆନନ୍ଦର କଥା । ପ୍ରବନ୍ଧଟିର ପରିସର ବିରାଟ । ଆପଣ ଏତେ ସଂକ୍ଷିପ୍ତ ପରିଧି ଭିତରେ 'କବି'ର ମୂଲ୍ୟ ନିରୂପଣ କରିବାକୁ ଚେଷ୍ଟା କରିଚନ୍ତି । ହେଲେ ଉଜ୍ଜୟିନୀର କେତେକ ବିକ୍ଷିପ୍ତ ଚିନ୍ତା ଓ ଭାବନାକୁ ପ୍ରବନ୍ଧର ଅଙ୍ଗୀଭୂତ କରିବାର ନଥିଲା । ଏଥିପାଇଁ ସ୍ୱତନ୍ତ୍ର ପ୍ରବନ୍ଧ ହୋଇଥାନ୍ତା । ତେବେ ଏତିକି କହିବି ପ୍ରବନ୍ଧଟି Creative Artistର ସ୍ୱାକ୍ଷର

Digitized by srujanika@gmail.com

ବହନ କରିଛି । ଏଭଳି ପ୍ରବନ୍ଧ ଲେଖିବା ଗଭୀର ଚିନ୍ତା ଓ ଭାଷାର ସଂଯତ ପଦକ୍ଷେପର ଅପେକ୍ଷା ରଖେ । ଆପଣ ଏ ଦିଗରେ ସଯତ୍ନ ହେଉଛନ୍ତି । ଏପରି ପ୍ରବନ୍ଧ ଲେଖିବାକୁ ଆଉରି ଯତ୍ନବାନ୍ ହୁଅନ୍ତୁ । 'ଡାଆଣିଆ ଖରା' (କବିତା) ମୋଟାମୋଟି ଭଲ ହେଇଚି । ସାଧନାରୁ ବିରତ ହୁଅନ୍ତୁ ନାହିଁ ଏତିକି ଅନୁରୋଧ । ମୋ' କଥା ପଚାରି ଲଜ୍ଜା ଦିଅନ୍ତୁ ନାହିଁ । ଲେଖାଲେଖି ଏକରକମ ଶିଥିଳ ହୋଇଯାଇଚି । କାଁ ଭାଁ କେତେବେଳେ କ'ଣ ଲେଖୁଚି, ତାର ହିସାବ ଦେଇ ହେବନି । ତେବେ 'ଡଗର'ରେ 'ଓଡ଼ିଆ ଗୀତି କବିତା' ଓ ତାର ବୈଶିଷ୍ଟ୍ୟ ପ୍ରବନ୍ଧ ଧାରାବାହିକ ଭାବେ ପ୍ରକାଶ ପାଉଚି । ଦୁଇଟି (ସିରିଜ୍‌ରୁ) ବାହାରିଚି । 'ଡାଆଣିଆ ଖରା' ଦେଖିଲେ ପ୍ରବନ୍ଧଟି ପଢ଼ିବେ । ଅଭାବ ଅସୁବିଧା ଭିତରେ ଧାଉଁଚି । ଦେଖାଯାଉ । ସାର୍ ହେରିକାଙ୍କୁ ପ୍ରଣାମ ଦେବେ । ବନ୍ଧୁମାନଙ୍କୁ ଶୁଭେଚ୍ଛା ଦେବେ । ଚିଠି ଦେଉଥିବେ ।

ଇତି

ବଂଧୁ କମଳାକାନ୍ତ

Digitized by srujanika@gmail.com

ଡକ୍ଟର ଗଗନେନ୍ଦ୍ରନାଥ ଦାଶଙ୍କ ଚିଠି

To,

Sri Prasanna Kumar Misra
B.A. (Hons)
M.A. Student
Vidya-Bhavan Hostel - 1
Santiniketan

B.J.B. (Evening) College
Bhubaneswar

ପ୍ରସନ୍ନବାବୁ,

ନମସ୍କାର । ଆପଣଙ୍କ ପ୍ରଥମ ଚିଠି ଓ ଦ୍ୱିତୀୟ ଚିଠି ପାଇଛି । ଉତ୍ତର ଦେଇପାରି ନାହିଁ । ଆନ୍ତରିକଭାବେ ଦୁଃଖିତ । ବିଶ୍ୱାସ କରୁଛି ଅନ୍ୟଥା ଭାବି ନଥିବେ ।

କଟକରେ ରହି ପ୍ରତିଦିନ ଭୁବନେଶ୍ୱର ଆସିବା ପୁଣି ଫେରି ରାତି ପ୍ରାୟ ଗୋଟାଏ ବେଳେ କଟକରେ ପହଞ୍ଚିବା ଆଦିରେ ଏତେ ବିବ୍ରତ ଥିଲି ଯେ ଚିଠି ବି ଦେଇପାରିନାହିଁ । କାମ- ଉଭୟ ସୁନ୍ଦର ଓ ମଜବୁତ (ଶସ୍ତା) ଆରମ୍ଭ କରିଥିଲେ ହେଁ ଆଶାନୁରୂପ ଅଗ୍ରସର ହୋଇ ପାରିନି ।

ଆପଣଙ୍କ ପତ୍ରିକା ପ୍ରକାଶ ଉଦ୍ୟମକୁ ସ୍ୱାଗତ କରୁଛି । ମୁଁ ଯଥାଶକ୍ତି ସାହାଯ୍ୟ କରିବାକୁ ଚେଷ୍ଟା କରିବି । ଆର୍ଥିକ ସାହାଯ୍ୟ ସମ୍ପର୍କରେ ଆପଣଙ୍କ ନିକଟକୁ ଏହା ପରେ ଜଣାଉଛି । ତଥାପି ମୁଁ ଭାବୁଛି ଆପଣଙ୍କ ପରୀକ୍ଷା ପରେ 'ଲେଖା' ଜନ୍ମ ହେଲେ ଭଲ ହୁଅନ୍ତା । ବୋଧହୁଏ ଆପଣ ମହାବିଷୁବ ସଂକ୍ରାନ୍ତିରେ ଲେଖା ପ୍ରକାଶ କରିବାକୁ ମନସ୍ଥ କରିଛନ୍ତି ।

ଆପଣଙ୍କ ଉପନ୍ୟାସଟି ଡିସେମ୍ବର ସଂଖ୍ୟାରେ ପଢ଼ିଚି । ସଂପୂର୍ଣ୍ଣ ପଢ଼ିସାରିଲେ ମୋର ମତାମତ ଦେବି । ତଥାପି ଭଲ ଲାଗୁଛି ତ – ଗତାନୁଗତିକ ପ୍ରେମ କାହାଣୀଠାରୁ ଏହାର ସ୍ୱାତନ୍ତ୍ର୍ୟ ଅଛି ।

''ଲେଖା'' ସଂପର୍କରେ ବିସ୍ତୃତ ବିବରଣୀ ଜଣାଇବେ ।

Digitized by srujanika@gmail.com

ବ୍ରହ୍ମାନନ୍ଦବାବୁଙ୍କୁ ମୋର ନମସ୍କାର ଜଣାଇବେ । ଭାଗବତ ସଂପର୍କୀୟ ତାଙ୍କ ଲେଖା 'ନବଜୀବନ' ପୃଷ୍ଠାରୁ ପଢ଼ିବାକୁ ପାଇଛି – ନନ୍ଦକିଶୋରଙ୍କ ଉପରେ ଲେଖିଥିବା ପ୍ରବନ୍ଧ ଅପେକ୍ଷା ଏହା ଭଲ ମନେ ହେଲା, ଯଦିଓ ପ୍ରବନ୍ଧଟି ସଂପୂର୍ଣ୍ଣ ହୋଇନି ।

'ଡଗର' ରଜତ ଜୟନ୍ତୀ ବିଶେଷାଙ୍କରେ ଶାନ୍ତି-ନିକେତନର ଅନ୍ୟାନ୍ୟ ଓଡ଼ିଆ ଛାତ୍ରଙ୍କ ପ୍ରବନ୍ଧ ଦେଖି ଆନନ୍ଦିତ ହେଲି । ସମସ୍ତଙ୍କୁ ଶୁଭକାମନା ଜଣାଉଛି ।

ଶାନ୍ତିନିକେତନରେ କିଏ ଗବେଷକ ହେଲେ ଓ କିଏ ଅଧ୍ୟାପକ ହେଲେ ?

ଇତି

ଗଗନ

ତା ୧୦.୦୧.୬୩

Digitized by srujanika@gmail.com

ଅଧ୍ୟାପିକା ସ୍ୱର୍ଗୀୟା କମଳା ସାହୁଙ୍କ ଚିଠି

ବାରିପଦା

୩୦.୪.୬୨

ସ୍ନେହର ପ୍ରସନ୍ନ,

ମୋର ସ୍ନେହାଶିଷ ଓ ଆଶୀର୍ବାଦ ନେବୁ । ଭଲରେ ଆସି ପହଞ୍ଚିଲି, ବାରିପଦାରେ ପ୍ରାୟ ସକାଳ ୮.୩୦ । ତୁ ହୁଏତ କଲିକତା ବି ସୁଦ୍ଧା ଛାଡ଼ି ନଥିବୁ ସେତେବେଳେ ।

ଘରେ ବହୁତ ମଜା ଲାଗୁଛି । କିନ୍ତୁ ଘରଟା ଏତେ ଅପରିଷ୍କାର ହୋଇଛି ନା ମୋ ପ୍ରାଣ ଛାଡୁଛି । ତାକୁ ପରିଷ୍କାର କରି ପଢ଼ାପଢ଼ି ଆରମ୍ଭ କରିବି ।

ତୁ ନିଶ୍ଚୟ ଖୁବ୍ ମନ ଦେଇ ପଢ଼ାପଢ଼ି ଆରମ୍ଭ କରିଥିବୁ । ସେତିକି ଅନ୍ତତଃ ମୁଁ ତୋଠୁ ଆଶା କରେ । ଆଶା କରିବି କ'ଣ ଦାବୀ କରୁଛି– ସାନଭାଇ ଭାବରେ ତୁ ସେତିକି କଥା ମୋର ମାନିବୁ ।

ବାପା ଆଉ କ'ଣ କହୁଥିଲେ । ବାପାଙ୍କୁ ଯେତିକି ହଇରାଣ କରିଛି ନା – ତା ଛଡ଼ା ତୋ' ଅତ୍ୟାଚାର ବେଶୀ– ଏଇଆ ଖାଇବ କହୁଥିଲା, ତା' ନେବ କହୁଥିଲା– ମାଡ଼ ଦେବି ଗଲେ । ମା'ଙ୍କୁ ସବୁକଥା କହିଦେଇଛି । ଦୁଇତିନି ଦିନ ପରେ ଖାଇବାର ପଠେଇବି । Post-Office ରେ ମୋ address ଦେବୁ magazine ପାଇଁ । ବେଶୀ ବୁଲିବୁ ନାହିଁ କି ଶୋଇବୁ ନାହିଁ ।

ବ୍ରହ୍ମାନନ୍ଦ କିପରି ଅଛନ୍ତି ? ତାଙ୍କ ଦେହ ଭଲ ଥିବ ଭଗବାନଙ୍କ ଆଶୀର୍ବାଦରୁ । ଗଲାବେଳେ ଘରକୁ ଏଠାକୁ ଆସିବୁ ନିଶ୍ଚୟ । କିପରି ପଢୁଚୁ ଲେଖିବୁ ।

ବାପାଙ୍କୁ ମୋପାଇଁ ଯେତିକି ହଇରାଣ କରିଛୁ ନା ମୋତେ ଭାରି ଖରାପ ଲାଗୁଛି । ଚିଠିପାଇ ଚିଠିଦେବୁ । କିଛି ମନେ ପଡୁନି । ବହୁତ ଭାବି ଭାବି ଲେଖିଲି । ଘରେ ବହୁତ ମଜା ଲାଗୁଚି । ବ୍ରହ୍ମାନନ୍ଦଙ୍କୁ ମୋର ଆଶୀର୍ବାଦ ଦେବୁ ।

ଚିଠି ଆଶାରେ ରହିଲି ।

ତୋର

ଅପା

ଖଟା ଓ ମିଠା ଆଚାର
ହୋଇଛି – କ'ଣ ପଠେଇବି ଲେଖିବୁ)
ତୋ' ନାଁଟା ଏତେ ଅଭ୍ୟାସ ହୋଇଗଲାଣି ଯେ
ପ୍ରଶାନ୍ତ (ତାଙ୍କ ପୁତୁରା)କୁ ସଦାବେଳେ ପ୍ରସନ୍ନ ଡାକୁଚି ।

Digitized by srujanika@gmail.com

ବନ୍ଧୁ ବ୍ରହ୍ମାନନ୍ଦ ସିଂହଙ୍କ ଚିଠି

To, Prasanna
G. Agnihotri
Durga Cinema
Jajpur, Cuttack (Orissa)

ଶାନ୍ତିନିକେତନ ହଷ୍ଟେଲ
୧୬.୬.୬୨

ପ୍ରସନ୍ନ,

ଚିଠି ପାଇଲି । ବହୁତ ଡେରିରେ ତା' ପୂର୍ବରୁ 'ଆସନ୍ତା କାଲି' ଦେଖିଥିଲି, ମନଟା କେମିତି ଖଟକା ଖଟକା ଲାଗିଲା × × ×

ପରୀକ୍ଷାର ପ୍ରୋଗ୍ରାମ ବାହାରିଗଲାଣି । ଅପାର (କମଳା ସାହୁଙ୍କର) ମଝିରେ ଗୋଟିଏ ଦିନ ରହୁଛି କିନ୍ତୁ ଆମର ନାହିଁ, ୨୬ ତାରିଖରୁ (ଜୁଲାଇ) ଆରମ୍ଭ ଓ ଅଗଷ୍ଟ ୪ ତାରିଖରେ ଶେଷ । ତୁମର Diploma (Tibetan)ପରୀକ୍ଷା ମଧ୍ୟ ୧୫ ତାରିଖରେ ହେବ ବୋଲି ଶୁଣୁଛି । Certificate ତ ୫ ତାରିଖ (ଜୁଲାଇ)ରୁ ଆରମ୍ଭ ହେଉଛି ।

ରଜ ମଉଜଟା ବେଶ୍ ହୋଇଥିବ । କିଶୋର ଅବସ୍ଥା କ'ଣ ସାଂଘାତିକ ? କେବେ ସେ ଏଠାକୁ ଆସୁଛି ? କୁନା ସାଇକେଲ୍‌ର ସଦ୍‌ବ୍ୟବହାର କରି ଡାଇନାମା କାଚଟା ଭାଙ୍ଗି ଦେଇଛି । ଆଉ ସବୁ ଖବର କ'ଣ, କଟକରେ ବହିଗୁଡ଼ିକ ଦିଆହୋଇଛି ନା ପ୍ରକାଶକଙ୍କ ଘରର ଶୋଭାବର୍ଦ୍ଧନ କରୁଛନ୍ତି ?

ଛାତି ଧପ ଧପ କଲାବେଳେ ଆନନ୍ଦରେ ଖପାଖପ ଖେଳୁଥିବ – ଦୁନିଆଁଟା ବିପରୀତ - ଧକ୍କାଗୁଡ଼ାକ ଏବେ କଳା ହୋଇଗଲାଣି – ତ୍ରରେ ସେମିତି ଅକାମୀ ହୋଇପଡ଼ିଛି - ସଦ୍ ବ୍ୟବହାର କରିବାକୁ ସାଙ୍ଗ ନାହିଁ । ଆଉ ସବୁ ଭଲ । ସାମାନ୍ୟ ଥଣ୍ଡା ଆଉ କାଶ – ପତ୍ର ଅପେକ୍ଷାରେ ରହିଲି

ଇତି
ବନ୍ଧୁ ବ୍ରହ୍ମାନନ୍ଦ

Digitized by srujanika@gmail.com

ପରିଶିଷ୍ଟ (ଖ)

ଜାତୀୟ ଗ୍ରନ୍ଥାଗାର, କଲିକତାର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ଅଧିକାରୀ

ଶ୍ରୀଯୁକ୍ତ ଅବକାଶ ଜେନାଙ୍କ ଚିଠି

ତା ୨୭.୧୦.୨୦୦୩

ପ୍ରାପକ

ଡକ୍ଟର ପ୍ରସନ୍ନ କୁମାର ମିଶ୍ର
ବି-୪, ସେକ୍ଟର-୭
ସି.ଡ଼ି.ଏ କଲୋନି
ବିଡ଼ାନାସୀ
କଟକ-୧୪

ପ୍ରେରକ

ଅବକାଶ ଜେନା
N6/186, IRC Village
Naya Pally
Bhubaneswar - 15

ପ୍ରିୟ ପ୍ରସନ୍ନ ବାବୁ

ଆଗାମୀ ଶତାବ୍ଦୀ ପତ୍ରିକାରେ ଧାରାବାହିକ ଭାବେ ସ୍ଥାନିତ ହେଉଥିବା ଆପଣଙ୍କ ଦ୍ୱାରା ଲିଖିତ "ମୋ' କଥା : ଶାନ୍ତିନିକେତନ କଥା"ର ମୁଁ ଜଣେ ରୀତିମତ ପାଠକ । ଏଥିରୁ ଆପଣଙ୍କ ସମ୍ବନ୍ଧରେ ତଥା ଶାନ୍ତିନିକେତନ ଓ ବିଶେଷ ଭାବରେ ଶାନ୍ତିନିକେତନର ଓଡ଼ିଆ ବିଭାଗ ସମ୍ବନ୍ଧରେ ଅନେକ ତଥ୍ୟ ମିଳିଥାଏ । ପଢ଼ିବାକୁ ଭାରି ଭଲ ଲାଗେ ।

ତେବେ ମୋର ପତ୍ର ଲେଖିବାର କାରଣ ଏହି ଯେ ଆପଣ ଆପଣଙ୍କ ସ୍ମୃତି କଥାରେ ଏଥର ସଂଖ୍ୟାରେ (୬ଷ୍ଠ ବର୍ଷ, ୪ର୍ଥ ସଂଖ୍ୟା, ସେପ୍ଟେମ୍ବର ୨୦୦୩) ଆପଣ ଓଡ଼ିଆ ସାହିତ୍ୟର ୨ଜଣ ବିସ୍ମୃତି କବି-ପ୍ରତିଭାଙ୍କର ଉଲ୍ଲେଖ କରିଅଛନ୍ତି । ଜଣେ ହେଉଛନ୍ତି କବି ରବୀନ୍ଦ୍ର କୁମାର ପାଢ଼ୀ ଓ ଅନ୍ୟ ଜଣେ ହେଉଛନ୍ତି କବି ଦୁର୍ଗାଚରଣ ସାମନ୍ତ । କବି ପାଢ଼ୀଙ୍କ ସହ ମୋର ବ୍ୟକ୍ତିଗତ ସଂପର୍କ ଥିଲା । ଭାରି ଅମାୟିକ ଓ ଭଲ ମଣିଷ ଥିଲେ । ତାଙ୍କର 'ଉନ୍ମେଷ' କବିତା ଗ୍ରନ୍ଥ ସେ ମୋତେ ଉପହାର ଦେଇଥିଲେ । ସେ ହେଉଛନ୍ତି ଓଡ଼ିଆ ସାହିତ୍ୟର ଜଣେ ନୀରବ ସାଧକ । ତାଙ୍କ ସାହିତ୍ୟକୃତି ଉପରେ

Digitized by srujanika@gmail.com

କେହି ଆଲୋଚନା କରିନାହାନ୍ତି । ଉଦୀୟମାନ କବି ଦୁର୍ଗାଚରଣ ସାମନ୍ତଙ୍କର ଅକାଳମୃତ୍ୟୁ ହେଲା । ସେ କଲିକତାର ଓଡ଼ିଶା ଭବନରେ ରହୁଥିଲେ ତାଙ୍କ ସହ ମୋର ବିଶେଷ ଆଳାପ ଥିଲା । ସେତେବେଳେ ତାଙ୍କର କବିତା ଝଙ୍କାରରେ ପ୍ରକାଶିତ ହେଉଥିଲା । ସେ ତାହା ପଢ଼ି ଓଡ଼ିଆ କବିତା ଉପରେ ଆମ ଭିତରେ ଆଲୋଚନା ହେଉଥିଲା । ସେ କେନ୍ଦ୍ର ସରକାରୀ କର୍ମଚାରୀ ଥିଲେ । ତାଙ୍କର ଆଦି ବାସସ୍ଥାନ ବାଙ୍କୀର ନରଗଙ୍ଗା ଗ୍ରାମରେ ।

ଆଶା ଆପଣ କୁଶଳରେ ଥିବେ । ମୋର ଶୁଭେଚ୍ଛା ନେବେ ।

ଇତି
ଆପଣଙ୍କର
ଅବକାଶ ଜେନା

---

*ଶ୍ରୀ ଜେନାଙ୍କୁ ସାଧୁବାଦ ଜଣାଇ ମୁଁ ପତ୍ରଟିର ଉତ୍ତର ଦେଇଥିଲି ।

❑

Digitized by srujanika@gmail.com

ସୃଜନାତ୍ମକ ସାହିତ୍ୟର
ନାନାବିଧ କ୍ଷେତ୍ରରେ
ମୌଳିକ ପ୍ରତିଭା
ପ୍ରଦର୍ଶନ କରି ନିଜର
ସ୍ୱତନ୍ତ୍ର ପରିଚୟ ସୃଷ୍ଟି
କରିଥିବା ପ୍ରଖ୍ୟାତ କବି
ଡକ୍ଟର ପ୍ରସନ୍ନ କୁମାର
ମିଶ୍ର କେବଳ ଜଣେ
ସୌନ୍ଦର୍ଯ୍ୟପ୍ରେମୀ ନୁହନ୍ତି,
ଜଣେ ମନନଶୀଳ
ସଂସ୍କୃତିବିତ୍ ମଧ୍ୟ।
ଉନ୍ନତମାନର ଗଦ୍ୟ
ରଚନା କରି ସେ ଓଡ଼ିଆ
ସାହିତ୍ୟକୁ ସମୃଦ୍ଧ
କରିଛନ୍ତି।
'ଶାନ୍ତିନିକେତନ'ରେ
ଛାତ୍ରଜୀବନର
ଆଧାରରେ ରଚିତ ଏହି
ପୁସ୍ତକ ଯେ ଓଡ଼ିଆ
ଭାଷାରେ ଗୋଟିଏ
ଅନନ୍ୟ ସୃଷ୍ଟି ରୂପେ
ଆଦୃତ ହେବ- ଏଥିରେ
ସନ୍ଦେହ ନାହିଁ।

■

ଶ୍ରୀକାନ୍ତ କୁମାର ରାଉତରାୟ
ପ୍ରକାଶକ

Digitized by srujanika@gmail.com